# ଆଲୋକୋନ୍ମୁଖ ତରୁଣମାନଙ୍କ ପ୍ରତି

## (ପ୍ରଥମ ଭାଗ)

ନିରଂଜନ ନାୟକ

ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ
ପଣ୍ଡିଚେରୀ

ତରୁଣ ଛାତ୍ରଛାତ୍ରୀ ଓ ସାଧକସାଧିକାମାନଙ୍କ ଲାଗି 'ଶ୍ରୀଅରବିନ୍ଦ ଛାତ୍ରସମାଜ ବୁଲେଟିନ୍' ଓ 'ନବପ୍ରକାଶ'ରେ ପ୍ରକାଶ ପାଇଥିବା 'ଆଲୋକୋନ୍ମୁଖ ତରୁଣମାନଙ୍କ ପ୍ରତି' ଆନୁକ୍ରମିକ କେତେକ ଲେଖା ସଂଗ୍ରହ କରାଯାଇ ଏହି ପୁସ୍ତକରେ ଦିଆଯାଇଛି । ସେହି ତରୁଣଗୋଷ୍ଠୀଙ୍କ ନିକଟରେ ପୁସ୍ତକଟି ମା' ଶ୍ରୀଅରବିନ୍ଦଙ୍କର ନୂତନ ଆଦର୍ଶକୁ ଯତ୍‌ସାମାନ୍ୟ ଉପସ୍ଥାପିତ କରିପାରିବ ବୋଲି ଆଶା ଓ ବିଶ୍ୱାସ ।

ପ୍ରକାଶକ

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ଭଗବାନ ! ପୁଣି ଏ ବୟସରେ !! ... ... ... ... | ୧ |
| ପାଠରେ କାହିଁକି ମନ ଲାଗୁ ନାହିଁ ... ... ... ... | ୯ |
| ଛାତ୍ର ବିଶୃଙ୍ଖଳା ... ... ... ... | ୧୭ |
| ଜୀବନଟା କ'ଣ ଛନ୍ଦମୟ ହୁଏ ? ... ... ... ... | ୨୮ |
| ବ୍ରହ୍ମଚର୍ଯ୍ୟ ... ... ... ... ... ... | ୩୮ |
| ପରୀକ୍ଷା ... ... ... ... ... ... | ୪୭ |
| ମନ୍ଦ ଅଭ୍ୟାସ କ'ଣ ଛାଡ଼ି ହେବ ନାହିଁ ... ... ... | ୫୫ |
| କପି ଧରିବି ନା କପି କରିବି କି ପରୀକ୍ଷା ହଲ୍ ଛାଡ଼ିବି ? ... | ୬୩ |
| ସଂକଳ୍ପ ... ... ... ... ... ... | ୭୫ |
| ସିନେମା ଦେଖାଯିବା କ'ଣ ଖରାପ ? ... ... ... | ୮୬ |
| ଏ ପରୀକ୍ଷା ପଦ୍ଧତି କେବେ ବଦଳିବ ? ... ... ... | ୯୫ |
| ଶିକ୍ଷାରେ ପରିବର୍ତ୍ତନର ପ୍ରଥମ ସୋପାନ ... ... ... | ୧୧୦ |
| ଶ୍ରୀଅରବିନ୍ଦ ଜନ୍ମଶତବାର୍ଷିକୀର ଯୋଗ୍ୟ ହେବୁ କିପରି ? ... | ୧୧୬ |
| ମା' ଶ୍ରୀଅରବିନ୍ଦଙ୍କ ସାହିତ୍ୟ ବୁଝିବା କି କଷ୍ଟ ! ... ... | ୧୨୨ |
| ଧର୍ମ ଓ ଆଧ୍ୟାତ୍ମିକତା ... ... ... ... ... | ୧୩୦ |
| ଆମେ କ'ଣ କରିବୁ ? ... ... ... ... ... | ୧୩୮ |
| ପରିବର୍ତ୍ତନ କ'ଣ ? ... ... ... ... ... | ୧୪୪ |
| ଆମ ଦେଶ ... ... ... ... ... | ୧୫୧ |
| ଯଥାର୍ଥ ସ୍ୱାଧୀନତା ... ... ... ... ... | ୧୫୯ |
| ମା'ର ଜାତି ଓ ଭବିଷ୍ୟତ ... ... ... ... | ୧୬୭ |
| ଭଗବାନ, ତୁମକୁ ଡାକି ଲାଭ କ'ଣ ? ... ... ... | ୧୭୫ |
| ଠିକ୍ ପଥ ବାଛି ନେଇ ପାରିଲି ନାହିଁ ... ... ... | ୧୮୩ |
| ବିବାହ କରିବାକୁ କ'ଣ ଆମେ ବାଧ୍ୟ ? ... ... ... | ୧୮୯ |
| ମା' କ'ଣ ମୋତେ ଭଲ ପାଆନ୍ତି ? ... ... ... | ୧୯୮ |
| ଓଡ଼ିଶାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ... ... ... | ୨୦୫ |

# ଭଗବାନ ! ପୁଣି ଏ ବୟସରେ !!

ଏ ବୟସରେ ସିନା ପାଠ ପଢ଼ନ୍ତି, ମଉଜ, ମଜଲିସ୍ ଆଉ ସ୍ଫୁର୍ତ୍ତିରେ ଦିନ କଟାନ୍ତି; ତା'ପରେ, ବିବାହ, ଘରସଂସାର ଆଦି କରି ବୃଦ୍ଧାବୟସରେ କିଛି କାମଦାମ ଯେତେବେଳେ ନକରି ହୁଏ ସେତେବେଳେ ଭଗବତ୍ ଆରାଧନାରେ ଅବଶିଷ୍ଟ ସମୟ ଅତିବାହିତ କରନ୍ତି । ତା' ନକରି ଏ ବୟସରୁ ପାଠଚକ୍ର କରିବା, ଛାତ୍ର-ସମାଜ କରିବା, ଆଧ୍ୟାତ୍ମିକ ସମ୍ମିଳନୀ ଇତ୍ୟାଦିରେ ଯୋଗଦେବା, ଧ୍ୟାନ, ପ୍ରାର୍ଥନା, ସଂଯମ, ଶୃଙ୍ଖଳା ଆଦି ଆଚରଣ କରିବା କି ଅପ୍ରାସଙ୍ଗିକ ବ୍ୟାପାର ।

ଜୀବନସାରା ଅନ୍ୟାନ୍ୟ ଧନ୍ଦାରେ ମାତିରହି ଚତୁର୍ଥାବସ୍ଥାରେ ଭଗବାନଙ୍କୁ ଟିକିଏ ଡାକି ଶେଷ ନିଃଶ୍ୱାସ ତ୍ୟାଗ କରିବାର ଧାରଣା ଆମର ଅସ୍ଥିମଜ୍ଜାଗତ ହୋଇଯାଇଛି । ବୈଦିକ ଯୁଗର ସାଧାରଣ ଗୃହସ୍ଥର ଜୀବନକୁ ସଂଯତ ଓ ଶୃଙ୍ଖଳିତ କରିବା ନିମନ୍ତେ ଋଷିମାନେ ଚାରୋଟି ବର୍ଣ୍ଣାଶ୍ରମ ଧର୍ମର ପ୍ରଚଳନ କରାଇଥିଲେ । ପ୍ରଥମେ ପଚିଶ ବର୍ଷ ପର୍ଯ୍ୟନ୍ତ ବ୍ୟକ୍ତି ଗୁରୁଗୃହରେ ରହି ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ନାନାପ୍ରକାର ବିଦ୍ୟା ଶିକ୍ଷା କରୁଥିଲା । ଏହାକୁ ବ୍ରହ୍ମଚର୍ଯ୍ୟାଶ୍ରମ କୁହାଯାଉଥିଲା । ପଚିଶ ବର୍ଷ ପରେ ଗୁରୁଗୃହରୁ ପ୍ରତ୍ୟାବର୍ତ୍ତନ କରି ବିବାହ ଓ ଘରସଂସାର ଆଦି କରି ସାଂସାରିକ କର୍ମରେ ଲିପ୍ତ ରହୁଥିଲା । ଏହାକୁ ଗାର୍ହସ୍ଥ୍ୟାଶ୍ରମ ବୋଲି କୁହାଯାଉଥିଲା । ତା'ପରେ ବ୍ୟକ୍ତି ବୃଦ୍ଧ ହୋଇଗଲେ ଓ ସନ୍ତାନସନ୍ତତିମାନେ ଘରସଂସାର କରିବାକୁ ଉପଯୁକ୍ତ ହୋଇଗଲେ ସେମାନଙ୍କ ଉପରେ ଗୃହର ସମସ୍ତ ଦାୟିତ୍ୱ ଅର୍ପଣ କରି ସେ ଗୃହତ୍ୟାଗପୂର୍ବକ ଅନ୍ୟତ୍ର ରହି ଭଗବତ୍ ଉପାସନା କରୁଥିଲା ଓ ନିଜର ଆବଶ୍ୟକୀୟ ଖାଦ୍ୟ ସଂଗ୍ରହ ନିମନ୍ତେ ତାକୁ ଜନପଦରୁ ଭିକ୍ଷା କରିବାକୁ ପଡୁଥିଲା । ଏହାକୁ କୁହାଯାଉଥିଲା ଯତିବ୍ରତ । ତା'ପରେ ଚତୁର୍ଥାବସ୍ଥାରେ

ମୃତ୍ୟୁ ସମୟ ନିକଟ ହେବାର ଜାଣିଲେ ବ୍ୟକ୍ତି ଜନପଦ ତ୍ୟାଗକରି ବଣଜଙ୍ଗଲକୁ ଯାଉଥିଲା । ସେଠାରେ ଭଗବାନଙ୍କ ଧ୍ୟାନ ଓ ଜପରେ ଅବଶିଷ୍ଟ ସମୟତକ କଟାଇ ଶରୀର ତ୍ୟାଗ କରୁଥିଲା । ଏହାକୁ କୁହାଯାଉଥିଲା ବାନପ୍ରସ୍ଥ ।

ଆଜିକାଲି ଆମେ ଏହି ଅନୁଯାୟୀ ଜୀବନଯାପନ କରୁଛୁ କି ? ବାସ୍ତବରେ ତାହା ଆମେ କରୁନାହୁଁ । କାରଣ ଯୁଗର ପରିବର୍ତ୍ତନ ସଙ୍ଗେ ସଙ୍ଗେ ପୂର୍ବର ଧାର୍ମିକ ପ୍ରଥା ଓ ନୈତିକ ଆଚାରବ୍ୟବହାର ସବୁ ଭାଙ୍ଗି ଚୁରମାର୍ ହୋଇଯାଇଛି । ଆଜି ଆମ ଭିତରେ ଅନୈତିକତାହିଁ ନୈତିକତା, ବିଶୃଙ୍ଖଳାହିଁ ଶୃଙ୍ଖଳା । ଏଥିପାଇଁ ପ୍ରଧାନତଃ ଆମର ଅଜ୍ଞାନତା ଓ ମୂର୍ଖତାହିଁ ଦାୟୀ । ପରିବର୍ତ୍ତନର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମେ ଯଦି ଟିକିଏ ସଚେତନ ହୋଇପାରନ୍ତୁ ତେବେ ବିଶୃଙ୍ଖଳା ଓ ଧ୍ୱଂସର ସ୍ରୋତରେ ନିଜକୁ ଭସାଇ ନଦେଇ ପ୍ରଶାନ୍ତ ସ୍ଥିରତାର ସହ ଆମେ ନୂତନ ଯୁଗ ଲାଗି ପ୍ରସ୍ତୁତ ହୋଇପାରନ୍ତୁ ।

ଆମେ ତ ବୈଦିକ ଯୁଗର ସେହି ବର୍ଣ୍ଣାଶ୍ରମ ଧର୍ମକୁ ପାଳନ କରୁ ନାହୁଁ, କିନ୍ତୁ ତାହାର ସଂସ୍କାର ଆମ ଉପରେ ରହିଥିବାରୁ ଆମର ଧାରଣା ଯେ ବୃଦ୍ଧ ଅବସ୍ଥାହିଁ ଭଗବାନଙ୍କୁ ଡାକିବାର ଉପଯୁକ୍ତ ସମୟ ।

ଏଥିରୁ ଜଣାପଡ଼େ, ଭଗବାନଙ୍କୁ ତ ଆମକୁ ନିଶ୍ଚୟ ଡାକିବାକୁ ପଡ଼ିବ । କାରଣ ତାଙ୍କରି ପାଖରୁ ଆମେ ଆସୁ ଓ ପୁଣି ତାଙ୍କରି ପାଖକୁ ଯାଉ । ନଚେତ୍ ଶେଷ ଅବସ୍ଥାରେ ତାଙ୍କୁ ଡାକିବାର ଦରକାର କାହିଁକି ପଡ଼ନ୍ତା ? ଯିଏ ଆମର ପରମ ଉତ୍ସ ଆଉ ଚରମ ଆଶ୍ରୟସ୍ଥଳ ତାଙ୍କୁ ମନେ ପକାଇବାର ସମୟ ଆମେ ବୃଦ୍ଧାବସ୍ଥାକୁ କାହିଁକି ରଖିଲୁ ? ତା'ର କାରଣ, ଯୌବନରେ ପ୍ରାଣଶକ୍ତିର ଉଦ୍ଦାମତା ଆମକୁ ଭଗବାନଙ୍କୁ ଆଡ଼କୁ ଯିବାରେ ପ୍ରବଳ ବାଧା ଦିଏ । ସେ ସମୟରେ ଆମେ ଭୋଗବିଳାସ, କାମନା-ବାସନାରେ ବୁଡ଼ିରହୁ । ବୃଦ୍ଧ ହୋଇଗଲେ ଶରୀର ଶିଥିଳ ହୋଇଯାଏ, ପ୍ରାଣର

ପ୍ରେରଣା ଅନୁସାରେ କାର୍ଯ୍ୟ କରିପାରେ ନାହିଁ । ଭୋଗବିଳାସର ପିପାସା ସେହି ଯୌବନକାଳ ଭଳି ତୀବ୍ର ଥିଲେ ବି ଶରୀର ବିଚରା ତାକୁ କାର୍ଯ୍ୟକାରୀ କରିବାକୁ ଅକ୍ଷମ ଥାଏ । ଏହି ସମୟରେ ଆଉ ତ କିଛି କରିହେବ ନାହିଁ, ତେଣୁ ଭଗବାନଙ୍କୁ ଡାକିବା ଲାଗି ଆମେ ଉପଦେଶ ଦେଇଥାଉ ।

ତାହା ଯଦି ହୋଇପାରୁଥା'ନ୍ତା ତେବେ କେତେ ସହଜରେ ଆମେ ଅମୂଲ୍ୟ ସମ୍ପଦ ପାଇପାରନ୍ତେ ! କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ହୋଇପାରେ ନାହିଁ । ଥରେ ଦୁଇଜଣ ପିଲା ସାଙ୍ଗ ହୋଇ ପଢୁଥା'ନ୍ତି । ବର୍ଷ ଆରମ୍ଭ । ପ୍ରଥମ ପିଲାଟି ନିୟମିତ ପଢ଼େ ଓ ତା' ସହ ଅନ୍ୟାନ୍ୟ କାର୍ଯ୍ୟ କରେ । ଖେଳିବା ସମୟରେ କେବଳ ଖେଳେ, ତା'ଛଡ଼ା ଅନ୍ୟ ସମୟରେ ଖେଳେ ନାହିଁ । ନିଜର ସମସ୍ତ କାମ କରିବା, ନିଜର ଲୁଗାପଟା ସଫା କରିବା, ଘର ଝାଡୁ ଦେବା, ବହିପତ୍ର ସଜାଡ଼ି ରଖିବା ନିଜ ହାତରେ କରେ । ଯଦି କେତେବେଳେ ଅସ୍ୱସ୍ତି ଅନୁଭବ କରେ ତେବେ ତା'ର ଗୋଟିଏ ଛୋଟ ବଗିଚା ଅଛି ସେଥିରେକାମ କରେ ଓ ବେଳେବେଳେ ଛବି ଆଙ୍କେ ଓ ପଢ଼ାବହି ଛଡ଼ା ଅନ୍ୟାନ୍ୟ ଉପାଦେୟ ପୁସ୍ତକ ପଢ଼େ । ବର୍ଷ ଆରମ୍ଭ ବୋଲି ସ୍କୁଲରେ ପଛେ ପଢ଼ାରେ ଶିକ୍ଷକମାନେ ଅବହେଳା କରନ୍ତି; କିନ୍ତୁ ସେ ପଢ଼ିବାରେ ଟିକିଏ ଅବହେଳା କରେ ନାହିଁ । ସବୁକାମ ତାକୁ ବହୁତ ଆନନ୍ଦ ଲାଗେ । କେଉଁ ଦିନ ଯଦି ଲୋଭରେ ପଡ଼ି ବହୁତ ସମୟ ଖେଳିଦେଇ ପଢ଼ାସମୟ ନଷ୍ଟ କରି ଦେଇଥାଏ ସେଦିନ ତା'ର ଅନ୍ୟାନ୍ୟ ସମସ୍ତ କାମଗୁଡ଼ିକ ବି ଅସ୍ୱସ୍ତିକର ବୋଧହୁଏ । ସେ ପଢ଼ାକୁ ଯେତିକି ଗୁରୁତ୍ୱ ଦିଏ, ଖେଳକୁ ତଥା ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକୁ ସେତିକି ଗୁରୁତ୍ୱ ଦିଏ ।

ଦ୍ୱିତୀୟ ପିଲାଟି ଅନେକ ସମୟରେ ତା' ପାଖକୁ ଆସେ ଓ ତାକୁ କହେ, କ'ଣ ଗୋଟାଏ ଏ ସମୟରେ ପଢୁଛୁ ! ପରୀକ୍ଷା ଯାଇ କାହିଁ ! ଆଉ ଇଆଡୁ ପଢ଼ା ଆରମ୍ଭ କରିଦେଲା ! ବର୍ତ୍ତମାନ ସିନା ମଉଜ ମଜଲିସ୍ କରିବା କଥା । ପରୀକ୍ଷା ସମୟ ଆସିଲେ ମାସେ ଦୁଇମାସ ଟିଉସନ୍ ହୋଇ

ଟିକିଏ ବେଶୀକରି ପଢ଼ିଦେଲେ ହେଲା । ସାର୍ଟିଫିକେଟ ତ ମିଳିଲେ ହେଲା । ଆଉ ପାଠପଢ଼ାଟା କ'ଣ ଆମକୁ ସ୍ୱର୍ଗକୁ ନେବ ?

ପ୍ରଥମ ପିଲାଟି କିନ୍ତୁ ତା' କଥା ଶୁଣେ ନାହିଁ । କହେ, 'ମୁଁ ପାଠ ପଢୁ ନାହିଁ ସାର୍ଟିଫିକେଟ୍ ଲାଗି । ମୋତେ ପାଠ ପଢ଼ିବାକୁ ଭଲ ଲାଗୁଛି ଓ କେତେକ ନୂଆ ନୂଆ କଥାଜାଣି ମୋ ମନର ବିକାଶ ହେଉଛି । ପରୀକ୍ଷାରେ ତ ପାସ୍ ଆପେ ହେବ । ମୁଁ ପରୀକ୍ଷାକୁ ଖାତିର କରେ ନାହିଁ କିଂବା ପାଠପଢ଼ା ମୋର କେବଳ ଗୋଟିଏ କାମ ନୁହେଁ । ମୋର ସମସ୍ତ କାମକୁ ମୁଁ ସମାନ ମୂଲ୍ୟ ଦିଏ । ମୁଁ ବାଧ ହୋଇ ବହିଟା ପାଖରେ ବସି ଅନ୍ୟମାନଙ୍କୁ ଦେଖେଇ ହେବା ଲାଗି ବହିଟାକୁ ଚାହିଁ ଅନ୍ୟ କଥା ଚିନ୍ତା କରୁ ନଥାଏ । ଯେତିକି ସମୟ ମୋର ପଢ଼ାରେ ମନ ଲାଗେ, ପଢ଼େ । ଅନ୍ୟ ସମୟରେ ମୋର ଯେଉଁ ଅନ୍ୟ କାମ ଥାଏ ତାହା କରେ । ଶ୍ରେଣୀରେ ମନୋଯୋଗ ଦେଇ ଶୁଣୁଥିବାରୁ ଖୁବ୍ ଅଳ୍ପ ସମୟରେ ମୋର ଶ୍ରେଣୀ ପାଠଟା ଶେଷ କରି ଦେଇଥାଏ । ତା'ଛଡ଼ା ଭଗବାନଙ୍କ ଦୟାରୁ ଏବେ ମୁଁ ଯେତେ ସମୟ ଚାହୁଁଛି ସେତେ ସମୟ ଅନାୟାସରେ ପଢ଼ିପାରୁଛି । ମୋତେ କିଛି ଖରାପ ଲାଗୁ ନାହିଁ ।'

ଦ୍ୱିତୀୟ ପିଲାଟି ତାକୁ ନିଜ ବାଟକୁ ନ ଆଣି ପାରି ଫେରିଯାଏ । ଦିନସାରା କେଉଁଠି ତାସ୍, ପଶା ଖେଳେ, ରାତିରେ ଘରୁ ପଇସା ଚୋରି କରି ସିନେମା ଦେଖେ ଓ ମଦ ବି ଟିକିଏ ଟିକିଏ ଚାଖେ । ନିଜ ଲୁଗାପଟା, ଘରଦ୍ୱାର ସଫା କରିବାକୁ ବେଳ ମିଳେ ନାହିଁ । ବହିପତ୍ର ଏଣେତେଣେ ପଡ଼ିଥାଏ; ଖୋଜିଲେ ଗୋଟିଏ ନିର୍ଦ୍ଦିଷ୍ଟ ବହି ସହଜରେ ମିଳିବା ମୁସ୍କିଲ । ସ୍କୁଲକୁ ଯାଇ ଗୋଟିଏ ଦିଓଟି ପିରିଅଡ୍ ବସିପାରିଲେ ଯଥେଷ୍ଟ । ତା'ପରେ ମଥା ବିଗିଡ଼ିଯିବାରୁ ତାକୁ ହାଲୁକା କରିବାକୁ ଲୁଚି ପଳାଇଆସେ । ବେଳେବେଳେ ଅସ୍ପଷ୍ଟଭାବେ କେବଳ ପରୀକ୍ଷା କଥାଟି ମନେ ପଡ଼ିଯାଏ । ସେତେବେଳେ ମନକୁ ସାନ୍ତ୍ୱନା ଦେଇ କହେ, 'ହଉ ସେ ବେଳ ଆସୁ, ଦେଖାଯିବ ।'

କହୁ କହୁ ସେ ବେଳ ଆସିଗଲା । ଆଉ ମାତ୍ର ଦୁଇଟି ମାସ । ଘରେ ବାପା ମା'ଙ୍କୁ ପରୀକ୍ଷାର ଗୁରୁତ୍ୱ ବୁଝାଇଦେଇ ଟିଉସନ୍ ଆରମ୍ଭ କରିଦେଲା । ପଢ଼ାଘରେ ରାତିସାରା ଆଲୁଅ ଜଳୁଥିବ । ଷ୍ଟୋଭ୍, ଚାହା, ସିଗାରେଟ୍ ଆଦି ପାଖେ ପାଖେ ରହିଥିବ । ବହି ଖୋଲି ଆକୁଳ ହୋଇ ତାକୁ ଚାହିଁ ବସିଥିବ । କିନ୍ତୁ ଏ କ'ଣ ? ବହିଟାକୁ କ'ଣ ତା'ର ଆଖି ପଢ଼ିବ ନା କ'ଣ ? ମନଟା ତ ବାତଚକ୍ର ଭଳି ଘୁରୁଛି । ସିନେମା, ପଶା, ମଦ, ଶ୍ରେଣୀର ନିରୀହା ଭଉଣୀମାନଙ୍କୁ ଥଟ୍ଟା ପରିହାସ ଓ ଅପମାନିତ କରିବା— କେତେ ଦୃଶ୍ୟ ଆଖି ଆଗରେ ଭାସିଯାଉଛି । ସେଥିରେ ଏତେ ଟିକିଏ ସ୍ଥାନ ନାହିଁ ବହିର ପାଠ ପଢ଼ିବା ଲାଗି । ଏତିକିବେଳେ ମନେ ପଡ଼ିଲା ପ୍ରଥମ ପିଲାଟିର କଥା । କିନ୍ତୁ ନେଡ଼ିଗୁଡ଼ କହୁଣିକି ବହିଯାଇଛି । ବେଳେବେଳେ ତା' ସହ ଦେଖା ହୁଏ । ଦେଖେ, ସେ ପୂର୍ବଭଳି ସ୍ଥିର, ଅଚଞ୍ଚଳଭାବେ ତା' କାର୍ଯ୍ୟରେ ଲାଗି ରହିଛି । ପରୀକ୍ଷାକୁ ଟିକିଏ ବି ତା'ର ଖାତିର ନାହିଁ । ଯେପରି ଯାହା କିଛି ପଢ଼ିବ ସେତେବୁ ଉତ୍ତର ଦେଇପାରିବ । ଏ ପରୀକ୍ଷା ପାଠପଢ଼ାକୁ ଛାଡ଼ି ତା'ର ଲକ୍ଷ୍ୟ ଯେପରି ବହୁ ଦୂରରେ ବହୁ ଗଭୀରରେ ରହିଛି । ଜଣାପଡ଼େ, ତା'ର ଏହି ପରୀକ୍ଷା ପାଠପଢ଼ା ସେହି ବିରାଟ ଲକ୍ଷ୍ୟ ପୂରଣର ଏକ ସାମାନ୍ୟତମ ଉପାୟ ମାତ୍ର ।

ଯାହାହେଉ, ପରୀକ୍ଷା ତ ପିଲାର ପାଠ ପଢ଼ିବା ନ ପଢ଼ିବାକୁ ଅପେକ୍ଷା କରିବ ନାହିଁ । ସେ ତା'ର ନିର୍ଦ୍ଦିଷ୍ଟ ସମୟରେ ଆସିଲା । ଦୁହେଁ ପରୀକ୍ଷା ଦେଲେ । ପରୀକ୍ଷା ହଲ୍‌ରେ ବି ପ୍ରଥମ ପିଲାଟି ସେହିପରି ଶାନ୍ତ, ଅଚଞ୍ଚଳ ଓ ନିର୍ଭୀକ । ପ୍ରଶ୍ନ ପାଇ ତାକୁ ଟିକିଏ ସତର୍କତାର ସହ ଦେଖିନେଇ ସ୍ଥିର ଅଥଚ କ୍ଷିପ୍ରଗତିରେ ଲେଖିବାକୁ ଲାଗିଲା । କୁଆଡ଼କୁ ଧ୍ୟାନ ନାହିଁ । ହଲ୍‌ର ଗଣ୍ଡଗୋଳ ତାକୁ ସ୍ପର୍ଶ ବି କରୁ ନାହିଁ । ବେଳେବେଳେ ଯେତେବେଳେ ମୁଣ୍ଡ ଟେକି ଚାହୁଁଥାଏ ସେତେବେଳେ ପରୀକ୍ଷାର ଢଙ୍ଗ ଦେଖି ତାକୁ ଟିକିଏ ଟିକିଏ ହସ ଲାଗୁଥାଏ । କାରଣ

ସେ ଜାଣେ ଯେ, ଭବିଷ୍ୟତରେ ଏସବୁ ପୁରୁଣାକାଳିଆ ପଦ୍ଧତିର ପରିବର୍ତ୍ତନ ହୋଇଯିବ ।

ଦ୍ୱିତୀୟ ପିଲାଟି ପ୍ରଶ୍ନଗୁଡ଼ିକ ପଢ଼ିଲା । କ'ଣ ବା ସେଥିରୁ ବୁଝିବ ! ଯାହା ହେଉ, ଲୁଚାଇ ଆଣିଥିବା ବହି ଫିଟାଇଲା । ଅବାଧରେ ଲେଖିଚାଲିଲା । କିନ୍ତୁ ପ୍ରଶ୍ନ ବୁଝିପାରି ନଥିବାରୁ ବହିର କେଉଁଠୁ କେଉଁ ପର୍ଯ୍ୟନ୍ତ ଲେଖାଯିବ ତାହା ବି ଜାଣିପାରିଲା ନାହିଁ । ଖାଲି ଉତ୍ତର ନମ୍ବର ଦେଇ ବହିର ବିଭିନ୍ନ ଅଂଶରୁ ବାଛି ବାଛି କିଛି ଲେଖିଦେଲା । ଯାହା ହେଉ, ପରୀକ୍ଷା ସରିଗଲା । ପ୍ରଥମ ପିଲାଟି କୃତିତ୍ୱର ସହ ପାସ୍ କରିଛି । କିନ୍ତୁ ଏତେ କପି କରି ଦ୍ୱିତୀୟ ପିଲାଟିର ନାମ ଖବର କାଗଜରେ ନାହିଁ ।

ସେହିପରି ବୃଦ୍ଧ ବୟସକୁ ଭଗବତ୍ ସାଧନା ରଖିଲେ ଏହିଭଳି ହେବାକୁ ହୋଇଥାଏ । ସାରା ଜୀବନର ଜଘନ୍ୟ ପୂତିଗନ୍ଧମୟ ଅନୁଭୂତି, ସେ କ'ଣ ବୃଦ୍ଧ ବୟସ ହୋଇଗଲେ କୁଆଡ଼େ ଚାଲିଯିବ ! ସବୁ ଗୋଟି ଗୋଟି ହୋଇ ସାଇତା ହୋଇ ରହିଥାଏ । ପିଲାଟି ବର୍ଷସାରା ଖାମ୍‌ଖେୟାଲିଭାବେ କଟାଇ ପରୀକ୍ଷାବେଳକୁ ବହି ଧରି ବସିଲେ ବି ଯେପରି ବହିକୁ ଚାହିଁବା କେବଳ ସାର ହୁଏ, ଅଣଆୟତ୍ତ ମନରେ ଅତୀତର ସମସ୍ତ କୁକର୍ମ ମନେପଡୁଥାଏ, ଠିକ୍ ସେହିଭଳି ସାରା ଜୀବନ ସଂସାରର ଭୋଗବିଳାସରେ କଟାଇ ବୃଦ୍ଧାବସ୍ଥାକୁ ଭଗବାନଙ୍କୁ ଡାକିଲେ କେବଳ ମାଳି ଗଡ଼ାଇବାହିଁ ସାର ହୁଏ । ଅତୀତର ଅନୁଭୂତି ଚେତନାରେ ଏତେ ପୂରି ରହିଥାଏ ଯେ ସେଥିରେ ନୂତନ କିଛି ପ୍ରବେଶ କରାଇବାକୁ ହେଲେ କିଛି ଜାଗା ଖାଲି କରି ତାକୁ ଶୁଦ୍ଧ କରିବାକୁ ହୋଇଥାଏ । କିନ୍ତୁ ଶୁଦ୍ଧ କରିବା ଲାଗି ଆଉ ସମୟ ବା ଶକ୍ତି କାହିଁ ? ତଥାପି ଆଦୌ ଭଗବାନଙ୍କୁ ସ୍ମରଣ ନ କରିବା ଅପେକ୍ଷା ବୃଦ୍ଧ ଅବସ୍ଥାରେ ଉପରଠାଉରିଆ କରି ବରଂ ସ୍ମରଣ କରିବା ଭଲ ।

ତେଣୁ ଯାହା ଶ୍ରେୟ, ଯାହା ପରମ ଲକ୍ଷ୍ୟ ବୋଲି ଥରେ ଜାଣିଲୁ

ଆଉ ତାକୁ କେବେ ବି ହେଳାବଶତଃ ପଛକୁ ପକାଇଦେବା ଠିକ୍ ନୁହେଁ । ଆମର ଯୋଗ ଯଦି ପୁରାତନ ଯୋଗ ହୋଇଥା'ନ୍ତା ତେବେ କଥାଟା ଭିନ୍ନ ରକମ ହୋଇଥା'ନ୍ତା । କାରଣ ପୁରାତନ ଯୋଗର ପଦ୍ଧତି ସଂସାରକର୍ମର ପଦ୍ଧତିଠାରୁ ସଂପୂର୍ଣ୍ଣ ଭିନ୍ନ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗ ବରଂ ସଂସାରକର୍ମକୁ ଆହୁରି ସୁନ୍ଦର ଓ ମାର୍ଜିତ କରିଥାଏ । ଏହା ଆମର କୌଣସି କର୍ମରେ ବାଧା ଦିଏ ନାହିଁ, ବରଂ ସେ କର୍ମର ଯଥାର୍ଥ ମୂଲ୍ୟବୋଧ ସୂଚାଇଦେଇ ତାକୁ ସୁଚାରୁରୂପେ କରିବାର ପ୍ରେରଣା ଦେଇଥାଏ । ପୂର୍ବରୁ ଆମର ସଂକୀର୍ଣ୍ଣତାବଶତଃ ଆମେ କେବଳ ଗୋଟିଏ କର୍ମକୁ ଯାହା ଆମର ସର୍ବସ୍ୱ ବୋଲି ବିଚାରୁଥିଲୁ, ଏଣିକି ଆମର ଚେତନା ଓ ଲକ୍ଷ୍ୟ ବ୍ୟାପକ ହୋଇଯିବା ଫଳରେ ତାହା ଏକ ବିରାଟ କର୍ମର ଗୋଟିଏ କ୍ଷୁଦ୍ର ଅଂଶ ବୋଲି ମନେ ହୁଏ । ଜୀବନର ତଥା ସମାଜର ବିକାଶ ସହ ଶ୍ରୀଅରବିନ୍ଦଙ୍କ ଯୋଗ ଓତଃପ୍ରୋତଭାବେ ଜଡ଼ିତ । ଜୀବନର ପୂର୍ଣ୍ଣାଙ୍ଗ ବିକାଶ କେବଳ ଭଗବତ୍ ସାଧନା ଦ୍ୱାରାହିଁ ସମ୍ଭବ । ଯୋଗ ଅର୍ଥ ଜୀବନକୁ ତ୍ୟାଗ କରିବା ନୁହେଁ ।

ତା'ଛଡ଼ା ଶ୍ରୀଅରବିନ୍ଦଙ୍କ ଯୋଗରେ ଯେଉଁ ପ୍ରକୃତିର କଥା ଶରୀରର ରୂପାନ୍ତର ହେବ ତା' ପାଇଁ କେତେ ଶହ ବର୍ଷ କିଛି ନୁହେଁ । ଏହା ଶହ ଶହ ବର୍ଷଧରି ଚାଲିବ । ତେଣୁ ତାକୁ ବୃଦ୍ଧାବସ୍ଥାରେ ଆରମ୍ଭ କରି ଆମେ କ'ଣ ପାଇବୁ ? କେବଳ ଏତିକି ଭାବନା ଆସିବ, ''ମୁଁ କାହିଁକି ଏହାକୁ ବହୁ ପୂର୍ବରୁ ଆରମ୍ଭ କରି ନାହିଁ ! ଏଡ଼େ ହତଭାଗା ମୁଁ, ବର୍ତ୍ତମାନ ଆଉ ସମୟ କାହିଁ ? ଯାହାହେଉ, ଏତିକିବେଳେ ପ୍ରାର୍ଥନା କରୁଛି ଯେପରି ପରଜନ୍ମରେ ଏ ଯୋଗ ମୁଁ ସଚେତନ ହେବା ସଙ୍ଗେ ସଙ୍ଗେ ଆରମ୍ଭ କରେ ।''

ସେଇଥିଲାଗି ଶ୍ରୀଅରବିନ୍ଦ କହିଛନ୍ତି, ''ତରୁଣମାନେହିଁ ଏହି ନୂତନ ଜଗତର ନିର୍ମାତା ହେବେ ।'' ତେଣୁ ସଚେତନ ହେବା ସଙ୍ଗେ ସଙ୍ଗେ କାଳ ବିଳମ୍ବ କରିବା ମୂର୍ଖତାର ପରିଚାୟକ । ଅପେକ୍ଷା କରିବା କେବଳ ଦୀର୍ଘସୂତ୍ରୀର ପଥ । ତରୁଣ ଶବ୍ଦର ଅର୍ଥ ବୟସ ଉପରେ ନିର୍ଭର କରେ

ନାହିଁ । ଜଣେ ୮୦ ବର୍ଷରେ ବି ନିଜକୁ ତରୁଣ ମନେ କରିପାରନ୍ତି, ଯାହାଙ୍କର କି ଅଗ୍ରଗତି କରିବାର ଅଭୀପ୍ସା ରହିଛି । ଅନ୍ୟ କ୍ଷେତ୍ରରେ ଜଣେ ୨୦ ବର୍ଷରେ ବି ବୃଦ୍ଧ ହୋଇଯାଇପାରନ୍ତି, ଯଦି ସେ ଭାବନ୍ତି ଯେ ଆଉ ତାଙ୍କର କିଛି କରିବାର ନାହିଁ । ତେଣୁ ଯେକୌଣସି ବୟସରେ ହେଉନା କାହିଁକି, ସଚେତନ ହେବା ସଙ୍ଗେ ସଙ୍ଗେ କାହାରି କଥା ନ ଶୁଣି ଆମେ ଭଗବାନଙ୍କୁ ପାଇବା ଓ ସକଳ କର୍ମରେ ତାଙ୍କୁ ପ୍ରକାଶ କରିବାର ସାଧନା ଆରମ୍ଭ କରିଦେବା ଉଚିତ । ଭଗବାନଙ୍କ ଲାଗି ବୟସର କୌଣସି ଧରାବନ୍ଧା ସୀମାରେଖା ନାହିଁ । ପୂର୍ବ ପରମ୍ପରାକୁ ଧରିବସିଲେ ସେହିପରି ଜନ୍ମ ଜନ୍ମ ବସିଥିବା । ନୂତନ ପଥକୁ ଆମକୁ ନୂତନଭାବେ ଗ୍ରହଣ କରିବାକୁ ହେବ । ପୁରାତନର ଯେକୌଣସି ଦାବି, ଯେକୌଣସି ଅନୁରୋଧ, ଯେକୌଣସି ବାଧା-ବିପତ୍ତିକୁ ଆସେ ସ୍ଥିର, ଶାନ୍ତଭାବେ ଏଡ଼ାଇଦେଇ ଚାଲିବୁ । ପୁରାତନ ଯେ କେବଳ ବାହାରେ ଆମକୁ ବିଭିନ୍ନ ପରାମର୍ଶ ଦେଇ ବାଧାଦେଉଛି ତା' ନୁହେଁ, ଆମ ଭିତରେ ମଧ୍ୟ ରହିଛି । କିନ୍ତୁ ସବୁବେଳେ ଆମକୁ ମା'ଙ୍କର ଗୋଟିଏ ବାଣୀ ମନେ ରଖିବାକୁ ହେବ :

"Whatever is new will always meet an opposition from conservative people. If we yield to their opposition, the world will never advance one step."

ଅର୍ଥାତ୍ "ଯାହାକିଛି ନୂତନ ତାହା ସବୁବେଳେ ରକ୍ଷଣଶୀଳ ବ୍ୟକ୍ତିଙ୍କର ପ୍ରତିରୋଧର ସମ୍ମୁଖୀନ ହୋଇଥାଏ । ଆମେ ଯଦି ସେମାନଙ୍କ ପ୍ରତିରୋଧକୁ ମାନିନେଉ ତେବେ ଏ ପୃଥିବୀ ଗୋଟିଏ ପାଦ ବି ଅଗ୍ରଗତି କରିପାରିବ ନାହିଁ ।"

—ଶ୍ରୀମା

# ପାଠରେ କାହିଁକି ମନ ଲାଗୁ ନାହିଁ

ମନ ତ ଖାଲିଟାରେ ବସିପାରିବ ନାହିଁ । ପାଠରେ ଯଦି ନ ଲାଗୁଛି ଅନ୍ୟ କେଉଁଥିରେ ନିଶ୍ଚୟ ଲାଗିଥିବ । ଗୁରୁ ନାନକଙ୍କୁ ସମସ୍ତେ ପ୍ରାୟ ଜାଣିଥିବ । ତାଙ୍କ ସମ୍ବନ୍ଧେ ଏକ ସୁନ୍ଦର କାହାଣୀ ଅଛି । ସେ ମନର ନୀରବତା ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ । ସେ କହୁଥିଲେ, ଏକ ସ୍ଥିର ଓ ନୀରବ ମନ ଆମକୁ ସମସ୍ତ ପ୍ରକାଶ ଶାନ୍ତି ଓ ଆନନ୍ଦ ଆଣି ଦେଇପାରେ ।

ଥରେ କ'ଣ ହୋଇଛି ନା, ଜଣେ ମୁଲ୍ଲା (ମୁସଲମାନ ଧର୍ମଯାଜକ) ତାଙ୍କୁ ଭେଟି କହିଲେ, ''ଆପଣ କହନ୍ତି ସବୁଧର୍ମ, ସବୁ ମତବାଦ ଏକ । ହିନ୍ଦୁ ଓ ମୁସଲମାନ ସମସ୍ତେ ଭଗବାନଙ୍କର ପ୍ରିୟ ସନ୍ତାନ । ତେବେ ଆପଣ ମୋ ସହ ଆସନ୍ତୁ, ମୁସଲମାନୀ ଢଙ୍ଗରେ ମୋ ସହ ନମାଜ ପଢ଼ନ୍ତୁ ଓ ଆଲ୍ଲାଙ୍କୁ (ମୁସଲମାନମାନେ ଯାହାଙ୍କୁ ଭଗବାନ ବୋଲି କହନ୍ତି) ପ୍ରାର୍ଥନା କରନ୍ତୁ ।''

ଏ କଥାରେ ନାନକ ସଙ୍ଗେ ସଙ୍ଗେ ରାଜି ହୋଇଗଲେ । ଦୁହେଁ ମିଶି ଗୋଟିଏ ମସ୍‌ଜିଦ୍ (ମୁସଲମାନମାନଙ୍କର ଧର୍ମ ମନ୍ଦିର) ନିକଟକୁ ଗଲେ । ସେଠାରେ ସେ ମୁଲ୍ଲା ଜଣକ କିପରି ପ୍ରାର୍ଥନା କରିବାକୁ ହେବ ତାହା ନାନକଙ୍କୁ ଦେଖାଇଦେଲେ ଓ ନିଜେ ଦୁଇ କାନରେ ଆଙ୍ଗୁଠି ଦେଇ ଆଣ୍ଠୁମାଡ଼ି ପ୍ରାର୍ଥନାରେ ଲାଗିପଡ଼ିଲେ । ନାନକ ପାଖରେ କେବଳ ଠିଆହୋଇ ରହିଲେ ।

ଏପରି ଦେଖି ମୁଲ୍ଲାଜଣକ କହିଲେ, ''ଆପଣ କାହିଁକି କାଠଭଳି ଛିଡ଼ା ହୋଇଛନ୍ତି ? ମୋ ସହିତ କାହିଁକି ପ୍ରାର୍ଥନା କରୁ ନାହାନ୍ତି ?''

ନାନକ ଟିକିଏ ହସିଲେ ଓ ଶାନ୍ତ ଭାବରେ କହିଲେ, ''ଭାଇ ! ତୁମେ ଯଦି ସତରେ ପ୍ରାର୍ଥନା କରୁଥା'ନ୍ତ ତେବେ ମୁଁ ତୁମ ସହିତ ବି ପ୍ରାର୍ଥନା କରୁଥା'ନ୍ତି । ତୁମର ମୁଖ ପ୍ରାର୍ଥନା ବାଣୀ ଉଚ୍ଚାରଣ କରୁଛି; କିନ୍ତୁ ତୁମ

ମନ ! ମନ ତ ଯାଇ ତୁମର ଘୋଡ଼ାଶାଳରେ, ଯେଉଁଠି ତୁମର ଗୋଟିଏ ମାଈ ଘୋଡ଼ା ଛୁଆ ଜନ୍ମ କରିବାର ଅଛି । ତୁମେ ଭାବୁଛ ଘୋଡ଼ାଛୁଆଟିର ଚମତ୍କାର ରଙ୍ଗ ଉଲ୍ ଭଳି ଧଳା ଓ ଚିକ୍କଣ ହୁଅନ୍ତା କି !

ମୋର ମଧ୍ୟ ସେଇଭଳି ହୁଏ । ମୁଁ ନୀରବରେ ବସେ, ମୁହଁରେ ଭଗବାନଙ୍କୁ ପ୍ରାର୍ଥନା କରେ, କିନ୍ତୁ ମୋର ମନ ! ମୋର ମନ ତୁମରି ଭଳି ସମଗ୍ର ପୃଥିବୀରୂପକ ଘୋଡ଼ାଶାଳାରେ ବିଚରଣ କରୁଥାଏ । ଯେଉଁ ଜିନିଷ ଓ ଯେଉଁ ଚିନ୍ତାକୁ ମୁଁ ସାଧାରଣ ଅବସ୍ଥାରେ ଆଦୌ ଗୁରୁତ୍ୱ ଦିଏ ନାହିଁ ସେସବୁ କୁଆଡୁ ପଲେ ମଶା ଭଳି ଉଡ଼ିଆସି ମୋର ଶାନ୍ତି ନଷ୍ଟ କରନ୍ତି । ଯେତେ ଯେତେ ମୁଁ ସେମାନଙ୍କୁ ତଡ଼ିବାକୁ ଚେଷ୍ଟା କରେ ସେତେସେତେ ବେଶୀ ପରିମାଣରେ ସେମାନେ ଆସନ୍ତି ।''

ନାନକଙ୍କର ଯେ ଶକ୍ତି ନଥିଲା ତାଙ୍କ ମନକୁ ଶାନ୍ତ ସଂଯତ କରିବାଲାଗି ତା' ନୁହେଁ; ସେଠାରେ ତାଙ୍କର ସାଧାରଣ ଅବସ୍ଥା କଥା ସେ କହୁଥିଲେ ।

ଯାହାହେଉ, ଆମେ ଦେଖିଲେ, ଶରୀର କିପରି ଗୋଟିଏ କାର୍ଯ୍ୟରେ ଲାଗିଥିବା ସମୟରେ ମନ ଯାଇ ଅନ୍ୟ ଏକ କାର୍ଯ୍ୟରେ ଲାଗିଥାଏ । ସେହିପରି ଆମେ ପାଠ ପଢ଼ିବା ସମୟରେ ମନ ପାଠପଢ଼ାରେ ନ ରହି ଅନ୍ୟତ୍ର ବିଚରଣ କରୁଥାଏ । ଏହାର କାରଣ କ'ଣ ଓ ଏହାକୁ କିପରି ଦୂର କରାଯାଇପାରିବ ସେ ସମ୍ବନ୍ଧେ ଏଠାରେ ଖୁବ୍ ସଂକ୍ଷେପରେ ଆଲୋଚନା କରିବା ।

ସ୍କୁଲ କିଂବା କଲେଜ ପାଠ୍ୟକ୍ରମର କୌଣସି ନିର୍ଦ୍ଦିଷ୍ଟ ବିଷୟରେ ମନ ନ ଲାଗିବାର ଗୋଟିଏ କାରଣ ହେଉଛି ଶିକ୍ଷକମାନଙ୍କର ଅପାରଗତା ଓ କର୍ତ୍ତବ୍ୟରେ ତ୍ରୁଟି । ସେମାନେ ଯଦି ଚାହିଁବେ ତେବେ ବିଷୟବସ୍ତୁକୁ ଖୁବ୍ ସରଳ, ଜୀବନ୍ତ ଓ ଆମୋଦଦାୟକ ଭାବେ ଛାତ୍ରମାନଙ୍କ ଆଗରେ ଉପସ୍ଥାପିତ କରିପାରିବେ । ଛାତ୍ରମନରେ ଥରେ ଗୋଟିଏ ବିଷୟ ପ୍ରତି ଆଗ୍ରହ

ସୃଷ୍ଟି କରାଇପାରିଲେ ସେ ବିଷୟକୁ ଆୟତ୍ତ କରିବାକୁ ଆଉ ତାକୁ କଷ୍ଟ ହୁଏ ନାହିଁ । ଯେତେବେଳେ କୌଣସି ବିଷୟକୁ କଷ୍ଟ ବୋଲି ଛାତ୍ର ନିଃସହାୟ ଓ ନିରୁତ୍ସାହିତ ମନେକରୁଛି ସେତେବେଳେ ଶିକ୍ଷକ ସମସ୍ତ ପ୍ରକାର ଉତ୍ସାହ, ସାହସ ଓ ସାହାଯ୍ୟ ଯୋଗାଇ ତାକୁ ଆଗକୁ ନେଇଯିବା ଉଚିତ । କିନ୍ତୁ ଶିକ୍ଷକମାନେ ଯେପର୍ଯ୍ୟନ୍ତ ଏପରି ହେବାକୁ ଚେଷ୍ଟା କରିନାହାନ୍ତି ସେପର୍ଯ୍ୟନ୍ତ ଛାତ୍ରମାନଙ୍କୁ ସଂପୂର୍ଣ୍ଣରୂପେ ନିଜ ଚେଷ୍ଟା ଉପରେ ନିର୍ଭର କରିବାକୁ ହେବ ।

ଦ୍ୱିତୀୟରେ, ପାଠ ପଢ଼ିବା ସମୟରେ ଆମେ ବିଷୟବସ୍ତୁକୁ ନ ବୁଝି ଅଭ୍ୟାସବଶତଃ ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଚାଲିଯାଉ । କିନ୍ତୁ ପଢ଼ିବା ପୂର୍ବରୁ ଥରେ ଯଦି ଆମେ ସ୍ଥିର କରି ନିଅନ୍ତୁ ତେବେ ପ୍ରତ୍ୟେକ ବାକ୍ୟ କିଂବା ପ୍ରତ୍ୟେକଟି ବିଷୟ ବୁଝି ନ ପାରିଲେ ଆଗକୁ ପାଦେ ମାତ୍ର ଅଗ୍ରସର ହେବୁ ନାହିଁ ତେବେ ବାଧ ହୋଇ ଆମକୁ ନିଜେ ଗଭୀର ଅନୁଧ୍ୟାନ କରିବାକୁ ହେବ କିଂବା ସହପାଠୀ ତଥା ଶିକ୍ଷକମାନଙ୍କଠାରୁ ବୁଝି ନପାରୁଥିବା ବିଷୟଟିକୁ ବୁଝିବାକୁ ହେବ । ଥରେ ଏହା ଅଭ୍ୟାସରେ ପଢ଼ିଲେ ପଢ଼ିବା, ବୁଝିବା ଓ ମନେ ରଖିବା ଖୁବ୍ ସହଜ ଓ ଶୀଘ୍ର ହେବ । ପଢ଼ିବସିବା ସମୟରେ ମନ ଆଉ ଚଗଲା ନହୋଇ ସ୍ୱତଃସ୍ଫୂର୍ତ୍ତ ଭାବେ ବିଷୟବସ୍ତୁକୁ ବୁଝିବାକୁ ଚେଷ୍ଟା କରିବ । ଆମେ ଏହା ଜାଣିପାରୁ ବା ନ ପାରୁ ଫଳ ନିଶ୍ଚୟ ପାଇବା ।

ତୃତୀୟରେ, ପରୀକ୍ଷାର ଭୟ ପାଠ ମଧ୍ୟରୁ ସମସ୍ତ ଆନନ୍ଦ, ସମସ୍ତ ମାଧୁର୍ଯ୍ୟ ଶୋଷି ନେଇ ତାକୁ ଏକ ଭୀଷଣାକୃତି ବୁଢ଼ୀ ଅସୁରୁଣୀରେ ପରିଣତ କରିଛି । ଫଳରେ ପାଠ ପଢ଼ିବା ନୁହେଁ, ପରୀକ୍ଷାରେ ପାସ୍ କରିବା ପ୍ରତି ଆମର ଲକ୍ଷ୍ୟ ରହୁଛି । ପରୀକ୍ଷାରେ ପାସ୍ କରିବାକୁ ହେଲେ କଷ୍ଟକରି ପାଠ ପଢ଼ିବା ଅପେକ୍ଷା ଟିକିଏ କଷ୍ଟ କରି କପି କରିବା ଶିଖିପାରିଲେ ବହୁତ ସାହାଯ୍ୟ ମିଳେ । ଯେଉଁ ପରୀକ୍ଷାରେ ପାସ୍ କରିବା ଲାଗି ପିଲାମାନେ ପାଠ ପଢ଼ି ବସନ୍ତି ସେହି ପରୀକ୍ଷାର ଭୟ ସେମାନଙ୍କୁ ଏପରି ଗ୍ରାସ କରେ ଓ ଆତଙ୍କିତ କରେ, ଫଳରେ ସେମାନଙ୍କର କିଛି ତ ମନେ ରହେ ନାହିଁ;

ତା'ଛଡ଼ା ସେମାନେ ଜୀର୍ଣ୍ଣଶୀର୍ଣ୍ଣ ହୋଇପଡ଼ି ସେମାନଙ୍କର ଅମୂଲ୍ୟ ସମ୍ପଦସ୍ୱରୂପ ସ୍ୱାସ୍ଥ୍ୟକୁ ହରାଇ ବସନ୍ତି । ଏହି କ୍ଷେତ୍ରରେ ବର୍ତ୍ତମାନର ପରୀକ୍ଷାପଦ୍ଧତି ଓ ଲକ୍ଷ୍ୟ ନିରର୍ଥକ ଓ ଛାତ୍ରମାନଙ୍କ ପକ୍ଷରେ କ୍ଷତିକାରକ ବୋଲି ଜାଣିଲେ ବି ତାକୁ ସହଜରେ ବଦଳାଇ ହେବ ନାହିଁ । କାରଣ ସେଥିପାଇଁ ଶିକ୍ଷା-ଆଇନ ବଦଳିବା ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ଦେଶର ଶିକ୍ଷକମାନେ ପ୍ରସ୍ତୁତ ହେବା ବିଶେଷ ଗୁରୁତ୍ୱପୂର୍ଣ୍ଣ । ସେମାନେ ଏପରି ହେବା ଉଚିତ ଯାହା ଫଳରେ ପ୍ରଚଳିତ ପରୀକ୍ଷାପଦ୍ଧତି ବିନା ସେମାନେ ଛାତ୍ରର ଜ୍ଞାନର ପରିମାପ ଜାଣିପାରିବେ । ଯେପର୍ଯ୍ୟନ୍ତ ଏପରି ନହୋଇଛି ସେପର୍ଯ୍ୟନ୍ତ ଆମକୁ ପରୀକ୍ଷା ଲାଗି ପ୍ରସ୍ତୁତ ହେବାକୁହେବ । କିନ୍ତୁ ଭୟରେ ନୁହେଁ । ଆମେ ଯଥାର୍ଥ ଉପାୟ ଅବଲମ୍ବନ କରି ଆଗ୍ରହର ସହ ପଢ଼ିବା । ତା' ସହ ପରୀକ୍ଷାରେ କିପରି ପ୍ରଶ୍ନ ପଡୁଛି ଓ କିପରି ଲେଖିଲେ ପରୀକ୍ଷକ ଭଲ ନମ୍ବର ଦେବେ ସେଥିପ୍ରତି ମଝିରେ ମଝିରେ ଟିକିଏ ଟିକିଏ ଦୃଷ୍ଟି ଦେଲେ ପରୀକ୍ଷା ପ୍ରତି ଭୟ ରହିବ ନାହିଁ ଓ ଆନନ୍ଦରେ ତଥା ଦାୟିତ୍ୱଶୂନ୍ୟ ଭାବରେ ପଢ଼ିହେବ । ପରୀକ୍ଷା ଲାଗି ସାମାନ୍ୟ ଦୃଷ୍ଟି ସେହି ପର୍ଯ୍ୟନ୍ତ ଦେବାକୁ ହେବ ଯେପର୍ଯ୍ୟନ୍ତ ଏ ପଦ୍ଧତି ରହିଛି । ଆମର ମନେ ରଖିବାକୁ ହେବ, ବର୍ତ୍ତମାନର ଏହି ଛାତ୍ରମାନେହିଁ ଭବିଷ୍ୟତରେ ଏହି ପୁରାତନ ପଦ୍ଧତିକୁ ଭାଙ୍ଗି ନୂତନ ପଦ୍ଧତି ପ୍ରଚଳନ କରିବେ । ତେଣୁ ଯେତେ ପ୍ରଲୋଭନ ଆସୁ ପଛେ କପି କରିବାର କଳ୍ପନା ଯେପରି ମନରେ ସ୍ଥାନ ନ ପାଏ ।

ଚତୁର୍ଥରେ, ପାଠ ପଢ଼ିବା ସମୟରେ ପାଠରେ ମନ ନ ଲାଗିବାର ଏକ ଗୂଢ଼ କାରଣ ରହିଛି । ଆମେ ମନେ ରହୁ ନାହିଁ ବୋଲି ଅଭିଯୋଗ କରୁ, କିନ୍ତୁ ଆମ ଭିତରେ ଯେ ଗୋଟିଏ ମନ ଅଛି ଓ ସେ ମଧ୍ୟ ଆମ ଶରୀର ଭଳି ଖାଦ୍ୟ ଚାହେଁ, ଅସୁସ୍ଥ ହୁଏ ଓ ତା' ଖବର ନବୁଝିଲେ ଗୋଳମାଳ ଓ ବିଦ୍ରୋହ କରେ, ଏକଥା ଆମେ ଜାଣୁ ନାହିଁ । ରୋଗ ନ ଜାଣି ଔଷଧ ବ୍ୟବସ୍ଥା ବା କିପରି କରିବୁ ? ଖାଲି ଉପରେ ଉପରେ ବାଡ଼େଇ

ପିଟିହେବା କଥା । ଯାହାହେଉ ମା' ଶ୍ରୀଅରବିନ୍ଦ ମନର ସକଳ ରହସ୍ୟ ଉଦ୍‌ଘାଟନ କରି ଆମର ଅନ୍ଧ ଚକ୍ଷୁ ଖୋଲିଦେଇଛନ୍ତି । ତାଙ୍କ ଲିଖିତ ବିଭିନ୍ନ ବହି ପଢ଼ିଲେ ଆମେ ସେ ସମ୍ବନ୍ଧେ ଭଲଭାବେ ଜାଣିପାରିବା । ଆମେ ଭାବୁ, ମନ ଗୋଟିଏ । କିନ୍ତୁ ତା' ନୁହେଁ । ମନର ବିଭିନ୍ନ ବିଭାଗ ଅଛି । ଆମେ ସାଧାରଣତଃ ଚାରିଟି ସତ୍ତା ଯଥା– ଶରୀର, ପ୍ରାଣ, ମନ ଓ ଆତ୍ମାକୁ ନେଇ ଗଠିତ । ଏ ସମ୍ବନ୍ଧେ ବିଶଦ ଭାବେ ଅନ୍ୟତ୍ର ଆଲୋଚନା କରିବା । ଏଠାରେ କେବଳ ଏତିକି ମନେ ରଖିବାକୁ ହେବ ଯେ ଆମ ଶରୀରର ମନ ଅଛି, ପ୍ରାଣର ମନ ଅଛି, ମନର ମନ ଅଛି ଓ ଆତ୍ମାର ମନ ଅଛି । ଏସବୁ ମନ ପରସ୍ପରଠାରୁ ସଂପୂର୍ଣ୍ଣ ପୃଥକ୍ ନୁହନ୍ତି । ପରସ୍ପରର ପରସ୍ପର ସହ ସଂମ୍ପର୍କ ରହିଛି । ଶାରୀରିକ ମନକୁ ସୁସ୍ଥ ଓ ସଂଯତ କରିବାକୁ ହେଲେ ଆମକୁ ବ୍ୟାୟାମ, ଖେଳ, ଆହାର, ନିଦ୍ରା ଆଦି ନିର୍ଦ୍ଦିଷ୍ଟ ସମୟରେ ନିୟମିତରୂପେ କରିବାକୁ ହେବ । ପ୍ରାଣିକ ମନକୁ ଆନନ୍ଦିତ ଓ ସନ୍ତୁଷ୍ଟ ରଖିବାକୁ ହେଲେ ପିଲାମାନଙ୍କ ମଧ୍ୟରେ ଥିବା ସୌନ୍ଦର୍ଯ୍ୟବୋଧ ବଢ଼ାଇବାକୁ ହେବ । ନାଚ, ଗୀତ, ଚିତ୍ରାଙ୍କନ, ବିଭିନ୍ନ ଲଳିତ କଳା, ବଗିଚା କାମ ଆଦିରେ ଅଂଶଗ୍ରହଣ କରିବାକୁ ହେବ । କିଛି କିଛି ସମୟ ଭଲ ଭଲ ଗପ ବହି, ଐତିହାସିକ ଓ ପୌରାଣିକ ବୀରମାନଙ୍କ କାହାଣୀ ଓ ସମାଜରେ ଆଦର୍ଶସ୍ଥାନୀୟ ବ୍ୟକ୍ତିମାନଙ୍କର ଜୀବନକାହାଣୀ ପଢ଼ିବା ଭଲ । ପିତାମାତାଙ୍କ ତରଫରୁ ପିଲାମାନେ ଯାହା ଚାହିଁବେ ତାହା ପୂରଣ କରିବା କିଂବା ଅନ୍ୟ ଯେକୌଣସି ଉପାୟରେ ସେମାନଙ୍କୁ ସନ୍ତୁଷ୍ଟ କରିବା ଉଚିତ । ଏ ଦୁଇଟି ଖବର ନ ବୁଝିଲେ ମାନସିକ ମନର କାର୍ଯ୍ୟ ସୁଚାରୁରୂପେ ହୁଏ ନାହିଁ । ଆମର ପାଠ ମନେ ରହିବାଟା ଯଦିଓ ମାନସିକ ମନର କାମ, ତଥାପି ମାନସିକ ମନର କାମ ବହୁ ପରିମାଣରେ ନିର୍ଭର କରେ ଉପରୋକ୍ତ ଶାରୀରିକ ଓ ପ୍ରାଣିକ ମନ ଉପରେ । ଶାରୀରିକ ଓ ପ୍ରାଣିକ ମନର ଖବର ନବୁଝି ସେମାନଙ୍କୁ ଅବହେଳା କଲେ ସେମାନେ ମାନସିକ ମନର କାର୍ଯ୍ୟରେ ବାଧା ଦିଅନ୍ତି ଓ ଗୋଳମାଳ ସୃଷ୍ଟି କରନ୍ତି ।

ମନେକର ଗୋଟିଏ ଜାଗାରେ ତିନୋଟି କୁକୁରଙ୍କ ଲାଗି ତିନୋଟି ଖାଦ୍ୟପାତ୍ର ରଖାଯାଇଛି । ଯଦି ଗୋଟିଏ କୁକୁରର ପାତ୍ରରେ ଖାଦ୍ୟ ଦିଆଯାଇ ଅନ୍ୟମାନଙ୍କୁ ଦିଆ ନ ଯାଏ ତେବେ ଅନ୍ୟ ଦୁଇଟି କୁକୁର ଆସି ତୃତୀୟ କୁକୁର ଖାଉଥିବା ସମୟରେ ତାକୁ ଆକ୍ରମଣ କରିବେ ନଚେତ୍ ତା'ର ଖାଇବାରେ ଗୋଳମାଳ ସୃଷ୍ଟି କରିବେ । ଠିକ୍ ସେହିପରି ଆମେ ଯଦି ନିୟମିତ ବ୍ୟାୟାମ, ଖେଳ, ସ୍ନାନ, ଭୋଜନ, ନିଦ୍ରା ଆଦି ନକରୁ, ଆମର ଶାରୀରିକ ମନ ଭୋକିଲା ଓ ଅସନ୍ତୁଷ୍ଟ ରହେ । ସେହିପରି ପ୍ରାଣିକ ମନକୁ ସନ୍ତୁଷ୍ଟ କରିବା ଲାଗି ଆମ ରୁଚି ଅନୁଯାୟୀ କୌଣସି ପ୍ରାକୃତିକ ଦୃଶ୍ୟ ଓ ସୁସ୍ଥ ସୌନ୍ଦର୍ଯ୍ୟମୟ ଛବି, ଦୃଶ୍ୟ ଆଦି ଦେଖିବା, ନାଚ ଗୀତରେ ଭାଗ ନେବା କିଂବା ଦେଖିବା, ବିଭିନ୍ନ କାରୁକାର୍ଯ୍ୟ କରିବା, ଉପରିବର୍ଣ୍ଣିତ ଭଲ ଭଲ ଉପାଦେୟ ବହି ପଢ଼ିବା କିଂବା ଯାହାର ଯେଉଁଥିରେ ଆଗ୍ରହ ସେହିଭଳି ଅନ୍ୟ କୌଣସି କାର୍ଯ୍ୟ ଦିନ ମଧ୍ୟରେ କିଛି ସମୟ ଯଦି ନକରାଯାଏ ତେବେ ଆମ ପ୍ରାଣିକ ମନ ବିଦ୍ରୋହ କରେ । ଏହି ଅବସ୍ଥାରେ ଆମେ ଯଦି ସ୍କୁଲରେ ବସୁ କିଂବା ଘରେ ବହି ଖୋଲୁ ସେ ଦୁଇଟି ମନ ଆସି ଗୋଳମାଳ କରନ୍ତି । ପାଠ ପରିବର୍ତ୍ତେ ଆମର ଖେଳ କଥା, ଖାଇବା କଥା, ବିଭିନ୍ନ ପ୍ରାକୃତିକ ଦୃଶ୍ୟ କଥା, ନାଚଗୀତ ଆଦି ଏହିପରି ଅସଂଖ୍ୟ କଥା ମାନସିକ ମନ ମଧ୍ୟକୁ ପ୍ରବେଶ କରି ତାକୁ ଅଚଳ କରିପକାଏ । ଜଣେ ଯଦି ଏସବୁ କେଉଁଠୁ ଆସୁଛି ଜାଣି ନଥାଏ ତେବେ ନିରୁପାୟ ହୋଇ ପୃଷ୍ଠା ଲେଉଟାଇବା କିଂବା ଶୋଇପଡ଼ିବା ଛଡ଼ା ଅନ୍ୟ ଉପାୟ ପାଏ ନାହିଁ । କିନ୍ତୁ ଯଦି ନିୟମିତରୂପେ ଶାରୀରିକ ଓ ପ୍ରାଣିକ ମନର ଖବର ବୁଝାଯାଇଥାଏ ତେବେ ପାଠ ପଢ଼ିବା ସମୟରେ ସେମାନେ ଶାନ୍ତ ରହନ୍ତି । ମାନସିକ ମନ ସହଜରେ ପାଠକୁ ଗ୍ରହଣ କରିପାରେ । ସବୁକଥା ସୁନ୍ଦରଭାବେ ମନେ ରହେ । ଅନ୍ୟାନ୍ୟ ମନକଥା ଏଠାରେ ଆଲୋଚନା କରାଗଲା ନାହିଁ ।

ଶେଷରେ ଆମେ ନ ଜାଣିଥିବା ଯେକୌଣସି ନୂଆକାମ କରିବାକୁ

ଗଲେ ଆମ ଭିତରେ ଗୋଟିଏ ପ୍ରକୃତି ରହିଛି, ସେ ବାଧାଦିଏ । ଯେଉଁମାନେ ଏ ବାଧା ମାନି ଅଟକିଯା'ନ୍ତି ସେମାନେ ଆଉ ବିକାଶ କରିପାରନ୍ତି ନାହିଁ । କିନ୍ତୁ ଯେଉଁମାନେ ଏ ବାଧାକୁ ନ ମାନି ଦୁଃଖକଷ୍ଟର ସମ୍ମୁଖୀନ ହୋଇ ଆଗେଇ ଚାଲନ୍ତି ସେମାନେ ଜୀବନରେ ବିକାଶ କରନ୍ତି । ସେହିପରି ବର୍ତ୍ତମାନର ଶିକ୍ଷାପଦ୍ଧତିରେ ଅନେକ ତ୍ରୁଟି ରହିଛି ଯାହାକି ପାଠରେ ମନ ନଲାଗିବା ଲାଗି ସାହାଯ୍ୟ କରେ । ତା'ଛଡ଼ା ଆମ ଭିତରେ ଗୋଟିଏ ସ୍ୱାଭାବିକ ପ୍ରକୃତି ଅଛି ଯିଏ ଅଜଣାକୁ ଜାଣିବା ଲାଗି କିଂବା ଆଗକୁ ଯିବା ଲାଗି ସାମାନ୍ୟ ଦୁଃଖକଷ୍ଟ ସହିବାକୁ ଚାହେଁ ନାହିଁ । ଏସବୁ ସତ୍ତ୍ୱେ ଆମେ ଯଦି ଦୃଢ଼ ସଂକଳ୍ପ କରୁ ଯେ ଆମେ ନିଶ୍ଚୟ ଭଲ ପଢ଼ିବୁ କାରଣ ପାଠପଢ଼ାଟା ଆମ ପୂର୍ଣ୍ଣାଙ୍ଗ ବିକାଶର ଗୋଟିଏ ଅଙ୍ଗ ଓ ଏହାକୁ ଛାଡ଼ି ଆମର ବିକାଶ ଅପୂର୍ଣ୍ଣ ରହିଯିବ, ତେବେ ସବୁକିଛି ସହଜ ହୋଇଯିବ । କାରଣ ଦୃଢ଼ ସଂକଳ୍ପ-ଶକ୍ତି ଯେକୌଣସି ଅସମ୍ଭବକୁ ସମ୍ଭବ କରିପାରେ । ଗ୍ରୀସ୍ ଦେଶର ଏକ ବାସ୍ତବ ଘଟନା ଶୁଣିଲେ ଏକଥା ଆମେ ସ୍ପଷ୍ଟରୂପେ ବୁଝିପାରିବା ।

ଥରେ ପାରସ୍ୟର ରାଜା ଡେରାୟସ୍ ଏକ ବିଶାଳ ସୈନ୍ୟବାହିନୀ ନେଇ ଗ୍ରୀସ୍ ଆକ୍ରମଣ କଲେ । ଗ୍ରୀସ୍‌ର ରାଜା ମିଲ୍‌ଟିଆଡ଼ିସ୍ ମାତ୍ର ଦଶହଜାର ସୈନ୍ୟ ନେଇ ସେମାନଙ୍କୁ ବାଧା ଦେବାକୁ ଗଲେ । ପ୍ରସିଦ୍ଧ ମାରାଥନ୍ ଯୁଦ୍ଧ କ୍ଷେତ୍ରରେ ପ୍ରବଳ ଯୁଦ୍ଧ ଲାଗିଲା । ଗ୍ରୀସ୍ ଦେଶର ଏଥେନ୍‌ସ ସହରର ପଞ୍ଚାୟତ ଉଦ୍‌ବିଗ୍ନ ଚିତ୍ତରେ ଯୁଦ୍ଧର ଫଳାଫଳ ପାଇଁ ଅପେକ୍ଷା କରି ରହିଲେ । ସେମାନେ ସବୁବେଳେ ଭାବୁଥା'ନ୍ତି, ସତେ କ'ଣ ସେମାନଙ୍କ ପ୍ରିୟ ଏଥେନ୍‌ସ ସହର ଶତ୍ରୁ ଓ ସୈନ୍ୟମାନଙ୍କ ଦ୍ୱାରା ଧ୍ୱସ୍ତ ବିଧ୍ୱସ୍ତ ହୋଇଯିବ ?

କିନ୍ତୁ ଅପୂର୍ବ ବିକ୍ରମରେ ମିଲ୍‌ଟିଆଡ଼ିସ୍ ପାରିସ୍ୟର ବାହିନୀକୁ ପରାସ୍ତ କଲେ । ସଙ୍ଗେ ସଙ୍ଗେ ସେ ଫିଡ଼ିପ୍‌ପିଡ଼ିସ୍ ନାମକ ତାଙ୍କର ଜଣେ ସୈନ୍ୟକୁ ଆଦେଶ ଦେଲେ ଏହି ବିଜୟବାର୍ତ୍ତା ଶୀଘ୍ର ଏଥେନ୍‌ସରେ ପହଞ୍ଚାଇ ଦେବାକୁ । ସାରାଦିନର ପ୍ରଚଣ୍ଡ ଯୁଦ୍ଧରେ କ୍ଲାନ୍ତ ଓ କ୍ଷତବିକ୍ଷତ ଫିଡ଼ିପ୍‌ପିଡ଼ିସ୍ ପଦେ

କଥା ବି ନ କହି ତାଙ୍କର ଓଜନିଆ ଢାଲ ଓ ବର୍ମ ଖୋଲିଦେଲେ ଓ ଏଥେନ୍‌ସ ଅଭିମୁଖେ ଦୌଡ଼ିବାକୁ ଲାଗିଲେ । ମାରଥନ୍‌ଠାରୁ ଏଥେନ୍‌ସ ଥିଲା ୨୬ ମାଇଲ ଦୂର । କିପରି ଭାବରେ ଯେ ସେ ଏଇ ମୁମୂର୍ଷୁ ଅବସ୍ଥାରେ ଏତେ ଅଳ୍ପ ସମୟ ମଧ୍ୟରେ ଏତେ ଦୂର ପାର୍ବତ୍ୟ ପଥ ଅତିକ୍ରମ କଲେ ତାହା ଆମେ କଳ୍ପନା କରିପାରିବା ନାହିଁ । କିନ୍ତୁ ମୃତ୍ୟୁର କ୍ଲାନ୍ତିହାରୀ ଆଲିଙ୍ଗନରେ ଢ଼ଳିପଡ଼ିବା ପୂର୍ବରୁ ସେ ଏଥେନ୍‌ସର ଆକ୍ରୋପଲିସ୍‌ରେ ସୁସମ୍ବାଦ ପହଞ୍ଚାଇ ଦେଲେ, ''ଆମ୍ଭେମାନେ ବିଜୟୀ, ଆନନ୍ଦ କର ।'' ଏହି ପ୍ରସିଦ୍ଧ ବୀରଙ୍କର ସ୍ମୃତିକୁ ଚିରଦିନ ଲାଗି ଜାଗ୍ରତ ରଖିବା ନିମନ୍ତେ ଅଲିମ୍ପିକ କ୍ରୀଡ଼ାରେ ମାରାଥନ୍ ଦୌଡ଼ ଏକ ପ୍ରସିଦ୍ଧ ପ୍ରତିଯୋଗିତାରୂପେ ବିବେଚିତ ହୁଏ ।

ଏଠାରେ ଫିଡ଼ିପ୍‌ପିଡ଼ିସଙ୍କୁ ଏପରି ଦୁର୍ବଳ ଓ କ୍ଲାନ୍ତ ଅବସ୍ଥାରେ କିଏ ଆଣି ୨୬ ମାଇଲ ଦୂର ଏଥେନ୍‌ସ ସହରରେ ପହଞ୍ଚାଇ ପାରିଥିଲା ? ଏହା ହୋଇପାରିଲା କେବଳ ତାଙ୍କର ସଂକଳ୍ପ-ଶକ୍ତି ଯୋଗୁ । ଦୌଡ଼ିବା ପୂର୍ବରୁ ସେ ସଂକଳ୍ପ କରିନେଲେ ଯେ ଯେକୌଣସିମତେ ଏଥେନ୍‌ସରେ ତାଙ୍କୁ ସମ୍ବାଦ ଦେବାକୁ ହେବ । ସେଇଥିଯୋଗୁ ସକଳ ବାଧାବିଘ୍ନ ସତ୍ତ୍ୱେ ପଥ ମଧ୍ୟରେ ତାଙ୍କର ପ୍ରାଣବାୟୁ ଉଡ଼ି ନଯାଇ ଏଥେନ୍‌ସରେ ପହଞ୍ଚିବା ପର୍ଯ୍ୟନ୍ତ ରହିଥିଲା ।

ସେହିପରି ମନଦେଇ ପଢ଼ିବା ଲାଗି ଆମେ ଯଦି ଦୃଢ଼ ସଂକଳ୍ପ କରୁ ତେବେ ସବୁକିଛି ଆପେ ଆପେ ସଜାଡ଼ି ହୋଇ ଆମଲାଗି ଏକ ଅନୁକୂଳ ପରିବେଶ ସୃଷ୍ଟି କରିବ । ସେତେବେଳେ ପାଠ ପ୍ରତି, ଶିକ୍ଷକମାନଙ୍କ ପ୍ରତି କିଂବା ପରୀକ୍ଷା ପ୍ରତି ଭୟ ତ ରହିବ ନାହିଁ, ବରଂ ପଢ଼ାରୁ ଯେଉଁ ଆନନ୍ଦ ମିଳିବ ତାହା ଅଧିକରୁ ଅଧିକ ପଢ଼ିବା ଲାଗି ପ୍ରେରଣା ଓ ଉତ୍ସାହ ଯୋଗାଇବ ।

# ଛାତ୍ର ବିଶୃଙ୍ଖଳା

ଖବରକାଗଜର ପୃଷ୍ଠା ଓଲଟାଇଲେ ସେଥିରୁ ଅଧିକାଂଶ ସମ୍ବାଦ ଛାତ୍ର-ବିଶୃଙ୍ଖଳାରେ ପୂର୍ଣ୍ଣ ହୋଇଥିବାର ଦେଖିବାକୁ ମିଳେ । ସାରା ଓଡ଼ିଶା, ଭାରତ ତଥା ପୃଥିବୀରେ ଅଶାନ୍ତି ଓ ବିକ୍ଷୋଭର ଏକ ସ୍ରୋତ ଛୁଟିଛି । ସେହି ସ୍ରୋତମୁହଁକୁ ଆଲୋକଲୋଭୀ ପତଙ୍ଗ ଭଳି ଠେଲି ହୋଇଯାଉଛନ୍ତି ବିକାଶୋନ୍ମୁଖ କଳିକା ସଦୃଶ ଭାବୀ ବଂଶଧର ଦେଶର ଛାତ୍ରସମାଜ । ଶିକ୍ଷା-ସଂସ୍କାର, ସମାଜ-ସଂସ୍କାର ତଥା ଶାସନ-ସଂସ୍କାରର ଦୁହା ଉଠାଇ ନିଜେ ଯେ ଏକ ଅନ୍ଧକାର ଗହ୍ୱରକୁ ଭାସିଯାଉଛନ୍ତି ଏକଥା ଅଧିକାଂଶ ତରୁଣ ଛାତ୍ର ହୃଦୟଙ୍ଗମ କରିପାରୁ ନାହାନ୍ତି କିଂବା ସେମାନଙ୍କୁ ହୃଦୟଙ୍ଗମ ଲାଗି ସୁଯୋଗ ବି କେହି ଦେଉ ନାହାନ୍ତି । ଯେଉଁମାନେ କି ଦେଇପାରନ୍ତେ— ସେମାନଙ୍କର ଶିକ୍ଷାଗୁରୁ— ସେମାନେ ବି ସେହି ସ୍ରୋତର କବଳରୁ ବାଦ୍ ଯାଇ ନାହାନ୍ତି ।

ଯଥାର୍ଥରେ ଏ ଗୋଟିଏ ସୁଅ, ଏକ ଶକ୍ତିର ସୁଅ । ନୂତନର ଆଗମନୀକୁ ଧୀର ଶାନ୍ତ ଭାବରେ ସ୍ୱାଗତ ଜଣାଇବା ପରିବର୍ତ୍ତେ ତା' ବିରୋଧରେ ପୁରାତନ ଶକ୍ତିରାଜିର ସଂଘର୍ଷ କରିବାର ବ୍ୟର୍ଥ ପ୍ରୟାସର ଏହା ଏକ ପରିଣତି ମାତ୍ର । ସାଧାରଣତଃ ଯେକୌଣସି କାର୍ଯ୍ୟ କରିବା ପୂର୍ବରୁ ଦୁଇଟି ଉତ୍ସରୁ ପ୍ରେରଣା ଆସିଥାଏ । ଗୋଟିଏ ନିମ୍ନ ଚେତନାରୁ ଓ ଅନ୍ୟଟି ଉଚ୍ଚତର ଚେତନାରୁ । ପ୍ରଥମ ପ୍ରେରଣା ବିକାଶ ନାମରେ ବ୍ୟକ୍ତିକୁ ଭୁଲାଇ ଧ୍ୱଂସମାର୍ଗରେ ନେଇଯାଏ । ଅନ୍ୟଟି ଯଥାର୍ଥରେ ବ୍ୟକ୍ତି କେଉଁ ମାର୍ଗରେ ଗଲେ ତା'ର ବିକାଶ ହୋଇପାରିବ, ତାହାର ପ୍ରେରଣା ଦିଏ । ଯେକୌଣସି ଶକ୍ତି ତଥା ପ୍ରେରଣା ତରୁଣ ଛାତ୍ର ଓ ଯୁବକମାନଙ୍କ ମଧ୍ୟରେ ବେଶି ପରିମାଣରେ କ୍ରିୟାଶୀଳ ହୋଇଥାଏ । କାରଣ ଗ୍ରହଣ କରିବାର ଓ ପ୍ରକାଶ

କରିବାର କ୍ଷମତା ସେମାନଙ୍କର ପ୍ରଚୁର ଥାଏ । ସେମାନଙ୍କ ମନ-ପ୍ରାଣ-ଶରୀର ବୟସ୍କ ଲୋକମାନଙ୍କ ଅପେକ୍ଷା ଅଧିକ ନମନୀୟ । ସେଥିଲାଗି ଯେଉଁ ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡ଼େ ଓ ଯେଉଁ ପ୍ରକାର ପ୍ରେରଣା ସେମାନେ ପାଆନ୍ତି, ତାହା ପ୍ରବଳ ବେଗରେ ସେମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହୁଏ । ଭଲ ପ୍ରେରଣା ପାଇଲେ ସେମାନେ ଭଲ ଦିଗରେ ଖୁବ୍ ଶୀଘ୍ର ଅଗ୍ରସର ହୋଇଥାଆନ୍ତି । ଖରାପ ପ୍ରେରଣା ପାଇଲେ ଭୀଷଣଭାବରେ ସେ ଦିଗରେ ମଧ୍ୟ ମାଡ଼ି ଯାଇଥା'ନ୍ତି ।

ଦୁଃଖର କଥା, ଅଧିକାଂଶଙ୍କ କ୍ଷେତ୍ରରେ ଉଚ୍ଚତର ଚେତନାରୁ ପ୍ରେରଣା ପାଇବା କଷ୍ଟକର । ଯାହା ସେମାନେ ପାଉଥା'ନ୍ତି ତାହା ନିମ୍ନ ଚେତନାରୁ । ଖୁବ୍ କମ୍ ଛାତ୍ର ତଥା ଯୁବକ ଉଚ୍ଚତର ଚେତନାରୁ ପ୍ରେରଣା ପାଇଥା'ନ୍ତି, ଯେଉଁମାନେ କି ସଚେତନ ଭାବରେ ଏକ ଉଚ୍ଚତର ଶକ୍ତିର ଆଶ୍ରୟ ନେଇଥା'ନ୍ତି । ସେମାନେ ଭଗବାନଙ୍କ କୃପାରୁ ବୁଝିପାରନ୍ତି କ'ଣ ଭଲ, କ'ଣ ମନ୍ଦ, କ'ଣ କଲେ ସେମାନଙ୍କର ତଥା ଦେଶର ଉନ୍ନତି ହେବ ଓ କ'ଣ କଲେ ସେମାନଙ୍କର ଅଧଃପତନ ହେବା ସଙ୍ଗେ ସଙ୍ଗେ ଦେଶର ମଧ୍ୟ କ୍ଷତି ଘଟିବ । ଅଳ୍ପହେଉ ବା ବେଶି ହେଉ ସେମାନେ ଯଥାର୍ଥ ଜ୍ଞାନର ଆଲୋକ ପାଇଥା'ନ୍ତି । ତାହା ସେମାନଙ୍କୁ ଭଲମନ୍ଦ ସଂପର୍କରେ ସଚେତନ କରିଦିଏ । ସେମାନେ ନିମ୍ନ ଚେତନାର ଗଡ଼୍ଡାଳିକା ପ୍ରବାହରେ ଭାସିଯାଇ ନିଜକୁ ଅସହାୟଭାବେ ଏକ ଅଜଣା ପରିଣାମ ହାତରେ ଛାଡ଼ିଦିଅନ୍ତି ନାହିଁ । ବାସ୍ତବରେ ସେମାନେ ବୀର । କାରଣ ନିମ୍ନ ପ୍ରକୃତିର ଉତ୍ତାଳ ତରଙ୍ଗରେ ଭାସି ନଯାଇ କିଂବା ତା'ର ପ୍ରତିବାଦ ନକରି ଦୃଢ଼ସମର୍ଥଭାବେ ସେମାନେ ନିଜର ସ୍ଥିତି ବଜାୟ ରଖିପାରନ୍ତି; କିନ୍ତୁ ଯେଉଁମାନେ ଅସହାୟଭାବେ ନିମ୍ନ ଶକ୍ତିର ତାଡ଼ନାରେ ନିଜକୁ ଛାଡ଼ିଦିଅନ୍ତି ସେମାନେ ତାହା ନୁହନ୍ତି । ସେମାନେ ମନେ ମନେ ଅବଶ୍ୟ ନିଜକୁ ବୀର, ଲଢୁଆ ଓ ବିପ୍ଳବୀ ବୋଲି ଭାବନ୍ତି । କିନ୍ତୁ ତାଙ୍କର ବୀରପଣିଆ ସାମୟିକ ଉତ୍ତେଜନାପୂର୍ଣ୍ଣ ଆନ୍ଦୋଳନ ପରେ

ଖସିପଡ଼େ । କାରଣ ସେମାନଙ୍କ ଅଜାଣତରେ ଯେଉଁ ଶକ୍ତିର ଚାଳନାରେ ସେମାନେ ଚାଳିତ ହେଉଥା'ନ୍ତି, ସେହି ଶକ୍ତିର ଲକ୍ଷ୍ୟ ସେମାନଙ୍କର ବିକାଶ ଘଟାଇବା ନୁହେଁ, ବରଂ ସେମାନଙ୍କୁ ଅଧିକରୁ ଅଧିକତର ଦୁର୍ବଳ କରି ନିଜର ଯନ୍ତ୍ରରେ ପରିଣତ କରିବା । ରକ୍ତଲୋଲୁପ ପିଶାଚ ଭଳି ଏମାନେ ବ୍ୟକ୍ତି ମଧ୍ୟରୁ ସମସ୍ତ ସାର ଶୋଷଣ କରି ତାକୁ ଅନ୍ତଃସାରଶୂନ୍ୟ କରିପକାନ୍ତି । କିନ୍ତୁ ବିଚରା ସେ ଶକ୍ତି କବଳରେ ଥିବା ପର୍ଯ୍ୟନ୍ତ ତାହା ଜାଣିପାରେ ନାହିଁ କିଂବା କେହି ବୁଝାଇଲେ ତାହା ଶୁଣେ ନାହିଁ । ମଦ, ଗଞ୍ଜେଇ କିଂବା ଅଫିମ ଖାଇସାରି ନିଶାରେ ଭୋଳ ଥିବା ବ୍ୟକ୍ତି କ'ଣ କେବେ ନିଜର କାର୍ଯ୍ୟକଳାପର ଭଲମନ୍ଦ ସମ୍ବନ୍ଧରେ ଜାଣିପାରେ ? ନିଶା ଯେତେବେଳେ ଖସେ, ପୂର୍ବାପେକ୍ଷା କେତେ ଦୁର୍ବଳ ସେ ଅନୁଭବ ନ କରେ ! କେତେ ଅନୁତାପ ମଧ ନ କରେ ! କିନ୍ତୁ ହାୟ ! ନିମ୍ନ ପ୍ରକୃତିର ତାଡ଼ନା ଯେତେବେଳେ ଆସେ ପୁଣି ସେସବୁକୁ ଗ୍ରହଣ କରିବାକୁ ସେ ବାଧ୍ୟ ହୁଏ ।

ଠିକ୍ ସେହିପରି ଅବସ୍ଥା ଆମର ଛାତ୍ର ଓ ଯୁବକଗୋଷ୍ଠୀ ମଧ୍ୟରେ ଘଟିଛି । କେବଳ ଆମରି ଦେଶରେ ନୁହେଁ, ସମଗ୍ର ପୃଥିବୀରେ ଅଳ୍ପବହୁତ ଏହା ପରିଲକ୍ଷିତ ହେଉଛି । ଗୋଟିଏ ବିକ୍ଷୋଭ ଓ ବିଶୃଙ୍ଖଳାର ପ୍ରବାହ ଛୁଟିଛି । ସେମାନେ ତାହାର ଶିକାର ହେଉଛନ୍ତି । ସମସ୍ତେ ଯେ ଏହି ପ୍ରବାହରେ ନିଜକୁ ଅସହାୟଭାବେ ଛାଡ଼ି ଦେଇଛନ୍ତି ତା' ନୁହେଁ । ଯେଉଁମାନେ ଏଥିରେ ଯୋଗ ଦେଉ ନାହାନ୍ତି ସେମାନଙ୍କ ମଧ୍ୟରେ ଦୁଇ ଶ୍ରେଣୀର ବ୍ୟକ୍ତି ଅଛନ୍ତି । ଦଳେ ଭଲ କ'ଣ ମନ୍ଦ କ'ଣ ବୁଝି ନପାରି, 'କାଦୁଅରେ ପଶୁଛି କିଏ, ଗୋଡ଼ ଧୋଉଛି କିଏ ?' ନୀତି ଅନୁସାରେ ଚୁପ୍‌ଚାପ୍ ରହନ୍ତି । ଆଉ କେତେକ ଏଥିରେ ଯୋଗ ଦେବାଲାଗି ପ୍ରବଳ ତାଡ଼ନା ପାଇଲେ ସୁଦ୍ଧା ନିଜ ଅନ୍ତରର ଉନ୍ନତ ଚେତନା ବଳରେ ଏହାର ପରିଣାମ ଉପଲବ୍ଧି କରିପାରନ୍ତି ଓ ଏଥିରୁ ସଚେତନ ଭାବରେ ଦୂରେଇ ରହନ୍ତି । ନିକଟରେ ଘଟିଯାଇଥିବା ଛାତ୍ର-ଶିକ୍ଷକ-ବିଶୃଙ୍ଖଳା ସମୟରେ ଏହି ଶେଷୋକ୍ତ ଶ୍ରେଣୀର ଛାତ୍ରଙ୍କଠାରୁ

ଆସିଥିବା କେତେକ ଚିଠି ମଧ୍ୟରୁ ଗୋଟିକର ଅବିକଳ ନକଲ ତଳେ ଦିଆଗଲା । ଚିଠିରେ ସେ ଲେଖିଛନ୍ତି–

"...ଆପଣ ନିଶ୍ଚୟ ବର୍ତ୍ତମାନର ଛାତ୍ର ଗଣ୍ଡଗୋଳ ବିଷୟ ଜାଣିଥିବେ । ସେଥିପାଇଁ ଆମ କଲେଜ ବନ୍ଦ । ପଢ଼ାପଢ଼ିରେ କ୍ଷତି ଘଟିଲାଣି । ଆଗକୁ କ'ଣ ହେବ କିଛି ସ୍ଥିରତା ନାହିଁ । ସେଥିପାଇଁ କ'ଣ କରିବୁ କିଛି ସ୍ଥିର କରିପାରୁନୁ । 'କ' ପ୍ରାୟ ୧୦-୧୨ ଦିନ ହେବ ଘରକୁ ଚାଲିଆସିଲାଣି । ତାଙ୍କ କଲେଜ ୧୫ ତାରିଖରେ ଖୋଲିବ । ବର୍ତ୍ତମାନ ଏ ପ୍ରକାର ପରିସ୍ଥିତିରେ କ'ଣ କରିବୁ କିଛି ଠିକ୍ କରିପାରୁନୁ । କଲେଜକୁ ଗଲେ ପିଲାମାନେ କ୍ଲାସ୍‌କୁ ନ ଯାଇ ବିକ୍ଷୋଭ କରିବାକୁ ମତାଉଛନ୍ତି ଏବଂ ଯଦି କ୍ଲାସ୍‌କୁ ଯାଉଛି ଜବରଦସ୍ତ ଘୋଷାରି ଆଣୁଛନ୍ତି । ସେମାନଙ୍କ କଥାନୁଯାୟୀ ନ ଯିବାରୁ ବଡ଼ ଅସୁବିଧା ହେଉଛି । ଏହି ପ୍ରକାର ପରିସ୍ଥିତିରେ ଆମେ ଅଛୁ । ଏ ପ୍ରକାର ବିଶୃଙ୍ଖଳା ଯେ କେତେଦିନ ଏହି ପୃଥିବୀପୃଷ୍ଠରେ ଚାଲିବ ତାହା ଜାଣିହେଉନି । ଆମ୍ଭେମାନେ ଚେଷ୍ଟା କରୁଛୁ ଏ ପ୍ରକାର ବିଶୃଙ୍ଖଳାରୁ ମୁକ୍ତ ରହିବାକୁ ।"

ଅନ୍ୟ ଏକ ପତ୍ରରେ ଓଡ଼ିଶାର ଗୋଟିଏ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ତଥା କର୍ତ୍ତୃପକ୍ଷ ବିଶୃଙ୍ଖଳାରେ ବିବ୍ରତ ହୋଇ ନିଜ ନିଜର ଦସ୍ତଖତ ସହ ମା'ଙ୍କ ପାଖକୁ ଯେଉଁ ପ୍ରାର୍ଥନା ପଠାଇଥିଲେ କେବଳ ସ୍କୁଲ ନାମଟି ଓ ସେମାନଙ୍କ ବ୍ୟକ୍ତିଗତ ନାମ ବାଦ୍ ଦେଇ ତାହା ନିମ୍ନରେ ଦିଆଗଲା–

ପରମ ପୂଜନୀୟ ଜନନୀ !

ଏହି ଓଡ଼ିଶା ରାଜ୍ୟରେ ପୋଲିସ୍ ଓ ଛାତ୍ର ସଂଘର୍ଷରୂପକ ଏକ ଆସୁରିକ ତାଣ୍ଡବଲୀଳା ଘଟି ଜଣେ ନିହତ ଓ ବହୁବ୍ୟକ୍ତି ଆହତ ହୋଇଥିବାରୁ ଏକ ଦୁଃଖଦାୟକ ପରିସ୍ଥିତିର ସୃଷ୍ଟି ହୋଇଛି ।

ଆମ୍ଭେମାନେ ଏହି ଶିକ୍ଷାସଦନର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଉଦ୍ୟୋକ୍ତାବୃନ୍ଦ ଆପଣଙ୍କ ପାଦପଦ୍ମରେ ପ୍ରଣତିପୂର୍ବକ ଅଦ୍ୟ ଦିନର ପାଠଚକ୍ର ସମାପନାନ୍ତେ ଦୁଇ ମିନିଟ୍ ନୀରବ ଧ୍ୟାନ କରି ପ୍ରାର୍ଥନା କରୁ କି, ଏହି

ଆସୁରିକ କାଣ୍ଡର ଅବସାନ ଲଭି, ଆପଣଙ୍କର ଶୁଭ ଆଶୀର୍ବାଦ ଗ୍ରହଣପୂର୍ବକ ସେହି ଅନୁସାରେ ଜୀବନ ନିର୍ବାହ କରିବାକୁ ଯେପରି ସକ୍ଷମ ହୋଇଉଠୁ ।

(ଇତି)

ଆପଣଙ୍କର ସ୍ନେହର

x x x

ଏ ଚିଠି ଦୁଇଟିରୁ ଜଣାପଡ଼େ, କେତେକଙ୍କର ଅନିଚ୍ଛାସତ୍ତ୍ୱେ ଏକ ସ୍ରୋତର ତାଡ଼ନା ସେମାନଙ୍କୁ ଜବରଦସ୍ତ ଭସାଇନେଇ ବିଶୃଙ୍ଖଳାର ଭଉଁରିରେ ପକାଇ ତଳକୁ ଚାପିଦେବାକୁ ଚେଷ୍ଟା କରୁଛି । ସେମାନେ ଅନ୍ତରର ପ୍ରାର୍ଥନା ସହ ନୀରବଦ୍ରଷ୍ଟା ହୋଇ ରହୁଛନ୍ତି କିଂବା ବାଧ ହୋଇ ସେଥିରେ ବେଳେବେଳେ ଯୋଗ ଦେଉଛନ୍ତି । ଆଜି ସେମାନଙ୍କ ସଂଖ୍ୟା କମ୍ ଥିବାରୁ ସେମାନଙ୍କର ଇଚ୍ଛା ଓ ପ୍ରାର୍ଥନା ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଇପାରୁ ନାହିଁ । କିନ୍ତୁ ଏ ସମୟ ସବୁଦିନେ ରହିବ ନାହିଁ । ଦେଶରେ ବର୍ତ୍ତମାନ ଏଇ ବିଶୃଙ୍ଖଳାର ଅନ୍ତରାଳରେ ଯେଉଁ ଶାନ୍ତ ଶୀତଳ ଆଧ୍ୟାତ୍ମିକ ସ୍ରୋତ ପ୍ରବାହିତ ହେଉଛି ତାହା ସବୁରି ଅଲକ୍ଷ୍ୟରେ ଗଢ଼ିଚାଲିଛି ଭବିଷ୍ୟତର ଯୋଗ୍ୟ ବଂଶଧରମାନଙ୍କୁ । ଗୋଟିଏ ଆଡ଼େ ଭଙ୍ଗାତୁଟା, ବିକ୍ଷୋଭ, ବିଶୃଙ୍ଖଳା ଚାଲିଛି ତ ଅନ୍ୟଆଡ଼େ ନବ ସୃଷ୍ଟିର ସୁଦୃଢ଼ ଭିତ୍ତି ଗଢ଼ି ଉଠୁଛି । ଯେତେବେଳେ ଏଇ ଯଥାର୍ଥ ପ୍ରଗତିକାମୀ, ଆତ୍ମସଚେତନ ଛାତ୍ର, ଯୁବକ ତଥା ଶିକ୍ଷକମାନଙ୍କର ସଂଖ୍ୟା ବୃଦ୍ଧିପାଇବ, ସ୍ୱତଃ ସେମାନଙ୍କର ପ୍ରଭାବ ଓ ଅନ୍ତରର ପ୍ରାର୍ଥନା ସୃଷ୍ଟି କରିବ ଏକ ବାତାବରଣ ଯେଉଁ ବାତାବରଣ କି ବର୍ତ୍ତମାନଠାରୁ ଶହେଗୁଣ ପ୍ରବଳ ବିଶୃଙ୍ଖଳାର ସ୍ରୋତ ସମ୍ମୁଖରେ ସ୍ଥିର ଅଚଞ୍ଚଳ ହୋଇ ଦଣ୍ଡାୟମାନ ହୋଇପାରିବ ।

ଏହି ବାତାବରଣଟି ବାହାରେ ସୃଷ୍ଟି ହେବା ପୂର୍ବରୁ ପ୍ରତ୍ୟେକ ଛାତ୍ର, ଯୁବକ ତଥା ଶିକ୍ଷକମାନଙ୍କର ଅନ୍ତରରେ ପ୍ରତିଷ୍ଠିତ ହେବ । ଏହିପରି ଏକ

ଶାନ୍ତ ସଂଯତ ନିରବଚ୍ଛିନ୍ନ ପ୍ରଗତିର ବାତାବରଣ ଅନ୍ତରରେ ପ୍ରତିଷ୍ଠା କରିବାକୁ ହେଲେ ଆମକୁ କେତେକ ସାଧାରଣ କଥା ପ୍ରତି ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । କାରଣ, ପ୍ରଚଳିତ ଧାରାଠାରୁ ଅନ୍ୟ କିଛି ନୂତନତର ସମ୍ଭାବନାକୁ ଯେଉଁମାନେ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରନ୍ତି ସେମାନଙ୍କୁ ଅଗ୍ରଦୂତ ହିସାବରେ ଅନେକ ଦୁଃଖକଷ୍ଟ ବାଧାବିଘ୍ନ ଭିତର ଦେଇ ଯିବାକୁ ହୋଇଥାଏ; କିନ୍ତୁ ଏ ଦୁଃଖକଷ୍ଟ, ବାଧାବିଘ୍ନରେ ପତନ ନହୋଇ ବିକାଶ ହେଉଥିବାରୁ ଏହା ପରମ ଆନନ୍ଦଦାୟକ ହୋଇଥାଏ ।

ସର୍ବପ୍ରଥମେ ଆମେ ସ୍ଥିର କରିନେବା ଆମର ଲକ୍ଷ୍ୟ କ'ଣ ? ଏଇଟି ନଥିଲେ ସଂସାରରେ କୌଣସି କର୍ମ ସୁଚାରୁରୂପେ କରିହୁଏ ନାହିଁ । ଜୀବନ ବି ଦୁର୍ବିଷହ ବୋଧହୁଏ । ସେଇଥିଲାଗି ମା' କହିଛନ୍ତି, ''ଲକ୍ଷ୍ୟହୀନ ଜୀବନ ଏକ ନିରାନନ୍ଦମୟ ଜୀବନ ।'' ତେବେ ଏହି ଲକ୍ଷ୍ୟ ଆମର କ'ଣ ହେବା ଉଚିତ ? ଆମେ ତ ଆମର ଉତ୍ପତ୍ତି, ଆମର ସ୍ଥିତି ଓ ଆମର ପରିଣତି ସମ୍ବନ୍ଧରେ ଅଜ୍ଞ । ତେଣୁ ଯଥାର୍ଥ ଲକ୍ଷ୍ୟ କ'ଣ ତା' ତ ଆମେ ହଠାତ୍ ଜାଣିପାରିବୁ ନାହିଁ । ତେବେ ଚିନ୍ତା କଲେ ଏତିକି ଆମେ ଜାଣିବୁ ଯେ, ଯେଉଁ ଦିଗରେ ହେଉ ବିକାଶ ଆମର ଲକ୍ଷ୍ୟ । କିନ୍ତୁ କାହାର ବିକାଶ କରିବୁ ?– ଆମର । ଏହି ଆମେ କିଏ ? ଏହି ଯେଉଁ ସ୍ଥୂଳ ଶରୀର ବାହାରକୁ ଦେଖାଯାଉଛି, ସେହି ? ତା' ଯଦି ହୋଇଥା'ନ୍ତା, ତେବେ ଆମେ କେବଳ ପୁଷ୍ଟିକର ଖାଦ୍ୟ ଖାଇ ପରିଷ୍କାର-ପରିଚ୍ଛନ୍ନ ରହି, କୁସ୍ତି-କସରତ୍ ଓ ଶରୀରଚର୍ଚ୍ଚାରେ କେବଳ ଦିନ କଟାଇଦେଇ ପାରନ୍ତେ । କିନ୍ତୁ ସେତିକିରେ ତ ଆମେ ସନ୍ତୁଷ୍ଟ ହୋଇପାରୁ ନାହିଁ । ତେବେ ଏ ଦୃଶ୍ୟମାନ ଶରୀର ଛଡ଼ା ଆଉ କିଛି ଆମ ମଧ୍ୟରେ ଅଛି ।

ଏଇଠି ଆମର ସବୁ ଚିନ୍ତା ଗୋଳମାଳିଆ ହୋଇଯାଏ । ଏକ ନିବିଡ଼ ଅନ୍ଧକାର ଛଡ଼ା ଆମ ସମ୍ବନ୍ଧେ କିଛି ବି ଜାଣିପାରୁ ନାହୁଁ । ଯଦି ଜୀବନ ସମ୍ବନ୍ଧେ ଏତିକି ଆମର ଜିଜ୍ଞାସା ଥାଏ ତେବେ ଏଇଠି ଆମକୁ ହତାଶ

ହେବାକୁ ପଡ଼େ ନାହିଁ; ଆଉ ଏକ ସାହାଯ୍ୟ ଆମକୁ ଶିଶୁଭଳି ହାତ ଧରି ଟାଣି ଟାଣି ଭବିଷ୍ୟତର ଲକ୍ଷ୍ୟ ଦିଗରେ ନେଇଯିବା ଲାଗି ଆଗେଇ ଆସେ । ଯୁଗେ ଯୁଗେ ଏହି ସାହାଯ୍ୟ ଭିନ୍ନ ଭିନ୍ନ ଅବତାର ତଥା ମହାପୁରୁଷଙ୍କଠାରୁ ଆସିଥାଏ । ବର୍ତ୍ତମାନ ଏହି ସାହାଯ୍ୟର ଉତ୍ସ ହେଉଛନ୍ତି ମା’ ଓ ଶ୍ରୀଅରବିନ୍ଦ ।

ପ୍ରଥମେ ମା’ ଓ ଶ୍ରୀଅରବିନ୍ଦହିଁ ଆତ୍ମମାନଙ୍କର ସତ୍ତା ସମ୍ବନ୍ଧେ ଏକ ଯୁକ୍ତିସମ୍ମତ, ବିଜ୍ଞାନସମ୍ମତ ତଥା ଅଧ୍ୟାତ୍ମସମ୍ମତ ଧାରଣା ଦେଇ କହିଲେ ଯେ, ମନୁଷ୍ୟ ଚାରିଗୋଟି ବିକାଶଶୀଳ ସତ୍ତାକୁ ନେଇ ଗଠିତ । ସେସବୁ ହେଉଛନ୍ତି ତା’ର ଶରୀର, ପ୍ରାଣ, ମନ ଓ ଚୈତ୍ୟପୁରୁଷ । ଏସବୁ ସତ୍ତା ସମ୍ବନ୍ଧେ ଆମେ ଏହି କ୍ଷୁଦ୍ର ପ୍ରବନ୍ଧରେ ବିଶେଷ ଆଲୋଚନା କରିପାରିବା ନାହିଁ । ସେଥିଲାଗି ଅନେକ ପୁସ୍ତକ ରହିଛି । ଜିଜ୍ଞାସୁ ଛାତ୍ର ତଥା ଯୁବକମାନଙ୍କ ପକ୍ଷରେ ସେସବୁ ଅଧ୍ୟୟନ କରିବା କଷ୍ଟସାଧ ହେବ ନାହିଁ । ତେବେ ଏମାନଙ୍କ ସମ୍ବନ୍ଧେ ଏତିକି କୁହାଯାଇପାରେ ଯେ, ଶରୀରକୁ ଆମେ ଦେଖୁଛୁ ଓ ସ୍ପର୍ଶ କରିପାରୁଛୁ । ଏହି ଶରୀର ଭିତରେ ଯିଏ ଶକ୍ତି, ସାମର୍ଥ୍ୟ, ପ୍ରେରଣା, ଉତ୍ସାହ ଓ ଉଦ୍ଦୀପନା ଆଦି ଯୋଗାଉଛି ସେ ହେଉଛି ପ୍ରାଣ, ଯାହା ଅଭାବରେ ଶରୀର ଶବରେ ପରିଣତ ହୁଏ । ଏହାଛଡ଼ା ଆମ ଭିତରେ ଯେଉଁ ବୁଦ୍ଧିବୃତ୍ତି, ବିଚାରଶକ୍ତି, ଚିନ୍ତାଶକ୍ତି ଓ ସ୍ମରଣଶକ୍ତି ଆଦି ରହିଛି ସେସବୁ ହେଉଛି ଆମର ମନ । ଏସବୁର କେନ୍ଦ୍ରରେ ଆଉ ଏକ ସତ୍ତା ଆମ ଭିତରେ ବିଦ୍ୟମାନ । ତାଙ୍କୁ ଚୈତ୍ୟପୁରୁଷ ବା ଅନ୍ତରାତ୍ମା ଆଖ୍ୟା ଦିଆଯାଇଛି । ସେ ହେଉଛନ୍ତି ଶୁଦ୍ଧ, ଜ୍ୟୋତିର୍ମୟ, ଜ୍ଞାନମୟ, ଆନନ୍ଦମୟ ଭଗବାନଙ୍କର ଯଥାର୍ଥ ପ୍ରତିନିଧି । ସେ ଆମ ଭିତରେ ରହି ଶରୀର-ମନ-ପ୍ରାଣର ବିକାଶ ଘଟାଇ ସେମାନଙ୍କୁ ଭଗବତ୍ ଅଭିମୁଖୀ କରାନ୍ତି । ଶରୀର-ମନ-ପ୍ରାଣ ଅଜ୍ଞାନ ଅନ୍ଧକାରରେ ବୁଡ଼ି ରହିଛନ୍ତି । ସେମାନେ ଜାଣନ୍ତି ନାହିଁ କେଉଁ ମାର୍ଗରେ ଗଲେ ନିଜର ପୂର୍ଣ୍ଣାଙ୍ଗ ବିକାଶ ହେବ । ଯେତେବେଳେ ଚୈତ୍ୟପୁରୁଷଙ୍କର ସାହାଯ୍ୟ ତଥା ଆଲୋକ ପାଆନ୍ତି ସେତେବେଳେ ସେମାନେ ଯଥାର୍ଥ ବିକାଶର ମାର୍ଗ କ’ଣ

ଜାଣିପାରନ୍ତି । ଏହାଙ୍କର ସ୍ପଷ୍ଟଦର୍ଶନ ଓ ପ୍ରତ୍ୟକ୍ଷ ସାହାଯ୍ୟ ସମସ୍ତଙ୍କ ପକ୍ଷେ ହଠାତ୍ ସମ୍ଭବ ନୁହେଁ । କିନ୍ତୁ ବ୍ୟକ୍ତି ଯେବେ ଭଗବାନଙ୍କୁ ପ୍ରାର୍ଥନା କରେ ନିଜ ମଧ୍ୟସ୍ଥ ସତ୍ୟ କ'ଣ ଜାଣିବାକୁ ଓ ସେଇ ଅନୁସାରେ ପରିଚାଳିତ ହେବାକୁ, ତେବେ ପ୍ରଚ୍ଛନ୍ନ ଭାବରେ ତା' ନିଜ ମଧ୍ୟରୁ ପ୍ରେରଣା ସେ ପାଏ ଓ ଏ ଦିଗରେ ଆଗେଇବା ଲାଗି ଅନ୍ତର ଓ ବାହାର ଚାରିଆଡୁ ସାହାଯ୍ୟ ପାଇଥାଏ ।

ତେବେ ଆମେ ଜାଣିଲୁ ଯେ, ବିକାଶର ଅର୍ଥ ହେଉଛି ଆମ ଶରୀର, ମନ, ପ୍ରାଣ ଓ ଚୈତ୍ୟପୁରୁଷ– ଏହି ସମସ୍ତଙ୍କର ବିକାଶ । ଏହି ବିକାଶ ଯେତେବେଳେ ପୂର୍ଣ୍ଣାଙ୍ଗ ହେବ ସେତେବେଳେ ଆମେ ଏହି ସଂସାରରେ ରହି ମଧ୍ୟ ଆମର ମୂଳଉତ୍ସ ଭଗବାନଙ୍କର ସଚ୍ଚିଦାନନ୍ଦସ୍ୱରୂପ ସହ ସଂପୂର୍ଣ୍ଣରୂପେ ମିଳିତ ହୋଇପାରିବୁ । ଦୁଃଖ-କଷ୍ଟ, ରୋଗ, ଜରା ଓ ମୃତ୍ୟୁରୁ ମୁକ୍ତ ହୋଇ, ହେବୁ ପରମ ସୌନ୍ଦର୍ଯ୍ୟ, ପରମ ଶକ୍ତି, ପରମ ଜ୍ଞାନ, ପରମ ଆନନ୍ଦ ଓ ପରମ ଶାନ୍ତିର ଅଧିକାରୀ ।

ଯେଉଁମାନେ ଉଚ୍ଚତର ବିକାଶ ଚାହାଁନ୍ତି ସେମାନଙ୍କ ଏଇ ଲକ୍ଷ୍ୟକୁ ସାମନାରେ ରଖିବାକୁ ପଡ଼ିବ । ଆଉ ପାଠ ପଢ଼ିବା, ଚାକିରି କରିବା, ବ୍ୟବସାୟ କରିବା ଓ ସଂସାରର ଅନ୍ୟାନ୍ୟ କର୍ମ କରିବା ଆଦିକୁ ଏହି ଲକ୍ଷ୍ୟ ସାଧନର ଉପାୟରୂପେ ଗ୍ରହଣ କରିବାକୁ ହେବ । ଏଗୁଡ଼ିକ ଆମର ଲକ୍ଷ୍ୟ ନୁହନ୍ତି । କଟକରୁ କଲିକତା ଟ୍ରେନ୍‌ରେ ଗଲାବେଳେ କେବଳ ଟ୍ରେନ୍‌ରେ ବସିବା ଓ ବିଭିନ୍ନ ଷ୍ଟେସନରେ ଓହ୍ଲାଇ ଚା, ଜଳଖିଆ ଖାଇବା ଆମର ଲକ୍ଷ୍ୟ ନଥାଏ, କଲିକତାରେ ପହଞ୍ଚିବା ଲକ୍ଷ୍ୟଥାଏ । ଏହି ଲକ୍ଷ୍ୟରେ ପହଞ୍ଚିବାଲାଗି ଆମେ ଟ୍ରେନ୍‌ରେ ବସିଥାଉ ଓ ବାଟରେ ଚା' ଜଳଖିଆ ଖାଇବାକୁ ସାହାଯ୍ୟକାରୀ ଉପାୟରୂପେ ଗ୍ରହଣ କରିନେଇଥାଉ । ସେହିପରି ଆମ ଜୀବନର ଯଥାର୍ଥ ଲକ୍ଷ୍ୟ ଆମର ପୂର୍ଣ୍ଣାଙ୍ଗ ବିକାଶ, ଯାହା ଫଳରେ ଆମେ ଭଗବାନଙ୍କର ସ୍ୱରୂପକୁ ପ୍ରାପ୍ତ ହୋଇ ଦୁଃଖକଷ୍ଟ, ରୋଗ, ଜରା ଓ

ମୃତ୍ୟୁକୁ ଅତିକ୍ରମ କରି ପରମ ଆନନ୍ଦ ଓ ପରମ ଶାନ୍ତିରେ ଏଠାରେ ବାସ କରିପାରିବୁ । ଏହି ଲକ୍ଷ୍ୟ ସାଧନ ଲାଗି ପାଠ ପଢ଼ିବା ଓ ପଢ଼ାଇବାଠାରୁ ଆରମ୍ଭ କରି ସଂସାରର ଯାବତୀୟ କର୍ମ ଆମେ ଗ୍ରହଣ କରିପାରୁ । ଏସବୁ କର୍ମକୁ ଲକ୍ଷ୍ୟ ବା ଶେଷ କଥା ନଭାବି ଏହା କେଉଁ ଉଦ୍ଦେଶ୍ୟରେ କରାଯାଉଛି ସେ ସମ୍ବନ୍ଧେ ସଚେତନ ରହିଲେ ଆମର ଅନେକ ଉପକାର ହୁଏ ଓ ଆମେ ଯେକୌଣସି ଘଟନାକୁ ସବୁବେଳେ ବାହ୍ୟ ଦୃଷ୍ଟିରେ ବିଚାର ନକରି ଏକ ଗଭୀର ଅନ୍ତର୍ଦୃଷ୍ଟି ସହ ବିଚାର କରିବାକୁ ଶିଖୁ ।

ଦ୍ୱିତୀୟରେ, କୌଣସି ବିକ୍ଷୋଭ ଓ ବିଶୃଙ୍ଖଳାରେ ଯୋଗଦେବା ପୂର୍ବରୁ ବିଚାର କରିନେବାକୁ ହେବ ଯେ, ଏହା ନିଜର ଲକ୍ଷ୍ୟ ସାଧନ ପକ୍ଷରେ ସହାୟକ କି ନା । କୌଣସି ବିକ୍ଷୋଭ କିଂବା ବିଶୃଙ୍ଖଳା ବିକାଶଧର୍ମୀ ଲକ୍ଷ୍ୟର କେବେ ବି ଅନୁକୂଳ ନୁହେଁ । କିନ୍ତୁ ବିଶୃଙ୍ଖଳାର ପଶ୍ଚାତରେ ଥିବା ଶକ୍ତିର ତାଡ଼ନା ଆସିଲାବେଳେ ଏକଥା ବୁଝିବାକୁ ଅବସର ମିଳେ ନାହିଁ । ତେବେ ଆମେ ପ୍ରତ୍ୟେକେ ଯଦି ଖୁବ୍ ସଚେତନ ହୋଇ ବିଶୃଙ୍ଖଳାରେ ଯୋଗଦେବା ଲାଗି ଆମ ଭିତରେ ପ୍ରବୃତ୍ତି ଜାଗିବା ସଙ୍ଗେ ସଙ୍ଗେ ନିଜକୁ ପ୍ରଶ୍ନ କରୁ, "କାହିଁକି ମୁଁ ଏଥିରେ ଯୋଗଦେବି ?"– ତେବେ ଏହାର ଆକ୍ରମଣରେ ପ୍ରଚଣ୍ଡତା ଅନେକ ପରିମାଣରେ ଶାନ୍ତ ହୋଇଯାଏ । ସେହି ସମୟରେ ବିଶୃଙ୍ଖଳାର କାରଣ ସମ୍ବନ୍ଧେ ଟିକିଏ ଅନୁସନ୍ଧାନ କଲେ ଦେଖାଯିବ ଯେ, କେତେକ ମୁଷ୍ଟିମେୟ ପ୍ରତିନିଧି ନିଜ ନିଜର ପ୍ରତିପତ୍ତି ଜାହିର କରିବା ଲାଗି ରାଜନୈତିକ ନେତାମାନଙ୍କର ହାତବାରିସି ହୋଇ ଛାତ୍ରମାନଙ୍କର ସ୍ୱାର୍ଥରକ୍ଷାର ଦ୍ୱାହିଦେଇ ଅସଂଖ୍ୟ ସରଳମତି ଛାତ୍ରଙ୍କୁ ଆନ୍ଦୋଳନରେ ଯୋଗ ଦେବାକୁ ମତାଇଥା'ନ୍ତି । ଅତୀତର ଆନ୍ଦୋଳନ ଓ ବର୍ତ୍ତମାନର ଆନ୍ଦୋଳନକୁ ଦେଖି ଆମେ ନିଶ୍ଚୟ ଜାଣିପାରିବା ଯେ ଏସବୁ ଆନ୍ଦୋଳନ ଛାତ୍ରସମାଜର କି କି ଉନ୍ନତି ସାଧନ କରିଛି । ଏସବୁ ଜାଣିଲେ ସୁଦ୍ଧା ଆନ୍ଦୋଳନ ହେଉଛି ଏବଂ ହେବ । ଏହାର କାରଣ ହେଉଛି, ତରୁଣ ଗୋଷ୍ଠୀ ବର୍ତ୍ତମାନ ଚାହାନ୍ତି ନିଜ

ମଧ୍ୟରେ ତଥା ସମାଜ ମଧ୍ୟରେ ଏକ ପରିବର୍ତ୍ତନ । କିନ୍ତୁ ଯେଉଁ ଉପାୟରେ ସେମାନେ ପରିବର୍ତ୍ତନ ପାଇଁ ଚେଷ୍ଟା କରୁଛନ୍ତି ସେପରି ଯୁଗ ଯୁଗ ଲାଗିଲେ ବି ପରିବର୍ତ୍ତନ ଆସିବ ନାହିଁ । ବରଂ ନିଜର କ୍ଷତି ହେବା ସଙ୍ଗେ ସଙ୍ଗେ ଦେଶର କ୍ଷତିହିଁ ସାର ହେବ । କାରଣ ଯେଉଁମାନଙ୍କ ବିରୋଧରେ ଏମାନେ ଆନ୍ଦୋଳନ କରୁଛନ୍ତି ସେମାନେ କ୍ୱଚିତ୍ ପରିବର୍ତ୍ତିତ ହେବା ପାଇଁ ଚାହାନ୍ତି; ଚାହିଁଲେ ବି ହେବା ବଡ଼ କଷ୍ଟକର । ସବୁଠୁ ଭଲ ହେବ, ଛାତ୍ରସମାଜ ଯଦି ବର୍ତ୍ତମାନର ସମସ୍ତ ଦୋଷଦୁର୍ବଳତାକୁ ଲକ୍ଷ୍ୟକରି ଭବିଷ୍ୟତରେ ତା'ର ନିରାକରଣ ଲାଗି ନିଜକୁ ପ୍ରସ୍ତୁତ କରିନିଏ । କାରଣ ଭବିଷ୍ୟତର ଚାବି ତା'ରି ହାତରେ ରହିଛି । ସେଇମାନେହିଁ ପାଠ ପଢ଼ିସାରି ଦେଶର ନେତା, କର୍ମଚାରୀ ତଥା ଶାସକ ହେଉଛନ୍ତି । ଜଣେ ଛାତ୍ର ଭବିଷ୍ୟତରେ ଦେଶର ନେତୃସ୍ଥାନରେ ରହି ଯାହା ପରିବର୍ତ୍ତନ ଆଣିପାରିବ, ବର୍ତ୍ତମାନ ହଜାର ହଜାର ଛାତ୍ରଙ୍କ ପ୍ରାଣ ବିନିମୟରେ ବି ତାହା ହୋଇପାରିବ ନାହିଁ । କାରଣ ଆନ୍ଦୋଳନ କରି କୌଣସି ଗୋଟିଏ ସରକାରକୁ ତଡ଼ି ନୂତନ ସରକାର ବସାଇଦେଲେ ସମସ୍ୟାର ସମାଧାନ ହେଉ ନାହିଁ କିଂବା ହେବ ନାହିଁ । ବରଂ ଯେଉଁମାନେ ସରକାରୀ ସଂସ୍ଥା ମଧ୍ୟକୁ ଆସୁଛନ୍ତି ସେମାନଙ୍କ ପ୍ରକୃତିର ପରିବର୍ତ୍ତନ ହେବା ଆବଶ୍ୟକ । ପ୍ରକୃତିର ଏହି ପରିବର୍ତ୍ତନ କେବଳ ତରୁଣ ଛାତ୍ର ତଥା ଯୁବକମାନଙ୍କର ହୋଇପାରେ; କିନ୍ତୁ ପୁରାତନ ଜରାଜୀର୍ଣ୍ଣ ବ୍ୟକ୍ତିଙ୍କର ନୁହେଁ । ତେଣୁ ଆଜି ଆମ୍ଭମାନଙ୍କର କର୍ତ୍ତବ୍ୟ ହେଉଛି କୌଣସି କ୍ଷଣିକ ଉତ୍ତେଜନାର ପ୍ରବାହରେ ଭାସି ନଯାଇ ନିଜ ନିଜ ପ୍ରକୃତିର ଦୋଷଦୁର୍ବଳତାଗୁଡ଼ିକୁ ନିରୀକ୍ଷଣ କରି ତା'ର ଏକ ସ୍ଥାୟୀ ପରିବର୍ତ୍ତନ ଆଣିବା ଯାହାର ପ୍ରଭାବ ଅନିବାର୍ଯ୍ୟରୂପେ ଭବିଷ୍ୟତର ଶିକ୍ଷା, ଶାସନ ତଥା ସମାଜ ଉପରେ ପଡ଼ିବ ।

ଶେଷରେ ନିଜ ନିଜ ସ୍କୁଲ କଲେଜ ଓ ଗ୍ରାମ ଇତ୍ୟାଦିର ବାତାବରଣକୁ ଶୁଦ୍ଧ କରି ଏହାକୁ ଆମ ଲକ୍ଷ୍ୟ ପ୍ରାପ୍ତିର ଉପଯୋଗୀ କରିବାକୁ ହେଲେ ଆଗ୍ରହୀ ଛାତ୍ର, ଶିକ୍ଷକ ତଥା ଯୁବକମାନେ ଶ୍ରୀଅରବିନ୍ଦ ଛାତ୍ରସମାଜ ଓ

ପାଠଚକ୍ର ଆଦି ଗଠନ କରିବା ଦରକାର । ସଭାସମିତି ଆଦି କରି ଲୋକମାନଙ୍କୁ ଏକ ନୂତନ ଯୁଗର ଆଗମନୀ-ବାର୍ତ୍ତା ଦେଇଦେବା ଉଚିତ । ଯେତେଯେତେ ଏହି ସଂସ୍ଥାଗୁଡ଼ିକର ସଂଖ୍ୟା ବଢ଼ିବ ଓ ଲୋକମାନେ ଗଭୀର ଆନ୍ତରିକତା ସହ ଏହି ନୂତନ ସତ୍ୟକୁ ଗ୍ରହଣ କରିନେବେ ସେତେସେତେ ଦେଶରୁ ବିକ୍ଷୋଭ ଓ ବିଶୃଙ୍ଖଳାର ବାତାବରଣ ଦୂରହୋଇ ଶାନ୍ତି ଓ ପ୍ରଗତିର ବାତାବରଣ ସୃଷ୍ଟି ହେବ । ଏ ଉପାୟ ଛଡ଼ା ଅନ୍ୟ କୌଣସି ଉପାୟ କିଂବା ଦମନନୀତି ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ ନାହିଁ । ଆଜି ଯେଉଁ ଛାତ୍ର ତଥା ଶିକ୍ଷକମାନେ ନିଃସହାୟଭାବେ ବିଶୃଙ୍ଖଳାରେ ଯୋଗଦେବାକୁ ବାଧ୍ୟ ହେଉଛନ୍ତି କାଲି ସେହି ପରିସ୍ଥିତି ଓଲଟିଯିବ । ସେମାନେ ଯେ କେବଳ ବିକ୍ଷୋଭ ଓ ବିଶୃଙ୍ଖଳାର ଶକ୍ତି ଖର୍ବ କରିଦେଇ ପାରିବେ ତା' ନୁହେଁ, ବିଶୃଙ୍ଖଳାକାରୀମାନଙ୍କୁ ମଧ୍ୟ ସେମାନଙ୍କ ଉନ୍ନତ ଚେତନା ଦ୍ୱାରା ପ୍ରଭାବିତ କରି ନିଜ ପଥକୁ ଟାଣି ଆଣିପାରିବେ ।

# ଜୀବନଟା କ'ଣ ଛନ୍ଦମୟ ହୁଏ ?

କବିତାର ସିନା ଛନ୍ଦ ଥାଏ । ଜୀବନଟା କ'ଣ କବିତା ନା କ'ଣ ? ଜୀବନର କୁଆଡୁ ଛନ୍ଦ ଆସିବ ? ଜୀବନଟା ଯଦି ଛନ୍ଦମୟ ହୋଇପାରନ୍ତା ତେବେ ଆମ ପାଇଁ ଏହା କେଡ଼େ ସୁନ୍ଦର ଆଉ ମଧୁର ହୋଇଉଠନ୍ତା !

ଜୀବନଟା ଅବଶ୍ୟ କାଗଜ କଲମରେ ଲେଖା ହୋଇଥିବା ଏକ କବିତା ଭଳି କବିତା ନୁହେଁ । ଆଚ୍ଛା, ଆମ ଟେବୁଲ ଉପରେ କିଂବା କାନ୍ଥରେ ଯେଉଁ ଘଡ଼ିଟି ଅଛି ସେଇଟି କ'ଣ କବିତା ? କବିତା ନୁହେଁ ବୋଲି କ'ଣ ତା'ର ଗତିରେ ଛନ୍ଦ ନାହିଁ ? ଆମେ ଆମ ପଢ଼ା ଘରେ କିଂବା ଅଫିସ ଘରେ ବସିଥିବା ସମୟରେ କେଉଁଟି ଆମକୁ ଭଲ ଲାଗେ– ଘଡ଼ିର ଅବିରାମ ଟିକ୍ ଟିକ୍ ଶବ୍ଦ ନା ଆକସ୍ମିକ ପବନରେ କବାଟ, ଝରକା ପିଟିହେବା ଓ ବହିପତ୍ର ଭିତରେ ପଶି ତାକୁ ଇତସ୍ତତଃ କରିଦେଇଯିବାର ଶବ୍ଦ ? ନିଶ୍ଚିତ ଭାବରେ ଘଡ଼ିର ଟିକ୍ ଟିକ୍ ଶବ୍ଦ । ଏହା କେବଳ ଭଲ ଶୁଭେ ନାହିଁ, ଏହାର ନିରବଚ୍ଛିନ୍ନ ନିୟମିତ ଗତି ଆମର ଅନ୍ୟମନସ୍କତା ଦୂର କରି ଆମ ପଢ଼ା କିଂବା କାମରେ ଆମକୁ ଅଧିକ ମନୋଯୋଗୀ କରାଇଥାଏ । ଏହାର ଏକମାତ୍ର କାରଣ ହେଉଛି, ଘଡ଼ିଟିର ଅବିରାମ ଟିକ୍ ଟିକ୍ ଶବ୍ଦ ମଧ୍ୟରେ ରହିଛି ଏକ ଶୃଙ୍ଖଳା; କିନ୍ତୁ କବାଟ ଝରକା ପିଟିହେବା ଓ ବହିପତ୍ର ଇତସ୍ତତଃ ହେବା ଶବ୍ଦ ମଧ୍ୟରେ ଶୃଙ୍ଖଳା ଥାଏ । ସେହିଭଳି ଆମ ଜୀବନ ଯଦି ଆମ ଟେବୁଲ ଉପରର ଘଡ଼ିଟି ଭଳି ଶୃଙ୍ଖଳିତ ହୋଇଉଠିବ ତେବେ ତାହା କାହିଁକି ଛନ୍ଦମୟ, ସୁନ୍ଦର ଓ ମଧୁର ନ ହୋଇ ଦୁର୍ବିଷହ ହେବ ?

ଏହି ଶୃଙ୍ଖଳା ଜୀବନରେ କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା କହିହେବ ନାହିଁ । ଶୃଙ୍ଖଳା ବିନା ଜୀବନରେ କୌଣସି ବଡ଼ କାମ କରିହୁଏ ନାହିଁ, ଏପରିକି ବଞ୍ଚି ବି ହେବ ନାହିଁ । ମା' କହନ୍ତି ଏ ପୃଥିବୀ ଆଜି ଏପରି

ଦୁଃଖଯନ୍ତ୍ରଣାମୟ ହୋଇଛି କେବଳ ଏହି ଶୃଙ୍ଖଳାର ଅଭାବରୁ । ଦୁନିଆର କୌଣସି ବସ୍ତୁ ଖରାପ ନୁହେଁ । କେବଳ ସେସବୁ ଯଥାର୍ଥ ସ୍ଥାନରେ ନାହାନ୍ତି ବୋଲି ଖରାପ ଓ ଯନ୍ତ୍ରଣାଦାୟକ ବୋଧ ହେଉଛନ୍ତି । ବାଲି ସମୁଦ୍ରକୂଳରେ ଓ ନଈ କୂଳରେ ରହିଲେ ସୁନ୍ଦର ଓ ଉପଭୋଗ୍ୟ ହୋଇଥାଏ । ତାକୁ ଯଦି ଆଣି ଆମ ଆଖିରେ ଭର୍ତ୍ତି କରାଯାଏ ତେବେ ତାହା ଯନ୍ତ୍ରଣାଦାୟକ ହୋଇଉଠେ । ସେହିପରି କାଳି ଦୁଆତରେ ରହି କଲମ ସାହାଯ୍ୟରେ କାଗଜରେ ଲେଖାହେଲେ ତାହା ଉପକାରରେ ଆସେ । ତାକୁ ଯଦି ଆଣି ଆମ ସାର୍ଟରେ ଓ ମୁହଁରେ ବୋଳାଯାଏ ତେବେ ତାହା କୁତ୍ସିତତାର ବସ୍ତୁ ହୋଇଉଠେ । ଏଠାରେ ଯଥାର୍ଥରେ ବାଲି ଓ କାଳି ଖରାପ ଜିନିଷ ନୁହନ୍ତି । ସେମାନେ ଯଥାର୍ଥ ସ୍ଥାନରେ ନରହି ଶୃଙ୍ଖଳା ଭଙ୍ଗ କରିଥିବାରୁହିଁ ଖରାପ ଜଣାପଡୁଛନ୍ତି ।

ଆମ ନିଜ ଶରୀର ପ୍ରତି ଦୃଷ୍ଟିପାତ କଲେ ଆମେ ଦେଖିପାରିବୁ ଯେ, ଆମ ଭିତରେ ଆମ ପାକସ୍ଥଳୀ, ଫୁସ୍‌ଫୁସ୍, ହୃତ୍‌ପିଣ୍ଡ ଇତ୍ୟାଦି ଯନ୍ତ୍ର କିପରି ପ୍ରକୃତିର ନିୟମ ଅନୁସାରେ ଗଭୀର ଶୃଙ୍ଖଳାର ସହ ଚାଲୁଛନ୍ତି । ଆମେ ଶୋଇଥିଲେ ବି ସେମାନେ ଚାଲୁଥାଆନ୍ତି । କଳ୍ପନା କର, ଯଦି ସେମାନେ ଟିକିଏ ବିଶୃଙ୍ଖଳିତ ହେବେ ବା ବିଦ୍ରୋହ କରିବେ ତେବେ ଆମ ଅବସ୍ଥା କ'ଣ ହେବ ? କେବଳ ଆମ ଭିତରେ ନୁହେଁ ବାହାର ଜୀବନରେ ମଧ୍ୟ ସାମାନ୍ୟ ବିଶୃଙ୍ଖଳା ଯୋଗୁଁ ଆମେ ଘୋର ଅସୁବିଧାରେ ପଡ଼ିଥାଉ ।

ମନେକର, ଆମେ କୌଣସି ଟ୍ରେନ୍, ବସ୍ କିଂବା ଉଡ଼ାଜାହାଜରେ କୌଣସି ସ୍ଥାନକୁ ଯାଉଛୁ । କୌଣସି କାରଣରୁ ଯଦି ତାହା ବିଳମ୍ବ ହୋଇଯାଏ ତେବେ ଆମେ କେତେ ଅସୁବିଧାରେ ନପଡୁ । ଆମର ଯଦି ସେ ଷ୍ଟେସନରୁ ଅନ୍ୟତ୍ର ଯିବାର ଥାଏ ତେବେ ସଂପୃକ୍ତ ବସ୍, ଟ୍ରେନ୍ କିଂବା ଉଡ଼ାଜାହାଜ ପାଉନା । ଯେଉଁ ଅଫିସକୁ ଯାଇ ଯେଉଁ କାମ କରିବାର ଥାଏ ତାହାର ସମୟ ଅତୀତ ହୋଇଯାଇଥାଏ । ଟ୍ରେନ୍ ଇତ୍ୟାଦି ବିଳମ୍ବ ହେଲେ ବାଟରେ ମଧ୍ୟ ଅନ୍ୟ ଟ୍ରେନ୍ ସହ ଧକ୍କା ଲାଗିବାର ସମ୍ଭାବନା ଥାଏ । ଅନ୍ୟ ଏକ

କ୍ଷେତ୍ରରେ ମଧ୍ୟ ସାମାନ୍ୟ ବିଶୃଙ୍ଖଳା ଦେଖାଦେଲେ ଆମକୁ ସାଂଘାତିକ କ୍ଷତିଭୋଗ କରିବାକୁ ହୋଇଥାଏ । ସେଇଟି ହେଉଛି ସୈନ୍ୟବାହିନୀ । ମନେକର ଗୋଟିଏ ସ୍ଥାନରେ ଅନେକ ସୈନ୍ୟ ଅସ୍ତ୍ରଶସ୍ତ୍ର ସହ ବିକ୍ଷିପ୍ତ ଭାବରେ ଏପରି ଲୁଚି ରହିଛନ୍ତି ଯେ ଶତ୍ରୁ ସୈନ୍ୟମାନେ ଆସି ତାଙ୍କୁ ଠଉରାଇବା ବହୁତ ମୁସ୍କିଲ । ତାଙ୍କ କମାଣ୍ଡର ତାଙ୍କୁ ଆଦେଶ ଦେଇଛନ୍ତି, ଯେ ଯେପରି ପଡ଼ି ରହିଛନ୍ତି, ଟିକିଏ ବି ହଲ୍‌ଚଲ୍ ନ ହୋଇ ବା ପାଟିତୁଣ୍ଡ ନ କରି ସେମିତି ପୁନରାୟ ଆଦେଶ ପାଇଲା ପର୍ଯ୍ୟନ୍ତ ପଡ଼ିରହିବେ । ଯଦି ଏ ଆଦେଶ ଅମାନ୍ୟ କରି କୌଣସି ଗୋଟିଏ ସୈନ୍ୟ ସାମାନ୍ୟ ହଲ୍‌ଚଲ୍ ହୋଇଯାଏ ତେବେ ଶତ୍ରୁସୈନ୍ୟ ଜାଣିପାରନ୍ତି ଓ ସେ ସ୍ଥାନରେ ସମସ୍ତ ସୈନ୍ୟଙ୍କୁ ମାରିଦେବା ବା ବନ୍ଦୀ କରିବା ଖୁବ୍ ସହଜ ହୋଇପଡ଼େ । କିଛି ନହେଲେ ବି ଏ ସୈନ୍ୟମାନେ ଯେଉଁ ଉଦ୍ଦେଶ୍ୟରେ ଲୁଚି ରହିଥିଲେ ତାହା ସଫଳ ହୁଏ ନାହିଁ । ଗୋଟିଏ ସୈନ୍ୟର ଦୋଷ ଯୋଗୁ ସମଗ୍ର ଦେଶଟି ବିପନ୍ନ ହୁଏ । ସେଥିଲାଗି ସୈନ୍ୟବାହିନୀରେ କେହି ସାମାନ୍ୟ ବିଶୃଙ୍ଖଳା କଲେ ସାଙ୍ଗେ ସାଙ୍ଗେ ତାକୁ ଗୁଳିକରି ମାରିଦିଆଯାଏ ।

ଯେଉଁ ଶୃଙ୍ଖଳା ଏତେ ଗୁରୁତ୍ୱପୂର୍ଣ୍ଣ, ଯାହା ବିନା ଆମେ ବଞ୍ଚି ବି ପାରିବା ନାହିଁ, ବିକାଶ ତ ଦୂରର କଥା, ତାକୁ କିପରି ନିଜ ଜୀବନରେ ଆଚରଣ କରିବା ? ନିଜ ଜୀବନରେ ଶୃଙ୍ଖଳା ଆଚରଣ କରିବାକୁ ହେଲେ ପ୍ରଥମେ ଆମକୁ ଜାଣିବାକୁ ହେବ ଆମେ କି କି ସତ୍ତାକୁ ନେଇ ଗଠିତ । ଆମେ ଜାଣୁ ଆମର ଚାରିଟି ସତ୍ତା : ଆତ୍ମା, ମନ, ପ୍ରାଣ ଓ ଶରୀର ରହିଛି । ଆତ୍ମାଙ୍କର କୌଣସି ଶୃଙ୍ଖଳା ଆଚରଣ କରିବା ଆବଶ୍ୟକ ନାହିଁ । ସେ ତ ପରମ ଶୃଙ୍ଖଳାର ପ୍ରତିମୂର୍ତ୍ତି । ତାକୁହିଁ ପାଇବାକୁ ଓ ପ୍ରକାଶ କରିବାକୁ ଆମର ଏସବୁ କିଛି ଶୃଙ୍ଖଳାର ଆୟୋଜନ । ତା'ପରେ ମନର କଥା ଦେଖିବା । ମନ ହେଉଛି ଆମର ଚିନ୍ତାର ଭୂମି । ଚିନ୍ତାମାନଙ୍କର ଏଠି ହାଟ ବସିଥାଏ । ଆମେ ଗୋଟିଏ କଥା ଚିନ୍ତା କଲେ ଅସଂଖ୍ୟ ଚିନ୍ତା ଆସି ପହଞ୍ଚି

ଆମ ମୂଳ ଚିନ୍ତାଟିକୁ ଭସାଇ ଦିଅନ୍ତି । ଏହି ମାନସିକ ଗୋଳମାଳ ଓ ଅସ୍ଥିରତା ଯୋଗୁଁ ଆମେ ଅନେକ କାର୍ଯ୍ୟ ଠିକ୍ ସମୟରେ ଠିକ୍ ଭାବେ କରିପାରୁନା । ମନକୁ ଶୃଙ୍ଖଳିତ କରିବାକୁ ହେଲେ ଆମେ ଯେଉଁ କାମଟି କରୁଥାଉ କେବଳ ସେହି ବିଷୟରେ ଚିନ୍ତା କରିବା ଉଚିତ; ତା'ହେଲେ କାମଟି ନିର୍ଭୁଲ ଏବଂ ସୁନ୍ଦର ହେବ, ଖୁବ୍ କମ୍ ସମୟରେ ମଧ୍ୟ ହୋଇପାରିବ । ମନେକର, ଆମେ ଅଙ୍କଟି କଷୁଛୁ । ସେ ସମୟରେ କିଛି ଚିନ୍ତା ନକରି କେବଳ ଯଦି ସେହି ଅଙ୍କଟି ବିଷୟ ଚିନ୍ତା କରୁ ତେବେ ଅଙ୍କଟି ସହଜରେ ହୋଇଯାଏ । ଏପରିକି ଶ୍ରେଣୀରେ ଶିକ୍ଷକ ବତାଇଥିବା ଧାରା ଅପେକ୍ଷା ଏକ ନୂତନ ଧାରା ମଧ୍ୟ ବାହାର କରିପାରୁ । ସେହିପରି ବହି ପଢ଼ିବା ସମୟରେ ସେଥିରୁ ଯଦି କୌଣସି ପଦ କିଂବା ଧାଡ଼ି ବୁଝି ନ ହୁଏ ତେବେ ମନକୁ କେବଳ ତାହାରି ଉପରେ ଏକାଗ୍ର କଲେ ତା'ର ଅର୍ଥ ଆପେ ଆପେ ବୁଝିହୋଇଯାଏ । କାହାରି ଉପରେ ନିର୍ଭର ନକରି ଏହିପରି ମନକୁ ଏକାଗ୍ର କରି ଅନେକ କଥା ବୁଝିହେବ । ନିଜେ ଚେଷ୍ଟା କରି ଗୋଟିଏ କଥାକୁ ବୁଝିଗଲେ ବହୁତ ଆନନ୍ଦ ଆସେ । ଏସବୁ ହୋଇପାରିବ ସତ; କିନ୍ତୁ ମନକୁ ଏକାଗ୍ର କରିବା, ଏଣେତେଣେ ଧା-ଧଉଡ଼ ନକରି ଗୋଟିଏ କାମରେ ଲଗାଇବା ବହୁତ କଷ୍ଟ । ଏଥିପାଇଁ ନିୟମିତ କିଛି ସମୟ ଧ୍ୟାନ କରିବା ବହୁତ ସାହାଯ୍ୟ କରେ । କାରଣ ଧ୍ୟାନ କରିବା ସମୟରେ କେବଳ ଆମର ଲକ୍ଷ୍ୟବସ୍ତୁ ଉପରେ ଆମେ ଏକାଗ୍ର ହେଉ । ଏହି ଅଭ୍ୟାସ ଅନ୍ୟାନ୍ୟ କାର୍ଯ୍ୟ କରିବା ସମୟରେ ମଧ୍ୟ ସାହାଯ୍ୟ କରେ । ମନ ଶୃଙ୍ଖଳିତ ହେଲେ ଅନେକ ଦୁଶ୍ଚିନ୍ତାରୁ ଆମେ ରକ୍ଷା ପାଉ ଓ ଜୋର୍‌କରି ତାକୁ ଅନ୍ୟ ସୃଜନଶୀଳ କାର୍ଯ୍ୟରେ ମଧ୍ୟ ଲଗାଇପାରୁ ।

ତା'ପରେ ଆସେ ପ୍ରାଣର କଥା । ପ୍ରାଣ ଆମର ଗୋଟିଏ ସୁନ୍ଦର ଭୃତ୍ୟ; କିନ୍ତୁ ବହୁତ ଦୁଷ୍ଟ ମାଲିକ । ଆମେ ଯଦି ତାକୁ ମାଲିକର ଆସନ ଦେଉ ତେବେ ଆମକୁ ଚରମ ପତନ ଦିଗରେ ନେଇଯିବାକୁ ତାକୁ ମୁହୂର୍ତ୍ତେ ବି ଲାଗେ ନାହିଁ । କିନ୍ତୁ ଆମେ ଯଦି ତାକୁ ଭୃତ୍ୟ ଭଳି ଆମ କାମରେ

ଲଗାଉ ତେବେ ତାହା ଦ୍ୱାରା ଅସାଧ୍ୟ ସାଧନ କରିହୁଏ । ସାଧନାରେ ଏହି ଅଂଶକୁ ଆୟତ୍ତ କରିବା ବହୁତ କଷ୍ଟ । ଆମର ସମସ୍ତ ଶକ୍ତି, ଉତ୍ସାହ, ପ୍ରେରଣା, ଆବେଗ, ଉଦ୍ଦୀପନା ଆଦିର ଉତ୍ସ ହେଉଛି ଏହି ପ୍ରାଣ । ପ୍ରାଣ ଯଦି ସହଯୋଗ ନକରେ ଆମେ ନିର୍ଜୀବ ହୋଇପଡୁ; କାମରେ ମନ ଲାଗେ ନାହିଁ କିଂବା ଉତ୍ସାହ ଆସେ ନାହିଁ । ଆମର ପ୍ରାଣର ଦୁଇଟି ଭାଗ ରହିଛି । ଗୋଟିଏ ନିମ୍ନ ପ୍ରାଣ, ଅନ୍ୟଟି ଉଚ୍ଚତର ପ୍ରାଣ । ନିମ୍ନପ୍ରାଣ ସବୁବେଳେ ଆମକୁ କାମନା, ବାସନା, ଲୋଭ, ମୋହ, ହିଂସା, କ୍ରୋଧ ଆଦି ନୀଚ ବୃତ୍ତି ଆଡ଼କୁ ଟାଣେ; କିନ୍ତୁ ଉଚ୍ଚତର ପ୍ରାଣ ଆମକୁ ସତ୍ୟ ଆଡ଼କୁ, ଭଗବାନଙ୍କ ଆଡ଼କୁ, ବିକାଶ ଆଡ଼କୁ ଟାଣେ । ଆମେ ସାଧାରଣ ବ୍ୟକ୍ତି ସବୁବେଳେ ନିମ୍ନ ପ୍ରାଣର ଅଧୀନ ହୋଇ ବାସ କରିଥାଉ । ଆମ ଭିତରେ କାମନା, ବାସନା, ଲୋଭ, ମୋହ ପୂରିକରି ରହିଛି । ଖାଇସାରି ଉଠିଥିଲେ ବି କିଛି ଭଲ ଜିନିଷ ଦେଖିଲେ ତାକୁ ପୁଣି ଖାଇବାକୁ ଇଚ୍ଛା ହୁଏ । ଖାଇଲେ ପେଟ ଖରାପ ହେବ ବୋଲି ସେଥିପ୍ରତି ଭ୍ରୂକ୍ଷେପ ନଥାଏ । ପ୍ରାଣର ଏ ଲୋଭ ଯୋଗୁଁ ବିଚରା ନିରୀହ ଶରୀର ରୋଗ ଯନ୍ତ୍ରଣା ଭୋଗ କରେ । ପ୍ରାଣର ଅତ୍ୟାଚାର ଶରୀର ଉପରେ ଯେ ଏତିକିରେ ସରେ ତା' ନୁହେଁ । ଯେଉଁ ଜିନିଷ ଆଦୌ ଆବଶ୍ୟକ ନୁହେଁ ବରଂ କ୍ଷତିକାରକ, ଯଥା : ବିଡ଼ି, ସିଗାରେଟ, ପାନ, ତମାଖୁ, ଗୁଡ଼ାଖୁ, ମଦ ଇତ୍ୟାଦି ବସ୍ତୁ ଅଭ୍ୟାସ କରି ପ୍ରାଣ ଆରାମ ପାଇବାକୁ ଚେଷ୍ଟାକରେ । ଏସବୁର କୁଫଳ ବିଚରା ଶରୀର ଭୋଗ କରେ । ନିଜର ଯୌନବାସନା ଚରିତାର୍ଥ କରିବା ପାଇଁ ପ୍ରାଣ ଶରୀରକୁ ତିଳ ତିଳ କରି ମୃତ୍ୟୁମୁଖରେ ଆହୁତି ଦିଏ । କିନ୍ତୁ ପ୍ରାଣକୁ ଯଦି ଶୃଙ୍ଖଳିତ କରିଦିଆଯାଏ ତେବେ ବନ୍ୟଜନ୍ତୁ ଭଳି ସେ ସୁନ୍ଦର ପୋଷାମାନେ । ପ୍ରାଣକୁ ସଂଯତ ଓ ଶୃଙ୍ଖଳିତ କରିବାର ସବୁଠୁ ଭଲ ଉପାୟ ହେଉଛି ସେ ଯେଉଁସବୁ ନିମ୍ନତର ବସ୍ତୁକୁ ଭଲପାଉଛି ସେସବୁଠାରୁ ଅଧିକ ଆକର୍ଷଣୀୟ ଏକ ଉଚ୍ଚତର ବସ୍ତୁକୁ ଭଲ ପାଇବାକୁ ଶିଖାଇବା । ଥରେ ଯଦି ପ୍ରାଣ ଉଚ୍ଚତର ବସ୍ତୁର ସଂସ୍ପର୍ଶ ଲାଭ କରେ ତେବେ

ସେ ଆଉ ନିମ୍ନତର, କୁତ୍ସିତ, ପତନୋନ୍ମୁଖୀ ବସ୍ତୁ ସକଳକୁ ଚାହେ ନାହିଁ । କିନ୍ତୁ ସେ ନ ଚାହିଁଲେ କ'ଣ ହେବ, ସେମାନେ ତାକୁ ଛାଡ଼ନ୍ତି ନାହିଁ । ଏହି କ୍ଷେତ୍ରରେ ସଂଘର୍ଷ ଚାଲେ । କାହା କ୍ଷେତ୍ରରେ କେତେ ସମୟ ଏହି ସଂଘର୍ଷ ଲାଗିବ ତା' ନିର୍ଭର କରେ ତା'ର ପ୍ରକୃତି ଓ ସାଧନାର ତୀବ୍ରତା ଉପରେ । ଆମ୍ଭମାନଙ୍କର କ୍ଷେତ୍ରରେ ଏକମାତ୍ର ଉଚ୍ଚତର ବସ୍ତୁ ହେଲେ ମା' । ଆମେ ଯଦି ତାଙ୍କୁ ଭଲପାଉ, ଧୀରେ ଧୀରେ ଆମର ପୂର୍ବ ଅଭ୍ୟାସବଶତଃ ନିମ୍ନତର ବସ୍ତୁକୁ ଭଲପାଇବା ଆଉ ରହିବ ନାହିଁ । କାରଣ ଯିଏ ଯାହାକୁ ଭଲପାଏ ସେ ଶେଷରେ ତାହାରି ଭଳିହିଁ ହୋଇଉଠେ । କିନ୍ତୁ ଏସବୁ କଥା ଖୁବ୍ ସହଜ ନୁହେଁ । କାରଣ ବ୍ୟକ୍ତି ଯେତେବେଳେ ଉଚ୍ଚତର ବସ୍ତୁକୁ ଭଲ ପାଇବାକୁ ଆରମ୍ଭ କରେ ଏହିସବୁ ନିମ୍ନତର ବସ୍ତୁ ତାକୁ ସେମାନଙ୍କର ସମସ୍ତ ଶକ୍ତି ଖଟାଇ ଆକ୍ରମଣ କରନ୍ତି ଓ ନିଜ ମଧ୍ୟରେ ବାନ୍ଧି ରଖିବାକୁ ଚେଷ୍ଟା କରନ୍ତି । ବ୍ୟକ୍ତି ଦେଖେ ତା'ର ଉପରକୁ ଉଠିବାର ଆଶା ଯେପରି ଶେଷ ହୋଇଯାଇଛି । ଏଠି ଦରକାର ଦୃଢ଼ ସଂକଳ୍ପ । ଉଚ୍ଚତର ବସ୍ତୁକୁ ଭଲପାଇବା ସଙ୍ଗେ ସଙ୍ଗେ ସଂକଳ୍ପକୁ ନିଜର ଅସ୍ତ୍ରରୂପେ ବ୍ୟବହାର କରିବାକୁ ହେବ । ଯେଉଁଠି ପ୍ରାଣ, ଅସଂଯତ, ଅମାନିଆ ଓ ଜିଦ୍‌ଖୋର୍ ହେବ ସେ କ୍ଷେତ୍ରରେ ମା'ଙ୍କୁ ସାହାଯ୍ୟ ଲାଗି ପ୍ରାର୍ଥନା କରି ଦୃଢ଼ସଂକଳ୍ପ ନେବାକୁ ହେବ । ବଡ଼ି, ସିଗାରେଟ୍ ଓ ମଦ ଇତ୍ୟାଦିକୁ ପ୍ରାଣ ଯଦି ଛାଡ଼ିବାକୁ ରାଜି ନହୁଏ, ତେବେ ଜୋର୍ କରି ଦୃଢ଼ସଂକଳ୍ପର ସହ ତାକୁ ଛାଡ଼ିବାକୁ ହେବ । ଯେତେବେଳେ ଆମ ସଂକଳ୍ପରେ ଆମେ ଅଟଳ ରହୁ ସେତେବେଳେ ଅମାନିଆ ପ୍ରାଣ କିଛି ଉପାୟ ନପାଇ ଆମ କଥା ମାନେ ଓ ଆମକୁ ସହଯୋଗ କରେ । କିନ୍ତୁ ଟିକିଏ ଆମର ଦୁର୍ବଳତା ଦେଖିଲେ ସେ ପୁଣି ତା'ର ପୂର୍ବ ପ୍ରକୃତିକୁ ଫେରିଯାଏ । ବିଡ଼ି, ସିଗାରେଟ୍, ମଦ ଇତ୍ୟାଦି ଛାଡ଼ିବା ତ ସହଜ କଥା; ଏହି ସଂକଳ୍ପ ଓ ମା'ଙ୍କ କୃପାବଳରେ ଆମର ଯାବତୀୟ ଦୁରୂହ ଖରାପ ବୃତ୍ତି ଯଥା : କାମ, କ୍ରୋଧ, ହିଂସା, ଦ୍ୱେଷ ଆଦି ମଧ୍ୟ ଆମେ ଛାଡ଼ିପାରୁ ।

ନିୟମିତ ପ୍ରତିଦିନ କିଛି ସମୟ ଧ୍ୟାନ କରିବା ଫଳରେ ମଧ୍ୟ ପ୍ରାଣ ଶାନ୍ତ, ସ୍ଥିର ଓ ସଂଯତ ହୋଇଥାଏ । ଖେଳିବା, ଛବି ଆଙ୍କିବା, ଗୀତ ଗାଇବା, ବାଦ୍ୟ ବଜାଇବା, ଅଭିନୟ କରିବା, କାହାଣୀ ଉପନ୍ୟାସ ପଢ଼ିବା ଇତ୍ୟାଦିରୁ ମଧ୍ୟ ପ୍ରାଣ ବହୁତ ଆନନ୍ଦ ପାଏ । ଏହିସବୁ କାର୍ଯ୍ୟକୁ ଉଚ୍ଚତର ଲକ୍ଷ୍ୟ ଦିଗରେ ପରିଚାଳିତ କରି ପ୍ରାଣକୁ ସେଥିରେ କିଛି କିଛି ସମୟ ଲଗାଇଦେଲେ ତାହା ଶିକ୍ଷିତ, ସଂଯତ ଓ ଊର୍ଦ୍ଧ୍ୱାଭିମୁଖୀ ହୋଇଥାଏ । କିନ୍ତୁ ଏହିସବୁ କାର୍ଯ୍ୟ ବିଚାରଶୂନ୍ୟ ଭାବରେ ଅତି ସାଧାରଣ ଢଙ୍ଗରେ ଯଦି କରାଯାଏ ତେବେ ପ୍ରାଣଶୁଦ୍ଧ, ସଂଯତ ହେବା ପରିବର୍ତ୍ତେ ବେଶୀ ଅଶୁଦ୍ଧ ଓ ଅସଂଯତ ହୋଇଥାଏ ।

ତା'ପରେ ଆସେ ଆମର ଅତି ନିକଟରେ ଥିବା ଶରୀରଟିର କଥା । ଶରୀର ବିଚରା ଅଭ୍ୟାସର ଦାସ । ତାକୁ ଯେଉଁ ଅଭ୍ୟାସରେ ପକାଇଦେବ ସେ ସେହି ଅଭ୍ୟାସରେ ଚାଲୁଥିବ । କେବଳ ପ୍ରାଣ ଓ ମନ ତା' ଉପରେ ଅଯଥା ଅତ୍ୟାଚାର କରି ତାକୁ ବିଶୃଙ୍ଖଳିତ କରିଥା'ନ୍ତି । ପ୍ରତିଦିନ ଆମେ ଆମ ନିଜ ଲାଗି ଆମର ସ୍ୱାସ୍ଥ୍ୟ, ବ୍ୟବସାୟ ଓ ପରିସ୍ଥିତିକୁ ନେଇ ଏକ କାର୍ଯ୍ୟନିର୍ଘଣ୍ଟ ପ୍ରସ୍ତୁତ କରିବା ଭଲ । ରାତିରେ ଆମେ କେତେବେଳେ ଶୋଇବୁ, ଶୟନକୁ ଆମର ସଚେତନ କରିବା ଲାଗି ଶୋଇବା ପୂର୍ବରୁ କ'ଣ କରିବୁ, କେତେବେଳେ ଶଯ୍ୟା ତ୍ୟାଗ କରିବୁ, କେତେବେଳେ ଝାଡ଼ା ଯିବୁ, ସ୍ନାନ କରିବୁ, ବ୍ୟାୟାମ କିଂବା ଆସନ କରିବୁ, କେତେବେଳେ ଧ୍ୟାନ କରିବୁ, କେତେବେଳେ ପଢ଼ିବୁ, ପଢ଼ିବା ପୂର୍ବରୁ ମନକୁ ସ୍ଥିର କରିବା ଲାଗି କ'ଣ କରିବୁ, କେତେବେଳେ ଖାଇବୁ, କେତେବେଳେ ସ୍କୁଲକୁ, ଅଫିସକୁ ଅଥବା ଅନ୍ୟ କର୍ମକ୍ଷେତ୍ରକୁ ଯିବୁ, ସେଠାରୁ ଫେରି ନିତ୍ୟକର୍ମ ସାରି କେତେବେଳେ ଖେଳିବୁ ବା ବ୍ୟାୟାମ କରିବୁ, କେତେବେଳେ ପଢ଼ିବୁ ଓ ପୁଣି କେତେବେଳେ ଖାଇ ବିଛଣାକୁ ଯିବୁ ସେସବୁ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରିଦେଇ ତାକୁ ସବୁଦିନେ ପାଳନ କରିବା ଉଚିତ । କିଛିଦିନ ସେହି

ଧାରାରେ ଚାଲିଲେ ଆମେ ଦେଖିବା ତାହା ଖୁବ୍ ସହଜ ହୋଇଯାଇଛି । ଖାଦ୍ୟ ଖାଇଲାବେଳେ ତାକୁ ଯେପରି ଆମେ ଏକ ପରିଶ୍ରମ ବୋଲି ଭାବୁ ନାହୁଁ କି ସେ ଧାରଣା ଆମ ମଧ୍ୟକୁ ଆଦୌ ଆସେ ନାହିଁ, ଠିକ୍ ସେହିଭଳି ଆମର ଦୈନନ୍ଦିନ କାର୍ଯ୍ୟ ଅତି ସହଜ ହୋଇପଡ଼ିବ ଓ ଆମେ ସେସବୁକୁ କରୁଛୁ ବୋଲି ଜଣା ନ ପଡ଼ି ସେମାନେ ସବୁ ଆପେ ଆପେ ଆମ ଦ୍ୱାରା ଯେପରି ହୋଇ ଯାଉଛନ୍ତି ବୋଲି ଜଣାପଡ଼ିବ । ପଢ଼ିବା ସମୟ ଆସିଲା ତ ଆପେ ଆମ ମନ ଏକାଗ୍ର ହୋଇଯିବ ଓ ପଢ଼ା ଅତି ସହଜ ହୋଇଉଠିବ । କାରଣ, ମନପ୍ରାଣ ଏପରି ଅଭ୍ୟସ୍ତ ହୋଇଯାଇଥା'ନ୍ତି ଯେ ସେ ସମୟତକ ପଢ଼ା ଛଡ଼ା ସେମାନେ ଆଉକିଛିରେ ଭାଗ ନେବାକୁ ଚାହାନ୍ତି ନାହିଁ । ସେହିପରି ବ୍ୟାୟାମ ଓ ଆସନ ଆଦି କରିବାର ସମୟ ହୋଇଗଲେ ଶରୀର ଆପେ ଏକ ପ୍ରେରଣା ଅନୁଭବ କରିବ । ଫଳରେ ସମସ୍ତ କାର୍ଯ୍ୟ କ୍ଳାନ୍ତିକର ହେବା ପରିବର୍ତ୍ତେ ଆନନ୍ଦଦାୟକ ହୋଇଉଠିବ । ବିଶ୍ରାମ ଆଉ ଆବଶ୍ୟକ ହେବ ନାହିଁ । ଗୋଟିଏ କାମ ଛାଡ଼ି ଆଉ ଗୋଟିଏ କାମ କରିବାହିଁ ହେବ ବିଶ୍ରାମ ।

ଶୃଙ୍ଖଳାର ସହ କାମ କଲେ କିପରି ଜୀବନ ଛନ୍ଦମୟ ହୋଇଉଠେ ଓ ସକଳ କର୍ମ ହୋଇଉଠେ କ୍ଳାନ୍ତିହୀନ ଆନନ୍ଦଦାୟକ, ସେସମ୍ବନ୍ଧେ ମା' ଏକ ସୁନ୍ଦର ଗପ କହିଛନ୍ତି—

ଗୋଟିଏ ଚାଷୀ ଥିଲା । ତା'ର ଏକ ବିରାଟ କୃଷି ଫାର୍ମ ଥିଲା । ଫାର୍ମରେ ଥାଏ ଏକ ବିରାଟ କାନ୍ଥଘଣ୍ଟା । ଦେଢ଼ଶହ ବର୍ଷକାଳ ତାହା ଅବିରାମ ନିର୍ଭୁଲ ଭାବରେ ଚାଲିବା ପରେ ସେ ଚାହିଁଲା ବିଶ୍ରାମ ନେବାକୁ । ଚାଷୀଟି ପ୍ରତିଦିନ ସକାଳୁ ଆସି ଘଣ୍ଟାଟିକୁ ଦେଖିଯାଏ । ଦିନେ ଆସିଲାବେଳକୁ ଘଣ୍ଟାଟି ତାକୁ ଅନୁନୟ କରି କହିଲା ଯେ, 'ଏଣିକି ସେ ବିଶ୍ରାମ ନେବାକୁ ଚାହେଁ ।' ଚାଷୀଟି ସଙ୍ଗେ ସଙ୍ଗେ ଉତ୍ତର ଦେଲା, ''କାହିଁକି, ତୁ ତ ସବୁବେଳେ ବିଶ୍ରାମ ନେଉଛୁ, ଆଉ ପୁଣି ବିଶ୍ରାମ ନେବୁ କ'ଣ ?'' ଘଣ୍ଟା ଆଶ୍ଚର୍ଯ୍ୟ ହୋଇ ପଚାରିଲା, ''ମୁଁ ତ କେବେ ବି ବିଶ୍ରାମ ନେଇ ନାହିଁ, ଅବିଶ୍ରାନ୍ତ ଭାବରେ

ଚାଲିଆସିଛି ।'' ଚାଷୀଟି କହିଲା, ''ହେ ମୋର ପ୍ରିୟ ଘଣ୍ଟା, ଦୁଇଟି ଟିକ୍ ଟିକ୍ ଶବ୍ଦର ମଧ୍ୟରେ ଯେଉଁ ସମୟତକ ରହୁଛି ସେଥିରେ ତୁ ବିଶ୍ରାମ ନେଉନୁ କି ?'' ଘଣ୍ଟାଟି ନିଜ ଭୁଲ ବୁଝିପାରିଲା ଓ ଏଣିକି ଆଉ କେବେ ବି ଚାଷୀ ନିକଟରେ ପ୍ରତିବାଦ କଲା ନାହିଁ ।

ଶୃଙ୍ଖଳାରେ ଚାଲିବା ଭଲ । ପ୍ରତଦିନ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟରେ କରିବା ବହୁତ ଆବଶ୍ୟକ । କିନ୍ତୁ ଆମକୁ ମନେ ରଖିବାକୁ ହେବ, ଆମେ ଯେପରି ଶୃଙ୍ଖଳାର ଦାସ ହୋଇ ନପଡୁ । ଆମେ ଏପରି ନମନୀୟ କରି ଆମକୁ ଗଢ଼ିବୁ ଯେପରି ଆମେ ଯେଉଁ ଶୃଙ୍ଖଳା ଆମ ପାଇଁ କରିଥିଲୁ ତାକୁ ଭାଙ୍ଗିଦେଇ ଆବଶ୍ୟକ ପଡ଼ିଲେ ନୂତନ ଶୃଙ୍ଖଳା ବିନା ଅସୁବିଧାରେ ଆମ ଲାଗି ତିଆରି କରିପାରିବୁ । ନଚେତ୍ ଆମକୁ ଗୋଟିଏ ଅସୁବିଧାରୁ ଯାଇ ଆଉ ଗୋଟିଏ ଅସୁବିଧାରେ ପଡ଼ିବାକୁ ହେବ । ମା' କୌଣସି ସ୍ଥାଣୁ ଅଚଳ ଶୃଙ୍ଖଳାକୁ ଭଲପାଆନ୍ତି ନାହିଁ । ମା' ଚାହାନ୍ତି, ଶୃଙ୍ଖଳା ହେବ ସଚଳ ପ୍ରଗତିଶୀଳ । ମନେକର ଆମେ କୌଣସି ଗୋଟିଏ ରଙ୍ଗମଞ୍ଚରେ ଅଭିନୟ କରୁଛୁ । ଅସଂଖ୍ୟ ଦର୍ଶକ ବସିଛନ୍ତି । ସେତିକିବେଳେ ଆମର ଧ୍ୟାନ କିଂବା ଆସନ କରିବା ସମୟ ହୋଇଗଲା । ତେବେ ସେହି ରଙ୍ଗମଞ୍ଚରେ କ'ଣ ଆମେ ତାହା ଆରମ୍ଭ କରିଦେବୁ ? ଏସବୁ ଯଦି କେହି କରେ ତେବେ ତାହା ହାସ୍ୟାସ୍ପଦ ତଥା ଦୁର୍ବଳତାର ବିଷୟ । କିନ୍ତୁ ସେପରି ଲୋକ ନିଜକୁ ଅତି ନିୟମନିଷ୍ଠ ବୋଲି ଭାବନ୍ତି ।

ଏ ସମ୍ବନ୍ଧେ ଏକ ସୁନ୍ଦର କଥା ମନେପଡ଼େ । ଥରେ ଜଣେ ବ୍ୟକ୍ତି ସୈନ୍ୟବାହିନୀରେ ବହୁଦିନ ଚାକିରି କରିବା ପରେ ରିଟାୟର୍ଡ଼ ହୋଇଗଲେ । ସେ ଘରେ ରହି ପେନ୍‌ସନ୍ ପାଇଲେ । ସୈନ୍ୟବାହିନୀରେ ଦୀର୍ଘକାଳ ଚାକିରି କରି ତାଙ୍କର ଶରୀର 'ସାବଧାନ' (Attention) କମାଣ୍ଡ ପ୍ରତି ଏତେ ଅଭ୍ୟସ୍ତ ହୋଇଯାଇଥିଲା ଯେ ବାଟରେ ଘାଟରେ ଯେଉଁଠି ସେ 'ସାବଧାନ' କମାଣ୍ଡ ଶୁଣୁଥିଲେ ସଙ୍ଗେ ସଙ୍ଗେ ସାବଧାନ ଅବସ୍ଥାରେ ଠିଆହୋଇ ଯାଉଥିଲେ ।

ଥରେ ସେ ବଜାରରୁ କିଛି ମିଠାଇ ପ୍ରଭୃତି ପିଲାମାନଙ୍କ ଲାଗି ଧରି ଘରକୁ ଫେରୁଥା'ନ୍ତି । ଗାଁ ମୁଣ୍ଡ କିଆବୁଦା ଆରପଟୁ ହଠାତ୍ 'ସାବଧାନ' ଶବ୍ଦ ତାଙ୍କ କାନରେ ବାଜିଗଲା । ସଙ୍ଗେ ସଙ୍ଗେ ହାତରୁ ମିଠାଇ ପ୍ରଭୃତି ଫିଙ୍ଗିଦେଇ ସେ ସାବଧାନ ହୋଇ ଛିଡ଼ା ହୋଇଗଲେ । କିଆବୁଦା ଉହାଡ଼ରୁ କେତୋଟି ଦୁଷ୍ଟପିଲା ଧାଇଁଆସି ମିଠାଇତକ ଗୋଟାଇ ଆଖିପିଛୁଳାକେ କୁଆଡ଼େ ଲୁଚିଗଲେ । ଏସବୁ ଯେ ସେଇମାନଙ୍କ କାଣ୍ଡ ଥିଲା ଏଥିରେ ସନ୍ଦେହ ନାହିଁ । ସେ ଭଦ୍ରବ୍ୟକ୍ତି ବିଚରା ଖାଲି ହାତରେ ଶୁଖିଲା ମୁହଁରେ ଘରକୁ ଫେରିଲେ । ଆମେ ଜୀବନରେ ଶୃଙ୍ଖଳା ଚାହୁଁ; କିନ୍ତୁ ଶୃଙ୍ଖଳାର ଦାସତ୍ୱ ଚାହୁଁ ନାହୁ । ଆମେ ଆମ ନିଜ ଲାଗି ଯେଉଁ ଶୃଙ୍ଖଳା ଗଢ଼ିବୁ ତାକୁ କେବେ ବି ବିନା କାରଣରେ ଭାଙ୍ଗିବୁ ନାହିଁ । ଆବଶ୍ୟକ ପଡ଼ିଲେ ସେଥିରେ ବ୍ୟତିକ୍ରମ କରିପାରୁ; କିନ୍ତୁ ମନମୁଖୀ, ଖାମଖେୟାଲୀ ଭାବେ ନୁହେଁ । ତା'ହେଲେ ଏହାର ନିର୍ମମ ପରିଣତି, ଆମକୁ ଭୋଗିବାକୁ ହୁଏ ।

ଆମ ଜୀବନରେ ଶୃଙ୍ଖଳା ଖୁବ୍ ସହଜ ଓ ସ୍ୱତଃସ୍ଫୂର୍ତ୍ତ ହୋଇଯିବ ଯେତେବେଳେ ଆମେ ଆମ ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହୋଇଉଠିବୁ । ଆମେ ଲକ୍ଷ୍ୟ ସ୍ଥିର ନକଲେ କେବେ ବି ଆମ ଜୀବନକୁ ଶୃଙ୍ଖଳିତ କରିପାରିବୁ ନାହିଁ । ଲକ୍ଷ୍ୟହୀନ ଜୀବନ ଘଡ଼ିର ଟିକ୍ ଟିକ୍ ଶବ୍ଦ ଭଳି ଛନ୍ଦମୟ ନହୋଇ ଆକସ୍ମିକ ପବନରେ କବାଟ ଝରକା ପିଟିହେବାର ଶବ୍ଦ ଭଳି ବେସୁରା ଓ ବିରକ୍ତିକର ହୋଇଉଠିବ । ଲକ୍ଷ୍ୟ ଯଦି ଆମର ହୁଏ ଜୀବନରେ ଭଗବାନଙ୍କୁ ପାଇବା ଓ ତାଙ୍କୁ ଆମ ଜୀବନ ଓ କର୍ମରେ ପ୍ରକାଶ କରିବା ତେବେ ଏପରି ସମୟ ଆସିବ ଯେତେବେଳେ ସେ ତାଙ୍କର ଅନନ୍ତ ପ୍ରେମରେ ଆମକୁ ସିକ୍ତ ଓ ଧାରଣ କରି ତାଙ୍କର ଦିବ୍ୟ ବିଧାନରେ ଚଳାଇନେବେ । ସେତେବେଳେ ଆମର ଏ ମନଗଢ଼ା ଶୃଙ୍ଖଳା ପରିବର୍ତ୍ତେ ସ୍ୱତଃସ୍ଫୂର୍ତ୍ତଭାବେ ଫୁଟି ଉଠିବ ଏକ ଦିବ୍ୟଛନ୍ଦ ଓ ଦିବ୍ୟଶୃଙ୍ଖଳା । କିନ୍ତୁ ସେପର୍ଯ୍ୟନ୍ତ ଆମକୁ ଆମ ନିଜ ତିଆରି ଶୃଙ୍ଖଳାରେ ନିଷ୍ଠାର ସହ ଲକ୍ଷ୍ୟ ଅଭିମୁଖରେ ଚାଲିବାକୁ ହେବ ।

# ବ୍ରହ୍ମଚର୍ଯ୍ୟ

ଇଂରାଜୀରେ ଗୋଟିଏ ପ୍ରବାଦ ମନେପଡ଼େ– "If winter comes, can spring be far behind ?" "ଶୀତ ଯଦି ଆସେ, ବସନ୍ତ ଆସିବାରେ ଆଉ ବିଳମ୍ବ ହୁଏ କି ?" ମନରେ ଯଦି ବ୍ରହ୍ମଚର୍ଯ୍ୟ ପାଳନ ଲାଗି ସାମାନ୍ୟ ସ୍ପୃହା ଜାଗ୍ରତ ହେଲାଣି ତେବେ ନିଶ୍ଚୟ ଦିନେ ଏଥିରେ ସଫଳ ହେବ । ଏତିକି, ସଫଳତା ଶୀଘ୍ର ଆସିପାରେ କିଂବା ବିଳମ୍ବ ହୋଇପାରେ । ଅନେକ ତରୁଣ ତଥା ପ୍ରୌଢ଼ ବନ୍ଧୁ ଏହି ବ୍ରହ୍ମଚର୍ଯ୍ୟ ରକ୍ଷାରେ ଅସମର୍ଥ ହୋଇ ହତାଶ ହୋଇପଡୁଛନ୍ତି । କିନ୍ତୁ ହତାଶ ନହୋଇ ସେମାନେ ଆନନ୍ଦ ଅନୁଭବ କରିବା ଉଚିତ ଯେ ବ୍ରହ୍ମଚର୍ଯ୍ୟ ରକ୍ଷାଲାଗି ସେମାନେ ଇଚ୍ଛା କରିଛନ୍ତି ବା ସଚେତନ ହୋଇପାରିଛନ୍ତି ।

ବ୍ରହ୍ମଚର୍ଯ୍ୟ ପାଳନର ଅର୍ଥ ହେଉଛି ଶରୀର ଓ ପ୍ରାଣର ଶକ୍ତିସ୍ୱରୂପ ବ୍ୟକ୍ତି ଭିତରେ ଥିବା ବୀର୍ଯ୍ୟର ସଂରକ୍ଷଣ । ଶରୀର ମଧ୍ୟରେ ଏହାର ବୃଦ୍ଧି ବ୍ୟକ୍ତିକୁ ଯୌବନରେ ପଦାର୍ପଣ କରାଏ, ପୁଣି ଏହାର କ୍ଷୟ ଘଟି ବ୍ୟକ୍ତି ରୋଗ, ଜରା ଓ ମୃତ୍ୟୁବରଣ କରେ । ସଂରକ୍ଷିତ ବୀର୍ଯ୍ୟ ଓଜଃରେ ପରିଣତ ହୁଏ । ଏହାକୁ ମେଧା ମଧ୍ୟ କୁହାଯାଏ । ଏହା ଯୋଗୁଁ ବ୍ୟକ୍ତିର ମାନସିକ ଶକ୍ତି– ବୁଦ୍ଧି, ବୃତ୍ତି, ସ୍ମରଣଶକ୍ତି ଆଦି ବହୁଗୁଣରେ ବୃଦ୍ଧି ପାଇଥାଏ । ଓଜଃ ପୁଣି ତେଜରେ ପରିଣତ ହୁଏ । ବ୍ୟକ୍ତିର ସକଳ ସିଦ୍ଧିର ଭିତ୍ତି ହେଉଛି ଏହି ବ୍ରହ୍ମଚର୍ଯ୍ୟ ପାଳନ । କିନ୍ତୁ ସାଧାରଣ କ୍ଷେତ୍ରରେ କ'ଣ ହୁଏ ?

ପିଲାଦିନରୁ ବ୍ୟକ୍ତି ପ୍ରକୃତିର ଧାରା ଅନୁସାରେ ବଢ଼ିଉଠେ । ପ୍ରକୃତିର ନିୟମ ଅନୁଯାୟୀ ଗୋଟିଏ ନିର୍ଦ୍ଦିଷ୍ଟ ବୟସର ସୀମା ପାର ହେଲେ ଆରମ୍ଭ ହୁଏ ବ୍ରହ୍ମଚର୍ଯ୍ୟ ସ୍ଖଳନ । ସ୍ୱାଭାବିକ ଭାବରେ ଯଦି ଛାଡ଼ି ଦିଆଯାଇଥାଏ ତେବେ ସଚରାଚର ବ୍ୟକ୍ତିର ପରିଣତି ଯାହା ହେଉଛି ତାହାହିଁ ହୁଏ । କିନ୍ତୁ ଯେଉଁମାନେ ସାଧନା କରିବାକୁ

ଚାହାଁନ୍ତି ଓ ଏକ ସୁସ୍ଥ, ସବଳ, ନୀରୋଗ-ଶରୀର ତଥା ବିକାଶୋନ୍ମୁଖ ଉନ୍ନତ ଜୀବନ ଚାହାନ୍ତି ସେମାନଙ୍କୁ ସଂଯମ ଆଚରଣ କରିବାକୁ ହେବ ।

ପୂର୍ବକାଳରେ ପିଲାମାନଙ୍କୁ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟାଶ୍ରମ ପାଳନ କରିବାକୁ ପଡୁଥିଲା । ସେ ସମୟତକ ସେମାନେ ଗୁରୁ ଗୃହରେ ରହି ବିଦ୍ୟାଶିକ୍ଷା କରୁଥିଲେ । ଗୁରୁମାନେ ଥିଲେ ବ୍ରହ୍ମଜ୍ଞାନୀ ଓ ସିଦ୍ଧ ସାଧକ । ସେମାନଙ୍କ ପ୍ରତ୍ୟକ୍ଷ ପ୍ରଭାବରେ ଆସି ଶିଷ୍ୟମାନଙ୍କର ସ୍ୱତଃସ୍ଫୂର୍ତ୍ତ ଭାବରେ ଇନ୍ଦ୍ରିୟ ସଂଯମ ଓ ବ୍ରହ୍ମଚର୍ଯ୍ୟ ପାଳନ ଆଦି ହେଉଥିଲା । ମାନବ ଶିଶୁମାନଙ୍କ କଥା ଛାଡ଼— ଏପରିକି ଗୁରୁ-ଆଶ୍ରମର ବାତାବରଣରେ ପଶୁପକ୍ଷୀମାନେ ମଧ୍ୟ ନିଜ ନିଜର ହିଂସା, ଦ୍ୱେଷ ଭୁଲି ଆନନ୍ଦରେ ବିଚରଣ କରୁଥିଲେ । ବାଘ ଭୁଲି ଯାଉଥିଲା ଯେ ହରିଣ ତା'ର ଖାଦ୍ୟ, ହରିଣ ମଧ୍ୟ ଭୁଲିଯାଉଥିଲା ଯେ ବାଘ ତାହାର ଖାଦକ । ଗୁରୁ-ଆଶ୍ରମରେ ୨୫ ବର୍ଷ ପର୍ଯ୍ୟନ୍ତ ରହି ସକଳ ପ୍ରକାର ବିଦ୍ୟାବୁଦ୍ଧି ଓ ଶୌର୍ଯ୍ୟବୀର୍ଯ୍ୟରେ ସୁନିପୁଣ ହୋଇ ଶିଷ୍ୟମାନେ ଗୃହସ୍ଥାଶ୍ରମ ନିମନ୍ତେ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । କିନ୍ତୁ ବର୍ତ୍ତମାନ ସମସ୍ତ ଛାତ୍ରମାନଙ୍କ ପକ୍ଷରେ ସେଭଳି ଗୁରୁକୁଳାଶ୍ରମରେ ରହି ଶିକ୍ଷାଲାଭ କରିବା ସମ୍ଭବପର ନୁହେଁ । ତେଣୁ ପ୍ରତ୍ୟେକଙ୍କୁ ନିଜ ରାସ୍ତା ନିଜେ ପ୍ରସ୍ତୁତ କରିବାକୁ ହେବ । ଅନ୍ତରରେ ଓ ବାହାରେ ଏପରି ଆଚରଣ କରିବାକୁ ହେବ ଯାହାକି ବ୍ରହ୍ମଚର୍ଯ୍ୟ ପାଳନ ଲାଗି ସମସ୍ତ ଅନୁକୂଳ ବାତାବରଣ ସୃଷ୍ଟି କରିବ ।

ଆନ୍ତର ଆଚରଣ ମଧ୍ୟରୁ ସର୍ବପ୍ରଥମ ହେଉଛି ନିଜର ଲକ୍ଷ୍ୟ ଗ୍ରହଣ କରିବା । ବ୍ୟକ୍ତିର ଯଦି ଲକ୍ଷ୍ୟ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ମନ-ପ୍ରାଣ-ଶରୀରର ରୂପାନ୍ତର ସାଧନ କରିବା ତେବେ ଅନିବାର୍ଯ୍ୟରୂପେ ତାକୁ ପୂର୍ଣ୍ଣ ଓ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନର ସଂକଳ୍ପ କରିବାକୁ ପଡ଼ିବ । କାରଣ ତପସ୍ୟା-ଚତୁଷ୍ଟୟ ଓ ମୁକ୍ତି-ଚତୁଷ୍ଟୟ ବହିରେ ମା' କହିଛନ୍ତି, ''ବିଶେଷ କରି ଯେଉଁମାନେ ଅତିମାନସ ଅଭିବ୍ୟକ୍ତି ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଚାହାନ୍ତି ସେମାନଙ୍କୁ କେବଳ ସଂଯମ ନୁହେଁ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ରକ୍ଷା କରିବାକୁ

ହେବ । କୌଣସି ପ୍ରକାର ଅବଦମନ ବା ବାଧତା ପ୍ରୟୋଗ କରି ନୁହେଁ; କିନ୍ତୁ ଏପରି ଏକ ଅନ୍ତଃପ୍ରକ୍ରିୟା ଗ୍ରହଣ କରିବାକୁ ହେବ ଯାହାଫଳରେ ପ୍ରଜନନ କାର୍ଯ୍ୟରେ ନିୟୋଜିତ ହେଉଥିବା ଶକ୍ତି, ପ୍ରଗତି ଓ ପୂର୍ଣ୍ଣାଙ୍ଗ ରୂପାନ୍ତର ପାଇଁ ଆବଶ୍ୟକୀୟ ଶକ୍ତିରେ ପରିବର୍ତ୍ତିତ ହେବ । ଏହା ଅତି ସ୍ୱତଃସିଦ୍ଧ ଯେ ଏକ ପୂର୍ଣ୍ଣାଙ୍ଗ ଏବଂ ଯଥାର୍ଥ କଲ୍ୟାଣକର ଫଳଲାଭ ଚାହୁଁଥିଲେ ମନ ଓ ପ୍ରାଣର ଚେତନାରୁ ତଥା ଦୈହିକ ଇଚ୍ଛାରୁ ସମସ୍ତ ପ୍ରକାର ଯୌନ ବାସନା ଓ ପ୍ରବୃତ୍ତିକୁ ସଂପୂର୍ଣ୍ଣରୂପେ ଉଚ୍ଛେଦ ଓ ବର୍ଜନ କରିବାକୁ ପଡ଼ିବ ।'' ଥରେ ଲକ୍ଷ୍ୟ ସ୍ଥିର ହୋଇଗଲେ ବ୍ରହ୍ମଚର୍ଯ୍ୟ ପାଳନ ଏକ ପ୍ରଧାନ କଥା ନହୋଇ ସ୍ଥୂଳ ଲକ୍ଷ୍ୟର ଏକ ଅଂଶ ହୋଇପଡ଼ିବ ।

ଆମର ଯେଉଁ ମୂଳ ଲକ୍ଷ୍ୟ ମନ-ପ୍ରାଣ-ଶରୀରର ରୂପାନ୍ତର ତାହା ଘଟିବ ମା' ଓ ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠକୁ ଉତାରି ଆଣିଥିବା ଅତିମାନସ ଶକ୍ତି ଦ୍ୱାରା । ଏହି ରୂପାନ୍ତରକାରିଣୀ ଅତିମାନସ ଶକ୍ତି ସେତିକିବେଳେ ବ୍ୟକ୍ତି ଉପରେ ପୂର୍ଣ୍ଣ ଏବଂ ସଫଳ କ୍ରିୟା କରିବ ଯେତେବେଳେ ବ୍ୟକ୍ତି ଅନ୍ତରରେ ଓ ବାହାରେ ଭଗବାନଙ୍କ ସହ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ ହେବ । ଏଥିଲାଗି ପ୍ରଥମେ ବ୍ୟକ୍ତିକୁ ନିଜ ଅନ୍ତରରେ ଏକ ଦିବ୍ୟ ଉପସ୍ଥିତିର କେନ୍ଦ୍ର ଖୋଜି ବାହାର କରିବାକୁ ପଡ଼ିବ । ଏହାହିଁ ହେବ ରୂପାନ୍ତର ସାଧନ ଦିଗରେ ଆମର ପ୍ରଥମ ପଦକ୍ଷେପ । ଏହି ଆନ୍ତର ଅନ୍ୱେଷଣ ଯଦି ସକଳ କର୍ମ ମଧ୍ୟରେ ସକଳ ଅବସ୍ଥାରେ ଓ ସବୁ ସମୟରେ ଚାଲିଥିବ ତେବେ ଅନ୍ୟ ସକଳ କର୍ମ ଆନୁଷଙ୍ଗିକ ହୋଇପଡ଼ିବ । ବ୍ୟକ୍ତି ସବୁବେଳେ ଉଚ୍ଚତର ବସ୍ତୁକୁ ଭଲପାଇବ । ସ୍ୱତଃସ୍ଫୂର୍ତ୍ତ ଭାବରେ ଅନ୍ତର ଶୁଦ୍ଧରୁ ଶୁଦ୍ଧତର ହେବାରେ ଲାଗିବ । କୌଣସି ଖରାପ ଚିନ୍ତା ମନ ମଧ୍ୟରେ ପ୍ରବେଶ କଲେ ଚୋରମାନେ ଚୋରିକରିବା ସମୟରେ ଧରାପଡ଼ିବା ସଦୃଶ ଧରାପଡ଼ିଯିବେ । ଶେଷରେ ଏପରି ଏକ ସମୟ ଆସିବ ଯେତେବେଳେ ସେମାନଙ୍କର ଆସିବା ଲାଗି ବାଟ ସଂପୂର୍ଣ୍ଣରୂପେ ବନ୍ଦ ହୋଇଯିବ ।

ଲକ୍ଷ୍ୟ ଗ୍ରହଣ କରିବା ଯେପରି ଗୁରୁତ୍ୱପୂର୍ଣ୍ଣ ସେ ସମ୍ବନ୍ଧେ ସବୁବେଳେ ସଚେତନ ରହିବା ମଧ୍ୟ ସେହିପରି ଗୁରୁତ୍ୱପୂର୍ଣ୍ଣ । ଫଳରେ ଏହି ଲକ୍ଷ୍ୟ ବ୍ୟକ୍ତିର କେନ୍ଦ୍ରୀୟ ସତ୍ତାରୁ ଧୀରେ ଧୀରେ ତା'ର ବାହ୍ୟତମ ସତ୍ତା ପର୍ଯ୍ୟନ୍ତ ସଞ୍ଚରି ଆସେ । ଅଖଣ୍ଡ ଏବଂ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରି ଏକ ଶୁଦ୍ଧତର, ମହତ୍ତର ତଥା ଉଚ୍ଚତର ଜୀବନଯାପନ କରିବା ଲାଗି ପ୍ରେରଣା ସବୁବେଳେ ବ୍ୟକ୍ତିର ଅନ୍ତରର ସେହି ଦିବ୍ୟ ଉପସ୍ଥିତିର କେନ୍ଦ୍ର ବା ଚୈତ୍ୟ କେନ୍ଦ୍ରରୁ ଆସିଥାଏ । ବ୍ୟକ୍ତିର ଅଲକ୍ଷ୍ୟରେ ଏହାର ପ୍ରଭାବ ତା'ର ଉଚ୍ଚତର ମନ ଉପରେ ପଡ଼େ । ତା'ପରେ ଧୀରେ ଧୀରେ ଏହି ଆସ୍ପୃହା ନିମ୍ନ ମନ, ପ୍ରାଣ ଓ ଶରୀରକୁ ସ୍ପର୍ଶ କରେ । ଯେତେବେଳେ ସ୍ୱୟଂ ଶରୀର ଚାହେଁ ପୂର୍ଣ୍ଣ ଓ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରିବା ଲାଗି ସେତେବେଳେ ବ୍ୟକ୍ତିର ଚାହିଁବା ପୂର୍ଣ୍ଣ ହୁଏ ଓ ବ୍ୟକ୍ତିର ଚାହିଁବାରେ ବା ଆସ୍ପୃହାରେ ଯଥାର୍ଥ ନିଷ୍ଠା ପ୍ରକାଶ ପାଏ । ଏହା ପୂର୍ବରୁ ବ୍ୟକ୍ତି ନିଜକୁ ଯେତେ ନିଷ୍ଠାପର ବୋଲି ଭାବୁଥିଲେ ମଧ୍ୟ ତା' ନିଜ ଭିତରୁ କିଛି ଗୋଟିଏ ଅଂଶ ସବୁବେଳେ ତା' ସହ ଅସହଯୋଗ କରି ନିଜର ପୁରୁଣା ପ୍ରକୃତିକୁ ଧରି ରଖି ତାକୁ ସନ୍ତୁଷ୍ଟ କରିବାକୁ ଚାହେଁ । ବ୍ୟକ୍ତି ସଚେତନ ଥିବା ସମୟରେ ସେହି ଅଂଶଟି ବିଶେଷ ପ୍ରଭାବ ବିସ୍ତାର କରିପାରେ ନାହିଁ । କିନ୍ତୁ ବ୍ୟକ୍ତି ଯେତେବେଳେ ସାମାନ୍ୟ ଅଚେତନ ହୋଇପଡ଼େ ସେତେବେଳେ ଏହି କ୍ଷୁଦ୍ର ଅଂଶଟି ସମଗ୍ର ସତ୍ତାରେ ପ୍ରଭାବ ବିସ୍ତାର କରି ନିଜର ବାସନା ଚରିତାର୍ଥ କରେ । ତେଣୁ ବ୍ୟକ୍ତି ଲକ୍ଷ୍ୟ ସମ୍ବନ୍ଧରେ ସତତ ସଚେତନ ରହି ତା'ର ଚାହିଁବାକୁ ପରିପୂର୍ଣ୍ଣ କରିବା ଉଚିତ ।

କେବଳ ଚାହିଁବା ଯଥେଷ୍ଟ ନୁହେଁ । ଚାହିଁବା କେବଳ ଆମ ପକ୍ଷରୁ ନିଷ୍ଠାର ଚିହ୍ନ । ସିଦ୍ଧି ନିର୍ଭର କରେ ମା'ଙ୍କର କୃପା ଉପରେ । ତାଙ୍କର ସ୍ୱର୍ଣ୍ଣମୟ ସ୍ପର୍ଶ ବ୍ୟତୀତ କିଛି ବି ସଂପୂର୍ଣ୍ଣ ହୁଏ ନାହିଁ । ସେ ଯେତେବେଳେ ଦେଖନ୍ତି ବ୍ୟକ୍ତି ଯଥାର୍ଥ ଆନ୍ତରିକତାର ସହ ଚାହୁଁଛି ସେତେବେଳେ ସେ ତା' ଉପରେ ସିଦ୍ଧିର ଆଶିଷ ଢାଳି ଦିଅନ୍ତି । ବ୍ୟକ୍ତିର ମନ, ପ୍ରାଣ, ଶରୀର ଓ ଆତ୍ମା

ଉପରେ ଏପରି ତାଙ୍କର ପ୍ରେମମୟ ସ୍ପର୍ଶ ଦିଅନ୍ତି ଯାହାଫଳରେ ସେ ତା'ର ପୁରୁଣା ନିମ୍ନଗାମୀ ଚିନ୍ତା ଓ କ୍ରିୟାକଳାପରୁ ଯେଉଁ ଆନନ୍ଦ ପାଉଥିଲା ସେସବୁ ହରାଇବସେ ଓ ତାଙ୍କରି ସେହି ପ୍ରେମମୟ କୋଳରେ ନିତ୍ୟନିବାସ କରିବା ଲାଗି ଯୁଗ ଯୁଗ ଧରି ସାଧନା କରିବାର ସଂକଳ୍ପ ଗ୍ରହଣ କରେ; ତେଣୁ ଅନ୍ତରରେ ସବୁବେଳେ ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ ଓ ସମର୍ପଣ ଭାବ ରଖି ତାଙ୍କରି ନାମ ସ୍ମରଣ କରିବା ଉଚିତ । ନିଜର କୌଣସି ଦୁର୍ବଳତା ଲାଗି ଦୁଃଖ ଓ ସଫଳତା ଲାଗି ଆନନ୍ଦରେ ବିଭୋର ହୋଇପଡ଼ିବା ଉଚିତ ନୁହେଁ । ସବୁବେଳେ ଏକ ଶାନ୍ତ ସମର୍ପଣର ଭାବ ସହ ଏଇଆ ମନେ ରଖିବାକୁ ହେବ ଯେ, ''ଆମେ ମା'ଙ୍କଠାରୁ ଆସିଛୁ, ତାଙ୍କରି ଶକ୍ତି ବଳରେ ତାଙ୍କରି ଲାଗି ଏଠାରେ କାର୍ଯ୍ୟ କରୁଛୁ । ଆମ ଭିତରେ ଯେଉଁ ଦୁର୍ବଳତା, ଏଗୁଡ଼ିକ ଆମ ଭିତରେ ମୂଳରୁ ନଥିଲା । ଏଠାରେ ପ୍ରକୃତି ମଧ୍ୟରେ ତାହା ଥିଲା ଓ ଆମ ମଧ୍ୟରେ ମିଶିଛି । ପୁଣି ମା'ଙ୍କ ନିକଟରେ ସମର୍ପିତ ହୋଇ ତାଙ୍କରି ଲାଗି କାର୍ଯ୍ୟ କରିବା ଫଳରେ ସେ ଏସବୁକୁ ରୂପାନ୍ତର କରି ଆମକୁ ନିଶ୍ଚୟ ଶୁଦ୍ଧ କରିଦେବେ । ଏସବୁ ଆମର ନୁହେଁ, ଏସବୁକୁ ଆମ ପ୍ରକୃତିରେ ଆରୋପ କରାଯାଇଛି କେବଳ ରୂପାନ୍ତର ଲାଗି ।'' ଏ ଭାବ ମନରେ ହତାଶା ଓ ନୈରାଶ୍ୟକୁ ସ୍ଥାନ ଦିଏ ନାହିଁ । ଧୀରେ ଧୀରେ ଯୌନକାମନା ବାସନା ନିଜ ଭିତରୁ ବିଦାୟ ନେଇ ବାହାରର ବସ୍ତୁ ଭଳି ଜଣାପଡ଼ନ୍ତି ।

ଏସବୁ ଉପରେ ଯାହା କୁହାଗଲା ସେସବୁ ଆନ୍ତର କ୍ରିୟା । ଏହି ଆନ୍ତର କ୍ରିୟାର ପରିପୂରକ ସ୍ୱରୂପ କେତୋଟି ବାହ୍ୟକ୍ରିୟାର ଆଚରଣ ମଧ୍ୟ ଏକାନ୍ତ ଆବଶ୍ୟକ ।

ପ୍ରଥମେ ନିଜର ଖାଦ୍ୟପ୍ରତି ଦୃଷ୍ଟି ଦେବା ଉଚିତ । ଖାଦ୍ୟ ଯେପରି ପରିଷ୍କାର, ପରିଚ୍ଛନ୍ନ, ତଟକା ଏବଂ ସହଜରେ ହଜମ ହେଲାଭଳି ହୋଇଥାଏ । ଖାଦ୍ୟରେ ଅଧିକ ପରିମାଣରେ ରାଗ, ପିଆଜ, ରସୁଣ ଓ ମସଲାମସଲି ଇତ୍ୟାଦି ବ୍ରହ୍ମଚର୍ଯ୍ୟ ପାଳନ ପକ୍ଷରେ ଅନୁକୂଳ ନୁହେଁ । ଖାଦ୍ୟରୁ

ଏସବୁର ପରିମାଣ ଯଥେଷ୍ଟ କମାଇଦେବା ଉଚିତ । ମାଛ, ମାଂସ ଇତ୍ୟାଦି ଆମିଷ ଖାଦ୍ୟ ପ୍ରତି ଯେଉଁମାନଙ୍କର ସ୍ପୃହା ନାହିଁ, ଛାଡ଼ିଦେବା ଉଚିତ । ତା' ପରିବର୍ତ୍ତେ ଯଥେଷ୍ଟ ପରିମାଣରେ ଦୁଧ, ଦହି, ଫଳମୂଳ ଆଦି ଖାଇପାରନ୍ତି । ଖାଦ୍ୟ ଖାଇବା ପୂର୍ବରୁ ମା'ଙ୍କୁ ସମର୍ପଣ କରି କେବଳ ତାଙ୍କରି ଲାଗି ବଞ୍ଚିରହିବା ପାଇଁ ପ୍ରଫୁଲ୍ଲ ଚିତ୍ତରେ ଯାହା ହୋଇଥିବ ଖାଇବା ଉଚିତ । ସୁସ୍ୱାଦୁ ଭୋଜନ ପାଇଲେ ଆବଶ୍ୟକରୁ ଅଧିକ ଖାଇବା ଭଲ ନୁହେଁ । ପ୍ରତିଦିନ ଭୋଜନର ସମୟ ଯେପରି ନିର୍ଦ୍ଦିଷ୍ଟ ରହେ । ଅନେକେ କହନ୍ତି, ଆମକୁ ମୂଲ୍ୟବାନ ପୁଷ୍ଟିକର ଖାଦ୍ୟ ମିଳୁ ନାହିଁ, ଆମେ କ'ଣ କରିବୁ ? କିନ୍ତୁ ସେମାନେ ଯେଉଁ ଖାଦ୍ୟ ପାଉଛନ୍ତି ସେଇଆକୁ ଯଦି ପରିଷ୍କାର ପରିଚ୍ଛନ୍ନଭାବେ ଯଥାର୍ଥ ମନୋଭାବର ସହ ଖାଆନ୍ତି ତେବେ ସେଇଥିରୁ ପାଇପାରିବେ ପ୍ରଚୁର ଶକ୍ତି ।

ଦ୍ୱିତୀୟରେ, ନିଜର ପୋଷାକପତ୍ର ଓ ବିଛଣା ମୂଲ୍ୟବାନ୍ ହେଉ ବା କମ୍ ଦାମ୍‌ରେ ହେଉ ସେଥିରେ କିଛି ଯାଏ ଆସେ ନାହିଁ । ସେସବୁ ଓ ନିଜର ବାସଗୃହ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହିବା ଉଚିତ ।

ତୃତୀୟରେ, ନିଦ୍ରା ଶରୀରର ଆବଶ୍ୟକତା ଅନୁଯାୟୀ ହେବା ଉଚିତ । ଦିବସରେ ନିଦ୍ରା ନ ଯାଇ ସାମାନ୍ୟ ବିଶ୍ରାମ ନିଆଯାଇପାରିଲେ ଭଲ । ନିଦ୍ରା ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ହେବା ଉଚିତ । ଅନେକେ ନିଦ୍ରା ସମୟରେ ନାନା ପ୍ରକାର ଦୁଃସ୍ୱପ୍ନ ଫଳରେ ଅଶାନ୍ତି ଓ ଶାରୀରିକ କଷ୍ଟ ଅନୁଭବ କରିଥା'ନ୍ତି । ଏସବୁକୁ ଦୂରକରି ନିଦ୍ରାକୁ ସଚେତନ ଓ ଶାନ୍ତ ତଥା ଶକ୍ତିଦାୟକ କରିବାକୁ ହେଲେ ନିଦ୍ରା ଯିବା ପୂର୍ବରୁ ନୀରବରେ ମା'ଙ୍କ ଆଡ଼କୁ ଉନ୍ମୁକ୍ତ ହୋଇ କିଛି ସମୟ ବସିଲେ ମନ-ପ୍ରାଣ-ଶରୀରରୁ ସମସ୍ତ ଚାଞ୍ଚଲ୍ୟ ଦୂର ହୋଇ ସେମାନେ ସ୍ଥିର ଓ ଶାନ୍ତ ହୋଇଯାଆନ୍ତି । ସେହି ସମୟରେ ମା'ଙ୍କୁ ନିଜକୁ ସମର୍ପଣ କରି ସଚେତନ ରହିବା ପାଇଁ ସଂକଳ୍ପ ସହ ନିଦ୍ରାଗଲେ ନିଦ୍ରା ଅଶାନ୍ତି ଓ ଦୁର୍ବଳତା ପରିବର୍ତ୍ତେ ଶାନ୍ତି ଓ ଶକ୍ତି ଆଣି ଦେଇଥାଏ ।

ନିଦ୍ରା ଯିବାର କିଛିକ୍ଷଣ ପୂର୍ବରୁ ମଧ୍ୟ ବେଶୀଗୁଡ଼ାଏ କଥାବାର୍ତ୍ତା କରିବା କିଂବା ପାଟିତୁଣ୍ଡ କରିବା ଠିକ୍ ନୁହେଁ ।

ଚତୁର୍ଥରେ, ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ବ୍ୟାୟାମ ଓ ଆସନ କରିବା ବ୍ରହ୍ମଚର୍ଯ୍ୟ ରକ୍ଷାରେ ବିଶେଷ ସାହାଯ୍ୟ କରେ । ସକାଳେ ଆସନ, ସଂଧ୍ୟାରେ ବ୍ୟାୟାମ କିଂବା ସଂଧ୍ୟାରେ ଆସନ, ସକାଳେ ବ୍ୟାୟାମ କରାଯାଇପାରେ । ବ୍ୟାୟାମ ଓ ଆସନ ଆଦି କରିବା ପୂର୍ବରୁ ସେସବୁ ସମ୍ବନ୍ଧେ ଯେଉଁ ନିୟମ କାନୁନ୍ ଅଛି ତାକୁ ଭଲରୂପେ ଜାଣିବା ଉଚିତ । ନଚେତ୍ ସେଥିରୁ ବିଶେଷ ଉପକାର ମିଳେ ନାହିଁ । ଅନେକେ ଭାବନ୍ତି ବ୍ୟାୟାମ ଓ ଆସନ ଲାଗି ସେମାନଙ୍କୁ ସମୟ ମିଳିବ ନାହିଁ । କିନ୍ତୁ ଥରେ ସେମାନେ ଆରମ୍ଭ କରିଦିଅନ୍ତୁ, ତେଣିକି ତାହା ନିର୍ଦ୍ଦିଷ୍ଟ ନିୟମରେ ଦୈନନ୍ଦିନ ଜୀବନର ଅନ୍ୟାନ୍ୟ କାର୍ଯ୍ୟ ପରି ଚାଲିବ ।

ପଞ୍ଚମରେ, ମଳମୂତ୍ରର ସ୍ୱାଭାବିକ ବେଗ ରୋଧ କରିବା ଉଚିତ ନୁହେଁ । ମଳତ୍ୟାଗ ଠିକ୍ ନିର୍ଦ୍ଦିଷ୍ଟ ସମୟରେ ପ୍ରତିଦିନ ଯେପରି ହୁଏ । ମଳ ପରିଷ୍କାର ଲାଗି ମଳତ୍ୟାଗ ପୂର୍ବରୁ ପେଟଭରି ଜଳ ପିଇନେବା ଉଚିତ । ଯେଉଁମାନଙ୍କର କୋଷ୍ଠବଦ୍ଧତା ଥାଏ ସେମାନେ ଜଳପାନ କରିସାରିବା ପରେ କୋଷ୍ଠବଦ୍ଧତା ଦୂର କରିବା ଲାଗି କେତୋଟି ଆସନ, ଯଥା– ମୟୂରାସନ, ପବନମୁକ୍ତାସନ, କଟିଶକ୍ତି-ବିବର୍ଦ୍ଧକ ଆସନ (ଠିଆ ହୋଇ ମେରୁଦଣ୍ଡକୁ ଅଣ୍ଟାପାଖରୁ ପଛକୁ ବଙ୍କାଇବା ଓ ଆଗକୁ ବଙ୍କାଇବା) ଆଦି କରି ପାରନ୍ତି ।

ଷଷ୍ଠରେ, ତରୁଣ ଅବସ୍ଥାରେ ବାଳକ ବାଳିକାମାନେ ପଢୁଥିବା ପୁସ୍ତକ ଓ ଦେଖୁଥିବା ସିନେମା ସେମାନଙ୍କ ମନ, ପ୍ରାଣ ଉପରେ ଅନେକ ପ୍ରଭାବ ପକାଏ । ଯେଉଁ ପତ୍ରପତ୍ରିକା, ପୁସ୍ତକ ଓ ସିନେମା ମନ, ପ୍ରାଣରେ ଚାଞ୍ଚଲ୍ୟ ସୃଷ୍ଟି କରି ଦୁର୍ବଳତା ଆଣେ ସେସବୁଠାରୁ ନିଜକୁ ଦୂରରେ ରଖିବା ଉଚିତ । ପ୍ରତିଦିନ ବୁଝି ହେଉ ନହେଉ ମା' ଶ୍ରୀଅରବିନ୍ଦଙ୍କ ରଚିତ ଓ ଅନ୍ୟାନ୍ୟ ଆଶ୍ରମ ପ୍ରକାଶିତ ବହିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟରେ ଅନ୍ତତଃ କିଛି କିଛି ପଢ଼ିବା

ଭଲ । ଏଗୁଡ଼ିକର ପ୍ରଭାବ ଦିନସାରା ବ୍ୟକ୍ତି ଉପରେ ମନ୍ତ୍ରଶକ୍ତି ଭଳି କାର୍ଯ୍ୟ କରେ । ମନ, ପ୍ରାଣକୁ ଶୁଦ୍ଧ କରି ଦୁଶ୍ଚିନ୍ତା ନଆଣିବାରେ ଏହା ଅନେକ ସାହାଯ୍ୟ କରେ ।

ସପ୍ତମରେ, ଆମେ ଯେଉଁମାନଙ୍କ ସହ ସାଥି ହେଉ ସେମାନେ ଯେପରି ଆମ ଲକ୍ଷ୍ୟ ପୂରଣରେ ସହାୟକ ହୁଅନ୍ତି । ଜଣେ ଜଣେ ସାଥିମାନଙ୍କ ପ୍ରଭାବରେ ଜୀବନରେ ଅଦ୍ଭୁତ ପରିବର୍ତ୍ତନ– ଭଲ ଦିଗରେ ହେଉ ବା ମନ୍ଦ ଦିଗରେ ହେଉ– ଘଟିଥାଏ । ବର୍ତ୍ତମାନର ଛାତ୍ରଛାତ୍ରୀ ଓ ଯୁବକଯୁବତୀମାନଙ୍କ ଲାଗି ପାଠଚକ୍ର ଓ ଛାତ୍ରସମାଜ ମହାନ୍ ସୁଯୋଗ ଆଣି ଦେଇଛି । ସପ୍ତାହରେ ଥରେ ପାଠଚକ୍ର କିଂବା ଛାତ୍ରସମାଜ ଅଧିବେଶନରେ ଯେତେବେଳେ ସମସ୍ତେ ମା' ଶ୍ରୀଅରବିନ୍ଦଙ୍କ ସୁସଜ୍ଜିତ ଫଟୋ ସମୀପରେ ବସି ଧ୍ୟାନ, ପ୍ରାର୍ଥନା ଓ ଆଲୋଚନା ଆଦି କରନ୍ତି ସେତେବେଳେ ସେମାନେ ସହଜରେ ଅନ୍ୟ କୌଣସି ମିଳିତ କର୍ମର ପ୍ରଭାବ ଓ ଏହାର ପ୍ରଭାବ ମଧ୍ୟରେ ପାର୍ଥକ୍ୟ ଅନୁଭବ କରିପାରୁଥିବେ । କେଉଁ ଏକ ଦିବ୍ୟ ବାତାବରଣ ସେଇ ସମୟତକ ଲାଗି ହେଉ ପଛେ ଅନ୍ତରରୁ ସମସ୍ତ ଆବିଳତା ଦୂରେଇ ଦେଇଥାଏ ! କ୍ରମାଗତ ଏସବୁରେ ଯୋଗଦେବା ଫଳରେ ସେହି ପ୍ରଭାବ ଅନ୍ତରରେ ସ୍ଥିର ହୋଇଯାଏ ଓ ନିଜ ଉପରେ କର୍ତ୍ତୃତ୍ୱ ବୃଦ୍ଧିପାଏ ।

ବାଳକ, ବାଳିକା ସେମାନଙ୍କର ଶରୀରଗତ ପାର୍ଥକ୍ୟକୁ ବିଶେଷ ଗୁରୁତ୍ୱ ନଦେଇ ଚେତନାରେ ଏକ ବୋଲି ବିଚାର କରିବେ । ପରସ୍ପର ମଧ୍ୟରେ କେବଳ ଆତ୍ମା ଓ ଭଗବାନଙ୍କୁ ଦେଖିବାକୁ ଚେଷ୍ଟା କରିବେ । ଏ ବାହ୍ୟ ଶରୀରଗତ ପାର୍ଥକ୍ୟ ପ୍ରକୃତି ତା'ର ଉଦ୍ଦେଶ୍ୟ ସାଧନ ନିମନ୍ତେ ହେଉଛି ବୋଲି ଭାବିବେ । ଆମେ ତ ପ୍ରକୃତିର ଅନ୍ଧଧାରାର ଦାସ ହେବାକୁ ଚାହୁଁନାହୁଁ । ତେଣୁ ଏ ଦୃଶ୍ୟମାନ ପାର୍ଥକ୍ୟ ଉପରେ କାହିଁକି ଗୁରୁତ୍ୱ ଦେବୁ ?

ଶେଷରେ ଯେଉଁସବୁ କଥା କହିଲେ, ଶୁଣିଲେ କିଂବା ଦେଖିଲେ ମନରେ ଆବିଳତା ପ୍ରବେଶ କରେ ସେସବୁ କଥା ନକହିବା, ନଶୁଣିବା ଓ

ନଦେଖିବା ଲାଗି ଯଥେଷ୍ଟ ସଂଯମ ଆଚରଣ କରିବାକୁ ପଡ଼ିବ ।

ଉପରେ ଯେଉଁସବୁ କଥା କୁହାଗଲା ସେଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିୟମିତତା, ସମୟ ଜ୍ଞାନ, ଉଚ୍ଚତର ବସ୍ତୁକୁ ଭଲପାଇବା ଓ ମା'ଙ୍କ ନାମ ସ୍ମରଣ କରିବା । ଏହା ଶରୀର ଓ ମନ-ପ୍ରାଣକୁ ଏକ ସୁନ୍ଦର ଶୃଙ୍ଖଳାରେ ବାନ୍ଧିଦିଏ ଓ ନିମ୍ନମୁଖୀ କୌଣସି ପ୍ରକାର ଚିନ୍ତା କିଂବା କର୍ମ କରିବାର ସୁଯୋଗରୁ ବହୁପରିମାଣରେ ରକ୍ଷା କରେ । ମନକୁ ସର୍ବଦା ପ୍ରଫୁଲ୍ଲ ରଖେ । ଯେଉଁମାନଙ୍କର ଦାୟିତ୍ୱବୋଧ ଆସିଲାଣି ଏସବୁ କେବଳ ସେଇମାନଙ୍କ ଲାଗି । ଖୁବ୍ ଛୋଟ ଛୋଟ ଶିଶୁମାନେ ଏସବୁ ନିୟମ ଶୃଙ୍ଖଳା ମାନିପାରିବେ ନାହିଁ । ସେମାନଙ୍କ ପିତାମାତା ଯେତେଦୂର ସମ୍ଭବ ସେମାନଙ୍କ ଉପରେ କୌଣସି ପ୍ରକାର ଚାପ ନଦେଇ ହସଖେଳ ଓ ସ୍ନେହଶ୍ରଦ୍ଧା ଭିତର ଦେଇ ସେମାନଙ୍କ ଜୀବନକୁ ନିୟମିତ ତଥା ଶୃଙ୍ଖଳିତ କରିବାକୁ ଉଦ୍ୟମ କରିବା ଭଲ ।

ନିଷ୍ଠାର ସହ ଚାହିଁବା ଓ ମା'ଙ୍କର କୃପା ନିକଟରେ କିଛି ବି ଅସାଧ୍ୟ ରହିବ ନାହିଁ । ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ ଲାଗି ଆସ୍ପୃହା ରଖିଛନ୍ତି ସେମାନେ ଯେଉଁ ବୟସର ହୁଅନ୍ତୁ ପଛେ ନିଶ୍ଚୟ ଦିନେ ଏହା ଅନ୍ୟ ଏକ ବିରାଟ ଲକ୍ଷ୍ୟର ଆନୁଷଙ୍ଗିକ ଫଳରୂପେ ସେମାନଙ୍କ ଜୀବନରେ ଆସିବ । ଆଜି ଯଦି ଏହା ଆସି ନାହିଁ ତା'ର କାରଣ କେବଳ ମନ ଏହାକୁ ଆଂଶିକ ଭାବରେ ଚାହିଁଛି । ଏହି ମନର ଆଂଶିକ ଚାହିଁବା ଯେତେବେଳେ ସମଗ୍ର ମନ, ପ୍ରାଣ, ଶରୀରକୁ ସଞ୍ଚରିଯିବ ସେତେବେଳେ ବିଜୟ ସୁନିଶ୍ଚିତ । କାରଣ ମା'ଙ୍କର ସାହାଯ୍ୟ ସବୁବେଳେ ବ୍ୟକ୍ତି ପାଖେ ପାଖେ ଅନୁକୂଳ ବାତାବରଣକୁ ଅପେକ୍ଷା କରି ଚାହିଁଛି । ବ୍ୟକ୍ତିର ନିଜ ଉପରେ ବିଜୟ ଅର୍ଥ ମା'ଙ୍କର ବିଜୟ । ଆବଶ୍ୟକ କେବଳ ଧୈର୍ଯ୍ୟ, ସମତା, ସମର୍ପଣ ଓ ମା'ଙ୍କ ଶକ୍ତି ଉପରେ ପୂର୍ଣ୍ଣ ବିଶ୍ୱାସ ।

# ପରୀକ୍ଷା

ପରୀକ୍ଷା ଆମେ କାହିଁକି ଦେଉ ? କୌଣସି ପ୍ରକାରେ ଖଣ୍ଡେ ସାର୍ଟିଫିକେଟ୍ ହାସଲ କରି ତାକୁ ଦେଖାଇ ଚାକିରି ପାଇବା ଲାଗି ନା ନିଜର ଯୋଗ୍ୟତା ନିଜେ ତଥା ପରୀକ୍ଷକମାନେ ଜାଣିବା ଲାଗି ? ଏ କ୍ଷେତ୍ରରେ ସବୁକିଛି ନିର୍ଭର କରେ ନିଜର ଲକ୍ଷ୍ୟ ଉପରେ । ନିଜର ଲକ୍ଷ୍ୟ ଯେତେ ବିଶାଳ ଓ ବ୍ୟାପକ ହେବ, ସେ ଦିଗରେ ଅଗ୍ରସର ହେଲେ କ୍ଷୁଦ୍ର କ୍ଷୁଦ୍ର ଆବଶ୍ୟକୀୟ ବସ୍ତୁଗୁଡ଼ିକ ଆପେ ପୂରଣ ହୋଇଯିବ ଓ ଅନାବଶ୍ୟକ ବସ୍ତୁଗୁଡ଼ିକ ଆପେ ବାଦ୍ ପଡ଼ିଯିବ ଓ ତା' ସଙ୍ଗେ ସଙ୍ଗେ ଆମର ବିକାଶ ଆଗକୁ ଆଗକୁ ହୋଇଚାଲିବ । ଆମର ଲକ୍ଷ୍ୟ ଯଦି ହୁଏ ଜୀବନର ପୂର୍ଣ୍ଣାଙ୍ଗ ବିକାଶ ତେବେ ଆମ ମଧ୍ୟସ୍ଥ ଦୋଷତ୍ରୁଟି ଜାଣି ସେସବୁକୁ ନିଜେ ସଂଶୋଧନ କରି କିଂବା ଆମଠାରୁ ଅଧିକ ବିକାଶପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ସଂଶୋଧନ କରାଇ ଆଗକୁ ଚାଲିବା ନିମନ୍ତେ ଆମେ ପରୀକ୍ଷାର ସମ୍ମୁଖୀନ ହେବୁ । ଫଳରେ ଆମେ ଯଦି ଚାହୁଁ, ସାର୍ଟିଫିକେଟ୍ ଆପେ ମିଳିବ ଓ ଚାକିରି ଆପେ ଜୁଟିବ । କିନ୍ତୁ ଯଦି କେବଳ ସାର୍ଟିଫିକେଟ୍ ଲାଭ କରିବା ଆଶାରେ ପରୀକ୍ଷା ଦେଉ ତେବେ ଆମେ ଚାହିଁବୁ ନିଜର ବିକାଶ ହେଉ ନହେଉ, ଯେକୌଣସି ପ୍ରକାରେ ବରଂ କପି କରି କିଂବା ପରୀକ୍ଷକଙ୍କୁ ଟଙ୍କା ଦେଇ ପାସ୍ କରିଯାଉ । ଏହା ଫଳରେ ନିଜର ଯାହା ବିକାଶ ହେବା କଥା  ତାହା ତ ହୋଇପାରେ ନାହିଁ; ବରଂ କାର୍ଯ୍ୟରେ ନିଷ୍ଠାହୀନତା ରୂପକ ଅଧଃପତନ ଘଟେ ଓ ସାର୍ଟିଫିକେଟ ହାସଲ ଓ ଚାକିରି ପ୍ରାପ୍ତି ମଧ୍ୟ ଅନେକ ସମୟରେ ସନ୍ଦେହଜନକ ହୋଇଉଠେ ।

ଲକ୍ଷ୍ୟ ଯଦି ଆମର ହୁଏ ପୂର୍ଣ୍ଣାଙ୍ଗ ବିକାଶ ତେବେ ପରୀକ୍ଷାଟା ଆମର କିପରି ହେବା ଉଚିତ ? କ'ଣ ଦୁଇମାସ ଆଗରୁ ନୋଟିସ୍ ଦିଆହୋଇ ଓ

କି କି ପ୍ରଶ୍ନ ପଡ଼ିପାରେ କିଂବା ନିଶ୍ଚିତ ଭାବରେ ପଡ଼ିବ ଜାଣି ପରୀକ୍ଷା ଦେବା ନା ଆଉ କିପରି ? ଏଠାରେ ସ୍ୱାମୀ ବିବେକାନନ୍ଦଙ୍କ ସମ୍ବନ୍ଧେ ଗୋଟିଏ କଥା ମନେ ପଡ଼େ । ୧୮୯୩ ମସିହାରେ ଚିକାଗୋ ସହର ଧର୍ମ-ମହାସଭାରେ ଯୋଗ ଦେବାଲାଗି ହିନ୍ଦୁଧର୍ମର ପ୍ରତିନିଧିରୂପେ ସେ ଭାରତରୁ ଆମେରିକା ଯାଇଥିବା କଥା ତୁମ୍ଭେମାନେ ସମସ୍ତେ ଜାଣିଥିବ । ଚିକାଗୋରେ ତାଙ୍କର ବକ୍ତୃତା ଏତେ ଉଚ୍ଚକୋଟିର ଓ ହୃଦୟସ୍ପର୍ଶୀ ହୋଇଥିଲା ଯାହା ଫଳରେ ଆମେରିକାର ଅନେକ ସ୍ଥାନରେ ତାଙ୍କୁ ବକ୍ତୃତା ଦେବାକୁ ନିମନ୍ତ୍ରଣ କରାଯାଇଥିଲା । ସେହିସବୁ ସଭାରେ ସେ ଭାରତର ପ୍ରାଚୀନ ମୁନି-ଋଷିଗଣଙ୍କର ଜ୍ଞାନ ତଥା ସାଧନା ସଂପର୍କରେ ଆଲୋଚନା କରି କହୁଥିଲେ ଯେ ଏ ପଥ ଦୁର୍ବଳ ଭୀରୁମାନଙ୍କ ଲାଗି ନୁହେଁ; ଏ ହେଉଛି ବୀରର ପଥ, ଯେଉଁମାନେ ସକଳ ପ୍ରକାର ବିପଦ ସମ୍ମୁଖରେ ଏପରିକି ମୃତ୍ୟୁ ସମ୍ମୁଖରେ ଅବିଚଳ ନିର୍ଭୀକ ରହିପାରନ୍ତି, ଏ ହେଉଛି ସେଇମାନଙ୍କ ପଥ ।

କେତେଜଣ ଆମେରିକାନ୍ ଯୁବକ ସ୍ୱାମିଜୀଙ୍କର ଏହି କଥାଶୁଣି ତାଙ୍କୁ ପରୀକ୍ଷା କରିବା ଲାଗି ଭାବିଲେ । କାରଣ ସେମାନେ ଦେଖିଛନ୍ତି ଅନେକ ବ୍ୟକ୍ତି ଏହିପରି ବଡ଼ ବଡ଼ କଥା କହି ତାଙ୍କ ନିଜ ଜୀବନରେ ତା'ର ବିପରୀତ ଆଚରଣ କରିଛନ୍ତି । ତେଣୁ ସେମାନେ ଗୋଟିଏ ସଭା ଆୟୋଜନ କରି ସ୍ୱାମିଜୀଙ୍କୁ ସେଥିରେ ଯୋଗ ଦେବା ଲାଗି ଅନୁରୋଧ କଲେ । ସ୍ୱାମିଜୀ ଆନନ୍ଦରେ ସେହି ସଭାରେ ଯୋଗ ଦେଲେ । ତାଙ୍କ ବକ୍ତୃତାରେ ସେ କହୁଥିଲେ ଯେ ଯଥାର୍ଥ ଜୀବନର ଚାବିକାଠି ରହିଛି ଭଗବତ୍ ବିଶ୍ୱାସରେ । ଯେଉଁମାନେ ଭଗବତ୍ ବିଶ୍ୱାସୀ ସେମାନେ ଯେତେ ଯାହା ବିପଦ ଆପଦ ଆସିଲେ ବି ଅଟଳ ନିର୍ଭୀକ ରହନ୍ତି ।

ହଠାତ୍ ପିସ୍ତଲ ଗୁଳିର ଗୁଡୁମ ଗୁଡୁମ ଶବ୍ଦରେ ସଭାଗୃହ ପ୍ରକମ୍ପିତ ହୋଇଉଠିଲା । କେତୋଟି ଗୁଳି ସ୍ୱାମିଜୀଙ୍କ କାନ ପାଖଦେଇ ସାଇଁ ସାଇଁ ହୋଇ ଛୁଟିଗଲା । ଗୃହସାରା ଚହଳ ପଡ଼ିଗଲା । କେତେକ ସ୍ତ୍ରୀଲୋକ ମୂର୍ଚ୍ଛା

ହୋଇ ତଳେ ପଡ଼ିଗଲେ । କେତେକ ବ୍ୟକ୍ତି ଗୃହଛାଡ଼ି ପଳାଇଯିବାକୁ ବାଟ ପାଇଲେ ନାହିଁ । କିନ୍ତୁ ଏହି ଆତଙ୍କ, ଗହଳଚହଳ ଓ ଗୋଳମାଳ ମଧ୍ୟରେ ଜଣେ ବ୍ୟକ୍ତି ଥିଲେ ପଥର ଭଳି ଅଚଳ, ଅଟଳ ଓ ନିର୍ଲିପ୍ତ । ସେ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ । ସେ ଜାଣନ୍ତି ତାଙ୍କ ପାଇଁ ଯେଉଁ ଗୁଳି ଉଦ୍ଦିଷ୍ଟ ନୁହେଁ ତାହା କେବେ ବି ତାଙ୍କ ଦେହ ସ୍ପର୍ଶ କରିବ ନାହିଁ ଓ ତାଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବା ଗୁଳି ଶହ ଶହ ଦେହରକ୍ଷୀମାନଙ୍କୁ ଅତିକ୍ରମ କରି ତାଙ୍କ ଶରୀର ନିଶ୍ଚୟ ଭେଦ କରିବ ।

ଖୁବ୍ ଶୀଘ୍ର ଗୁଳି ଚାଳନା ବନ୍ଦ ହୋଇଗଲା । ଅଳ୍ପ କେତୋଟି ମୁହୂର୍ତ୍ତ ପୂର୍ବେ ସ୍ୱାମିଜୀ ତାଙ୍କ ବକ୍ତୃତା ଯେଉଁଠୁ ଛାଡ଼ିଥିଲେ ପୁଣି ସେଉଠୁ ସ୍ୱାଭାବିକ ଢଙ୍ଗରେ ଆରମ୍ଭ କଲେ । ଲୋକମାନେ ଗୃହକୁ ଫେରିଆସିଲେ । ସ୍ତ୍ରୀଲୋକମାନେ ମୂର୍ଚ୍ଛା ଭାଙ୍ଗି ଉଠିଲେ । ଗୃହସାରା ପୂର୍ବର ସେଇ ନୀରବ, ଶାନ୍ତ, ସାଧାରଣ ଅବସ୍ଥା ଫେରି ଆସିଲା । ଜଣାପଡୁଥାଏ ସତେ ଯେପରି କିଛି ଅସ୍ୱାଭାବିକ ଘଟନା ଘଟି ନାହିଁ ।

ବକ୍ତୃତା ଶେଷ ହେଲା । ହଠାତ୍ ସ୍ୱାମିଜୀଙ୍କ ସମ୍ମୁଖକୁ ଦଳେ ଯୁବକ ଆସି ଯୋଡ଼ହସ୍ତରେ ତାଙ୍କୁ କ୍ଷମା-ପ୍ରାର୍ଥନା ମାଗିଲେ ଓ ଏ ସମସ୍ତ ଗୁଳିକାଣ୍ଡ ସ୍ୱାମିଜୀଙ୍କ ସାହସ ଓ ଭଗବତ୍ ବିଶ୍ୱାସ ପରୀକ୍ଷା କରିବା ନିମନ୍ତେ ସେଇମାନେ କରିଥିବାର ମାନିଲେ ।

ଏଠାରେ କ'ଣ ସ୍ୱାମିଜୀଙ୍କୁ ପରୀକ୍ଷା କରାଯିବ ବୋଲି ପୂର୍ବରୁ କହି ଦିଆଯାଇଥିଲା ନା ସ୍ୱାମିଜୀ ନିଜେ ରାତି ଅନିଦ୍ରା ହୋଇ ସେଥିଲାଗି ପ୍ରସ୍ତୁତ ହେଉଥିଲେ ? ସାହସ ଓ ଭଗବତ୍ ବିଶ୍ୱାସ ତାଙ୍କର ସ୍ୱାଭାବିକ ଗୁଣରେ ପରିଣତ ହୋଇଥିଲା । ତାହା ଯଦି ନ ହୋଇଥା'ନ୍ତା ତେବେ ତାଙ୍କ ଦୁର୍ବଳତା ଚଟ୍‌କରି ଧରା ପଡ଼ିଯାଇଥା'ନ୍ତା । ଏଇ ହେଉଛି ଖାଣ୍ଟି ସିଦ୍ଧି ଓ ଖାଣ୍ଟି ପରୀକ୍ଷା ।

ଆମ୍ଭମାନଙ୍କର ସ୍କୁଲ-କଲେଜ ପରୀକ୍ଷା ଏଇଭଳି ହେବା ଉଚିତ । ଶିକ୍ଷକମାନେ କେତେବେଳେ ସେମାନଙ୍କୁ ପରୀକ୍ଷା କରିବେ ଛାତ୍ରମାନେ

ତାହା ଜାଣି ବି ପାରିବେ ନାହିଁ; ପ୍ରଥମେ ପ୍ରଥମେ ଅବଶ୍ୟ ଖରାପ ହୋଇପାରେ, କିନ୍ତୁ ପରେ ଏହାର ସୁଫଳ ସମସ୍ତେ ହୃଦୟଙ୍ଗମ କରିବେ । ଶିକ୍ଷକଙ୍କୁ ଆଉ ସବୁଦିନେ ବେତ ଖଣ୍ଡେ ଧରି ଛାତ୍ର କାହିଁକି ପଢ଼ା କରି ନାହିଁ ବୋଲି ମୁଣ୍ଡ ଗରମ କରିବାକୁ ପଡ଼ିବ ନାହିଁ । ଛାତ୍ର ଆପେ ଆପେ ସତତ ସଚେତନ ରହି ପଢ଼ାରେ ଲାଗିରହିଥିବ । ପରୀକ୍ଷା କରିବା ସମୟରେ ଶିକ୍ଷକମାନେ ମଧ୍ୟ ଦେଖିବେ ପ୍ରଶ୍ନଗୁଡ଼ିକ ଯେପରି ଛାତ୍ରମାନଙ୍କ ଉପଯୋଗୀ ହୋଇଥାଏ । କାରଣ ଗୋଟିଏ ପ୍ରଶ୍ନର ଉତ୍ତର କରିପାରିଲେ ଛାତ୍ରମାନଙ୍କୁ ବହୁତ ଆନନ୍ଦ ମିଳିଥାଏ ଓ ପରୀକ୍ଷା ପ୍ରତି ଥିବା ତାଙ୍କର ଅଯଥା ଭୟ ନ ରହି ପରୀକ୍ଷା ଖେଳ ଭଳି ଲାଗିଥାଏ । ଏହି ପରୀକ୍ଷା ଲେଖା ଆକାରରେ, ମୌଖିକଭାବେ କିଂବା କ୍ରିୟାତ୍ମକରୂପେ ହୋଇପାରେ ।

ପରୀକ୍ଷା ବିଷୟ ଛାତ୍ରମାନଙ୍କୁ ନ ଜଣାଇ ଶିକ୍ଷକମାନେ ନିଜ ଇଚ୍ଛା ଅନୁସାରେ ପରୀକ୍ଷା କରିବା ଭଲ । କିନ୍ତୁ ପରୀକ୍ଷା କରିବା ସମୟରେ କ'ଣ ଗୋଟିଏ ଶ୍ରେଣୀର ସବୁପିଲାଙ୍କୁ ସମାନ ପ୍ରଶ୍ନ ପଚାରିବେ ନା ପ୍ରତ୍ୟେକଙ୍କୁ ସେମାନଙ୍କ ଯୋଗ୍ୟତାନୁଯାୟୀ ଭିନ୍ନ ଭିନ୍ନ ପ୍ରଶ୍ନ ପଚାରିବେ ? ଏ କ୍ଷେତ୍ରରେ କେଉଁଟା ଭଲ ତାହା କହିବା ନିଷ୍ପ୍ରୟୋଜନ । ଶ୍ରେଣୀର ସମସ୍ତ ପିଲାମାନଙ୍କୁ ଏକାଠି ବସାଇ ସମାନ ପରିମାଣରେ ଖାଦ୍ୟଆଣି ଖାଇବାକୁ ଦେଲେ କାହାର ପେଟ ପୂରେ ତ କାହାର ପୂରେ ନାହିଁ ଓ ଆଉ କାହାର ଖାଦ୍ୟ ବଳେ– ଏହିପରି ଘଟେ । ଠିକ୍ ଏହିପରି ଯଦି ସମାନ ପ୍ରଶ୍ନ ପଚରାଯାଏ ତେବେ କିଏ ତାକୁ ଖୁବ୍ ସହଜରେ କରିଦେବ ତ କିଏ ତାକୁ ଆଦୌ ବୁଝିପାରିବ ନାହିଁ ଓ ଆଉ କିଏ ତାକୁ ଖୁବ୍ କଷ୍ଟେମଷ୍ଟେ କରିବ । ତେଣୁ ଶିକ୍ଷକ ନିଜେ ଭିନ୍ନ ଭିନ୍ନ ପିଲାଙ୍କ ଲାଗି ନଚେତ୍ ଅତି କମ୍‌ରେ ଗୋଟିଏ ମାନର ଭିନ୍ନ ଭିନ୍ନ ଦଳର ପିଲାଙ୍କ ଲାଗି ଭିନ୍ନ ଭିନ୍ନ ପ୍ରଶ୍ନ ତିଆରି କରିବା ଉଚିତ । ଏହା ଫଳରେ ପ୍ରତ୍ୟେକ ଛାତ୍ରର ଉପକାରହେବ ଓ ସେ ନିଜର ସାମର୍ଥ୍ୟ ଅନୁଯାୟୀ ବିକାଶ କରିପାରିବ । ଶିକ୍ଷକମାନେ ମଧ୍ୟ ସବୁବେଳେ କର୍ମତତ୍ପର ଓ ଛାତ୍ରମାନଙ୍କର

ଅଗ୍ରଗତି ସମ୍ବନ୍ଧେ ସଚେତନ ରହିବେ । ଗତାନୁଗତିକ ଧାରାରେ ପରୀକ୍ଷା କରିବାର ଯେଉଁ ଶୁଷ୍କତା ଓ ନୀରସତା ତାହା ଦୂର ହୋଇ ଶିକ୍ଷାଦାନ ଓ ପରୀକ୍ଷାର ଯଥାର୍ଥ ରସ ଉପଲବ୍ଧ ହେବ ।

ପରୀକ୍ଷା କହିଲେ ଆମେ କେବଳ ଛାତ୍ର ଅଧ୍ୟୟନ କରିଥିବା ପୁସ୍ତକଗତ ବିଦ୍ୟାକୁ ପରୀକ୍ଷା କରିବା ବୁଝୁ । ଛାତ୍ରର ଶିକ୍ଷା-ଜୀବନରେ କ'ଣ ବହି ପଢ଼ିବା ଜ୍ଞାନ କେବଳ ସବୁକିଛି, ଆଉ କ'ଣ ତା'ର କିଛି ନାହିଁ ? ଛାତ୍ରର ବ୍ୟବହାର, ଏକାଗ୍ରତା, ନିୟମିତତା, ବୁଝିପାରିବାର ଶକ୍ତି, ସଂଯମ, ଶୃଙ୍ଖଳା, ସହଯୋଗୀ ମନୋଭାବ, କର୍ମଦକ୍ଷତା, ସ୍ପଷ୍ଟବାଦିତା, ନିଷ୍ଠାପରତା ଆଦି ବିଷୟକୁ ଆମେ ପରୀକ୍ଷାର ସୀମା ଭିତରକୁ ଆଣୁ ନାହିଁ । କିନ୍ତୁ ଏଗୁଡ଼ିକ କ'ଣ କେବେ ଅବହେଳା କରିବାର ବିଷୟ ? ଯାହାହେଉ, ପରୀକ୍ଷା ସମ୍ବନ୍ଧେ ଏହିପରି ଆହୁରି ଅନେକ ସଂସ୍କାର ଅଣାଯାଇପାରେ ଓ ଅଣାଯିବ ମଧ୍ୟ । ଏସବୁ ପରୀକ୍ଷା ସେତିକିବେଳେ ସହଜ ହେବ ଯେତେବେଳେ ଶିକ୍ଷକମାନେ ହୋଇଉଠିବେ ଯୋଗସାଧକ ଏବଂ ସେମାନଙ୍କର ସମସ୍ତ ବ୍ୟକ୍ତିଗତ ପସନ୍ଦ-ଅପସନ୍ଦ ଭାବ ଲୋପ ପାଇବ ଓ ସେମାନେ ଛାତ୍ରମାନଙ୍କ ସହ ଏକାତ୍ମକତା ବଳରେ ସେମାନଙ୍କ ଅନ୍ତରର ସମସ୍ତ ଗତିବୃତ୍ତି ଜାଣିପାରିବେ । କିନ୍ତୁ ବର୍ତ୍ତମାନ ପରିସ୍ଥିତି ଓ ପ୍ରଚଳିତ ଶିକ୍ଷାପଦ୍ଧତି ଦୃଷ୍ଟିରୁ ଶ୍ରୀଅରବିନ୍ଦ ଆଶ୍ରମ ବାହାର ସ୍କୁଲମାନଙ୍କରେ ଏସବୁ ଏକାବେଳେକେ ହେବା ସମ୍ଭବ ନୁହେଁ ।

ତେବେ ପୂର୍ବେ ଆମେ ଯେଉଁ ଦୁଇଟି ବିଷୟ ଆଲୋଚନା କଲେ ଯେ, ଆଗରୁ ନଜଣାଇ ଛାତ୍ରମାନଙ୍କ ଅଜାଣତରେ ପରୀକ୍ଷା କରିବା ଓ ପ୍ରତ୍ୟେକ ଛାତ୍ରର ସାମର୍ଥ୍ୟ ଅନୁଯାୟୀ ତା' ଲାଗି ପ୍ରଶ୍ନ ତିଆରି କରିବା— ଏହା ବର୍ତ୍ତମାନର ଶିକ୍ଷାପଦ୍ଧତି ଓ ସ୍କୁଲ-କଲେଜରେ ନିୟମକାନୁନ୍ ଦୃଷ୍ଟିରୁ ସମ୍ଭବ ନୁହେଁ ବୋଲି ଆପତ୍ତି ଉଠିପାରେ । ତା' ତ ନିଶ୍ଚିତ କଥା । ଏଥିରେ କିଛି ସନ୍ଦେହ ନାହିଁ । କିନ୍ତୁ ଯେଉଁ ଶିକ୍ଷକମାନେ ଚାହାନ୍ତି ପୁରାତନକୁ ଜାବୁଡ଼ି ନଧରି ଏକ ନୂତନ ବାଟ ଖୋଲିଦେବା ଲାଗି ଓ ନିଜର ତଥା ଛାତ୍ରମାନଙ୍କର

ଯଥାର୍ଥ ମାର୍ଗରେ ବିକାଶ, ସେମାନେ କେବେ ବି ଶିକ୍ଷାଧାରା ଉପରୁ ବଦଳିବାକୁ ଓ ଆଇନ୍‌କାନୁନ୍‌ର ପରିବର୍ତ୍ତନକୁ ଅପେକ୍ଷା କରିବେ ନାହିଁ । ଆଇନ୍‌କାନୁନ୍ ମଣିଷ କରିଛି । ବ୍ୟକ୍ତିଗତ ଜୀବନ ଓ ସାମାଜିକ ଜୀବନର ଆବଶ୍ୟକତାନୁଯାୟୀ ଆଇନ୍‌କାନୁନ୍ ବଦଳୁଛି ଓ ବଦଳିବ ମଧ୍ୟ । ଆଇନ୍‌କାନୁନ୍ ବଦଳିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରିଦେଇଥିବା ଦରକାର । ପ୍ରଚଳିତ ଧାରାରେ ପରୀକ୍ଷା ତା'ର ଚାଲିଥାଉ । ସେଥିରେ ହସ୍ତକ୍ଷେପ ନକରି ନୂତନ ଧାରାକୁ ଶିକ୍ଷକମାନେ ବ୍ୟକ୍ତିଗତ ଭାବରେ ପ୍ରଚଳନ କରି ଦେଖନ୍ତୁ, ତା'ର ପ୍ରଭାବ କିପରି ପଡୁଛି । ଶିକ୍ଷକ ଯେକୌଣସି ସମୟରେ ଚାହିଁଲେ ନିଜ ପିଲାଙ୍କୁ ସେ ପରୀକ୍ଷା କରିପାରନ୍ତି । ସ୍କୁଲ-କଲେଜ ରେକର୍ଡ଼ରେ ଏସବୁ ପରୀକ୍ଷା ବିଷୟ ନରହିଲା ନାହି; ସେଥିରେ ଯାଏ ଆସେ କ'ଣ ? ଏ ପ୍ରକାର ପରୀକ୍ଷାର ପ୍ରଭାବ ପ୍ରଚଳିତ ଧାରାରେ ହେଉଥିବା ପରୀକ୍ଷା ଉପରେ ପଡ଼ିବ ଓ ସେଥିରୁ ମଧ୍ୟ ଅନେକ ଦୁର୍ନୀତି କମିଯିବ ।

ଶିକ୍ଷକ ଓ ଛାତ୍ରମାନେ ଯେତେବେଳେ ନୂତନ ଧାରା ଆସୁ ବୋଲି ଚାହିଁବେ ଓ ଆଗ୍ରହର ସହ ସେଥିଲାଗି ସମସ୍ତ ଅସୁବିଧାକୁ ବରଣ କରି ନିଜକୁ ଭିତରେ ଓ ବାହାରେ ପ୍ରସ୍ତୁତ କରିବେ ସେତେବେଳେ ତାହା ନିଶ୍ଚୟ ଆସିବ । ସେ ଧାରା ଆସିଲାବେଳକୁ ସବୁ ପ୍ରକାର ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇସାରିଥିବ ।

କିନ୍ତୁ ଏହି ନୂତନ ଧାରା ଆସିବା ପର୍ଯ୍ୟନ୍ତ ଛାତ୍ରମାନଙ୍କୁ ଏହି ପୁରାତନ ପଦ୍ଧତି ଅନୁସାରେ ଦେବାକୁ ହେବ । ସେମାନଙ୍କ ଭିତରୁ ଯେଉଁମାନେ ଚାହାଁନ୍ତି ପୁରାତନର ସମସ୍ତ ଆବର୍ଜ୍ଜନାକୁ ଜାଳିପୋଡ଼ି ଏକ ନୂତନ ଯୁଗ ନିମନ୍ତେ ନିଜର ପୂର୍ଣ୍ଣାଙ୍ଗ ବିକାଶ କରିବାକୁ ସେମାନଙ୍କୁ ପ୍ରଚଳିତ ଧାରାରେ ନିଜ ତରଫରୁ ଯେଉଁସବୁ ଦୋଷତ୍ରୁଟି ଅଛି ସେସବୁକୁ ଏଇ ମୁହୂର୍ତ୍ତରୁ ତ୍ୟାଗ କରିବାକୁ ପଡ଼ିବ । ମନେକର ପରୀକ୍ଷାରେ କପି କରିବା । ଏହାଠାରୁ ଆତ୍ମପ୍ରବଞ୍ଚନାର ଚରମ ନିଦର୍ଶନ ଆଉ କ'ଣ ଥାଇପାରେ ? କିନ୍ତୁ ସମୟ

ସ୍ରୋତରେ ଓ ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରଭାବରେ ଆମର ଛାତ୍ରଜୀବନ ଏପରି ପ୍ରଭାବିତ ହେଉଛି ଯେ ଆମେ ଏହାକୁ ଏକ ଦୋଷାବହ କାର୍ଯ୍ୟ ବୋଲି ଭାବୁନୁ । କିନ୍ତୁ ଥରେ ଏହା ବିରୋଧରେ ସଂଗ୍ରାମ ଚଳାଇଲେ ଦେଖିବ ଏ ରାକ୍ଷସ ବନ୍ଧୁତ୍ୱର ଛଦ୍ମବେଶରେ ତୁମର କେତେ ବଡ଼ ବିକାଶର ପଥରୋଧ କରିଥିଲା । ଥରେ ତୁମେ ମା'ଙ୍କ ନିକଟରେ ସଂକଳ୍ପ କର ଯେ ବରଂ ଫେଲ୍ ହେବ, ଘରୁ ବାହାରୁ ନିନ୍ଦା-ଅପବାଦ ଶୁଣିବ, ଚାକିରି ପାଇବାରେ ଅସୁବିଧାଭୋଗ କରିବ କିନ୍ତୁ କପି କରିବ ନାହିଁ । ଏଇ ସଂକଳ୍ପ ତୁମର ସମଗ୍ର ଶିକ୍ଷାଜୀବନକୁ ଓଲଟପାଲଟ କରିଦେବ ଓ ଅନ୍ୟାନ୍ୟ କର୍ମକ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ପଡ଼ିବ । ପୂର୍ବରୁ କପି ଅଭ୍ୟାସ ଥିବାରୁ କିଂବା ଈର୍ଷାପରାୟଣ ହୋଇ ପରୀକ୍ଷା ହଲ୍‌ରେ ଅନ୍ୟମାନେ କପି କରୁଥିବାର ଦେଖି ନିଜେ କପି କରିବାର ପ୍ରବୃତ୍ତି ଆସେ । ସେଇ ସମୟରେ ମା'ଙ୍କ ନିକଟରେ ତୁମର ଶପଥ ବିଷୟ ସ୍ମରଣ କର ଓ ଅନ୍ତରାଳରେ ମା' ରହି ତୁମର ସମସ୍ତ କାର୍ଯ୍ୟକୁ ଲକ୍ଷ୍ୟ କରୁଛନ୍ତି ବୋଲି ଭାବ ଓ ଏହି ବାହ୍ୟ ସଫଳତା ଅପେକ୍ଷା ସେହି ଆନ୍ତର ସଫଳତା ଉପରେ ବେଶି ଗୁରୁତ୍ୱ ଦିଅ, ଦେଖିବ ଜୋକ ମୁହଁରେ ଲୁଣ ଦେଲାପରି ସେ ପ୍ରବୃତ୍ତି ସଙ୍କୁଚିତ ହୋଇଯିବ । କପି କରିବାର ପ୍ରବୃତ୍ତି ମନରେ ଚାଞ୍ଚଲ୍ୟ ସୃଷ୍ଟିକରି ସ୍ମରଣ ଥିବା ସମସ୍ତ ପାଠ ଉପରେ ଏକ ଝାପ୍‌ସା ପରଦା ଢାଙ୍କି ଦେଇଥାଏ । ଏଇ ପ୍ରବୃତ୍ତିକୁ ଦୂର କରି ମନରେ ଟିକିଏ ସ୍ଥିରତାଆଣି ମା'ଙ୍କୁ ସ୍ମରଣ କଲେ ମନରେ ଥିବା ସମସ୍ତ ପାଠ ଖୁବ୍ ସୁନ୍ଦର ଓ ସୁଶୃଙ୍ଖଳଭାବେ ଆସେ ଓ ଏକାଗ୍ରତାର ସହ ଖୁବ୍ କମ୍ ସମୟ ମଧ୍ୟରେ ବହୁତ ଲେଖିହୁଏ । ଏଇଭଳି ଏକ ଆନ୍ତର ଓ ବାହ୍ୟ ପରୀକ୍ଷା ଦେଇସାରିବା ପରେ ମନରେ ଯେ କେତେ ଆନନ୍ଦ ଆସେ ତାହା ଅନୁଭବୀହିଁ ଜାଣେ । ଥରେ ଏହି ପ୍ରକାର ପରୀକ୍ଷାର ସ୍ୱାଦ ଚାଖିଲେ ଅସମ୍ଭବରୂପେ ନିଜର ଆତ୍ମବିଶ୍ୱାସ, ନିର୍ଭୀକତା, ସଚ୍ଚୋଟପଣିଆ ଓ ନିୟମିତତା ବୃଦ୍ଧି ପାଏ । ସବୁଠାରୁ ବଡ଼ କଥା ହୁଏ ମା'ଙ୍କ ପ୍ରତି ଏକ ଅପୂର୍ବ କୃତଜ୍ଞତାରେ ହୃଦୟ ଭରିଉଠେ ।

ଏଣିକି ପରୀକ୍ଷା ଆମକୁ ମିଥ୍ୟାବାଦୀ, କପଟାଚାରୀ ଓ ଅଧ୍ୟବସାୟକାତର ନକରି ଆମର ଦୋଷତ୍ରୁଟି ସବୁକୁ ବାହାରକୁ ଆଣି ଆମକୁ ଅଗ୍ରଗତି ନିମନ୍ତେ ପ୍ରେରଣା ଦେଉ । କାହାରି ସାହାଯ୍ୟକୁ ଅପେକ୍ଷା ନକରି, ବାହ୍ୟ ଆଇନ୍-କାନୁନ୍‌ର ଦ୍ୱାହି ନଦେଇ ଆମେ ଛାତ୍ର ହେଉ ବା ଶିକ୍ଷକ ହେଉ ଚାଲ ଆଜିଠାରୁ ପ୍ରଚଳିତ ପରୀକ୍ଷାର ସ୍ୱରୂପ ଓ ଧାରାକୁ ଭିତରୁ ଭିତରୁ ବଦଳାଇ ଦେବା । ଏହାର ମୂଲ୍ୟ ଯେ କେବଳ ଆମେ ଶିକ୍ଷାକ୍ଷେତ୍ରରେ ପାଇବା ତାହା ନୁହେଁ, ଆମର ଏହି ନିଷ୍ଠାପରତା ଜୀବନର ସକଳ କ୍ଷେତ୍ରକୁ ପ୍ରଭାବିତ କରି ଆମକୁ ଆହୁରି ମହନୀୟ କରି ଗଢ଼ିତୋଳିବ ।

# ମନ୍ଦ ଅଭ୍ୟାସ କ'ଣ ଛାଡ଼ି ହେବ ନାହିଁ

ଅଭ୍ୟାସଟି ମନ୍ଦ ବୋଲି ଯଦି ଜାଣିପାରିଲଣି ତେବେ ଛାଡ଼ିହେବ ନାହିଁ କାହିଁକି ? ଶରୀରରେ ଯଦି ତୁମର ମଇଳା ଲାଗେ ଓ ତୁମେ ଚାହଁ ଯେ ସେ ମଇଳା ତୁମ ଶରୀରରେ ନ ରହୁ ତେବେ କ'ଣ ତୁମେ ତାକୁ ସଫା କରିପାର ନାହିଁ ? ହଁ, ସଫା କରି ବି ନପାର । କାରଣ ତାହା ମଇଳା ଓ ଶରୀର ପକ୍ଷରେ କ୍ଷତିକାରକ ବୋଲି ଜାଣିଲେ ତ ! କେତେକ ବ୍ୟକ୍ତି ଅଛନ୍ତି ମାସ ମାସ ଧରି ସ୍ନାନ କଲେ ବି କିଛି ଖରାପ ବୋଲି ଭାବନ୍ତି ନାହିଁ । ସେଇଥିଯୋଗୁଁ ସେମାନେ ପଛେ ନାନା ରୋଗଯନ୍ତ୍ରଣା ଭୋଗ କରିବେ, କିନ୍ତୁ ସେମାନେ ଜାଣିପାରିବେ ନାହିଁ ଯେ ଅପରିଷ୍କାର-ଅପରିଚ୍ଛନ୍ନତା ଏହି ରୋଗ ଯନ୍ତ୍ରଣା ଲାଗି ଅନେକ ପରିମାଣରେ ଦାୟୀ ।

ଠିକ୍ ସେହିପରି ଆମ ଭିତରେ ମନ୍ଦ ଅଭ୍ୟାସ କ'ଣ ତାହା ଜାଣିଲେ ସିନା ସେସବୁ ଛାଡ଼ିବୁ, ନଚେତ୍ ଛାଡ଼ିବୁ କିପରି ? ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଉଭୟ ଭଲମନ୍ଦ ମିଶି ରହିଛି । ଜଣେ ବ୍ୟକ୍ତି ସବୁ ସମୟରେ ଖୁବ୍ ଶାନ୍ତ ଥାଏ ତ' ହଠାତ୍ କୌଣସି ଏକ ମୁହୂର୍ତ୍ତରେ ରାଗିଉଠେ । ସେହିପରି ଅନେକ ରାଗୀ ବ୍ୟକ୍ତି ଅଛନ୍ତି ଯେଉଁମାନେ ସମୟେ ସମୟେ ଖୁବ୍ ଶାନ୍ତ ଓ ନମ୍ର ବ୍ୟବହାର ଦେଖାଇଥାଆନ୍ତି । ଅନେକ କୃପଣ ବ୍ୟକ୍ତି ଅଛନ୍ତି ଗୋଟିଏ ପଇସା କାହାକୁ ଦେବାକୁ କୁଣ୍ଠାବୋଧ କରନ୍ତି । କିନ୍ତୁ ସେମାନଙ୍କ ଜୀବନରେ ଗୋଟିଏ ଗୋଟିଏ ମୁହୂର୍ତ୍ତ ଆସେ ଯେତେବେଳେ ସେମାନେ ମୁକ୍ତହସ୍ତ ହୋଇପଡ଼ନ୍ତି । ଠିକ୍ ସେହିପରି ଦାନଶୀଳ ବ୍ୟକ୍ତିଙ୍କ ମଧ୍ୟରେ ବି ବେଳେବେଳେ କୃପଣଭାବ ଦେଖା ଦେଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କ ଭିତରେ ଏକ ସଙ୍ଗରେ ଦୁଇଟି ବିପରୀତ ଗୁଣ ରହିଛି । ଆମ ଭିତରେ ଯେତେବେଳେ ସବୁ ପ୍ରକାର ଗୁଣ ମିଶି ରହିଛି ତା' ଭିତରୁ ଭଲ କିଏ, ଆଉ ମନ୍ଦ କିଏ, ଆମେ କିପରି ବାଛିବା ?

ଏଇ ବାଛିବା କାର୍ଯ୍ୟ ଆମେ ସେପର୍ଯ୍ୟନ୍ତ କରିପାରିବା ନାହିଁ ଯେପର୍ଯ୍ୟନ୍ତ ଆମେ ଆମ ଜୀବନର ଏକ ଲକ୍ଷ୍ୟ ସ୍ଥିର ନ କରିଛେ । ଥରେ ଆମେ ଆମର ଲକ୍ଷ୍ୟ ସ୍ଥିର କରିନେଲେ ସେ ପଥରେ ଯିବାଲାଗି ଯାହାକିଛି ବାଧା ଦେବ ଆମେ ଜାଣିବୁ ସେଗୁଡ଼ିକ ମନ୍ଦ ଅଭ୍ୟାସ ଓ ତାକୁ ଛାଡ଼ିବାକୁ ହେବ ।

ମନେକର ଆମର ଲକ୍ଷ୍ୟ ହେଲା ଆମେ ସୁସ୍ଥ, ସବଳ ଓ ସୌନ୍ଦର୍ଯ୍ୟବାନ ହେବୁ, ଭଲ ପାଠପଢ଼ିବୁ, ଯେଉଁ କାମ କରିବୁ ତାକୁ ଗଭୀର ନିଷ୍ଠାର ସହ କରିବୁ ଓ ଆମେ କିଏ, ଆମେ ଏଠାକୁ କାହିଁକି ଆସିଛୁ, ଆମର ଏ ଦେଖା ଯାଉଥିବା ଶରୀର ଛଡ଼ା ଆଉ କିଛି ଅଛି ନା ନାହିଁ, ଯଦି ଅଛି ସେସବୁ ଆମେ ରାଗୁଛୁ କାହିଁକି, ଦୁଃଖ କରୁଛୁ କାହିଁକି, ଭଲପାଉଛୁ କାହିଁକି, ଘୃଣା କରୁଛୁ କାହିଁକି, ରୋଗରେ ପଡୁଛୁ କାହିଁକି, ବୁଢ଼ା ହେଉଛୁ କାହିଁକି, ମରୁଛୁ କାହିଁକି ଓ ଏସବୁ ଦୁଃଖ, କଷ୍ଟ, ରୋଗ, ଜରା, ମୃତ୍ୟୁକୁ କିପରି ଅତିକ୍ରମ କରିବାକୁ ହେବ– ଏସବୁ ଯଦି ଜାଣିବାକୁ ଚାହୁଁ ତେବେ ଆମେ ଆଉ ପୁରୁଣା ଲୋକଙ୍କ ଭଳି ଗତାନୁଗତିକ ଧାରାରେ ଚାଲିବୁ ନାହିଁ । ବର୍ତ୍ତମାନ ଆମର ଲକ୍ଷ୍ୟ ସ୍ଥିର ହୋଇଗଲା ପରେ ଚାଲ ଦେଖିବା ଆମେ କ'ଣ କରୁଛେ । ଆମେ ବାସିଭାତ ଖାଉଛେ, ନଗଦ ରନ୍ଧା ଭାତ ଖାଉଛେ । ତେଲ, ମସଲା, ରାଗ, ଖଟା, ମିଠାଦିଆ ତରକାରି ଖାଉଛେ, ମାଛ, ମାଂସ, ଅଣ୍ଡା, ଦୁଧ, ଫଳମୂଳ, ପନିପରିବା, ମଦ, ପାନ, ବିଡ଼ି, ସିଗାରେଟ୍, ଗଞ୍ଜାଇ, ଅଫିମ ଆଦି ଖାଉଛେ । କେଉଁଦିନ ରାତି ଛ'ଟାରେ ଉଠୁଛେ ତ କେଉଁଦିନ ରାତି ଏଗାରଟାରେ ଶୋଇ ସକାଳ ଆଠଟା ନଅଟା ବେଳକୁ ଉଠୁଛେ । କେଉଁଦିନ ସକାଳ ସାତଟାରେ ସ୍ନାନ କରୁଛେ ତ କେଉଁଦିନ ଦିନ ବାରଟା ହୋଇଯାଉଛି । ଝାଡ଼ା ଦିନେ ହେଲେ ଆଉ ଦିନେ ନହେଲେ ବି ଚଳିଯାଉଛି । ବେଳେବେଳେ ନିଜକୁ ଓ ପୋଷାକପତ୍ରକୁ ପରିଷ୍କାର ପରିଚ୍ଛନ୍ନ ରଖୁଛେ ତ ବେଳେବେଳେ ତାହା ଅପରିଷ୍କାର ଅପରିଚ୍ଛନ୍ନ ହୋଇ ପଡ଼ିଛି ।

ପୁଅପିଲା ହୋଇଥିଲେ ଝିଅପିଲାଙ୍କ ଚରିତ୍ର ସମ୍ବନ୍ଧେ ଗପ କରୁଛେ ବା ଝିଅପିଲା ହୋଇଥିଲେ ପୁଅପିଲାଙ୍କ ଚରିତ୍ର ସମ୍ବନ୍ଧେ ଗପ କରୁଛେ । ସ୍କୁଲ, କଲେଜ, କଳକାରଖାନାର କର୍ତ୍ତୃପକ୍ଷଙ୍କୁ ହଇରାଣ କରିବା ନିମନ୍ତେ ଧର୍ମଘଟର ଯୋଜନା କରୁଛେ । କେତେବେଳେ ଯଦି କୌଣସି ଆଦର୍ଶସ୍ଥାନୀୟ ବ୍ୟକ୍ତି ଦର୍ଶନ ପାଉଛେ ତାଙ୍କ ସହ ଭଗବାନ, ସତ୍ୟ, ଦେଶର କଲ୍ୟାଣ ତଥା ନିଜ ଆତ୍ମାର କଲ୍ୟାଣ ସମ୍ବନ୍ଧେ ଆଲୋଚନା କରୁଛେ । କେତେବେଳେ ଚିନ୍ତା କରୁଛେ ଖୁବ୍ ଧନୀ ହେବୁ, ବିଳାସବ୍ୟସନରେ ରହିବୁ, ଡାକ୍ତର ହେବୁ, ଇଞ୍ଜିନିୟର ହେବୁ ବା ମନ୍ତ୍ରୀ ତ ପୁଣି କେତେବେଳେ ଚିନ୍ତା କରୁଛେ ଏ ସଂସାରରେ କ'ଣ ଲାଭ, ଏ ସଂସାର ଛାଡ଼ି ସନ୍ନ୍ୟାସୀ ହୋଇ ଭଗବାନଙ୍କୁ ଡାକିବୁ । କେତେବେଳେ ଚିନ୍ତା କରୁଛେ ଏ ସଂସାର ଛାଡ଼ିବୁ ନାହିଁ କି, ଏ ସଂସାର ଯେପରି ଅଛି ସେପରି ଚଳିବୁ ନାହିଁ, ଆମେ ଏକ ନୂତନ ସଂସାର ଗଠନ କରିବୁ । ଆମେ ଯଦି ନିଜକୁ ପର୍ଯ୍ୟବେକ୍ଷଣ କରୁ ତେବେ ଦେଖିବୁ ଏହିପରି ଅସଂଖ୍ୟ ପରସ୍ପର ବିପରୀତଧର୍ମୀ ଚିନ୍ତା ଓ କ୍ରିୟାକଳାପରେ ଆମର ଜୀବନ ପୂର୍ଣ୍ଣ । କିନ୍ତୁ ଆମେ ଯେତେବେଳେ ଆମର ଲକ୍ଷ୍ୟ ଗ୍ରହଣ କରିଛେ ସେତେବେଳେ ଆମେ ଖୁବ୍ ସହଜରେ ନହେଲେ ବି ବାଛି ନେଇପାରିବୁ ଯେ ଦୈନନ୍ଦିନ ଏହି କ୍ରିୟାକଳାପ ମଧ୍ୟରୁ କେଉଁଗୁଡ଼ିକ ଆମ ଲକ୍ଷ୍ୟପଥରେ ସହାୟକ ଓ କେଉଁଗୁଡ଼ିକ ପ୍ରତିବନ୍ଧକ । ଏହା ଜାଣିଲା ପରେ ପ୍ରତିବନ୍ଧକ ସୃଷ୍ଟିକାରୀ ମନ୍ଦ ଅଭ୍ୟାସଗୁଡ଼ିକୁ ଦୂର କରିବା ସହଜ ହେବ । ଉଦାହରଣସ୍ୱରୂପ ମନ୍ଦ ଅଭ୍ୟାସ ମଧ୍ୟରୁ ଗୋଟିଏ ଅଭ୍ୟାସ ଧୂମପାନ କଥା ନିଆଯାଉ । ଏ ଗୋଟିଏ ଅତି ଛୋଟିଆ ମନ୍ଦ ଅଭ୍ୟାସ । ତେବେ ଯାହାହେଉ, ଏହି ଛୋଟରୁ ବଡ଼ ଆଡ଼କୁ ଯିବା । ଆମେ ଜାଣିଲୁ ଯେ ଧୂମପାନ କରିବା ଫଳରେ ଆମ ଶରୀର, ମନ ଓ ପ୍ରାଣ ଉପରେ ଖରାପ ପ୍ରଭାବ ପଡୁଛି ଓ ଆମର ଚେତନା ଧୀରେ ଧୀରେ ନିମ୍ନଗାମୀ ହେଉଛି । ତେବେ ସେଇଠୁଁ ଆମେ ଦୃଢ଼ସଂକଳ୍ପ ଗ୍ରହଣ କରିବୁ ଯେ ଯେକୌଣସି ପ୍ରକାରେ ଏହାକୁ ଛାଡ଼ିବାକୁ ହେବ ।

ଯେତେବେଳେ ଏଇ ସଂକଳ୍ପ ଗ୍ରହଣ କରିବା, ତା' ପରଠାରୁ ସ୍ପଷ୍ଟ ଭାବରେ ଦେଖିବା ଯେ ଆମ ଭିତରେ ଏକ ସଙ୍ଗରେ ରହିଥିବା ପରସ୍ପରବିରୋଧୀ ଦୁଇଟି ପ୍ରକୃତି ମଧ୍ୟରେ କଳହ ।

ଗୋଟିଏ ପ୍ରକୃତି ଧୂମପାନର ସପକ୍ଷରେ ଯାଇ କହିବ, ''ନା ଏହାକୁ ଛାଡ଼ିଲେ ଝାଡ଼ା ସଫା ହେବ ନାହିଁ, ଖାଦ୍ୟ ହଜମ ହେବ ନାହିଁ, ପାଠରେ ମନ ଲାଗିବ ନାହିଁ କିଂବା କୌଣସି କାମରେ ମନ ଲାଗିବ ନାହିଁ । ତା'ଛଡ଼ା ମଣିଷ ପ୍ରକୃତି ମଲେ ବି ବଦଳେ ନାହିଁ । ତେଣୁ ସେ ବିଷୟରେ ଚେଷ୍ଟା କରି ଲାଭ ବା କ'ଣ ? ଯେଉଁମାନେ ଧୂମପାନ ନକରୁଛନ୍ତି ସେମାନେ ବି ରୋଗ କଷ୍ଟରେ ପଡ଼ି ଦିନେ ମରୁଛନ୍ତି । ସେହିପରି ଆମେ ଧୂମପାନ କରି ରୋଗକଷ୍ଟରେ ପଡ଼ି ମଲେ କ୍ଷତି ବା କ'ଣ ? ବରଂ ଧୂମପାନରୁ ଯେଉଁ ଆନନ୍ଦ ମିଳୁଛି ସେତକତ ପାଇପାରିବୁ ।''

ଠିକ୍ ଆମର ଅନ୍ୟ ପ୍ରକୃତିଟି ଯିଏ ଏହାକୁ ଭୁଲ ବୋଲି ଜାଣିସାରି ତ୍ୟାଗ କରିବାକୁ ସଂକଳ୍ପ କରିଛି (ଆମେ ଯଦି ମା' ଶ୍ରୀଅରବିନ୍ଦଙ୍କ ଆଦର୍ଶର ସାମାନ୍ୟ କିଛି ଆଭାସ ପାଇଥାଉ) ସେ କହିବ, ''ଯାହା ବି ଘଟିଯାଉ ପଛେ ମୁଁ ଏ ଅଭ୍ୟାସ ତ୍ୟାଗ କରିବି । ପ୍ରଥମେ ଅସୁବିଧା ହୋଇପାରେ; କିନ୍ତୁ ପରେ ସବୁ ଠିକ୍ ହୋଇଯିବ । ଧୂମପାନ ମୋ ପାଠପଢ଼ାରେ ସାହାଯ୍ୟ କରିବା ଅପେକ୍ଷା ବରଂ ମୋର ସ୍ମୃତି ଶକ୍ତିକୁ ତିଳତିଳ କରି ନଷ୍ଟ କରୁଛି । ତା'ଛଡ଼ା ଆମେ ଚାହିଁଲେ ମା' ଶ୍ରୀଅରବିନ୍ଦ ଯେଉଁ ନୂତନ ଅତିମାନସ ଶକ୍ତି ପୃଥିବୀକୁ ଉତାରି ଆଣିଛନ୍ତି ତା'ରି ବଳରେ ଆମ ପ୍ରକୃତିକୁ ବଦଳାଇ ଦେଇପାରୁ । 'ମଣିଷ ପ୍ରକୃତି ମଲେ ତୁଟେ'– ଏ ପୁରୁଣା କଥା । ନୂଆ ଯୁଗର ତରୁଣମାନଙ୍କ ଲାଗି ଏ କଥା ନିରର୍ଥକ ଓ ସଂପୂର୍ଣ୍ଣ ଭୁଲ । ତା'ଛଡ଼ା ଧୂମପାନରୁ ଯେଉଁ ଆନନ୍ଦ ମିଳେ ତାହା କ୍ଷଣସ୍ଥାୟୀ ଓ ସେ ଆନନ୍ଦର ସହଚର ରୂପେ ଆସିଥା'ନ୍ତି ଅସଂଖ୍ୟ ରୋଗବ୍ୟାଧି । ଯଥାର୍ଥ ଆନନ୍ଦ ଧୂମପାନରୁ ମିଳେ ନାହିଁ, ମିଳେ ନିଜ ମଧ୍ୟରେ ଭଗବାନଙ୍କୁ ଖୋଜିବା ଓ ତାଙ୍କୁ ପାଇ

ତାଙ୍କ ସହ ବାସ କରିବାରେ । ସାଧାରଣ ଲୋକ ଯେପରି ରୋଗ କଷ୍ଟରେ ପଡ଼ି ମୃତ୍ୟୁବରଣ କରୁଛନ୍ତି ଆମେ ତ ସେପରି ହେବୁ ନାହିଁ । ଆମେ ରୋଗ, ବାର୍ଦ୍ଧକ୍ୟ, ମୃତ୍ୟୁ ଚାହୁଁ ନାହୁଁ । ତେଣୁ ଧୂମପାନ କରି ସେସବୁକୁ ନିମନ୍ତ୍ରଣ କରିବା ଦରକାର ନାହିଁ । ଯେଉଁମାନେ ନିଜ ଜୀବନର ବିକାଶ ଅପେକ୍ଷା ଧୂମପାନକୁ ଅଧିକ ଭଲ ପାଆନ୍ତି ସେମାନେ ତାହା କରନ୍ତୁ । ଆମେ କିନ୍ତୁ ତାହାର ଗୋଲାମ ହୋଇପାରିବୁ ନାହିଁ ।''

ଏପରି ସଂକଳ୍ପ ଗ୍ରହଣର ପ୍ରଥମ ଅବସ୍ଥାଟି ଆମ ପକ୍ଷରେ ଟିକିଏ କଷ୍ଟକର ହୋଇଉଠେ । କାରଣ ଆମ ଭିତରେ ଦୁଇ ପ୍ରକୃତି ମଧ୍ୟରେ ସଂଘର୍ଷ ଖୁବ୍ ଭୀଷଣ ହୁଏ । ଏପରିକି ଆମ ନିମ୍ନ ପ୍ରାଣ ଯେ କି ଧୂମପାନକୁ ଭଲପାଏ ସେ ଆମକୁ ଆମ କାମ କରିବା ଲାଗି ଶକ୍ତି କିଂବା ପ୍ରେରଣା ଦେଇ ନଥାଏ । ଏହି ସମୟରେ ପୁଣି ଟିକିଏ ଧୂମପାନ ଆମେ କରିଦେଲେ ଆମର କାମ କରିବାର ସ୍ପୃହା, ଉତ୍ସାହ ଓ ଉଦ୍ଦୀପନା ଫେରିଆସେ । ଆମେ ଭାବୁ ଧୂମପାନ ଯୋଗୁଁ ଏଭଳି ହେଲା । କିନ୍ତୁ ବାସ୍ତବରେ ତାହା ନୁହେଁ; ଆମ ଭିତରେ ଥିବା ନିମ୍ନପ୍ରାଣ ତା'ର ଅଭିମାନ ଛାଡ଼ି ଆସି ଆମ ସହ ସହଯୋଗ କରିବାରୁ ଏପରି ଘଟିଲା । ଠିକ୍ ସେହି ମୁହୂର୍ତ୍ତରେ ମଧ୍ୟ ଆମେ ଆମର ଉଚ୍ଚତର ପ୍ରାଣ ଓ ବିବେକର ଦଂଶନ ଅନୁଭବ କରୁ । ''ସଂକଳ୍ପ କରିଥିଲୁ ଧୂମପାନ ଛାଡ଼ିଦେବା ଲାଗି, ପୁଣି ତା'ରି ଗୋଲାମ ହୋଇ ପଡ଼ିଲୁ !'' ଯେଉଁମାନେ ଯଥାର୍ଥରେ ନିଷ୍ଠାର ସହ ଚାହୁଁଥାଆନ୍ତି ଧୂମପାନ ଛାଡ଼ିଦେବାକୁ, ଏହି ଯନ୍ତ୍ରଣା ସେମାନଙ୍କ ପକ୍ଷରେ ବହୁତ ତୀବ୍ର । କିନ୍ତୁ ଏ ଅବସ୍ଥା ସବୁଦିନେ ରହେ ନାହିଁ । ଦୃଢ଼ସଂକଳ୍ପ ଓ ସାହାଯ୍ୟ ଲାଗି ମା'ଙ୍କୁ ପ୍ରାର୍ଥନା କରିବା ଫଳରେ ଆମ ଭିତରେ ଯେଉଁ ନିମ୍ନପ୍ରାଣ ଧୂମପାନ ଚାହୁଁଥାଏ ତାହା ଧୀରେ ଧୀରେ ଶୁଦ୍ଧ ହୋଇଯାଏ ଓ ସ୍ଥୂଳଭାବରେ ଆମେ ଧୂମପାନ ଛାଡ଼ିଦେଉ । କିନ୍ତୁ ଆମ ଭିତରେ ସବୁବେଳେ ସେ ବାସନା ଲୁଚି ରହିଥାଏ, ଧୂମପାନର ସମୟ ଉପସ୍ଥିତ ହେଲେ ଆମ ଭିତରେ ସେଥିଲାଗି ଗୋଟିଏ ଅଦୃଶ୍ୟ ବାସନା

ଜାଗିଉଠେ । କିନ୍ତୁ ସେତେବେଳେ ଆମର ଭଲ ପ୍ରକୃତିଟି ଏହି ମନ୍ଦ ପ୍ରକୃତି ଅପେକ୍ଷା ବହୁତ ଶକ୍ତିଶାଳୀ ହୋଇ ଯାଇଥାଏ । ତେଣୁ ସହଜରେ ଆମେ ଏ ବାସନାକୁ କାର୍ଯ୍ୟକାରୀ ହେବାକୁ ଦେଉ ନାହିଁ । କିନ୍ତୁ ଆମ ଭିତରେ ପ୍ରାଣର କୌଣସି ଅଂଶରେ ଏ ବାସନା ଥିବାରୁ ଆମେ ଶୋଇ ପଡ଼ିବା ପରେ ସ୍ୱପ୍ନରେ ମଧ୍ୟ ଦେଖୁ ଯେପରି ଆମେ ଧୂମପାନ କରୁଛୁ । ପୁଣି ସେହି ପୁରୁଣା ଅଭ୍ୟାସକୁ ଫେରିଯିବା ଫଳରେ ମନରେ ଭାରି ଦୁଃଖ ହୁଏ । କିନ୍ତୁ ନିଦ ଭାଙ୍ଗିଲା ପରେ ଏହା ବାସ୍ତବ ନୁହେଁ, ସ୍ୱପ୍ନ ଜାଣି ଆଶ୍ୱସ୍ତ ହେଉ । କୌଣସି ଅଭ୍ୟାସ ଭଲ ହେଉ ବା ମନ୍ଦ ହେଉ ଆମ ଶରୀର ତା'ର ଏପରି ଦାସ ହୋଇପଡ଼ିଥାଏ ଯେ ଆମେ ତାହା ଚାହୁଁ ବା ନଚାହୁଁ ସେ ତା'ର କାମ ଆମେ ଆମେ କରିପକାଏ ! ଧୂମପାନ ଛାଡ଼ିଦେବା ପରେ– ଏପରିକି ପ୍ରାଣରେ ସେଥିପାଇଁ ଯେତେବେଳେ କାମନା ନାହିଁ ସେତେବେଳେ ବି ଶରୀର ଏ ଅଭ୍ୟାସକୁ ଛାଡ଼ି ନଥାଏ । ଧୂମପାନର ସମୟ ହୋଇଗଲେ ଯେଉଁ ସ୍ଥାନରେ ଧୂମପାନର ସରଞ୍ଜାମ ସବୁ ରଖାଯାଇଥାଏ ସେ ସ୍ଥାନକୁ ହାତ ଚାଲିଯାଏ । ଯଦି ସେଠାରେ ଅନ୍ୟ କେହି ବ୍ୟକ୍ତି ବ୍ୟବହାର କରୁଥିବା ଯୋଗୁ ସେସବୁ ପଦାର୍ଥ ଥାଏ ତେବେ ତାହା ଆଣି ମୁଖରେ ଦେଇ ଅଗ୍ନିସଂଯୋଗ କରିବା ପୂର୍ବରୁ କିଂବା ସାମାନ୍ୟ ପରେ ମନେ ପଡ଼ିଯାଏ, ''ଆରେ ! ଏସବୁ ତ ମୁଁ ଛାଡ଼ିଥିଲି, ଚାହିଁ ବି ନଥିଲି ଏଠାକୁ ଆସିବାକୁ, ଆସିଲି କିପରି ?'' ଏସବୁ ଅଭ୍ୟାସ ଶରୀରର । ଶରୀର ଯେକୌଣସି ଅଭ୍ୟାସକୁ ସମସ୍ତଙ୍କ ଶେଷରେ ଛାଡ଼େ । ପକେଟରେ ବିଡ଼ି, ସିଗାରେଟ୍ କିଛି ନଥିବ; କିନ୍ତୁ ପୂର୍ବ ଅଭ୍ୟାସବଶତଃ ବାରଂବାର ହାତ ପୂରାଉଥିବ । କିନ୍ତୁ ସ୍ୱପ୍ନର ଅବଚେତନ ସ୍ତରର ସେହି ଅବସ୍ଥା ଓ ବାହ୍ୟ ସ୍ଥୂଳ ଶରୀରର ଏ ଅବସ୍ଥା ବେଶୀଦିନ ରହେ ନାହିଁ । ଦୃଢ଼ସଂକଳ୍ପ ଓ ମା'ଙ୍କ କୃପାଫଳରେ ସବୁ ଜଳିପୋଡ଼ି ଶୁଦ୍ଧ ହୋଇଯାଏ । ଆଉ ଆମେ ଧୂମପାନର ସ୍ୱପ୍ନ ବି ଦେଖୁ ନାହିଁ; କିଂବା ଶରୀର ଆମ ଅଜାଣତରେ ଧୂମପାନ ଲାଗି ଆଗେଇଯାଏ ନାହିଁ ।

ଆମେ ଯେତେବେଳେ ଏହି ଛୋଟିଆ ମନ୍ଦ ଅଭ୍ୟାସଟି ଉପରେ ବିଜୟ ହାସଲ କରୁଁ ସେତେବେଳେ କେତେ ଯେ ଆନନ୍ଦ ଅନୁଭବ ନକରୁ ! ତାହାକେବଳ ବିଜୟୀ ଜାଣେ । ଏହି ଗୋଟିଏ ସାମାନ୍ୟ ବିଜୟ ଆମ ଜୀବନରେ ବଡ଼ ବଡ଼ ବିଜୟ ଲାଗି ପଥ ଉନ୍ମୁକ୍ତ କରିଦିଏ । କେବଳ ଧୂମପାନ ନୁହେଁ, ଏହିପରି ଯେକୌଣସି ଅଭ୍ୟାସ ମନ୍ଦ ବୋଲି ଆମେ ଜାଣିଲେ ତାକୁ ଆମେ ତଡ଼ିଦେଇପାରିବୁ । କେବଳ ଦରକାର ଦୃଢ଼ ଅବିଚଳିତ ଓ ଶେଷ ପର୍ଯ୍ୟନ୍ତ ଯିବା ଭଳି ଏକ ସଂକଳ୍ପ ଶକ୍ତି । ଏହି ସଂକଳ୍ପ ଶକ୍ତି ସମସ୍ତଙ୍କ ମଧ୍ୟରେ ଜାଗ୍ରତ ହୋଇପାରେ ନାହିଁ । ତାହା ଜାଗ୍ରତ ହେବା ମଧ୍ୟ ଭଗବାନଙ୍କ କୃପା । ଯେତେବେଳେ କୌଣସି ଉତ୍ତମ କାର୍ଯ୍ୟ ଲାଗି ସଂକଳ୍ପ ଜାଗ୍ରତ ହେଲା, ଜାଣିବ ଯେ ଭଗବାନଙ୍କ କୃପା ସବୁବେଳେ ପାଖେ ପାଖେ ରହିଛି ଓ ତାହାହିଁ ଏହି ସଂକଳ୍ପଶକ୍ତିକୁ ଜାଗ୍ରତ କରାଇଛି । ତେଣୁ ନିର୍ଭୟରେ ଦ୍ୱିଧାହୀନଭାବେ ତାଙ୍କରି ଉପରେ ଅଟଳ ବିଶ୍ୱାସ ଓ ଭରସା ରଖି ଆଗେଇଯିବାକୁ ପଡ଼ିବ ।

ଆମେ ଯେପରି ବ୍ୟାୟାମ କରି ଆମ ଶରୀରର ସ୍ୱାସ୍ଥ୍ୟ ବର୍ଦ୍ଧନ କରୁ ସେହିପରି ସଂକଳ୍ପଶକ୍ତିର ସ୍ୱାସ୍ଥ୍ୟ ମଧ୍ୟ ଆମେ ବଢ଼ାଇପାରୁଁ । ଯଦି ଛୋଟ ଛୋଟ କାମ ଯଥା : ସଂକଳ୍ପ ବଳରେ ଖରାପ କରୁଥିବା କୌଣସି ଗୋଟିଏ ବିଷୟରେ ଖୁବ୍ ଭଲ କରିବା, ଯେଉଁ ବ୍ୟାୟାମ କିଂବା ଖେଳଟି ଆସୁ ନାହିଁ ସେଥିରେ ଭଲ କରିବା, ପାନ, ବିଡ଼ି, ସିଗାରେଟ୍, ଗୁଡ଼ାଖୁ ଆଦି ଅଭ୍ୟାସ ଥିଲେ ସେସବୁକୁ ଛାଡ଼ିଦେବା, ପରୀକ୍ଷାରେ ଆଦୌ କପି ନକରିବା, ବିଭିନ୍ନ ରାଜନୈତିକ ନେତାଙ୍କ ପ୍ରରୋଚନାରେ ପଡ଼ି ଧର୍ମଘଟ ଆଦି ନକରିବା, ମିଛ ନକହିବା– ଏହିପରି ଅସଂଖ୍ୟ ଛୋଟ ଛୋଟ କାମରେ ସଫଳ ହେଲେ, ଆମର ସଂକଳ୍ପଶକ୍ତି ଖୁବ୍ ଟାଣୁଆ ହୋଇଯାଏ । ଫଳରେ ଆମେ ଯେତେବେଳେ ଯାହା ସଂକଳ୍ପ କରୁ ତାହା କରିପାରୁ । ଆମେ ଯଦି ମା' ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ଆମର ଜୀବନକୁ, ଆମ ଶିକ୍ଷାକୁ, ଆମ କର୍ମକୁ ପୂର୍ଣ୍ଣାଙ୍ଗ କରି ଗଢ଼ିବାକୁ ଚାହୁଁ ତେବେ କେତେକେତେ ବିରାଟ ଓ

ମହାନ୍ ସଂକଳ୍ପ ଶକ୍ତି ଆବଶ୍ୟକ ତାହା କଳ୍ପନା କରିହେବ ନାହିଁ । ଏହି ସାମାନ୍ୟ ପାନ, ବିଡ଼ି, ସିଗାରେଟ୍, ଗୁଡ଼ାଖୁ, ମଦ, ଗଞ୍ଜାଇ ନୁହେଁ, ଆମକୁ ଆମ ଭିତରେ ଏପରିକି ରକ୍ତ, ମାଂସ ଓ ଅସ୍ଥିରେ ମିଶି ରହିଥିବା ଯୁଗଯୁଗର, ଜନ୍ମଜନ୍ମର କାମ, କ୍ରୋଧ, ଲୋଭ ମୋହ, ଈର୍ଷା ଆଦି ଦୁର୍ଗୁଣକୁ ବର୍ଜନ କରିବାକୁ ହେବ; ପରିଶେଷରେ ରୋଗ ବାର୍ଦ୍ଧକ୍ୟ ଓ ମୃତ୍ୟୁକୁ ମଧ୍ୟ । ଆମେ ଆଉ ହେବୁ ନାହିଁ ଏକ ଅନ୍ଧ ପ୍ରକୃତିର ଦାସ, ଆମେ ହେବୁ ଅମର, ଚିରତରୁଣ, ଶକ୍ତିମାନ୍ ଜ୍ଞାନଦୀପ୍ତ, ଚିରଆନନ୍ଦର ଅଧିକାରୀ ଓ ଭଗବାନଙ୍କର ଏକନିଷ୍ଠ ସେବକ ।

# କପି ଧରିବି ନା କପି କରିବି କି ପରୀକ୍ଷା ହଲ୍ ଛାଡ଼ିବି ?

Escape brings not the Victory and the Crown !

– Sri Aurobindo

ପଳାୟନ ନାହିଁ ଆଣେ ବିଜୟ-ଗୌରବ !

– ଶ୍ରୀଅରବିନ୍ଦ

ପରୀକ୍ଷା ହଲ୍‌ରେ ଗାର୍ଡ଼ ପଡ଼ିବାକୁ ଯାଇଥିବା ଜଣେ ବନ୍ଧୁ ଲେଖିଥିଲେ "......ଆସନ୍ତା ଅପ୍ରେଲ ମାସଠାରୁ ଆମ କଲେଜରେ ସମସ୍ତ ବାର୍ଷିକ ପରୀକ୍ଷା ଆରମ୍ଭ ହେବ, ଯଥା ପ୍ରି-ଇଉନିଭରସିଟି, ପ୍ରି-ପ୍ରଫେସନାଲ୍ ଏବଂ ଡିଗ୍ରୀ କ୍ଲାସସବୁ । ଗତ ଟେଷ୍ଟ ପରୀକ୍ଷାରେ ବହୁ ପ୍ରକାରର ଗଣ୍ଡଗୋଳ, ମାର୍‌ପିଟ୍, କପି, ଅଶାନ୍ତି ପରେ ସମସ୍ତ ଛାତ୍ରଙ୍କୁ ଉତ୍ତୀର୍ଣ୍ଣ କରାଗଲା ।... ଆଶଙ୍କା କରାଯାଉଛି ଆସନ୍ତା ପରୀକ୍ଷା ସମୟରେ ବହୁଳ ଭାବେ କପି ହେବ, ପିଲାଏ ଗୁଣ୍ଡାମି କରିବେ । କପି ଧରିଲେ ଅପମାନ ଦେବାକୁ କୁଣ୍ଠିତ ହେବେ ନାହିଁ । ଅଧିକନ୍ତୁ ପରୀକ୍ଷା ହଲରେ ଜଗୁଆଳିକାମ କରିବା ସମୟରେ ନାନା କାରଣରୁ ଅନ୍ୟାନ୍ୟ ସହଯୋଗୀମାନଙ୍କଠାରୁ ଉପଯୁକ୍ତ ସହଯୋଗ ମିଳିବାର ସମ୍ଭାବନା ଖୁବ୍ କମ୍ । କପି ରିପୋର୍ଟ କରିବା ପାଇଁ କିମ୍ବା ଅପମାନ ହେଲେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇବା ସମୟରେ ସେମାନେ ଠିକ୍ ସାକ୍ଷ୍ୟ ଦେବେ ନାହିଁ । ଫଳରେ ଛାତ୍ରମାନଙ୍କ ସାମନାରେ ଶତ୍ରୁତା ଆଚରଣ କରି ହାସ୍ୟାସ୍ପଦ ହେବାକୁ ପଡ଼ିବ ।

ତା'ହେଲେ ୧. ଠିକ୍ କର୍ତ୍ତବ୍ୟ କିପରି କରିବାକୁ ହେବ ? ୨. ଚୁପ୍ ରହି ଅନ୍ୟମାନଙ୍କ ସହ ହାତ ମିଳାଇଲେ କର୍ତ୍ତବ୍ୟରେ ଆଞ୍ଚ ଆସିବ ନାହିଁ କି ? ୩. ଭୀରୁମାନଙ୍କ ଭଳି ଜାଣିଶୁଣି ଗୁଣ୍ଡାମି, ଅନୀତି କାର୍ଯ୍ୟକୁ କିପରି

ସମର୍ଥନ ଜଣାଇବା ? ୪. ଅଧିକାଂଶ ସହଯୋଗୀ କର୍ତ୍ତବ୍ୟରେ ହେଳା କରୁଥିବାରୁ ସେମାନଙ୍କ କାର୍ଯ୍ୟର ପ୍ରତିବାଦ କଲେ ସାମାଜିକ ବ୍ୟବହାର ଓ ଚଳାଚଳରେ ଅସୁବିଧା ହେବ ନାହିଁ କି ?

...ମୁଁ କିପରି ଅବସ୍ଥାରେ invigilation duty ଗ୍ରହଣ କରିବି ? ଅନ୍ୟାନ୍ୟ ଅନ୍ୟ କୌଣସି ଆଳରେ (ଯଥାର୍ଥ କି ?) duty ବର୍ଜନ କରିବି କି ?''

ଏ ତ ଗଲା ଗାର୍ଡ଼ଙ୍କ କଥା । ଜଣେ ପରୀକ୍ଷାର୍ଥୀ ଯେ କି ମାଟ୍ରିକୁଲେସନ୍‌ଠାରୁ ଆରମ୍ଭ କରି ବି. ଏସ୍. ସି. ଶେଷ ପର୍ଯ୍ୟନ୍ତ ପ୍ରଥମଶ୍ରେଣୀ ଅଧିକାର କରି ଉତ୍ତୀର୍ଣ୍ଣ ହୋଇ ଆସୁଛନ୍ତି ଯେ ତାଙ୍କ ବି. ଏସ୍. ସି. ଶେଷ ପରୀକ୍ଷା ପରେ ଲେଖିଥିଲେ, ''ପରୀକ୍ଷା ହଲ୍‌ରେ ଏଥର ମୋର ଯେଉଁ ଅନୁଭୂତି ସେଥିରେ ମୋର ଆଉ ଅଧିକ ପଢ଼ିବାକୁ ଇଚ୍ଛାହେଉ ନାହିଁ । ଯେଉଁ ପିଲା ଆଦୌ କଲେଜକୁ ଆସନ୍ତି ନାହିଁ, ପାଠସହ କେବେ ବି ସଂପର୍କ ରଖନ୍ତି ନାହିଁ, ସେମାନେ ସୁନ୍ଦର ଭାବରେ ବହି ପକାଇ ଆରାମରେ ପ୍ରଶ୍ନୋତ୍ତର ଲେଖିଚାଲିଛନ୍ତି । ଗାର୍ଡ଼ମାନେ ଏସବୁକୁ ତ ଧରୁ ନାହାନ୍ତି; ଅଧିକନ୍ତୁ ସେମାନେ ଆବଶ୍ୟକ କଲେ କିଂବା ବିନା ଆବଶ୍ୟକତାରେ ସେମାନଙ୍କୁ ପ୍ରଶ୍ନୋତ୍ତର ବତାଇ ଦେଉଛନ୍ତି ।

ଏସବୁ ଦେଖି ମୋ ମନ ବିଦ୍ରୋହ କରିଉଠିଲା । ଭାବିଲି, ମୁଁ କ'ଣ ଆଉ କପି କରିବି କି ? କିନ୍ତୁ ବିବେକର ଅନୁମୋଦନ ପାଇଲି ନାହିଁ । ଏଣେ ଆଦୌ ନ ପଢୁଥିବା ପିଲା ମୋ'ଠାରୁ ଭଲ ନମ୍ବର ରଖିବେ ଏହା ବି ସହିପାରିଲି ନାହିଁ । କିପରି ଏକ ଘୃଣା ଆଉ କ୍ରୋଧରେ ମନ ମୋର ଧୂଆଁଳିଆ ହୋଇଉଠିଲା । ଯାହା ମୋର ପୂର୍ବରୁ ଭଲରୂପେ ମନେ ଥିଲା ତାହା ଲେଖିଲାବେଳକୁ ଆଉ ମନେ ପଡ଼ିଲା ନାହିଁ । ତେଣୁ ପରୀକ୍ଷାରେ ଆଶାନୁରୂପ ଭଲ କରିପାରିଲି ନାହିଁ । ସ୍ଥିର କରିଛି, ପରୀକ୍ଷା ଫଳ ଯାହା ବି ହେଉ ଆଜିଠାରୁ ପଢ଼ାପଢ଼ି ଛାଡ଼ିଦେବି । ଆଉ ଏମ୍. ଏସ୍. ସି. ପଢ଼ିବି ନାହିଁ ।''

ଏସବୁ ଶୁଣି ଗୋଟିଏ କଥା ମନକୁ ଆସେ ।

ଗୋଟିଏ ହାଇସ୍କୁଲରେ ୯ମ ଶ୍ରେଣୀରେ ପିଲାଟିଏ ପଢୁଥିଲା । ପିଲାଟି ନାମ ମନୁଆ । ତୁମ୍ଭେମାନେ ଜାଣ ୯ମ ଶ୍ରେଣୀରେ ନିଜ ମନମୁତାବକ ଗୋଟିଏ ଅଧିକା ବିଷୟ ନେବାକୁ ହୁଏ, ତାକୁ optional ବା ଇଚ୍ଛାଧୀନ ବିଷୟ ବୋଲି କହନ୍ତି । ସମସ୍ତେ କହିଲେ, ଭବିଷ୍ୟତ୍ ପଢ଼ାପଢ଼ି, ଚାକିରି ଓ ଭଲ ନମ୍ବର ରଖିବା ଲାଗି ଅଙ୍କ ବିଷୟଟି ଭଲ । ତେଣୁ ସେ ଅଙ୍କ ନେଲା । କିନ୍ତୁ କିଛିଦିନ ଅଙ୍କ କ୍ଲାସକୁ ଯାଇ ଦେଖିଲା ବହୁତ କଷ୍ଟ ଲାଗୁଛି । ତେଣୁ ତାକୁ ଛାଡ଼ିଦେଇ ବିଜ୍ଞାନ ନେଲା । ବିଜ୍ଞାନ ଭଲ ଲାଗୁ କି ନ ଲାଗୁ ବିଜ୍ଞାନ ଶିକ୍ଷକଙ୍କ ସହ ତା'ର କୌଣସି କାରଣରୁ ମନୋମାଳିନ୍ୟ ଘଟିଲା । ଫଳରେ ବିଜ୍ଞାନ ତ ଛାଡ଼ିଲା, ଆହୁରି ମଧ୍ୟ ସେ ସ୍କୁଲର ଶିକ୍ଷକମାନେ ଭଲ ନୁହନ୍ତି, ତା'ଉପରେ କାଳେ ଆକ୍ରୋଶ ରଖି କିଛି ପ୍ରତିଶୋଧ ନେଇପାରନ୍ତି ଭାବି ସେ ସ୍କୁଲ ଛାଡ଼ି ଅନ୍ୟ ଏକ ସ୍କୁଲରେ ନାମ ଲେଖାଇଲା । ସେଠାରେ ବିଜ୍ଞାନ ନନେଇ ସଂସ୍କୃତ ବିଷୟଟି ଇଚ୍ଛାଧିନ ବିଷୟରୂପେ ନେଲା । ସଂସ୍କୃତ ଶିକ୍ଷକଙ୍କର ଘୋଷାଇବା ଢଙ୍ଗ ଓ ମାଦାଳିଆ ପ୍ରକୃତି ଦେଖି ଶେଷରେ ସଂସୃତ ପ୍ରତି ତା'ର ବିତୃଷ୍ଣା ଆସିଲା । ଏହି ସମୟରେ ଆଉ ଏକ ଘଟନା ମଧ୍ୟ ଘଟିଲା । ପୂର୍ବ ସ୍କୁଲରୁ ଆସିବା ସମୟରେ ତାକୁ କୁହାଯାଇଥିଲା ତା'ର ଦରମା ଏ ସ୍କୁଲରେ ପୂରା ଛାଡ଼ିଦିଆଯିବ । କିନ୍ତୁ ଯଥାର୍ଥରେ ପୂରା ଦରମା ଛାଡ଼ କରାଗଲା ନାହିଁ । ପାଖରେ ଗଢ଼ି ଉଠୁଥିବା ଆଉ ଏକ ନୂଆ ସ୍କୁଲ ତାକୁ ନାନା ପ୍ରକାର ପ୍ରଲୋଭନ ଦେଖାଇ ସେଠୁ ଛାଡ଼ି ଚାଲିଆସବା ଲାଗି କହିଲେ । ମନୁଆ ଦ୍ୱିତୀୟ ସ୍କୁଲ ଛାଡ଼ି ଏ ନୂଆ ସ୍କୁଲରେ ଯୋଗଦେଲା । ସେତେବେଳକୁ ଏକାଦଶ ଶ୍ରେଣୀ ପରୀକ୍ଷା ନିକଟ ହୋଇସାରିଲାଣି । ତରବର ହୋଇ ଶରୀରତତ୍ତ୍ୱ ଓ ସ୍ୱାସ୍ଥ୍ୟରକ୍ଷା ଇଚ୍ଛାଧୀନ ବିଷୟଟି ନେଇ ପଢ଼ାପଢ଼ିରେ ଖୁବ୍ ଜୋର୍‌ସୋର୍‌ରେ ଲାଗିପଡ଼ିଲା । ପ୍ରଥମେ ପ୍ରଥମେ କିଛି ପରିଅଡ଼୍ ସ୍ୱାସ୍ଥ୍ୟରକ୍ଷା ପଢ଼ାଯାଉଥିଲା; ତାକୁ ଖୁବ୍ ଭଲ ଲାଗିଲା । କିନ୍ତୁ

ଯେଉଁଦିନ ଶରୀରତତ୍ତ୍ୱ ଶିକ୍ଷକ ଗୋଟିଏ ନରକଙ୍କାଳ ଚିତ୍ର ଆଣି ଟାଙ୍ଗିଦେଲେ ଓ ତା'ର ହାଡ଼ ଓ ଖଞ୍ଜାଗୁଡ଼ିକର ନାମ କହିଗଲେ, ମନୁଆର ମନ ଶିକ୍ଷକଙ୍କର ପଢ଼ାଇବା ଢଙ୍ଗ ଓ ସେ ନରକଙ୍କାଳର ଚିତ୍ର ଦେଖି ଘୃଣା, ଭୟ ଓ ବିରକ୍ତିରେ ପୂରିଗଲା । କିନ୍ତୁ ଉପାୟ ବା କ'ଣ ? ତାକୁ ଛାଡ଼ି ନୂଆ ବିଷୟ ନେବାକୁ ସମୟ ନାହିଁ । ଯାହାହେଉ, ଶେଷ ପରୀକ୍ଷାଟି ଦେଇଦେଲା; କିନ୍ତୁ ଖବରକାଗଜରେ ନାମ ବାହାରିଲା ନାହିଁ । ତିନିଥର ପରୀକ୍ଷା ଦେବା ପରେ ପାସ୍ ହେଲା ।

ଏଥର ମନୁଆ ମନୁବାବୁ ହୋଇ କଲେଜ ଆସିଲେ । କଲେଜରେ ମଧ୍ୟ ସେହିପରି ବାରଂବାର ବିଷୟ ପରିବର୍ତ୍ତନ କରି ନାନା ଅଧ୍ୟାପକଙ୍କ ଉପରେ ଅସନ୍ତୁଷ୍ଟ ହୋଇ ବର୍ଷକୁ ଥରେ ଦୁଇଥର ଲେଖାଏଁ ଫେଲ ହୋଇ ବି. ଏ. ଟି କୌଣସିମତେ ପାସ୍ କରିଥିଲେ ।

ମନୁବାବୁ ସ୍କୁଲରେ ପଢୁଥିବା ସମୟରେ ତାଙ୍କର ପଢ଼ାସାଥି ଜଣେ ଝିଅକୁ ଖୁବ୍ ଭଲପାଉଥିଲେ । କଲେଜକୁ ଆସିବା ପରେ ଭଲପାଇବା ବିବାହ କରିବାର ଶପଥରେ ପରିଣତ ହେଲା । ଝିଅଟି ଅବଶ୍ୟ କଲେଜରେ ପଢୁ ନଥିଲା । ଯାହାହେଉ, ବି. ଏ. ପାସ୍‌ପରେ ବାପା ମା'ଙ୍କର ନାନା ବିରୋଧ ସତ୍ତ୍ୱେ ସେ ସେଇ ଝିଅକୁ ବିବାହ କଲେ ।

ମନୁବାବୁ ଭାବିଥିଲେ ପ୍ରେମିକାଙ୍କୁ ଚିରଦିନ ଲାଗି ସ୍ତ୍ରୀରୂପେ ପାଇ ସ୍ୱର୍ଗର ଇନ୍ଦ୍ରଭଳି କାଳ କଟାଇବେ । ଯାହାହେଉ, ଗୋଟିଏ ସରକାରୀ ସ୍କୁଲରେ ଚାକିରିଟିଏ ମଧ୍ୟ ମିଳିଗଲା । ସ୍ତ୍ରୀ ତାଙ୍କର କିଛିଦିନ ଲାଗି ବାପଘରକୁ ଗଲେ । କିନ୍ତୁ କୌଣସି କାରଣରୁ ଯେତେ ଦିନ ଲାଗି ତାଙ୍କ ବାପ ଘର କହି ନେଇଥିଲେ ସେତିକିଦିନ ପରେ ଆଣି ଛାଡ଼ିଦେଇପାରିଲେ ନାହିଁ । ଥରେ ଦୁଇଥର ମନୁବାବୁଙ୍କ ଆଡୁ ଖବର ଯିବା ପରେ ବି ତାହା ସମ୍ଭବ ହୋଇପାରିଲା ନାହିଁ । ହୁଏତ ଆର୍ଥିକ ଅସୁବିଧା କିଂବା ଅନ୍ୟ କୌଣସି ଅସୁବିଧା ଥିବାରୁ ଏହା ଘଟିଲା ।

କିନ୍ତୁ ଏଣେ ମନୁବାବୁ ରାଗି କୋପାନଳ । କିଛିଦିନ ପରେ ସ୍ତ୍ରୀ ବାପଘରୁ ଫେରିଲେ । ଫେରି ଦେଖିଲେ, ସ୍ୱାମୀଙ୍କର ସବୁ ମନୋଭାବ ବଦଳି ଯାଇଛି । ତାଙ୍କର କୌଣସିଟି କାର୍ଯ୍ୟକଳାପରେ ସେ ଆଉ ସନ୍ତୁଷ୍ଟ ନୁହନ୍ତି । ସବୁ କାମରେ, ସବୁ ବ୍ୟବହାରରେ ଦୋଷ ଦେଖାଇ ତାଙ୍କୁ ତିରସ୍କାର, ମାଡ଼ ଗାଳି ଆରମ୍ଭ ହୋଇଗଲା ।

ଶେଷରେ ସ୍ଥିର ହେଲା ତାଙ୍କୁ ତଡ଼ିଦେଇ ଆଉ ଏକ ସୁଗୁଣସଂପନ୍ନା ସ୍ତ୍ରୀ ବିଭା ହେବେ । ହେଲେ ଛାଡ଼ପତ୍ର ଦେଲେ ତ ଖୋରାକି ପୋଷକି ଦେବାକୁ ହେବ । ଯାହାହେଉ, ସେତକ ବ୍ୟବସ୍ଥା କରି ତାଙ୍କୁ ଛାଡ଼ପତ୍ର ଦିଆଗଲା । ଆଉ ଗୋଟିଏ ଜାଗାରେ ନିଜେ ଦେଖି ଶୁଣି ବିଭାହେଲେ ।

ଏଣେ ପୁଣି ଯେଉଁ ସ୍କୁଲରେ ଥିଲେ ତା'ର ପ୍ରଧାନଶିକ୍ଷକଙ୍କ ବ୍ୟବହାର ତାଙ୍କ ପକ୍ଷରେ ଅସହ୍ୟ ହୋଇପଡ଼ିଲା । ସେ ବାରଂବାର ତାଙ୍କ କ୍ଲାସ୍ ପରିଦର୍ଶନ କଲେ । ତାଙ୍କର ଭୁଲ ସଂପର୍କରେ ରିପୋର୍ଟ ଲେଖିଲେ । ତାଙ୍କ ବିଷୟରେ ପିଲାମାନେ ଖରାପ କରୁଥିବାରୁ ତାଙ୍କୁ ଆହୁରି ଭଲ ଭାବରେ ପଢ଼ାଇବା ଲାଗି ତାଗିଦ୍ କଲେ ।

ଏସବୁ ଅପମାନ ଓ ତାଗିଦ୍ ମନୁବାବୁ ସହି ନପାରି ଆଉ ଗୋଟିଏ ସ୍କୁଲ ଅନ୍ୱେଷଣରେ ରହିଲେ । ଯୋଗକୁ ଗୋଟିଏ ନୂଆ ପ୍ରାଇଭେଟ୍ ହାଇସ୍କୁଲର ପ୍ରଧାନ ଶିକ୍ଷକରୂପେ ତାଙ୍କୁ ନିଯୁକ୍ତି ମିଳିଗଲା । ପ୍ରଥମେ କିଛିଦିନ ଖୁବ୍ ଭଲ ଲାଗିଲା । କିନ୍ତୁ ଗୋଟିଏ କଥାରେ ତାଙ୍କର ସନ୍ଦେହ ଘନୀଭୂତ ହେବାକୁ ଲାଗିଲା । ସେଇଟି ହେଉଛି ଦରମା ସମ୍ବନ୍ଧୀୟ କାରବାର । ଦରମା ପୂର୍ବ ସ୍କୁଲରେ ଯେପରି ମିଳୁଥିଲା ବର୍ତ୍ତମାନ ତାହା ନିୟମିତ ମିଳିଲା ନାହିଁ । ସେଥିରେ ପୁଣି ଅଳ୍ପ ଦରମା ନେଇ ପୂରା ଦରମା ନେବାର ଦସ୍ତଖତ କରିବାକୁ ପଡ଼ିଲା । ସେତକ ପୁଣି ପ୍ରତିମାସରେ ମିଳିଲା ନାହିଁ । ଦୁଇତିନି ମାସ ପରେ ଗୋଟିଏ ମାସର ମିଳିଲା ତ ଯଥେଷ୍ଟ ।

ନୂଆ ସ୍କୁଲ ହିସାବରେ ପ୍ରଥମେ ସବୁପ୍ରକାର ସ୍ୱାର୍ଥ ତ୍ୟାଗ କରି

ଗଢ଼ିବାକୁ ହେବ, ଏ ସଂକଳ୍ପ କଲାବେଳକୁ ତେଣେ ନୂଆ ବିଭା ହୋଇଥିବା ସ୍ତ୍ରୀଙ୍କର ବିଭିନ୍ନ ପ୍ରକାର ଫରମାସୀ ତାଙ୍କୁ ବିବ୍ରତ କରିପକାଇଲା । ଆଗ ସ୍ତ୍ରୀଙ୍କ କଥା ମନେ ପଡ଼ିଲେ ବି ତାଙ୍କୁ ଆଉ ସାମାନ୍ୟ ଅନୁକମ୍ପା ଦେଖାଇବାର ସାହସ କିଂବା ସୁବିଧା ନାହିଁ ।

ଶେଷରେ ସ୍କୁଲ ଛାଡ଼ି ଅନ୍ୟ କୌଣସି ସରକାରୀ ଅଫିସ୍‌ରେ ଚାକିରି ଖଣ୍ଡେ ଲାଗି ଯୋଗାଡ଼ ଚାଲିଲା । ଶେଷରେ ସେ ଆଶା ପୂରଣ ହେଲା । ମନୁବାବୁ ସରକାରୀ ଚାକିରୀରେ ଯୋଗଦେଲେ । କିନ୍ତୁ ଏ କ 'ଣ ? ଏଠାରେ ଏତେ ଲାଞ୍ଚମିଛର କାରବାର କାହିଁକି । ମନୁବାବୁ ନୈଷ୍ଠିକ ଲୋକ । ସେ ସ୍ଥିର କଲେ "ନା, ମୁଁ କେବେ ବି ଲାଞ୍ଚମିଛକୁ ପ୍ରଶ୍ରୟ ଦେବି ନାହିଁ ।" ଫଳରେ ସମସ୍ତ ସହକର୍ମୀଙ୍କର ଥଟ୍ଟା ବିଦ୍ରୂପର ଯେତେ ବାରୁଦଗୋଳା ସବୁ ତାଙ୍କରି ଉପରେ ଫୁଟିଲା । ମନୁବାବୁ ଅଣନିଃଶ୍ୱାସୀ ହୋଇପଡ଼ିଲେ । କହିଲେ "ନା, ଆଉ ହେବ ନାହିଁ, ଏଣିକି ସଂସାର ଛାଡ଼ି ସନ୍ନ୍ୟାସୀ ହେବା ଛଡ଼ା ଅନ୍ୟ ପନ୍ଥା ନାହିଁ ।" ସେଇଆ କଲେ । ଗୋଟିଏ ଆଶ୍ରମରେ ଯୋଗଦେଲେ ।

ଆଶ୍ରମଟି ଏକ ନୂତନ ଆଦର୍ଶରେ ଗଠିତ । ସଂପୂର୍ଣ୍ଣ ନୂତନ । ପାରମ୍ପରିକ ଆଶ୍ରମ ସହ କୌଣସି ସଂପର୍କ ନାହିଁ । ସଂସାରରେ ଯେଉଁ ସମସ୍ତ କର୍ମ ହେଉଛି ସେସବୁ ସେଠାରେ ହୁଏ । ସମସ୍ତ କର୍ମ ହୁଏ ଭଗବାନଙ୍କ ଉଦ୍ଦେଶ୍ୟରେ । କେହି ପରିବାର ଲାଗି କିବା ନିଜର ସମ୍ପତ୍ତି ବୃଦ୍ଧି ଲାଗି କାର୍ଯ୍ୟ କରନ୍ତି ନାହିଁ । କର୍ମ ମାଧ୍ୟମରେ ଭଗବାନଙ୍କୁ ପାଇବା ଓ ତାଙ୍କୁ ନିଜ ମଧ୍ୟରେ ପ୍ରକାଶ କରି ଏ ପୃଥିବୀରେ ଏକ ଚିର ଆନନ୍ଦମୟ ସ୍ୱର୍ଗଲୋକ ପ୍ରତିଷ୍ଠା କରିବାର ଲକ୍ଷ୍ୟ ନେଇ ସମସ୍ତେ କାର୍ଯ୍ୟ କରନ୍ତି ।

କିଛିଦିନ ଏଠାରେ ରହିବା ପରେ ମନୁବାବୁଙ୍କୁ ଆଶ୍ରମର ଗୋଟିଏ ବିଭାଗରେ କାମ ମିଳିଗଲା । ସେ ଭାବିଥିଲେ ଏଠାରେ ଆସି ଟିକିଏ ଶାନ୍ତିରେ ଧ୍ୟାନ ଭଜନ କରିବେ ବୋଲି । କିନ୍ତୁ ଏ କ'ଣ ହେଲା ? ଯାହାହେଉ ମାଡ଼ିମକଚି ହୋଇ କିଛିଦିନ କାମ କଲେ । କାମରେ ଢିଲା କଲେ

ତତ୍ତ୍ୱାବଧାରକଙ୍କଠାରୁ ଗାଳି ଶୁଣନ୍ତି । ଘରକଥା ମନେପଡ଼ିଲା । କେତେ ହାକିମ ଦେଖାଉଥିଲେ ଅନ୍ୟମାନଙ୍କ ଉପରେ । ଏଠାରେ ଆସି ଦରମା ପାଇବେ ନାହିଁ, କାମ କରିବେ, ସେଥିରେ ପୁଣି ଗାଳି ଶୁଣିବେ, ଏପରି ସନ୍ନ୍ୟାସୀ ହେବାରେ ଲାଭ କ'ଣ ? ଏଠାରେ ତ ଲୋକମାନେ ସାଧାରଣ ସଂସାରୀ ଅପେକ୍ଷା ଦୁଇଗୁଣା ଖଟୁଛନ୍ତି । ସଂସାର ଛାଡ଼ି ଏଠାକୁ ଆସିଲେ । ଏଠାରେ କୋଉ ପରିବାରଟା ଖାଇବାକୁ ପାଉ ନାହିଁ ଯେ ଏତେ ଖଟୁଛନ୍ତି ? ଏମାନେ କି ସାଧୁ ! ସଂସାରୀଠାରୁ ଏମାନେ ବଳନ୍ତି । ବରଂ ଘରକୁ ଫେରି ଚାଷବାସ କରିବା ଭଲ । ତାହାହିଁ ହେଲା ।

ଘରକୁ ଫେରି ମନୁବାବୁ ଚାଷ ସରଞ୍ଜାମ ଯୋଗାଡ଼ କରି, ହଳିଆ ମୂଳିଆ ଧରି ଚାଷକାମରେ ଲାଗିପଡ଼ିଲେ । ନୂଆକରି ସନ୍ନ୍ୟାସୀ ଜୀବନରୁ ଫେରି ଆସିବାରୁ ସ୍ତ୍ରୀ ବି ଖୁବ୍ ଆଦର ଯତ୍ନ କଲେ । ଚାଷ ଆରମ୍ଭ ହୋଇଗଲା । ଏଠାରେ ବି ପରିଶ୍ରମ କମ୍ ନୁହେଁ । ହେଲେ ଏସବୁ ନିଜ ଲାଗି । ନ କଲେ ନ ଚଳେ । ଚାଷଫଳରେ ଖାଇବା ପିଇବାରେ ଅସୁବିଧା ରହିଲା ନାହିଁ । କିନ୍ତୁ କଞ୍ଚା ପଇସା ବେଶୀ ହାତକୁ ଆସିପାରିଲା ନାହିଁ । ପରିବାର ଦୁଇରୁ ତିନି, ତିନିରୁ ଚାରି ହୋଇ ଏହିପରି ବଢ଼ିଚାଲିଛି । ପ୍ରଥମ ସ୍ତ୍ରୀକୁ ତା'ର ଖର୍ଚ୍ଚ ଦେବାକୁ ହେଉଛି । ଦ୍ୱିତୀୟ ସ୍ତ୍ରୀର ଫରମାସୀ ପୂରଣ ନକଲେ ନାନା କଦର୍ଯ୍ୟ ଗାଳି ଶୁଣିବାକୁ ହେଉଛି । ଚାଷ କାମ ଯୋଗୁ ମଧ୍ୟ ହିଡ଼ ହଣାହଣି, ଜମି ମପାଚୁପା ନେଇ ସାଇପଡ଼ିଶାଙ୍କ ସହ ଅଧିକାଂଶ ସମୟରେ କଳି ।

ତେବେ ଉପାୟ କ'ଣ ? ଏସବୁରୁ କିପରି ମୁକ୍ତି ମିଳିବ ? କିପରି ଶାନ୍ତିରେ ନିଃଶ୍ୱାସ ମାରିହେବ ? ସଂସାରରେ କେଉଁ ଉପାୟଟା ଆଉ ବାକି ଅଛି ଯେ ଯାକୁ ଛାଡ଼ି ତାକୁ ଧରିବେ । ହଠାତ୍ ମୁଣ୍ଡକୁ ଗୋଟିକୁ ସୁନ୍ଦର ଉପାୟ ଜୁଟିଗଲା । କ୍ଷଣକଲାଗି ଅନାଗତ ଶାନ୍ତିଲାଭ ଆଶାରେ ମନପ୍ରାଣରେ ଉନ୍ମାଦନା ଖେଳିଗଲା ।

ଏହା ହେଉଛି ସର୍ବଶ୍ରେଷ୍ଠ ଉପାୟ । ଏଥିରେ ଆଉ ଟିକିଏ ମଳିଧୂଳି ନାହିଁ । ମୁକ୍ତି ଓ ଶାନ୍ତି ନିଶ୍ଚିତ । ଦିନେ ସକାଳେ ଦେଖିଲାବେଳକୁ ମନୁବାବୁଙ୍କ ନୀରବ ନିସ୍ପନ୍ଦ ଶରୀର ତାଙ୍କ ଶୋଇବାଘରେ ପଡ଼ିଛି । ଡାକ୍ତର ଆସି ପରୀକ୍ଷା କରି ଦେଖିଲେ ଯେ ସେ ବିଷ ପାନ କରି ଆତ୍ମହତ୍ୟା କରିଛନ୍ତି । ଜୀବନସାରା ବ୍ୟସ୍ତତା ଓ ଅଶାନ୍ତି ଭିତରେ କଟାଇ ଶେଷରେ ବିଚରା ଏଇ ପନ୍ଥାକୁ ଶ୍ରେଷ୍ଠ ବୋଲି ଗ୍ରହଣ କରିନେଲେ ।

କିନ୍ତୁ ହେଲା କ'ଣ ? ସ୍ଥୂଳ ଶରୀରଟିକୁ ସେ ଜାଣିଶୁଣି ଅକାଳରେ ନଷ୍ଟ କରିଦେଇଥିବାରୁ ତାଙ୍କର ସୂକ୍ଷ୍ମ ଶରୀର ଅନାବୃତ ଭାବରେ ଏହି ପୃଥିବୀରେ ରହିଲା । ଯେପରି ଘର ଭିତରେ ରହିଥିଲେ ଆମେ ଖରା, ବର୍ଷା ଓ ଶୀତରୁ ରକ୍ଷାପାଉ, କେବଳ ସେ ସବୁର ସାମାନ୍ୟ ପ୍ରକୋପ ମାତ୍ର ପାଇଥାଉ ସେହିପରି ଆମ ସ୍ଥୂଳ ଶରୀର ଥିଲାବେଳେ ତାହା ଆମକୁ ସମସ୍ତ ସୁଃଖଦୁଃଖ ଓ ଅନ୍ୟାନ୍ୟ ଆକ୍ରମଣରୁ ରକ୍ଷା କରିଥାଏ । କିନ୍ତୁ ସ୍ଥୂଳ ଶରୀର ସ୍ୱାଭାବିକ ଭାବରେ ନଷ୍ଟ ହେବାର ସମୟ ପୂର୍ବରୁ ଜାଣିଶୁଣି ଆତ୍ମହତ୍ୟା ଦ୍ୱାରା ତାକୁ ନଷ୍ଟ କଲେ ସୂକ୍ଷ୍ମ ଶରୀରଟି ଗୃହହରା ବ୍ୟକ୍ତି ଯେପରି ଖରା, ବର୍ଷା, ଶୀତ ଖାଏ ସେହିପରି ସମସ୍ତ ଦୁଃଖ, କଷ୍ଟ ଓ ସୂକ୍ଷ୍ମ ଆକ୍ରମଣ ଅନାବୃତ ଭାବେ ଭୋଗ କରେ । ବଞ୍ଚି ରହିଥିବା ସମୟରେ ଯେଉଁ ଯନ୍ତ୍ରଣା ସାମାନ୍ୟ ଅନୁଭୂତ ହେଉଥାଏ ଏଠାରେ ତାହା ଭୟଙ୍କର ତୀବଦ୍ରା ସହ ଅନୁଭୂତି ହୁଏ । ମନୁବାବୁଙ୍କ ସୂକ୍ଷ୍ମ ଶରୀର ବର୍ତ୍ତମାନ ସେଇ ଦଶା ଭୋଗ କରୁଛି । କିନ୍ତୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଛି ଆଉ ଉପାୟ ନାହିଁ । ଶରୀଟିକୁ ନଷ୍ଟ କରିଦେବା ସହଜ; କିନ୍ତୁ ତାକୁ ପୁଣିଥରେ ସୃଷ୍ଟି କରିବା ସହଜ ନୁହେଁ । ତେଣୁ ଯାହାକିଛି ପ୍ରତିକାରର ବ୍ୟବସ୍ଥା ସେ କରିବେ, ତାହା ଯାଇ ପରଜନ୍ମରେ, ଏଜନ୍ମରେ ଆଉ ସମ୍ଭବ ନୁହେଁ ।

ତାଙ୍କ ଜୀବନରେ ଏ ଦୁର୍ଗତି କେବଳ ପଳାୟନ ଯୋଗୁହିଁ ଘଟିଛି । ସେ ଭାବିଥିଲେ, ଗୋଟିଏ ପରିସ୍ଥିତିରୁ ପଳାୟନ କରି ଅନ୍ୟ ପରସ୍ଥିତିରେ

ଆନନ୍ଦରେ ରହିବେ । କିନ୍ତୁ ଜୀବନ ବିନିମୟରେ ବି ତାହା ହେଲା ନାହିଁ । ଯେଉଁ ପରିସ୍ଥିତିକୁ ଏ ଜନ୍ମରେ ଆମେ ଜୟ କରି ନପାରିବା ପୁଣି ପରଜନ୍ମରେ ସେଇ ପରସ୍ଥିତିର ସମ୍ମୁଖୀନ ହେବା । ସେଇ ଗୋଟିଏ ପରିସ୍ଥିତିକୁ ଜୟ ନକଲେ କୋଟି କୋଟି ଜନ୍ମ ବିତିଗଲେ ବି ପୁଣି ଜନ୍ମଗ୍ରହଣ କରି ବାରଂବାର ସେଇ ପରସ୍ଥିତିର ସମ୍ମୁଖୀନ ହେଉଥିବା ।

ତେଣୁ ଯେଉଁ ପରିସ୍ଥିତିରେ ଆମେ ଅଛୁ ସେ ପରିସ୍ଥିତି ଯେତେ ଜଟିଳ ଯେତେ ପୂତିଗନ୍ଧମୟ ନର୍କ ସଦୃଶ ହେଉ ପଛେ, ଆମର ସ୍ୱଧର୍ମ ଅନୁଯାୟୀ ସେହିଠାରେ ଯଦି ଆମର ରହିବା କଥା, ତେବେ ସେଇଥିରେ ଆମକୁ ରହି ନିଜକୁ ତଥା ସେ ପରିସ୍ଥିତିକୁ ବଦଳାଇବାକୁ ପଡ଼ିବ ।

କପି ଧରିବା ଚିନ୍ତା ପରୀକ୍ଷା ହଲରେ ହେଲେ ଚଳିବ ନାହିଁ । ତା'ର ପ୍ରତିକାର ବହୁ ପୂର୍ବରୁ ବର୍ଷ ଆରମ୍ଭରୁ ହେବା ଉଚିତ । ଗାର୍ଡ଼ଭାବେ ପରୀକ୍ଷା ହଲ୍‌କୁ ନଗଲେ କିଂବା ପଢ଼ା ଛାଡ଼ିଦେଲେ ସମସ୍ୟାର ସମାଧାନ ହେବ ନାହିଁ । କାରଣ ତାକୁ ଛାଡ଼ି ଅନ୍ୟ ଯେଉଁ କ୍ଷେତ୍ରରେ ହେଲେ ତ ପଶିବାକୁ ହେବ । ସେ କ୍ଷେତ୍ରରେ ବି ସେଇ ସମଜାତୀୟ ଏକ ପରିସ୍ଥିତିକୁ ସମ୍ମୁଖୀନ ହେବାକୁ ହେବ ।

ସବୁଠୁ ଭଲ ହେଉଛି କେବେ ବି ହତାଶା ନହେବା । ହତାଶ ହେବାର ତ କୌଣସି କାରଣ ନାହିଁ । ଯେତେବେଳେ ଗୋଟିଏ ଶିକ୍ଷକ ଓ ଗୋଟିଏ ଛାତ୍ରର ହୃଦୟରେ କପି କରିବା ପ୍ରତି ଘୃଣାଭାବ ଜାତ ହୋଇଛି ସେତେବେଳେ ସେହି ଭାବ କାହିଁକି କୋଟିଏ ଶିକ୍ଷକ ଓ କୋଟିଏ ଛାତ୍ରଙ୍କ ହୃଦୟକୁ ସ୍ପର୍ଶ ନ କରିବ ? ସେ ଶିକ୍ଷକ ଜଣକ ଓ ଛାତ୍ର ଜଣଙ୍କର ଯେଉଁ ନୂତନ ଆଦର୍ଶ ଓ ନୂତନ ଚେତନାର ସ୍ପର୍ଶଲାଭ ଫଳରେ କପି ପ୍ରତି ଘୃଣାଭାବ ଜାତ ହୋଇଛି ଠିକ୍ ସେହି ନୂତନ ଆଦର୍ଶ ଓ ଚେତନାର ସ୍ପର୍ଶ ଅନ୍ୟମାନଙ୍କ ହୃଦୟରେ ଅନୁରୂପ ଭାବ ସୃଷ୍ଟିକରିବ ।

ବର୍ତ୍ତମାନ ପରିସ୍ଥିତିରେ କିନ୍ତୁ ଘଟନାଟି ବହୁ ଜଟିଳ ଜଣାପଡୁଛି,

ନିଜର ଅନିଚ୍ଛା ସତ୍ତ୍ୱେ ଅନ୍ୟାୟକୁ ପ୍ରଶ୍ରୟ ଦିଆହେଲାପରି ବୋଧ ହେଉଛି । କିନ୍ତୁ ଉପାୟ ନାହିଁ । ଗୋଟିଏ ନୂତନ ଗୋଷ୍ଠୀ ଏହି ନୂତନ ଚେତନାରେ ଉଦ୍ଦୀପ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ବାହାରେ ଅନ୍ୟାୟକୁ ଦେଖୁଥିଲେ ବି ଅନ୍ତରରେ ତାକୁ ଟିକିଏ ସ୍ଥାନ ଦେବାକୁ ହେବ ନାହିଁ । ନିଜ ମଧରେ ଅନ୍ୟାୟକୁ ସ୍ୱୀକାର ନକଲେ, ବାହାରେ ଅନ୍ୟାୟ ଚାଲି ଥିଲେ ବି ତାହା ବ୍ୟକ୍ତିକୁ ସ୍ପର୍ଶ କରେ ନାହିଁ । ଯେଉଁଠି ଅନ୍ୟାୟକୁ ବନ୍ଦ କରିଦେବା ସମ୍ଭବ ସେଠି ବନ୍ଦ କରି ଦିଆଯାଇପାରେ । ଯେଉଁଠି ସମ୍ଭବ ନୁହେଁ ସେଠି ଅନ୍ତରରେ ସମର୍ଥନ ନଜଣାଇ ନୀରବରେ ଧୂପକାଠି ଭଳି ଅବିରାମ ଜଳିବାକୁ ହେବ । ନର୍କର ଦୁର୍ଗନ୍ଧ ଦୂର ନହେବା ପର୍ଯ୍ୟନ୍ତ ଏହି ଜ୍ୱଳନ ଅବ୍ୟାହତ ରହିବ ।

ଏହି ନୀରବ ଜ୍ୱଳନଟି ହେଉଛି ସବୁ ଦେଖି ସବୁ ସହି ଅନ୍ତରରେ ପ୍ରଶାନ୍ତ ତୀବ୍ରତାର ସହ ମା'ଙ୍କୁ ପ୍ରାର୍ଥନା କରିବା ନିଜ ପରିବେଶର ପରିସ୍ଥିତିକୁ ବଦ୍ଲାଇ ଦେବାଲାଗି । ଏହି ପ୍ରାର୍ଥନା ନୀରବରେ ସବୁରି ଚକ୍ଷୁର ଅନ୍ତରାଳରେ ଚାଲୁଥିଲେ ବି ବାତାବରଣ ଉପରେ ଏକ ଶକ୍ତିଶାଳୀ ସ୍ପନ୍ଦନ ସୃଷ୍ଟି କରେ । ଧୀରେ ଧୀରେ ସଂକ୍ରାମକ ରୋଗ ଭଳି ଜଣେ ବ୍ୟକ୍ତିର ଏହି ମନୋଭାବ ଅନ୍ୟମାନଙ୍କ ଭିତରକୁ ସଞ୍ଚରିଯାଏ । ଏଥିଲାଗି ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ହେବ ।

ଖଜୁରୀ ଗଛର ମୂଳରୁ ପାହାଚ ପାହାଚ ଭଳି ଏ କପି କରିବା ଦୁର୍ଗୁଣ ପଛରେ ଆମର ଶିକ୍ଷାଦାନର ପଦ୍ଧତି ଓ ଲକ୍ଷ୍ୟରେ ଅଶେଷ ଦୁର୍ଗୁଣ ପୂରି ରହିଛି । ଯାହାର ଫଳସ୍ୱରୂପ ଏ ଦୁର୍ନୀତି ଦେଖାଦେଇଛି । ଚାକିରୀ କରି ପେଟ ପୋଷିବା ଲକ୍ଷ୍ୟରେ ଯେଉଁ ଛାତ୍ର ପାଠପଢ଼େ ଓ ଚାକିରୀ କରି ପରିବାର ପୋଷଣର ଏକମାତ୍ର ଲକ୍ଷ୍ୟ ନେଇ ଯେଉଁ ଶିକ୍ଷକ ପାଠପଢ଼ାଏ ସେମାନଙ୍କଠାରୁ ଏହାଠୁ ଆଉ ବେଶୀ କ'ଣ ଆଶା କରାଯାଇପାରେ ?

କିନ୍ତୁ ଏ ପରିସ୍ଥିତି ସବୁଦିନେ ରହିବ ନାହିଁ, ଏସବୁ ବଦଳିଯିବ । ତେଣିକି କପି ଧରିବା ବା କପି କରିବା କୌଣସି ଆବଶ୍ୟକ ପଡ଼ିବ ନାହିଁ ।

ତେବେ ଏ ବଦଳିଯିବାଟା କିପରି ଆସିବ ? ଶୂନ୍ୟରୁ ଯଦି ଆସନ୍ତା ତେବେ ତ ଆଉ ଭାବିବାକୁ ପଡ଼ନ୍ତା ନାହିଁ । କିନ୍ତୁ ତାହା ତ କେବେ ହୋଇପାରିବ ନାହିଁ । ସେ ବଦଳିଯିବାଟା ଆମରି ଭିତରୁ ହେବ । ଆମେ ଯଦି ବଦଳିଯିବା ତେବେ ପରିସ୍ଥିତି ଆପେ ବଦଳିଯିବ । ଆମେ କିପରି ବଦଳିବା ? ଆମେ ବଦଳିବା ଯଦି ଏକ ପରିବର୍ତ୍ତନକାରୀ ନୂତନ ଚେତନା ନିକଟରେ ଆମକୁ ଖୋଲି ଧରିବା ଓ ତା'ରି ସାହାଯ୍ୟ ଭିକ୍ଷା କରିବା । ଏ ପରିବର୍ତ୍ତନକାରୀ ନୂତନ ଚେତନାର ଅଧିକାରୀ ହେଉଛନ୍ତି ମା' ।

ଆମେ ଯଦି ଶିକ୍ଷକ ତେବେ ଚାଲ ପ୍ରତିଦିନ କର୍ମକ୍ଷେତ୍ରକୁ ବାହାରିବା ସମୟରେ ମା'ଙ୍କର ଫଟୋ ନିକଟରେ କିଂବା ଅନ୍ତରରେ ତାଙ୍କରି ଉଦ୍ଦେଶ୍ୟରେ ପ୍ରାର୍ଥନା କରିବା, ''ମା', ମୁଁ ପୂର୍ଣ୍ଣ ଆତ୍ମସଂଯମୀ ହେବି ଟିକିଏ ବି ନିମ୍ନ ପ୍ରବୃତ୍ତିର ଦାସ ହେବି ନାହିଁ । ତୋ'ର ସେବା ଭାବରେ କାର୍ଯ୍ୟ କରିବି । ମୋର ଛାତ୍ରମାନେ ମୋ ପ୍ରତି ଯେପରି ବ୍ୟବହାର ଦେଖାନ୍ତୁ ପଛେ ସେମାନଙ୍କୁ ମୁଁ ଗଭୀର ଶ୍ରଦ୍ଧା କରିବି । କାରଣ ତୁ ମୋତେ ସେ ଦାୟିତ୍ୱ ଦେଇଛୁ । ନିଜକୁ ମୁଁ କୌଣସି ଗୁଣରେ ଛାତ୍ରମାନଙ୍କଠାରୁ ଉତ୍କୃଷ୍ଟ ବୋଲି ନଭାବେ । ମୁଁ ବି ଜଣେ ଛାତ୍ର ଓ ପୂର୍ଣ୍ଣତା ଲାଗି ମୋତେ ବି ନିରବଚ୍ଛିନ୍ନଭାବେ ଅଗ୍ରଗତି କରିବାକୁ ହେବ, ଏ ଜ୍ଞାନ ମୋର ସବୁବେଳେ ରହୁ । ମୋର ଶିକ୍ଷାଦାନ ନୀରସ, ଶୁଷ୍କ, ଧରାବନ୍ଧା ଢଙ୍ଗରେ ନହୋଇ ତାହା ମୋ ଲାଗି ତଥା ଛାତ୍ରମାନଙ୍କ ଲାଗି ସରସ ସୁନ୍ଦର, ଆନନ୍ଦମୟ ଓ ଚିରନୂତନ ହେଉ । ମୁଁ କେବଳ ଛାତ୍ରମାନଙ୍କ ମନରେ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିପାରେ । ଏତିକିମାତ୍ର ପ୍ରାର୍ଥନା ।''

ଯଦି ଆମେ ଶିକ୍ଷକ ନହୋଇ ଛାତ୍ର ହୋଇଥାଉ ତେବେ ଘରୁ ବାହାରିବା ସମୟରେ ଚାଲ ମା'ଙ୍କୁ ପ୍ରାର୍ଥନା କରିବା, ''ମା', ମୁଁ ଯେତେ ସମୟ କ୍ଲାସରେ ରହିବି ଶିକ୍ଷକଙ୍କ ବ୍ୟବହାର ତଥା ଶିକ୍ଷାଦାନପଦ୍ଧତି ଯେପରି ହେଉ ପଛେ ତୋ'ରି ସେବା ଭାବି ମୋ ପଢ଼ାରେ ଯେପରି ମୁଁ ଆନନ୍ଦର

ସହ ମନୋଯୋଗୀ ହୋଇପାରେ ଓ ପ୍ରତ୍ୟେକଟି ମୁହୂର୍ତ୍ତ ଯେପରି ହୋଇଉଠୁ ମୋ ଜୀବନର ବିକାଶରେ ସହାୟକ ।''

ପ୍ରଥମେ ପ୍ରଥମେ ଏହି ପ୍ରାର୍ଥନାର ବିଶେଷ ପ୍ରଭାବ ଅନୁଭୂତ ହେବ ନାହିଁ । କର୍ମକ୍ଷେତ୍ରର କୋଳାହଳରେ ସବୁ ଭୁଲି ହୋଇଯିବ । କିନ୍ତୁ ନିରବଚ୍ଛିନ୍ନ ଭାବେ ଏହି ପ୍ରାର୍ଥନା ପ୍ରତିଦିନ କରିଚାଲିଲେ ଚେତନାରେ ତାହା ସ୍ଥାୟୀ ଓ ଶକ୍ତିଶାଳୀ ରେଖାପାତ କରେ । ସବୁ ସମୟରେ ଆମ ଅନ୍ତରଦୃଷ୍ଟିରେ ଭାସିବୁଲି ଆମକୁ ସତର୍କ କରାଇଦିଏ ।

ନୂଆ ଧାରରେ ଜୀବନକୁ ଗଠନ କରିବା କଷ୍ଟ ହୋଇପାରେ; କିନ୍ତୁ ଜ୍ୱଳନ୍ତ ଅଭୀପ୍ସା ନିକଟରେ ଅସମ୍ଭବ ନୁହେଁ । ବର୍ତ୍ତମାନର ଅଭୀପ୍ସା ଭବିଷ୍ୟତରେ ସ୍ଥୂଳ ରୂପ ନେଇ ଶିକ୍ଷାକ୍ଷେତ୍ରରୁ ସମସ୍ତ ପୁରାତନ ବିକୃତିକୁ ଦୂର କରି ନୂତନ ପଦ୍ଧତି ସୃଷ୍ଟି କରିବ । ଏହି ଅଭୀପ୍ସୁ ଶିକ୍ଷକ ଓ ଛାତ୍ରମାନଙ୍କୁ ନେଇ ନୂତନ ଆଦର୍ଶରେ ନୂତନ ଶିକ୍ଷାନୁଷ୍ଠାନମାନ ଗଢ଼ିଉଠିବ । ସେତେବେଳେ ଆଉ ବର୍ତ୍ତମାନ ଭଳି କପି କରିବା ଗୋଟିଏ ସମସ୍ୟା ହୋଇ ରହିବ ନାହିଁ ।

## ସଂକଳ୍ପ

"All conscious force is will."

– Sri Aurobindo

"ସଚେତନ ଶକ୍ତିସକଳହିଁ ସଂକଳ୍ପ ।"

– ଶ୍ରୀଅରବିନ୍ଦ

ମଗଧର ରାଜଗୃହ ନିକଟସ୍ଥ ଏକ ନିର୍ଜନ ଜଙ୍ଗଲର ଗୋଟିଏ ପର୍ବତ । ପର୍ବତଟିର ନାମ ପାଣ୍ଡବ । ଏହି ପର୍ବତଟିର ଉପରେ ଶାନ୍ତ, ସୌମ୍ୟ, ସିଦ୍ଧାର୍ଥ ଉପବିଷ୍ଟ । ପାଖରେ ଅନ୍ୟ ଏକ ଶିଳାଖଣ୍ଡ ଉପରେ ବସିଛନ୍ତି ମଗଧରାଜ ବିମ୍ବିସାର ।

ନୀରବତା ଭଙ୍ଗକରି ଛଳଛଳ ନେତ୍ରରେ ବିମ୍ବିସାର କହିଲେ, "ହେ ଭିକ୍ଷୁ ! କେତୋଟି କଥା କହିବି, ଦୟାକରି ଶୁଣିବ ତ ? ମୁଁ ଜାଣେ, ତୁମେ ସୂର୍ଯ୍ୟବଂଶଜାତ ରାଜକୁମାର । ତୁମର ହାତରେ ରାଜଦଣ୍ଡ ଶୋଭାପାଏ, ଭିକ୍ଷାପାତ୍ର ନୁହେଁ । ତୁମର ଶରୀର ରାଜପୋଷାକରେ ବିମଣ୍ଡିତ ହେବା ଦରକାର, ଏ ପୀତବସ୍ତ୍ରରେ ନୁହେଁ । ତୁମର ଆଜାନୁଲମ୍ବିତ ବାହୁ ଦୁଇଟିରେ ତ୍ରିଭୁବନ ବିଜୟ କର, ତାକୁ ଏପରି ଅକର୍ମଣ୍ୟ ହେବାକୁ ଦିଅନା । ଯଦି ନିଜ ରାଜ୍ୟକୁ ଫେରିବା ଲାଗି ସଙ୍କୋଚ ବୋଧ କରୁଛ ତେବେ ମୋ ରାଜ୍ୟରୁ ଅଧେ ନିଅ । ଯେତେ ଦିନ ପର୍ଯ୍ୟନ୍ତ ତୁମରି ଏହି ଲହୁଣି ପିତୁଳା ସଦୃଶ କମନୀୟ କାନ୍ତିକୁ ବାର୍ଦ୍ଧକ୍ୟ ନଷ୍ଟ ନକରିଛି ସେତେ ଦିନ ପର୍ଯ୍ୟନ୍ତ ପାର୍ଥିବ ସୁଖ ଉପଭୋଗ କର । ତା'ପରେ ତୁମେ ଯେତେ ଇଚ୍ଛା ସେତେ ଅଧ୍ୟାତ୍ମ ସାଧନା କର । କାରଣ ବାର୍ଦ୍ଧକ୍ୟହିଁ ଅଧ୍ୟାତ୍ମ ସାଧନା ଲାଗି ଉପଯୁକ୍ତ ସମୟ । ଯୌବନ ଉପଭୋଗର ସମୟ । ଯଦି କିଛି ଅଧ୍ୟାତ୍ମ ସାଧନ କରିବାକୁ ଚାହଁ ତେବେ ଯାଗଯଜ୍ଞ କରିପାର ।"

ନିର୍ବିଚଳ ସ୍ଥିର ଭିକ୍ଷୁ ସିଦ୍ଧାର୍ଥ ପ୍ରଶାନ୍ତ ଗମ୍ଭୀର ଭାବେ ଉତ୍ତର ଦେଲେ, ''ହେ ରାଜନ୍ ! ଆପଣ ଯାହାକହିଲେ ତାହା ମୋ ପ୍ରତି ଗଭୀର ଶ୍ରଦ୍ଧାବଶତଃ ହୋଇ କହିଲେ । ମୁଁ ମଧ୍ୟ ଆପଣଙ୍କୁ କିଛି କହିବାକୁ ଚାହେଁ । ଅନୁଗ୍ରହ କରି ଶୁଣନ୍ତୁ ।

''ମୁଁ ମୋର ଆତ୍ମୀୟସ୍ୱଜନ, ରାଜ୍ୟ ତଥା ଗୃହ ପରିତ୍ୟାଗ କରି ଆସି ଭିକ୍ଷୁ ଜୀବନଯାପନ କରୁଛି କେବଳ ଜରା, ବ୍ୟାଧି ଓ ମୃତ୍ୟୁରୁ ମୁକ୍ତ ହୋଇ ନିର୍ବାଣଲାଭର ପଥ ଆବିଷ୍କାର କରିବା ଲାଗି । ସାଧାରଣ ସଂସାରୀ ଯେଉଁ ଇନ୍ଦ୍ରିୟ ସୁଖଜନିତ ଭୋଗଲାଳସାରେ ମାତି ରହିବାକୁ ଚାହେଁ, ମୁଁ ସେସବୁକୁ ଘୃଣା କରେ । ମୁଁ ଜାଣେ ଏସବୁରେ ସୁଖ ଅପେକ୍ଷା ଦୁଃଖହିଁ ବେଶୀ ଆସିଥାଏ । ଯେତେ ଭୋଗଲାଳସା, ଧନସମ୍ପଦ ଓ କ୍ଷମତାରେ ବୁଡ଼ି ରହିଲେ ବି ତୃଷ୍ଣା ମେଣ୍ଟେ ନାହିଁ । ଏସବୁ କ୍ଷଣସ୍ଥାୟୀ । ମୋ ଦୃଷ୍ଟିରେ ରାଜ୍ୟଶାସନ ଓ ଦାସବୃତ୍ତି ଉଭୟେ ସମାନ । ଜଣେ କ୍ଷମତା, ଧନସମ୍ପଦ ଓ ପ୍ରଭୁତ୍ୱ ନିକଟରେ ଦାସ ତ ଆଉ ଜଣେ ତା'ର ମାଲିକର ଦାସ । ପାର୍ଥିବ ଜୀବନର କୌଣସି କାର୍ଯ୍ୟରେ ସ୍ଥାୟୀ ସୁଖ, ସ୍ଥାୟୀ ଶାନ୍ତି ନାହିଁ । ସେଥିଯୋଗୁଁ ମୁଁ ଆଜି ନିର୍ବାଣ ଲାଭର ପଥ ବାଛି ନେଇଛି । ଯେଉଁଠି ବାର୍ଦ୍ଧକ୍ୟ ନାହିଁ, ମୃତ୍ୟୁ ନାହିଁ, ଦୁଃଖକଷ୍ଟ ନାହିଁ, ଭୟ ନାହିଁ, ସେହି ଅବସ୍ଥାକୁହିଁ ମୁଁ ସ୍ୱର୍ଗସୁଖ ବୋଲି ମନେ କରେ । ହେ ରାଜନ୍ ! ଆପଣ ପୁଣି କହୁଛନ୍ତି ଆଧ୍ୟାତ୍ମ ସାଧନା ନିମନ୍ତେ ବାର୍ଦ୍ଧକ୍ୟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ । କିନ୍ତୁ ଆପଣ ତ ଦେଖୁଛନ୍ତି ମଣିଷ ଜୀବନରେ କିଛି ନିଶ୍ଚିତତା ଅଛି କି ? ମୃତ୍ୟୁ ସବୁବେଳେ ବ୍ୟାଧ ଭଳି ଜରାବ୍ୟାଧିର ଅସ୍ତ୍ର ନେଇ ଛକି ରହିଛି । କେଉଁ ମୁହୂର୍ତ୍ତରେ ମନୁଷ୍ୟର ପ୍ରାଣନାଶ ଘଟିବ ତାହା କହିହେବ ନାହିଁ । ଏ ଅବସ୍ଥାରେ ଲକ୍ଷ୍ୟସାଧନ ନିମନ୍ତେ ମୁଁ ବୃଦ୍ଧ ହେବା ପର୍ଯ୍ୟନ୍ତ ବା କିପରି ଅପେକ୍ଷା କରିବି ?

''ହେ ରାଜନ୍ ! ମୋ ପ୍ରତି ଆପଣଙ୍କର ଅଯାଚିତ ସ୍ନେହ ଯୋଗୁଁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ସ୍ୱର୍ଗର ଇନ୍ଦ୍ରସଦୃଶ ଆପଣ ମର୍ତ୍ତ୍ୟରେ

ରାଜ୍ୟଶାସନ କରନ୍ତୁ । ବାକ୍ୟାଳାପରେ ଯଦି କିଛି ଭୁଲ୍ ରହିଥାଏ ତେବେ କ୍ଷମା ଦେବେ । ଉପଯୁକ୍ତ ଗୁରର ସନ୍ଧାନରେ ମୁଁ ଚାଲିଲି ।''

ବିମ୍ବିସାର ସିଦ୍ଧାର୍ଥଙ୍କର ଲକ୍ଷ୍ୟ ସାଧନରେ ଏ ପ୍ରକାର ଶାନ୍ତ ଓ ଅଟଳଭାବ ଲକ୍ଷ୍ୟ କରି ତାଙ୍କୁ କେବଳ ଅନୁରୋଧ କରିଥିଲେ ସିଦ୍ଧିଲାଭ ପରେ ତାଙ୍କ ରାଜ୍ୟକୁ ପୁଣିଥରେ ଆସିବାକୁ । ସିଦ୍ଧାର୍ଥ ମଧ ନିମନ୍ତ୍ରଣ ଗ୍ରହଣ କରିଥିଲେ । ତା'ପରେ ସିଦ୍ଧାର୍ଥ ରାଜଗୃହର ଦୁଇଜଣ ସିଦ୍ଧସାଧକଙ୍କ ନିକଟରୁ ଶିକ୍ଷା ଲାଭ କରିଥିଲେ; କିନ୍ତୁ ସେଥିରେ ସେ ସନ୍ତୁଷ୍ଟ ହୋଇ ନପାରି ନିରଞ୍ଜନା (ଆଧୁନିକ ନାମ ଫଲ୍‌ଗୁ) ନଦୀ କୂଳରେ ଦୀର୍ଘ ଛଅବର୍ଷ କାଳ କଠୋର ସାଧନା କରିଥିଲେ । ଏହି ସମୟରେ ଆଉ ପାଞ୍ଚଜଣ ସତ୍ୟାନୁସନ୍ଧିତ୍ସୁ ଭିକ୍ଷୁ ଶିଷ୍ୟରୂପେ ତାଙ୍କ ପାଖରେ ପହଞ୍ଚିଥିଲେ । ଦୀର୍ଘ ଛଅବର୍ଷ କାଳ ଅନଶନ ବ୍ରତ ପାଳନ ପୂର୍ବକ କଠୋର ସାଧନା ଫଳରେ ସିଦ୍ଧାର୍ଥ ଅସ୍ଥିଚର୍ମସାର ହୋଇପଡ଼ିଲେ । ଶରୀରରେ ଅବଶ୍ୟ ତାଙ୍କର ଅସ୍ଥି ଚଡ଼ା ଆଉକିଛି ନଥିଲା; କିନ୍ତୁ ଶରୀରର ଲାବଣ୍ୟ ଓ ତେଜ ନଷ୍ଟ ହୋଇ ନଥିଲା । ସିଦ୍ଧାର୍ଥ ବର୍ତ୍ତମାନ ବୁଝିପାରିଲେ ଯେ ଶରୀରକୁ ନିର୍ଯାତନା ଦେଇ ସାଧନା ପଥରେ ଆଗେଇବା ଅଥବା ଅତ୍ୟଧିକ ବିଳାସବ୍ୟସନ ଭିତରେ ବୁଡ଼ି ରହି ସାଧନା କରିବା ଅସମ୍ଭବ । ତେଣୁ ଜୀବନଧାରଣା ଲାଗି ଯାହା ଖାଦ୍ୟ ପାନୀୟ ଆବଶ୍ୟକ ତାହା ଗ୍ରହଣ କରିବା ସାଧନାର ବିରୋଧୀ ନୁହେଁ । ଏହି ଚିନ୍ତା କରି ସିଦ୍ଧାର୍ଥ ନିରଞ୍ଜନା ନଦୀ ଜଳରେ ସ୍ନାନ କରି ନଦୀତୀରସ୍ଥ ଗୋଟିଏ ବୃକ୍ଷଛାୟା ତଳେ ବସି କ୍ଳାନ୍ତି ଦୂରକଲେ । ସେହି ସମୟରେ ଭଗବତ୍ ପ୍ରେରଣାନୁଯାୟୀ ଗୋପରାଜ୍ୟର ରାଜକନ୍ୟା ଆସି ପ୍ରଫୁଲ୍ଲ ଚିତ୍ତରେ ଗଭୀର ଭକ୍ତି ଓ ଶ୍ରଦ୍ଧାର ସହ ସିଦ୍ଧାର୍ଥଙ୍କୁ ସୁସ୍ୱାଦୁ ଅନ୍ନବ୍ୟଞ୍ଜନ ପ୍ରଦାନ କଲେ ।

ସିଦ୍ଧାର୍ଥ ସେ ଅନ୍ନ ଆନନ୍ଦର ସହ ଗ୍ରହଣ କରିବା ଦେଖି ଯେଉଁ ପାଞ୍ଚଜଣ ଭିକ୍ଷୁ ତାଙ୍କ ନିକଟରେ ଥିଲେ ସେମାନେ ସିଦ୍ଧାର୍ଥ ତପୋଭ୍ରଷ୍ଟ ହୋଇଛନ୍ତି ଭାବି ତାଙ୍କୁ ପରିତ୍ୟାଗ କରି ଚାଲିଗଲେ । ସିଦ୍ଧାର୍ଥ ସେଥିପ୍ରତି

ଭ୍ରୂକ୍ଷେପ ନ କରି ନିକଟରେ ଥିବା ଏକ ବୋଧିବୃକ୍ଷର ତଳକୁ ଗଲେ । ସେଠାରେ ଅବିଚଳ ଶାନ୍ତ ଭାବରେ ନିଜକୁ ନିଜେ କହିଲେ, " ମୋର ଅସ୍ଥି, ଚର୍ମ, ସ୍ନାୟୁ ପଛେ ତିଳ ତିଳ ହୋଇ କ୍ଷୟ ହୋଇଯାଉ, ସମଗ୍ର ଶରୀରର ରକ୍ତପ୍ରବାହ ପଛେ ଶୁଷ୍କ ହୋଇଯାଉ– ଯାହା ବି ଆସୁ, ଜ୍ଞାନଲାଭ ନ ହେବା ପର୍ଯ୍ୟନ୍ତ ଏ ସ୍ଥାନ ମୁଁ ପରିତ୍ୟାଗ କରିବି ନାହିଁ ।"

ସିଦ୍ଧାର୍ଥଙ୍କର ସତ୍ୟ ଓ ଜ୍ଞାନଲାଭର ଏ ଅପୂର୍ବ ଦୃଢ଼ତା ଦେଖି ଅସତ୍ୟ ଓ ଅଜ୍ଞାନର ଅନୁଚର ମାର ଅତ୍ୟନ୍ତ ବିଚଳିତ ହୋଇପଡ଼ିଲା । ବିଭ୍ରମ, ହର୍ଷ ଓ ଦର୍ପ ନାମକ ତା'ର ତିନିପୁତ୍ର ଏବଂ ରତି, ପ୍ରୀତି ଓ ତୃଷ୍ଣା ନାମରେ ତା'ର ତିନିକନ୍ୟା ପିତାମାତାଙ୍କର ଏପରି ବିମର୍ଷଭାବ ଦେଖି ତା'ର କାରଣ ଜିଜ୍ଞାସା କଲେ । ମାର ଭୟ ଓ କ୍ରୋଧମିଶ୍ରିତ ସ୍ୱରରେ କହିଲା, "ଏହି ଭିକ୍ଷୁ ଏକ ଦୁର୍ଜ୍ଜୟ ଅସ୍ତ୍ର ନେଇ ମୋର ରାଜ୍ୟ ଆକ୍ରମଣ କରିଛି । ସେ ଯଦି ନିର୍ବାଣ ଲାଭର ପଥ ପାଇଯାଏ ତେବେ ମୋର ରାଜତ୍ୱ ଲୋପ ପାଇବ । ତେଣୁ ଯେକୌଣସି ଉପାୟରେ ତା'ର ଏ ସାଧନା ପଣ୍ଡ କରିଦେବାକୁ ହେବ । ତା'ର ଅସ୍ତ୍ରକୁ ଚୁର୍‌ମାର୍ କରିଦେବାକୁ ହେବ ।"

ପୁଷ୍ପଧନୁ ଓ ପାଞ୍ଚଟି ବିଭ୍ରମ ଶରୀରରେ ସୁସଜ୍ଜିତ ହୋଇ ମାର ପୁତ୍ରକନ୍ୟାଙ୍କ ସହ ବୋଧିବୃକ୍ଷ ତଳେ ପହଞ୍ଚିଲା । ସିଦ୍ଧାର୍ଥଙ୍କୁ ଲକ୍ଷ୍ୟକରି କହିଲା, ହେ କ୍ଷତ୍ରିୟ ! ଏ ନିର୍ବାଣ-ଲାଭର ପଥ ପରିତ୍ୟାଗ କରି ତୋର ପ୍ରକୃତ କର୍ମ ଆଚରଣ କର । ଏ ଭିକ୍ଷୁ ଜୀବନ ଛାଡ଼ି ତୋ'ର ଶକ୍ତିଶାଳୀ ବାହୁ ଦୁଇଟିରେ ପୃଥିବୀ ବିଜୟ କର । ଯଦି ତୁ ମୋ କଥା ନମାନି ଏ ପଥ ନ ଛାଡୁ ତେବେ ମୋର ଅବ୍ୟର୍ଥ ଶରର ଆଘାତ ତୋତେ ସହିବାକୁ ହେବ । ସେ ଶର ସାମାନ୍ୟ ଶର ନୁହେଁ– ସେ ଶର ସୂର୍ଯ୍ୟପ୍ରତି ନିକ୍ଷେପ କରି ତାକୁ ମୋହଗ୍ରସ୍ତ କରିଥିଲି, ସେହି ଶର ପୁରୁରବାକୁ ବଶୀଭୂତ କରିଥିଲା ଓ ସେହି ଶର ଶାନ୍ତନୁକୁ ମଧ୍ୟ ପରାଭୂତ କରିଥିଲା ।"

ସିଦ୍ଧାର୍ଥ ଶାନ୍ତ, ନିଶ୍ଚଳ ଓ ନିରୁତ୍ତର । କ୍ରୋଧ ଜର୍ଜରିତ ମାର ତା'ର

ସମସ୍ତ ଶକ୍ତି ପ୍ରୟୋଗ କରି ଶର ନିକ୍ଷେପ କଲା । କିନ୍ତୁ ସେ ଶର ସିଦ୍ଧାର୍ଥଙ୍କ ଶରୀର ସ୍ପର୍ଶ କରି ନପାରି ଭୂମିରେ ନିପତିତ ହେଲା । ଏହା ଦେଖି ମାରର କ୍ରୋଧର ସୀମା ରହିଲା ନାହିଁ । ସେ ସ୍ଥିର କଲା, "ନା ଶର-ନିକ୍ଷେପ ଦ୍ୱାରା କାର୍ଯ୍ୟ ହାସଲ ହେବ ନାହିଁ, ପିଶାଚ ଓ ଦାନବଗଣଙ୍କୁ ପଠାଇ ଏହାକୁ ଅଶେଷ ନିର୍ଯ୍ୟାତନା ଦେଇ ଓ ଭୟଭୀତ କରାଇ ପଥଚ୍ୟୁତ କରିବି ।" ମାର ତାହାହିଁ କଲା । ତା'ର ଭୟଙ୍କର ସୈନ୍ୟଗଣଙ୍କୁ ଦେଖି ସିଦ୍ଧାର୍ଥ ଟିକିଏ ବିଚଳିତ ହେଲେ ନାହିଁ, କାରଣ ସେ ଯେ ଆଉ ଏକ ଅମୋଘ ଅସ୍ତ୍ରରେ ସଜ୍ଜିତ ! ତା' ନିକଟରେ ସମସ୍ତ ଦେବତା ଓ ଅସୁର ଏକାଠି ହୋଇ ଆକ୍ରମଣ କଲେ ବି ଟଳିପଡ଼ିବେ ।

ତପୋଭଙ୍ଗକାରୀ ସୈନ୍ୟଦଳ ଅପସରିଗଲେ । ଶାନ୍ତ ନୀରବତାରେ ସିଦ୍ଧାର୍ଥଙ୍କର ଅନ୍ତର ଓ ବାହାର ଭରିଉଠିଲା । ଗଭୀର ଧ୍ୟାନରେ ସେ ଡୁବିଗଲେ । ଅନ୍ତର ରାଜ୍ୟରେ ଭୂମି ପରେ ଭୂମି ଅତିକ୍ରମ କରି ଚାଲିଲେ । ରାତ୍ରି ଦ୍ୱିତୀୟ ପ୍ରହର ପ୍ରାୟ । ସିଦ୍ଧାର୍ଥ ତାଙ୍କର ଚିରଈପ୍ସିତ ନିର୍ବାଣର ଭୂମିରେ ଉପନୀତ ହେଲେ । ନିର୍ବାଣର ଉପଲବ୍ଧିରେ ତାଙ୍କର ଶରୀର-ପ୍ରାଣ-ମନ ପୁଲକିତ ହୋଇଉଠିଲା । ଦିବ୍ୟଜ୍ଞାନର ସ୍ପର୍ଶରେ ତାଙ୍କର ଦିବ୍ୟଚକ୍ଷୁ ଉନ୍ମୀଳିତ ହୋଇଗଲା । ପୃଥିବୀରେ ଦୁଃଖକଷ୍ଟର କାରଣ ଓ ସେଥିରୁ ଉଦ୍ଧାର ପାଇବାର ମାର୍ଗ ସେ ପାଇପାରିଲେ । ସେହିଦିନଠାରୁ ତାଙ୍କର ନାମ ହେଲା ବୁଦ୍ଧ ବା ଜ୍ଞାନୀ । ତା'ପରେ ସେ ବିଭିନ୍ନ ସ୍ଥାନରେ ବୁଲି ଦୁଃଖତାପକ୍ଲିଷ୍ଟ ଅସଂଖ୍ୟ ନରନାରୀଙ୍କ ହୃଦୟରେ ତାଙ୍କ ବାଣୀ ପ୍ରଚାର ବଳରେ ଶାନ୍ତି ଆଣି ଦେଇଥିଲେ ଓ ସେମାନଙ୍କୁ ମୁକ୍ତି ଓ ନିର୍ବାଣର ପଥ ଦେଖାଇଥିଲେ ।

ତେବେ ଭିକ୍ଷୁ ସିଦ୍ଧାର୍ଥ କେଉଁ ଶକ୍ତି ଓ କେଉଁ ଅସ୍ତ୍ର ବଳରେ ଏତେ ବଳୀୟାନ୍ ଥିଲେ ଯେ ତାହା ନିକଟରେ ବିମ୍ବିସାରଙ୍କର ସମସ୍ତ ହିତଉପଦେଶ ଅନାହାରଜନିତ ଅଶେଷ ଦୁଃଖଯନ୍ତ୍ରଣା ଓ ମାରର ଭୟଙ୍କର ସୈନ୍ୟବାହିନୀର ଦୁର୍ଦ୍ଧର୍ଷ ଆକ୍ରମଣ ବ୍ୟର୍ଥ ହୋଇଥିଲା ? ସେ ଅସ୍ତ୍ରଟି ବାହାରେ ନଥିଲା, ଥିଲା

ସିଦ୍ଧାର୍ଥଙ୍କ ଅନ୍ତରରେ, ଦେଖି ନ ହେଲେ ବି ସିଦ୍ଧାର୍ଥ ତାକୁ ବେଶ୍ ଉପଲବ୍ଧି କରିଥିଲେ । ସେଇଟି ଆଉ କିଛି ନୁହେଁ; କେବଳ ତାଙ୍କର ଦୃଢ଼ ସଂକଳ୍ପ ଶକ୍ତି । ଏତେ ବାଧାବିଘ୍ନ ସତ୍ତ୍ୱେ ସେହି ସଂକଳ୍ପ ତାଙ୍କୁ ଲକ୍ଷ୍ୟ ସ୍ଥାନରେ ନେଇ ଶେଷରେ ପହଞ୍ଚାଇ ଦେଇଥିଲା ।

ଆମ ଜୀବନରେ କୌଣସି ମହତ୍ତ୍ୱପୂର୍ଣ୍ଣ କାମ ସଂକଳ୍ପ ବିନା ହୋଇପାରେ ନାହିଁ । ତେବେ ସଂକଳ୍ପ କ'ଣ ? ଶ୍ରୀଅରବିନ୍ଦ କହିଛନ୍ତି, ''ସଚେତନ ଶକ୍ତିସକଳହିଁ ସଂକଳ୍ପ ।'' ବୁଦ୍ଧଦେବଙ୍କର ଜୀବନରେ ଗୋଟିଏ ଘଟନା ତ ଆମେ ଦେଖିଲେ । ସେ ଯଦି ସାଧାରଣ ମଣିଷ ପରି ତାଙ୍କ ଜୀବନଟିକୁ କଟିଯିବା ଲାଗି ଛାଡ଼ିଦେଇଥା'ନ୍ତେ ତେବେ ତାହାକୁ ସଚେତନତା କୁହାଯାଇ ପାରି ନଥା'ନ୍ତା । କିନ୍ତୁ ସେ ସାଧାରଣ ମଣିଷ ଭଳି ଜୀବନକୁ ବିତିଯିବା ଲାଗି ନଦେଇ ସଂକଳ୍ପ କଲେ ଯେ ଜୀବନରେ ଦୁଃଖକଷ୍ଟ, ରୋଗ, ବାର୍ଦ୍ଧକ୍ୟ, ଜନ୍ମ, ମୃତ୍ୟୁ ଆଦିର ରହସ୍ୟ ଭେଦ କରିବେ । ତା' ଫଳରେ ତାଙ୍କୁ ଅଶେଷ ଦୁଃଖକଷ୍ଟ ସହିବାକୁ ପଡ଼ିଲା । ସାଧାରଣ ମଣିଷ ଭଳି ଜୀବନକୁ ଛାଡ଼ିଦେଇଥିଲେ ସେ ଏତେ ଦୁଃଖକଷ୍ଟର ସମ୍ମୁଖୀନ ହୋଇ ନଥା'ନ୍ତେ । ବୁଦ୍ଧଦେବ ଯେଉଁ ଶକ୍ତିବଳରେ ସିଦ୍ଧିଲାଭ କଲେ ତାହାହିଁ ସଚେତନ ଶକ୍ତି । ଶକ୍ତି ଯେତେବେଳେ ସଚେତନ ସେତେବେଳେ ତାହାହିଁ ସଂକଳ୍ପ । ସାଧାରଣ ମଣିଷର ଧାରାରେ ଆମେ ଯେତେବେଳେ କାର୍ଯ୍ୟ କରୁ ସେତେବେଳେ ତାହା ଆଉ ସଚେତନ ସଂକଳ୍ପ ନୁହେଁ, ତାହା ପ୍ରକୃତିର ଏକ ଅନ୍ଧ ଅଚେତନ ଶକ୍ତି ଦ୍ୱାରା ପରିଚାଳିତ ହୁଏ ।

ମନେକର ତୁମେ ପ୍ରତିଦିନ ସ୍କୁଲ କିଂବା କଲେଜକୁ ପଢ଼ିବାକୁ ଯାଉଛ । ପିଲାଦିନଠାରୁ ପିତାମାତା ତୁମର ନାମ ସ୍କୁଲରେ ଲେଖାଇ ଦେଇଥିଲେ । ଧୀରେ ଧୀରେ ତୁମେ ଶ୍ରେଣୀ ପରେ ଶ୍ରେଣୀ ଉଠିଚାଲିଛ କିଂବା କେଉଁଠାରେ ଫେଲ୍ ହୋଇ ବର୍ଷେ ଦୁଇବର୍ଷ ରହିଯାଇଛ । କିନ୍ତୁ ତୁମେ କେବେ ଭାବିଛ କି, ''ମୁଁ କାହିଁକି ପଢୁଛି ? ପଢ଼ିବା ଦ୍ୱାରା ମୋର କ'ଣ ଲାଭ ହେବ ? ମୁଁ

ନିଜେ ଇଚ୍ଛା କରି ପଢୁଛି ନା ଅନ୍ୟ କାହାରି ଇଚ୍ଛା ଦ୍ୱାରା ପଢୁଛି ? ଯଦି ପଢୁଛି, ଯେପରି ନିଷ୍ଠାର ସହ ପଢ଼ିବା କଥା ମୁଁ ସେପରି ପଢୁଛି କି ? ଯଦି ନିଷ୍ଠାର ସହ ପଢ଼ି ପାରୁ ନାହିଁ ତେବେ କାହିଁକି ପଢ଼ିପାରୁ ନାହିଁ ? ସେସବୁର କାରଣଗୁଡ଼ିକ କ'ଣ ?''

ଏସବୁ ଚିନ୍ତା ତୁମ ମନକୁ ଆସିବା ପରେ ତୁମେ ପଢ଼ିବା ସମ୍ବନ୍ଧେ ସଚେତନ ହେଲ । ତା'ପରେ ତୁମ ମନକୁ ଦୁଇଟି ସମାଧାନ ଆସିପାରେ । ଗୋଟିଏ ଆସିପାରେ ଯେ, ''ଏ ପ୍ରକାର ପଢ଼ା ଛାଡ଼ି ଅନ୍ୟ କାମରେ ଲାଗିବି ।'' ଅନ୍ୟଟି ହୋଇପାରେ ଯେ, ''ନା, ପଢ଼ିବା ଫଳରେ ମୋ ମନର ବିକାଶ ହେବ । ବିଭିନ୍ନ ଭାଷାର ପୁସ୍ତକ ଅଧ୍ୟୟନ କରି ଅନେକ କଥା ଜାଣିପାରିବି । ଯେଉଁ କାର୍ଯ୍ୟ ମୁଁ କରିବି, ସେ ପଛେ ବିଲବାଡ଼ିରେ ଚାଷ କାମ ହେଉ, ସେ ସମ୍ବନ୍ଧେ ଲେଖାଯାଇଥିବା ବିଭିନ୍ନ ବହି ପଢ଼ି ମୋର ଜ୍ଞାନ ବୃଦ୍ଧି କରିପାରିବି । ଫଳରେ ମୋର କାର୍ଯ୍ୟକୁ ମୁଁ ଅଧିକ ଉତ୍ତମ ଭାବରେ କରିପାରିବି ଓ ନିଜେ ନୂଆ ନୂଆ ତଥ୍ୟ ଆବିଷ୍କାର କରି ତାକୁ ମଧ୍ୟ ଲେଖିଯିବି । ତେଣୁ ବର୍ତ୍ତମାନ ଯେପରି ବୋଧ ହେଉ ପଛେ ମୋତେ ପଢ଼ିବାକୁ ହେବ ।''

ଯଦି ତୁମେ ଦ୍ୱିତୀୟ ସମାଧାନଟିକୁ ଗ୍ରହଣ କରିନେଲ, ତା'ପରେ ତୁମେ ଭାବିବ, ''ନିଶ୍ଚୟତ ପଢ଼ିବାକୁ ହେବ, ପରୀକ୍ଷାରେ ପାସ୍ ଲାଗି ନୁହେଁ, ବାପ ମା' ତଥା ଶିକ୍ଷକଙ୍କୁ ସନ୍ତୁଷ୍ଟ କରିବାକୁ ନୁହେଁ, ବା ଚାକିରି କରି ପରିବାର ପୋଷଣ କରିବା ଉଦ୍ଦେଶ୍ୟରେ ନୁହେଁ, କେବଳ ମୋର ମାନସିକ ତଥା ଅନ୍ୟାନ୍ୟ ବିକାଶ ସକାଶେ । ଯଦି ପଢ଼ିବା ପାଇଁ ସ୍ଥିର କଲି, ତେବେ ଭଲକରି ପଢ଼ିବି ନାହିଁ କାହିଁକି ?'' ଏଇଠୁ ଆରମ୍ଭ ହେଲା ସଂକଳ୍ପ । ଏଇଠାରୁ ତୁମେ ଅନ୍ୟାନ୍ୟ ସାଧାରଣ ପିଲା ତୁମଠାରୁ ଭଲ ପଢୁଥା'ନ୍ତୁ ପଛକେ ତାଙ୍କଠାରୁ ସ୍ୱତନ୍ତ୍ର ହୋଇଯାଅ । ତୁମ ଭିତରେ ଗୋଟିଏ ସଚେତନ ସଂକଳ୍ପ ଶକ୍ତି ତୀବ୍ର ଭାବରେ କାମ କରେ । ଜ୍ଞାନଲାଭର ପ୍ରବଳ ପିପାସା ତୁମ ମଧ୍ୟରେ

ଜାଗ୍ରତ ହୁଏ । ତୁମେ ସେତେବେଳେ କୌଣସି ଅପମାନ, କୌଣସି ଦଣ୍ଡ, କୌଣସି ଦୁରବସ୍ଥାକୁ ଭ୍ରୂକ୍ଷେପ ନକରି ତୁମର ଶିକ୍ଷକ, ସାଙ୍ଗସାଥୀ କିଂବା ଅନ୍ୟାନ୍ୟ ପରିଚିତ ତଥା ଅପରିଚିତ ବ୍ୟକ୍ତିଙ୍କଠାରୁ ପୁସ୍ତକ ତଥା ଅନ୍ୟାନ୍ୟ ସାହାଯ୍ୟ ପାଇବା ଲାଗି ନିଃସଙ୍କୋଚ ହୃଦୟରେ ପ୍ରାର୍ଥୀ ହୋଇଥାଅ । ପାଠପଢ଼ାରେ ସାହାଯ୍ୟ କରୁଥିବା ମନର ଏକାଗ୍ରତା ଓ ଶରୀରର ସ୍ୱାସ୍ଥ୍ୟ ଲାଭ ଲାଗି ନିୟମିତରୂପେ ଖେଳ କସରତ୍, ବ୍ୟାୟାମ କିଂବା ଆସନ ଆଦି କରିବାକୁ ପଛାଅ ନାହିଁ । କାରଣ ତୁମେ ଜାଣିପାର, ଏସବୁ ତୁମର ଅନ୍ୟାନ୍ୟ ବିକାଶ ସହ ପାଠପଢ଼ାରେ ମଧ ସାହାଯ୍ୟ କରିବ । ବିଭିନ୍ନ ବ୍ୟକ୍ତିଙ୍କ ପାଖରୁ ସାହାଯ୍ୟ ପ୍ରାର୍ଥନା କରି ଓ ଆବଶ୍ୟକ ସ୍ଥଳେ ଅନ୍ୟମାନଙ୍କୁ ସାହାଯ୍ୟ କରି ତୁମର ସ୍ୱଭାବ ନମ୍ର ଓ ଭଦ୍ର ହୁଏ । ଭଲପାଠ ପଢ଼ିବା ଲାଗି ଏହି ସଂକଳ୍ପ ଯୋଗୁ ତୁମ ଆଡୁ ଆଉ ବିଶେଷ କିଛି ଅସୁବିଧା ରହେ ନାହିଁ । ଏଣିକି ରହେ ବାହାର ଅସୁବିଧା, ତୁମେ ଯଦି ଘରେ ଥାଅ ତେବେ ବିଶେଷ କରି ମୁରବିମାନଙ୍କର ଅସମୟରେ ବିଭିନ୍ନ କାମର ବରାଦ ତୁମ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରିଥାଏ । ମୁରବିମାନେ ତୁମ ପାଠପଢ଼ାର ମହତ୍ତ୍ୱ ନବୁଝିବା ହେତୁ ହେଉ କିଂବା ଘରର ବିଶେଷ ଆବଶ୍ୟକତା ଦୃଷ୍ଟିରୁ ହେଉ, ଏସବୁ କାମ ବରାଦ କରିଥା'ନ୍ତି । ଯାହାହେଉ, ଘରେ ଯେତେବେଳେ ରହୁଛ ଓ ସେମାନେ ତୁମ ପାଠପଢ଼ାର ସମସ୍ତ ଖର୍ଚ୍ଚ ତୁଲାଉଛନ୍ତି ତାଙ୍କ କଥା ବି ମାନିବାକୁ ପଡ଼ିବ । କାରଣ ନମାନିବା ଫଳରେ ମୁରବି ଯଦି ତୁମ ଅବସ୍ଥା ନବୁଝନ୍ତି ତେବେ ବେଶୀ ଅସୁବିଧା ହେବ । କିନ୍ତୁ ଦେଖିବ, ତୁମର ଏହି ଛୋଟ ଛୋଟ ଅସୁବିଧା ତୁମର ଭଲ ପଢ଼ିବାର ସଂକଳ୍ପକୁ ଆହୁରି ତୀବ୍ର କରିବ । ତୁମେ ଯେତେବେଳେ ମୁରବିଙ୍କ ଆଦେଶାନୁଯାୟୀ କାର୍ଯ୍ୟ ସମ୍ପାଦନ କରି ଫେରିଆସିବ, ଅବଶିଷ୍ଟ ସମୟତକ ତୁମେ ଦ୍ୱିଗୁଣିତ ଉତ୍ସାହ ଓ ଦ୍ୱିଗୁଣିତ ମନୋଯୋଗ ସହ ପଢ଼ିପାରିବ । ତୁମେ ଯଦି ଘରେ ନରହି ହଷ୍ଟେଲରେ ରୁହ, ସେଠାରେ ବାଧା ଅଛି । ବିଭିନ୍ନ ସାଙ୍ଗ ଆସି ଅନେକ ସମୟରେ

ଅଯଥା ଓ ଅଶ୍ଳୀଳ ଗପ ଆରମ୍ଭ କରନ୍ତି । ସେମାନଙ୍କ ଅନୁରୋଧ ରକ୍ଷା କରି ବିଭିନ୍ନ ଶସ୍ତା ମଉଜ ମଜଲିସ୍‌ରେ ମାତିବାକୁ ପଡ଼େ । ଏ କ୍ଷେତ୍ରରେ ମଧ୍ୟ ତୁମେ ଏକାଭଳି କଥା ଦେଖିବ । ତୁମେ ଯଦି ନିଜ ସଂକଳ୍ପରେ ଅଟଳ ଥାଅ ତେବେ ସେମାନେ ମଧ୍ୟ ତୁମ ଆଦର୍ଶ ଅନୁସରଣ କରିବାକୁ ବାଧ୍ୟ ହେବ । ତୁମେ ଯଦି ସୁଦୃଢ଼ ନ ଥାଅ ତେବେ ସେମାନଙ୍କ ସହ ମିଶି ସାମୟିକ ଭାବେ ପତନ ମୁଖରେ ଆଗେଇଗଲେ ବି ତୁମ ପଶ୍ଚାତ୍‌ରେ ଯେଉଁ ସଂକଳ୍ପ ରହିଛି ସେ ତୁମକୁ ଚିଆଁ ଦେଲାଭଳି ପୁଣି ଚେତାଇଦିଏ । ଫଳରେ ତୁମର ସଂକଳ୍ପ ଆହୁରି ତୀବ୍ର, ଆହୁରି ଶକ୍ତିଶାଳୀ ହୁଏ । ଏହି ସଂକଳ୍ପ ଯୋଗୁଁ ତୁମର ବାଧା ବିପତ୍ତି ବି ତୁମର ସେବାରେ ଲାଗିଯାଆନ୍ତି ।

ଯେପରି ପ୍ରତିଦିନ ବ୍ୟାୟାମ କରିବା ଫଳରେ ଆମର ମାଂସପେଶୀଗୁଡ଼ିକ ସୁଦୃଢ଼ ଓ ସମର୍ଥ ହୋଇଉଠେ, ସେହିଭଳି ଛୋଟ ଛୋଟ କଥା– ପାନ ଛାଡ଼ିଦେବି, ଗୁଡ଼ାଖୁ ଛାଡ଼ିଦେବି, ବିଡ଼ି ସିଗାରେଟ୍ ଛାଡ଼ିଦେବି, ବ୍ରହ୍ମଚର୍ଯ୍ୟ ପାଳନରେ ତ୍ରୁଟି କରିବି ନାହିଁ, ସ୍କୁଲରେ ସବୁଦିନେ ଉପସ୍ଥିତ ରହିବି, ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କ୍ଲାସରେ ଯାଇ ପହଞ୍ଚିବି, କ୍ଲାସର ପଢ଼ା ପ୍ରତିଦିନ ପ୍ରସ୍ତୁତ କରିଯିବି, ପରୀକ୍ଷାରେ କପି କରିବି ନାହିଁ, ପରୀକ୍ଷାକୁ ଭୟ କରିବି ନାହିଁ, ଛାତ୍ର-ସମାଜର ପ୍ରତ୍ୟେକଟି ଅଧିବେଶନରେ ନିୟମିତ ଯୋଗ ଦେବି, ମୋର ପିନ୍ଧିବା ଲୁଗାପଟା ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିବି, ବହିପତ୍ର ଓ ଖାତାସବୁ ସୁନ୍ଦର ଭାବେ ମଲାଟ ଦେଇ ଯତ୍ନର ସହ ରଖିବି, ମୋର ପରୀକ୍ଷାରେ ଭଲ ନମ୍ବର ରହୁଛି ବୋଲି ଗର୍ବ କରିବି ନାହିଁ କି ଖରାପ ନମ୍ବର ରହୁଛି ବୋଲି ଭାଙ୍ଗିପଡ଼ିବି ନାହିଁ ଇତ୍ୟାଦି ସଂକଳ୍ପ କରି ସଫଳ ହେଲେ ଆମର ସଂକଳ୍ପଶକ୍ତି ସୁଦୃଢ଼ ଓ ସମର୍ଥ ହୋଇଉଠେ । ଫଳରେ ଆମେ ଜୀବନରେ ଯେଉଁ କାର୍ଯ୍ୟ କରିବାକୁ ଇଚ୍ଛା କରୁ ତାହା ଅନାୟାସରେ କରିପାରୁ । ଆମେ ଯଦି ଆମ ନିଜକୁ ଭଗବାନଙ୍କ ନିକଟରେ ସମର୍ପଣ କରୁ ଓ ଜୀବନରେ କେବଳ ତାଙ୍କୁ ପାଇବା ଓ ତାଙ୍କୁ ପୂର୍ଣ୍ଣରୂପେ ଆମ

ମଧ୍ୟରେ ପ୍ରକାଶ କରିବା ଲାଗି ଚାହୁଁ ତେବେ ତା’ ପରଠାରୁ ଆମର ଯେଉଁସବୁ ସଂକଳ୍ପ ହେବ ତା’ର ଶକ୍ତି କଥା ଛାଡ଼ିଦିଅ । ଆମେ ଯଦି ଯଥାର୍ଥ ଆନ୍ତରିକତାର ସହ ଭଗବାନଙ୍କୁ ଚାହୁଁ ତେବେ କେବଳ ତାଙ୍କରି ସଂକଳ୍ପହିଁ ଆମ ମଧ୍ୟରେ ପ୍ରକାଶ ପାଇବ । ସେ ସଂକଳ୍ପ ହେବ ଦୁର୍ବାର, ଦୁର୍ଜୟ । କାରଣ ତା’ ପଶ୍ଚାତରେ ଅନନ୍ତ ଶକ୍ତି ସମ୍ପନ୍ନ ଭଗବାନ ରହିଥାଆନ୍ତି । ଜୀବନରେ ଥରେ ଯଦି ଆମେ ଭଗବାନଙ୍କୁ ଡାକି ସଂକଳ୍ପ ଗ୍ରହଣ କରିଛେ ଓ ଜାଣିଛେ ଯେ ସେ ସଂକଳ୍ପ ପୂରଣରେ ଆମେ କିଂବା ସମାଜ ଆଉ ଏକ ପାଦ ତାଙ୍କ ଦିଗରେ ଆଗେଇଯିବା, ତେବେ ଯେତେ ବାଧାବିଘ୍ନ ଆସୁନା କାହିଁକି ବିଚଳିତ ହେବାର କାରଣ ନାହିଁ । କାରଣ ସକଳ ବାଧାବିପତ୍ତିର ପଶ୍ଚାତରେ ଆମ ସଂକଳ୍ପର ଅନିର୍ବାଣ ଅଗ୍ନିଶିଖା ନିରନ୍ତର ଜଳୁଥାଏ । ଆମେ ଯଦି ବାଧାବିପତ୍ତିରେ ବିଚଳିତ ନହୋଇ ଆମ ମୂଳ ସଂକଳ୍ପକୁ ସ୍ମରଣ ରଖୁ ଓ ଭଗବାନଙ୍କ ସାହାଯ୍ୟ ପ୍ରାର୍ଥନା କରୁ ତେବେ ବାଧାବିପତ୍ତି ଆମକୁ ଆହୁରି ସୁଦୃଢ଼ କରି ଗଢ଼ିଥାଏ । ଯିଏ ଥରେ ଅକୃତକାର୍ଯ୍ୟ ହୋଇ କହେ, ଏଥିରେ ଆଉ ହଜାରେ ଥର ଅକୃତକାର୍ଯ୍ୟ ହେଲେ ବି ମୁଁ ଶେଷ ପର୍ଯ୍ୟନ୍ତ ଯିବି, ସେଇହିଁ ସଂକଳ୍ପକୁ ନିଷ୍ଠାର ସହ ଗ୍ରହଣ କରିଥାଏ ।

ତେଣୁ ଆସ ଆଜିଠାରୁ ଆଉ ସମୟ ନଷ୍ଟ ନକରି ଜୀବନଟାକୁ ଏପରି ସାଧାରଣ ଧାରାରେ ବିତିଯିବାକୁ ନଦେଇ ଛୋଟ ଛୋଟ ସଂକଳ୍ପ ଗ୍ରହଣ କରି ତାକୁ କାର୍ଯ୍ୟକାରୀ କରିବା । ଦେଖିବା ଆମେ କେତେଦୂର ଅଗ୍ରଗତି କରୁଛେ ! ସବୁଦିନେ ଛୋଟ ଛୋଟ କଥା ଯାହାକି ଆମର ଅନିଷ୍ଟ କରୁଛନ୍ତି ସେସବୁକୁ ଆମଠାରୁ ତଡ଼ିଦେବାକୁ ଓ ଯାହା ଆମର ମଙ୍ଗଳକର ତାକୁ ଗ୍ରହଣ କରିବାକୁ ଦୃଢ଼ ସଂକଳ୍ପ ନକରି କେତେ ଭଗବାନଙ୍କ ନିକଟରେ ପ୍ରତିବାଦ ଓ ତାଙ୍କ ଉପରେ ଅଭିମାନ କରୁଥିବା ? ଆମେ ଆମ ଆଡୁ ଟିକିଏ ଉଦ୍ୟମ କରିବା ନାହିଁ, ଅଥଚ ଖାଲି ଭଗବାନଙ୍କ ଉପରେ ଦୋଷ ଦେବା ? ଯାହାହେଉ, ଭଗବାନ ବି ଆମର ଦୁଃଖଯନ୍ତ୍ରଣା, ପ୍ରତିବାଦ ଓ

ଅଭିମାନ ସହ୍ୟ କରି ନପାରି ଆଉ ଦୂରରେ ରହିପାରି ନାହାନ୍ତି । ମା' ରୂପରେ ଅସରନ୍ତି ପ୍ରେମ ନେଇ ସେ ଆମର ଅତି ନିକଟକୁ ଚାଲିଆସିଛନ୍ତି । ଆଉ ଭୟ କ'ଣ ? ହଜାରେ ଥର ପତନ ଘଟିଲେ ବି ଆଉ ହଜାରେ ଥର ପତନ ଲାଗି ପ୍ରସ୍ତୁତ ରହିବା; କେବେ ବି ଆମ ସଂକଳ୍ପ ଛାଡ଼ିବା ନାହିଁ । ତା'ହେଲେ ଛୋଟ ଶିଶୁଭଳି ଆମ ହାତଧରି ସେ ଶେଷ ପର୍ଯ୍ୟନ୍ତ ନେଇଯିବେ । କାରଣ ଆମ ପତନ ଉପରେ ସେ ଗୁରୁତ୍ୱ ଦିଅନ୍ତି ନାହିଁ । ସେ ଦେଖନ୍ତି ଆମେ ଭବିଷ୍ୟତରେ କ'ଣ ହୋଇପାରିବା ଓ କ'ଣ ହେବାକୁ ଚାହୁଁ ।

# ସିନେମା ଦେଖାଯିବା କ'ଣ ଖରାପ ?

"In the Ashram films are permitted not as an amusement, but as forming part of education. So it is a problem of education that is before us."

–The Mother

''ଚିତ୍ତବିନୋଦନ ଲାଗି ନୁହେଁ; କିନ୍ତୁ ଶିକ୍ଷାର ଏକ ଅଙ୍ଗ ହିସାବରେ ଆଶ୍ରମରେ ସିନେମା ଦେଖାଇବାର ଅନୁମତି ମିଳିଛି । ତେଣୁ ଆମ ସମ୍ମୁଖରେ ଏହା ଏକ ଶିକ୍ଷାର ସମସ୍ୟା ହୋଇରହିଛି ।''

—ଶ୍ରୀମା

ସିନେମା କଥା ଛାଡ଼, ଖାଦ୍ୟ ଖାଇବା କ'ଣ ଖରାପ ? କିନ୍ତୁ କେଉଁ ଲକ୍ଷ୍ୟ ନେଇ ଆମେ କି ପ୍ରକାର ଖାଦ୍ୟ ଖାଉଛୁ ତା' ଉପରେ ସବୁକିଛି ନିର୍ଭର କରେ । ଆମେ ଯଦି ଶରୀରକୁ ସୁସ୍ଥ ସବଳ କରି ଏକ ଉଚ୍ଚତର କାର୍ଯ୍ୟ ସାଧନ ନିମନ୍ତେ ବଞ୍ଚାଇ ରଖିବାର ଲକ୍ଷ୍ୟ ରଖି ନଖାଇ କେବଳ ନିମ୍ନପ୍ରାଣର କାମନା ବାସନା ପରିପୂରଣ ନିମନ୍ତେ ଶରୀର ପ୍ରତି ଭ୍ରୂକ୍ଷେପ ନକରି ଯାହା ଇଚ୍ଛା ତା' ଖାଉ ତେବେ ତା'ର ପରିଣାମ ସଙ୍ଗେ ସଙ୍ଗେ ହେଉ କିଂବା ଟିକେ ବିଳମ୍ବରେ ହେଉ ଆମକୁ ଭୋଗ କରିବାକୁ ହୁଏ । ସେ ତ ଅନୁଭବର କଥା । ସେଥିରେ କ'ଣ ଆଉ କିଛି କହିବାର ଥାଏ ନା କ'ଣ ?

ଆମର ଲକ୍ଷ୍ୟ ଯେତେ ମହାନ୍ ଓ ବିରାଟ ହେବ ସେହି ଅନୁସାରେ ଆମର କାର୍ଯ୍ୟ ହେବ ବିରାଟ ଓ ମହାନ୍ । ଅନ୍ୟ ପକ୍ଷରେ ଆମର ଲକ୍ଷ୍ୟ ଯେତେ ସଂକୀର୍ଣ୍ଣ ସ୍ୱାର୍ଥପର ହେବ ଆମର କାର୍ଯ୍ୟ ମଧ୍ୟ ସେହିପରି ହୀନ, ସ୍ୱାର୍ଥପର ଓ କ୍ଷତିକାରକ ହେବ । ପୃଥିବୀରେ କୌଣସି ଜିନିଷ ଖରାପ

ନାହିଁ; କିନ୍ତୁ ଯେଉଁ ଜିନିଷ ଯେଉଁ ସମୟରେ ଯେଉଁ ସ୍ଥାନରେ ଓ ଯେଉଁ ଲକ୍ଷ୍ୟ ନେଇ ବ୍ୟବହାର ହେବା କଥା ସେପରି ନହେଲେ ତାହା ଆମ ପକ୍ଷରେ ଖରାପ ଓ କ୍ଷତିକାରକ ହୋଇଥାଏ । ଥରେ ଗୋଟିଏ ସ୍ଥାନରେ ତିନିଜଣ ବନ୍ଧୁ ବାସ କରୁଥିଲେ । ପ୍ରଥମ ବନ୍ଧୁ ଦୁଇଜଣଙ୍କର ଛବି ଆଙ୍କିବାରେ ବହୁତ ଦକ୍ଷତା ଅଛି । ତୃତୀୟ ବନ୍ଧୁଜଣକ କ'ଣ ଟିକେ କାମଦାମ କରି ଏଣେତେଣେ ବୁଲନ୍ତି ।

ପ୍ରଥମ ବନ୍ଧୁଜଣକ ଯେଉଁ ଛବି ଆଙ୍କନ୍ତି ସେଥିରେ ସାଧାରଣ ପ୍ରକୃତିରେ ଜୀବ, ଜନ୍ତୁ, ପକ୍ଷୀ, ମଣିଷ, ବୃକ୍ଷଲତା, ଫୁଲଫଳ ଆଦି ଯେପରି ଅଛନ୍ତି ଖାଲି ସେହିପରି ଆଙ୍କନ୍ତି ନାହିଁ । ତାଙ୍କ ଚିତ୍ରରେ ସେସବୁ ସ୍ଥାନ ପାଇଥାଏ, କିନ୍ତୁ ସେସବୁକୁ ଦେଖିଲେ ଜଣାପଡ଼େ ତା' ପଶ୍ଚାତ୍‌ରେ କିଛି ଗଭୀର ଅର୍ଥ ରହିଛି । ବାହାର ଦୃଷ୍ଟିରୁ ବିଭିନ୍ନ ରଙ୍ଗବେରଙ୍ଗ ହୋଇ ଯଦିଓ ନିଖୁଣ ଭାବରେ ଅଙ୍କା ଯାଇ ନଥାଏ ତଥାପି ଛବିର ଅନ୍ତରରେ ଏକ ସତ୍ୟ ସୌନ୍ଦର୍ଯ୍ୟ, ଆନନ୍ଦ ଓ ରହସ୍ୟ ଲୁଚି ରହିଥିବାର ବୋଧ ହୁଏ । ଛବିକୁ ଦେଖିଲେ ଏକ ଶୁଦ୍ଧ ସାତ୍ତ୍ୱିକ ଭାବରେ ଅନ୍ତର ଭରିଉଠେ । ବିଭିନ୍ନ ବ୍ୟକ୍ତି ତାକୁ ନିଜ ନିଜ ଦୃଷ୍ଟିକୋଣରୁ ଭିନ୍ନ ଭିନ୍ନ ଭାବେ ବିଚାର କରିବାର ଉପାଦାନ ସେଥିରେ ରହିଥାଏ । କଳାକାର କିନ୍ତୁ ତାଙ୍କ ନିଜ ଦୃଷ୍ଟିରୁ ଏକ ଗଭୀରତର ସତ୍ୟକୁ ରଙ୍ଗ ଓ ତୂଳିର ସାହାଯ୍ୟରେ ରୂପ ଦେଇଥା'ନ୍ତି । ଅଧିକାଂଶ ବ୍ୟକ୍ତି ସେ ପ୍ରକାର ଛବିକୁ ଦେଖିଲେ କିଛି ବୁଝିପାରନ୍ତି ନାହିଁ; କିଂବା ତାଙ୍କ ନିମ୍ନପ୍ରାଣକୁ ସନ୍ତୁଷ୍ଟ କରୁ ନଥିବାରୁ ତାକୁ ପସନ୍ଦ କରନ୍ତି ନାହିଁ । କଳାକାରଙ୍କର କିନ୍ତୁ ଭ୍ରୂକ୍ଷେପ ନଥାଏ । ଯାହାଙ୍କୁ ପ୍ରକାଶ କରିବା ଲାଗି ସେ କଳାର ସାଧନା କରୁଛନ୍ତି ତାଙ୍କରିଠାରୁ ସେ ସମସ୍ତ ଆନନ୍ଦ ପାଆନ୍ତି । ପଇସା ରୋଜଗାର କରିବାକୁ କିଂବା ସୁନାମ ଅର୍ଜନ ଲାଗି ସେ କାର୍ଯ୍ୟ କରୁ ନାହାନ୍ତି କିବଂ ଛବି ଆଙ୍କିବା ତାଙ୍କର ଏକ ପେଷା ନୁହେଁ । ତାଙ୍କ ପୂର୍ଣ୍ଣାଙ୍ଗ ଜୀବନରେ ଏକ ଆଂଶିକ କର୍ମରୂପେ ସେ ତାକୁ ଗ୍ରହଣ କରିଛନ୍ତି । ଲକ୍ଷ୍ୟ ତାଙ୍କର ବହୁତ

ଗଭୀରରେ ଓ ବହୁତ ଉଚ୍ଚରେ । ଛବି ଆଙ୍କିବା କେବଳ ତାଙ୍କର ସେହି ଲକ୍ଷ୍ୟ ସାଧନର ଏକ ସାମାନ୍ୟତମ ଉପାୟ ମାତ୍ର ।

ଦ୍ୱିତୀୟ ବନ୍ଧୁଜଣକ ବି ଛବି ଆଙ୍କିବାରେ ସିଦ୍ଧହସ୍ତ । ସାଧାରଣତଃ ପ୍ରକୃତି ଯେପରି ଭାବରେ ଅଛି ସେ କେବଳ ସେଇଆକୁ ଅନୁକରଣ କରି ଅବିକଳ ସେଇଭଳି ଛବି ଆଙ୍କନ୍ତି । ସେଭଳି ଛବିକୁ ଦେଖି ବୁଝିବାରେ କିଛି କଷ୍ଟହୁଏ ନାହିଁ । ତା'ଛଡ଼ା ନାନାପ୍ରକାର ନଗ୍ନ, ଅଶ୍ଳୀଳ ଛବି ଆଙ୍କନ୍ତି ଯାହାକୁ ଦେଖି ସାଧାରଣ ଲୋକମାନେ ନିଆଁ ପ୍ରତି ପତଙ୍ଗମାନେ ଆକୃଷ୍ଟ ହେଲାଭଳି ଆକୃଷ୍ଟ ହୋଇଥା'ନ୍ତି । କଳାକାର ବହୁତ ଖୁସି । କାରଣ ପଇସା ରୋଜଗାର ଓ ସୁନାମ ଅର୍ଜିତ ତ ତାଙ୍କର ଲକ୍ଷ୍ୟ । ବହୁତ ଛବି ବିକ୍ରି ହୁଏ । କଳାକାରଙ୍କର ପ୍ରଶଂସା କହିଲେ ନସରେ । ଅନେକ ଶସ୍ତା ପତ୍ରପତ୍ରିକା ତାଙ୍କଠାରୁ ଛବି କିଣିନେଇ ପତ୍ରିକା ମଲାଟରେ ଛାପି ଦିଅନ୍ତି । କିନ୍ତୁ ସେ ଛବିଗୁଡ଼ିକ ମଣିଷ ଚେତନାର ବିକାଶରେ କେତେ ସାହାଯ୍ୟ କରେ ତାହା ଖୁବ୍ କମ୍ ଲୋକ ବିଚାର କରନ୍ତି ।

ତୃତୀୟ ବନ୍ଧୁଜଣକ ଏଣେତେଣେ ବୁଲି କ'ଣ କରନ୍ତି । ବସାକୁ ଫେରିଲେ ସେମାନଙ୍କର ଛବିଅଙ୍କା ଦେଖି ହାତ ସ୍ଥିର ହୁଏ ନାହିଁ । ରଙ୍ଗ ଓ ତୂଳି ଧରି କାହା ସାର୍ଟରେ ଗାରେଇବା, କାହା ଲୁଗାରେ ଗାରେଇବା, ଶୋଇଥିଲେ କାହା ମୁହଁରେ ଲଗାଇଦେବା– ଏସବୁ କରନ୍ତି ।

ତେବେ ଆମେ ଦେଖିଲେ ସେଇ ରଙ୍ଗ ଓ ତୂଳିକୁ ନେଇ ବିଭିନ୍ନ ଲୋକ କିପରି ନିଜ ଅନ୍ତରର ଭିନ୍ନ ଭିନ୍ନ ଭାବ ଯୋଗୁ ଭିନ୍ନ ଭିନ୍ନ ରୂପେ ବ୍ୟବହାର କରୁଛନ୍ତି । ଏଥିରେ ଛବି ଆଙ୍କିବାର ଗୁଣ ବା ରଙ୍ଗ ଓ ତୂଳିକୁ ତ ଭଲ କିଂବା ଖରାପ ଆମେ କହିପାରିବା ନାହିଁ ସେଇପରି ସିନେମା ଗୋଟିଏ କଳା । ତା'ର ଭଲମନ୍ଦ ନିର୍ଭର କରେ ତା' ପଶ୍ଚାତ୍‌ରେ ଯେଉଁ ଲୋକମାନେ ତାକୁ ପ୍ରସ୍ତୁତ କରୁଛନ୍ତି । ସେଇମାନଙ୍କ ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଚେତନା ସିନେମାରେ ପ୍ରକାଶିତ ହୋଇଥାଏ ।

ଗୋଟିଏ ଦିଗରୁ ଆମେ ଦେଖିଲେ ସିନେମାର ଭଲମନ୍ଦ ନିର୍ଭର କରୁଛି ଯେଉଁମାନେ ତାକୁ ପ୍ରସ୍ତୁତ କରୁଛନ୍ତି ତାଙ୍କରି ଉପରେ । ଅନ୍ୟ ଗୋଟିଏ ଦିଗରୁ ବିଚାର କଲେ ସିନେମାର ଭଲମନ୍ଦ ଅନେକ ପରିମାଣରେ ଦର୍ଶକ ଉପରେ ମଧ୍ୟ ନିର୍ଭର କରିଥାଏ । ଥରେ ଦୁଇଜଣ ବନ୍ଧୁ କଥାବାର୍ତ୍ତା ହେଉଥିଲେ । ଜଣେ ଅନ୍ୟ ଜଣକୁ ପଚାରିଲେ, ''ଆଚ୍ଛା, ଭାଇ କାଲି ସେ ସାମାଜିକ ଛବିଟା ଦେଖିବାକୁ ଯାଇଥିଲ ?'' ଦ୍ୱିତୀୟ ଜଣକ କହିଲେ, ''ହଁ, ଯାଇଥିଲି ।''

''ତୁମେ କ'ଣ ସବୁ ଛବି ନିୟମିତ ଦେଖିବାକୁ ଯାଅ !'' ଦ୍ୱିତୀୟ ବନ୍ଧୁ କହିଲେ, ''ନା, ସିନେମା ଦେଖିଯିବା ମୋର ଗୋଟିଏ ନିୟମିତ ଅଭ୍ୟାସ ନୁହେଁ କିଂବା ପ୍ରାଣଗତ ଆମୋଦ ଲାଭ କରିବାକୁ ମୁଁ ସିନେମା ଯାଏ ନାହିଁ । ମୋର ଯଦି କୌଣସି କାମ ନଥାଏ କିଂବା ଛବିଟି ଯଦି ତଥ୍ୟମୂଳକ (Documentary) ବା କୌଣସି ମହାପୁରୁଷ ଓ ଜୀବଜନ୍ତୁଙ୍କ ଜୀବନୀମୂଳକ କିଂବା କୌଣସି ପୌରାଣିକ, ଐତିହାସିକ ଅଥବା ଶିଶୁମାନଙ୍କ ଲାଗି ହାସ୍ୟରସପୂର୍ଣ୍ଣ ଛବି ହୋଇଥାଏ ତେବେ ଯାଏ । ସାମାଜିକ ଛବି ବି ବେଳେବେଳେ ଦେଖିବାକୁ ଯାଏ କେବଳ ଅନ୍ଧକାର, ଅଜ୍ଞାନତା ପରିପୂର୍ଣ୍ଣ ପୁରୁଣା ମଣିଷଙ୍କର ଅନ୍ଧ କାରବାର ଦେଖି ନୂତନ ମଣିଷ କିପରି ହେବ କଳ୍ପନା କରିବାକୁ । ସେସବୁ ଛବିରେ କିଛି ଗ୍ରହଣ କରିବାକୁ ଶିଖିବା ଅପେକ୍ଷା ବେଶୀ ତ୍ୟାଗ କରିବାକୁ ଶିଖିବାକୁ ପଡ଼ିଥାଏ । କିନ୍ତୁ ସିନେମା ଦେଖିବାକୁ ମୁଁ କୌଣସି କାମନାବାସନା, ଅଭ୍ୟାସ କିଂବା ପ୍ରବୃତ୍ତିର ଦାସ ହୋଇ ଯାଏ ନାହିଁ, ଯାଏ ସଚେତନ ଭାବେ ଇଚ୍ଛା କରି କିଛି ଶିକ୍ଷା କରିବାକୁ ।''

ପ୍ରଥମ ବନ୍ଧୁଟି କହିଲେ, ''ମୋର କିନ୍ତୁ ସିନେମା ଦେଖା ଏପରି ଅଭ୍ୟାସ ଯେ ସପ୍ତାହରେ ଥରେ ଦୁଇଥର ନଗଲେ ପଢ଼ାରେ କିଂବା କୌଣସି କାମରେ ମନ ଲାଗେ ନାହିଁ । ମୋତେ ଏଇ ସମାଜିକ ଅଶ୍ଳୀଳ ନଗ୍ନ ଛବି ଦେଖିବାକୁ ଭଲ ଲାଗେ । ସେସବୁକୁ ତ ମୁଁ ତୁମଭଳି ନିଜକୁ ପୃଥକ୍ ରଖି ବିଚାର କରି ଦେଖିପାରେନା । ଦେଖିବାମାତ୍ରକେ ମୁଁ ଅଭିନେତା ଓ

ଅଭିନେତ୍ରୀଙ୍କ ସହ ମୋ ଅଜାଣତରେ ଏକ ହୋଇଯାଇ ସେମାନଙ୍କର ସମସ୍ତ ସୁଖଦୁଃଖ ଓ କୁତ୍ସିତ ଭାବର ସ୍ପନ୍ଦନ ନିଜ ମଧ୍ୟରେ ଅନୁଭବ କରି ନିଜେ ଛଟପଟ ହୁଏ । କିନ୍ତୁ ଜାଣିପାରେ ନାହିଁ ଏପରି କାହିଁକି ହେଉଛି । ମଦ ଖାଇଲା ବ୍ୟକ୍ତି ଭଳି ସେଥିରୁ ଗୁଡ଼ାଏ ନିମ୍ନପ୍ରାଣଗତ ସ୍ପନ୍ଦନ ନିଜ ମଧ୍ୟରେ ଗ୍ରହଣ କରି କ୍ଷଣିକ ଉତ୍ତେଜନାରେ ମୋର ନିଜ ସୁଖଦୁଃଖ ଭୁଲିଯାଏ । ପୁଣି ଯେତେବେଳେ ନିଶା ଛାଡ଼େ, ଦେଖେ ମୁଁ ପୂର୍ବ ଅପେକ୍ଷା ଆହୁରି ନିସ୍ତେଜ । ପୁଣି ଥରେ ମଦ ଖାଇବାକୁ ଇଚ୍ଛା ହେଲାଭଳି ପୁଣି ଥରେ ସିନେମା ଯାଇ ନିଜକୁ ସତେଜ କରିବାକୁ ଭାବେ । କିନ୍ତୁ ଯଥାର୍ଥରେ ନିଜକୁ ସତେଜ କରିପାରେ ନାହିଁ କିଂବା ସିନେମା ଦେଖିବାର ଦୁର୍ବାର ଲୋଭ ଓ ଆକର୍ଷଣକୁ ଜୟ କରିପାରେ ନାହିଁ । ମୁଁ ଯେପରି ଅନ୍ୟ ଗୋଟିଏ ଶକ୍ତିର କ୍ରୀତଦାସ ଭଳି ବୋଧହୁଏ । କିନ୍ତୁ ଏବେ ଟିକେ ଟିକେ ମୋର ଭୁଲ୍‌ଟା ବୁଝୁଚି । ଆଚ୍ଛା, କାଲି ଯେଉଁ ସାମାଜିକ ଛବିଟି ଦେଖିଲ ସେ ସମ୍ବନ୍ଧେ ତୁମର ମତାମତ କ'ଣ ? ମୁଁ ତ ଖାଲି ସେ ହିରୋ ହିରୋହିରୋଇନ୍‌ଙ୍କ ପ୍ରେମ, ବିରହ, ମିଳନ ଓ ସେଇମାନଙ୍କର ଗୀତ ଉପଭୋଗ କରିବା ଛଡ଼ା ଆଉ କିଛି ଛବିରେ ବିଶେଷ ଅନୁଭବ କଲି ନାହିଁ ।

ଦ୍ୱିତୀୟ ବନ୍ଧୁଜଣକ କହିଲେ, ‘‘ମୁଁ କିନ୍ତୁ ସେ ହିରୋ ହିରୋଇନ୍‌ଙ୍କର ସେହି ପ୍ରେମ, ବିରହ, ମିଳନ ଓ ସଙ୍ଗୀତରେ କିଛି ନୂତନତ୍ୱ ଅନୁଭବ କଲି ନାହିଁ । ଦେଖିଲି ସେଇ ଆଦିମ ପଶୁ ପ୍ରକୃତିକୁ ଟିକିଏ ଭାଷା, ଅଙ୍ଗଭଙ୍ଗୀ, ସଙ୍ଗୀତ, ବେଶ-ପରିପାଟି ମଧ୍ୟଦେଇ ପ୍ରକାଶ କରିବା ଛଡ଼ା ଆଉ କିଛି ନାହିଁ । ଭାବିଲି, ଦୁଇଟି ଆତ୍ମା ନିଜର ସ୍ୱଧର୍ମ ହରାଇ ଜଣେ ନିଜକୁ ନାରୀ ଓ ଅନ୍ୟ ଜଣେ ନିଜକୁ ପୁରୁଷ ଭାବି ଏକ ଅନ୍ଧକାର ପ୍ରାଣପ୍ରବୃତ୍ତିର ଦାସ ହୋଇ ଦର୍ଶକମାନଙ୍କର ସେହିଁ ପ୍ରକାର ପ୍ରବୃତ୍ତିକୁ ସନ୍ତୋଷ ଦେବା ସକାଶେ ଭୁଲ ଆଚରଣ କରି ଚାଲିଛନ୍ତି । ସେସବୁରୁ କିଛି ଗ୍ରହଣ କରିବାକୁ ଶିକ୍ଷା କରିବା ଛାଡ଼ି ତ୍ୟାଗ କରିବାକୁ ଶିକ୍ଷାକଲି ।

‘‘ମୋତେ ସବୁଠୁ ଭଲ ଲାଗିଲା ସେହି ଚାକରଟିର ଚରିତ୍ର । କି ନିଷ୍ଠାବାନ୍, ନିଃସ୍ୱାର୍ଥପର ଭୃତ୍ୟ ସେ ! ମାଲିକ ଧନୀ ଥିଲାବେଳେ ସେ ଯେପରି ନିଷ୍ଠାର ସହ ସେବା କରିଆସିଛି ସେ ଗରିବ ହୋଇଯାଇ ଖାଇବାକୁ ନ ପାଇଲାବେଳେ ବି ସେହିପରି ନିଷ୍ଠାର ସହ ତାଙ୍କର କାମ କରିଛି । ନିଜର ସ୍ୱାର୍ଥ ସକାଶେ କେବେ ବି ତାଙ୍କୁ ତ୍ୟାଗ କରି ନାହିଁ, ନିଜ ଲାଗି କିଛି ବି ଦାବି କରି ନାହିଁ; ଧନୀ ଥିବାବେଳେ ତା’ ପ୍ରତି ସେମାନଙ୍କର ଦୁର୍ବ୍ୟବହାରକୁ ସେ କେବେ ବି ମନରେ ଧରିରଖି ନାହିଁ । ସେ ହିରୋଇନ୍‌ଙ୍କର ଦୁଃଖପୂର୍ଣ୍ଣ ଗୀତବୋଲା କି କୃତ୍ରିମ ଜଣାପଡୁଥିଲା; କିନ୍ତୁ ଏହାର ସମୁଦାୟ ଅଭିନୟ ଥିଲା ଅତି ଜୀବନ୍ତ ଆଉ ବାସ୍ତବ । ଆମେ ଯଦି ଭଗବାନଙ୍କର ସେଇଭଳି ଭୃତ୍ୟ ହୋଇପାରନ୍ତୁ ! ଆହୁରି ଗୋଟିଏ କଥା ବି ମୋତେ ଭଲ ଲାଗିଲା । ସେଇଟି ହେଉଛି ମା’ଟି ଯେତେବେଳେ ତା’ର ଛୋଟ ଶିଶୁକୁ ଶୁଆଇଦେବା ଲାଗି ଗୀତ ବୋଲୁଥିଲା । ସେ ଗୀତ ଓ ତାଙ୍କର ଆଚରଣ କି ମଧୁର ଓ ପବିତ୍ର ! ମା’ ଯେତେ ଗୀତ ବୋଲି ଶୁଆଇପକାଇ ଅନ୍ୟ କାମରେ ଯିବ ବୋଲି ଭାବୁଛି ଛୋଟ ଶିଶୁଟି ତା’ର କଅଁଳିଆ ଗୋଡ଼ରେ ମା’ର ମୁହଁକୁ ଗୋଇଠା ମାରି ଆରାମରେ ହସୁଛି । ବିଳମ୍ବ ହେଉଥିବାରୁ ମା’ର ସେ କୃତ୍ରିମ ବିରକ୍ତି ବି କି ମଧୁର !’’

ପ୍ରଥମ ବନ୍ଧୁଟି କହିଲେ, ‘‘ତୁମେ ନିର୍ଲିପ୍ତ ରହି ଛବିଟିକୁ ବିଚାର କରୁଥିବାରୁ ଛବିର କୌଣସି ଖରାପ ପ୍ରଭାବକୁ ଗ୍ରହଣ କରିନା । ମୁଁ କିନ୍ତୁ ଘରୁ ଆସିଲାବେଳେ ଟିକିଏ ମଜା କରିବି ଓ ସ୍ଫୂର୍ତ୍ତି କରିବି ଭାବି ସିନେମା ଆସିଥାଏ । ସିନେମାରେ ବସିଲେ ମୁଁ ନିଜକୁ ତ ଭୁଲିଯାଏ, ଆଉ ବିଚାର କରିବି କ’ଣ ? ବାହାରି ଆସିଲାବେଳେ ଦେଖେ ଛବିଟି ଯଦି ଉତ୍ତମ ଥାଏ ତେବେ କିଛି ଉତ୍ତମ ସ୍ପନ୍ଦନ ବହନ କରି ଆସେ, ନଚେତ୍ ଯଦି କୌଣସି ହୀନ କାମନାବାସନା, ଭୟ, ଆକସ୍ମିକ ଦୁର୍ଘଟଣା, ମୃତ୍ୟୁ, ଯୁଦ୍ଧ ବିଭୀଷିକା ସେ ଛବିରେ ଥାଏ ତେବେ ଗୁଡ଼ାଏ କଦର୍ଯ୍ୟ ସ୍ପନ୍ଦନ ବହନ କରିଆସେ ।’’

ଦ୍ୱିତୀୟ ବନ୍ଧୁଟି କହିଲେ, ''ପ୍ରଥମେ ପ୍ରଥମେ ସେପରି ହୁଏ; କିନ୍ତୁ ସଚେତନଭାବେ ସଂକଳ୍ପ କରି ଭଗବାନଙ୍କ ନାମ ସ୍ମରଣ କଲେ ଓ ତାଙ୍କରି ପ୍ରତି ନିଜକୁ ଉନ୍ମୁକ୍ତ ରଖିଲେ ଏବଂ ଖରାପ ଓ ଭଲସବୁ ବସ୍ତୁର ଅନ୍ତରରେ ସେ ଅଛନ୍ତି ବୋଲି କଳ୍ପନା କଲେ ଓ ଛବି ଦେଖି ମଜା ନ କରି କିଛି ଶିକ୍ଷା କରିବାକୁ ଆସିଛି ବୋଲି ମନେ ରଖିଲେ ଧୀରେ ଧୀରେ ନିଜ ଉପରେ କର୍ତ୍ତୃତ୍ୱ ଆସିବ । ସିନେମା ଦେଖିସାରି ଭଗବାନଙ୍କ ଚରଣରେ ତା'ର ଫଳାଫଳକୁ ଅର୍ପଣ କରିଦେଇ ଗଲାବେଳେ ଯେପରି ଫାଙ୍କା ମନରେ ଯାଇଥିଲୁ ଫେରିଲାବେଳେ ସେହିପରି ଫାଙ୍କା ମନରେ ଫେରି ପୁଣି ସ୍ୱାଭାବିକ ଭାବେ ନିଜ କାମରେ ଲାଗିବାକୁ ହେବ । ପୂର୍ବରୁ ସିନେମାରୁ ଯେଉଁ କ୍ଷଣିକ ପତନମୁଖୀ ପ୍ରାଣଗତ ସୁଖ ଟିକିଏ ମିଳୁଥିଲା ତା' ସ୍ଥାନରେ ଆତ୍ମକର୍ତ୍ତୃତ୍ୱର ଏକ ଗଭୀର ଆନନ୍ଦ ମିଳିବ ।''

ପ୍ରଥମ ବନ୍ଧୁଜଣକ ପୁଣି ପଚାରିଲେ, ''ଆଚ୍ଛା, ଆଜି ଗୋଟିଏ ଯୁଦ୍ଧ ସିନେମା ଅଛି, ଯିବ ?'' ଦ୍ୱିତୀୟଜଣକ କହିଲେ, ''ଯାଇପାରେ ।''

ତା'ପରଦିନ ଦୁହିଁଙ୍କର ଭେଟ ହେଲା । ପ୍ରଥମ ଜଣକ କହିଲେ, ''କ'ଣ କାଲି ତ ସିନେମା ଯାଇଥିଲ । କିନ୍ତୁ ଭାଇ କାଲି ସିନେମା ଦେଖିଆସି ରାତିସାରା ମୁଁ ଶୋଇପାରି ନାହିଁ । ଆଜି ମୋତେ ବହୁତ ଅସ୍ୱସ୍ତି ଲାଗୁଛି । ରାତିସାରା ଖାଲି ଯୁଦ୍ଧ, ଗୁଳିଗୋଳାର ଶବ୍ଦ, ଧ୍ୱଂସ, ମୃତ୍ୟୁ ବିଭିଷିକାର ସ୍ୱପ୍ନ ଦେଖି ମୁଁ ଅଥୟ । ଘରେ ତ ଛୋଟ ପିଲାମାନେ ସେ ସିନେମା ଦେଖି ସକାଳୁ ପରସ୍ପର ଭିତରେ ଯୁଦ୍ଧ ଲଗାଇ ଦେଇଛନ୍ତି । କେଉଁଠି ଗୋଟିଏ ଛୋଟ ବାଡ଼ି ପାଇଲେ, ନଚେତ୍ ଖାଲି ହାତଟାକୁ ଦେଖାଇ ପିସ୍ତଲ କିଂବା ବନ୍ଧୁକ ଫୁଟିଲାଭଳି ମୁହଁରେ ଢୋ-ଢୋ ଶବ୍ଦ କରୁଛନ୍ତି । ଆଉ ଏଭଳି ସିନେମା କେବେ ଯିବି ନାହିଁ । କିନ୍ତୁ ହେଲେ କ'ଣ ଏ ମନଟାକୁ ଥ କରିପାରିବି ?''

ଦ୍ୱିତୀୟ ବନ୍ଧୁ କହିଲେ, ''ମୁଁ କିନ୍ତୁ କାଲି ଯୁଦ୍ଧର ବିଭୀଷିକାକୁ ଏକ ଶାନ୍ତ ପ୍ରତ୍ୟାଖ୍ୟାନ ଦ୍ୱାରା ନିଜ ଚେତନାରେ ଗ୍ରହଣ କଲି ନାହିଁ । କାରଣ

ଭବିଷ୍ୟତରେ ସେସବୁର ଆବଶ୍ୟକତା ନାହିଁ । ମୋତେ ସେହି ସୈନ୍ୟମାନଙ୍କର ଦେଶଭକ୍ତି ଓ ନିର୍ଭୀକ ବୀରତ୍ୱ ବହୁତ ଆକୃଷ୍ଟ କଲା । ମୁଁ ଯେ ଜଣେ ଠିକ୍ ସେଇଭଳି ସୈନିକ ହେବାକୁ ଭାବିଲି ତା' ନୁହେଁ । ଭାବିଲି ଆମେ ଯଦି ଆମ ଜୀବନ ଓ ସାଧନାରେ ସମସ୍ତ ବିପଦ ଆପଦ ଓ ବିରୋଧୀଶକ୍ତିଙ୍କ ସମ୍ମୁଖରେ ସେଇଭଳି ନିର୍ଭୀକ ଓ ବୀର ହୋଇପାରନ୍ତୁ ! ସିନେମା ଦେଖିସାରି ଆସି ଶୋଇବା ପୂର୍ବରୁ ବିଛଣାରେ ବସି ମା'ଙ୍କ ପ୍ରତି ନିଜକୁ ଟିକିଏ ଉନ୍ମୁକ୍ତ କରି ମନକୁ ଶାନ୍ତ କରିଦେଇ ତାଙ୍କରି ଚରଣରେ ସବୁ ସମର୍ପଣ କରି ସଚେତନ ହୋଇ ଶୋଇବାର ସଂକଳ୍ପ କରି ଶୋଇଲି । ସେପରି ବିଭୀଷିକାମୟ ଦୁଃସ୍ୱପ୍ନ ତ କାହିଁ ଦେଖି ନାହିଁ । ଅନ୍ୟ ସମୟରେ ଦେଖିପାରେ; କିନ୍ତୁ ତାହା ବାହାରର କୌଣସି ପ୍ରଭାବ ଯୋଗୁଁ ନୁହେଁ ।''

ଏସବୁ ଶୁଣି ପ୍ରଥମ ଜଣକ ପଚାରିଲେ, ''ଆଚ୍ଛା ଭାଇ ତୁମେ ତ ବେଳେବେଳେ ସିନେମା ଯାଉଛ । ଯଦି ମାସେ ଖଣ୍ଡେ ବନ୍ଦ କରିଦେବ ତେବେ ତୁମର କିଛି ଅସୁବିଧା ହେବ ନାହିଁ ? ମୁଁ ତ ଗୋଟିଏ ସପ୍ତାହ ବନ୍ଦ କରିପାରୁ ନାହିଁ ।'' ଦ୍ୱିତୀୟ ଜଣକ କହିଲେ, ''ମାସେ କାହିଁକି, ସାରା ଜୀବନ ଯଦି ସିନେମା ନଯାଏ ମୁଁ ଟିକିଏ ବି ସେ ବିଷୟରେ ଚିନ୍ତା କରିବି ନାହିଁ ।

ପ୍ରଥମେ ଆମେ ଯେଉଁମାନେ ସିନେମା ପ୍ରସ୍ତୁତ କରୁଛନ୍ତି ସେମାନଙ୍କର ସିନେମାର ମୂଲ୍ୟ ସେମାନେ କେଉଁ ଲକ୍ଷ୍ୟନେଇ ତାହା କରୁଛନ୍ତି ତାହାରି ଉପରେ ନିର୍ଭର କରେ ବୋଲି ଦେଖିଥିଲେ । ବର୍ତ୍ତମାନ ଆମେ ଦେଖିଲେ ଯେଉଁମାନେ ସିନେମା ଦେଖନ୍ତି ସେମାନେ କେଉଁ ଲକ୍ଷ୍ୟନେଇ ଦେଖନ୍ତି ତା'ରି ଉପରେ ସେମାନଙ୍କର ବିକାଶ ଅଥବା ପତନ ନିର୍ଭର କରେ ।

ଶେଷରେ ଆମକୁ ମନେ ରଖିବାକୁ ହେବ ଯେ ସିନେମା ଯେପରି ହେବା ଉଚିତ ତାହା ବର୍ତ୍ତମାନ ହୋଇ ନାହିଁ । ବର୍ତ୍ତମାନ ସେଇ ପୁରାତନ ଢଙ୍ଗରେ ପୁରାତନ ପ୍ରକୃତିକୁ ସନ୍ତୁଷ୍ଟ କରିବା ଲାଗି ଏହା ବିଶେଷ ଭାବରେ

ବ୍ୟବହୃତ ହେଉଛି । କିନ୍ତୁ ଏହା ବି ଦିନେ ସତ୍ୟପ୍ରକାଶର ଯନ୍ତ୍ର ହେବ । ତା'ଛଡ଼ା ଆଶ୍ରମର ପ୍ଲେ-ଗ୍ରାଉଣ୍ଡରେ ଯେଉଁ ସିନେମା ଦେଖାଯାଏ ସେଗୁଡ଼ିକ ଦେଖାହେବା ଆଗରୁ ଆଶ୍ରମର ଯେଉଁ ସିନେମା ବାଛିବା ବୋର୍ଡ଼ ଅଛି ସେମାନେ ତାକୁ ଦେଖି ତାହା ଯଦି ଦେଖିବାର ଯୋଗ୍ୟ ହୋଇଥାଏ ତେବେ ଦେଖାହେବା ଲାଗି ଅନୁମତି ଦେଇଥା'ନ୍ତି; ନଚେତ୍ ଫେରାଇ ଦିଅନ୍ତି । ଯାହାକୁ ଦେଖାନ୍ତି ସେଥିରୁ ଯେଉଁଗୁଡ଼ିକ ସାମାଜିକ ଛବି ହୋଇଥାଏ ତାହା ମଧ୍ୟରୁ ଯେଉଁଠି ଚାହାନ୍ତି ଅନେକ ରିଲ ବାଦ ଦେଇ ଦେଖାଇଥାଆନ୍ତି । ଏସବୁ ବ୍ୟତୀତ ସାଧକମାନଙ୍କର ମନୋଭାବ ଓ ମା'ଙ୍କର ଉପସ୍ଥିତି ବାତାବରଣଟିକୁ ଏପରୁ ଶୁଦ୍ଧ କରି ରଖିଥାଏ ଯେ ବାହାର ସିନେମା ହେଲେ ବି ବ୍ୟକ୍ତି ସଚେତନ ରହିଲେ କୌଣସି ମନ୍ଦ ପ୍ରଭାବ ପଡ଼େ ନାହିଁ । କିନ୍ତୁ ବାହାର ସିନେମା ହଲ୍‌ରେ ତ ଏପରି ବାଛିକରି ସିନେମା ଦେଖାଇବା ବା ଏପରି ବାତାବରଣ ମିଳିବ ନାହିଁ ।

ତେଣୁ ସବୁବେଳେ ଆମ ନିଜକୁ ବାଛିନେବାକୁ ହେବ ଆମ ଲକ୍ଷ୍ୟସାଧନ ପାଇଁ କ'ଣ ଭଲ, କ'ଣ ମନ୍ଦ; ଅନ୍ୟ କାହାରି ଉଦାହରଣକୁ ଦେଖି ନୁହେଁ । ନିଜ ଭିତରେ ଯେଉଁ ନୂତନ ଅଙ୍କୁରଟି ବଢ଼ିଉଠୁଛି ତାହା ପ୍ରଚଣ୍ଡ ଖରା ବର୍ଷା ଖାଇବାକୁ ପ୍ରସ୍ତୁତ ହେବା ପୂର୍ବରୁ ତା'ର ସୁରକ୍ଷା ପାଇଁ ଯାହା ଆବଶ୍ୟକ ସେଇଆହିଁ ତାକୁ ଯୋଗାଇଦେବା ଭଲ ।

# ଏ ପରୀକ୍ଷା ପଦ୍ଧତି କେବେ ବଦଳିବ ?

"When you are truly change, everything around you will also be changed."

–The Mother

"ତୁମେ ଯେତେବେଳେ ଯଥାର୍ଥରେ ବଦଳିଯିବ, ତୁମ ଚାରିପଟେ ଥିବା ସବୁକିଛି ମଧ୍ୟ ବଦଳିଯିବ ।"

– ଶ୍ରୀମା

ପରୀକ୍ଷାପଦ୍ଧତି ନ ବଦଳିଲେ କ୍ଷତି କ'ଣ ?

ଆଉ ରହି ବା ଲାଭ କ'ଣ ? ଏହା ଦ୍ୱାରା ଆମର କେଉଁ ବିକାଶ ହେଉଛି ନା ଯଥାର୍ଥ ଜ୍ଞାନ ଜଣାପଡୁଛି ! ବରଂ ଅଧଃପତନ ଦିଗରେ ଟାଣିନେଉଛି । ଚାକିରିର ପାସପୋର୍ଟରୂପେ ସାର୍ଟିଫିକେଟଟାଏ ଦରକାର ପଡୁଥିବାରୁ ଛାତ୍ରମାନେ ଯେକୌଣସି ଉପାୟ ଅବଲମ୍ବନ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଚେଷ୍ଟା କରୁଛନ୍ତି । ବର୍ଷସାରା ନ ପଢ଼ି ପରୀକ୍ଷା ସମୟରେ କପି କରି କିଂବା ଶିକ୍ଷକମାନଙ୍କୁ ପଚାରି ଉତ୍ତର ଖାତାରେ ଲେଖୁଛନ୍ତି । ତେଣୁ କପି କରି ଓ ଶିକ୍ଷକମାନଙ୍କଠାରୁ ପ୍ରଶ୍ନୋତ୍ତର ବୁଝି ପରୀକ୍ଷା ଖାତାରେ ଲେଖି ପାସ୍ ସାର୍ଟିଫିକେଟଟାଏ ଲାଭ କରି ବାହାଦୁରୀ ଦେଖାଇ ହେବାରେ କ'ଣ ଆମ ଛାତ୍ରଜୀବନରେ ବିକାଶ ହେଉଛି ? ବରଂ ଏଇଭଳି ଅସାଧୁ ଛାତ୍ର କର୍ମକ୍ଷେତ୍ରରେ ପ୍ରବେଶ କରି ଯାବତୀୟ ଲାଞ୍ଚ, ମିଛ, ଅସତ୍ୟ, ଅନ୍ୟାୟ କରିଚାଲୁଛନ୍ତି । ଏ ତ ଗଲା ଯେଉଁମାନେ ପାଠ ନପଢ଼ି ପରୀକ୍ଷା ଦିଅନ୍ତି । ଯେଉଁମାନେ ନିୟମିତ ପାଠପଢ଼ି ପରୀକ୍ଷା ଦିଅନ୍ତି ସେମାନଙ୍କ ପାଇଁ ବି ଏ ପରୀକ୍ଷା ପଦ୍ଧତି ଅତି ମାରାତ୍ମକ । କାରଣ ସେମାନେ ଯେତେ ପଢ଼ିଲେ ବି

ପରୀକ୍ଷା ସମୟର ଯେଉଁ ଆତଙ୍କ ତାହା ତାଙ୍କର ସମସ୍ତ ଶିକ୍ଷାଜୀବନର ମଧୁରତାରେ ହଳାହଳ ଭରିଦେଉଛି । ପରୀକ୍ଷା ହଲ୍‌ରେ ବସି ସାଥିମାନଙ୍କର କପି ଓ ଶିକ୍ଷକମାନଙ୍କର ସେମାନଙ୍କୁ ବତାଇଦେବା ଦେଖି ନିଷ୍ଠାପର ପାଠପଢ଼ା ପ୍ରତି ସମସ୍ତ ସମ୍ମାନ ଓ ଗୁରୁତ୍ୱ ସେମାନେ ହରାଇ ବସୁଛନ୍ତି । ଲୋକଦେଖାଣିଆ ଓ ପରୋକ୍ଷରେ ଆମମାନଙ୍କ ଜୀବନକୁ ମାଟି କରୁଥିବା ଏହି ନିରର୍ଥକ ପରୀକ୍ଷାପଦ୍ଧତି କେବେ ବଦଳିବ ?

ଆଚ୍ଛା, ପରୀକ୍ଷା କିଏ ଦିଅନ୍ତି ?

ଛାତ୍ର ।

ପରୀକ୍ଷା କିଏ କରନ୍ତି ?

ଶିକ୍ଷକ ।

ପରୀକ୍ଷା ସମ୍ବନ୍ଧୀୟ ଆଇନ୍‌କାନୁନ୍ କିଏ ତିଆରି କରନ୍ତି ?

ଶିକ୍ଷାକର୍ତ୍ତୃପକ୍ଷ ।

ଦେଖୁଛ ତ, ପରୀକ୍ଷା ଗୋଟିଏ ବହି-ମଲାଟ ନୁହେଁ ଯେ ତାକୁ ଚିରିଦେଇ ଆଉ ଗୋଟିଏ ଭଲ ନୂଆ ମଲାଟ ଲଗାଇଦେବା । ଛାତ୍ର, ଶିକ୍ଷକ ଓ ଶିକ୍ଷା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଚରିତ ଏହା ଗୋଟିଏ ବହୁ ପୁରୁଣା ବିଧି । ତେଣୁ ଏହି ଛାତ୍ର, ଶିକ୍ଷକ ଓ ଶିକ୍ଷା କର୍ତ୍ତୃପକ୍ଷ ନ ବଦଳିଲେ ପରୀକ୍ଷା କିପରି ବଦଳିବ ? ଯଦି କୌଣସି ଉପାୟରେ ସରକାର ନିୟମ କରି ପରୀକ୍ଷାପଦ୍ଧତି ବଦଳାଇ ଦିଅନ୍ତି, ତେବେ ଏହି ଅପରିବର୍ତ୍ତିତ ଛାତ୍ର, ଶିକ୍ଷକ ଓ ଶିକ୍ଷା କର୍ତ୍ତୃପକ୍ଷ ତାକୁ ଗ୍ରହଣ କରି କାର୍ଯ୍ୟକାରୀ କରିପାରିବେ ତ ?

ଥରେ ଗୋଟିଏ ନୂଆ ସ୍କୁଲ ଆରମ୍ଭ ହେଲା । ତା'ର ପ୍ରଧାନ ଶିକ୍ଷକ ଭାବିଲେ ତାକୁ ଏକ ଆଦର୍ଶ ସ୍କୁଲରେ ପରିଣତ କରିବେ । ଦିନେ ପିଲାମାନଙ୍କ ମଧ୍ୟରେ ଏକ ଗୋଳମାଳର ଖବର ତାଙ୍କ ପାଖରେ ପହଞ୍ଚିଲା । ଜାଣିବାକୁ ମିଳିଲା ଯେ ସେମାନଙ୍କର ମନରେ ଧନୀ, ଗରିବ ଓ ଛୋଟ ଜାତି, ବଡ଼ ଜାତି ନେଇ କଳିକଜିଆ ଲାଗିଥିଲା । ପ୍ରଧାନଶିକ୍ଷକଙ୍କ ମନକୁ ଏକଥା ବହୁତ

ବାଧିଲା । ସେ ଚାହାନ୍ତି ଏକ ଆଦର୍ଶ ସ୍କୁଲ ଗଠନ; ଆଉ ସେହି ସ୍କୁଲର ପିଲାମାନଙ୍କ ମନରେ ଏପରି ଘୃଣା, ବିଦ୍ୱେଷ ଓ ଭେଦଭାବ ରହିବା ଆଦୌ ଉଚିତ ନୁହେଁ ।

ତା'ପରଦିନ ସ୍କୁଲରେ ଗୋଟିଏ ନୋଟିସ୍ ବାହାରିଗଲା ଯେ ଛାତ୍ରମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଧନୀ, ଗରିବ, ଛୋଟ ଜାତି, ବଡ଼ ଜାତି ଏ ପ୍ରକାର ଭାବ ଆଦୌ ରହିବ ନାହିଁ । ଅନ୍ତତଃ ଏ ସ୍କୁଲରେ ଯେତେକ ପିଲା ପଢୁଛନ୍ତି ସେମାନେ ସମସ୍ତେ ସମାନ ଓ ପରସ୍ପରର ଭାଇ ବୋଲି ବିଚାର କରିବେ । କିନ୍ତୁ ନୋଟିସ୍ ଦେବା ପରେ ବି ଦେଖାଗଲା ସେମାନଙ୍କର ସେ ଭେଦଭାବ କମି ନାହିଁ । ବରଂ ପ୍ରଚ୍ଛନ୍ନ ଭାବରେ ବୃଦ୍ଧି ପାଇଛି । ଏଥିଲାଗି ଅନେକବାର ଦଣ୍ଡ ଦିଆଗଲା; କିନ୍ତୁ କିଛି ଫଳ ହେଲା ନାହିଁ । ତା'ପରେ ସେ ସବୁ ପିଲାଙ୍କୁ ଆସି ହଷ୍ଟେଲରେ ରହିବାକୁ କହିଲେ ଓ ସେମାନେ କି ରଙ୍ଗର ପ୍ୟାଣ୍ଟ ଓ କି ରଙ୍ଗର ସାର୍ଟ ପିନ୍ଧିବେ ତାହା ସ୍ଥିର କରି ସମସ୍ତେ ସେଇ ପ୍ୟାଣ୍ଟ-ସାର୍ଟ ପିନ୍ଧିବାକୁ ଆଦେଶ ଦେଲେ । ବାହାର ଦୃଷ୍ଟିରୁ ସମସ୍ତେ ସମାନ ଖାଦ୍ୟ ଖାଇଲେ ଓ ସମାନ ପୋଷାକ ପିନ୍ଧିଲେ । ସ୍କୁଲକୁ ଯେତେବେଳେ ସେମାନେ ଆସନ୍ତି କିଂବା ଖେଳପଡ଼ିଆରେ ଖେଳୁଥା'ନ୍ତି ଜଣାପଡ଼େ ନାହିଁ ସେମାନଙ୍କ ମଧ୍ୟରେ ଗରିବ କିଏ ଓ ଧନୀ କିଏ, ନୀଚ ଜାତିର କିଏ ଓ ଉଚ୍ଚ ଜାତିର କିଏ । କିନ୍ତୁ ଏହା ସତ୍ତ୍ୱେ ବି ସେମାନଙ୍କ ମଧ୍ୟରୁ ଭେଦଭାବ ଦୂର ହେଲା ନାହିଁ ।

ଥରେ ପ୍ରଧାନ ଶିକ୍ଷକ ହଷ୍ଟେଲ ଆଡ଼କୁ ବୁଲିଗଲା ବେଳକୁ ଦେଖିଲେ ଦୁଇଦଳ ପିଲାଙ୍କ ଭିତରେ ମାଡ଼ଗୋଳ ଲାଗିଛି । କାରଣ ବୁଝି ଜାଣିଲେ ଯେ, ହଷ୍ଟେଲରେ ରହି ଗୋଟିଏ ପ୍ରକାର ଖାଦ୍ୟ ଓ ଗୋଟିଏ ପ୍ରକାର ପୋଷାକ ପିନ୍ଧିବାର ନୋଟିସ ପାଇବା ପରେ ଗରିବ ଓ ନୀଚ ଜାତିର ପିଲାମାନେ ଏଥିରେ ରାଜି ହେଲେ ନାହିଁ । କାରଣ ସେମାନଙ୍କର ଏଥିଲାଗି ଖର୍ଚ୍ଚ କରିବାକୁ ଧନ ନଥିଲା । ତେଣୁ ପ୍ରଧାନ ଶିକ୍ଷକ ସେମାନଙ୍କର ଆବଶ୍ୟକ ଖର୍ଚ୍ଚ ଯୋଗାଇ ହଷ୍ଟେଲରେ ରଖିଛନ୍ତି । ସେଇଥିଲାଗି ଧନୀ ଓ ନିଜକୁ ଉଚ୍ଚ ଜାତି ବୋଲି

ଭାବୁଥିବା ଛାତ୍ରମାନେ ସେମାନଙ୍କୁ ଚିଡ଼ାଇଛନ୍ତି । ଫଳରେ ସେମାନେ ରାଗି ଧନୀ ପିଲାମାନଙ୍କୁ ମାଡ଼ ଦେଇଛନ୍ତି ।

ଏସବୁ ଶୁଣି ପ୍ରଧାନ ଶିକ୍ଷକଙ୍କ ମନରେ ବହୁତ ଦୁଃଖ ହେଲା । ସେ ସମସ୍ତଙ୍କୁ ଏକାଠି ବସାଇ ନାନାପ୍ରକାର ନୀତି ଉପଦେଶଦେଲେ । କହିଲେ, ‘‘ଦେଖ, ପିଲାଏ, ତୁମେମାନେ ସମସ୍ତେ ସମାନ । ସମସ୍ତେ ମଣିଷ । ତୁମ ଶରୀର କାଟି ଦେଖ ଭଗବାନ ସମସ୍ତଙ୍କ ଭିତରେ ସମାନ ରକ୍ତ ଦେଇଛନ୍ତି । ସୂର୍ଯ୍ୟ ଚନ୍ଦ୍ର ତୁମକୁ ସମାନ ଭାବେ ଆଲୋକ ଦେଉଛନ୍ତି । ପବନ ଓ ଜଳକୁ ଦେଖ – ତୁମମାନଙ୍କ କାହାରି ପ୍ରତି ସେମାନଙ୍କର ଛୋଟ ବଡ଼ ଭାବ ନାହିଁ । ତେଣୁ ତୁମେମାନେ ପରସ୍ପର ଭିତରେ ଭେଦଭାବ ନରଖି ଯଦି ଭାଇ ଭାଇ ଭଳି ଚଳିବ ତେବେ ବହୁତ କଳିକଜିଆ କମିଯିବ । ତୁମମାନଙ୍କ ଭିତରେ ଶାନ୍ତି ପ୍ରତିଷ୍ଠିତ ହେବ । ଯେଉଁ କାମ କରିବ ସେଥିରେ ଏକତା ଭାବ ଆସିବ ଓ ଫଳରେ କାମଟି ସହଜରେ ହୋଇଯିବ ।’’ ପିଲାମାନେ ଏହି ସୁନ୍ଦର ଉପଦେଶକୁ ସେଦିନ ଏ କାନରେ ଶୁଣି ତା’ ଆରଦିନ ଆର କାନରେ ବାହାର କରିଦେଲେ । ପୁଣି ଯେଉଁ କଥାକୁ ସେହି କଥା । ପ୍ରଧାନ ଶିକ୍ଷକ ବହୁତ ବିବ୍ରତ ହୋଇପଡ଼ିଲେ । ହେଲେ ଆଉ କ’ଣ ବା କରିବେ ! ନୋଟିସ୍ ଦେବା, ଦଣ୍ଡ ଦେବା, ସମାନ ଖାଦ୍ୟ ପୋଷାକର ବ୍ୟବସ୍ଥା କରିବା, ବୁଝାଇବା ଆଦି ସମସ୍ତ ପ୍ରକାର ଉପାୟ ଅବଲମ୍ବନ କରି ବି ସେ ବ୍ୟର୍ଥ ହୋଇଛନ୍ତି । ତାଙ୍କର ଆଦର୍ଶ ସ୍କୁଲ ଓ ଆଦର୍ଶ ଛାତ୍ରସଂଗଠନର ସ୍ୱପ୍ନ କେବଳ ସ୍ୱପ୍ନ ପରି ବୋଧ ହେଲା ।

ଥରେ ପ୍ରଧାନ ଶିକ୍ଷକ ତାଙ୍କ ଗ୍ରାମ ବାଟ ଦେଇ ଘରକୁ ଫେରୁ ଫେରୁ ଦେଖିଲେ ଜଣେ ଶାନ୍ତ, ପ୍ରଫୁଲ୍ଲ ସନ୍ନ୍ୟାସୀ ଗ୍ରାମଦାଣ୍ଡରେ ଭିକ୍ଷା ମାଗି ମାଗି ଯାଉଛନ୍ତି । ଜଣେ ବ୍ରାହ୍ମଣ ପରିବାରର ସ୍ତ୍ରୀଲୋକ ତାଙ୍କୁ ଭିକ୍ଷା ଆଣି ଦେଲେ । ସେ ତାକୁ ହସ ହସ ବଦନରେ ଗ୍ରହଣ କଲେ ଓ ତା’ପରେ ଜଣେ ନୀଚ ଜାତିର ବ୍ୟକ୍ତିଙ୍କ ଦ୍ୱାରରେ ଭିକ୍ଷା ମାଗିବାରୁ ତାଙ୍କ ସ୍ତ୍ରୀ ଆଣି ଯେଉଁ ଭିକ୍ଷା

ଦେଲେ ତାକୁ ମଧ୍ୟ ପ୍ରଫୁଲ୍ଲ ଚିତ୍ତରେ ଗ୍ରହଣ କଲେ । ସନ୍ନ୍ୟାସୀଙ୍କର ନିର୍ବିକାର ଚିତ୍ତରେ ଭିକ୍ଷା ଗ୍ରହଣ ଓ ତାଙ୍କର ଚେହେରା ପ୍ରଧାନ ଶିକ୍ଷକଙ୍କୁ ଆକୃଷ୍ଟ କଲା । ସେ ତାଙ୍କୁ ନିଜ ଘରକୁ ଡାକିନେଇ ଅନେକ କଥାବାର୍ତ୍ତା ପରେ ପଚାରିଲେ, "ଆପଣ ଯେ ନୀଚ ଜାତିର ସ୍ତ୍ରୀଲୋକଠାରୁ ଭିକ୍ଷା ଗ୍ରହଣ କଲେ, ଆପଣଙ୍କ ମନରେ କିଛି ବିକାର ଭାବ ସୃଷ୍ଟି ହେଲା ନାହିଁ ?" ସନ୍ନ୍ୟାସୀ ହସି ହସି କହିଲେ, "ମୁଁ ତ ସେ ଦୁଇ ଜଣଙ୍କୁ ଆତ୍ମା ଓ ଭଗବାନ ଜ୍ଞାନ କରି ଭିକ୍ଷା ଗ୍ରହଣ କଲି । ମୋ ମନରେ ତ ଆଦୌ ବିକାର ଭାବ ଆସି ନାହିଁ ।" କଥାଛଳରେ ପ୍ରଧାନ ଶିକ୍ଷକ ତାଙ୍କୁ ସ୍କୁଲ ପିଲାମାନଙ୍କ କଥା କହିଲେ ଓ ଅନୁରୋଧ କଲେ ତାଙ୍କୁ ସ୍କୁଲକୁ ତା' ପରଦିନ ଯିବାଲାଗି । ସନ୍ନ୍ୟାସୀ ବିଚରା ସେଦିନର ଖାଦ୍ୟ ନିମନ୍ତେ ଭିକ୍ଷା ଗଣ୍ଡାଏ କରି ସ୍ୱଚ୍ଛନ୍ଦରେ ଭଗବତ୍ ଆରାଧନାରେ ସମୟ କଟାଇଦେବେ ବୋଲି ଭାବିଥିଲେ । ତାଙ୍କୁ ଏସବୁ ଅଡୁଆ ଲାଗିଲା । ତେବେ ପ୍ରଧାନ ଶିକ୍ଷକଙ୍କ ଶ୍ରଦ୍ଧାପୂର୍ଣ୍ଣ ଅନୁରୋଧକୁ ସେ ଏଡ଼ିଦେଇ ପାରିଲେ ନାହିଁ । ସେଦିନ ତାଙ୍କ ଘରେ ରହି ତା'ପର ଦିନ ସ୍କୁଲକୁ ତାଙ୍କ ସାଙ୍ଗରେ ଗଲେ ।

ସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷକ ସମସ୍ତ ଶିକ୍ଷକ ଓ ଛାତ୍ରମାନଙ୍କୁ ଗୋଟିଏ ରୁମ୍‌ରେ ଏକାଠି କରି ସନ୍ନ୍ୟାସୀଙ୍କୁ ନେଇ ତାଙ୍କ ପରିଚୟ କରାଇଦେଲେ । ଯେକୌଣସି ସାଧୁ ସନ୍ନ୍ୟାସୀଙ୍କୁ ଦେଖିଲେ ଆମର ଭାରତୀୟ ମନ ଜାଣିପାରୁ ବା ନପାରୁ କିଛି ଗୋଟିଏ ଅତୀନ୍ଦ୍ରିୟ ଭାବନାର ସ୍ପର୍ଶ ପାଏ । ପିଲାମାନେ ନିର୍ବାକ ନିସ୍ପନ୍ଦ ହୋଇ ସନ୍ନ୍ୟାସୀଙ୍କର ପ୍ରଶାନ୍ତ ପ୍ରଫୁଲ୍ଲ ମୁଖମଣ୍ଡଳକୁ ଚାହିଁ ରହିଲେ । ସନ୍ନ୍ୟାସୀ ହସି ହସି କହିଲେ, "ତୁମମାନଙ୍କୁ ଆଜି ଗୋଟିଏ ପ୍ରଶ୍ନ ପଚାରିବି; କାଲି ତୁମେମାନେ ତା'ର ଉତ୍ତର ଭାବି ଆସି ମୋତେ କହିବ ।"

ପିଲାମାନେ କହିଲେ, "ହଁ, ଆମେ କହିଦେବୁ । ପ୍ରଶ୍ନଟି କ'ଣ କୁହନ୍ତୁ ।"

ସନ୍ୟାସୀ କହିଲେ, ''ତୁମେମାନେ ପ୍ରତ୍ୟେକେ ନିଜେ କିଏ, କାଲି ଆସି ମୋତେ କହିବ ।''

ସେଦିନ ସ୍କୁଲପରେ ପିଲାମାନେ ହଷ୍ଟେଲକୁ ଗଲେ । ଆଉ ଗଣ୍ଡଗୋଳ, ମାର୍‌ଧର୍ ନାହିଁ । ଭିତରେ ଭିତରେ ସମସ୍ତେ ଚିନ୍ତା କରୁଛନ୍ତି, ଏଡ଼େ ସହଜ ପ୍ରଶ୍ନଟାଏ କ'ଣ ସନ୍ୟାସୀ ପଚାରି ଗୋଟିଏ ଦିନ ଭାବିବାକୁ କହିଲେ ? ଯାହାହେଉ, ନିଜ ନିଜ ଚିନ୍ତା କରିବାର ଶକ୍ତି ଅନୁଯାୟୀ ସମସ୍ତେ ଗୋଟିଏ ଗୋଟିଏ ଉତ୍ତର ଭାବି ତା' ପରଦିନ ସ୍କୁଲକୁ ଗଲେ । ନିର୍ଦ୍ଦିଷ୍ଟ ସମୟରେ ସନ୍ୟାସୀ ଆସିଲେ ଓ ଶିକ୍ଷକ ଓ ଛାତ୍ରମାନେ ଆସିଲେ । ସନ୍ୟାସୀ ପିଲାମାନଙ୍କୁ ଚାହିଁ ପଚାରିଲେ, ''କ'ଣ, ମୋ ପ୍ରଶ୍ନର ଉତ୍ତର ଠିକ୍ କରି ଆଣିଛ ତ ?''

ସବୁ ପିଲା ଏକ ସଙ୍ଗରେ କହିଲେ, ''ହଁ ।''

ତା'ପରେ ସନ୍ୟାସୀ ଜଣକୁ ଡାକି ପଚାରିଲେ, ''ଆଚ୍ଛା, ତୁମେ କିଏ କୁହ ତ ?''

ପିଲାଟି କହିଲା, ''ମୁଁ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ପୁଅ ।''

ସନ୍ୟାସୀ କହିଲେ, ''ତୁମ ବାପା ସ୍ୱର୍ଗାରୋହଣ କରିବା ପରେ ତୁମେ ପୁଣି କିଏ ହେବ ?''

ପିଲାଟି କହିଲା, ''ସେତେବେଳେ ମୁଁ ଅନ୍ୟ ପ୍ରକାରେ ନିଜର ପରିଚୟ ଦେବି ।''

ସନ୍ୟାସୀ କହିଲେ, ''ତେବେ ତୁମର ଏ ପରିଚୟ ତ ଅସଲ ଓ ସ୍ଥାୟୀ ନୁହେଁ ।''

ଆଉ ଜଣେ ପିଲାକୁ ଡାକି ସନ୍ୟାସୀ ଉତ୍ତର ପଚାରିବାରୁ ସେ କହିଲା, ''ମୁଁ ଏହି ସ୍କୁଲର ଅଷ୍ଟମ ଶ୍ରେଣୀର ଜଣେ ଛାତ୍ର ।''

ସନ୍ୟାସୀ କହିଲେ, ''ଆର ବର୍ଷକୁ ତ ତୁମେ ନବମକୁ ଚାଲିଯିବ । ସେତେବେଳେ ପୁଣି କି ପରିଚୟ ଦେବ ? ତୁମର ମଧ ଏ ପରିଚୟ ଖାଣ୍ଟି ପରିଚୟ ନୁହେଁ ।''

ତା'ପରେ ଆଉ ଜଣେ ପିଲାକୁ ଡାକି ପଚାରିବାରୁ ସେ କହିଲା, ''ମୁଁ ହେଉଛି ହରେକୃଷ୍ଣ ଦାସ ।''

ସନ୍ନ୍ୟାସୀ ପଚାରିଲେ, ''ତୁମେ ଜନ୍ମ ହେବା ପୂର୍ବରୁ କିଂବା ଜନ୍ମ ସଙ୍ଗେ ସଙ୍ଗେ କ'ଣ ତୁମର ନାମ ଏଇଆ ଥିଲା ?''

ପିଲାଟି କହିଲା, ''ନା, ପରେ ବାପା ମା' ଦେଇଛନ୍ତି ।''

''ତେବେ ତୁମେ ନିଜେ ତୁମର ନାମ ବୋଲି କିପରି କହୁଛ ?'' ଏତକ କହି ସନ୍ନ୍ୟାସୀ ଆଉ ଜଣେ ପିଲାକୁ ଡାକି ପଚାରିଲେ ।

ସେ କହିଲା, ''ମୁଁ ତ ଏଇ ମୋର ଯେଉଁ ଶରୀରଟି ଆପଣ ଦେଖୁଛନ୍ତି ।''

''ଆଚ୍ଛା, ତୁମେ ଯଦି ତୁମ ଶରୀର, ତେବେ ବ୍ୟକ୍ତି ମରିଯିବା ପରେ ଶରୀରଟି ତ ମାଟିରେ ପଡ଼ି ରହେ, କଥା କହେ ନାହିଁ, ହଲଚଲ ହୁଏ ନାହିଁ, କିଛିଦିନ ପରେ ପୁଣି ମାଟିରେ ମିଶିଯାଏ । ସେତେବେଳେ ପୁଣି ତୁମେ କେଉଁଠି ଥାଅ ?'' ସନ୍ନ୍ୟାସୀ ଏତକ କହି ପୁଣି ଆଉ ଜଣକୁ ଡାକିଲେ ।

ସେ ଆସି କହିଲା, ''ମୁଁ ହେଉଛି ସେଇ, ଯେ ଏ ଶରୀର ଭିତରେ ମୋତେ ଶକ୍ତି ଦେଉଛି ଚାଲବୁଲ କରିବାକୁ, କଥା କହିବାକୁ ଓ କାମ କରିବାକୁ ।''

ସନ୍ନ୍ୟାସୀ କହିଲେ, ''ତୁମେ ତ କହୁଛ 'ମୋତେ' ଯିଏ ଶକ୍ତି ଦେଉଛି ସେ ହେଉଛି 'ମୁଁ' । ଏଥିରୁ ଜଣାପଡୁଛି ତୁମକୁ ଯିଏ ଶକ୍ତି ଦେଉଛି ତା'ଠାରୁ ତୁମେ ଅଲଗା ।''

ପିଲାମାନେ ସମସ୍ତେ କହିଲେ, ''ହଁ, ହଁ ।''

ତା'ପରେ ସନ୍ନ୍ୟାସୀ ଆଉ ଜଣକୁ ପଚାରିଲେ । ସେ କହିଲା, ''ମୋ ଭିତରେ ଯିଏ ଚିନ୍ତା କରୁଛି, ଖରାପ କାମ ହେଉ, ଭଲ କାମ ହେଉ ସେଥିଲାଗି ମୋତେ ବୁଦ୍ଧି ବତାଉଛି, ମୁଁ ଯାହା ପାଠ ପଢୁଛି ତାକୁ ସ୍ମରଣ କରୁଛି, ଭଲ କ'ଣ, ମନ୍ଦ କ'ଣ ବିଚାର କରୁଛି, ସେଇ ହେଉଛି 'ମୁଁ' ।''

ସନ୍ନ୍ୟାସୀ କହିଲେ, ''ତୁମେ କହୁଛ 'ମୋ' ଭିତରେ ଯିଏ ଚିନ୍ତା, ବିଚାର ଇତ୍ୟାଦି କରୁଛି ମୁଁ ହେଉଛି ସେଇ । ଏଥିରୁ ଜଣାଯାଉଛି, ତୁମ ଭିତରେ ଯିଏ ଚିନ୍ତା, ବିଚାର ଆଦି କରୁଛନ୍ତି ସେ ତୁମଠାରୁ ଅଲଗା । ଯଥାର୍ଥରେ ତୁମେ ତାହା ନୁହେଁ ।''

ପିଲାମାନେ କହିଲେ, ''ହଁ, ଆମେ ବୁଝୁଛୁ ଯେ ଆମେ ଯାହା କହିଲୁ ସେସବୁ ଆମେ ନିଜେ ନୁହେଁ । ତେବେ ଆମେ ନିଜେ କିଏ ଆମେ ତ ଜାଣି ପାରୁନୁ ।''

ସନ୍ନ୍ୟାସୀ କହିଲେ, ''ସେଇ ତ ! ଆମେ ନିଜେ କିଏ ଜାଣି ନଥିବାରୁ ଏସବୁ ଦୁଃଖ, କଷ୍ଟ, କଳି, କଜିଆ, ସଂଘର୍ଷ, ଭେଦଭାବ ଆଦି ରହିଛି । କିନ୍ତୁ ତାଙ୍କୁ ଜାଣିଲେ ଆମର ଏସବୁ ରହିବ ନାହିଁ ।''

ପିଲାମାନେ କହିଲେ, ''ତେବେ କ'ଣ ସମସ୍ତେ ସମାନ ଭଳି ଦେଖାଯିବେ, ସମାନ ଖାଇବେ, ସମାନ ପିନ୍ଧିବେ, ସମାନ ରୋଜଗାର ଆଦି କରିବେ ?''

ସନ୍ନ୍ୟାସୀ କହିଲେ, ''ନା, ବାହାରେ ସବୁ ସମାନ ହେବ ନାହିଁ । ତା'ହେଲେ ତ ଏ ସୃଷ୍ଟିର ମହତ୍ତ୍ୱ ରହିବ ନାହିଁ । ସବୁକିଛି ଏକ ହୋଇଯିବ । କିନ୍ତୁ ଅନ୍ତରରେ ସମସ୍ତେ ଏକ ବୋଲି ଅନୁଭବ କରିବେ । ନିଜକୁ ସମସ୍ତଙ୍କ ଭିତରେ ଦେଖିବେ ଓ ନିଜ ଭିତରେ ସମସ୍ତଙ୍କୁ ଦେଖିବେ । ବାହାରେ ପାର୍ଥକ୍ୟ ସତ୍ତ୍ୱେ ବି ପରସ୍ପର ଭିତରେ ଗୋଟିଏ ଏକତ୍ୱଭାବ ଆସିବ ।''

ପିଲାମାନେ ପଚାରିଲେ, ''ସେତେବେଳେ ଆଉ କ'ଣ ଧନୀ, ଗରିବ, ଛୋଟ ଜାତି, ବଡ଼ ଜାତି, ଛୋଟ କାମ, ବଡ଼ କାମ – ଏ ଭାବ ସବୁ ରହିବ ନାହିଁ ? ତେବେ ଆମେ କିଏ ?''

ସନ୍ନ୍ୟାସୀ କହିଲେ, ''ଆମେ ପ୍ରତ୍ୟେକେ ହେଉଛେ ଗୋଟିଏ ଗୋଟିଏ ଆତ୍ମା । ଆମମାନଙ୍କର ସମସ୍ତଙ୍କର ମାଲିକ, ଯାହାଙ୍କଠାରୁ ଆମେ ଆସିଛେ ସେଇ ଭଗବାନ୍ ଆମକୁ ପଠାଇଛନ୍ତି ଏଠାରେ ତାଙ୍କରି ପାଇଁ କାମ

କରି ତାଙ୍କୁ ସବୁଥିରେ ପ୍ରକାଶ କରିବାକୁ । ଯେଉଁମାନେ ଆତ୍ମାର ଧର୍ମର ବିପରୀତ ଆଚରଣ କରନ୍ତି ସେଇମାନେ ହୁଅନ୍ତି ଛୋଟ ଜାତି ଓ ସେଇମାନଙ୍କ କାମ ହୁଏ ଛୋଟ କାମ । ସମସ୍ତ ଧନ ସମ୍ପଦ ଥାଇ ବି ସେମାନେ ଗରିବ ।''

ପିଲାମାନେ କହିଲେ, ''ଆତ୍ମାର ଧର୍ମ କ'ଣ ?''

ସନ୍ନ୍ୟାସୀ କହିଲେ, ''ଆତ୍ମାର ଧର୍ମ ହେଉଛି – ଶାନ୍ତି, ସମତା, ସ୍ଥିରତା, ଆନନ୍ଦ, ଅମରତା ଓ ଜ୍ୟୋତିର୍ମୟତା । ସୂର୍ଯ୍ୟମୁଖୀ ଫୁଲ ଯେପରି ସବୁବେଳେ ସୂର୍ଯ୍ୟଙ୍କୁ ଚାହିଁ ରହିଥାଏ, ସେ ସେହଭଳି ସବୁବେଳେ ଭଗବାନଙ୍କୁ ଚାହିଁ ରହିଥାଏ । ଭଗବାନଙ୍କ ଛଡ଼ା ଅନ୍ୟ କିଛି ଚାହେଁ ନାହିଁ ।''

ସନ୍ନ୍ୟାସୀ କହିଲେ, ''ଏ ସଂସାର ଅଜ୍ଞାନ-ଅନ୍ଧକାରରେ ଭରି ରହିଛି । ସେଇ ଅଜ୍ଞାନ-ଅନ୍ଧକାର ଭିତରେ ଆମେ ଜନ୍ମନେବା ପରେ ଆମର ସେଇ ଯଥାର୍ଥ ସତ୍ତାକୁ ଭୁଲିଯାଇଛେ । ପୁଣି ସଚେତନ ହୋଇ ତାଙ୍କୁ ପାଇବା ଲାଗି ସାଧନା କଲେ ଯେବେହେଲେ ସେ ନିଶ୍ଚୟ ମିଳିବେ ।''

ପିଲାମାନେ କହିଲେ, ''ଆମେମାନେ କେତେ କଳିକଜିଆ ଓ ପରସ୍ପରକୁ ଘୃଣା କରୁଥିଲୁ । ଆଉ ଏଣିକି ସେସବୁ କରିବାକୁ ଇଚ୍ଛା ହେଉ ନାହିଁ । ଯଦି କେତେବେଳେ ପ୍ରକୃତିବଶତଃ କରୁ ତେବେ ଜାଣିପାରିବୁ ଯେ ଏହା ଆମର ଭୁଲ । କିନ୍ତୁ ଏଇ ଅସଲ ବିଷୟଟି ସମ୍ବନ୍ଧେ, ଯାହାକୁ ଜାଣିଲେ ଆମେ ଯଥାର୍ଥ ମଣିଷ ହେବୁ; ସେ ସମ୍ବନ୍ଧେ ଶିକ୍ଷା ଦେବା ଲାଗି ଆମ ସ୍କୁଲରେ ତ କାହିଁ କିଛି ବ୍ୟବସ୍ଥା ନାହିଁ ?''

ସନ୍ନ୍ୟାସୀ କହିଲେ, ''ସେ କଥା ତୁମମାନଙ୍କ ଶିକ୍ଷକ ଜାଣନ୍ତି କି ସରକାର ଜାଣେ । ମୋର ସେଥିରେ କ'ଣ ଅଛି ? ମୁଁ ତେବେ ବିଦାୟ ନେଉଛି ।''

ପିଲାମାନେ କହିଲେ, ''ଆପଣ ଚାଲିଯିବା ପୂର୍ବରୁ ଆଉ ଗୋଟିଏ କଥା ଆପଣଙ୍କୁ ପଚାରିବାକୁ ଚାହୁଁଛୁ । ଆଚ୍ଛା, ଆପଣ ଏପରି ପାଉଁଶ ବୋଳି ହୋଇ ଲେଙ୍ଗୁଟି ମାରି, ନିଶଦାଢ଼ି ଜଟାଜୁଟ ବହନ କରି ସଂସାରର କୌଣସି

କାମ ନକରି ବୁଲୁଛନ୍ତି କାହିଁକି ? ଆମେ କ'ଣ ଭଗବାନଙ୍କ ଲାଗି ସାଧନା କଲେ ଏ ପ୍ୟାଣ୍ଟ ସାର୍ଟ ଇତ୍ୟାଦି ଛାଡ଼ି ସେଇପରି ମଇଳା ବେଶ ଧାରଣ କରିବୁ ? ତେବେ ତ ଆମକୁ ପାଠପଢ଼ା ଛାଡ଼ିବାକୁ ହେବ !''

ହସ ହସ ସନ୍ନ୍ୟାସୀ ହଠାତ୍ ଭାବଗମ୍ଭୀର ହୋଇପଡ଼ିଲେ । କିଛି ସମୟ ନୀରବତା ପରେ ହଠାତ୍ ତାଙ୍କ ମୁଖର ଭାବ ବଦଳିଗଲା । ସେ କହିଲେ, ''ତୁମମାନଙ୍କଠାରୁ ଆଜି ମୁଁ ମହାନ୍ ଶିକ୍ଷାଲାଭ କଲି । ଆଜି ପର୍ଯ୍ୟନ୍ତ ଭଗବାନ ଯେଉଁ ଉଦ୍ଦେଶ୍ୟରେ ସୃଷ୍ଟି କରିଛନ୍ତି ତା'ର ବିପରୀତ ଆଚରଣ ମୁଁ କରୁଥିଲି । ଭଗବାନଙ୍କ ଲାଗି ସାଧନା କଲେ ସଂସାରର କର୍ମ ଛାଡ଼ିବାକୁ ହେବ ନାହିଁ । ତାହା ଭିତରେ ତାଙ୍କୁ ପ୍ରକାଶ କରିବାକୁ ହେବ । ମୁଁ ଏଣିକି ଏପରି ବେଶ ରଖିବି ନାହିଁ, କିଛି ଗୋଟିଏ କାମ କରିବାକୁ ଚେଷ୍ଟା କରିବି । କିନ୍ତୁ ସଂସାରର ସବୁକିଛିକୁ ମୁଁ ଗ୍ରହଣ କରିପାରିବି ନାହିଁ । ଯାହା ମୋତେ ଭଗବାନଙ୍କୁ ପାଇବାର ବିପରୀତ ମାର୍ଗରେ ନେବ ତାକୁ ମୁଁ ଗ୍ରହଣ କରିବି ନାହିଁ ।'' ଏତିକି କହି ସନ୍ନ୍ୟାସୀ ଚାଲିଗଲେ । ସେହିଦିନଠାରୁ ପିଲାମାନଙ୍କର ମନୋଭାବ ବଦଳିଗଲା । ସେମାନେ ଖୁବ୍ ସୁନ୍ଦର ପଢ଼ିଲେ ଓ ପରସ୍ପର ଭିତରେ ଆଉ ଆଗ ପରି କଳିକଜିଆ କଲେ ନାହିଁ ।

ପିଲାମାନଙ୍କର ଓ ସନ୍ନ୍ୟାସୀଙ୍କର ଯେଉଁ ପରିବର୍ତ୍ତନ ତାହା ଭିତରର ଗ୍ରହଣଶୀଳତାରୁ ଆସିଲା । ବାହାରର ନୋଟିସ୍ କିଂବା ଆଇନ୍‌କାନୁନ୍ ଦ୍ୱାରା ଆସିଲା ନାହିଁ । ଆସିବ ବା କିପରି ? ନିଜେ ଘଟଣାଟିକୁ ନବୁଝିଲେ ଓ ସେଥିଲାଗି ପ୍ରସ୍ତୁତ ନହେଲେ ବାହାରେ କିପରି ଆଚରଣ କରିବ ? ସେହିପରି ଯେତେବେଳେ ଛାତ୍ର, ଶିକ୍ଷକ ଓ ଶିକ୍ଷା କର୍ତ୍ତୃପକ୍ଷ ବର୍ତ୍ତମାନ ପୃଥିବୀପୃଷ୍ଠରେ କାମ କରୁଥିବା ନୂତନ ସତ୍ୟ ଓ ଚେତନା ସଂପର୍କରେ ସଚେତନ ହେବେ ଓ ନିଜ ଜୀବନରେ ତାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବେ ସେତେବେଳେ ସ୍ୱତଃସ୍ଫୂର୍ତ୍ତ ରୂପେ ବାହାରର ଯେଉଁ ପୁରୁଣା ପଦ୍ଧତି ତାଙ୍କୁ ଆଉ ଭଲ ଲାଗିବ ନାହିଁ ଓ ସେମାନେ ତାକୁ ଧୀରେ ଧୀରେ ନିଜର ଅନ୍ତର ପରିବର୍ତ୍ତନ ଅନୁସାରେ

ବଦଳାଇଦେବେ । ଏହି ପରିବର୍ତ୍ତନ ଅନିବାର୍ଯ୍ୟରୂପେ ଆସିବ । କିନ୍ତୁ ସବୁକିଛି ନିର୍ଭର କରୁଛି ଛାତ୍ର, ଶିକ୍ଷକ ଓ ଶିକ୍ଷା କର୍ତ୍ତୃପକ୍ଷ ହିସାବରେ ଆମେ ସେହି ନୂତନ ଚେତନାକୁ କେତେ ଶୀଘ୍ର ଗ୍ରହଣ କରୁଛୁ । ତା'ର ସୂଚନା ମଧ୍ଯ ମିଳିଲାଣି । ବାହାରେ ଶ୍ରୀଅରବିନ୍ଦ ଆଶ୍ରମ ସ୍କୁଲ ଢାଞ୍ଚାରେ କେତେକ ସ୍କୁଲ ପ୍ରତିଷ୍ଠା କରିବାର ପ୍ରୟାସ ଚାଲିଛି ଓ ହେଲାଣି ମଧ୍ୟ । ଅବଶ୍ୟ ପରିସ୍ଥିତି ଓ ପରିବେଶକୁ ନେଇ ଶିକ୍ଷାରେ ଯେତିକି ପରିବର୍ତ୍ତନ କରାଯାଇପାରେ ସେମାନେ ସେତକ କରିବାକୁ ତ୍ରୁଟି କରୁ ନାହାନ୍ତି । ଏହି କ୍ଷୁଦ୍ର ଆରମ୍ଭ ଭବିଷ୍ୟତରେ ତ ବିଶାଳ ଆକାର ଧାରଣ କରିବ ।

ତେବେ ଯେତେଦିନ ପର୍ଯ୍ୟନ୍ତ ଏହି ପରିବର୍ତ୍ତନ ଆସି ନାହିଁ, ସେତେଦିନ ପର୍ଯ୍ୟନ୍ତ ପରୀକ୍ଷା ଯେପରି ଚାଲିଛି ଛାତ୍ର ହିସାବରେ ସେପରି ଆମେ ଦେବା । ଅନ୍ୟମାନେ ଯିଏ କପି କରନ୍ତୁ ବା ଅସାଧୁ ଉପାୟ ଅବଲମ୍ବନ କରନ୍ତୁ ଆମର ସେଥିରେ କ'ଣ ଅଛି ? ଆମେ ବର୍ଷସାରା ଭଗବାନଙ୍କୁ ସମର୍ପଣ କରି ଯାହା ପଢ଼ିଛେ ତାକୁ ନିର୍ଭୀକ ଓ ସ୍ଥିର ଚିତ୍ତରେ ପରୀକ୍ଷା ଦେବା । ପରୀକ୍ଷାରେ ଅନ୍ୟ କାହାଠାରୁ ବେଶୀ ନମ୍ବର ରଖିବା ଏ ଭାବ ନରଖି ଆମେ ଯାହା ଜାଣୁ ତାହା ଭଗବାନଙ୍କ ଲାଗି ସୁନ୍ଦର ଭାବେ ପରୀକ୍ଷା ଖାତାରେ ପ୍ରକାଶ କରିବା – ଏଇ ଭାବ ରଖି ଆନନ୍ଦରେ ପରୀକ୍ଷା ଦେବା । ପ୍ରତିଯୋଗିତା ମନୋଭାବହିଁ ଭୟ, ଉତ୍କଣ୍ଠା, ହିଂସା ଆଦି ଭାବ ସୃଷ୍ଟି କରିଥାଏ । ଅନ୍ୟ ଯିଏ ସେ ଭାବ ରଖି ପରୀକ୍ଷା ଦେଉ ସେଥିରେ ଆମର କ'ଣ ଅଛି ? ପରୀକ୍ଷା ହଲ୍‌ରେ ସମସ୍ତେ ଭୟରେ କାତର ହେଉଥା'ନ୍ତୁ, କି ପାଟି କରୁଥା'ନ୍ତୁ, କି କପି କରୁଥା'ନ୍ତୁ ଆମେ କାହିଁକି ସେଥିପ୍ରତି ଦୃଷ୍ଟିଦେବା ? ପରୀକ୍ଷା ଦେଇସାରି ସବୁ ଫଳାଫଳ ଭଗବାନଙ୍କ ଚରଣରେ ଅର୍ପଣ କରି ଆମର ଅନ୍ୟ ବିକାଶମୂଳକ କାର୍ଯ୍ୟରେ ଲାଗିରହିବା । ଅବଶ୍ୟ ପୁରାତନ ପଦ୍ଧତିର ଜ୍ୱାଳା ଆମକୁ ପ୍ରାଣେ ପ୍ରାଣେ ଅନୁଭବ କରିବାକୁ ହେବ; କିନ୍ତୁ ଆମେ ଯେ ନୂତନକୁ ଆଣିବା – ଏଇ ଆନନ୍ଦରେ ସବୁକିଛିକୁ ସହିବାକୁ ହେବ ।

କିନ୍ତୁ ଆମେ ଯଦି ଶିକ୍ଷକ, ଆମକୁ ବହୁତ ସଚେତନ ହେବାକୁ ହେବ । ଆମକୁ ମନେ ରଖିବାକୁ ହେବ, ଆଜିର ଛାତ୍ରମାନଙ୍କ ମଧ୍ୟରେ କେତେକ ଛାତ୍ର ଅଛନ୍ତି ଯେଉଁମାନେ ବହୁତ ଉନ୍ନତ ଚେତନାବିଶିଷ୍ଟ । ସେମାନେ ନୂତନ ଆଦର୍ଶ ଓ ନୂତନ ଭାବଧାରା ଦ୍ୱାରା ଅନୁପ୍ରାଣିତ ହୋଇ ଆମର ସାମାନ୍ୟ ଭୁଲକୁ ଜାଣିପାରୁଛନ୍ତି । ଆମେ ଯଦି ନିଜକୁ ନ ବଦଳାଉ ତେବେ ସେହି ଉନ୍ନତ ଚେତନାବିଶିଷ୍ଟ ଛାତ୍ରମାନଙ୍କ ମେଳରେ ବହୁତ ଦହଗଞ୍ଜ ହେବୁ । କେତେକ ଛାତ୍ର (ଅବଶ୍ୟ ସ୍କୁଲ, କଲେଜରେ ସେମାନଙ୍କ ସଂଖ୍ୟା ବର୍ତ୍ତମାନ ଖୁବ୍ କମ୍) ଯେଉଁମାନେ ମା' ଶ୍ରୀଅରବିନ୍ଦଙ୍କର ନୂତନ ଆଦର୍ଶକୁ ଗ୍ରହଣ କରି ନିଜ ଜୀବନରେ କାର୍ଯ୍ୟକାରୀ କରୁଛନ୍ତି ସେମାନେ ସ୍ପଷ୍ଟ ଆମର ଭୁଲ ଜାଣି ବି ଏତେ ଉଦାର ଯେ ଆମ ମନରେ ଦୁଃଖ ଦେବାକୁ ଚାହାନ୍ତି ନାହିଁ କିଂବା ଅନ୍ୟାନ୍ୟ ସାଧାରଣ ପିଲାଙ୍କ ପରି ଆମ ପ୍ରତି ଅବମାନନା ଓ ଦୁର୍ବ୍ୟବହାର କରିବାକୁ ଚାହାନ୍ତି ନାହିଁ । ସେମାନେ ଶିକ୍ଷକଙ୍କଠାରୁ ଯେତିକି ଶିଖିବାର କଥା ସେତିକି ଶିଖିନେଇ ତାଙ୍କର ସମସ୍ତ ମନ୍ଦଗୁଣକୁ ସେମାନେ ଶିକ୍ଷକ ହେଲେ ବି ଗ୍ରହଣ କରୁ ନାହାନ୍ତି କିଂବା ସେମାନଙ୍କୁ ବିଶେଷ ସମାଲୋଚନା କରୁ ନାହାନ୍ତି । କାରଣ ସେମାନେ ଜାଣିପାରୁଛନ୍ତି ଯେ ଶିକ୍ଷକ ହେଲେ ବି ପୃଥିବୀରେ ଯେଉଁ ବିରାଟ ପରିବର୍ତ୍ତନକାରୀ ଚେତନା କାର୍ଯ୍ୟ କରୁଛି ସେ ସମ୍ବନ୍ଧରେ ସେମାନେ ସଚେତନ ନୁହନ୍ତି । ତେଣୁ ସେମାନଙ୍କୁ ଦୋଷ ଦେଇ ବା ଲାଭ କ'ଣ ? ଯେତେବେଳେ ଆମେ ଶିକ୍ଷକ ହିସାବରେ ପରୀକ୍ଷା ହଲ୍‌ରେ ଛାତ୍ରମାନଙ୍କୁ ଉତ୍ତର ବତାଇ ଦେଇଛୁ ଠିକ୍ ସେତିକିବେଳେ ସେମାନେ ନିଜ ସାଥୀ କିଛି ପଚାରିଲେ ଜାଣିଥିଲେ ବି କହୁ ନାହାନ୍ତି । ଯେଉଁ ଛାତ୍ରମାନଙ୍କୁ ଆମେ ପରୀକ୍ଷା ହଲ୍‌ରେ ବତାଇଦେଉଛୁ କିଂବା ପୂର୍ବରୁ ପ୍ରଶ୍ନ କହିଦେଇ ପରେ ପରୀକ୍ଷା ଖାତାରେ ଡିଭିଜନ୍ ଦେବା ଉଦ୍ଦେଶ୍ୟରେ ପାତର ଅନ୍ତର କରି ନମ୍ବର ଦେଉଛୁ, ସେହି ଛାତ୍ରମାନେ ଯେତେବେଳେ ସଚେତନ ହେବେ, କି ପ୍ରକାର ସମ୍ମାନ ଆମକୁ ଦେବେ ଓ କି ଧାରଣା ସେମାନଙ୍କର

ଆମ ପ୍ରତି ହେବ ତାହା ଆମେ ବିଚାର କରୁ ତ ? ଛାତ୍ରଟିଏ ପରୀକ୍ଷା ହଲ୍‌ରେ ଯେତେବେଳେ ଅନ୍ୟାୟ ଉପାୟରେ ସାହାଯ୍ୟ ମାଗୁଛି ସେତେବେଳେ ତାକୁ ଉତ୍ତରଟି ବତାଇ ନ ଦେଇ କିଂବା ଭୟ ନ ଦେଖାଇ ଗଭୀର ଶୁଭେଚ୍ଛା ସହ ଶାନ୍ତ ଭାବରେ ସେ ଯେତିକି ଜାଣିଛି ତାକୁ ଭଲ ଭାବରେ ଲେଖିବାକୁ ଉତ୍ସାହିତ କରିପାରିଲେ କି ସୁନ୍ଦର ହୁଅନ୍ତା ! ପରେ ଯେତେବେଳେ ଛାତ୍ରଟି ଶିକ୍ଷକଙ୍କର ସେହି ସାଧୁତାପୂର୍ଣ୍ଣ ବ୍ୟବହାର ମନେ ପକାନ୍ତା କି କୃତଜ୍ଞତାରେ ତା'ର ଅନ୍ତର ଭରି ନଯାଆନ୍ତା ! ତା'ର ନିଜ ଭବିଷ୍ୟତ ଜୀବନ ଗଠନ ଲାଗି ସେଇଥିରୁ ସେ ଅନେକ ଉପାଦାନ ପାଇପାରନ୍ତା । ଆଜିକାଲି ଛାତ୍ରମାନେ ଶିକ୍ଷକମାନଙ୍କ ପ୍ରତି ଯେଉଁ ଦୁର୍ବ୍ୟବହାର କରୁଛନ୍ତି ତା'ର ଏକମାତ୍ର କାରଣ ଶିକ୍ଷକ ହିସାବରେ ଆମେ ଅପାରଗ ଓ ଆମର ଦରମା ଓ ପରିବାର କଥା ଛାଡ଼ି ଛାତ୍ରମାନଙ୍କୁ ଟିକିଏ ବି ଶ୍ରଦ୍ଧା କରୁ ନାହୁଁ କିଂବା ସେମାନଙ୍କର ଯଥାର୍ଥ ବିକାଶ ପ୍ରତି ଦୃଷ୍ଟି ଦେଉ ନାହୁଁ ।

ଯାହା ବି ହେଉ ଏ ଶିକ୍ଷାପଦ୍ଧତି ଏବଂ ପରୀକ୍ଷାପଦ୍ଧତି ନିଶ୍ଚୟ ବଦଳିବ ଓ ବଦଳିବା ଆରମ୍ଭ ହେଲାଣି ମଧ୍ୟ । ସ୍ଥିର ଶାନ୍ତ ପରିବେଶ ମଧ୍ୟରେ ନିଜେ ଭିତରୁ ବଦଳିଯାଇ ବାହାର ପଦ୍ଧତି ନବଦଳାଇଲେ ପରିସ୍ଥିତି ଏପରି ହେବ ଯେ ତାକୁ ସମ୍ଭାଳିବା ମୁସ୍କିଲ ହେବ । ସେହି ଘୋର ବିଶୃଙ୍ଖଳା ଓ ବିଧ୍ୱଂସ ଭିତରୁ ନୂତନ ପଦ୍ଧତି ଜନ୍ମ ନେବ ।

ଆମେ ଯଦି ନବଦଳୁ ଉନ୍ନତ ଚେତନାବିଶିଷ୍ଟ ଛାତ୍ରମାନଙ୍କୁ ତଥା ଅତି ମୂର୍ଖ ବିଶୃଙ୍ଖଳ ଛାତ୍ରମାନଙ୍କୁ କେବେ ବି ସମ୍ଭାଳିପାରିବା ନାହିଁ । ବଦଳିବାର ଚାବିକାଠି ରହିଛି ପୃଥିବୀପୃଷ୍ଠରେ ଯେଉଁ ନୂତନ ଚେତନା କ୍ରିୟାଶୀଳ ତାହାରି ପ୍ରତି ଉନ୍ମୁକ୍ତ ହେବା ଓ ସେଇ ସମ୍ବନ୍ଧେ ଅଧିକରୁ ଅଧିକ ଜାଣିବାରେ । ତେବେ ଆମେ ଛାତ୍ରମାନଙ୍କ ସହ କିପରି ବ୍ୟବହାର କରିବୁ ଓ ସରକାରୀ ଆଇନକୁ ଅପେକ୍ଷା ନକରି ପରୀକ୍ଷାର ଧାରାକୁ କିପରି ବଦଳାଇବୁ ତାହା ଆମ ପରିସ୍ଥିତି ଓ ପରିବେଶ ଅନୁଯାୟୀ ଆମେ ଆପେ କରିପାରିବୁ ।

ପ୍ରଚଳିତ ନିର୍ଜୀବ, ଅଚଳ ଶିକ୍ଷାପଦ୍ଧତିକୁ ଜାବୁଡ଼ି ନଧରି ଗୋଟିଏ ଜୀବନ୍ତ, କ୍ରମପ୍ରଗତିଶୀଳ ଶିକ୍ଷାପଦ୍ଧତିକୁ ଅନୁସରଣ କରିବାକୁ ଚେଷ୍ଟା କରିବୁ ଆଜି ଆମ୍ଭମାନଙ୍କର ଆଉ ଶ୍ରେଣୀଗୃହରେ ତୁଚ୍ଛା ପାଣ୍ଡିତ୍ୟପୂର୍ଣ୍ଣ ବକ୍ତୃତା ଖାଲି ଚଳିବ ନାହିଁ । ଯାହା ଦରକାର ତାହା ହେଉଛି ନିଜ ଅନ୍ତରସ୍ଥ ସତ୍ୟ ସମ୍ବନ୍ଧରେ ସଚେତନ ହେବାକୁ ଚେଷ୍ଟା କରି ଛାତ୍ରମାନଙ୍କ ଆଗରେ ବିନମ୍ର, ସରଳ, ଅକପଟ ଓ ନିରହଂକାର ହେବାକୁ ହେବ । ଯେତେଦୂର ସମ୍ଭବ ପ୍ରତ୍ୟେକ ଛାତ୍ରର ବ୍ୟକ୍ତିଗତ ଅସୁବିଧା ବୁଝି ତାକୁ ଦୂର କରିବା ପାଇଁ ଚେଷ୍ଟା କରିବାକୁ ହେବ । ଯାହା ଆମକୁ ନଆସେ ସ୍ୱଷ୍ଟ ଛାତ୍ରମାନଙ୍କ ଆଗରେ ମାନିଯିବାକୁ ହେବ ଓ ତା'ପରେ ତାକୁ ବୁଝି ସେମାନଙ୍କୁ ବୁଝାଇବାକୁ ହେବ । ନିଜର କାମକୁ ସାଧନା ବୋଲି ଭାବି ଛାତ୍ରମାନଙ୍କର ପାଠ ପ୍ରତି ଓ ପରୀକ୍ଷା ପ୍ରତି ଯେପରି ନିରର୍ଥକ ଭୟ ନରହେ ସେଥିପ୍ରତି ସବୁବେଳେ ସଜାଗ ହେବାକୁ ହେବ । ନିଷ୍ଠାର ସହ ଭଗବାନଙ୍କ ସେବାରୂପେ କାମ କଲେ ସେହି କର୍ମହିଁ ଆଣିଦେବ ଆନନ୍ଦ ଓ ଆମକୁ ଆମର ସଂକୀର୍ଣ୍ଣ ସ୍ୱାର୍ଥପର ଚିନ୍ତାରୁ ମୁକ୍ତ କରି କରିପାରିବ ବ୍ୟାପକ, ବିଶାଳ ଓ ଉଦାର । ଯଥାର୍ଥରେ ଯେଉଁମାନେ ନିଷ୍ଠାପର ସେମାନେ ସମସ୍ତ ଅସୁବିଧା ସତ୍ତ୍ୱେ ବି ଏହି ନୂତନ ଆଦର୍ଶକୁ କାର୍ଯ୍ୟକାରୀ କରିବାକୁ ନୀରବରେ ଲାଗିଯାଆନ୍ତି । କିନ୍ତୁ ଯେଉଁମାନଙ୍କର ନିଷ୍ଠା ନଥାଏ ସେମାନେ ବିଭିନ୍ନ ଆଳ, ଦୁନିଆଯାକର ଅସୁବିଧା ଦେଖାଇ ପୁରୁଣା ପ୍ରକୃତିକୁ ଜାବୁଡ଼ି ଧରିବାକୁ ଚାହାନ୍ତି ।

କିନ୍ତୁ ଶିକ୍ଷକ ଓ ଶିକ୍ଷାବିତ୍ ହିସାବରେ ଆମେ ଯଦି ନବଦଳୁ ତେବେ ପରିବର୍ତ୍ତନ ଅଟକି ଯିବ ନାହିଁ । ଆଜିର ନୂତନ ଆଦର୍ଶ ଗ୍ରହଣକାରୀ ଆଲୋକୋନ୍ମୁଖ ଛାତ୍ର ଯାହାକୁ ଆମେ ଅଜ୍ଞତାବଶତଃ ବେଖାତିର ଓ ଥଟ୍ଟା କରୁଛୁ ଯେତେବେଳେ ଭବିଷ୍ୟତର କର୍ମକ୍ଷେତ୍ରରେ ସେ ପ୍ରବେଶ କରିବ ସେତେବେଳେ ଏକ ଶାନ୍ତ ବିପ୍ଳବ ଫଳରେ ସବୁକିଛିକୁ ସେ ଧୀରେ ଧୀରେ ବଦଳାଇ ଦେବ । ସେତେବେଳେ ଆମେ ହୋଇପଡ଼ିବୁ ଜୀର୍ଣ୍ଣ, ପରିତ୍ୟକ୍ତ ଓ

ଜୀବନ ଆମର ହୋଇଉଠିବ ବେଦନାକ୍ଲିଷ୍ଟ ଦୁର୍ବିଷହ । ବର୍ତ୍ତମାନ ବେଳଥାଉଁ ଥାଉଁ ପରିବର୍ତ୍ତିତ ହେବାର ମହାନ୍ ସୁଯୋଗକୁ କାହିଁକି ହରାଇ ବସିବା ?

# ଶିକ୍ଷାରେ ପରିବର୍ତ୍ତନର ପ୍ରଥମ ସୋପାନ

ଶିକ୍ଷାକର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଛାତ୍ର ପର୍ଯ୍ୟନ୍ତ ସମସ୍ତେ ଅନୁଭବ କଲେଣି ଯେ ଏ ପ୍ରଚଳିତ ଶିକ୍ଷାରେ କିଛି ପରିବର୍ତ୍ତନ ନକଲେ ଆଉ ଅବସ୍ଥା ସମ୍ଭାଳି ହେବ ନାହିଁ । କିନ୍ତୁ କି ଉପାୟରେ ପରିବର୍ତ୍ତନ ହେବ ସେହି ଚିନ୍ତା ସମସ୍ତଙ୍କୁ ବ୍ୟସ୍ତ କରି ପକାଇଛି । ଗୋଟିଏ ପାଠ୍ୟପୁସ୍ତକ ସ୍ଥାନରେ ଆଉ ଗୋଟିଏ ପାଠ୍ୟପୁସ୍ତକ ଚଳାଇ, ଦୁଇବର୍ଷିଆ ପାଠ୍ୟକ୍ରମକୁ ବର୍ଷକିଆ କରି ପକାଇ, କଲେଜରୁ ଗୋଟିଏ କ୍ଲାସ ସ୍କୁଲକୁ ଘେନି ଆସି ଏହିପରି ବିଭିନ୍ନ ବାହ୍ୟ ସ୍ଥୂଳ ଉପାୟରେ ପରିବର୍ତ୍ତନ କରିବାକୁ ଯେତେ ଚେଷ୍ଟା କରାଯାଇଛି ସେ ସମସ୍ତ ବ୍ୟର୍ଥତାରେ ପରିଣତ ହୋଇଛି ।

କାହିଁକି ଆଜିର ପ୍ରଚଳିତ ଶିକ୍ଷା ଆମର ଜୀବନଧାରା ଓ ସଂସ୍କୃତି ସହ ତାଳ ଦେଇପାରୁ ନାହିଁ ? ତା'ର ଏକମାତ୍ର କାରଣ ବର୍ତ୍ତମାନର ଶିକ୍ଷାପଦ୍ଧତି ଆମ ଭାରତୀୟ ପରମ୍ପରାର ନୁହେଁ । ବିଦେଶୀ ଇଂରେଜମାନେ ଆମ ଦେଶର ଶାସନକୁ ହାତକୁ ନେଇ ଆମେ ଯେପରି ପଢ଼ିସାରି ଆଉକିଛି ପାଇଁ ଉପଯୁକ୍ତ ନହୋଇ ତାଙ୍କରି ଅଫିସରେ ଗୋଲାମ ହେବୁ ସେଇ ପ୍ରକାର ଶିକ୍ଷାପଦ୍ଧତି ଚଳାଇଲେ । ପୂର୍ବରୁ ଆମର ମୁନିଋଷିମାନଙ୍କର ଆଶ୍ରମରେ ଶିକ୍ଷାଦାନର ଭିତ୍ତି ଯେପରି ଆଧ୍ୟାତ୍ମିକତା ଉପରେ ପ୍ରତିଷ୍ଠିତ ହୋଇଥିଲା, ତାହା କାଳକ୍ରମେ ବିଭିନ୍ନ ବିଦେଶୀ ଶାସକଙ୍କ ଶାସନ ଫଳରେ ଲୋପ ପାଇ ଇଂରେଜମାନଙ୍କ ବେଳକୁ ସମ୍ପୂର୍ଣ୍ଣ ଲୋପ ପାଇଲା । ପ୍ରାଚୀନ କାଳରେ ଛାତ୍ରମାନେ ଗୁରୁ ଗୃହରେ ରହି ଶିକ୍ଷା କରୁଥିଲେ । ଗୁରୁ ନିଜେ ଥିଲେ ଅଧ୍ୟାତ୍ମ ସାଧକ ଓ ବ୍ରହ୍ମଜ୍ଞାନୀ । ସେହି ଆଧ୍ୟାତ୍ମିକତାକୁ ଭିତ୍ତି କରି ସେ ସମସ୍ତ ପ୍ରକାର ଶିକ୍ଷା, ଯଥା : ରାଜନୀତି, ସମାଜନୀତି, ଯୁଦ୍ଧବିଦ୍ୟା, କୃଷିବିଦ୍ୟା, ଆଦର୍ଶ ଗୃହସ୍ଥନୀତି, ସଙ୍ଗୀତବିଦ୍ୟା ଓ ଅନ୍ୟାନ୍ୟ ସମସ୍ତ ଆବଶ୍ୟକ ବିଦ୍ୟା ଶିକ୍ଷା

ଦେଉଥିଲେ । ଛାତ୍ରମାନେ ଗୁରୁଙ୍କୁ ଦରମା ଦେଉ ନ ଥିଲେ କି ସାର୍ଟିଫିକେଟ ହାସଲ କରି ଚାକିରି କରିବାକୁ ପଢୁ ନଥିଲେ । ନିଜର ସମସ୍ତ କାର୍ଯ୍ୟ ତଥା ଆଶ୍ରମର କାର୍ଯ୍ୟ ସେମାନେ ତୁଲାଉଥିଲେ । ଗୁରୁଗୃହରେ ରହୁଥିବା ସମୟତକ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନରେ କଟୁଥିଲା । ତା'ପରେ ଯେଉଁମାନେ ଚାହୁଁଥିଲେ ସଂସାରରେ ଗୃହସ୍ଥ ଜୀବନଯାପନ କରୁଥିଲେ ଓ ଯେଉଁମାନେ ଚାହୁଁଥିଲେ ଆଜୀବନ ବ୍ରହ୍ମଚାରୀ ରହି ସାଧନା କରୁଥିଲେ । ଏଥିରେ ଛାତ୍ରମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ହେଉଥିଲା । ସେମାନେ ଯେକୌଣସି କାର୍ଯ୍ୟ ଅକ୍ଳେଶରେ କରି ପାରୁଥିଲେ; ଆଜିକାଲି ଭଳି ଶାରୀରିକ କାମକୁ ଡରି ଅଫିସରେ ଖଣ୍ଡେ ଚାକିରି ଲାଗି ଖୋସାମତ ଲାଞ୍ଚ ଆଦି ଦେଇ ଦଉଡ଼ି ଦଉଡ଼ି ଅଧାପ୍ରାଣ ହେଉ ନ ଥିଲେ ।

ସେ ସମ୍ବନ୍ଧେ ବିଶେଷ ଆଲୋଚନା ଲାଗି ଏଠାରେ ସ୍ଥାନ ନାହିଁ । ବର୍ତ୍ତମାନ ଆମର ପ୍ରଶ୍ନ ହେଉଛି କିପରି ଆମେ ଶିକ୍ଷାରେ ପରିବର୍ତ୍ତନ ଆଣି ପାରିବା । ଏହା ହୋଇପାରିବ ଯଦି ପୁନରାୟ ଆମେ ଆମର ଶିକ୍ଷାକୁ ଅଧ୍ୟାତ୍ମ ଭିତ୍ତି ଉପରେ ପ୍ରତିଷ୍ଠିତ କରୁ । କିନ୍ତୁ ଯୁଗର ପରିବର୍ତ୍ତନ ଅନୁସାରେ ଆଧ୍ୟାତ୍ମିକତାର ଆଦର୍ଶ ବଦଳି ଯାଉଛି । ଆମେ ସେଇ ପୁରୁଣା ଆଧ୍ୟାତ୍ମିକ ଆଦର୍ଶକୁ ଧରି ସେଇ ଅନୁସାରେ ପୁନର୍ଗଠନ କରିବାକୁ ଚାହିଁଲେ ଆଉ ପାରିବା ନାହିଁ । ଆମକୁ ଯୁଗୋପଯୋଗୀ ନୂତନ ଆଧ୍ୟାତ୍ମିକତାର ପଥକୁ ଅନୁସରଣ କରିବାକୁ ହେବ । ଏହି ନୂତନ ଆଧ୍ୟାତ୍ମିକତାର ପଥ ମା' ଶ୍ରୀଅରବିନ୍ଦ ଆଜି ଆମ ଆଗରେ ଉନ୍ମୋଚନ କରି ଦେଇଛନ୍ତି । ଭଗବାନ୍ ହେବେ ଆମର ମୂଳ । ସେଥିଲାଗି ଆମେ ବଣଜଙ୍ଗଲକୁ ନ ଯାଇ ଏଇ ସଂସାରରେ ରହି ତାଙ୍କୁ ନିଜ ଅନ୍ତରରେ ଆବିଷ୍କାର କରି ଆମର ମନ, ପ୍ରାଣ, ଶରୀର, ଜୀବନ ଓ ସକଳ କର୍ମରେ ପ୍ରକାଶ କରିବାକୁ ହେବ । ତେବେ ଯାଇ ଆମର ଶିକ୍ଷାର ଆଦର୍ଶ ଠିକ୍ ଭିତ୍ତି ଉପରେ ପ୍ରତିଷ୍ଠିତ ହେବ ।

ତେଣୁ ପ୍ରଚଳିତ ଶିକ୍ଷାରେ ପରିବର୍ତ୍ତନ କେବଳ ମା' ଶ୍ରୀଅରବିନ୍ଦଙ୍କ

ଆଦର୍ଶ ଅନୁସରଣରେ ହୋଇପାରିବ; ଅନ୍ୟ ଯେକୌଣସି ଉପାୟରେ ପରିବର୍ତ୍ତନ ଆଣିବାର ଚେଷ୍ଟା କେବଳ ବ୍ୟର୍ଥ ପ୍ରୟାସରେ ପରିଣତ ହେଉଛି ଏବଂ ହେବ । ଯେଉଁମାନେ ଏହି ନୂତନ ଆଦର୍ଶକୁ ଆନ୍ତରିକତାର ସହ ଗ୍ରହଣ କରୁଛନ୍ତି ଓ କରିବେ ସେଇମାନଙ୍କ ଦ୍ୱାରା ପରିବର୍ତ୍ତନ ହେବ । ଉପରୁ କିଛି ନିୟମକାନୁନର ପରିବର୍ତ୍ତନ ଫଳରେ ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ । ପରିବର୍ତ୍ତନ ହେବ ପ୍ରଥମେ ନିଜ ଭିତରୁ ଓ ତଳଆଡ଼ୁ । ଫଳରେ ବଳେ ବଳେ ସମୟାନୁକ୍ରମେ ଉପର ନିୟମକାନୁନ ବଦଳିଯିବ ।

ଏହି ଉଦ୍ଦେଶ୍ୟରେ ପାଠଚକ୍ର ଓ ଛାତ୍ର-ସମାଜର ଭାଇଭଉଣୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାହାକିଛି ପରିବର୍ତ୍ତନ ଆଣିବା ସେଇମାନଙ୍କର ତ୍ୟାଗପୂତ ନିଷ୍କାମ କର୍ମ ଉପରେ ନିର୍ଭର କରୁଛି । ସେମାନେ ବାଟ ଫିଟାଇଲା ପରେ ଅନ୍ୟମାନେ ବାଟ ପାଇଯିବେ । ସେମାନଙ୍କୁ ଅନ୍ୟାନ୍ୟ କାର୍ଯ୍ୟ ଯଥା : କୃଷି, ହସ୍ତଶିଳ୍ପ, ବିକ୍ରୟକେନ୍ଦ୍ର, ଶରୀରଚର୍ଚ୍ଚା ଆଦି କାର୍ଯ୍ୟ ସହ ଶିକ୍ଷାଦାନକୁ ମଧ୍ୟ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରିବାକୁ ହେବ । କାରଣ ସମଗ୍ର ପରିବର୍ତ୍ତନ ନିର୍ଭର କରୁଛି ଶିକ୍ଷାର ପରିବର୍ତ୍ତନ ଉପରେ ।

ଯେଉଁ ସଭ୍ୟ ଓ ସଭ୍ୟାମାନେ ସ୍କୁଲ କଲେଜରେ ପଢ଼ୁଛନ୍ତି ସେମାନେ ତାଙ୍କର ପରୀକ୍ଷାପର ଛୁଟି ସମୟରେ ଓ ଯେଉଁମାନେ ପଢ଼ାସରି ଘରେ ଅଛନ୍ତି ସେମାନେ ନିଜ ନିଜ ଅଞ୍ଚଳର ଛୋଟ ଛୋଟ ପିଲାଙ୍କୁ ନିଜ ସୁବିଧା ଅନୁସାରେ ପ୍ରତିଦିନ ଏକ ଘଣ୍ଟା କରି ଅଧ୍ୟାତ୍ମ ଭିତ୍ତିରେ ପଢ଼ିବା ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିବା ବିଷୟରେ ଶିକ୍ଷା ଦିଅନ୍ତୁ । ଯିଏ ଯେଉଁ ବିଷୟକୁ ଭଲପାଏ ପ୍ରଥମେ ସେଇ ବିଷୟକୁ ପଢ଼ାନ୍ତୁ । ବିଭିନ୍ନ ସଭ୍ୟ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଷ୍ଟାଣ୍ଡାର୍ଡର ପିଲାମାନଙ୍କୁ ପଢ଼ାନ୍ତୁ । ବର୍ତ୍ତମାନ ଯେଉଁ ଶିକ୍ଷକମାନେ ଛାତ୍ର-ସମାଜ ତଥା ପାଠଚକ୍ରର ସଭ୍ୟ ଅଛନ୍ତି ସେମାନେ ଏ କାର୍ଯ୍ୟ ଛୁଟି ବ୍ୟତୀତ ବି ସବୁଦିନେ କରିପାରିବେ ।

ଯେଉଁମାନେ ପଢ଼ାଇବେ, ପଢ଼ାଇବା ପୂର୍ବରୁ ଯାହା ପଢ଼ାଇବେ ସେ ବିଷୟରେ ନିଜେ ଭଲ କରି ଅନୁଧ୍ୟାନ କରିବେ । ସେମାନେ ଭଗବାନଙ୍କ ସେବା ଉଦ୍ଦେଶ୍ୟରେ ସାଧନା ଦୃଷ୍ଟିରୁ ଏ କାର୍ଯ୍ୟ କରୁଛନ୍ତି ବୋଲି ମନେ ରଖିବେ । ତେଣୁ ପଢ଼ାଇବାକୁ ଆସିବା ପୂର୍ବରୁ ପିଲାମାନଙ୍କୁ ଯେପରି ଦଣ୍ଡ ଦେବାକୁ, ସେମାନଙ୍କ ଉପରେ ରାଗିବାକୁ ସେମାନଙ୍କୁ ବିଭିନ୍ନ ଭୟ ଦେଖାଇ ପାଠ ପ୍ରତି ମନୋଯୋଗୀ କରିବାକୁ, ସେମାନଙ୍କ ଆଗରେ ନିଜର ଦୁର୍ବଳତାକୁ ଲୁଚାଇବା ପାଇଁ ବିଭିନ୍ନ ମିଥ୍ୟାର ଆଶ୍ରୟ ନେବା ଆଦି ମନୋବୃତ୍ତିକୁ ତ୍ୟାଗ କରି ଆସିବେ । ସବୁବେଳେ ନୂତନ ନୂତନ ଉପାୟରେ ପଢ଼ାଇବାକୁ ଚେଷ୍ଟା କରିବେ । ତା'ଫଳରେ ନିଜର ଅଗ୍ରଗତି ହେବ ଏବଂ କର୍ମରୁ ଆନନ୍ଦ ମିଳିବ । ମା'ଙ୍କୁ ଡାକି ଏ ଦିଗରେ ଆଗେଇଲେ ପରିସ୍ଥିତି ଓ ପରିବେଶକୁ ଚାହିଁ ନୂଆ ନୂଆ ଉପାୟ ଆପେ ଆପେ ମିଳିବ । ଯେଉଁ ଶିକ୍ଷକ ନିଜେ ଅଗ୍ରଗତି ନକରେ ସେ ଛାତ୍ରଜୀବନର ଅଗ୍ରଗତିରେ ସହାୟତା କରିପାରେ ନାହିଁ । ଯେଉଁମାନଙ୍କୁ ପଢ଼ାଇବେ ସେମାନେ ଯେ ଜୀବନ୍ତ ଆତ୍ମା ଏଇ ଜ୍ଞାନ କରି ପଢ଼ାଇବେ । ଯେଉଁ ଘରେ କିଂବା ବାହାରର ଯେଉଁ ସ୍ଥାନରେ ପଢ଼ାଇବେ ସେଠାରେ ପରିବେଶ ଖୁବ୍ ସୁନ୍ଦର, ଅଧ୍ୟାତ୍ମ ବାତାବରଣପୂର୍ଣ୍ଣ କରିବାକୁ ଚେଷ୍ଟା କରିବେ । ସେଠାରେ ମା' ଶ୍ରୀଅରବିନ୍ଦଙ୍କ ଫଟୋ ପତ୍ର ପୁଷ୍ପରେ ସଜାଇ ରଖିବେ । ପଢ଼ାଇବା କାର୍ଯ୍ୟ ଆରମ୍ଭ ପୂର୍ବରୁ ଟିକିଏ ହୃଦୟରେ ସେଇ ଫଟୋକୁ ସମସ୍ତେ ଧ୍ୟାନ କରିବେ । ତା'ପରେ ବିଭିନ୍ନ ଗପ, ଛବି, ଅନ୍ୟାନ୍ୟ ଉପକରଣ ତଥା ପ୍ରଶ୍ନ ପଚାରିବା ଓ ପ୍ରଶ୍ନ ଆଦାୟ କରିବା ଆଦି ମାଧ୍ୟମରେ ପଢ଼ାଇବେ । ପ୍ରଥମେ ଏସବୁ ଉପକରଣ ପାଠଚକ୍ର ଓ ଛାତ୍ର-ସମାଜରେ ନଥିଲେ ବି କିଛି ଯାଏଆସେ ନାହିଁ, ପରେ କିଣିବେ । ଏସବୁ ଅଭାବରେ ପିଲାମାନଙ୍କ ପ୍ରତି ହୃଦୟର ସ୍ନେହ ଓ ଶ୍ରଦ୍ଧାହିଁ ଯଥେଷ୍ଟ । ପଢ଼ାବହିଗୁଡ଼ିକରେ ଆମର ଖାଲି ଅତୀତ କଥା ଓ ବର୍ତ୍ତମାନ କଥା ଅଛି । ତା' ସହ ତାଙ୍କୁ ଭବିଷ୍ୟତ ସମ୍ପର୍କରେ ମଧ୍ୟ ଟିକିଏ ଟିକିଏ ସୂଚନା ଦେବେ । ଆମର ଯେଉଁ ପଢ଼ା ବହି ସେଗୁଡ଼ିକରେ

ଏହି ସ୍ଥୂଳ ଦୃଶ୍ୟମାନ ଜଗତ ସମ୍ବନ୍ଧରେ ଯାହାକିଛି ଅଛି । କିନ୍ତୁ ବର୍ତ୍ତମାନର ଛାତ୍ର ପ୍ରଚ୍ଛନ୍ନ ଭାବରେ ତା'ର ଶିକ୍ଷକ ଏବଂ ପଢ଼ାବହିରୁ ଚାହେଁ କିଛି ନୂତନ ବସ୍ତୁ ଯାହାକି ଏହି ଦୃଶ୍ୟମାନ ଜଗତର ଅନ୍ତରାଳରେ ରହିଛି । ଏ ଚାହିଁବାଟାକୁ ବି ସବୁପିଲା ଜାଣିପାରୁ ନାହାନ୍ତି; କିନ୍ତୁ ଅନ୍ତରରୁ ପ୍ରଚ୍ଛନ୍ନ ଭାବରେ ଚାହୁଁଛନ୍ତି । ତେଣୁ ଯେତେବେଳେ ସେମାନେ ସେମାନଙ୍କର ଶିକ୍ଷକ ଓ ଶିକ୍ଷା ବ୍ୟବସ୍ଥାରୁ ସେହି ନୂତନତ୍ୱ ପାଉ ନାହାନ୍ତି, ନାନାପ୍ରକାର ବିକ୍ଷୋଭ ଓ ବିଶୃଙ୍ଖଳା କରି ନିଜର ଅନ୍ତରର ଅଶାନ୍ତି ଜଣାଇ ଦେଉଛନ୍ତି । ତେଣୁ ପ୍ରଧାନ କଥା ହେଲା, ପଢ଼ାଇବା ସଙ୍ଗେ ସଙ୍ଗେ ଏ ଦୃଶ୍ୟମାନ ଜଗତର ଅନ୍ତରାଳରେ, ନିଜ ଅନ୍ତରରେ, ସମଗ୍ର ବିଶ୍ୱରେ ତଥା ବିଶ୍ୱର ଊର୍ଦ୍ଧ୍ୱରେ ଆଉ ଏକ ସତ୍ୟ ରହିଛି ଯାହାକୁ କି ଆମକୁ ଆବିଷ୍କାର ଓ ପ୍ରକାଶ କରିବାକୁ ହେବ, ତା'ର ସୂଚନା ଯେପରି ସେମାନେ ପାଆନ୍ତି । ଥରେ ସେମାନେ ଏହାର ସୂଚନା ପାଇଲେ ଆଉସବୁ ସେମାନଙ୍କ ଜୀବନରେ ଆପେ ଆପେ ଗଢ଼ି ଉଠିବ । ପଢ଼ାଇବା ସମୟରେ ବିଭିନ୍ନ ବ୍ୟକ୍ତି କିଂବା ଦଳ ଇତ୍ୟାଦି ସମ୍ପର୍କରେ ଆଲୋଚନା ଓ ସମାଲୋଚନା ଯେପରି ନହୁଏ । ପିଲାମାନେ ଟିକିଏ ଶୃଙ୍ଖଳିତ ହୋଇଗଲେ ପଢ଼ାଟା ତାଙ୍କ ଉପରେ ଛାଡ଼ି ଦେଇ କେବଳ ତାଙ୍କର ଅସୁବିଧା ଦୂର କରିବାକୁ ଚେଷ୍ଟା କରିବେ । ପ୍ରଚଳିତ ଢଙ୍ଗରେ ଅଯଥା ଗୁଡ଼ାଏ ପଢ଼ା ଦେବାର କିଂବା ପଢ଼ା ଆଦାୟ କରିବାର ଭାବ ନରଖି ତାହା ଏପରି ବିଚାରର ସହ କରିବେ ଯେପରି ପିଲା ପାଠ ପ୍ରତି ଆଗ୍ରହୀ ହୋଇ ଉଠିବେ । ପଢ଼ା ଶେଷରେ ଟିକିଏ ନୀରବ ଧ୍ୟାନ କରି ନିଜର ସମସ୍ତ କର୍ମ ମା'ଙ୍କୁ ସମର୍ପଣ କରି ଘରକୁ ଯିବେ । ପାଠପଢ଼ା ଛଡ଼ା ଅନ୍ୟ ସମୟରେ ବିଭିନ୍ନ ବ୍ୟାୟାମ, ଆସନ, ଖେଳ, ବଗିଚାକାମ, ବୁଣାବୁଣି, ଅନ୍ୟାନ୍ୟ ହସ୍ତଶିଳ୍ପ ମଧ୍ୟ ଶିଖାଇବେ । ନିଜ ପରିବେଶ ଓ ପରିସ୍ଥିତିକୁ ନେଇ କିପରି ଭାବରେ ପିଲାଙ୍କୁ ପଢ଼ାଇବାକୁ ହେବ ସେ ସମ୍ବନ୍ଧେ ଯେଉଁମାନଙ୍କର ଧାରଣା ଅଛି ସେମାନେ ବିଭିନ୍ନ ସମ୍ମିଳନୀ ଓ ଶିବିରମାନଙ୍କରେ ଆଗ୍ରହୀ ବ୍ୟକ୍ତିମାନଙ୍କୁ ତାଲିମ ଦେଇ ପାରନ୍ତି ।

ଏସବୁ କାର୍ଯ୍ୟ ଫଳରେ ଆମ ନିଜ ଜୀବନର ବିକାଶ ହେବା ସଙ୍ଗେ ସଙ୍ଗେ ସମାଜ ଜୀବନର ମଧ୍ୟ ବିକାଶ ହେବ । କେବଳ ଆମକୁ ଟିକିଏ ତ୍ୟାଗ ସ୍ୱୀକାର କରି ଆଳସ୍ୟ ବର୍ଜନ କରିବାକୁ ହେବ, ଯେଉଁ ଆଳସ୍ୟ କି ଆମର ସମସ୍ତ ଅଧଃପତନ ଓ ଦାରିଦ୍ର୍ୟର କାରଣ । ମା' ଶ୍ରୀଅରବିନ୍ଦଙ୍କ ଆଦର୍ଶ ଏକ ସଂସାରବିରାଗୀ ଆଧ୍ୟାତ୍ମିକ ଆଦର୍ଶ ନୁହେଁ । ସଂସାରର ସବୁ କର୍ମରେ ସତ୍ୟ ଶିବ ସୁନ୍ଦରଙ୍କର ପ୍ରକାଶ ହେବ । ପାଠଚକ୍ର ଓ ଛାତ୍ରସମାଜର ଭାଇଭଉଣୀମାନେହିଁ ସେଇମାନଙ୍କର ଅକ୍ଲାନ୍ତ ଶ୍ରମ, ନିଜ ଜୀବନର ତ୍ୟାଗ ଓ ଆଦର୍ଶରେ ଏଇ ପ୍ରକାଶର ନୂତନ ମାର୍ଗ ଉନ୍ମୋଚନ କରିବେ । ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ହୋଇପାରେ; କିନ୍ତୁ ସାଧକର ଜୀବନ ତ ଅସୁବିଧାକୁ ସୁବିଧାରେ ପରିଣତ କରିବା ଲାଗି । ଏସବୁ କାର୍ଯ ଆରମ୍ଭ ହେବା ପରେ ପୁଣି ଏ ସମ୍ବନ୍ଧେ ଆଲୋଚନା କରିବା । ଏକ ବୃହତ୍ତର କାର୍ଯ୍ୟ ଲାଗି ଏ ଏକ ପ୍ରସ୍ତୁତି ମାତ୍ର । ମା' ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଯେଉଁ ନୂତନ ଶିକ୍ଷାନୁଷ୍ଠାନମାନ ଗଢ଼ି ଉଠିବ ସେଥିରେ ଶିକ୍ଷକତା ତଥା ଅନ୍ୟାନ୍ୟ କର୍ମ ଏଇ କର୍ମୀମାନଙ୍କ ଦ୍ୱାରାହିଁ ସମ୍ପାଦିତ ହେବ । ପାଠଚକ୍ର ଓ ଛାତ୍ରସମାଜ ଏକ ନୂତନ ଆଦର୍ଶକୁ କେବଳ ଆଲୋଚନା କରିବାର ପୀଠ ନ ହୋଇ ତାକୁ କାର୍ଯ୍ୟକାରୀ କରିବାର ଏକ ସକ୍ରିୟ ଅନୁଷ୍ଠାନରେ ପରିଣତ ହେବ ।

# ଶ୍ରୀଅରବିନ୍ଦ ଜନ୍ମଶତବାର୍ଷିକୀର ଯୋଗ୍ୟ ହେବୁ କିପରି ?

୧୮୭୨ ଅଗଷ୍ଟ ୧୫ ତାରିଖରେ ଶ୍ରୀଅରବିନ୍ଦ ଜନ୍ମଗ୍ରହଣ କରିଥିଲେ । ୧୯୭୨ ଅଗଷ୍ଟ ୧୫କୁ ଶ୍ରୀଅରବିନ୍ଦଙ୍କୁ ୧୦୦ ବର୍ଷ ପୂରିଯାଇଛି । ମା' କହିଛନ୍ତି, ଏହି ଗତ ୧୯୭୧ ମସିହା ଅଗଷ୍ଟ ୧୫ ତାରିଖଠାରୁ ତାଙ୍କର ଜନ୍ମଶତବାର୍ଷିକୀ ଆରମ୍ଭ ହୋଇଯାଇଛି । ତେଣୁ ୧୯୭୧ ଅଗଷ୍ଟ ୧୫ଠାରୁ ଆରମ୍ଭ କରି ସମୁଦାୟ ୧୯୭୨ ମସିହାଟି ବ୍ୟକ୍ତିଗତ, ରାଷ୍ଟ୍ରୀୟ ତଥା ପାର୍ଥିବ ଜୀବନ ପକ୍ଷରେ ବିଶେଷ ଗୁରୁତ୍ୱପୂର୍ଣ୍ଣ । ସେଇଥିଲାଗି ୧୯୭୨ ନବବର୍ଷର ବାର୍ତ୍ତାରେ ମା' କହିଛନ୍ତି :

"Let us all try to be worthy of Sri Aurobindo's centenary."

"ଆସ ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ ନିମନ୍ତେ ଯୋଗ୍ୟ ହୋଇଉଠିବା ଲାଗି ଆମ୍ଭେମାନେ ସମସ୍ତେ ଚେଷ୍ଟା କରିବା ।"

ଜଣେ ସାଧାରଣ ବ୍ୟକ୍ତି ଦୃଷ୍ଟିରେ ଯୋଗ୍ୟ ହୋଇଉଠିବା ଲାଗି ବିଶେଷ କିଛି କଷ୍ଟ ନାହିଁ । ଗୋଟିଏ ବଡ଼ ଇଞ୍ଜିନିୟର, ଡାକ୍ତର, ଆଇ. ଏ. ଏସ୍. ଅଫିସର, କଣ୍ଟ୍ରାକ୍‌ଟର, ପ୍ରଫେସର, ମନ୍ତ୍ରୀ ଅଥବା ଏଇଭଳି ଆଉ କିଛି ହୋଇଗଲେ ହେଲା । କିନ୍ତୁ ଜଣେ ନୂତନ ଯୁଗର ସ୍ରଷ୍ଟା ଅଧ୍ୟାତ୍ମ ଗୁରୁଙ୍କର ଆମେ କିପରି ଉପଯୁକ୍ତ ହୋଇପାରିବୁ ?

ଏହି ଘଟନାରେ ଗୋଟିଏ କଥା ମନକୁ ଆସେ ।

ଥରେ ଜଣେ ଅଧ୍ୟାତ୍ମ ଗୁରୁଙ୍କର ଦେହତ୍ୟାଗର ସମୟ ନିକଟ ହୋଇଗଲା । ସେ ତାଙ୍କର ଶିଷ୍ୟମାନଙ୍କୁ ପାଖକୁ ଡାକି କହିଲେ, "ଆଜକୁ ଆଉ ୧୫ ଦିନ ପରେ ମୁଁ ଦେହ ତ୍ୟାଗ କରିବି । ତୁମ୍ଭେମାନେ ଯାହା ଚାହଁ ତାହା ମାଗିପାର ।"

ପ୍ରଥମ ଶିଷ୍ୟ ଜଣକ କହିଲେ, ''ଆପଣ କ'ଣ ସତରେ ଆମକୁ ଛାଡ଼ି ଚାଲିଯିବେ ? କାହିଁକି ବିଶ୍ୱାସ ହେଉ ନାହିଁ ?''

ଦ୍ୱିତୀୟ ଶିଷ୍ୟ ଜଣକ କହିଲେ, ''ନା, ଆପଣ ଆମକୁ ଏତେ ଶୀଘ୍ର ଛାଡ଼ି ଯାଆନ୍ତୁ ନାହିଁ । ଆଉ କିଛି ବର୍ଷ ରହନ୍ତୁ ।''

ତୃତୀୟ ଶିଷ୍ୟ କହିଲେ, ''ପ୍ରଭୁ ! ଆପଣଙ୍କୁ ଛାଡ଼ି ମୁଁ ଏଠି ବଞ୍ଚିପାରିବି ନାହିଁ କିଂବା ବଞ୍ଚି ରହିବାକୁ ଇଚ୍ଛା କରେ ନାହିଁ । ମୋତେ ମଧ୍ୟ ଆପଣଙ୍କ ସଙ୍ଗରେ ନେଇ ଚାଲନ୍ତୁ ।''

ଚତୁର୍ଥ ଶିଷ୍ୟ କହିଲେ, ''ପ୍ରଭୁ ! ତୁମରି ଇଚ୍ଛା ପୂର୍ଣ୍ଣ ହେଉ । ତୁମେ ଯଦି ଚାହଁ ମୋତେ ସଙ୍ଗରେ ନେଇ ଚାଲ; ନଚେତ୍ ଯଦି ଚାହଁ ମୁଁ ଏହି ପୃଥିବୀପୃଷ୍ଠରେ ରହି ତୁମରି ଇଚ୍ଛା ପୂରଣ ନିମନ୍ତେ କିଛି ସେବା କରିବା ପାଇଁ, ତେବେ ତାହାହିଁ କର । ଯେତେ ଦୁଃଖ, ବାଧାବିପତ୍ତି ଆସୁ ପଛେ ତୁମରି ନିର୍ଦ୍ଦେଶ, ତୁମରି ପ୍ରେରଣା ଓ ତୁମରି ଶକ୍ତି ବଳରେ ମୁଁ ତାକୁ ପରିପୂର୍ଣ୍ଣ ନିଷ୍ଠାର ସହ କରିବି । ମୋର ନିଜର ବ୍ୟକ୍ତିଗତ ଇଚ୍ଛା କିଛି ନାହିଁ ।''

ଗୁରୁ ସବୁ ଶୁଣିସାରି ପ୍ରଥମ ଶିଷ୍ୟକୁ କହିଲେ, ''ତୁମେ କାହିଁକି ଏଠାରେ ଅଛ ? ତୁମର ତ ଏଠାରେ ରହିବାର କୌଣସି ପ୍ରୟୋଜନ ନାହିଁ । ଯେଉଁ ଶିଷ୍ୟ ଗୁରୁଙ୍କ କଥାରେ ଅବିଶ୍ୱାସ ପୋଷଣ କରେ ତା'ର ଗୁରୁଙ୍କ ନିକଟରେ ରହିବାର ବା ଆବଶ୍ୟକତା କ'ଣ ? କେବଳ ବାତାବରଣକୁ କଳୁଷିତ କରିବା ଛଡ଼ା ଆଉ କିଛି ତ ହୁଏ ନାହିଁ ।''

ଦ୍ୱିତୀୟ ଶିଷ୍ୟକୁ କହିଲେ, ''ଭଗବାନଙ୍କର ଯେତେବେଳେ ଯାହା ଇଚ୍ଛା ସେଇ ଅନୁସାରେ ମୋତେ ଚଳିବାକୁ ହେବ । ତୁମର ଅନୁରୋଧ ରକ୍ଷା କରି ହେବ ନାହିଁ । ତୁମର ଇଚ୍ଛାକୁ ଭଗବାନଙ୍କ ଇଚ୍ଛା ନିକଟରେ ସମର୍ପଣ କର । ମୋର ଶରୀର ତ୍ୟାଗରେ ପୃଥିବୀପୃଷ୍ଠରେ ଭଗବାନଙ୍କ ଉଦ୍ଦେଶ୍ୟ ଯଦି ଅଧିକ ଭଲଭାବରେ ପୂରଣ ହୋଇପାରେ ତେବେ ମୋତେ ତାହା କରିବାକୁ ହେବ ।''

ତୃତୀୟ ଶିଷ୍ୟଙ୍କୁ କହିଲେ, ''ମୋ ବ୍ୟତୀତ ତୁମେ ଯଦି ପୃଥିବୀରେ ବଞ୍ଚି ନ ପାରିବ ତେବେ ମୁଁ ତୁମକୁ ସଙ୍ଗରେ ନେଇଯିବି । ସେ ବିଷୟରେ ଆଉ ତୁମେ ଚିନ୍ତା କରନା । ଯଥାର୍ଥରେ ମଧ ତୁମେ ବଞ୍ଚି ପାରିବ ନାହିଁ ।''

ଶେଷରେ ଚତୁର୍ଥ ଶିଷ୍ୟଙ୍କୁ ଡାକି ତାଙ୍କ ମସ୍ତକରେ ହାତ ରଖି କହିଲେ, ''ତୁମେହିଁ ମୋର ଯଥାର୍ଥ ଶିଷ୍ୟ । ମୁଁ ଚାହେଁ ତୁମେ ଏଠାରେ ରହି ମୋର ଲକ୍ଷ୍ୟ ଓ ଆଦର୍ଶର ପରିପୂର୍ଣ୍ଣ ସିଦ୍ଧି ନିମିତ୍ତ କାର୍ଯ୍ୟ କର । ତୁମର ସକଳ ସୁଖଦୁଃଖ, ବାଧାବିପତ୍ତି ଓ ଉତ୍ଥାନ-ପତନ ଭିତରେ ମୋର ଆଶୀର୍ବାଦ ଓ ପ୍ରେମ ତୁମ ସହ ସବୁବେଳେ ରହିଛି । ଦେହତ୍ୟାଗ କଲେ ବି ମୁଁ ତୁମକୁ କେବେ ବି ଛାଡ଼ିବି ନାହିଁ । ଏଥିରେ ବିଶ୍ୱାସ ଓ ନିର୍ଭରତା ରଖିଲେ ବାଧାବିପତ୍ତି ଆସିପାରେ; କିନ୍ତୁ ଚିରଦିନ ଲାଗି ଲକ୍ଷ୍ୟପଥରୁ କେହି ତୁମକୁ ଅଟକାଇ ରଖି ପାରିବେ ନାହିଁ । ବରଂ ସହାୟକାରୀ ହୋଇ ଉଠିବେ ।'' ଏହାର ଠିକ୍ ୧୫ ଦିନ ପରେ ଗୁରୁ ଶରୀର ତ୍ୟାଗ କରିଥିଲେ ।

ତେଣୁ ଜଣେ ଅଧ୍ୟାତ୍ମ ଗୁରୁଙ୍କର ଉପଯୁକ୍ତ ହେବାକୁ ହେଲେ ତାଙ୍କର ଇଚ୍ଛାର ଅନୁରୂପ ହୋଇ ଉଠିବାକୁ ହେବ । ପରିପୂର୍ଣ୍ଣ ରୂପେ ତାଙ୍କରି ସଂକଳ୍ପ ନିକଟରେ ନିଜକୁ ଉତ୍ସର୍ଗ କରି ସେଇଥିଲାଗି କାର୍ଯ୍ୟ କରିବାକୁ ହେବ । ଏ ବହୁତ କଷ୍ଟ; କିନ୍ତୁ ତା'ଛଡ଼ା ଉପାୟ ନାହିଁ ।

ଶ୍ରୀଅରବିନ୍ଦ ଚାହିଁଛନ୍ତି ଯେଉଁ ଅଜ୍ଞାନ ଓ ଅନ୍ଧକାରମୟ ଚେତନା ମଣିଷର ସବୁ ଦୁଃଖକଷ୍ଟର ମୂଳ ସେହି ଚେତନାକୁ ଆଉ ଏକ ଉଚ୍ଚତର, ସତ୍ୟତର, ନୂତନ ଜ୍ୟୋତିର୍ମୟ ଚେତନା ଦ୍ୱାରା ରୂପାନ୍ତରିତ କରି ଚିରଦିନ ଲାଗି ଅସତ୍ୟ ଓ ଅନ୍ଧକାର କବଳରୁ ତାକୁ ଉଦ୍ଧାର କରିବାକୁ । ଏହି ଚେତନାର ପରିବର୍ତ୍ତନ ଫଳରେ ମଣିଷ ଜୀବନରେ ପରିବର୍ତ୍ତନ ଆସିବ ଓ ଜୀବନର ପରିବର୍ତ୍ତନ ଫଳରେ ଧୀରେ ଧୀରେ ତା'ର ସ୍ୱରୂପରେ ମଧ ପରିବର୍ତ୍ତନ ଆସିବ । ଚେତନାର ପରିବର୍ତ୍ତନ ହେଲେ ମଣିଷ ଭିତରେ ବର୍ତ୍ତମାନ ଯେଉଁ ଅନ୍ଧକାରମୟ ପଶୁ ପ୍ରକୃତି କାର୍ଯ୍ୟ କରୁଛି ସେ ସ୍ଥାନରେ ଦିବ୍ୟ ଜ୍ୟୋତିର୍ମୟ

ଭାଗବତ ପ୍ରକୃତି କାର୍ଯ୍ୟ କରିବ । ମଣିଷ ଆଉ ତା'ର ହୀନ ନୀଚତର ପ୍ରକୃତିର ଦାସ ନହୋଇ ଭଗବାନଙ୍କର ଦାସ ହେବ । ସେ ଦାସତ୍ୱରେ ନାହିଁ ଦୁଃଖକଷ୍ଟ, ରୋଗ, ଜରା ଓ ମୃତ୍ୟୁ; ସେଥିରେ ଅଛି ପରିପୂର୍ଣ୍ଣ ଆତ୍ମକର୍ତ୍ତୃତ୍ୱ, ଚିର ଆନନ୍ଦ ଓ ଅମରତ୍ୱ ।

ମିଥ୍ୟା ଉପରେ, ଅନ୍ଧକାର ଶକ୍ତି ଉପରେ ପରିପୂର୍ଣ୍ଣ ବିଜୟ ଓ ସେସବୁର ରୂପାନ୍ତର କେବେ ବି ହୋଇ ନଥିଲା । ତା'ର ସମୟ ଆସି ନଥିଲା । ବର୍ତ୍ତମାନ ସେ ସମୟ ଆସିଯାଇଛି । ଖାଲି ସମୟ ଆସି ନାହିଁ, କ୍ରିୟା ବି ଆରମ୍ଭ ହୋଇଯାଇଛି । ବଡ଼ଦିନ ଉପଲକ୍ଷେ ୨୫.୧୨.୧୯୭୧ ତାରିଖରେ ମା' ଦେଇଥିବା ବାଣୀରେ କହିଛନ୍ତି, ''ମିଥ୍ୟାର ରାଜତ୍ୱ ଶେଷ ହେବାର ସମୟ ଆସିଯାଇଛି । ଏକମାତ୍ର ସତ୍ୟ ମଧ୍ୟରେହିଁ ରହିଛି ପରିତ୍ରାଣ ।'' ଏଣିକି ଶ୍ରୀଅରବିନ୍ଦଙ୍କର ଇଚ୍ଛା ଅଧିକରୁ ଅଧିକ ପୂରଣ ହେବ ଓ ବ୍ୟକ୍ତିଗତ ଜୀବନ, ରାଷ୍ଟ୍ରୀୟ ଜୀବନ ଓ ପୃଥିବୀ ପକ୍ଷରେ ମଧ୍ୟ ତାହା ତାଙ୍କ ଜନ୍ମଶତବାର୍ଷିକୀ ଆରମ୍ଭଠାରୁ ଦ୍ରୁତଗତିରେ ହୋଇ ଚାଲିଛି । ଆଖି ବୁଜି ବସିଲେ ତ ଚଳିବ ନାହିଁ ।

ଆମକୁ କ'ଣ କରିବାକୁ ହେବ ମା' ସେ ବିଷୟରେ ଯାହା କହିଛନ୍ତି ତାହା ନିମ୍ନଲିଖିତ ବାଣୀଟିରେ ସ୍ପଷ୍ଟ ହୋଇଛି :

୧୯୭୨ ଶୁଭ ନବବର୍ଷ

''ଏହି ବର୍ଷଟି ଶ୍ରୀଅରବିନ୍ଦଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ।

ତାଙ୍କରି ବାଣୀକୁ ଅଧିକ ଭଲଭାବେ ବୁଝିବା ଓ ତାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବାହିଁ ପୃଥିବୀପୃଷ୍ଠକୁ ସେ ଗଭୀର ଉଦାରତାର ସହ ଉତାରି ଆଣିଥିବା ସମସ୍ତ ଆଲୋକ, ଜ୍ଞାନ ଓ ଶକ୍ତି ନିମନ୍ତେ ତାଙ୍କ ନିକଟରେ କୃତଜ୍ଞତା ଜଣାଇବାର ନିଶ୍ଚିତ ସର୍ବୋତ୍ତମ ଉପାୟ ।

ତାଙ୍କରି ଶିକ୍ଷା ଆମକୁ ଜ୍ଞାନଦୀପ୍ତ କରୁ ଓ ପରିଚାଳିତ କରୁ ଓ ଆମେ ଆଜି ଯାହା ସମ୍ପାଦନ କରିପାରୁ ନାହିଁ ତାହା ଆସନ୍ତାକାଲି କରିବା ଲାଗି ସମର୍ଥ ହେବୁ ।

ଆସ ଆମେ ସମସ୍ତେ ଆନ୍ତରିକତାର ସହ ଏକ ଯଥାର୍ଥ ମନୋଭାବ ପୋଷଣ କରିବା ଏବଂ ବାସ୍ତବରେ ଏହା ହୋଇଉଠିବ ଏକ ଆନନ୍ଦମୟ ନବବର୍ଷ ।''

— ଶ୍ରୀମା

ଗୋଟିଏ କଥା ଆମକୁ ମନେ ରଖିବାକୁ ହେବ ଯେ, ବ୍ୟକ୍ତିଗତ ଜୀବନରେ ଆମେ ଶ୍ରୀଅରବିନ୍ଦଙ୍କ ବାଣୀକୁ ବୁଝିବା ଓ କାର୍ଯ୍ୟକାରୀ କରିବା ସଙ୍ଗେ ସଙ୍ଗେ ଗୋଷ୍ଠୀଗତ ଜୀବନରେ ମଧ୍ୟ ବୁଝିବା ଓ କାର୍ଯ୍ୟକାରୀ କରିବାକୁ ହେବ । ତା' ନ ହେଲେ ବ୍ୟକ୍ତିଗତ ସାଧନାକୁ ସମଷ୍ଟି ସବୁବେଳେ ପଛରୁ ଟାଣି ଧରିବ ଓ ତା'ର ଅଗ୍ରଗତି ଦୁଃସାଧ୍ୟ ହୋଇଉଠିବ । ଅଗ୍ରଗତି କରି ବି ଲାଭ କ'ଣ ? ତାକୁ ବୁଝିବ କିଏ ? ଆଉ ଉପଭୋଗ କରିବ କିଏ ? ବ୍ୟକ୍ତିଗତ ସିଦ୍ଧି ଯଦି କେବଳ ଲକ୍ଷ୍ୟ ହୋଇଥା'ନ୍ତା ମା'ଙ୍କୁ ଏତେ ଦୀର୍ଘ କାଳ ଧରି ସାଧନା କରିବାକୁ ହୋଇ ନଥା'ନ୍ତା କି ପୃଥିବୀର ସକଳ ବେଦନା, ଦୁଃଖକଷ୍ଟ ଓ ସେସବୁ ଯେଉଁ ଅଜ୍ଞାନ ଅନ୍ଧକାରର ଶକ୍ତିରୁ ଉଦ୍ଭୂତ ସେସବୁକୁ ନିଜ ମଧ୍ୟରେ ଗ୍ରହଣ କରି ରୂପାନ୍ତର କରିବାକୁ ପଡୁ ନଥା'ନ୍ତା । ତେଣୁ ବ୍ୟକ୍ତିଗତ ଜୀବନରେ ଆମକୁ ନିଶ୍ଚୟ ଅଗ୍ରଗତି କରିବାକୁ ହେବ ଓ ତା' ସହ କିଛି ସାମୂହିକ କାର୍ଯ୍ୟ ମଧ୍ୟ କରିବାକୁ ହେବ ।

ସବୁ କାର୍ଯ୍ୟରେ ବିଜୟର ଚାବିକାଠି ହେଉଛି ଆନ୍ତରିକତା ବା ନିଷ୍ଠା । ଆମକୁ କେବଳ ମା'ଙ୍କୁ ପ୍ରାର୍ଥନା କରିବାକୁ ହେବ ଯେ, ଆମେ ସବୁକିଛିକୁ ସହି ଆମର ସକଳ ଚିନ୍ତା, ସକଳ ବାକ୍ୟ, ସକଳ କର୍ମରେ ଯେପରି ପରିପୂର୍ଣ୍ଣ ନିଷ୍ଠାପର ହୋଇଉଠୁ । ଆମେ ଛାତ୍ର ହେଉ, ଶିକ୍ଷକ ହେଉ, କୃଷକ ହେଉ, ଶିଳ୍ପୀ ହେଉ, କାରିଗର ହେଉ, ବ୍ୟବସାୟୀ ହେଉ, ଦେଶର ନେତା ହେଉ ବା ଆଉ ଯାହାକିଛି ହେଉ, ଶ୍ରୀଅରବିନ୍ଦଙ୍କ ଶିକ୍ଷା ଓ ଆଦର୍ଶକୁ ଯେପରି ଆମର ଜୀବନ ଓ କର୍ମରେ ନିଷ୍ଠାର ସହ ଗ୍ରହଣ କରୁ । କାରଣ କେବଳ ତାହାରି ଭିତରେହିଁ ରହିଛି ଏକ ଉଜ୍ଜ୍ୱଳ ଭବିଷ୍ୟତ ଓ ଆମର ବ୍ୟକ୍ତିଗତ ତଥା ପାର୍ଥିବ ଜୀବନର ସକଳ ସମସ୍ୟାର ସମାଧାନ ।

ଏବେ ନିକଟରେ ମା'ଙ୍କୁ ମଧ୍ୟ ପଚରାଯାଇଥିଲା ଯେ ଆମେ କିପରି ଯୋଗ୍ୟ ହୋଇଉଠିବୁ ? ମା' ତା'ର ଉତ୍ତରରେ କହିଥିଲେ :

"Sri Aurobindo is always present. Be sincere and faithful. This is the first condition."

''ଶ୍ରୀଅରବିନ୍ଦ ସବୁବେଳେ ଉପସ୍ଥିତ ଅଛନ୍ତି । ଆନ୍ତରିକ ଓ ବିଶ୍ୱସ୍ତ ହୁଅ । ଏ ହେଉଛି ପ୍ରଥମ ସର୍ତ୍ତ ।''

# ମା' ଶ୍ରୀଅରବିନ୍ଦଙ୍କ ସାହିତ୍ୟ ବୁଝିବା କି କଷ୍ଟ !

"It would seem that one never truly understands until one understands with one's body."

– The Mother

"ଏହା ବୋଧହୁଏ ଯେ, ଯେତେବେଳ ପର୍ଯ୍ୟନ୍ତ ବ୍ୟକ୍ତି ନିଜ ଶରୀରରେ ନବୁଝିଛି ସେତେବେଳ ପର୍ଯ୍ୟନ୍ତ କେବେ ବି ସେ ଯଥାର୍ଥରେ କୌଣସି କଥାକୁ ବୁଝିପାରେ ନାହିଁ ।"

– ଶ୍ରୀମା

"ମା' ଶ୍ରୀଅରବିନ୍ଦଙ୍କ ସାହିତ୍ୟ କି କଷ୍ଟ ! ସେଥିରେ ପୁଣି ଓଡ଼ିଆରେ ଏ ଯେଉଁସବୁ ଅନୁବାଦ ହେଉଛି ତା'ଠାରୁ ବଳି କଷ୍ଟ । ଯେଉଁ ମୌଳିକ ଲେଖା ମା' ଶ୍ରୀଅରବିନ୍ଦଙ୍କ ଯୋଗ ଦର୍ଶନ ଉପରେ ଲେଖା ଯାଉଛି ସେଗୁଡ଼ିକ ବି ଟିକିଏ ସହଜ କରାଯାଉ ନାହିଁ । ଆମେ ତ ଗ୍ରାଜୁଏଟ୍ ହୋଇ ବୁଝିପାରୁନୁ, ଆଉ ସାଧାରଣ ଲୋକେ ବୁଝିବେ କ'ଣ ?"

ବନ୍ଧୁ ଜଣକ ଠିକ୍ କହିଲେ ଯେ, ହେଲେ ଗୋଟିଏ କଥା ଠିକ୍ ବୋଲି ଗ୍ରହଣ କରିହୁଏ ନାହିଁ । କଥାଟି ହେଉଛି, ମା' ଶ୍ରୀଅରବିନ୍ଦଙ୍କ ସାହିତ୍ୟ ବୁଝିବା ଲାଗି ଶିକ୍ଷାଗତ ଯୋଗ୍ୟତା ଉପରେ ଯେଉଁ ଗୁରୁତ୍ୱ ତା'ର କୌଣସି ମୂଲ୍ୟ ନାହିଁ । ପାଠଚକ୍ରର ଅର୍ଦ୍ଧଶିକ୍ଷିତ, ଅଳ୍ପଶିକ୍ଷିତ, ଏପରିକି ସମ୍ପୂର୍ଣ୍ଣ ନିରକ୍ଷର ବ୍ୟକ୍ତି ମା' ଶ୍ରୀଅରବିନ୍ଦଙ୍କର ଯେଉଁ ସାହିତ୍ୟ ବୁଝିପାରନ୍ତି ସେସବୁ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡିଗ୍ରୀଧାରୀ ବ୍ୟକ୍ତିଙ୍କର ମୁଣ୍ଡରେ ବି ପଶେ ନାହିଁ । ଏହି ଅଳ୍ପଶିକ୍ଷିତ ବା ନିରକ୍ଷର ବ୍ୟକ୍ତିମାନେ ନିଜେ ବୁଝିଥିବା କଥାକୁ ଅବଶ୍ୟ ଅନ୍ୟମାନଙ୍କୁ ବୁଝାଇ ନପାରନ୍ତି; କିନ୍ତୁ ତାଙ୍କର ସରଳ ହୃଦୟ ଖାଲି ବୁଝି ନଥାଏ, ସେଥିରୁ ଆନନ୍ଦର ରସ ମଧ ଉପଲବ୍ଧି କରିଥାଏ । ତା'ର କାରଣ କେବଳ ନିଜର

ଭାଷାଜ୍ଞାନ ଖଟାଇ କିଂବା ଅଭିଧାନରୁ ଶବ୍ଦର ଅର୍ଥ ବାହାର କରି ମା’ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ବୁଝିବା ସମ୍ଭବ ନୁହେଁ । ଏଥିପାଇଁ ଆବଶ୍ୟକ ଚେତନାର ବିକାଶ । ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଯୋଗ୍ୟତା ଏହା ବୁଝିବା ପାଇଁ ଟିକିଏ ସାହାଯ୍ୟ କରିପାରେ; କିନ୍ତୁ ବୁଝିବାଟା ଯେ ସମ୍ପୂର୍ଣ୍ଣ ତା’ରି ଉପରେ ନିର୍ଭର କରେ, ତା’ ନୁହେଁ ।

କିନ୍ତୁ ଏକଥା ସତ ଯେ, ମା’ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ବୁଝିବା ବହୁତ କଷ୍ଟ, ବିଶେଷ କରି ଶ୍ରୀଅରବିନ୍ଦଙ୍କର । ତେବେ ଆଉ କେଉଁ ସାହିତ୍ୟ ଅଛି ଯାହାକୁ ପଢ଼ି କିଂବା ଶୁଣି ଆମେ ଖୁବ୍ ସହଜରେ ବୁଝିପାରୁ ? ନଚେତ୍ ‘କଷ୍ଟ’ ବୋଲି ଶବ୍ଦଟି ବ୍ୟବହାର କରନ୍ତୁ ନାହିଁ । ସେ ସାହିତ୍ୟ ତ ଆମର ଖୁବ୍ ପରିଚିତ । ଆଇମା’ କାହାଣୀକୁ ନଜାଣେ କିଏ ? କାରଣ ଛୋଟ ପିଲାଟିବେଳୁ ଆମ ମନର ଅବିକଶିତ ଅବସ୍ଥାରେ ବି ଆମେ ଅନ୍ୟମାନଙ୍କଠାରୁ ସେସବୁ ଗପ ଶୁଣି ବେଶ୍ ବୁଝିପାରୁ ଓ ଉପଭୋଗ କରିପାରୁ ।

ସେହି ଆଇମା’ କାହାଣୀରୁ ଯାହା ଆମେ ପଢୁ ବା ଶୁଣୁ ସେଥିରୁ କିଛି ଅଂଶ ଏଠାରେ ଉଦ୍ଧାର କରିବା । ରଜାପୁଅ ରଜାଝିଅ କାହାଣୀରେ ଥାଏ; ‘‘ସାତତାଳ ପାଣି, ଆଠତାଳ ପଙ୍କ, ତା’ ଭିତରେ ଅଛି ସୁନାର ଫରୁଆ, ସୁନାର ଫରୁଆ ଭିତରେ ରହିଛି ଗୋଟିଏ ଭଅଁର । ଯେଉଁ ରଜାପୁଅ ସେଠାକୁ ଯାଇ ଏକା ଖଣ୍ଡା ଚୋଟରେ ଫରୁଆ ସହ ଭଅଁରକୁ ହାଣିଦେଇ ପାରିବ ସେ ରଜାଝିଅକୁ ପାଇବ ।’’

ଆଚ୍ଛା, ଏଠାରେ ଆମେ ମା’ ଶ୍ରୀଅରବିନ୍ଦଙ୍କ ସାହିତ୍ୟରୁ ମଧ୍ୟ କିଛି ଉଦ୍ଧାର କରିବା । ଶାନ୍ତି ଲାଭ କରିବା ସମ୍ପର୍କରେ ମା’ କହିଛନ୍ତି :

‘‘ସବୁବେଳେ ସନ୍ତୁଷ୍ଟ ରହ ଏବଂ ଅନ୍ତରର ଗଭୀରରେ ବାସ କର — ଖୁବ୍ ଗଭୀରରେ । ଶାନ୍ତି ଲାଭ କରିବାର ଏହାହିଁ ଏକମାତ୍ର ଉପାୟ ।’’

— ଶ୍ରୀମା

ଯଦି ଆମେ ଟିକିଏ ଦୂରଦୃଷ୍ଟିର ସହ ବିଚାର କରିବା ତେବେ ଦେଖିବା

ଆମର ଅସୁବିଧାଟା କେଉଁଠି । ସାତତାଳ ପାଣି, ଆଠତାଳ ପଙ୍କ, ସୁନାର ଫରୁଆ, ଭଅଁର, ରଙ୍ଗାପୁଅ, ଖଣ୍ଡାରେ ହାଣି ଦେବା ଓ ରଜାଝିଅ ଇତ୍ୟାଦି ଶବ୍ଦକୁ ବୁଝିବାକୁ ଆମକୁ ମୁହୂର୍ତ୍ତେ ବି ଲାଗେ ନାହିଁ । କାରଣ ଏସବୁ ହେଉଛି ସ୍ଥୂଳବସ୍ତୁ ଯାହାକୁ ଆମେ ଆଖିରେ ଦେଖିପାରୁ, ହାତରେ ଛୁଇଁପାରୁ ଓ ଅନ୍ୟାନ୍ୟ ବାହ୍ୟ ଇନ୍ଦ୍ରିୟ ଦ୍ୱାରା ସହଜରେ ଜାଣିପାରୁ । କିନ୍ତୁ ସନ୍ତୁଷ୍ଟ ହେବା, ଅନ୍ତରର ଗଭୀର, ଶାନ୍ତି ଇତ୍ୟାଦି ଶବ୍ଦ ସ୍ଥୂଳ ବସ୍ତୁକୁ ବୁଝାଉ ନାହିଁ ଯାହାକୁ ଆମେ ଛୁଇଁଦେବୁ ବା ଦେଖି ଦେଇ ଜାଣିନେବୁ । ଏସବୁ ଅନୁଭୂତିର ବସ୍ତୁ । ଏପରିକି ଅନେକ ଲୋକ ଏସବୁକୁ ଅନୁଭବ କରିଥିଲେ ବି ତାହାକୁ ମନରେ ବୁଝିପାରନ୍ତି ନାହିଁ । କେବଳ ଯେ ଶବ୍ଦଗୁଡ଼ିକ ବୁଝିବାକୁ କଷ୍ଟ ତା' ନୁହେଁ, ସମୁଦାୟ ବାକ୍ୟଟିର ଭାବାର୍ଥ ମଧ୍ୟ ବୁଝିବାକୁ କଷ୍ଟ ହୁଏ । କାରଣ ସାତତାଳ ପାଣି, ଆଠତାଳ ପଙ୍କ ଓ ସେଠାକୁ ଯାଇ ଫରୁଆ ଭିତରେ ଭଅଁରକୁ ଏକା ଚୋଟକେ ହାଣି ନପାରିଲେ ବି ଆମେ କଳ୍ପନା କରିପାରିବୁ । କିନ୍ତୁ ଅନ୍ତରର ଗଭୀରକୁ ଯାଇ ଶାନ୍ତି ପାଇବା ଆମ ଭଳି ଅଜ୍ଞାନ ଅନ୍ଧକାରାଚ୍ଛନ୍ନ ବ୍ୟକ୍ତିଙ୍କ ପକ୍ଷରେ କଳ୍ପନା କରିବା ବି ଅସମ୍ଭବ ହୋଇପଡ଼େ । ଅନୁଭୂତି ନଥିବାରୁ ବୁଝି ତ ହୁଏ ନାହିଁ, ତା'ଛଡ଼ା କିମ୍ଭୂତ କିମାକାର ଲାଗେ । ବରଂ ସିନେମା ଟିକେ ଦେଖି ଦେଇ କିଂବା ଅନ୍ୟ କୌଣସି ଶସ୍ତା ସ୍ଫୂର୍ତ୍ତି ଟିକେ କରି ଦେଇ ଶାନ୍ତି ପାଇବାର ବ୍ୟର୍ଥ ଚେଷ୍ଟା କରୁ ।

ମା' ଶ୍ରୀଅରବିନ୍ଦଙ୍କ ସାହିତ୍ୟରେ ସ୍ଥୂଳ ବସ୍ତୁକୁ ବୁଝାଉଥିବା ଶବ୍ଦ ସହ ଅତୀନ୍ଦ୍ରିୟ ସୂକ୍ଷ୍ମ ଅନୁଭୂତି ଓ ତତ୍ତ୍ୱ ସବୁକୁ ବୁଝାଉଥିବା ଶବ୍ଦ ରହିଥିବାରୁ ଆମକୁ ବୁଝିବାରେ କଷ୍ଟ ହୋଇଥାଏ । ଏ କ୍ଷେତ୍ରରେ ଯଦି ଆମେ ଅଭିଧାନର ଆଶ୍ରୟ ନେଇ ଅନ୍ତର, ଶାନ୍ତି, ସନ୍ତୁଷ୍ଟ ଆଦି ଶବ୍ଦର ଅର୍ଥ ବାହାର କରୁ ତେବେ ବି ଆମେ ବୁଝିପାରୁ ନାହିଁ । ଅନ୍ୟାନ୍ୟ ସାହିତ୍ୟ ଭଳି କେବଳ ମନକୁ ନେଇ ମା' ଶ୍ରୀଅରବିନ୍ଦଙ୍କ ସାହିତ୍ୟ ବୁଝି ହେବ ନାହିଁ । ଏଥିଲାଗି ଦରକାର ସାଧାରଣ ମନର ଊର୍ଦ୍ଧ୍ୱରେ ତଥା ଗଭୀରରେ ଥିବା ଚେତନାର ବିକାଶ । ଚେତନାରେ

ଯଦି ଆମେ ଶାନ୍ତି କ'ଣ, ସନ୍ତୁଷ୍ଟ ହେବା କ'ଣ ଜାଣି ନଥିବୁ ତେବେ ବାହାରୁ ଅଭିଧାନ ଦେଖି ବୁଝିବା ସମ୍ଭବ ନୁହେଁ । ଚେତନାର ବିକାଶ ଯେତେ ଯେତେ ହେଉଥିବ, ଏସବୁ ସାହିତ୍ୟର ଗଭୀରତର ଅର୍ଥ ସେତେ ଆମ ଆଗରେ ଖୋଲି ଯାଉଥିବ ।

ତେଣୁ ଆମର ସହଜତମ ସାହିତ୍ୟ ସହ ମା' ଶ୍ରୀଅରବିନ୍ଦଙ୍କ ସାହିତ୍ୟ ତୁଳନା କରି ଦେଖିଲେ ଯେ ବାସ୍ତବରେ ଭାଷା ଦୃଷ୍ଟିରୁ କେବଳ ଏହା କଷ୍ଟ କରି ଲେଖାଯାଇ ନାହିଁ । କାରଣ ଅନ୍ତର, ଶାନ୍ତି, ସନ୍ତୁଷ୍ଟ – ଏସବୁ ଶବ୍ଦ ପରିବର୍ତ୍ତେ ଆମେ ଆଉ କିଛି ସହଜ ଶବ୍ଦ ବ୍ୟବହାର କରିପାରିବା କି ? ସେହିପରି ମନ, ପ୍ରାଣ, ଜ୍ଞାନ, ଆତ୍ମା, ଚୈତ୍ୟପୁରୁଷ, ସତ୍ୟ, ଅଧିମାନସ, ଅତିମାନସ, ସମର୍ପଣ, ରୂପାନ୍ତର ଆଦି ଶବ୍ଦଗୁଡ଼ିକର ଆଉକିଛି ସହଜ ଶବ୍ଦ ବାହାର କରିପାରିବା ନାହିଁ । ସେସବୁ ଶବ୍ଦ କୌଣସି ବାହ୍ୟ ସ୍ଥୂଳ ବସ୍ତୁକୁ ନବୁଝାଇ ଗଭୀରତମ ଓ ଉଚ୍ଚତମ ସୂକ୍ଷ୍ମ ବସ୍ତୁକୁ ବୁଝାଉଥିବାରୁ ଓ ଆମର ସେ ସୂକ୍ଷ୍ମ ଜଗତ ସହ ସମ୍ପର୍କ ନଥିବାରୁ ଆମେ ତାକୁ ବୁଝିପାରି ନଥାଉ । ଯେତେ ସହଜ କରି ଲେଖିଲେ ବି ସେସବୁ ଶବ୍ଦ ବ୍ୟବହାର କରିବାକୁ ହୁଏ । ଯେହେତୁ ସେସବୁ ଶବ୍ଦକୁ ଆମେ ବୁଝିପାରୁ ନାହିଁ, ସମଗ୍ର ସାହିତ୍ୟ ଆମକୁ କଷ୍ଟ ଲାଗେ । ତେଣୁ ଏ କ୍ଷେତ୍ରରେ ମା' ଶ୍ରୀଅରବିନ୍ଦଙ୍କ ସାହିତ୍ୟ ବା ସେ ସମ୍ବନ୍ଧେ ଯେଉଁମାନେ ଲେଖୁଛନ୍ତି ତାଙ୍କର ଦୋଷ ନ ଦେଇ ପ୍ରକୃତରେ ଏହାକୁ ପଢ଼ିବାର ଧାରା କ'ଣ ବୋଲି ଜାଣିବାକୁ ଚାହିଁଲେ ଭଲ ହୁଅନ୍ତା ନାହିଁ କି ?

ପ୍ରଥମେ ଆମେ ଜାଣି ରଖିବା ଉଚିତ, କ'ଣ ପାଇଁ ଆମେ ମା' ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ କରୁଛୁ । ଆମର ଲକ୍ଷ୍ୟ ସ୍ଥିର ହୋଇଗଲେ ତା'ପରେ ଆମର କାର୍ଯ୍ୟର ଧାରା ସେହି ଅନୁସାରେ ଚାଲେ । ଆମେ କ'ଣ ମା' ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପଢୁ ଆମର ପଢ଼ା ବହି ଦୃଷ୍ଟିରୁ ନା ଅନ୍ୟାନ୍ୟ ଉପନ୍ୟାସ ପଢ଼ି ଉପଭୋଗ କରିବା ଦୃଷ୍ଟିରୁ, ନା ଜ୍ଞାନ ବୃଦ୍ଧି କରିବା ଦୃଷ୍ଟିରୁ, ନା ନିଜେ ପଢ଼ି ଅନ୍ୟମାନଙ୍କୁ ବୁଝାଇବା ଦୃଷ୍ଟିରୁ ? ଏସବୁ କୌଣସିଟି ବି

ଆମର ଲକ୍ଷ୍ୟ ନୁହେଁ । ଏସବୁ ଲକ୍ଷ୍ୟସାଧନର ଆନୁଷଙ୍ଗିକ କ୍ରିୟା ରୂପେ ଆସିପାରେ । କିନ୍ତୁ ଆମର ମା' ଶ୍ରୀଅରବିନ୍ଦଙ୍କର ସାହିତ୍ୟ ଅଧ୍ୟୟନର ପ୍ରଧାନ ଲକ୍ଷ୍ୟ ହେଉଛି ସେମାନେ ଯେଉଁ ନୂତନ ସତ୍ୟ, ନୂତନ ଚେତନା ଓ ନୂତନ ଆଦର୍ଶକୁ ସେହି ପୁସ୍ତକ ମାଧ୍ୟମରେ ପ୍ରକାଶ କରିଛନ୍ତି ସେହି ସତ୍ୟ, ସେହି ଚେତନା ଓ ସେହି ଆଦର୍ଶକୁ ଆମ ମଧ୍ୟରେ ବାସ୍ତବ ରୂପ ଦେବା ଓ ଆମେ ତାହାହିଁ ହୋଇ ଉଠିବା । ଏଇ ଲକ୍ଷ୍ୟ ନେଇ ଯଦି ଆମେ ପଢୁ ତେବେ ମନରେ ବୁଝିବା ନ ବୁଝିବାରେ ଆଉ କିଛି ଗୁରୁତ୍ୱ ରହିବ ନାହିଁ । ଚେତନା ଉନ୍ନତ ହେଲେ ମନ ଆପେ ଆପେ ବୁଝିପାରେ । ବାସ୍ତବରେ ଖାଲି ମନରେ ବୁଝି ପଣ୍ଡିତ ହେବାରେ କିଛି ଲାଭ ନାହିଁ । ଯଦି ଆମ ଚେତନା ଗ୍ରହଣ ନ କରେ ତେବେ ସେ ପଢ଼ା ଆମର ବିଶେଷ କିଛି କାମରେ ଲାଗେ ନାହିଁ ।

ଥରେ ଜଣେ ପଣ୍ଡିତ ଥିଲେ । ସେ ସବୁଦିନେ ଶାସ୍ତ୍ର ଆଲୋଚନା କରନ୍ତି । ଅନେକ ଲୋକ ଯାଇ ଶୁଣନ୍ତି । ସେମାନଙ୍କ ମଧ୍ୟରେ ଅପାଠୋଇ ଗଉଡୁଣୀଟିଏ ମଧ୍ୟ ବେଳେବେଳେ ଦୁଧଦହି ବିକିବାକୁ ଯାଇ ସମୟ ପାଇଲେ ଶୁଣେ । ଥରେ ଗଉଡୁଣୀଟି ଦୁଧଦହିର ପସରା ମୁଣ୍ଡାଇ ଘରୁ ବାହାରି ଆର ଗାଁକୁ ଆସିଲାବେଳକୁ ବାଟରେ ଯେଉଁ ନଈଟି ପଡ଼େ ସେଥିରେ ସେଦିନ ଡଙ୍ଗାଟି କୁଆଡ଼େ ବୁଡ଼ି ଯାଇଥିବାରୁ କେହି ପାରଉତାର ହୋଇପାରୁ ନଥା'ନ୍ତି । ଭରା ନଈ । ଏଣେ କିନ୍ତୁ ଦିନେ ଦୁଧଦହି ନବିକିଲେ ତା' କୁଟୁମ୍ବ ଅଚଳ । ଶେଷକୁ ପଣ୍ଡିତଙ୍କ କଥା ତା'ର ମନେ ପଡ଼ିଲା । ଶାସ୍ତ୍ର ଆଲୋଚନା ସମୟରେ ସେ ଥରେ କହୁଥିଲେ, ଭଗବାନଙ୍କ ନାମ ସ୍ମରଣ କଲେ ଯେକୌଣସି ଅସାଧ୍ୟ ସାଧନ କରି ହେବ । ଭଗବାନଙ୍କ ନାମ ସ୍ମରଣ କରି ସେ ନଈରେ ପଶିଲା । ଶରୀର ତା'ର ତୁଳା ଭଳି ହାଲୁକା ଲାଗିଲା । ମାଟି ଉପରେ ଚାଲିଲା ଭଳି ପାଣି ଉପରେ ଚାଲି ଚାଲି ସେ ଆରପଟକୁ ଚାଲି ଆସିଲା ।

ଗାଁ ଭିତରକୁ ଯାଇ ପଣ୍ଡିତଙ୍କ ଘରେ ପହଞ୍ଚିଲା । ପଣ୍ଡିତେ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ବିନା ଡଙ୍ଗାରେ ଭରା ନଈ ପାରହୋଇ

କିପରି ଆସିଲା ବୋଲି ପଚାରିଲେ । ଗଉଡୁଣୀ ସମସ୍ତ ବିଷୟ କହିବାରୁ ପଣ୍ଡିତ ମହାଶୟ ବହୁ କୌତୂହଳୀ ହୋଇ ନିଜେ ପରୀକ୍ଷା କରିବା ନିମନ୍ତେ ଗଉଡୁଣୀକୁ ସଙ୍ଗରେ ଧରି ନଈ କୂଳକୁ ଗଲେ । ନଈ କୂଳରେ ପହଞ୍ଚି ଭଗବାନଙ୍କ ନାମ ଉଭୟେ ସ୍ମରଣ କରି ପାଣିରେ ପଶିଲେ । ଗଉଡୁଣୀ ଯାଇ ନଈ ଅଧରେ ହୋଇ ପଛକୁ ଚାହିଁଲା ବେଳକୁ ପଣ୍ଡିତ ମହାଶୟ ଲୁଗାକୁ ଟେକିଟାକି ଜଘେଂ ପାଣିରେ ଛିଡ଼ା ହୋଇଛନ୍ତି । ଗଉଡୁଣୀ କହିଲା, "ଭଲ ବିଶ୍ୱାସ ! ଏଣେ ଭଗବାନଙ୍କ ନାମ ସ୍ମରଣ କରୁଥାଅ, ତେଣେ ଲୁଗା କାଳେ ଓଦା ହୋଇଯିବ ବୋଲି ତାକୁ ଟେକି ଧରୁଥାଅ !"

ଏହି କ୍ଷେତ୍ରରେ ଗଉଡୁଣୀଟି ପାଠଶାଠ ନପଢ଼ିଥିଲେ ବି ଭଗବାନଙ୍କ ନାମ-ଜପର ମାହାତ୍ମ୍ୟ ତା'ର ଚେତନାରେ ଗ୍ରହଣ କରିଛି । କିନ୍ତୁ ପଣ୍ଡିତ ମହାଶୟ ମନରେ ସବୁ ବୁଝିଥିଲେ ବି ତାଙ୍କ ଚେତନା ଯଥାର୍ଥ ସତ୍ୟକୁ ଗ୍ରହଣ କରିପାରି ନାହିଁ ।

ତେଣୁ ଆମେ ମା' ଶ୍ରୀଅରବିନ୍ଦଙ୍କର ବହି ପଢ଼ିବା ସମୟରେ ମନରେ ବିଶେଷ ବୁଝିବାକୁ ଚେଷ୍ଟା ନକରି ସେମାନେ ଯେଉଁ ଚେତନାରେ ରହି ଲେଖିଛନ୍ତି ସେହି ଚେତନାର ସ୍ପର୍ଶ, ତା'ରି ସ୍ପନ୍ଦନ ଲାଭ କରିବା ପାଇଁ ଅଭୀପ୍ସା କରିବା ଭଲ । ମା' ଶ୍ରୀଅରବିନ୍ଦଙ୍କ ରଚନାବଳୀ ସାଧାରଣ ରଚନାବଳୀ ନୁହେଁ । ସେଗୁଡ଼ିକର ପଶ୍ଚାତରେ ଅନନ୍ତ ଶକ୍ତି ରହିଛି । ପାଠଚକ୍ର କିଂବା ଛାତ୍ର-ସମାଜରେ ଏହିସବୁ ବହି ଯେତେବେଳେ ପଢ଼ାଯାଉଥାଏ ତା'ର ଶକ୍ତିଶାଳୀ ସ୍ପନ୍ଦନ ଲାଭରୁ କେହି ବଞ୍ଚିତ ହୁଅନ୍ତି ନାହିଁ । କଦର୍ଯ୍ୟ ଗାଳିଗୁଲଜ ଶୁଣିଲେ ତା'ର ସ୍ପନ୍ଦନ ଆମଠାରେ ବାଜି ଯେପରି ଦୁଃଖ ଜାତ କରାଏ, ସେହିପରି ସତ୍ୟକୁ ପ୍ରକାଶ କରୁଥିବା ସାହିତ୍ୟ ଶୁଣିଲେ ତା'ର ସ୍ପନ୍ଦନ ଆମ ମଧ୍ୟରେ ସତ୍ୟ ଶକ୍ତିର ସଞ୍ଚାର କରାଇଥାଏ । ବିଶେଷ କରି ଶ୍ରୀଅରବିନ୍ଦଙ୍କର 'ସାବିତ୍ରୀ' (Savitri) ଓ 'ମା' (The Mother) ବହି ଓ ମା'ଙ୍କର 'ଧ୍ୟାନ ଓ ପ୍ରାର୍ଥନା' (Prayers and Meditations) ବହିର ପ୍ରତ୍ୟେକଟି

ଶବ୍ଦ, ପ୍ରତ୍ୟେକଟି ଧାଡ଼ି ମନ୍ତ୍ର ଭଳି । ତାକୁ ମନରେ ବୁଝିବାର ଅପଚେଷ୍ଟା ନକରି ନୀରବ ମନରେ କେବଳ ହୃଦୟରେ ଏକାଗ୍ର ହୋଇ ତାଙ୍କରି (ମା' ଶ୍ରୀଅରବିନ୍ଦଙ୍କ) ଚରଣରେ ସମର୍ପଣ ପୂର୍ବକ ପ୍ରତ୍ୟହ ନିୟମିତ କିଛି କିଛି ପାଠ କଲେ ସେଇହିଁ ସାଧନାର ଚରମ ଶିଖରକୁ ଆମକୁ ନେଇଯାଇ ପାରିବ । ବୁଝିବା ନବୁଝିବା ଉପରେ କିଛି ଯାଏ ଆସେ ନାହିଁ । ନିଆଁକୁ ଜାଣି କରି ଛୁଇଁଲେ ଯେପରି ହାତ ପୋଡ଼ିଯାଏ, ନଜାଣି ଛୁଇଁଲେ ବି ସେହିପରି ହାତ ପୋଡ଼ିଯିବ ।

ମା' ଶ୍ରୀଅରବିନ୍ଦଙ୍କ ବହି କିପରି ପଢ଼ିବା ଉଚିତ ସେ ସମ୍ବନ୍ଧେ ମା'ଙ୍କୁ ଥରେ ପ୍ରଶ୍ନ ପଚରାଯାଇଥିଲା । ମା' ତା'ର ଉତ୍ତରରେ କହିଥିଲେ, ''ଏଥିପାଇଁ ଉପଯୁକ୍ତ ପଦ୍ଧତି ହେଉଛି ଏକ ଗଭୀର ଏକାଗ୍ରତା ସହ ଅଳ୍ପ ପଢ଼ିବା, ତା'ପରେ ମନକୁ ଯେତେଦୂର ସମ୍ଭବ ନୀରବ ରଖିବା; ବୁଝିବା ପାଇଁ କୌଣସି ସକ୍ରିୟ ଚେଷ୍ଟା ଉପରେ ଜୋର୍ ନଦେଇ ନୀରବତାର ସହ ଚେତନାକୁ ଊର୍ଦ୍ଧ୍ୱାଭିମୁଖୀ ରଖି ଆଲୋକ ନିମନ୍ତେ ଅଭୀପ୍ସା କରିବା । ତେବେ ତୁମେ ଧୀରେ ଧୀରେ ସବୁ ବୁଝିବା ପାଇଁ ସମର୍ଥ ହେବ ।

''ପରେ ବର୍ଷେ ଦୁଇବର୍ଷ ଭିତରେ ତୁମେ ପୁଣି ଥରେ ସେହି ବିଷୟ ପଢ଼ି ଦେଖିବ, ପ୍ରଥମ ଥର ଯାହା ବୁଝିଥିଲ ତାହା ଅନେକଟା ଅସ୍ପଷ୍ଟ ଓ ଅପୂର୍ଣ୍ଣ ଏବଂ ଦେଖିବ ଯେ ଏହିପରି ଅଭ୍ୟାସ କରିବା ଦ୍ୱାରାହିଁ ଯଥାର୍ଥ ବୁଝିବାଟା ପରେ ଆସିବ ।''

(ବୁଲେଟିନ୍ – ଫେବ୍ରୁଆରି, ୧୯୬୪)

'ଧ୍ୟାନ-ପ୍ରାର୍ଥନା', 'ସାବିତ୍ରୀ' ଓ 'ମା' ବହିକୁ ଛାଡ଼ି ଦେଲେ ଅନ୍ୟାନ୍ୟ ବହିକୁ ପଢ଼ି ବୁଝିବାକୁ ଦରକାର ପଡ଼ିଥାଏ । ତାହା ସାଧନାରେ ମଧ୍ୟ ସାହାଯ୍ୟ କରେ । କିନ୍ତୁ ମା' ଶ୍ରୀଅରବିନ୍ଦଙ୍କ ମୂଳ ଲେଖାକୁ ହଠାତ୍ ବୁଝି ହେବ ନାହିଁ ବୋଲି ତାଙ୍କରି ଲେଖା ଉପରେ ବିଭିନ୍ନ ସାଧକ ବିଭିନ୍ନ ଭାଷାରେ ଯଥାସମ୍ଭବ ସରଳଭାବେ ପୁସ୍ତକ ଲେଖିବାକୁ ଚେଷ୍ଟା କରିଛନ୍ତି । ସେଗୁଡ଼ିକ ମଧ୍ୟ ସାଧନାର

ପ୍ରାରମ୍ଭିକ ଅବସ୍ଥାରେ ବହୁତ ସହାୟକାରୀ ରୂପେ କାମ କରୁଛି । ଓଡ଼ିଆ ଭାଷାରେ ଲୋକ-ସାହିତ୍ୟ ଆକାରରେ ସେପରି ଅନେକ ସରଳ ବହି ପ୍ରକାଶ ପାଇଛି । ଲୋକ-ସାହିତ୍ୟ ବନ୍ଦ ହୋଇଯିବା ପରେ 'ନବପ୍ରକାଶ'ରେ ମଧ୍ୟ ଯଥାସମ୍ଭବ ସରଳ ଲେଖା ପ୍ରକାଶ କରାଯିବାକୁ ଚେଷ୍ଟା କରାଯାଉଛି । ଯଦି କିଛି କଷ୍ଟବୋଧ ହେଉଥାଏ ତେବେ ଏହି ବିଷୟର ପ୍ରଥମରେ ବର୍ଣ୍ଣନା କରାଯାଇଥିବା ଶବ୍ଦଗୁଡ଼ିକର ଓ ଭାବରାଜିର ଅତୀନ୍ଦ୍ରିୟତା ଯୋଗୁଁ ହୋଇ ପାରୁଥାଏ କିନ୍ତୁ ପ୍ରତିଦିନ ଅଭ୍ୟାସ କରି କିଛି କିଛି ପଢ଼ିଲେ ଓ ଧୀରେ ଧୀରେ ଆମ ଚେତନାର ବିକାଶ ହେଲେ ଆମେ ଆଜି ଯାହାକୁ ବୁଝିପାରୁନୁ ଦୁଇବର୍ଷ ପରେ ଅନେକ ପରିମାଣରେ ଭଲଭାବେ ବୁଝିପାରିବା, ଦଶବର୍ଷ ପରେ ପଢ଼ିଲେ ଆହୁରି ନୂତନ ଅର୍ଥ ସେଥିରୁ ପାଇ ପାରିବା । କିନ୍ତୁ ବୁଝି ହେଉ ନାହିଁ ବୋଲି ବିରକ୍ତ ହୋଇ ଛାଡ଼ି ଦେଲେ କିଛି ହେବ ନାହିଁ ।

'ଅ', 'ଆ' ଆମର ହୋଇଯାଇଛି ଓ ସହଜ ଲାଗୁଛି ବୋଲି କ'ଣ ସବୁଦିନେ 'ଅ' 'ଆ' ମଡ଼ାଉଥିବା ? ନୂଆ ପାଠ କଷ୍ଟ ଲାଗିବ ବୋଲି କ'ଣ ଛାଡ଼ି ଦେବା ? ଅଗ୍ରଗତି କରିବାକୁ ହେଲେ ତ କଷ୍ଟ ପଡ଼େ; ସେଥିରେ ହତାଶ ହେବାର କାରଣ କ'ଣ ?

ଆଜି ମନରେ ବୁଝି ହେଉ ନାହିଁ ବୋଲି ଏତେ ହତାଶା । କିନ୍ତୁ ଦିନେ ମା' ଶ୍ରୀଅରବିନ୍ଦଙ୍କ ଲେଖାକୁ ଏ ଜଡ଼ ଶରୀରକୁ ମଧ୍ୟ ବୁଝିବାକୁ ହେବ । ନିଆଁରେ ହାତ ଦେଇ, ବରଫରେ ହାତ ଦେଇ ଶରୀର ଯେପରି ଅନୁଭବ ଦ୍ୱାରା ସ୍ପଷ୍ଟଭାବେ, ସହଜରେ ବୁଝିପାରେ, ସେହିପରି ମା' ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଶରୀର ଯେତେବେଳେ ଅନୁଭବ ଦ୍ୱାରା ବୁଝି ପାରିବ, ସେତେବେଳେ ଯାଇ ମଣିଷର ବୁଝିବା ସମ୍ପୂର୍ଣ୍ଣ ହେବ । ଖାଲି ବୁଝିବାରେ ଅଟକିଯିବ ନାହିଁ, ମଣିଷ ଶରୀର ସେହି ସାହିତ୍ୟ ଯେଉଁ ସତ୍ୟ, ଯେଉଁ ଚେତନାକୁ ପ୍ରକାଶ କରୁଛି ସେହି ସତ୍ୟ, ସେହି ଚେତନାକୁ ସାକ୍ଷାତ୍‌ଭାବେ ବ୍ୟକ୍ତ କରିବ ।

# ଧର୍ମ ଓ ଆଧ୍ୟାତ୍ମିକତା

ଆମର ଯେପରି ହିନ୍ଦୁ ଧର୍ମ, ଇସଲାମ ଧର୍ମ, ଖ୍ରୀଷ୍ଟ ଧର୍ମ, ବୌଦ୍ଧ ଧର୍ମ, ଜୈନ ଧର୍ମ – ଏମିତି କେତେ ଧର୍ମ ଅଛି, କୁହାଯାଏ ଶ୍ରୀଅରବିନ୍ଦଙ୍କ ଯୋଗ ଏପରି ଏକ ଧର୍ମ ନୁହେଁ । ଏହା ଆଧ୍ୟାତ୍ମିକତା । ତେବେ ଆଧ୍ୟାତ୍ମିକତା କ'ଣ ଆଉ ଧର୍ମ କ'ଣ ? ଏ ଦୁହିଁଙ୍କ ଭିତରେ କ'ଣ ପ୍ରଭେଦ ଅଛି ?

ସେସବୁ କଥା ବର୍ତ୍ତମାନ ଥାଉ । ସେସବୁ ବହୁତ ଗହନ କଥା । ବର୍ତ୍ତମାନ ଚାଲ ଟିକିଏ ସ୍କୁଲ ପାଠ କଥା ଆଲୋଚନା କରିବା । ଆଚ୍ଛା, ତୁମମାନଙ୍କର ସ୍କୁଲରେ ବିଜ୍ଞାନ ବହିରୁ ସୂର୍ଯ୍ୟଙ୍କ ବିଷୟରେ ପଢ଼ା ହେଲାଣି କି ? ସବୁପ୍ରକାର ଶକ୍ତି ଆମେ କିପରି ସୂର୍ଯ୍ୟଙ୍କଠାରୁ ପାଉ, ସୂର୍ଯ୍ୟ କିପରି ତାଙ୍କ ପରିବାରର ଅନ୍ୟାନ୍ୟ ଗ୍ରହ, ଉପଗ୍ରହ ଓ ନକ୍ଷତ୍ରମାନଙ୍କ ଉପରେ ପ୍ରଭାବ ପକାନ୍ତି, ସୂର୍ଯ୍ୟ-ଉଦୟ, ସୂର୍ଯ୍ୟ-ଅସ୍ତ, ସୂର୍ଯ୍ୟ-ପରାଗ ଆଦି କିପରି ହୁଏ – ଏସବୁ ବିଷୟ ପଢ଼ା ସରିଲାଣି କି ? ସରୁ ବା ନସରୁ ସେଥିରେ କିଛି ଯାଏ ଆସେ ନାହିଁ; ସରିଥିଲେ ତ ଭଲ କଥା, ନସରିଥିଲେ ତ ନିଶ୍ଚୟ ହେବ ।

କଥା ହେଉଛି, ଶ୍ରେଣୀରେ ଶିକ୍ଷକ ତୁମକୁ ଯେତେବେଳେ ସୂର୍ଯ୍ୟଙ୍କ ବିଷୟ ପଢ଼ାଇବାକୁ ଯାଆନ୍ତି ସେତେବେଳେ ସେ କିପରି ପଢ଼ାଇଥା'ନ୍ତି ? ତୁମର ଯଦି ସ୍ୱତନ୍ତ୍ର ବିଜ୍ଞାନଗୃହ ଥାଏ ସେଠାକୁ ନେଇ କିଂବା ତୁମ ଶ୍ରେଣୀ ଗୃହରେ ସେ ପ୍ରଥମେ କଳାପଟାରେ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ଓ ଅନ୍ୟାନ୍ୟ ଗ୍ରହ, ନକ୍ଷତ୍ରଙ୍କର ଛବି ଆଙ୍କନ୍ତି, କୌଣସି ଚାର୍ଟରେ ଅଙ୍କାଯାଇଥିବା କିଂବା କାଠ ଅଥବା ଟିଣରେ ତିଆରି ହୋଇଥିବା ସେସବୁର ଛଡ଼ି ମଧ୍ୟ ଦେଖାନ୍ତି । ଖୁବ୍ ବେଶୀ ହେଲେ ଅନ୍ଧକାର ଗୃହରେ ଇଲେକ୍ଟ୍ରିକ୍ ଲାଇଟ୍ ସାହାଯ୍ୟରେ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ତାରକା ଆଦି ସମ୍ବନ୍ଧରେ ବୁଝାଇ ପାରନ୍ତି । ତୁମ ହାତରେ ବର୍ତ୍ତମାନ ଅନେକ ସୂର୍ଯ୍ୟ; କଳାପଟାର ସୂର୍ଯ୍ୟ, ଚାର୍ଟର ସୂର୍ଯ୍ୟ,

ଟିଣର ସୂର୍ଯ୍ୟ, ଇଲେକ୍ଟ୍ରିକ୍ ଲାଇଟ୍‌ର ସୂର୍ଯ୍ୟ ଓ ଏହିପରି ଆଉ ଯାହାକିଛି କରାଯାଇପାରେ । ଏଠାରେ ସୁବିଧା ଦୃଷ୍ଟିରୁ ତୁମର ଏତେଗୁଡ଼ାଏ ସୂର୍ଯ୍ୟ ମଧ୍ୟରୁ ଗୋଟାଏ ସୂର୍ଯ୍ୟ ନେବା । କେଉଁ ଗୋଟିଏ ନେବା ? ତୁମେ ଯେଉଁଟିକୁ ଚାହୁଁଛ ସେଇଟିକୁ ନେଇପାର । କିନ୍ତୁ ଏଠାରେ ଆମେ ଆମ ଆଲୋଚନା ଲାଗି କାଠର ତିଆରି ସୂର୍ଯ୍ୟଙ୍କୁ ନେବା ।

ଏହି କାଠତିଆରି ସୂର୍ଯ୍ୟ ଓ ଆକାଶରେ ଉଦୟ-ଅସ୍ତ ହେଉଥିବା ଆମର ନିତିଦିନିଆ ପ୍ରକୃତ ସୂର୍ଯ୍ୟ ଭିତରେ କିଛି ପ୍ରଭେଦ ଉପଲବ୍ଧି କରିଛ କି ? ସେମାନଙ୍କ ଭିତରେ ଯେଉଁ ପ୍ରଭେଦ ଉପଲବ୍ଧି କରିଛ ସେହିପରି ପ୍ରଭେଦ ଧର୍ମ ଓ ଆଧ୍ୟାତ୍ମିକତା ଭିତରେ ରହିଛି । ଧର୍ମ ଯଦି ହୁଏ ଶ୍ରେଣୀଗୃହର କାଠର ସୂର୍ଯ୍ୟ ଭଳି, ଆଧ୍ୟାତ୍ମିକତା ହେଉଛି ମୁକ୍ତ ଆକାଶର ଦୀପ୍ତିମାନ୍ ଯଥାର୍ଥ ସୂର୍ଯ୍ୟ ।

ଆଚ୍ଛା, କହିଲ, କାଠର ସୂର୍ଯ୍ୟ ଆମେ କାହିଁକି ବ୍ୟବହାର କରିଥାଉଁ ? ଆମେ ଏଇଥିପାଇଁ ବ୍ୟବହାର କରିଥାଉଁ ଯେ ଆମଠାରୁ ଅନନ୍ତଗୁଣେ ବଡ଼ ସୂର୍ଯ୍ୟକୁ ଦେଖି ଏହାର ଅବସ୍ଥିତି ଓ ଅନ୍ୟାନ୍ୟ ଗ୍ରହ, ଉପଗ୍ରହ ତଥା ତାରକାମାନଙ୍କ ସହ ସମ୍ପର୍କକୁ ସିଧାସଳଖ ବୁଝିପାରିବୁ ନାହିଁ ବୋଲି । ଶ୍ରେଣୀ ଗୃହରେ କାଠର ସୂର୍ଯ୍ୟ, ଅନ୍ୟାନ୍ୟ ଗ୍ରହ, ଉପଗ୍ରହ ଓ ତାରକାମାନଙ୍କୁ ଦେଖି ଆମେ ସହଜରେ ସେମାନଙ୍କର ଅବସ୍ଥିତି, ଗଠନ ଓ କ୍ରିୟାକଳାପ ବୁଝିପାରୁ ।

ଏଇଠି ଆମେ ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ନଜର ଦେବା । ଆମେ ଯେଉଁ କାଠର ସୂର୍ଯ୍ୟ ବ୍ୟବହାର କରୁ ତାହା କାହିଁକି ବ୍ୟବହାର କରୁ ? କ'ଣ ଏହାରି ଦ୍ୱାରା ଅସଲ ସୂର୍ଯ୍ୟଙ୍କୁ ବୁଝିବା ଲାଗି ନା ସେଇ କାଠର ସୂର୍ଯ୍ୟଙ୍କୁ ସବୁକିଛି ଭାବି ତାଙ୍କୁହିଁ ଧରି ପଡ଼ିରହିବା ଲାଗି ? ଏଇ କ୍ଷେତ୍ରରେ ଧର୍ମ ଓ ଆଧ୍ୟାତ୍ମିକତା ଏକ ହୋଇପାରନ୍ତି କିଂବା ସେମାନଙ୍କ ଭିତରେ ଆକାଶ ପାତାଳ ପ୍ରଭେଦ ଦେଖା ଦେଇପାରେ ।

ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ଜୀବନର ଏକମାତ୍ର ଲକ୍ଷ୍ୟ ହେଉଛି ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଉପଲବ୍ଧି ବା ସିଦ୍ଧି । ଏହାର ଅର୍ଥ ହେଉଛି ଜୀବନରେ

ଭଗବାନଙ୍କୁ ପାଇବା, ତାଙ୍କରି ମଧ୍ୟରେ ବାସ କରିବା, ତାଙ୍କରି ଲାଗି କର୍ମ କରିବା, ଶେଷରେ ସେ ଯେଉଁ ଶକ୍ତି, ଜ୍ୟୋତି, ଜ୍ଞାନ, ଆନନ୍ଦ ଓ ସୌନ୍ଦର୍ଯ୍ୟର ଅଧିକାରୀ ଆମ ଭିତରେ ସେସବୁକୁ ପ୍ରକାଶ କରିବା । କିନ୍ତୁ ପ୍ରଥମେ ପ୍ରକୃତ ସୂର୍ଯ୍ୟଙ୍କୁ ଦେଖି ତାଙ୍କ ସମ୍ବନ୍ଧେ ବୁଝିବା ବା ଜାଣିବା କଷ୍ଟ ହୁଏ ଓ ଆମେ କାଠ ସୂର୍ଯ୍ୟର ଆଶ୍ରୟ ନେଉଁ । ସେହିପରି ଆଧ୍ୟାତ୍ମିକ ଉପଲବ୍ଧି ବା ଭଗବାନଙ୍କ ସମ୍ବନ୍ଧେ କଳ୍ପନା କରିବା ସାଧାରଣ ମଣିଷ ପକ୍ଷେ ବହୁତ କଷ୍ଟକର ହୋଇଥାଏ । ଏ କ୍ଷେତ୍ରରେ ଧର୍ମର ଆଶ୍ରୟ ନିଆଯାଇଥାଏ । ଧର୍ମ ମଧ୍ୟରେ ନାନାପ୍ରକାର ମୂର୍ତ୍ତି ଆମକୁ ପୂଜା କରିବାକୁ ପଡ଼େ । ନାନାପ୍ରକାର ନିୟମକାନୁନ୍, ପୂଜାପର୍ବ ପାଳନ କରିବାକୁ ହୋଇଥାଏ । ଅନନ୍ତ ଅସୀମ ଅଧ୍ୟାତ୍ମତତ୍ତ୍ୱ ବା ଭଗବାନଙ୍କୁ ଆମେ ହଠାତ୍ ବୁଝିପାରିବୁ ନାହିଁ ଓ ଗ୍ରହଣ କରିପାରିବୁ ନାହିଁ ବୋଲି ତାଙ୍କୁ ଏହିପରି ଛୋଟ, ସୀମିତ ଆକାରରେ ମୂର୍ତ୍ତିପୂଜା, ପର୍ବପର୍ବାଣୀ ଓ ନାନାପ୍ରକାର ନୈତିକ ନୀତିନିୟମ ପାଳନ ଭିତର ଦେଇ ଗ୍ରହଣ କରିଥାଉଁ । ଆମେ ଧର୍ମକୁ ଏଇ ଲକ୍ଷ୍ୟରେ ଗ୍ରହଣ କରିଥାଉଁ ଯେ ଏହା ଆମକୁ ଶେଷରେ ନେଇ ଅଧ୍ୟାତ୍ମ ସତ୍ୟ ଭଗବାନଙ୍କ ନିକଟରେ ପହଞ୍ଚାଇ ଦେବ । ଏଇ ଲକ୍ଷ୍ୟ ନେଇ ଯଦି ଧର୍ମକୁ ଗ୍ରହଣ କରାଯାଏ ତେବେ ଧର୍ମ ଓ ଆଧ୍ୟାତ୍ମିକତାର ଲକ୍ଷ୍ୟ ଏକ ହୋଇଯିବ । ଯଥାର୍ଥ ଧର୍ମ ତା'ର ମୂଳତତ୍ତ୍ୱରେ ମଣିଷକୁ ଭଗବାନଙ୍କ ଆଡ଼କୁ ନେଇଯିବାକୁ ଅଭିପ୍ରେତ ।

କିନ୍ତୁ ବାସ୍ତବ କ୍ଷେତ୍ରରେ କ'ଣ ହୋଇଛି ? ଆମେ କାଠର ସୂର୍ଯ୍ୟଙ୍କୁ ସବୁ କିଛି ଭାବି ସେଇଠି ଅଟକି ଯାଉଛୁ, ଅସଲ ସୂର୍ଯ୍ୟଙ୍କ ସ୍ପର୍ଶ ପାଇପାରୁନୁ । ଆମେ ଯଦି ହିନ୍ଦୁ ତେବେ ମନ୍ଦିରକୁ ଯାଇ ଠାକୁରଙ୍କୁ ଭୋଗ ଲଗାଇ ମୁଣ୍ଡିଆ ମାରି ଆସୁଛୁ, ବାର ମାସରେ ତେର ପର୍ବର ଆୟୋଜନ କରୁଛୁ ଓ ଆଉ କେତୋଟି ସାମାଜିକ ବିଧିବିଧାନ, ଯଥା : ବିଭାଘର ଏହିଭଳି ହେବ, ବ୍ରତଘର ଏହିଭଳି ହେବ, କେହି ଲୋକ ମଲେ ଏହିପରି ଶୁଦ୍ଧିକ୍ରିୟା କରାଯିବ

ଇତ୍ୟାଦି ପାଳନ କରିଦେଲେ ଆମର ଧାର୍ମିକ ଜୀବନ ଶେଷ । ମୁସଲମାନ ହୋଇଥିଲେ ନିୟମିତ ମସ୍‌ଜିଦ୍‌କୁ ଯାଇ, ଦିନରେ ଦୁଇ-ତିନିଥର ନମାଜ ପଢ଼ି, ଲୁଙ୍ଗି ପିନ୍ଧି, ବିବାହ ଶୁଦ୍ଧିକ୍ରିୟାଦି କର୍ମ ଯଥାବିଧି ପାଳନ କରିଦେଲେ ଢେର । ଖ୍ରୀଷ୍ଟିଆନ୍ ହୋଇଥିଲେ ଖ୍ରୀଷ୍ଟଙ୍କ କ୍ରୁଶ ଧାରଣ କରି, ନିର୍ଦ୍ଦିଷ୍ଟ ସମୟରେ ଚର୍ଚ୍ଚକୁ ଯାଇ, ବାଇବେଲ ପଢ଼ି, କିଛି ପର୍ବପର୍ବାଣୀ ତଥା ବିବାହ ଓ ଶୁଦ୍ଧିକ୍ରିୟାଦି କର୍ମ ବିଧିମୁତାବକ କରୁଥିଲେ ଧାର୍ମିକ ଜୀବନ ଠିକ୍ ଚାଲିଛି ।

ଏଇଥିପାଇଁ କ'ଣ ଧର୍ମର ସୃଷ୍ଟି ହୋଇଥିଲା ? ଆମେ ଧର୍ମର ପ୍ରକୃତ ଲକ୍ଷ୍ୟକୁ ଛାଡ଼ି କେତୋଟି ଶୁଷ୍କ, ଫମ୍ପା ବିଧିବିଧାନକୁ ଧର୍ମ ବୋଲି ଜାବୁଡ଼ି ଧରିଛୁ । ଏହିପରି ଧର୍ମ-ଜୀବନ ଜନ୍ମ ଜନ୍ମ ଧରି ଯାପନ କରି ଆସିଲେ ବି ଆମର ଏତେ ଟିକିଏ ପ୍ରଗତି ହେବା ବହୁ କଷ୍ଟସାଧ୍ୟ । ପ୍ରଗତି ହେବ କ'ଣ ଓଲଟି ଧର୍ମ-ଜୀବନ ଆମକୁ ଆମ ଭିତରେ ଥିବା ନୀଚ ପ୍ରକୃତିର ଅଧିକରୁ ଅଧିକ ଦାସ କରାଉଛି । ସବୁ ଧର୍ମରେ ରହିଛି ଜୀବହିଂସା କରିବ ନାହିଁ, ସତ୍ୟ ଆଚରଣ କରିବ, ପର ଆପଣା ଭେଦ ନରଖି ସମସ୍ତଙ୍କୁ ଏକ ଈଶ୍ୱରଙ୍କ ସନ୍ତାନ ବୋଲି ଜ୍ଞାନ କରିବ, ଇତ୍ୟାଦି ଇତ୍ୟାଦି । କିନ୍ତୁ ଫଳରେ କ'ଣ ହେଉଛି ? ଯଦି ଦୈବାତ୍ ବ୍ୟକ୍ତିଗତ ଭାବରେ କୌଣସି ହିନ୍ଦୁ ସହ ମୁସଲମାନଙ୍କ କିଂବା ଅନ୍ୟଧର୍ମାବଲମ୍ବୀ ଲୋକମାନଙ୍କ କଳି ଲାଗିଯାଉଛି, ତେବେ ସେହି ଧର୍ମର ସମସ୍ତ ଲୋକେ ଏକଜୁଟ ହୋଇ ଅନ୍ୟ ଧର୍ମର ଲୋକମାନଙ୍କ ଉପରେ ଆକ୍ରମଣ କରୁଛନ୍ତି । ସେମାନେ ମଧ୍ୟ ପ୍ରତି-ଆକ୍ରମଣ ନକରି ଛାଡୁ ନାହାନ୍ତି । ଧର୍ମଗତ ଭାବ ନେଇ ଏଇ ଯେଉଁ ସଂକୀର୍ଣ୍ଣତା ଓ ସୀମିତତା ଆମ ଭିତରେ ସ୍ଥାନ ପାଇଛି ସେସବୁ କେବଳ ଆମେ ଧର୍ମର ଯଥାର୍ଥ ଲକ୍ଷ୍ୟକୁ କାଳକ୍ରମେ ଭୁଲିଯାଇଥିବାରୁ । ସବୁ ଧର୍ମ ଯଦି ଏକ ଭଗବାନଙ୍କୁ ପାଇବାର ଭିନ୍ନ ଭିନ୍ନ ଉପାୟ ମାତ୍ର, ତେବେ ପରସ୍ପର ମଧ୍ୟରେ ବିରୋଧ ରହିଲା କେଉଁଠି ? କିନ୍ତୁ ସଂକୀର୍ଣ୍ଣ ଧାର୍ମିକ ଭାବ ଆମ ଭିତରେ ଏପରି ବଦ୍ଧମୂଳ ହୋଇଯାଇଛି ଓ କେତୋଟି ନିରର୍ଥକ ବାହ୍ୟ ନିୟମକୁ ଆମେ

ଧର୍ମ ବୋଲି କହି ଏପରି ଜାବୁଡ଼ି ଧରିଛୁ ଯେ ସେଥିରେ ଆଉ ସଂସ୍କାର ଆଣିବା ଅସମ୍ଭବ ।

ଆମ ଧର୍ମରେ ଅଛି ସତ୍ୟ କହିବ, ଅହିଂସା ଆଚରଣ କରିବ । ଏସବୁ ନକଲେ ଆମେ ବିଧର୍ମୀ ହେଉନୁ । କିନ୍ତୁ ଜଣେ ହିନ୍ଦୁ ଯଦି ମୁସଲମାନ ଘରେ ଖାଇଦେଲା କିଂବା ଖ୍ରୀଷ୍ଟିଆନ୍ ଝିଅକୁ ବିଭା ହେଲା ତ ସେ ବିଧର୍ମୀ ହୋଇଯାଉଛି । ଧର୍ମଜୀବନରେ ଯାହା ସାରବସ୍ତୁ ତାକୁ ଆମେ ପାଳନ କରିପାରନୁ କିଂବା ସେସବୁ ଆମ ଧର୍ମରେ ଅଛି ବୋଲି ଜାଣୁ ବି ନାହିଁ; କିନ୍ତୁ ଯେଉଁଗୁଡ଼ିକ ଅସାର ତାକୁ ବହୁ ଯତ୍ନର ସହ ପାଳନ କରୁଛୁ ।

ଏଇଠି ଆଧ୍ୟାତ୍ମିକତା ଓ ଧର୍ମ ମଧ୍ୟରେ ଆମେ ପାର୍ଥକ୍ୟ ଦେଖୁ । ଆଧ୍ୟାତ୍ମିକତାର ଏକମାତ୍ର ଲକ୍ଷ୍ୟ ଭଗବାନଙ୍କୁ ପାଇବା ଓ ଜୀବନରେ ତାଙ୍କୁ ବ୍ୟକ୍ତ କରିବା । ଅଧ୍ୟାତ୍ମ ସାଧନା କାହାରି ଲାଗି ସୀମିତ ନୁହେଁ । ଯେକୌଣସି ଜାତି, ଯେକୌଣସି ବର୍ଣ୍ଣ, ଯେକୌଣସି ଧର୍ମର ଲୋକ ଏହି ସାଧନା ଗ୍ରହଣ କରିପାରେ । ସେଥିଲାଗି ସେ ଧର୍ମ ଛାଡ଼ିପାରେ କିଂବା ଧର୍ମରେ ରହିପାରେ । ସେଥିରେ କିଛି ଯାଏ ଆସେ ନାହିଁ । ଆହୁରି ମଧ୍ୟ ପୁରାତନ ଯୋଗରେ ଆଧ୍ୟାତ୍ମିକତା କହିଲେ ସାଂସାରିକ କର୍ମ ଛାଡ଼ି ଲୋଟା, ଚିମୁଟା ନେଇ ବଣଜଙ୍ଗଲକୁ ପଳାଇଯିବାକୁ ହେଉଥିଲା । ଆଉ ପ୍ରତ୍ୟେକ ଅଧ୍ୟାତ୍ମ ସମ୍ପ୍ରଦାୟରେ ସାଧନା କରିବାର ଏକ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଥିଲା । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଆଧ୍ୟାତ୍ମିକତା ହେଉଛି ଏକ ଅନନ୍ତ ବ୍ୟାପକ ବସ୍ତୁ । ସେଥିରେ ସାଂସାରିକ କର୍ମକୁ ତ୍ୟାଗ କରାଯିବ ନାହିଁ । ସଂସାରର ଯାବତୀୟ କର୍ମକୁ କରାଯିବ; କିନ୍ତୁ ଭିନ୍ନ ଭାବରେ । ତା' ଛଡ଼ା ପ୍ରତ୍ୟେକଙ୍କ ଲାଗି ସାଧନା ପ୍ରଣାଳୀ ମଧ୍ୟ ଏକ ପ୍ରକାର ନୁହେଁ । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଧାରାରେ ନିଜ ନିଜ ସ୍ୱଭାବ ଅନୁଯାୟୀ ସାଧନା କରିବେ । କାଠର ସୂର୍ଯ୍ୟ ତୁଳନାରେ ପ୍ରକୃତ ସୂର୍ଯ୍ୟ କେଡ଼େ ବ୍ୟାପକ ଆଉ ବିଶାଳ ! ତାଙ୍କର କିରଣ କୌଣସି ଭେଦଭାବ ନରଖି ସମସ୍ତଙ୍କ ଉପରେ ପଡ଼େ । ଯିଏ ତାକୁ ଯେପରି ଭାବେ

ଗ୍ରହଣ କରି ବ୍ୟକ୍ତ କରୁ ସେଥିରେ କିଛି ଯାଏ ଆସେ ନାହିଁ । ତୁମେମାନେ ଦେଖିଥିବ ମଲ୍ଲୀଫୁଲ, ଗୋଲାପଫୁଲ, ପଦ୍ମଫୁଲ, ଚମ୍ପାଫୁଲ ଓ ଏହିପରି ଅନେକ ଫୁଲ । ସବୁ ଫୁଲର କ'ଣ ସମାନ ରଙ୍ଗ ? କିନ୍ତୁ ସେମାନେ ସମାନ ସୂର୍ଯ୍ୟ କିରଣରୁ ରଙ୍ଗ ଶୋଷଣ କରି ପ୍ରକାଶ କରିଥା'ନ୍ତି । ଠିକ୍ ସେହିପରି ଧର୍ମ ତୁଳନାରେ ଆଧ୍ୟାତ୍ମିକତା ବହୁ ବ୍ୟାପକ, ବହୁ ବିଶାଳ । ଏହା ମଧ୍ୟରେ କୌଣସି ଭେଦଭାବ ସୀମିତତା ବା ସଂକୀର୍ଣ୍ଣତା ନାହିଁ । ପ୍ରତ୍ୟେକ ବ୍ୟକ୍ତି ବିଭିନ୍ନ ଫୁଲଗଛ ଭଳି ଭିନ୍ନ ଭିନ୍ନ ଭାବେ ନିଜ ସ୍ୱଭାବ ଅନୁଯାୟୀ ଏହାକୁ ଗ୍ରହଣ କରି ଜୀବନରେ ବ୍ୟକ୍ତ କରିପାରନ୍ତି । ନିଜ ଧର୍ମରେ, ନିଜ ପରିବାରରେ ରହି ନିଜର କୌଳିକ କର୍ମ କରି ବ୍ୟକ୍ତି ଏହାକୁ ଗ୍ରହଣ କରିପାରେ । ବ୍ୟକ୍ତି ଚାହିଁଲେ ଧର୍ମର ନିୟମକାନୁନ୍ ତ୍ୟାଗ କରି, ପରିବାର ତ୍ୟାଗ କରି ଅଧ୍ୟାତ୍ମ ସାଧନା କରିପାରେ । ଜଣେ କୃଷକ ତା'ର କୃଷିକର୍ମ ମାଧ୍ୟମରେ ଭଗବାନଙ୍କୁ ଲାଭ କରି ଜୀବନରେ ତାଙ୍କୁ ବ୍ୟକ୍ତ କରିପାରେ । ସେହିପରି ଜଣେ ଛାତ୍ର, ଜଣେ ଶିକ୍ଷକ, ଜଣେ କଳାକାର, ଜଣେ ବୈଜ୍ଞାନିକ, ଜଣେ ରାଜନୈତିକ ନେତା କିଂବା ଏହିପରି ଆଉ କେହି ସେମାନଙ୍କ ନିଜ ନିଜ କର୍ମ ମାଧ୍ୟମରେ ଭଗବାନଙ୍କୁ ପାଇ ଜୀବନ ଓ କର୍ମରେ ତାଙ୍କୁ ବ୍ୟକ୍ତ କରିପାରନ୍ତି । ଆଧ୍ୟାତ୍ମିକତାରେ କାହାରି ପାଇଁ କିଛି ସ୍ୱତନ୍ତ୍ର ନିୟମ ନାହିଁ । ଯିଏ ଯେଉଁ କର୍ମ କରୁ କିନ୍ତୁ ସମସ୍ତଙ୍କ ଭିତରେ ଗୋଟିଏ ଲକ୍ଷ୍ୟ ଥିବ ଯେ, ସେମାନେ ଭଗବାନଙ୍କୁ ପାଇବା ନିମନ୍ତେ ଓ ତାଙ୍କରି ଉଦ୍ଦେଶ୍ୟରେ କର୍ମ କରୁଛନ୍ତି ।

ପ୍ରଚଳିତ ଧର୍ମ-ଜୀବନ କେବେ ବି ଆମକୁ ଆମ ଜୀବନର ଚରମ ଲକ୍ଷ୍ୟରେ ପହଞ୍ଚାଇ ପାରିବ ନାହିଁ । ଏପରିକି ଯେଉଁ ବିଭିନ୍ନ ମତବାଦ, ଯଥା : ସାମ୍ୟବାଦ, ପୁଞ୍ଜିବାଦ ଇତ୍ୟାଦି ବର୍ତ୍ତମାନ ପ୍ରସାର ଲାଭ କରୁଛି । ସେସବୁ ମଧ୍ୟ ଜୀବନର ବିକାଶରେ ବିଶେଷ ସହାୟକ ହେବ ନାହିଁ । କାରଣ ସେସବୁ ମଧ୍ୟ ସେହି ଧର୍ମ ଭଳି ସୀମିତ ଓ ସଂକୀର୍ଣ୍ଣ । କେବଳ ଏକ ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଆଦର୍ଶହିଁ ଆମର, ଆମ ପରିବାରର, ଆମ ସମାଜର, ଆମ ଦେଶର ଓ

ଆମ ପୃଥିବୀର ଯଥାର୍ଥ କଲ୍ୟାଣ ସାଧନ କରି ତାକୁ ତା'ର ଚରମ ଲକ୍ଷ୍ୟ ଦିଗରେ ନେଇଯିବ । ଯେତେଦିନ ପର୍ଯ୍ୟନ୍ତ ଆଧ୍ୟାତ୍ମିକତାର ବିଶାଳ ବୃହତ୍ତମ ଆଦର୍ଶ ବ୍ୟକ୍ତି ଗ୍ରହଣ ନକରିଛି ସେତେଦିନ ପର୍ଯ୍ୟନ୍ତ ତା' ପକ୍ଷରେ ଧର୍ମ-ଜୀବନ ଓ ତଥାକଥିତ ସାମାଜିକ ନୀତିନିୟମ ପାଳନ କରି ଚଳିବା ଖୁବ୍ ଭଲ । ନଚେତ୍ ସ୍ୱତନ୍ତ୍ରତା ନାମରେ ସେ ଯାହା ଇଚ୍ଛା ତା' କରିବ । ତଦ୍ୱାରା ନିଜ ଜୀବନର ଓ ସାମାଜିକ ଜୀବନର ବହୁ କ୍ଷତି ହେବ । କେବଳ ଯେତେବେଳେ ଏକ ଉଚ୍ଚତର ନିୟମ ଓ ଆନ୍ତର ଶୃଙ୍ଖଳା ଦ୍ୱାରା ବ୍ୟକ୍ତି ପରିଚାଳିତ ହେବ ସେତେବେଳେ ଏ ବାହ୍ୟ ସାମାଜିକ ଓ ଧାର୍ମିକ ବିଧିବିଧାନର କିଛି ଆବଶ୍ୟକତା ରହିବ ନାହିଁ । ସମାଜର ଅଧିକାଂଶ ବ୍ୟକ୍ତି ଯେତେବେଳେ ତାହାକୁ ଗ୍ରହଣ କରିବେ ସେତେବେଳେ ଶୁଖିଲା ଖୋଳପା ଭଳି ଏ ବାହ୍ୟ ବିଧିବିଧାନ ସବୁ ଖସି ପଡ଼ିବ । ସେପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ।

ବର୍ତ୍ତମାନ ଚାଲ ଆମେ ଆମ ପ୍ରଥମ ପ୍ରଶ୍ନକୁ ଫେରିଯିବା । ଏଥର ସହଜରେ ବୁଝିପାରିବା ଶ୍ରୀଅରବିନ୍ଦଙ୍କ ଯୋଗ କାହିଁକି ଏକ ଧର୍ମ ନୁହେଁ । ଶ୍ରୀଅରବିନ୍ଦଙ୍କ ଯୋଗ ଧର୍ମ ନହେଲେ ବି ଧର୍ମକୁ ଯଥାର୍ଥ ଆସନ ଦେବାକୁ ଭୁଲି ନାହିଁ । ଆଧ୍ୟାତ୍ମିକତାର ବିଶାଳ ଆଦର୍ଶ ଯେଉଁମାନେ ଗ୍ରହଣ କରିପାରିବେ ନାହିଁ ଧର୍ମ-ଜୀବନ ସେମାନଙ୍କ ନିମନ୍ତେ ଏକାନ୍ତ କାମ୍ୟ । ଧର୍ମର ଯେଉଁ ଯଥାର୍ଥ ଲକ୍ଷ୍ୟ, ତାକୁ ସାମନାରେ ରଖି ଧର୍ମ-ଜୀବନଯାପନ କଲେ ଜୀବନରେ ବହୁତ ବିକାଶ କରିପାରିବେ । କିନ୍ତୁ ଆମକୁ ସବୁବେଳେ ମନେ ରଖିବାକୁ ହେବ ଯେ ଆମର ନିଜର ତଥା ପୃଥିବୀର ଅବସ୍ଥା ବର୍ତ୍ତମାନ ଯାହା ସେଥିରେ ଆଉ କୌଣସି ନୂତନ ଧର୍ମର ପ୍ରଚଳନ ଆବଶ୍ୟକ ନାହିଁ । ଶ୍ରୀଅରବିନ୍ଦ ସ୍ପଷ୍ଟ ଭାବରେ କହିଛନ୍ତି –

"A new religion would not only be useless but harmful. A new life has to be created, a new consciousness

has to be expressed, something which is beyond intellectual limitation and mental formulas. It is a living truth that has to manifest."

(Bulletin, August. 1957)

ଅର୍ଥାତ୍, ''ଏକ ନୂତନ ଧର୍ମ ଯେ କେବଳ ଅନାବଶ୍ୟକ ତାହା ନୁହେଁ କ୍ଷତିକାରକ ମଧ୍ୟ । ବୁଦ୍ଧିଗତ ସୀମା ଓ ମାନସିକ ନିୟମକାନୁନ୍‌ର ଊର୍ଦ୍ଧ୍ୱରେ ସୃଷ୍ଟି କରିବାକୁ ହେବ ଏକ ନୂତନ ଜୀବନ ଓ ପ୍ରକାଶ କରିବାକୁ ହେବ ଏକ ନୂତନ ଚେତନା । ଏକ ଜୀବନ୍ତ ସତ୍ୟକୁ ବ୍ୟକ୍ତ ହେବାକୁ ହେବ ।''

(୧୯୫୭ ମସିହା ଅଗଷ୍ଟ ବୁଲେଟିନ୍)

ଶେଷରେ ଶ୍ରେଣୀରେ ସୂର୍ଯ୍ୟଙ୍କ ସମ୍ବନ୍ଧେ ପଢ଼ା ହେଉଥିବା ସମୟରେ କୃତ୍ରିମ ସୂର୍ଯ୍ୟଙ୍କୁ ଦେଖି ତୁମ୍ଭମାନଙ୍କର ଯେପରି ମନେ ନପଡ଼େ ଯେ ଆଧ୍ୟାତ୍ମିକତାକୁ ହଠାତ୍ ବୁଝିପାରିବା କିଂବା ଗ୍ରହଣ କରିବା କଷ୍ଟସାଧ୍ୟ ହେତୁ ଯେପରି ଲୋକେ ଧର୍ମ-ଜୀବନ ଗ୍ରହଣ କରନ୍ତି ସେହିପରି ବାହାର ନୀଳ-ଆକାଶର ବିଶାଳ ଦୀପ୍ତିମାନ୍ ସୂର୍ଯ୍ୟଙ୍କୁ ହଠାତ୍ ବୁଝିପାରିବା କଷ୍ଟକର ହେତୁ ଆମକୁ ଏହି କୃତ୍ରିମ ସୂର୍ଯ୍ୟ ଦେଖା ଯାଉଛି । ତା'ହେଲେ ପଢ଼ାରେ ତୁମର ବ୍ୟାଘାତ ଘଟିପାରେ !

# ଆମେ କ'ଣ କରିବୁ ?

ଗତ ମେ ମାସରେ ଶ୍ରୀଅରବିନ୍ଦ-ଆକ୍‌ସନ୍ ଜନ୍ମନେବା ପରଠାରୁ ଅନେକ ବ୍ୟକ୍ତି ପ୍ରଶ୍ନ କରୁଛନ୍ତି ଓ ଚିଠି ଲେଖୁଛନ୍ତି – ଏଥିଲାଗି ଆମେ କ'ଣ କରିବୁ ? ଏ ପ୍ରଶ୍ନ ସୂଚାଇଦିଏ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ କରିବା ଲାଗି ଲୋକମାନଙ୍କର ଆନ୍ତର ପ୍ରସ୍ତୁତି ତଥା ଆଗ୍ରହ ଓ ତା' ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟର ବ୍ୟାପକତା ଓ ବିଶାଳତା । ସାଧାରଣତଃ ଆମକୁ ଜଣେ ଶିକ୍ଷକ, କୃଷକ, ଡାକ୍ତର, ଇଞ୍ଜିନିଅର, ଲେଖକ, କବି, ଶିଳ୍ପୀ, ଓକିଲ ବା ଦେଶନେତା ହେବାକୁ କହିଲେ ଆମେ ତତ୍‌କ୍ଷଣାତ୍ ଧରିନେଉ ଆମର କାମ କ'ଣ ହେବ । କିନ୍ତୁ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ କଥା ଭାବିଲେ ଏକ ଥଳକୂଳହୀନ ଅନନ୍ତ ସମୁଦ୍ର ଭଳି ଲାଗେ । ମଣିଷ-ଜୀବନର ଏପରି କୌଣସି ବିଭାଗ ନାହିଁ ଯାହାକୁ କି ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ନାହିଁ କିଂବା ସେଥିରେ ଆଲୋକପାତ କରି ନାହିଁ । ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଯଦି ଥାଆନ୍ତା ସଂସାର କର୍ମ ତ୍ୟାଗ କରି ଧ୍ୟାନ-ଧାରଣାରେ ସମୟ ଅତିବାହିତ କରିବାକୁ ପଡ଼ିବ କିଂବା ଯନ୍ତ୍ରଶିଳ୍ପର ପ୍ରସାର ବନ୍ଦ କରି କୁଟୀରଶିଳ୍ପର ପ୍ରସାର କରାଯିବ କିଂବା ବିଭିନ୍ନ ସ୍ଥାନରେ ଆବଶ୍ୟକ ଅନୁସାରେ ଅନାଥାଶ୍ରମ ଓ ଦାତବ୍ୟ ଚିକିତ୍ସାଳୟ କରିବାକୁ ହେବ କିଂବା ଗୋଟିଏ ରାଜନୈତିକ ଦଳକୁ ଶାସନରୁ ତଡ଼ି ଆଉ ଗୋଟିଏ ରାଜନୈତିକ ଦଳକୁ ଶାସନରେ ଅଧିଷ୍ଠିତ କରାଇବା ଲାଗି କିଂବା ଏହିଭଳି ଆଉ କିଛି, ତେବେ ବ୍ୟକ୍ତି ଚଟ୍‌କରି ଧରିପାରନ୍ତା ତାକୁ କ'ଣ କରିବାକୁ ହେବ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ କୌଣସି ଗୋଟିକୁ ଅସ୍ୱୀକାର କରି କିଂବା ପାଦରେ ଦଳିଦେଇ ତା' ସ୍ଥାନରେ ଆଉ ଗୋଟିକର ପ୍ରାଧାନ୍ୟ ବିସ୍ତାରର ବ୍ୟବସ୍ଥା ନାହିଁ । ପୃଥିବୀରେ ଯାହାକିଛି ସୃଷ୍ଟି ହୋଇଛି ସ୍ଥାନ, କାଳ ଓ ପାତ୍ର ଅନୁସାରେ ପ୍ରତ୍ୟେକର ପ୍ରୟୋଜନ ରହିଛି । କିନ୍ତୁ

ପ୍ରତ୍ୟେକ ବସ୍ତୁ ତା'ର ଯଥାର୍ଥ ସ୍ଥାନରେ, ଯଥାର୍ଥ ସ୍ୱରୂପରେ ନଥିବାରୁ ଆଜି ଏ ବିକୃତି ଓ ବିଶୃଙ୍ଖଳା ଦେଖାଦେଇଛି । ଶ୍ରୀଅରବିନ୍ଦଙ୍କ ଯୋଗରେ ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ବସ୍ତୁ ମଧ୍ୟରୁ ବିକୃତିକୁ ଲୋପ କରି ତାକୁ ତା'ର ଯଥାର୍ଥ ମୂଲ୍ୟ ଓ ଯଥାର୍ଥ ସ୍ୱରୂପ ପ୍ରଦାନ କରି ଯଥାର୍ଥ ସ୍ଥାନରେ ଆରୋପ କରିବାକୁ ହେବ । ଆପାତତଃ ବିରୋଧୀ ସଦୃଶ ଜଣାପଡୁଥିବା ବିଭିନ୍ନ ବ୍ୟକ୍ତି, ବିଭିନ୍ନ ବସ୍ତୁ ଓ ବିଭିନ୍ନ ମତବାଦ ମଧ୍ୟରେ ଶ୍ରୀଅରବିନ୍ଦଙ୍କ ଯୋଗ ଆଣିବ ଗଭୀର ସମନ୍ୱୟ, ସଂଘର୍ଷ ନୁହେଁ । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ଲାଗି କିପରି କର୍ମ କରିବାକୁ ହେବ ତାହା ମନରେ ଚିନ୍ତା କରିବା ସମ୍ଭବ ହୁଏ ନାହିଁ ।

ସମସ୍ତଙ୍କ ମନର ସନ୍ଦେହ ଦୂର କରି କାର୍ଯ୍ୟକୁ ଆହୁରି ସ୍ପଷ୍ଟ କରିବା ଲାଗି ମା' କହିଲେ ଯେ ଶ୍ରୀଅରବିନ୍ଦ-ଆଶ୍ରମର ଏକମାତ୍ର ଲକ୍ଷ୍ୟ ହେଉଛି ୧୯୭୨ ମସିହା ଅଗଷ୍ଟ ୧୫ ତାରିଖ (ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ) ଭିତରେ ଶ୍ରୀଅରବିନ୍ଦଙ୍କ ବାଣୀ ଓ ଆଦର୍ଶ ଭାରତର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇ ଦେବା । ବାହ୍ୟ ଦୃଷ୍ଟିରୁ ଜଣାପଡ଼େ କେବଳ ଏହି ବାଣୀ ପ୍ରସାର ଫଳରେ କ'ଣ ଯଥାର୍ଥ କାର୍ଯ୍ୟ ହୋଇପାରିବ ? କିନ୍ତୁ ମନେରଖିବାକୁ ହେବ, ଶ୍ରୀଅରବିନ୍ଦଙ୍କ ବାଣୀ କେବଳ କେତୋଟି ଶବ୍ଦର ସମାହାର ନୁହେଁ; ଏହାର ଛତ୍ରେ ଛତ୍ରେ ପୂରି ରହିଛି ଅସୀମ ଅମୋଘ ଶକ୍ତି । ଥରେ ଯଦି ସେହି ବାଣୀ କିଂବା ତାଙ୍କର ନାମ ବ୍ୟକ୍ତିର କର୍ଣ୍ଣକୁହରରେ ଅଥବା ହୃଦୟରେ ପ୍ରବେଶ କରେ ତେବେ ବ୍ୟକ୍ତିର ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ସେ ତା'ର କ୍ରିୟା କରି ଚାଲିବ । ସେ କ୍ରିୟା ହେବ ଅନ୍ତରରୁ । ତା' ଫଳରେ ବାହ୍ୟ ଜୀବନର ରଙ୍ଗ ଓ ମୂଲ୍ୟବୋଧ ମଧ୍ୟ ବଦଳିଯିବ । ପ୍ରତ୍ୟେକ କର୍ମ ହେବ ଭଗବତ୍-ଅଭିମୁଖୀ । ଆନ୍ତର ପ୍ରେରଣାର ବଶବର୍ତ୍ତୀ ହୋଇ ବିଭିନ୍ନ ବ୍ୟକ୍ତି ନିଜ ନିଜର ସ୍ୱଭାବ ଅନୁଯାୟୀ ଭଗବାନଙ୍କ ଲାଗି ଭିନ୍ନ ଭିନ୍ନ କର୍ମ କରିବାର ସଂକଳ୍ପ ଗ୍ରହଣ କରିବେ । ଏକହିଁ ବିଦ୍ୟୁତ୍ ପ୍ରବାହ ଯେତେବେଳେ ଭିନ୍ନ ଭିନ୍ନ ରଙ୍ଗର ଇଲେକ୍‌ଟ୍ରିକ୍ ବଲ୍‌ବ ମଧ୍ୟଦେଇ ଗତିକରେ ତାହା ଭିନ୍ନ ଭିନ୍ନ ରଙ୍ଗରେ

ନିଜକୁ ପ୍ରକାଶ କରିଥାଏ । ଠିକ୍ ସେଇଭଳି ଶ୍ରୀଅରବିନ୍ଦ କର୍ମପ୍ରବାହ ଯେତେବେଳେ ଶ୍ରୀଅରବିନ୍ଦଙ୍କ ବାଣୀ ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଅନ୍ତଃସଲିଳା ଫଲ୍‌ଗୁ ଭଳି ଖେଳିଯିବ ସେତେବେଳେ ବିଭିନ୍ନ ବ୍ୟକ୍ତିର ସ୍ୱଭାବ ଓ ସାମର୍ଥ୍ୟ ନେଇ ତାହା ଭିନ୍ନ ଭିନ୍ନ ରୂପେ ଅଭିବ୍ୟକ୍ତି ଲାଭ କରିବ । ଫଳରେ ଶ୍ରୀଅରବିନ୍ଦ-ଆକ୍‌ସନ ସଂସାରର କୌଣସି ଗୋଟିଏ କର୍ମକୁ ନିଜର ବୋଲି ଗ୍ରହଣ ନକରି ବିଭିନ୍ନ ବ୍ୟକ୍ତି ବିଭିନ୍ନ କ୍ଷେତ୍ରରେ ନୂତନ ଚେତନା ନେଇ ଯେଉଁସବୁ କର୍ମ ନୂତନ ଭାବେ କରୁଥିବେ ସେସବୁକୁ ଗ୍ରହଣ କରି ସେହି କର୍ମୀ ଓ କର୍ମ ଉପରେ ନିରନ୍ତର ଦିବ୍ୟ ଆଲୋକ ଓ ଜ୍ଞାନର ଧାରା ବର୍ଷଣକରି ସେମାନଙ୍କୁ ନେଇ ଚାଲିବ ସେମାନଙ୍କର ସେହି ପରମ ଆନନ୍ଦମୟ ଉତ୍ସ ଆଡ଼କୁ ।

ସଂସାରର ଯାବତୀୟ କର୍ମରେ ଶକ୍ତି ବିନିଯୋଗ କରିବାକୁ ହୋଇଥାଏ । ଫଳରେ ଧୀରେ ଧୀରେ ବ୍ୟକ୍ତି ଶକ୍ତିକ୍ଷୟର ସମ୍ମୁଖୀନ ହୋଇ ରୋଗ, ଜରା, ମୃତ୍ୟୁ ଭୋଗ କରିଥାଏ । କିନ୍ତୁ ମା' ଶ୍ରୀଅରବିନ୍ଦଙ୍କ କର୍ମରେ ସ୍ୱତଃସ୍ଫୂର୍ତ୍ତ ରୂପେ ଅନ୍ତରରୁ ଶକ୍ତି ଉତ୍ସାରିତ ହୋଇ କର୍ମ କରାଇନିଏ । ଏ କ୍ଷେତ୍ରରେ ସଞ୍ଚିତ ଶକ୍ତିର ବିନିଯୋଗ ନୁହେଁ, ବରଂ ଶକ୍ତିର ଏକ ପ୍ଲାବନ ଘଟେ । ଏ କର୍ମ ବ୍ୟକ୍ତିର କ୍ଷୟ ଘଟାଏ ନାହିଁ, ଅଭିବୃଦ୍ଧି ସାଧନ କରେ । ତା' କର୍ମ ଫଳରେ ଆଉ କାହାର ଉପକାର ହେଉ ବା ନହେଉ (ତାହା ତ ନିଶ୍ଚିତ ରୂପେ ହେବ) ପ୍ରଥମେ ତା'ରି ଆତ୍ମାର କଲ୍ୟାଣ ହୁଏ ଓ ତା'ର ମଣିଷ-ଜନ୍ମ ସାର୍ଥକ ହୁଏ । ରୋଗ, ଜରା, ମୃତ୍ୟୁ ପରିବର୍ତ୍ତେ ଆସେ ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ଚିରଯୌବନ ଓ ଅମରତ୍ୱ । ଏ ଅମରତ୍ୱ କବିବର୍ଣ୍ଣିତ ଅମରତ୍ୱ ନୁହେଁ । ଯଥାର୍ଥ ଅମରତ୍ୱ– ସ୍ଥୂଳ ଶରୀରର ଅମରତ୍ୱ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି– ଶ୍ରୀଅରବିନ୍ଦ-ଆକ୍‌ସନ ମାଧ୍ୟମରେ ଦେଶବ୍ୟାପୀ ଶ୍ରୀଅରବିନ୍ଦଙ୍କ ବାଣୀ ପ୍ରସାର ନିମନ୍ତେ କିପରି ସକ୍ରିୟ ପଦକ୍ଷେପ ନିଆଯାଇ ପାରିବ । ଏଥିଲାଗି ପ୍ରଥମେ ବ୍ୟକ୍ତିକୁ ସଂକଳ୍ପବଦ୍ଧ ହେବାକୁ ହେବ । ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଲାଗି –

''ମନ ଦେଇଦେବ ତା'ର ସମସ୍ତ ଚିନ୍ତା,
ହୃଦୟ ଦେଇଦେବ ତା'ର ସମସ୍ତ ଆବେଗ;
ଶରୀର ଦେଇଦେବ ତା'ର ସମସ୍ତ କର୍ମ ।''

ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଓ ସାଧନା ପରସ୍ପରଠାରୁ ପୃଥକ୍ ନୁହନ୍ତି । କାର୍ଯ୍ୟର ଅନ୍ୟ ନାମ ସାଧନା । ଯେଉଁ ବ୍ୟକ୍ତି ମା' ଶ୍ରୀଅରବିନ୍ଦଙ୍କର କାର୍ଯ୍ୟ କରୁଛି, ନିଶ୍ଚିତ ଭାବରେ ତା' ପ୍ରତି ତାଙ୍କର ଆଶୀର୍ବାଦ ରହିଛି ଓ ତା'ର ସାଧନାରେ ସେ ଅଗ୍ରଗତି କରୁଛି । କାରଣ ଏ ସ୍ୱାର୍ଥପର ଦୁନିଆରେ ଭଗବାନଙ୍କ କାର୍ଯ୍ୟ କରିବା ଲାଗି ଖୁବ୍ କମ୍ ବ୍ୟକ୍ତି ବାହାରନ୍ତି । ଯେଉଁମାନେ ବାହାରନ୍ତି ସେମାନେ ସ୍ପଷ୍ଟଭାବେ ହେଉ କିଂବା ପରୋକ୍ଷ ଭାବରେ ହେଉ ଆତ୍ମପ୍ରେରଣା ଲାଭ କରିଥାଆନ୍ତି । ବ୍ୟକ୍ତିଗତ ଭାବେ ଦିବ୍ୟ କର୍ମ କରିବା ଲାଗି ସଂକଳ୍ପବଦ୍ଧ ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ ମଧ୍ୟରେ ସେହି ସଂକଳ୍ପକୁ ସଞ୍ଚାରିତ କରାଇବା ଲାଗି ବିଭିନ୍ନ କେନ୍ଦ୍ର ପ୍ରତିଷ୍ଠା କରିବାକୁ ହେବ । ପ୍ରତି ଗ୍ରାମରେ ଓ ପ୍ରତି ସହରରେ ପୁରୁଷମାନଙ୍କ ଲାଗି ଓ ମହିଳାମାନଙ୍କ ଲାଗି ଶ୍ରୀଅରବିନ୍ଦ ପାଠଚକ୍ର ଗଠନ କରିବାକୁ ହେବ । ସହରରେ ତ ଏକାଧିକ ପାଠଚକ୍ର ଗଠନ କରାଯିବ; ଆବଶ୍ୟକ ହେଲେ ଗୋଟିଏ ଗ୍ରାମରେ ମଧ୍ୟ ଏକାଧିକ ପାଠଚକ୍ର ଗଠନ କରାଯାଇପାରେ । ସେହିପରି ପ୍ରତି ସ୍କୁଲକଲେଜରେ ଓ ଛାତ୍ରାବାସମାନଙ୍କରେ ଛାତ୍ର-ଶିକ୍ଷକମାନଙ୍କୁ ନେଇ ଶ୍ରୀଅରବିନ୍ଦ ଛାତ୍ରସମାଜ ଗଠନ ହେବା ଆବଶ୍ୟକ । ଦେଖାଯାଇଛି, ଯେଉଁମାନେ ଗୋଟିଏ ପାଠଚକ୍ର କିଂବା ଛାତ୍ରସମାଜରେ ଯୋଗ ଦେଇଛନ୍ତି ସେମାନେ କାର୍ଯ୍ୟୋପଲକ୍ଷେ ଅନ୍ୟତ୍ର ଚାଲିଯିବା ପରେ ସେଠାରେ ମଧ୍ୟ ଅନୁରୂପ ଅନୁଷ୍ଠାନ ନଗଢ଼ି ରହିପାରୁ ନାହାନ୍ତି । ଏହି ଛାତ୍ରସମାଜ ଓ ପାଠଚକ୍ରଗୁଡ଼ିକ ବ୍ୟକ୍ତିଗତଭାବେ ପରିଚାଳିତ ହେବା ସଙ୍ଗେ ସଙ୍ଗେ ପ୍ରତି ମାସରେ ଥରେ ଗୋଟିଏ ସ୍ଥାନରେ ଥିବା ଏହି ଧରଣର ସମସ୍ତ ଅନୁଷ୍ଠାନ ଏକତ୍ର ମିଶି ଗୋଟିଏ ଅନୁଷ୍ଠାନରେ ଧ୍ୟାନ-ପ୍ରାର୍ଥନା ଓ ଆଲୋଚନା ଆଦି କରିବେ । ଅନ୍ୟ ମାସରେ ସଂପୃକ୍ତ ଆଉ ଗୋଟିଏ

ଅନୁଷ୍ଠାନରେ କରିବେ । ଏହିପରି ସେହି ସ୍ଥାନରେ ଥିବା ସମସ୍ତ ଅନୁଷ୍ଠାନରେ ପାଳି କରି କରିବାକୁ ହେବ । ବର୍ଷର ବିଭିନ୍ନ ସମୟରେ ଜିଲ୍ଲା କିଂବା ରାଜ୍ୟ ସ୍ତରରେ ବଡ଼ ବଡ଼ ସମ୍ମିଳନୀ କିଂବା ସେମିନାରମାନ ଆୟୋଜନ କରିବା କିଂବା ଯେଉଁଠି ସେସବୁ ହେଉଛି ସେଥିରେ ଯୋଗଦେବା ଆବଶ୍ୟକ । ଶ୍ରୀଅରବିନ୍ଦଙ୍କ ବାଣୀ ପ୍ରସାର ଲାଗି ଯାହାକିଛି ଉପାୟ ଆଖି ଆଗରେ ପଡୁଛି ସେସବୁକୁ ଗ୍ରହଣ କରିନେବା ଉଚିତ । ଚଳଚ୍ଚିତ୍ର, ନୃତ୍ୟ, ଗୀତ, ଅଭିନୟ, ଯୁବ-ଛାତ୍ର-ଶିବିର, ଛୋଟ ଛୋଟ ପୁସ୍ତକ, ପ୍ରଚାରପତ୍ର, ସମ୍ବାଦପତ୍ର ତଥା ଅନ୍ୟାନ୍ୟ ପତ୍ରପତ୍ରିକାକୁ ମଧ ମାଧମରୂପେ ଗ୍ରହଣ କରାଯାଇପାରେ । ମା'ଙ୍କ ଦୟାରୁ ଏସବୁ ଯେ ଆଉ କଳ୍ପନାର ବସ୍ତୁ ହୋଇ ରହିଛି ତା' ନୁହେଁ । ଏସବୁ କ୍ଷେତ୍ରରେ ଅଳ୍ପ ବହୁତ ସକ୍ରିୟ କାର୍ଯ୍ୟ ଆରମ୍ଭ ହୋଇଗଲାଣି ।

ପ୍ରଥମେ ଏହିସବୁ କାର୍ଯ୍ୟ ହେବା ଯୋଗୁଁ ଲୋକମାନେ ଶ୍ରୀଅରବିନ୍ଦଙ୍କ ନୂତନ ବାଣୀ ଓ ଆଦର୍ଶ ଜାଣିବା ପରେ ଅନ୍ୟାନ୍ୟ କି କି କାର୍ଯ୍ୟ କରିବାକୁ ହେବ ସେ ସମ୍ବନ୍ଧେ ପ୍ରୟୋଜନ ଅନୁସାରେ ପ୍ରେରଣା ଆପେ ଆପେ ଆସିବ । ଶିକ୍ଷା, ଶିଳ୍ପ, କୃଷି, ବାଣିଜ୍ୟ, କଳା, ସାହିତ୍ୟ, ରାଜନୀତି, ସମାଜନୀତି ତଥା ସମସ୍ତ କ୍ଷେତ୍ରରେ ଏହାକୁ ପ୍ରୟୋଗ କରାଯାଇପାରିବ । କାରଣ ଯେଉଁମାନଙ୍କ ମଧରେ ଏହି ନୂତନ ଜ୍ଞାନ ଓ ଚେତନା ପ୍ରବେଶ କରିବ ସେମାନେ ସବୁବେଳେ ପୁରାତନ ପଦ୍ଧତିକୁ ଛାଡ଼ି ଏକ ନୂତନ ପ୍ରେରଣା ନେଇ ନୂତନ ଉପାୟରେ ସମସ୍ତ କାର୍ଯ୍ୟ କରିବାକୁ ଚାହିଁବେ । ତାହାହିଁ ହେବ ଦିବ୍ୟ କର୍ମ ଓ ସେହି ଦିବ୍ୟ କର୍ମହିଁ ଗଢ଼ିବ ଭବିଷ୍ୟତର ଦିବ୍ୟ ମାନବ । ଦିବ୍ୟ ଚେତନାରେ ବାସ କରିବାକୁ ଓ ତାକୁ ନିଜ ମଧରେ ମୂର୍ତ୍ତ କରିବାକୁ ହେଲେ ଦିବ୍ୟ କର୍ମ କରିବା ଅନିବାର୍ଯ୍ୟ । ତା'ଛଡ଼ା ଅନ୍ୟ ପନ୍ଥା ନାହିଁ ।

ମା' ଆଜି ସମଗ୍ର ସୃଷ୍ଟିର ବିଷ ସଦୃଶ ଦୁଃଖଯନ୍ତ୍ରଣା, ରୋଗବ୍ୟାଧି, ଜରାମୃତ୍ୟୁକୁ ନିଜେ ପାନ କରି ତାକୁ ଅମୃତତ୍ୱରେ ରୂପାନ୍ତର କରିବାର ଯେଉଁ ମହାନ୍ ବ୍ରତ ସାଧନା କରୁଛନ୍ତି ତାହା ତାଙ୍କ ନିଜ ଲାଗି ନୁହେଁ । ଏକ ପରମ

ଭାଗବତ ସଂକଳ୍ପକୁ ସେ କେବଳ ପୃଥିବୀପୃଷ୍ଠରେ କ୍ରିୟାଶୀଳ କରୁଛନ୍ତି । ଶ୍ରୀଅରବିନ୍ଦ ତାଙ୍କ ସାବିତ୍ରୀ ମହାକାବ୍ୟରେ କହିଛନ୍ତି – "Her eternal Lover is her action's cause;" ଅର୍ଥାତ୍ "ସକଳ କର୍ମର ହେତୁ ତାଙ୍କର ଶାଶ୍ୱତ ପ୍ରେମିକ ।"

ସେହିପରି ଆମେ ଯଦି ଆମର ହୀନ ସ୍ୱାର୍ଥପର ଚିନ୍ତା ଛାଡ଼ି ସେହି ଶାଶ୍ୱତ ପରମ ପ୍ରେମମୟଙ୍କ ସଂକଳ୍ପ ପୂରଣ ନିମନ୍ତେ ନିଜକୁ ଅକାତରେ ଢାଳିଦେବୁ ତେବେ ଶ୍ରୀଅରବିନ୍ଦ-ଆକ୍ସନ୍‌ର କାର୍ଯ୍ୟ ଖୁବ୍ କମ୍ ଦିନରେ ଦେଶବ୍ୟାପୀ ପ୍ରସାର ଲାଭ କରି ଆଣିବ ଏକ ନବ ଜାଗରଣ ଯାହା ଧୀରେ ଧୀରେ ସଞ୍ଚାରିତ ହେବ ସମଗ୍ର ବିଶ୍ୱରେ ।

# ପରିବର୍ତ୍ତନ କ'ଣ ?

ଆମେ ଜାଣୁ ବା ନଜାଣୁ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନ ହୋଇଚାଲିଛି । ପୃଥିବୀପୃଷ୍ଠରେ ଜୀବନର ଲକ୍ଷଣ ହେଉଛି ପ୍ରଗତି । ପ୍ରଗତିର ଅର୍ଥ ହେଉଛି ନିମ୍ନରୁ ଊର୍ଦ୍ଧ୍ୱକୁ, ପୁରାତନରୁ ନୂତନକୁ ବା ଜଣାରୁ ଅଜଣାକୁ ଗତି । ଯାହାର ପ୍ରଗତି ନାହିଁ ତା'ର ଜୀବନ ବି ନାହିଁ । ସେ ଜଡ଼, ନିର୍ଜୀବ ଓ ସ୍ଥାଣୁ । ଏହି ପ୍ରଗତି ଲାଗି ପରିବର୍ତ୍ତନ ଅପରିହାର୍ଯ୍ୟ ଓ ତାହା ପ୍ରକୃତରେ ଅହରହ ଲାଗି ରହିଛି । ତା' ନହୋଇଥିଲେ ଜେଲି ଜେଲି ଅବସ୍ଥାରେହିଁ ରହିଥାଆନ୍ତା; ଆଜିର ମଣିଷରେ ପରିଣତ ହୋଇପାରି ନଥାନ୍ତା । ନିକଟରେ ମା' ୧୯୭୦ ନବବର୍ଷ ବାଣୀରେ, (ବାଣୀଟି ହେଉଛି :) "ପୃଥିବୀ ଏକ ବିପୁଳ ପରିବର୍ତ୍ତନ ନିମନ୍ତେ ପ୍ରସ୍ତୁତ ହେଉଛି । ତୁମେ ସାହାଯ୍ୟ କରିବ କି ?" କହିଥିବା ପରିବର୍ତ୍ତନ କ'ଣ ଏହିପରି ପରିବର୍ତ୍ତନ ?

ପ୍ରକୃତିର ସ୍ୱାଭାବିକ ପରିବର୍ତ୍ତନ ଖୁବ୍ ଧୀର, ଖୁବ୍ ମନ୍ଥର ଭାବରେ ହେଉଛି ବୋଲି ଗୋଟିଏ ଜୀବନରେ ତାହାକୁ ଜାଣିବା ବି ଅତି କଷ୍ଟ । ମା' ନବବର୍ଷ ବାଣୀରେ ଯେଉଁ ପରିବର୍ତ୍ତନ କଥା କହିଛନ୍ତି ତାହା ଯୋଗଶକ୍ତି ବଳରେ ପରିବର୍ତ୍ତନ । ପ୍ରକୃତିର ସ୍ୱାଭାବିକ ଗତିରେ ଯେଉଁ ପରିଣାମ କୋଟି କୋଟି ବର୍ଷ ପରେ ଆସିଥାନ୍ତା ତାହା ସଚେତନ ଯୋଗବଳରେ ଆହୁରି କ୍ଷିପ୍ରତର ହେବ । ଯେଉଁମାନେ ସାଧନାରେ ପ୍ରବୃତ୍ତ ହେବେ ସେମାନଙ୍କର ବିକାଶ ଖୁବ୍ ଦ୍ରୁତଗତିରେ ଚାଲିବ । ଏହା ଆଜି ସମ୍ଭବ ହୋଇଛି ପୃଥିବୀପୃଷ୍ଠରେ ମା'ଙ୍କର ଆବିର୍ଭାବ ଯୋଗୁଁ । ତାଙ୍କରି ଅଖଣ୍ଡ ସଂକଳ୍ପ ଶକ୍ତି ସମଗ୍ର ପୃଥିବୀରେ କ୍ରିୟାଶୀଳ ହେଉଛି ଓ ତାଙ୍କ ପ୍ରତି ଅନୁରକ୍ତ ସମସ୍ତ ସାଧକସାଧିକାମାନଙ୍କ ମଧ୍ୟରେ ପ୍ରବେଶ କରୁଛି, ସେମାନେ ଯାହା ବି ହୁଅନ୍ତୁ ପଛେ — କୃଷକ ହୁଅନ୍ତୁ, ଶିଳ୍ପପତି ହୁଅନ୍ତୁ, ଶିକ୍ଷକ ହୁଅନ୍ତୁ, ଛାତ୍ର ହୁଅନ୍ତୁ, ବଣିକ ହୁଅନ୍ତୁ,

ରାଜନୀତିକ ହୁଅନ୍ତୁ ବା ଅନ୍ୟ କିଛି ହୁଅନ୍ତୁ । ବିକାଶ ମାର୍ଗରେ ବର୍ତ୍ତମାନ ଯାହାକିଛି ପରିବର୍ତ୍ତନ ସବୁ ମା'ଙ୍କ ଶକ୍ତି ଦ୍ୱାରା ଆସୁଛି ଏବଂ ଆସିବ । ପୂର୍ବରେ ସକଳ ଯୋଗସାଧନା ଥିଲା ଯେଉଁ ବ୍ୟକ୍ତି ଯୋଗ କରୁଛି କେବଳ ତା'ରି ଲାଗି, ଅନ୍ୟମାନଙ୍କ ଲାଗି ନୁହେଁ । ବର୍ତ୍ତମାନ ମା' ଶ୍ରୀଅରବିନ୍ଦଙ୍କ ଯୋଗ ସମଗ୍ର ବିଶ୍ୱ ଲାଗି । ଯେଉଁମାନେ ଜୀବନରେ ଏହି ଯୋଗକୁ ଗ୍ରହଣ କରିନେଇ ସେଇ ଅନୁସାରେ କାର୍ଯ୍ୟ କରୁଛନ୍ତି ସେମାନଙ୍କ ପ୍ରଭାବ ସବୁରି ଅଲକ୍ଷ୍ୟରେ ଅନ୍ୟମାନଙ୍କ ଉପରେ ପଡୁଛି । ତା' ନହେଲେ ଏ ଯୋଗର ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ । ଜଣେ ବ୍ୟକ୍ତି ଯେତେ ଚେଷ୍ଟା କଲେ ବି ଏ ପଥରେ ବହୁଦୂର ଅଗ୍ରସର ହୋଇପାରିବ ନାହିଁ ଯେତେ ଦିନ ପର୍ଯ୍ୟନ୍ତ ତା' ପଛରେ ଥିବା ସମଷ୍ଟିର କିଛି କିଛି ପରିବର୍ତ୍ତନ ନହୋଇଛି; ତେଣୁ ଉଭୟ ବ୍ୟକ୍ତିଗତ କ୍ଷେତ୍ରରେ ଓ ସାମାଜିକ କ୍ଷେତ୍ରରେ ଏ ପ୍ରଗତି ଲାଗିରହିବ । ଜଣେ ବ୍ୟକ୍ତି ଯେଉଁ ପରିବର୍ତ୍ତନ ଉପଲବ୍ଧି କରିବ, ଏହି ମାର୍ଗରେ ସଚେତନ ଭାବେ ଗତି କରୁଥିବା ସମସ୍ତ ବ୍ୟକ୍ତି ଊଣା-ଅଧିକେ ସେହି ପରିବର୍ତ୍ତନ ଉପଲବ୍ଧି କରିବେ । ସବୁକିଛି ପରିବର୍ତ୍ତନ ପ୍ରଥମେ ମା'ଙ୍କ ମଧ୍ୟରୁହିଁ ଉତ୍ସାରିତ ହେବ । ଏହି ପରିବର୍ତ୍ତନରେ ସାହାଯ୍ୟ କରିବା ଓ ନିଜେ ଭାଗିହେବା ଅର୍ଥ ମା'ଙ୍କ ନିକଟରେ ସବୁକିଛି ସମର୍ପଣ କରି ସଚେତନ ଭାବେ ଶ୍ରଦ୍ଧା ଓ ଭକ୍ତିର ସହ ସମସ୍ତ କାର୍ଯ୍ୟ ତାଙ୍କରି ସେବା ଓ ତାଙ୍କରି ଉଦ୍ଦେଶ୍ୟରେ କରିବା । ଏହା ଫଳରେ ମା'ଙ୍କ ଶକ୍ତି ବ୍ୟକ୍ତି ମଧ୍ୟରେ କ୍ରିୟା କରି ଯାହାକିଛି ଆବଶ୍ୟକ ପରିବର୍ତ୍ତନ ଆଣିବ । କାରଣ ଯିଏ ଯାହାକୁ ଅନ୍ତରରେ ଭଲପାଏ ଓ ବାହାରେ ତା'ରି ଲାଗି କାର୍ଯ୍ୟ କରେ ଶେଷରେ ସେ ତା'ରି ଭଳିହିଁ ହୋଇଯାଏ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ପରିବର୍ତ୍ତନ ତ ହେବ, ତେବେ ଏ ପରିବର୍ତ୍ତନ କ'ଣ ? ପରିବର୍ତ୍ତନ କହିଲେ ହଠାତ୍ ଆମ ଦୃଷ୍ଟି ବାହାର ଆଡ଼େ ପଡ଼େ । ଖରାପ ଦିଗରେ ଏହା ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ, ମହାମାରୀ, ଅରାଜକତା, ଅଭାବ ଅନାଟନ, ରୋଗ ଶୋକ ତଥା ଯୁଦ୍ଧ ଆଦି ହୋଇପାରେ କିଂବା

ଭଲ ଦିଗରେ ଏହା ସୁଶାସନ, ଲୋକମାନଙ୍କ ଜୀବନଧାରଣର ମାନ ଉନ୍ନତ ହେବା, ଯୁଦ୍ଧଭୟ ନରହିବା, ଅନ୍ୟାୟ ଅତ୍ୟାଚାର, ଲାଞ୍ଛମିଛ, କଳିଗୋଳ ଓ ରୋଗବ୍ୟାଧ୍ ଆଦି ନରହିବା, ଦେଶ ଦେଶ, ରାଜ୍ୟ ରାଜ୍ୟ, ବ୍ୟକ୍ତି ବ୍ୟକ୍ତି ପରସ୍ପର ଶତ୍ରୁତା ଭୁଲିଯାଇ ଭାଇ ଭାଇ ଭଳି ଶାନ୍ତି ଓ ଆନନ୍ଦରେ ବାସ କରିବା ଇତ୍ୟାଦି ହୋଇପାରେ । ଖରାପ ଦିଗରେ ଯେଉଁ ପରିବର୍ତ୍ତନ କଥା କୁହାଗଲା ସେସବୁ ତ ଘଟିଆସୁଛି ଓ ବର୍ତ୍ତମାନ ମଧ୍ୟ ଘଟୁଛି, ଆଉ ହେବ ବା କ'ଣ ? ତେଣୁ ପରିବର୍ତ୍ତନଟି ଧୀରେ ଧୀରେ ଭଲ ଦିଗରେହିଁ ହେବ ।

କିନ୍ତୁ ବାହାରେ ଆମେ ଯେଉଁସବୁ ପରିବର୍ତ୍ତନ ଦେଖୁ ସେ ସବୁକିଛି ଆସେ ଆମ ଭିତରୁ । ଭିତରର ଭାବ ଓ ପ୍ରକୃତି ନ ବଦଳିଲେ ବାହାରର ଆଚରଣ କେବେ ବି ବଦଳେ ନାହିଁ । ଏହି ଭିତରର ପ୍ରକୃତି ସହଜେ ବଦଳେ ନାହିଁ । ବେଳେବେଳେ ବ୍ୟକ୍ତି କୌଣସି ଏକ ଆଦର୍ଶ କିଂବା ପନ୍ଥା ଅନୁସରଣ କରି ସେଇ ଛାଞ୍ଚରେ ସ୍ୱ-ଇଚ୍ଛାରେ ନିଜକୁ ଗଢ଼ିବାକୁ ଚେଷ୍ଟାକରେ । ଫଳରେ ତା'ର ଅନ୍ତଃପ୍ରକୃତିରେ କେତେକ ପରିବର୍ତ୍ତନ ଘଟିଥାଏ । ଉଦାହରଣ ସ୍ୱରୂପ, ଯିଏ ଚାହେଁ ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ଶ୍ରୀମା ଶ୍ରୀଅରବିନ୍ଦ କିଂବା ଅନ୍ୟ କୌଣସି ଆଦର୍ଶ ଗ୍ରହଣ କରିବାକୁ, ସେ ଦେଖେ ସେମାନେ ନିଜେ କ'ଣ ଏବଂ କ'ଣ କହିଛନ୍ତି ଓ କରିଛନ୍ତି । ସେଇ ଅନୁସାରେ ସେ ନିଜେ ଇଚ୍ଛାକରି ନିଜ ମଧ୍ୟରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରେ । କେତେକ କ୍ଷେତ୍ରରେ ବ୍ୟକ୍ତି ଜୀବନରେ ଧକ୍‌କା ଖାଇଲେ ତା' ମଧ୍ୟରେ ପରିବର୍ତ୍ତନ ଆସେ, ଯେପରି ଦସ୍ୟୁ ରତ୍ନାକର ଓ ବିଲ୍ୱମଙ୍ଗଳ ପ୍ରଭୃତିଙ୍କ ଜୀବନରେ ଘଟିଥିଲା । ତା' ଛଡ଼ା ତୁମେମାନେ ବାଇବେଲରେ ଥିବା ଜଣେ 'ଅମିତବ୍ୟୟୀ ପୁତ୍ର'ର ଗପ ଶୁଣିଥିବ । ଗପଟି ଏଠାରେ ଯଥାସମ୍ଭବ ସଂକ୍ଷେପରେ କୁହାଯାଉଛି :

ଜଣେ ବ୍ୟକ୍ତିଙ୍କର ଦୁଇଟି ପୁଅ ଥିଲେ । ସାନ ପୁଅଟି ସମ୍ପତ୍ତିରେ ଥିବା ତା'ର ଭାଗତକ ନିଜେ ନେବା ଲାଗି ଜିଦ୍ ଧରିଲା । ପିତା ତାଙ୍କର ବାଧ୍ୟହୋଇ

ସମ୍ପତ୍ତିରୁ ତା' ଭାଗତକ ତାକୁ ଦେଇଦେଲେ । ସେ ତା'ର ସମ୍ପତ୍ତି ବିକ୍ରୟ କରି ଟଙ୍କାପଇସା ଧରି ଅନ୍ୟ ଏକ ସ୍ଥାନକୁ ଚାଲିଗଲା । ସେଠାରେ ଖୁବ୍ ବିଳାସବ୍ୟସନରେ ରହି ସବୁକିଛି ଟଙ୍କାପଇସା ଉଡ଼ାଇ ଦେଲା । ସେହି ସମୟକୁ ସେ ସ୍ଥାନରେ ଦୁର୍ଭିକ୍ଷ ପଡ଼ିଲା । ଫଳରେ ଯେଉଁମାନଙ୍କର ସମ୍ପତ୍ତିବାଡ଼ି ଥିଲା ସେମାନଙ୍କୁ ମଧ୍ୟ ଖାଇବାକୁ ମିଳିଲା ନାହିଁ, ଯାକୁ ବା କେଉଁଠୁ ମିଳିବ ? ଶେଷରେ ଖାଇବାକୁ ନପାଇ ସେ ଜଣେ ବ୍ୟକ୍ତିର ଘୁଷୁରି ଚରାଇବା ଦାୟିତ୍ୱ ନେଲା । ପେଟ ବିକଳରେ ଅନେକ ସମୟରେ ତାକୁ ଘୁଷୁରିଙ୍କୁ ଯେଉଁ ଖାଦ୍ୟ ଦିଆଯାଉଥିଲା ସେସବୁ ଖାଇବାକୁ ପଡ଼ିଲା । ଏହିପରି ଦୁଃଖକଷ୍ଟ ମଧ୍ୟରେ ହଠାତ୍ ତା'ର ଅତୀତର କର୍ମ ଲାଗି ଅନୁତାପ ଆସିଲା ଓ ଭାବିଲା ତା' ପିତାଙ୍କର ତା' ଭଳି ଅନେକ ଚାକର ଅଛନ୍ତି ଯେଉଁମାନେ ଖାଇବା ପିନ୍ଧିବାକୁ ପ୍ରଚୁର ପାଉଛନ୍ତି । କିନ୍ତୁ ସେଠାକୁ ସେ ଯିବ ବା କେଉଁ ମୁହଁରେ ! ଯାହାହେଉ, ଶେଷକୁ ଦୃଢ଼ତାର ସହିତ ସ୍ଥିର କଲା ପିତାଙ୍କ ନିକଟକୁ ଯାଇ ଅତୀତର ଦୋଷ ଲାଗି କ୍ଷମାମାଗି ତାକୁ ଏକ ଚାକର ରୂପେ ରଖିବା ପାଇଁ ଅନୁରୋଧ କରିବ । ଶେଷରେ ତାହାହିଁ କଲା । ଘରେ ପହଞ୍ଚିବା ପୂର୍ବରୁ ତା'ର ପିତା କିଛିଦୂରରୁ ଦେଖି ଆନନ୍ଦ ଗଦ୍‌ଗଦ୍ ଚିତ୍ତରେ ଯାଇ ତାକୁ ଆଲିଙ୍ଗନ କରି ନେଇଆସିଲେ । ପିତାଙ୍କ ନିକଟରେ ଓ ଭଗବାନଙ୍କ ନିକଟରେ ସେ ଦୋଷ କରିଛି ବୋଲି ଗଭୀର ଅନୁତାପ ପ୍ରକାଶ କଲା । ପିତା ସେସବୁ କିଛି ନଶୁଣି ଚାକରମାନଙ୍କୁ ତାକୁ ସ୍ନାନାଦି କରାଇ ସୁନ୍ଦର ପୋଷାକ ଓ ମୁଦି ଇତ୍ୟାଦି ପିନ୍ଧାଇ ଦେବା ଲାଗି ଆଦେଶ ଦେଲେ ଏବଂ ଘରେ ଏକ ବିରାଟ ଭୋଜି ଓ ନାଚର ବ୍ୟବସ୍ଥା କଲେ ।

ବଡ଼ ପୁଅ କର୍ମକ୍ଷେତ୍ରରୁ କ୍ଳାନ୍ତ ହୋଇ ଫେରିଲାବେଳକୁ ଘରୁ ସଙ୍ଗୀତର ସୁମଧୁର ଧ୍ୱନି ଭାସି ଆସୁଥିବାର ଶୁଣିବାକୁ ପାଇଲା । ଆଶ୍ଚର୍ଯ୍ୟ ହୋଇ ଜଣେ ଚାକରକୁ ପଚାରି ବୁଝିଲା ଯେ ସାନଭାଇ ଘରକୁ ଫେରି ଆସିଥିବା ଉପଲକ୍ଷେ ଏସବୁର ଆୟୋଜନ ହୋଇଛି । ମନ ତା'ର ବିଷାକ୍ତ

ହୋଇଉଠିଲା । ସେଇଠାରୁ ଘରକୁ ନଯାଇ ଅନ୍ୟତ୍ର ଫେରିଯିବାକୁ ଆରମ୍ଭ କଲା । ପିତା ଏସବୁ ଖବର ପାଇ ତା' ନିକଟକୁ ଆସିବାରୁ ସେ ତାଙ୍କୁ କହିଲା, ''ଆଜିପର୍ଯ୍ୟନ୍ତ ମୁଁ ଆପଣଙ୍କ ପାଖେ ପାଖେ ରହି ଆପଣଙ୍କର ସମସ୍ତ ଆଦେଶ ମାନି କାର୍ଯ୍ୟ କରିଆସିଛି, ଅଥଚ ମୋତେ କେବେ ମଉଜମଜଲିସ୍ କରିବା ପାଇଁ ପଇସାଟିଏ ଦେଇ ନାହାନ୍ତି । କିନ୍ତୁ ଯେଉଁ ପୁଅ ତା'ର ସମ୍ପତ୍ତି ଭାଗ ନେଇ ତାକୁ ବଦ୍‌ଖର୍ଚ୍ଚରେ ଉଡ଼ାଇଦେଇ ଫେରିଆସିଲା ତା' ପାଇଁ ଘରେ ଏତେ ବିରାଟ ଆୟୋଜନ ହେଉଛି !'' ଏକଥା ଶୁଣି ପିତା ଖୁବ୍ ସ୍ନେହପୂର୍ଣ୍ଣ ସ୍ୱରରେ ତାକୁ ବୁଝାଇଦେଲେ, ''ତୋର ଯେଉଁ ଭାଇ ସମ୍ପତ୍ତିରୁ ଭାଗ ନେଇ ଚାଲି ଯାଇଥିଲା ସେ ଭାଇ ମରିଯାଇଛି । ବର୍ତ୍ତମାନ ଆମ ଘରେ ତୋର ଏକ ନୂଆ ଭାଇ ଜନ୍ମ ହୋଇଛି । ସେଥିଲାଗି ଏକ ମଉଜମଜଲିସ୍‌ର ଆୟୋଜନ କରିବାରେ କିଛି ଅସଙ୍ଗତି ଅଛି କି ?'' କଥାଟିର ମର୍ମ ବଡ଼ପୁଅ ବୁଝିପାରିଲା ଓ ଆନନ୍ଦରେ ଯାଇ ମଉଜମଜଲିସ୍‌ରେ ଭାଗନେଲା ।

ଏଠାରେ ନୂଆ ଭାଇ ଜନ୍ମ ହୋଇଛି କହିବାର ଅର୍ଥ ସମସ୍ତେ ବୁଝି ପାରୁଥିବେ । ବାସ୍ତବରେ କ'ଣ ସ୍ଥୂଳ ଆକାରରେ ସାନଭାଇ ମରିଯାଇ ଆଉ ଏକ ନୂଆ ଭାଇ ଶିଶୁ ଆକାରରେ ଜନ୍ମ ଲାଭ କଲା ? ତା' ନୁହେଁ । ଜୀବନରେ ଧକ୍‌କା ଖାଇ ସାନଭାଇର ପୁରାତନ ପ୍ରକୃତି ମରିଯାଇ ସେ ସ୍ଥାନରେ ନୂତନ ପ୍ରକୃତି ଜନ୍ମ ନେଲା । ଜୀବନରେ ଧକ୍‌କା ଖାଇ ପରିବର୍ତ୍ତନ ଆସିବା ଅନ୍ୟ ଅର୍ଥରେ ବ୍ୟକ୍ତି ପ୍ରତି ଭଗବାନଙ୍କର ଅହେତୁକୀ କୃପା ବୋଲି ମଧ୍ୟ କୁହାଯାଇପାରେ । ଯାହାହେଉ, ଅନ୍ତରରେ ନୂତନ ଭାବ ସଞ୍ଚାରିତ ହେବାରୁ ବାହାରେ ତା'ର ବ୍ୟବହାର ଓ ଚାଲିଚଳନ ବଦଳିଗଲା । ଏହିପରି ସବୁକିଛି ପରିବର୍ତ୍ତନ ଅନ୍ତରରୁ ଆସେ ଓ ବାହାରେ ତା'ର କେବଳ ପରିପ୍ରକାଶ ମାତ୍ର ଘଟେ । କାହା କ୍ଷେତ୍ରରେ ଧକ୍‌କା ଖାଇ ପରିବର୍ତ୍ତନ ଆସିବ ଓ କିଏ ସ୍ୱ-ଇଚ୍ଛାରେ ପରିବର୍ତ୍ତିତ ହେବ ତା' ନିର୍ଭର କରିବ ବ୍ୟକ୍ତି ଉପରେ ।

ଆମର ଏଠାରେ ଯେଉଁ ବିରାଟ ପରିବର୍ତ୍ତନ କଥା କୁହାଯାଇଛି ତାହା ମା'ଙ୍କ ପ୍ରତି ଉନ୍ମୁକ୍ତ ଥିବା ପ୍ରତ୍ୟେକ ବ୍ୟକ୍ତିର ଅନ୍ତରରେ ତା'ର ସ୍ୱପ୍ରକୃତି ଅନୁଯାୟୀ ଆସିବ ଓ ତା'ର ପ୍ରତିକ୍ରିୟା ସ୍ୱରୂପ ବାହାର ଦୁନିଆରେ ମଧ୍ୟ ବିପୁଳ ପରିବର୍ତ୍ତନ ହେବ ।

ପରିବର୍ତ୍ତନ ଅନିବାର୍ଯ୍ୟ । ତା' ନହେଲେ ପୃଥିବୀ ତିଷ୍ଠିବା କିଂବା ବ୍ୟକ୍ତିଗତ ଜୀବନରେ ତଥା ସଂସାର ଜୀବନରେ ସୁଖ ଶାନ୍ତି ଓ ଆନନ୍ଦ ମଧ୍ୟରେ ପ୍ରଗତି କରିବା ସମ୍ଭବ ହେବ ନାହିଁ । ଜନ୍ମ ଜନ୍ମ ଧରି ଆମେ ଆମ ନିଜ ପ୍ରକୃତି ଯୋଗୁଁ ଦୁଃଖ, କଷ୍ଟ, ଯନ୍ତ୍ରଣା ଭୋଗ କରି ମୃତ୍ୟୁବରଣ କରୁଥିବୁ । ଅବଶ୍ୟ ପ୍ରକୃତିର ପରିବର୍ତ୍ତନ ସହଜ କଥା ନୁହେଁ । ସେଇଥିଲାଗି ଆମର ପ୍ରବାଦ ଅଛି —''ମଣିଷ ପ୍ରକୃତି ମଲେ ତୁଟେ, ଘୁଷୁରି ପ୍ରକୃତି ପଙ୍କରେ ଲୋଟେ ।'' କିନ୍ତୁ ସମୟର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଏ ପ୍ରବାଦ ତା'ର ସତ୍ୟତା ହରାଇଛି । ପୃଥିବୀପୃଷ୍ଠରେ ମା' ଶ୍ରୀଅରବିନ୍ଦଙ୍କ ଆଗମନୀ ସବୁ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନର ସୂତ୍ରପାତ କରିଛି । ଏହି ଜନ୍ମରେ ମଣିଷ ତା'ର ପଶୁତ୍ୱକୁ ରୂପାନ୍ତର କରି ଦେବତ୍ୱରେ ପରିଣତ କରିପାରିବ; ମୃତ୍ୟୁ-ରୋଗ-ଜରା-ବିରହିତ ଏକ ଆନନ୍ଦମୟ ଜୀବନ ଯାପନ କରିପାରିବ ।

ଏସବୁ କାର୍ଯ୍ୟ ଦୁଃସାଧ୍ୟ ମନେ ହେଉଥିଲେ ବି ମା'ଙ୍କ ଦ୍ୱାରା ହେବ । ବ୍ୟକ୍ତିର କାର୍ଯ୍ୟ କେବଳ ମା'ଙ୍କ ଶକ୍ତିକୁ ଗ୍ରହଣ କରି ନିଜ ମଧ୍ୟରେ କ୍ରିୟା କରିବାକୁ ଦେବା । ଏହି ଶକ୍ତିକୁ ନିଜ ମଧ୍ୟରେ କ୍ରିୟା କରିବାକୁ ଦେବାର ସହଜ ଉପାୟ ହେଉଛି ମା'ଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ବିଶ୍ୱାସର ସହ ଏକ ଶାନ୍ତ ସମର୍ପିତ ଭାବ ନେଇ ଓ ତାଙ୍କରି ପ୍ରତି ସତତ ସଚେତନ ହୋଇ କାର୍ଯ୍ୟ କରିବା । ନୂଆବର୍ଷର ବାଣୀ ଉପରେ ମା'ଙ୍କର ଉକ୍ତିଟିକୁ ଆମେସବୁ ମନେ ରଖିବା ଉଚିତ ।

''ସାହାଯ୍ୟ କରିବାର ସର୍ବୋତ୍ତମ ପନ୍ଥା ହେଉଛି ପୃଥିବୀପୃଷ୍ଠରେ

ଅବତରଣ କରିଥିବା ନୂତନ ଚେତନାକୁ ରୂପାନ୍ତର ନିମନ୍ତେ ନିଜ ମଧ୍ୟରେ କାର୍ଯ୍ୟ କରିବାକୁ ଦେବା ।''

— ଶ୍ରୀମା

* * *

''ନିଜକୁ ପରିବର୍ତ୍ତନ କରିବା ଓ ନୂତନ ଚେତନାକୁ ଗ୍ରହଣ କରିବା ଫଳରେ ତୁମେ ସାହାଯ୍ୟ କରିପାରିବ ।''

— ଶ୍ରୀମା

ଶେଷରେ ଆମକୁ ମନେ ରଖିବାକୁ ହେବ, କେବଳ ମା'ହିଁ ମଣିଷ ପ୍ରକୃତିରେ ରୂପାନ୍ତର ଘଟାଇ ତାକୁ ଦୁଃଖ, କଷ୍ଟ, ରୋଗ, ଜରା, ବାର୍ଦ୍ଧକ୍ୟ, ମୃତ୍ୟୁ କବଳରୁ ସ୍ଥାୟୀରୂପେ ମୁକ୍ତ କରି ସେ ସବୁକୁ ଦିବ୍ୟ ପ୍ରକୃତିରେ ପରିଣତ କରିପାରିବେ, ଆଉ କୌଣସି ଶକ୍ତି ଦ୍ୱାରା ଏହା ସମ୍ଭବ ନୁହେଁ ।

# ଆମ ଦେଶ

"Mother India is not a piece of earth; she is a Power, a Godhead, for all nation have such a Devi supporting their separate existence and keeping it in being."

– Sri Aurobindo

"ଭାରତ ଜନନୀ ଏକ ମାଟିର ଭୂଖଣ୍ଡ ନୁହନ୍ତି; ସେ ଏକ ଶକ୍ତି ଏକ ଦେବୀ, କାରଣ ପ୍ରତ୍ୟେକ ରାଷ୍ଟ୍ରର ପଶ୍ଚାତରେ ସେମାନଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱ ଓ ସତ୍ତାକୁ ଧାରଣ କରିବା ନିମିତ୍ତ ରହିଥାନ୍ତି ଜଣେ ଦେବୀ ।"

– ଶ୍ରୀଅରବିନ୍ଦ

ମାନଚିତ୍ରରୁ ତୁମେମାନେ ସମସ୍ତେ ପ୍ରାୟ ଆମ ଦେଶ ଭାରତକୁ ଦେଖିଥିବ । ଭଲ କରି ଦେଖିଛ ତ ? ଆଉ ଥରେ ଆଣି ବର୍ତ୍ତମାନ ଦେଖ ତ । ଭାରତର ଉତ୍ତରରେ ସବୁଠାରୁ ଉଚ୍ଚରେ ଥିବା ଜାମ୍ମୁ କାଶ୍ମୀର ଅଞ୍ଚଳକୁ ଦେଖ ତ । ଅନେକେ କହନ୍ତି, ଏହା ଯେପରି ଏକ ସିଂହର ମସ୍ତକ ଭଳି ଦେଖାଯାଏ । ସେ ସିଂହର ମୁହଁଟି ଯେପରି ତିବ୍ବତ ଆଡ଼କୁ ହୋଇଛି । ଆଚ୍ଛା, ବର୍ତ୍ତମାନ ଜାମ୍ମୁକାଶ୍ମୀର ଅଞ୍ଚଳର ଉତ୍ତର କଡ଼େ କଡ଼େ ନେପାଳ, ଭୁଟାନ ବାଟ ଦେଇ ପୂର୍ବପଟେ ଆସାମ, ବଙ୍ଗଳାଦେଶ ଓ ନାଗାଲାଣ୍ଡ ଅଞ୍ଚଳକୁ ଚାଲିଆସେ । ସେଇଠି ଠିଆ ହୋଇ ବର୍ମା ଓ ରେଙ୍ଗୁନ ଆଡ଼କୁ ଚାହଁ । କିପରି ଦେଖାଯାଉଛି ? ଅନେକେ କହନ୍ତି ଏହା ଠିକ୍ ଏକ ହାତୀର ଶୁଣ୍ଢ ଭଳି ଦେଖାଯାଏ ଓ ତୁମେମାନେ ଯେଉଁଠି ଠିଆ ହୋଇଛ ସେସବୁ ଅଞ୍ଚଳ ହାତୀର ମୁଣ୍ଡ ଭଳି ଦେଖାଯାଏ । ଏ ତ ଗଲା ଉତ୍ତର ଓ ପୂର୍ବ ପାଖର ବର୍ଣ୍ଣନା । ତେବେ ସମୁଦାୟ ଭାରତବର୍ଷକୁ ଟିକିଏ ନିରୀକ୍ଷଣ କରି ଦେଖିଲେ

ତାହା ଏକ ଉଡ଼ନ୍ତା ଚଢ଼େଇ ଭଳି ବି ବେଳେବେଳେ ଦେଖାଯାଏ । ପଶ୍ଚିମ ପାଖର ଗୁଜୁରାଟ ଅଞ୍ଚଳଟି ଚଢ଼େଇର ମୁଣ୍ଡ, ଉତ୍ତରରେ ଜାମ୍ମୁ କାଶ୍ମୀର ପର୍ଯ୍ୟନ୍ତ ଓ ଦକ୍ଷିଣରେ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ଏହାର ଦୁଇଡ଼େଣା ଓ ପୂର୍ବର ଆସାମ ବର୍ମା ଆଦି ଅଞ୍ଚଳ ଏହାର ପୁଚ୍ଛ ଭଳି ଦେଖାଯାଏ । ସତେ ଯେପରି ଏହା ଅଗଣିତ ନରନାରୀଙ୍କୁ କୋଳରେ ଧରି ପରମ ଶାଶ୍ୱତଙ୍କ ଆଡ଼କୁ ଉଡ଼ି ଚାଲିଛି ଓ ସେଠାରୁ ଅମୃତତ୍ୱ ବହନ କରି ଆଣି ପୃଥିବୀପୃଷ୍ଠରେ ସ୍ୱର୍ଗରାଜ୍ୟର ପ୍ରତିଷ୍ଠା କରିବ ।

ଆମେ ଆମ ସ୍ଥୂଳ ଆଖିରେ ଭାରତକୁ ଚାହିଁଲେ କ'ଣ ଦେଖୁ ? ଦେଖୁ ନଇ, ନାଳ, ବଣ, ପାହାଡ଼, ପର୍ବତ, ସମତଳ ଭୂମି, ମାଳଭୂମି, ହ୍ରଦ, ସମୁଦ୍ର ପରିପୂର୍ଣ୍ଣ ଏକ ଭୂଖଣ୍ଡ ମାତ୍ର । କିନ୍ତୁ ମା' ଶ୍ରୀଅରବିନ୍ଦ ତାଙ୍କ ଯୋଗଦୃଷ୍ଟିରେ ଯାହା ଦେଖିଛନ୍ତି, କହିଛନ୍ତି ଭାରତ ଖଣ୍ଡେ ମୃତ୍ତିକା ମାତ୍ର ନୁହେଁ, ଏହା ଆମରି ଭଳି ଏକ ଜୀବନ୍ତ ସତ୍ତା । ଆମ ଭିତରେ ଯେପରି ରହିଛି ଏକ ଆତ୍ମା ସେହିପରି ପ୍ରତ୍ୟେକ ଦେଶ ଭିତରେ ରହିଥାଏ ତା'ର ଆତ୍ମା । ଆମ ଭାରତ ଭିତରେ ମଧ୍ୟ ତା'ର ଆତ୍ମା ରହିଛି । ମା' କହିଛନ୍ତି, "ଭାରତ ଏହି ଦେଶର ଭୂମି, ନଦୀ, ପାହାଡ଼ ବା ଏଥିରେ ବସବାସ କରୁଥିବା ସମସ୍ତ ଲୋକମାନଙ୍କର ନାମ ନୁହେଁ, ଭାରତ ଗୋଟିଏ ଜୀବନ୍ତ ସତ୍ତା । ଶିବ ଆଦି ଦେବତା ଯେପରି ଜୀବିତ, ଭାରତ ମଧ୍ୟ ସେହିପରି ଜୀବିତ । ପ୍ରତ୍ୟେକ ଦେଶର ତା'ର ନିଜର ଆତ୍ମା ରହିଛି, ଆଉ ଯଦି କୌଣସି ରାଜନୈତିକ ଘଟନା ଯୋଗୁଁ ତା'ର ସୀମାର ପରିବର୍ତ୍ତନ କରିଦିଆଯାଏ, ତେବେ ତାହା ଅସ୍ୱାଭାବିକ ହୋଇପଡ଼େ । ଉଦାହରଣ ସ୍ୱରୂପ, ଯଦିଓ ଅଷ୍ଟ୍ରିୟା ଜର୍ମାନୀର ଅଂଶବିଶେଷ ହୋଇଯାଇଛି, ତଥାପି ତାହା ଜର୍ମାନୀଠାରୁ ଏକାବେଳେକେ ପୃଥକ୍ ଏବଂ ତାହାର ଆତ୍ମା ଅଶାନ୍ତ । ଭାରତ ଶିବଙ୍କ ଭଳି ଅଧିମାନସ ସ୍ତରର ଦେବୀ ଏବଂ ଯଦି ସେ ଚାହେଁ, ତେବେ ମାନବ-ଶରୀରରେ ନିଜକୁ ପ୍ରକାଶ କରିପାରେ ।" ଏଥିରୁ ଆମେ ଜାଣିଲେ, ଭାରତବର୍ଷ ଭଳି

ସବୁଦେଶର ଆତ୍ମା ରହିଛି । ଆମ ଭିତରେ ଯେପରି ଆତ୍ମା ଆଉ ଜୀବନ ଅଛି, ସବୁ ଦେଶ ଭିତରେ ମଧ୍ୟ ସେହିପରି ରହିଛି । ତେଣୁ ଆମ ଶରୀରରୁ ଗୋଟିଏ ଅଂଶ କାଟି ନେଇ ଅନ୍ୟ ଶରୀରରେ ଯଦି ବାନ୍ଧି ଦିଆଯାଏ ତେବେ କାହାରି ବି ଲାଭ ହୁଏ ନାହିଁ । ଉଭୟ ଅସୁବିଧାରେ ପଡ଼ନ୍ତି । ଠିକ୍ ସେହିପରି ଗୋଟିଏ ଦେଶରୁ ଖଣ୍ଡେ ଅଂଶ ନେଇ ଯଦି ଅନ୍ୟ ଦେଶରେ ମିଶାଇ ଦିଆଯାଏ ତେବେ ଉଭୟ ଦେଶର ଆତ୍ମା ଅସ୍ୱସ୍ତି ଅନୁଭବ କରନ୍ତି । ଲୋଭରେ ପଡ଼ି କେହି ଏକଥା ବୁଝିପାରନ୍ତି ନାହିଁ । ଫଳରେ ନାନାପ୍ରକାର ସଂଘର୍ଷ ଓ ରକ୍ତପାତ ହୋଇ ଯେଉଁ ଅଂଶ ଯେଉଁ ଦେଶର ତାହା ସେଥିରେ ମିଶେ । ଭିତର ଆତ୍ମାର ଏହି ଅସ୍ୱସ୍ତି ଭାବ ବାହାରେ କେହି ଜାଣିପାରନ୍ତି ନାହିଁ ।

ଭାରତ ଯେ କେବଳ ଏକ ଜୀବନ୍ତ ସତ୍ତା, ଦେବୀ, ସେତିକି ନୁହେଁ, ଏହା ମଧ୍ୟ ସମଗ୍ର ପୃଥିବୀର ପ୍ରତିନିଧି । ଅତି ସ୍ଥୂଳ ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଆମେ ଦେଖିବା, ସମଗ୍ର ପୃଥିବୀରେ ଯେଉଁସବୁ ବସ୍ତୁ ରହିଛି ଭାରତରେ ମଧ୍ୟ ସେସବୁ ବସ୍ତୁ ରହିଛି, ଯଥା : ହିମାଳୟ ଭଳି ଅତି ଉଚ୍ଚ ପର୍ବତଶ୍ରେଣୀ, ଉତ୍ତର ଭାରତର ବିରାଟ ସମତଳ ଭୂମି, ଦାକ୍ଷିଣାତ୍ୟ ଉଚ୍ଚ ମାଳଭୂମି, ଚେରାପୁଞ୍ଜି ଭଳି ବୃଷ୍ଟିବହୁଳ ସ୍ଥାନ, ଥର୍ ଭଳି ଉଷ୍ଣ ମରୁଭୂମି, ଗଙ୍ଗା, ସିନ୍ଧୁ, ବ୍ରହ୍ମପୁତ୍ର ଭଳି ବିରାଟ ବିରାଟ ନଦୀ, ଅନେକ ହ୍ରଦ, ଜଳପ୍ରପାତ, ବୃହତ୍ ଅରଣ୍ୟ ଆଦି ଓ ପୃଥିବୀରେ ଯେତେପ୍ରକାର ଧର୍ମ, ଜାତି, ଜଳବାୟୁ, ଉଦ୍ଭିଦ, କୃଷିଜାତ ଦ୍ରବ୍ୟ, ଅରଣ୍ୟ ସମ୍ପଦ, ଖଣିଜ ପଦାର୍ଥ, ମୃତ୍ତିକା ଆଦି ଦେଖାଯାଏ, ସେ ସମସ୍ତ ଭାରତରେ ରହିଛି । ତା' ଛଡ଼ା ସମଗ୍ର ପୃଥିବୀର ଲୋକସଂଖ୍ୟାର ପ୍ରାୟ ୭ ଭାଗରୁ ଭାଗେ ଲୋକ ଭାରତରେ ବାସ କରନ୍ତି ଓ ଭାରତର ସଭ୍ୟତା ତଥା ସଂସ୍କୃତି ଅତି ପ୍ରାଚୀନ ଓ ମହାନ୍ । ଏହିସବୁ ସ୍ଥୂଳ କାରଣରୁ ଭାରତକୁ ସମଗ୍ର ପୃଥିବୀର ଏକ କ୍ଷୁଦ୍ର ପ୍ରତିରୂପ (Epitome of the world) ବୋଲି କହନ୍ତି ।

କିନ୍ତୁ କେବଳ ଏକ ସ୍ଥୂଳ ଦୃଷ୍ଟିରୁ ନୁହେଁ, ସୂକ୍ଷ୍ମ ଦୃଷ୍ଟିରୁ ମଧ୍ୟ ଭାରତ

ସମଗ୍ର ପୃଥିବୀର ପ୍ରତିନିଧି । ଆମର ପୁରାଣରେ ସାଧାରଣତଃ ଯେଉଁ ଚାରିଟି ଯୁଗ – ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଅଛି ସେ ଚାରିଟି ଯୁଗ ପ୍ରଥମେ ଭାରତରୁ ଆରମ୍ଭ ହୁଏ ଓ ତା'ପରେ ସମଗ୍ର ଜଗତରେ ବ୍ୟାପେ । ତା'ଛଡ଼ା ପୃଥିବୀରେ ଯେତେ ସୁଖଦୁଃଖ, ବିପଦ ଆପଦ, ବାଧା ବିପତ୍ତି, ଭାରତ ସେସବୁର ପ୍ରତିନିଧି । ଭାରତର ଯାହା ସମସ୍ୟା ତାହା ସମଗ୍ର ପୃଥିବୀର ସମସ୍ୟା । ଭାରତବର୍ଷରେ ଯେଉଁ ସମସ୍ୟାର ସମାଧାନ ହେବ ସମଗ୍ର ପୃଥିବୀରେ ତାହାର ସମାଧାନ ହେବ । ଭାରତ ଯଦି ଅନ୍ଧାରରେ ପଡ଼ିଥିବ, ସମଗ୍ର ପୃଥିବୀ ମଧ୍ୟ ଅନ୍ଧାରରେ ପଡ଼ିରହିବ । ଭାରତ ଆଲୋକରେ ଉଦ୍ଭାସିତ ହୋଇଉଠିଲେ ସମଗ୍ର ଜଗତ୍ ମଧ୍ୟ ଆଲୋକରେ ଉଦ୍ଭାସିତ ହୋଇଉଠିବ । ଆଜି ଭାରତ ଯେଉଁସବୁ ସମସ୍ୟା ଓ ବାଧାବିପତ୍ତିର ସମ୍ମୁଖୀନ ହେଉଛି ସେସବୁ ବିଶ୍ୱସମସ୍ୟା ଓ ବାଧାବିପତ୍ତିର ଏକ ପୁଞ୍ଜୀଭୂତ ରୂପ । ପୃଥିବୀର ସବୁଦେଶର ଅନ୍ତରାତ୍ମା ମୁକ୍ତି ଲାଗି, ପ୍ରକାଶ ଲାଗି ଭାରତ ଜନନୀଙ୍କ ଆଡ଼େ ସତୃଷ୍ଣ ନୟନରେ ଚାହିଁ ରହିଛନ୍ତି । ଭାରତର କାର୍ଯ୍ୟ କେବଳ ତା' ନିଜ ଲାଗି ନୁହେଁ, ତାହା ସମଗ୍ର ବିଶ୍ୱ ଲାଗି । ସେଇଥିଲାଗି ଶ୍ରୀଅରବିନ୍ଦ କହିଛନ୍ତି :

"ଭଗବାନ୍ ସର୍ବଦା ନିଜ ସକାଶେ ଗୋଟିଏ ଦେଶକୁ ନିର୍ବାଚନ କରି ରଖନ୍ତି, ଅନ୍ତତଃ ଏହି ଚତୁର୍ଯୁଗରେ ସେ ଦେଶ ହେଉଛି ଭାରତବର୍ଷ । ସେଥିରେ ଉଚ୍ଚତର ଜ୍ଞାନ ଅଳ୍ପ ବା ବହୁ ଲୋକଙ୍କ ଦ୍ୱାରା ସବୁପ୍ରକାର ବିପଦ ଆପଦ ମଧ୍ୟ ଦେଇ ସବୁବେଳେ ଉତ୍ତମରୂପେ ସାଇତା ଯାଇଥାଏ ଏବଂ ଯେତେବେଳେ ଅଜ୍ଞାନ, ବିଭେଦ, ଦ୍ୱନ୍ଦ୍ୱ, ବିରୋଧ, କ୍ରୋଧ, ଶୋକାଶ୍ରୁ ଦୁର୍ବଳତା ଓ ସ୍ୱାର୍ଥପରତା, ତାମସିକ ଓ ରାଜସିକ ସୁଖ, ସଂକ୍ଷେପରେ କଳିର ଲୀଳାକୁ ଭଗବାନ୍ ପୂର୍ଣ୍ଣରୂପେ ଭୋଗ କରିବାକୁ ଇଚ୍ଛା କରନ୍ତି, ସେତେବେଳେ ସେ ଭାରତର ଜ୍ଞାନ-ଜ୍ୟୋତିକୁ ମ୍ଳାନ କରନ୍ତି ଏବଂ ସେହି ଦେଶକୁ ଦୁର୍ବଳତା ଓ ଅବନତି ମଧ୍ୟରେ ବୁଡ଼ାଇ ଦିଅନ୍ତି ଯାହା ଫଳରେ ସେହି ଦେଶ ନିଜ ମଧ୍ୟରେ ଆବଦ୍ଧ ହୋଇ ରହେ ଏବଂ ତାଙ୍କ ଲୀଳାର ଏହି ଗତିକୁ କୌଣସି

ପ୍ରକାର ବ୍ୟାହତ କରେ ନାହିଁ । ଭଗବାନ୍ ଯେତେବେଳେ ନିଜକୁ କର୍ଦ୍ଦମ ମଧ୍ୟରୁ ଉଠାଇବାକୁ ଚାହାନ୍ତି ଓ ସେ ଇଚ୍ଛା କରନ୍ତି ମାନବ-ଅନ୍ତରସ୍ଥ ନାରାୟଣ ପୁନଃ ଶକ୍ତିମାନ୍, ଜ୍ଞାନବାନ୍ ଓ ଆନନ୍ଦମୟ ହୁଅନ୍ତୁ ତେବେ ସେ ପୁନର୍ବାର ଭାରତ ଉପରେ ଜ୍ଞାନ-ସ୍ରୋତ ଢାଳିଦିଅନ୍ତି, ଭାରତକୁ ଊର୍ଦ୍ଧ୍ୱକୁ ଉନ୍ନୀତ କରନ୍ତି ଯାହାଫଳରେ ଭାରତବର୍ଷ ସମଗ୍ର ଜଗତରେ ସେହି ଜ୍ଞାନ ଓ ତାହାର ଆବଶ୍ୟକ ପରିଣାମସ୍ୱରୂପ ଶକ୍ତି, ପ୍ରଜ୍ଞା ଓ ଆନନ୍ଦ ବିତରଣ କରିପାରେ ।...

ଭାରତବର୍ଷ ଅନ୍ୟ ଦେଶ ତୁଲ୍ୟ ନିଜ ସକାଶେ ଜାଗ୍ରତ ହୋଇ ନାହିଁ ବା ବଳଶାଳୀ ହୋଇ ନାହିଁ, ଦୁର୍ବଳକୁ ଗୋଡ଼ରେ ଦଳିଦେବାକୁ ଉଠି ନାହିଁ । ତା' ପାଖରେ ନ୍ୟସ୍ତ ଥିବା ଶାଶ୍ୱତ ଜ୍ୟୋତିକୁ ଜଗତରେ ବିକିରଣ କରିବ ବୋଲି ତାହାର ଉତ୍‌ଥାନ ହୋଇଛି । ଭାରତ ଚିରଦିନ ବଞ୍ଚିରହିଛି ବିଶ୍ୱମାନବଙ୍କ ସକାଶେ, ନିଜ ସକାଶେ ନୁହେଁ; ଆଉ ଆଜି ତାକୁ ବଡ଼ ହେବାକୁ ହେବ ବିଶ୍ୱମାନବ ସମାଜ ପାଇଁ, ନିଜ ପାଇଁ ନୁହେଁ ।''

ଆମର ଏହି ଭାରତବର୍ଷ, ଯାହା ଉପରେ ସମଗ୍ର ପୃଥିବୀର ଭାଗ୍ୟ ନିର୍ଭର କରୁଛି ତାକୁ ପ୍ରଥମେ ମହାନ୍, ଉନ୍ନତ ଓ ପୂର୍ଣ୍ଣାଙ୍ଗ ହେବାକୁ ହେବ । ଯେତେ ଯେତେ ଭାରତ ପୂର୍ଣ୍ଣତା ପଥରେ ଆଗେଇଯିବ ସେତେ ସେତେ ସମଗ୍ର ପୃଥିବୀ ତାକୁ ଅନୁକରଣ କରି ଆଗେଇଯିବ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମତିଥିରେ ଭାରତ ଯେଉଁ ସ୍ୱାଧୀନତା ହାସଲ କଲା ତାହା ତା'ର ଭବିଷ୍ୟତ ବିକାଶ ପଥରେ ବହୁତ ସହାୟକ ହୋଇଛି । କିନ୍ତୁ କୂଟନୀତିବିଶାରଦ ସେହି ଇଂରେଜ ଜାତିର କୌଶଳ ଓ ଆମ ଦେଶର କେତେକ ଅପରିଣାମଦର୍ଶୀ ନେତାଙ୍କ ଯୋଗୁଁ ସ୍ୱାଧୀନତାର ଏକ ବିଷମୟ ପରିଣତି ଏବେ ବି ଆମକୁ ତିଳ ତିଳ କରି ଭୋଗିବାକୁ ହେଉଛି ।

ଇଂରେଜମାନେ ଆମକୁ ସ୍ୱାଧୀନତା ଦେଲେ ଓ ତା' ସଙ୍ଗେ ସଙ୍ଗେ ହିନ୍ଦୁମୁସଲମାନ ଏହି ଧର୍ମ ଭିତ୍ତିରେ ଭାରତ ଓ ପାକିସ୍ଥାନ ନାମରେ ଦୁଇଟି

ରାଷ୍ଟ୍ର ଭାରତ ବକ୍ଷରେ ସୃଷ୍ଟି କରିଗଲେ । ଆମ ଦେଶର କେତେକ ନେତା ନିଜର ଅପରିଣାମଦର୍ଶିତା ଯୋଗୁଁ ଏହାକୁ ସ୍ୱୀକାର କରିନେଲେ । କିନ୍ତୁ ଏହା କ'ଣ କେବେ ସମ୍ଭବ ? ଯାହା ଏକ ଓ ଅବିଭକ୍ତ, ତାକୁ କୃତ୍ରିମ ଭାବରେ ଭାଗ ଭାଗ କରାଗଲେ ମଧ ତାହା ବେଶୀଦିନ ରହିବ ନାହିଁ । ରହିଲେ ବି କାହାରି ଲାଭ ହେବ ନାହିଁ । ବରଂ ଭୟଙ୍କର କ୍ଷତି ହେବ । ମନେକର ତୁମ ସାଇକେଲର ପଛ ଚକକୁ ଯଦି କୁହାଯାଏ, "ତୁ ତ ଗୋଟିଏ ସ୍ୱତନ୍ତ୍ର ଚକ୍ର, ତୁ କାହିଁକି ଆଗ ଚକ ନିର୍ଦ୍ଦେଶ ମାନି ତା' ପଛେ ପଛେ ଚାଲିବୁ ? ତୁ ତା'ଠାରୁ ସ୍ୱତନ୍ତ୍ର ହୋଇ ଯା' ।" ଏହିପରି ଆଗଚକ ସହ ସାଇକେଲ୍‌ର ସମସ୍ତ ଅଂଶ ଓ ପଛ ଚକଟି ଯଦି ପରସ୍ପରଠାରୁ ଅଲଗା ହୋଇ ନିଜ ନିଜକୁ ଏକ ସ୍ୱତନ୍ତ୍ର ସାଇକେଲ୍ ବୋଲାଇବେ ତେବେ ସେମାନଙ୍କ ଅବସ୍ଥା ଯେପରି ହେବ ଭାରତ ଓ ପାକିସ୍ଥାନର ଅବସ୍ଥା ବର୍ତ୍ତମାନ ସେହିପରି । ସାଇକେଲ୍‌ର ଦୁଇଟି ଚକ ଅଲଗା ଅଲଗା ପରସ୍ପରଠାରୁ ପୃଥକ୍ ହୋଇ ଚାଳିତ ହୋଇପାରିବେ ନାହିଁ; ଯଦି ବା ଚାଲନ୍ତି, ସାଇକେଲ୍‌ର ଯେଉଁ ଉଦ୍ଦେଶ୍ୟ ତାହା ସାଧିତ ହୋଇପାରିବ ନାହିଁ । କାରଣ ଦୁହେଁ ଗୋଟିଏ ସାଇକେଲ୍‌ର ଅବିଚ୍ଛେଦ୍ୟ ଅଂଶ । ତେଣୁ ଚକ ଦୁଇଟି ପୁଣି ଏକତ୍ରିତ ହୋଇ ସାଇକେଲ୍‌ଟିକୁ ପୂର୍ଣ୍ଣାଙ୍ଗ କଲେ ଯାଇ ଯାହାକିଛି କାର୍ଯ୍ୟ ସାଧିତ ହୋଇପାରିବ । ତା' ନହେଲେ ଅକାମୀ ହେବା ଛଡ଼ା ଉପାୟ ନାହିଁ ।

ଠିକ୍ ସେହିପରି ଭାରତ ଓ ପାକିସ୍ଥାନ ଗୋଟିଏ ଜନନୀର ଅବିଚ୍ଛେଦ୍ୟ ଅଙ୍ଗ । ଯଦି ଭାରତକୁ ନିଜ ଲାଗି ଓ ସମଗ୍ର ପୃଥିବୀ ଲାଗି କିଛି କରିବାକୁ ହୁଏ ତେବେ ତାକୁ ପୁଣି ଏକାଠି ହେବାକୁ ହେବ । ତା' ନହେଲେ ଏ କୃତ୍ରିମ ଦେଶବିଭାଗ ବହୁ ବିଭ୍ରାଟ ସୃଷ୍ଟି କରିବ । ଏ ବିଭ୍ରାଟ ତ ଆଉ ଅଜଣା ହୋଇ ନାହିଁ । ପ୍ରତିଦିନ ସମସ୍ତେ ଜାଣୁଛନ୍ତି । ଆଗରୁ ଭାରତ ଓ ପାକିସ୍ଥାନ ଭିତରେ ସବୁବେଳେ ବିବାଦ ଲାଗି ଆସୁଥିଲା । ଏବେ ପାକିସ୍ଥାନ ଭିତରେ ବି ଚରମ ବିବାଦ ସୃଷ୍ଟି ହୋଇଛି । ପୂର୍ବବଙ୍ଗ ଯେ କି ୧୯୪୭ ମସିହା ଅଗଷ୍ଟ ୧୫

ତାରିଖଠାରୁ ଏପର୍ଯ୍ୟନ୍ତ ପାକିସ୍ଥାନ ସହ ଥିଲା, ଏବେ ସେ ନିଜକୁ 'ବାଙ୍ଗ୍ଲାଦେଶ' ନାମରେ ଏକ ସ୍ୱାଧୀନ ଦେଶରୂପେ ଘୋଷଣା କରିଛି । ଏହି ସ୍ୱାଧୀନତାର ଦାବିକୁ ଚପାଇ ଦେବା ଲାଗି ପାକିସ୍ଥାନର ସାମରିକ ସରକାର ନିରୀହ, ନିରସ୍ତ୍ର ପୂର୍ବବଙ୍ଗଳା ଅଧିବାସୀଙ୍କ ଉପରେ ରକ୍ତାକ୍ତ ଦମନଲୀଳା ଚଳାଇଲା । କିନ୍ତୁ ବାହାରର ଏ ଦମନ କ'ଣ ଭିତର ଆତ୍ମାର ଅଭୀପ୍ସାକୁ ରୋକିପାରିବ ? ଦିନେ ନା ଦିନେ ଯେକୌଣସି ଉପାୟରେ ଭାରତ ଓ ପାକିସ୍ଥାନ ଏକ ହେବ ।

ଆମ୍ଭେମାନେ ସ୍ୱାଧୀନ ଭାରତର ନାଗରିକ ହିସାବରେ ସବୁବେଳେ ଏହି ବିଶ୍ୱାସ ରଖିବା ଯେ ଭାରତ ଓ ପାକିସ୍ଥାନ ଦୁଇଟି ସ୍ୱତନ୍ତ୍ର ଦେଶ ନୁହନ୍ତି । ସେ ଦୁହେଁ ଅଖଣ୍ଡ ଭାରତ ଜନନୀଙ୍କର ଗୋଟିଏ ଗୋଟିଏ ଅଙ୍ଗ । ଏ ଦୁଇଟିକୁ ଏକାଠି କରିଦେବା ଲାଗି ଯେକୌଣସି ପନ୍ଥା ଅବଲମ୍ବନ କରାଯାଇପାରେ । ଶାନ୍ତିପୂର୍ଣ୍ଣ ଉପାୟରେ ହେଉ ବା ଯୁଦ୍ଧ ବଳରେ ହେଉ । ଯେଉଁମାନେ ଦେଶ ଆତ୍ମାର ଯଥାର୍ଥ ଦାବି ପୂରଣ କରିବେ ସେଇମାନେହିଁ ହେବେ ଦେଶର ଭବିଷ୍ୟତ କର୍ଣ୍ଣଧାର । ସେମାନେ ନୁହନ୍ତି ଯେଉଁମାନେ ନୈତିକତାର ମୁଖା ପିନ୍ଧି ଦେଶମାଆର ଆତ୍ମା ଉପରେ ପଦାଘାତ କରି ଦୁନିଆ ଆଖିରେ ନିଜର ସାଧୁ, ସଚ୍ଚୋଟ ଓ ବଦାନ୍ୟପଣିଆ ଦେଖାଇ ପ୍ରଶଂସା ଲାଭ କରନ୍ତି ।

ନୈତିକତାର ମୂଳଦୁଆ ଭୁଶୁଡ଼ି ପଡ଼ିଛି । ଯେତେଦିନ ଜଗତକୁ ନୈତିକତାର ଆଦର୍ଶ ଦେଖାଇବାର ଥିଲା ତାହା ଭାରତ ଦେଖାଇଛି । ବର୍ତ୍ତମାନ ଚାରିଆଡ଼େ ଅନୈତିକତାର ରାଜତ୍ୱ । ଅନ୍ୟାୟ, ଅନୀତି ସର୍ବତ୍ର ବ୍ୟାପିଯାଇଛି । ଏହାର କାରଣ, ନୈତିକତାଠାରୁ ଆଉ ଏକ ଉଚ୍ଚତର ସତ୍ୟ ଭାରତରେ ତଥା ପୃଥିବୀରେ ନିଜକୁ ପ୍ରକାଶ କରିବାକୁ ଚାହୁଁଛି । ଭାରତ ସେହି ସତ୍ୟର ଆଦର୍ଶରେ ପରିଚାଳିତ ହୋଇ ଜଗତକୁ ଏକ ନୂତନ ଆଦର୍ଶ ଦେଖାଇବାର ବେଳ ଆସିଛି । କାରଣ ତା'ଛଡ଼ା ଆଉ କୌଣସି ଉପାୟରେ ଭାରତର ସମସ୍ୟା – ରାଜନୈତିକ, ସାମାଜିକ, ଅର୍ଥନୈତିକ, ଭାଷାଗତ,

ଧର୍ମଗତ – ଗୁଡ଼ିକର ସମାଧାନ ହେବ ନାହିଁ । ରାଷ୍ଟ୍ରନେତାଙ୍କ ସକଳ ପ୍ରଚେଷ୍ଟା ବ୍ୟର୍ଥ ହୋଇଛି ଓ ହେଉଥିବ ଯେପର୍ଯ୍ୟନ୍ତ ସେମାନେ ଏହି ନୂତନ ଆଦର୍ଶକୁ ଗ୍ରହଣ ନକରିଛନ୍ତି ।

ଯାହା ବି ହେଉ, ଆମ ଦେଶ ଏହି ଦେବଭୂମି ଭାରତର ଭାଗ୍ୟ ବହୁତ ଉଜ୍ଜ୍ୱଳ । ଭଗବାନଙ୍କ ଦୟାରୁ ଯଥାର୍ଥ ସମୟରେ ଦେଶର ଯଥାର୍ଥ ନେତା ଦେଖାଦେବେ । ଭାରତ ଓ ପାକିସ୍ଥାନ ନିଶ୍ଚୟ ଦିନେ ଏକ ହେବ । କାରଣ ଶ୍ରୀଅରବିନ୍ଦ କହିଛନ୍ତି :

"But by whatever means, in whatever way, the division must go; unity must and will be achieved, for it is necessary for the greatness of India's future."

ଅର୍ଥାତ୍, "ଯେକୌଣସି ଉପାୟରେ ହେଉ ବା ଯେକୌଣସି ପନ୍ଥାରେ ହେଉ, ଏ ଦେଶବିଭାଗ ନିଶ୍ଚୟହିଁ ଲୋପ ପାଇବ, ଯେକୌଣସି ମତେ ଐକ୍ୟ ପ୍ରତିଷ୍ଠା କରିବାକୁ ହେବହିଁ ହେବ, କାରଣ ଭାରତର ଭାବୀ ମହାନତା ପାଇଁ ଏହା ପ୍ରୟୋଜନ ।"

# ଯଥାର୍ଥ ସ୍ୱାଧୀନତା

ସ୍ୱାଧୀନତାକୁ କିଏ ଭଲ ନ ପାଏ ? ଆମେ ସମସ୍ତେ ଚାହୁଁ ସ୍ୱାଧୀନତା । ଶାସକ ଚାହେଁ ସ୍ୱାଧୀନ ଭାବରେ ଦେଶ ଶାସନ କରିବ, ଶାସିତ ଚାହେଁ ସ୍ୱାଧୀନ ଭାବରେ ବାସ କରିବ, ମାଲିକ ଚାହେଁ ସ୍ୱାଧୀନତା, ଶ୍ରମିକ ବି ଚାହେଁ ସ୍ୱାଧୀନତା । ଶିକ୍ଷକମାନେ ଯେପରି ସ୍ୱାଧୀନତା ଚାହାନ୍ତି ଛାତ୍ରମାନେ ମଧ୍ୟ ସେହିପରି ସ୍ୱାଧୀନତା ଚାହାନ୍ତି । ତେବେ ଏ ସବୁରି ପ୍ରିୟ ସ୍ୱାଧୀନତାର ଅର୍ଥ କ'ଣ ? ଏହାର ଅର୍ଥ କ'ଣ ବିଦେଶୀ ଶାସନ କବଳରୁ ମୁକ୍ତ ହୋଇ ନିଜ ଦେଶ ଶାସନ ନିଜେ କରିବା, ନା ସମାଜରୁ ଉଚ୍ଚନୀଚ ଭେଦଭାବ ଦୂର କରି ସମସ୍ତଙ୍କୁ ସମାନ ଅଧିକାର ଦେବା, ନା ଲୋକମାନଙ୍କର ଆର୍ଥିକ ଅଭାବ ଦୂରକରି ସେମାନଙ୍କ ଜୀବନଧାରଣର ସର୍ବନିମ୍ନ ଆବଶ୍ୟକତା ଯୋଗାଇଦେବା, ନା ସବୁ ଧର୍ମାବଲମ୍ବୀ ଲୋକମାନଙ୍କୁ ସମାନ ସୁବିଧା ଓ ସୁଯୋଗ ଦେବା ? ଏସବୁ କେବଳ ସ୍ୱାଧୀନତା ସମ୍ବନ୍ଧରେ ଆମ୍ଭମାନଙ୍କର ପ୍ରଚଳିତ ଧାରଣା ମାତ୍ର । ଏଇଆ ଯଦି ସ୍ୱାଧୀନତାର ଅର୍ଥ ହୋଇଥାନ୍ତା ତେବେ ଏ କେଡ଼େ ସହଜଲଭ୍ୟ ହୋଇ ନଥାନ୍ତା ! କିନ୍ତୁ ଦୁଃଖର କଥା, ଏହାର ଅର୍ଥ ଏତିକିରେ ସୀମାବଦ୍ଧ ନୁହେଁ । ଅବଶ୍ୟ କେହି ଅସ୍ୱୀକାର କରିପାରିବ ନାହିଁ ଯେ ଉପରିବର୍ଣ୍ଣିତ ବିଷୟଗୁଡ଼ିକ ସ୍ୱାଧୀନତାର ଅନ୍ତର୍ଗତ ନୁହେଁ; କିନ୍ତୁ ସେଗୁଡ଼ିକ ପୂର୍ଣ୍ଣାଙ୍ଗ ସ୍ୱାଧୀନତାର ଗୋଟିଏ ଗୋଟିଏ ବାହ୍ୟ ଦିଗ ମାତ୍ର । ସ୍ୱାଧୀନତା ଯଥାର୍ଥରେ ବହୁ ଗଭୀରରେ ରହିଛି, ତାହା ହେଉଛି ଆମର ଆତ୍ମାର ସ୍ୱାଧୀନତା । ଆତ୍ମାର ସ୍ୱାଧୀନତା ବିନା ଯଥାର୍ଥ ଶାନ୍ତି, ମୁକ୍ତି ତଥା ଆନନ୍ଦ ମିଳିପାରେ ନାହିଁ ।

ଆମ ଦେଶ କଥା ନିଆଯାଉ । ଦୀର୍ଘ ଶହ ଶହ ବର୍ଷ ଧରି ଶାସନ କରୁଥିବା ବିଦେଶୀ ଇଂରେଜ ଶାସକମାନଙ୍କ କବଳରୁ ଆମେ ସ୍ୱାଧୀନ ହେଲୁ ।

ଏହା ମଧ୍ୟରେ ଅନେକ ବର୍ଷ ବିତିଯାଇଛି । ଆମ ଦେଶର ଶାସନ ଆମେ ନିଜେ କରୁଛୁ । ଆମ ଦେଶ ସମ୍ବନ୍ଧୀୟ ଆଭ୍ୟନ୍ତରୀଣ ଓ ବାହ୍ୟ ଘଟନାଗୁଡ଼ିକ ଉପରେ ଆମର ସାର୍ବଭୌମ ଅଧିକାର ରହିଛି । ଆଇନ୍ ଦୃଷ୍ଟିରେ ଜାତି-ଧର୍ମ-ବର୍ଣ୍ଣ-ନିର୍ବିଶେଷରେ ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖାଯାଉଛି । ଗଣତନ୍ତ୍ର ଶାସନ ପ୍ରଚଳିତ ହେବା ଫଳରେ ଦେଶର ଲୋକମାନଙ୍କୁ ସରକାର ଗଢ଼ିବା, ସରକାର ଭାଙ୍ଗିବା, ସଭାସମିତିରେ ନିଜର ମତ ବ୍ୟକ୍ତ କରିବା, ନିଜ ସମ୍ପତ୍ତିକୁ ନିଜ ଅଧିକାରରେ ରଖିବା, ଇଚ୍ଛାନୁଯାୟୀ ଯେକୌଣସି ଶିକ୍ଷା ଓ ଧର୍ମ ଗ୍ରହଣ କରିବା ତଥା ଅନ୍ୟାନ୍ୟ ଅନେକ ବିଷୟରେ ପ୍ରଚୁର ସ୍ୱାଧୀନତା ଦିଆଯାଇଛି । କିନ୍ତୁ କାହିଁ, ଲୋକମାନେ ଏପର୍ଯ୍ୟନ୍ତ ସ୍ୱାଧୀନତାର ପ୍ରକୃତ ମହୁ ଚାଖି ପାରି ନାହାନ୍ତି ? ଦେଶରୁ ତ ଅଶାନ୍ତି, ବିଦ୍ରୋହ, ବିକ୍ଷୋଭ, ବିଶୃଙ୍ଖଳା ଲୋପ ପାଇ ନାହିଁ ? ବରଂ ସମୟର ଅଗ୍ରଗତି ସଙ୍ଗେ ସଙ୍ଗେ ଏଗୁଡ଼ିକ ବୃଦ୍ଧି ପାଇବାରେ ଲାଗିଛି ।

କୁହାଯାଇପାରେ ଆମ ଦେଶ ଅର୍ଥନୈତିକ ଦୃଷ୍ଟିକୋଣରୁ ଅନେକ ପଛରେ ପଡ଼ିଛି । ଯୋଜନା ପରେ ଯୋଜନା କାର୍ଯ୍ୟକାରୀ ହୋଇ ଚାଲିଥିଲେ ସୁଦ୍ଧା ଦେଶବାସୀଙ୍କର ସର୍ବନିମ୍ନ ଚାହିଦା ମେଣ୍ଟିପାରି ନାହିଁ । ଦେଶର ଅଧିକାଂଶ ଲୋକ ଭଲ କରି ମୁଠାଏ ଖାଇବାକୁ କିଂବା ଖଣ୍ଡେ ପିନ୍ଧିବାକୁ ପାଇପାରୁ ନାହାନ୍ତି । ତା'ଛଡ଼ା ପୁଣି ଅନାବୃଷ୍ଟି, ଅତିବୃଷ୍ଟି, ବନ୍ୟା, ମରୁଡ଼ି ଆଦି ଲାଗିରହିଛି । ଯେତେବେଳେ ଲୋକଙ୍କର ହାରାହାରି ମୁଣ୍ଡପିଛା ଆୟ ବଢ଼ିଯିବ ଓ ଜୀବନଧାରଣର ମାନ ଉନ୍ନତ ହୋଇଯିବ ସେତେବେଳେ ଆପେ ଆପେ ସବୁ ସମସ୍ୟାର ସମାଧାନ ହୋଇଯିବ । କିନ୍ତୁ ଏହା କେବେ ବି ଠିକ୍ ନୁହେଁ । କାରଣ ଆମେ ଯଦି ବର୍ତ୍ତମାନ ପୃଥିବୀର ସବୁଠାରୁ ଧନଶାଳୀ ଓ ବିଭବଶାଳୀ ଦେଶ ପ୍ରତି ଦୃଷ୍ଟିପାତ କରିବା ଆମର ଏ ଭ୍ରମ ଦୂର ହୋଇଯିବ ।

ଆମେରିକାବାସୀଙ୍କ କଥା ଏଠାରେ ବିଚାର କରାଯାଉ । କ'ଣ ସେମାନଙ୍କର ନାହିଁ ? ବିଦେଶୀ ଅନୁନ୍ନତ ରାଷ୍ଟ୍ରମାନଙ୍କୁ ଦାନ କରିସାରିବା

ପରେ ଲକ୍ଷ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଯେଉଁମାନେ ପୋଡ଼ି ଦେଉଛନ୍ତି ଓ ସମୁଦ୍ର ଗର୍ଭରେ ନିକ୍ଷେପ କରୁଛନ୍ତି, ଗୋଟିଏ ସ୍ଥାନରେ ବସି ସୁଇଚ୍ ଟିପି ଅଧିକାଂଶ କାର୍ଯ୍ୟ ହାସଲ କରିପାରୁଛନ୍ତି – ଅର୍ଥନୈତିକ ଦୃଷ୍ଟିକୋଣରୁ କେଉଁ କଥାର ଅଭାବ ଆଉ ସେମାନଙ୍କର ଅଛି ?

ପ୍ରାଚୁର୍ଯ୍ୟର ଚରମ ସୀମାରେ ପହଞ୍ଚି ଭୋଗ-ବିଳାସରେ ଯିଏ ବୁଡ଼ିରହିଛନ୍ତି ସେମାନଙ୍କ ମଧ୍ୟରେ କାହିଁକି ଆଜି ନୈରାଶ୍ୟ, ହତାଶା, ଅଶାନ୍ତି, ଦ୍ୱନ୍ଦ୍ୱ, ମାନସିକ ବିକାର ଓ ପରରାଷ୍ଟ୍ରର ଅଧିକାରର ଲୋଭ ସୃଷ୍ଟି ହେଉଛି ? ନିମ୍ନରେ ୧୯୬୮ ମସିହା ସେପ୍‌ଟେମ୍ବର, ୧ ତାରିଖ 'ସମାଜ'ରେ ବାହାରିଥିବା "ଧନଶାଳୀ ସଭ୍ୟ ଆମେରିକାର ଅନ୍ୟ ରୂପ" ଶିରୋନାମାରେ ଏକ ଲେଖାର ଅବିକଳ ନକଲ ଦିଆଗଲା –"ଗତବର୍ଷ ଆମେରିକାରେ ପ୍ରତି ଦୁଇମିନିଟ୍‌ରେ ଗୋଟିଏ ଲେଖାଏଁ ହତ୍ୟା ଉଦ୍ୟମ ହୋଇଛି ଏବଂ ପ୍ରତି ୪୩ ମିନିଟ୍‌ରେ ଜଣେ ଲୋକଙ୍କୁ ହତ୍ୟା କରାଯାଇଛି । ପ୍ରତି ସାତ ମିନିଟରେ ଗୋଟିଏ ଲେଖାଁଏ ଡକାୟତି ହୋଇଛି, ପ୍ରତି ଏକ ମିନିଟରେ ଗୋଟିଏ ଲେଖାଏଁ ଉତ୍ତେଜନାମୂଳକ ଅପରାଧ କରାଯାଇଛି ଏବଂ ପ୍ରତି ଊଣେଇଶ ମିନିଟରେ ଗୋଟିଏ ଲେଖାଏଁ ନାରୀ ଧର୍ଷଣ କରାଯାଇଅଛି ।"

ଫେଡ଼େରାଲ ତଦନ୍ତ ବ୍ୟୁରୋର ବାର୍ଷିକ ରିପୋର୍ଟରୁ ଏହିସବୁ ତଥ୍ୟ ପ୍ରକାଶ ପାଉଛି ।

ରିପୋର୍ଟରେ ଆହୁରି କୁହାଯାଇଛି ଯେ "ଗତବର୍ଷ ଆମେରିକାରେ ଅପରାଧ ସଂଖ୍ୟା ଶତକଡ଼ା ୧୬ ଭାଗ ବୃଦ୍ଧି ପାଇଛି । ପ୍ରତିଦିନ ହାରାହାରି ୧ ହଜାର ୩୫୦ଟି ଅପରାଧ କରାଯାଇଛି ।" ଉକ୍ତ ଲେଖାରୁ ଆମେରିକାବାସୀଙ୍କର ଅନ୍ତର୍ଜୀବନର ଅବସ୍ଥା ସହଜରେ ଅନୁମେୟ । ତେଣୁ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ସ୍ୱାଧୀନତା ଅବଶ୍ୟ ଦରକାର; କିନ୍ତୁ ଏହା ଯେ ଆମର ଯଥାର୍ଥ ସ୍ୱାଧୀନତା ଏହା ବୁଝିବା ଏକ ଭ୍ରମ ମାତ୍ର । ଦୁଃଖ, କଷ୍ଟ, ଅଶାନ୍ତିରୁ ସମ୍ପୂର୍ଣ୍ଣ ମୁକ୍ତି ପାଇବା ଲାଗି ଏ ପଥ ପର୍ଯ୍ୟାପ୍ତ ନୁହେଁ ।

ଅନ୍ୟ ପକ୍ଷରେ ଆମର ପ୍ରାଚୀନ ଆଧ୍ୟାତ୍ମିକ ପରମ୍ପରା ଅନୁଯାୟୀ ଆମେ ଭାବୁ ଏ ସଂସାରଟାହିଁ ପରାଧୀନତା, ବନ୍ଧନ, ଦୁଃଖ, କଷ୍ଟ ଓ ବାଧାବିଘ୍ନର ହେତୁ । ତେଣୁ ଏ ସଂସାରକୁ ତ୍ୟାଗ କଲେ ଯଥାର୍ଥ ମୁକ୍ତି ମିଳିଥାଏ । ସେଇଥି୍ ଲାଗି ଅଧ୍ୟାତ୍ମସାଧକମାନେ ଏ ସଂସାରକୁ ମିଥ୍ୟା, ମାୟା, ଦୁଃଖ, ଦ୍ୱନ୍ଦ୍ୱରେ ପରିପୂର୍ଣ୍ଣ କହି ତ୍ୟାଗ କରିଥାନ୍ତି । ମୁକ୍ତି ଲାଗି ଓ ମୋକ୍ଷ ଲାଗି କେବଳ ଯେ ସଂସାର ତ୍ୟାଗ କରନ୍ତି ତାହା ନୁହେଁ, ଏପରିକି ନିଜର ଶରୀର, ମନ, ପ୍ରାଣକୁ ମିଥ୍ୟା, ମାୟା କହି ଉଡ଼ାଇ ଦିଅନ୍ତି । ସଂସାର ଓ ମନ-ପ୍ରାଣ-ଶରୀରକୁ ଛାଡ଼ି ବିଶୁଦ୍ଧ ଆତ୍ମଲୋକରେ ବାସ କରନ୍ତି । ସେହି ଆତ୍ମଲୋକର ଆନନ୍ଦରୁ ଆଉ ଫେରିଆସିବାକୁ ଚାହାନ୍ତି ନାହିଁ । ଯେବେ ସେହି ନିଗୂଢ଼ ଅନ୍ତଶ୍ଚେତନାରୁ ଫେରନ୍ତି, ପୁଣି ତାଙ୍କୁ ବାହ୍ୟ ଚେତନା ଓ ଜଗତର ଦଂଶନ ସହିବାକୁ ହୁଏ । ଏଇଆକୁ କ'ଣ କହନ୍ତି ମୁକ୍ତି ?

ମନେକର ଶ୍ରେଣୀରେ ଆମର ସବୁ ବିଷୟରେ ଭଲ ହେଉଛି । କିନ୍ତୁ କେବଳ ଗଣିତରେ ଭଲ ହେଉ ନାହିଁ, ଫଳରେ ତାକୁ ପଢ଼ିବାକୁ ମଧ୍ୟ ଅପ୍ରୀତିକର ଲାଗୁଛି । ଏ କ୍ଷେତ୍ରରେ ଆମେ ସେଥିରୁ ମୁକ୍ତି ପାଇବା ଲାଗି ତାକୁ ନପଢ଼ି ଯଦି ପୂରାପୂରି ଛାଡ଼ିଦେଉଁ ତେବେ କ'ଣ ଆମେ ରକ୍ଷା ପାଇପାରିବୁ ? କାରଣ ଆମର ପାଠ୍ୟକ୍ରମରେ ଗଣିତ ବିଷୟଟି ରହିଛି । ତେଣୁ ସେ ବିଷୟଟିରେ ଆମକୁ ପରୀକ୍ଷା ଦେବାକୁ ପଡ଼େ । ପରୀକ୍ଷା ସମୟରେ ଯଦି ବ୍ୟାକୁଳ ହୋଇ ପଢ଼ି ବୁଝିବାକୁ ଚେଷ୍ଟା କରୁ ଆଉ କ'ଣ ସେ ବୁଝି ହୁଏ ? ଫଳରେ ପରୀକ୍ଷାହଲ୍‌ରେ କାହାଠାରୁ କପି କରୁ ନଚେତ୍ ଫେଲ୍ ହୋଇ ବସୁ । ଏହା କ'ଣ ମୁକ୍ତିର ଲକ୍ଷଣ ?

ସେ ଗଣିତ ହେଉ କିଂବା ଆମର ସମଗ୍ର ଜୀବନ ହେଉ, ତାହା ଯଦି ଆମକୁ ଦୁଃଖଦାୟକ ତଥା ବନ୍ଧନର କାରଣ ବୋଲି ଜଣାଯାଉଛି ତେବେ ତାହା କେବଳ ଦୁଇଟି କାରଣରୁ । ଗଣିତ କ୍ଷେତ୍ରରେ ପ୍ରଥମଟି ହେଉଛି ଆମର ଯଥେଷ୍ଟ ବୋଧଶକ୍ତି ଓ ଅଧ୍ୟବସାୟର ଅଭାବ ଓ ଅନ୍ୟଟି ହେଉଛି ଶ୍ରେଣୀଗୃହର

ବାତାବରଣ ଓ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କର ଅପାରଗତା । ସେହିପରି ଜୀବନ ଯଦି ଆମର ନିରାନନ୍ଦମୟ ହୋଇଥାଏ ତେବେ ଏହାର ପ୍ରଥମ କାରଣଟି ହେଉଛି, ଆମ୍ଭେମାନେ ଯଥେଷ୍ଟ ପରିମାଣରେ ଆତ୍ମସଚେତନ ନୋହୁଁ ଓ ଅନ୍ୟଟି ହେଉଛି ଆମ୍ଭେମାନେ ଏଠାରେ ଯେଉଁ ଶକ୍ତି ଦ୍ୱାରା ପରିଚାଳିତ ହେଉଛେ ସେ ଆମର ସୃଷ୍ଟିକାରୀ ବିଶୁଦ୍ଧ ଭାଗବତ ଶକ୍ତି ନୁହନ୍ତି । ସେ ଏକ ବିକୃତ ବିକଳାଙ୍ଗ ଶକ୍ତି ଯାହାକି ଭାଗବତ ଶକ୍ତିର ସମ୍ପୂର୍ଣ୍ଣ ବିପରୀତ । ସେ ଶକ୍ତି ଆମର ସମଗ୍ର ଜୀବନ ଓ ମନ-ପ୍ରାଣ-ଶରୀରକୁ ଆବୋରି ରହିଛି । ସେଇଥିଲାଗି ସଂସାର ଏକ ମିଥ୍ୟା, ଦୁଃଖ, ଦ୍ୱନ୍ଦ୍ୱ, ରୋଗ, ଜରା, ମୃତ୍ୟୁରେ ପରିପୂର୍ଣ୍ଣ ପୂତିଗନ୍ଧମୟ ନର୍କରେ ପରିଣତ ହୋଇଛି । କିନ୍ତୁ ଏ ଅବସ୍ଥା ସବୁଦିନେ ରହିବ ନାହିଁ । ଭଗବାନଙ୍କ ରାଜ୍ୟ ଆମର ଅନ୍ତରରେ ବାହାରେ ଚାରିଆଡ଼େ ପ୍ରତିଷ୍ଠିତ ହେବ । ତେଣୁ ସଂସାର, ଜୀବନ ଓ କର୍ମକୁ ତ୍ୟାଗ କରି ନିର୍ବାଣ କିଂବା ମୁକ୍ତି ଲାଭ କଲେ ଚଳିବ ନାହିଁ । ଯେତେବାର ଆମେ ଏହିପରି କରୁଥିବା ସେତେଥର ଆମକୁ ଏହି ପୃଥିବୀରେ ଜନ୍ମଗ୍ରହଣ କରି ଦୁଃଖକଷ୍ଟ ଭିତର ଦେଇ ଯିବାକୁ ହେଉଥିବ । କାରଣ ଏ ଜୀବନର ଏକ ଲକ୍ଷ୍ୟ ସୃଷ୍ଟି ଆରମ୍ଭରୁ ଭଗବାନ୍ ସ୍ଥିର କରିଛନ୍ତି । ସେ ଲକ୍ଷ୍ୟରେ ନପହଞ୍ଚିବା ପର୍ଯ୍ୟନ୍ତ କେବେ ବି ମୁକ୍ତି ମିଳେନା । ଯଦି ମୁକ୍ତି ମିଳେ ସେ ମୁକ୍ତି ବ୍ୟକ୍ତିଗତ ଓ ସାମୟିକ । ତାହା ବ୍ୟକ୍ତିଗତ ଏଇ ଦୃଷ୍ଟିରୁ ଯେ କେବଳ ଜଣେ ବ୍ୟକ୍ତି ସଂସାର ଓ କର୍ମ ତ୍ୟାଗ କରି ଦିବ୍ୟ ଆତ୍ମାନନ୍ଦରେ ବାସ କରି କେବଳ ସେଇ ସ୍ତରରେ ଭଗବାନଙ୍କୁ ପ୍ରାପ୍ତ ହୁଏ । ସେଥିରେ ତା'ର ନିଜ ମନ-ପ୍ରାଣ-ଶରୀର ଓ ସଂସାରରେ ରହିଥିବା ଅଗଣିତ ଜନସମାଜର କିଛି ଲାଭ ହୁଏ ନାହିଁ । ସେ ସିଦ୍ଧି ମଧ୍ୟ ଚିରସ୍ଥାୟୀ ନୁହେଁ, ସାମୟିକ । କାରଣ ଜୀବନର ଅବସାନ ପରେ ପୁନର୍ବାର ଏହି ଅଜ୍ଞାନ ଅନ୍ଧକାର ଓ ଦୁଃଖଦ୍ୱନ୍ଦ୍ୱମୟ ପୃଥିବୀକୁ ଫେରିଆସି ନୂତନ ଜୀବନ ଆରମ୍ଭ କରିବାକୁ ପଡ଼େ ।

ତେବେ ଏ ପ୍ରଶ୍ନର ସମାଧାନ କେଉଁଠି ? ଯଦି ଏକପକ୍ଷରେ

ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସ୍ୱାଧୀନତା ନୁହେଁ ଓ ଅନ୍ୟପକ୍ଷରେ ସଂସାର ତଥା କର୍ମ ତ୍ୟାଗ କରି ସନ୍ନ୍ୟାସ ଆଚରଣପୂର୍ବକ ବଣଜଙ୍ଗଲରେ ତପସ୍ୟା କରି ମୋକ୍ଷ, ନିର୍ବାଣ ବା ଭଗବତ୍ ପ୍ରାପ୍ତି ବି ଯଥାର୍ଥ ସ୍ୱାଧୀନତା ନୁହେଁ, ତେବେ ଏହା କିପରି ହାସଲ କରାଯାଇପାରିବ ?

ଏ ପ୍ରଶ୍ନର ସମାଧାନ କେବଳ ମା' ଶ୍ରୀଅରବିନ୍ଦ କରିଛନ୍ତି । ସେମାନଙ୍କ ମତରେ ଭଗବାନ୍ ଖାମଖିଆଲି ଭାବରେ ଏ ପୃଥିବୀକୁ ସୃଷ୍ଟି କରି ନାହାନ୍ତି । ଏ ସୃଷ୍ଟି ପଛରେ ତାଙ୍କର ବିରାଟ ଉଦ୍ଦେଶ୍ୟ ରହିଛି । ଯଦିଓ ଏ ପୃଥିବୀ ଦୁଃଖ-ଯନ୍ତ୍ରଣାରେ ପୂର୍ଣ୍ଣ, ଏଠାରେ ମୁକ୍ତିର ଚାବିକାଠି ଏହାକୁ ତ୍ୟାଗ କରି ଏକ ଊର୍ଦ୍ଧ୍ୱ ଆନନ୍ଦମୟ ଲୋକରେ ବାସ କରିବାରେ ନାହିଁ, ବରଂ ସେହି ଊର୍ଦ୍ଧ୍ୱ ଲୋକକୁ ଏହି ପୃଥିବୀବକ୍ଷରେ ଉତାରି ଆଣିବାକୁ ପଡ଼ିବ । ତେବେ ଯାଇ ଏ ପୃଥିବୀରୁ ଅଜ୍ଞାନ, ଅନ୍ଧକାର, ଦୁଃଖଯନ୍ତ୍ରଣା ଆଦିର ଅବସାନ ଘଟି ପ୍ରତିଷ୍ଠିତ ହେବ ଭଗବାନଙ୍କର ସ୍ୱର୍ଗରାଜ୍ୟ । ସେତିକିବେଳେ ଆସିବ ବ୍ୟକ୍ତି-ଜୀବନରେ ଯଥାର୍ଥ ସ୍ୱାଧୀନତା ।

ଆମ୍ଭେମାନେ ଆଜି ପ୍ରକୃତି ହାତରେ ଏକ କଣ୍ଢେଇ ମାତ୍ର । ସେ ଆମକୁ ଯେପରି ନଚାଉଛି ଆମେ ସେହିପରି ନାଚୁଛେ । କେତେବେଳେ ଆମ ଜୀବନରେ ସୁଖ ଆସୁଛି ତ ତା'ପରେ ମାଡ଼ି ଆସୁଛି ଭୀଷଣ ଦୁଃଖ । ବର୍ତ୍ତମାନ ସୁସ୍ଥ ଅଛୁ ତ ପରମୁହୂର୍ତ୍ତରେ ରୋଗଗ୍ରସ୍ତ ହୋଇ ପଡ଼ିଲୁଣି । ବର୍ତ୍ତମାନ କୌଣସି ବ୍ୟକ୍ତି ବ୍ୟକ୍ତି ଭିତରେ କିଂବା ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସଦ୍ଭାବ ଅଛି ତ ପରମୁହୂର୍ତ୍ତରେ ଲାଗିଯାଉଛି ଭୀଷଣ ବିବାଦ ଓ ସଂଘର୍ଷ । ଆମେ ଇଚ୍ଛା କରୁଛୁ ଜୀବନରେ କୌଣସି କଥା ହାସଲ କରିବାକୁ; କିନ୍ତୁ ତା' ପୂର୍ବରୁ ମୃତ୍ୟୁ ଆସି ବଳପୂର୍ବକ ଆମକୁ ନେଇଯାଉଛି । ଏସବୁ କ'ଣ ସ୍ୱାଧୀନତା ଆଉ ମୁକ୍ତିର ଲକ୍ଷଣ ? ଯେତେଦିନ ପର୍ଯ୍ୟନ୍ତ ଏସବୁ ଅଛି ଆମେ ଦାସତ୍ୱର ଶୃଙ୍ଖଳରୁ ମୁକ୍ତ ନୋହୁଁ ।

ତେବେ ଏ ଦାସତ୍ୱ ଓ ପରାଧୀନତାର କାରଣ କ'ଣ ? ଶ୍ରୀଅରବିନ୍ଦ

କହନ୍ତି, ଏହାର କାରଣ ହେଉଛି ଆମ ଭିତରେ ଥିବା ଅହଂର ରାଜତ୍ୱ । ବାହ୍ୟ ଦୃଷ୍ଟିରୁ ଯେପରି ଜଣେ ବିଦେଶୀ ଶାସକ ଗୋଟିଏ ଦେଶକୁ ବଳପୂର୍ବକ ଶାସନ କଲେ ତା'ର ସମସ୍ତ ସ୍ୱାଧୀନତା ଲୋପ ପାଇଥାଏ ଓ ପୁଣି ଯେତେବେଳେ ସେ ଦେଶବାସୀମାନେ ବିପ୍ଳବ କରି ସେ ଶାସକଙ୍କୁ ତଡ଼ିଦେଇ ନିଜ ଦେଶର ଶାସକଙ୍କୁ ଗାଦିରେ ବସାନ୍ତି ଓ ସେତେବେଳେ ପୁଣି ସ୍ୱାଧୀନତା ଫେରିଆସିଥାଏ, ଠିକ୍ ସେହିପରି ଆଜି ଆମେ ଆମର ପ୍ରକୃତ ମାଲିକଙ୍କୁ ହରାଇ ଏକ ବିକୃତ, ବିଦେଶୀ ମାଲିକ ଦ୍ୱାରା ପରିଚାଳିତ ହେଉଛୁ । ଆମ ସତ୍ତାର ପ୍ରକୃତ ମାଲିକ ହେଉଛନ୍ତି ଆମର ଚୈତ୍ୟପୁରୁଷ, ଯାହାଙ୍କୁ ଅନ୍ତରାତ୍ମା କୁହାଯାଏ । କିନ୍ତୁ ତାଙ୍କୁ ଆବରଣର ପଶ୍ଚାତରେ ରଖି ଗୋଟିଏ ମିଥ୍ୟା ଅହଂ-ବୋଧ ଆମକୁ ଶାସନ କରୁଛି । ଫଳରେ ଆମ ଭିତରେ ଅରାଜକତା ଓ ବାହାରେ ଅରାଜକତା ଦେଖାଦେଉଛି । ଆମର ମନ-ପ୍ରାଣ ଓ ଇନ୍ଦ୍ରିୟ ସକଳ ଆମକୁ ତାଙ୍କ ଇଚ୍ଛାମତେ ପରିଚାଳିତ କରୁଛନ୍ତି । ଆମେ ଆଜି ନିଜ ଉପରେ କର୍ତ୍ତୃତ୍ୱ ଓ ସଂଯମ ହରାଇ ବସିଛୁ । ଆମେ ଭାବୁଛୁ ବିକାଶମାର୍ଗରେ ପରିଚାଳିତ ହେବାକୁ; କିନ୍ତୁ ଦେଖିଲାବେଳକୁ କିଏ ଆମକୁ ପତନ ଦିଗରେ ଟାଣିନେଉଛି ।

ଯଥାର୍ଥ ସ୍ୱାଧୀନତା ସେତିକିବେଳେ ଆସିବ ଯେତେବେଳେ ଆମ ଅନ୍ତରସ୍ଥ ଭଗବାନ (ଚୈତ୍ୟପୁରୁଷ) ସମ୍ମୁଖକୁ ଆସି ମନ-ପ୍ରାଣ-ଶରୀରର ଶାସନ ଦାୟିତ୍ୱ ନେବେ । ଏହା ସମ୍ଭବ ହେବ ଯେତେବେଳେ ଆମେ ଆମର ଗର୍ବ ଅହଂକାର ଛାଡ଼ି ସରଳ ଶିଶୁ ଭଳି ଭଗବାନଙ୍କ ଚରଣରେ ନିଜକୁ ନିଃଶେଷରେ ସମର୍ପଣ କରିବୁ । ସେତେବେଳେ ସ୍ୱୟଂ ଭଗବାନ୍ ହେବେ ଆମର ସାରଥି ଓ ଆମେ ହାସଲ କରିପାରିବା ପୂର୍ଣ୍ଣ ଆତ୍ମକର୍ତ୍ତୃତ୍ୱ ଓ ଆତ୍ମସଂଯମ । ଏହି ଚୈତ୍ୟପୁରୁଷଙ୍କର ଜାଗରଣ ଧୀରେ ଧୀରେ ଆମକୁ ଭବିଷ୍ୟତର ଆଧ୍ୟାତ୍ମିକ ଓ ଅତିମାନସ ପୂର୍ଣ୍ଣତାଦିଗରେ ନେଇ ଚାଲିବ । ଆମକୁ ଆଉ ଦୁଃଖ, କଷ୍ଟ ତଥା କର୍ମଜଞ୍ଜାଳରୁ ମୁକ୍ତି ଲାଗି ସଂସାର ଛାଡ଼ି ପଳାୟନ କରିବାକୁ ପଡ଼ିବ ନାହିଁ । ବରଂ ଏଇଠାରେ ରହି ସଂସାରର ଯାବତୀୟ

କର୍ମ କରି ଆମେ ଦୁଃଖ, କଷ୍ଟ, ରୋଗ, ଜରା ଓ ମୃତ୍ୟୁର ମୁକ୍ତ ହେବୁ ।

ତେଣୁ ପଳାୟନରେ ସ୍ୱାଧୀନତା ନାହିଁ, ଜୟ କରିବାରେହିଁ ଯଥାର୍ଥ ସ୍ୱାଧୀନତା । ସଂସାର, ଜୀବନ ଓ କର୍ମକୁ ବନ୍ଧନ ନଭାବି ସେଗୁଡ଼ିକୁ କୌଶଳର ସହ ଭଗବାନଙ୍କ ଦିଗରେ ପରିଚାଳିତ କରିପାରିଲେ ସେଇଗୁଡ଼ିକହିଁ ହେବ ମୁକ୍ତିର କାରଣ । ସେତିକିବେଳେ ଆମେ ହେବୁଁ ଜୀବନ୍ମୁକ୍ତ । ସେ ସମୟ ଆସିଯାଇଛି । ସେଇଥିଲାଗି ମା' ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହୋଇ ଦୁଃଖତାପକ୍ଲିଷ୍ଟ ମାନବସମାଜକୁ ଅଜ୍ଞାନ-ଅନ୍ଧକାରର କବଳରୁ ମୁକ୍ତି ଦେବା ଲାଗି କାର୍ଯ୍ୟ କରୁଛନ୍ତି । ଏ ସମୟରେ ଆମେ ଆମର ମୂଢ଼ତା ଛାଡ଼ି ଯଥାସମ୍ଭବ ତାଙ୍କରି ଦିଗରେ ନିଜକୁ ଉନ୍ମୁକ୍ତ କରି ରଖିବାହିଁ ଭଲ । ଶ୍ରୀଅରବିନ୍ଦ କହିଛନ୍ତି –

"With us the freedom consists in freedom from the darkness, limitation, error, suffering, transience of the ignorant lower nature, but also in a total surrender to the Divine. Free action is the action of the Divine in us and through us, no other action can be free."

– Sri Aurobindo

"ଆମ ପକ୍ଷରେ ସ୍ୱାଧୀନତାର ଅର୍ଥ ହେଉଛି ଅଜ୍ଞାନ, ନିମ୍ନ ପ୍ରକୃତିର ଅନ୍ଧକାର, ସୀମିତତା, ଭ୍ରାନ୍ତି, ଯନ୍ତ୍ରଣା ଓ କ୍ଷଣସ୍ଥାୟିତ୍ୱରୁ ମୁକ୍ତି ତଥା ଭଗବାନଙ୍କ ନିକଟରେ ଏକ ପରିପୂର୍ଣ୍ଣ ଆତ୍ମନିବେଦନ । ଆମ ମଧ୍ୟରେ ଓ ଆମକୁ ଯନ୍ତ୍ର କରି ସାଧିତ ହେଉଥିବା ଭାଗବତ କର୍ମହିଁ ହେଉଛି ସ୍ୱାଧୀନ କର୍ମ; ଏହାଛଡ଼ା ଅନ୍ୟ କୌଣସି କର୍ମ ସ୍ୱାଧୀନ ନୁହେଁ ।"

– ଶ୍ରୀଅରବିନ୍ଦ

# ମା'ର ଜାତି ଓ ଭବିଷ୍ୟତ

"The true domain of women is spiritual."

– The Mother

''ଆଧ୍ୟାତ୍ମିକତାହିଁ ନାରୀମାନଙ୍କର ଯଥାର୍ଥ କର୍ମକ୍ଷେତ୍ର ।''

– ଶ୍ରୀମା

ଚଢ଼େଇଟିଏ ଉଡ଼ିଗଲାବେଳେ ଦେଖିଛ ତ ? ଆଚ୍ଛା, କୁହ ତ ତା'ର କେଉଁ ଡେଣାଟି ଉତ୍କୃଷ୍ଟ ଓ କେଉଁ ଡେଣାଟି ନିକୃଷ୍ଟ ? କେଉଁ ଡେଣାଟିକୁ କାଟିଦେଇ କିଂବା ବାନ୍ଧିରଖି କିଂବା ତା' ପ୍ରତି ଅଯତ୍ନଭାବ ପୋଷଣ କଲେ ତା'ର ଉଡ଼ିବା କାମ ଚଳିପାରିବ ? ଏହା ଯଦି ହୋଇପାରିବ ତେବେ ସମାଜରେ ନାରୀ ଓ ପୁରୁଷ ମଧ୍ୟରେ ଉତ୍କୃଷ୍ଟ ଓ ନିକୃଷ୍ଟଭାବ ବି ରହିପାରିବ । କିନ୍ତୁ ଏହା କ'ଣ କେବେ ହୋଇପାରେ ?

ତଥାପି ଆମର ବହୁତ ପ୍ରଚଳିତ ପୁରାତନ ମତ ଅନୁସାରେ କୁହାଯାଏ ପ୍ରଥମେ ଏ ସୃଷ୍ଟି ନଥିଲା । ଥିଲେ ଏକ ଅଖଣ୍ଡ ପରମ (Supreme Absolute) । ସେହି ପରମ ବହୁ ରୂପରେ ନିଜକୁ ବ୍ୟକ୍ତ କରିବାକୁ ସଂକଳ୍ପ କଲେ ଓ ନିଜ ମଧ୍ୟରୁ ଏକ ସୃଜନଶୀଳ ଚେତନା (Creative consciousness) ଉଦ୍ଭବ କଲେ । ଏହି ଚେତନାବଳରେ ସବୁକିଛି ସୃଷ୍ଟି ସମ୍ଭବ ହେଲା । ସେହି ପୁରାତନ ମତ ଅନୁସାରେ କୁହାଯାଏ ସେହି ପରମ ହେଉଛନ୍ତି ପୁରୁଷ ଓ ସୃଜନଶୀଳ ଚେତନା ହେଉଛନ୍ତି ନାରୀ । ପରମ ଶ୍ରେଷ୍ଠ; କାରଣ ସେହିଁ ପ୍ରଥମେ ସୃଷ୍ଟିର ସଂକଳ୍ପ କରି ସୃଜନଶୀଳ ଚେତନାକୁ ଏହାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ଦେଲେ । କିନ୍ତୁ ସେମାନେ ଭୁଲିଯା'ନ୍ତି ଯେ ଏ ଦୁଇଟିଯାକ ଏକହିଁ ଚେତନା ।

ଆଉ କେତେକେ ଅଛନ୍ତି ଯେଉଁମାନେ ନିଜର ଉଚ୍ଚ ଆଧ୍ୟାତ୍ମିକ

ଉପଲବ୍ଧି ଲୋକଙ୍କ ଆଗରେ ବ୍ୟାଖ୍ୟା କରିବାକୁ ଯାଇ ପୁରୁଷକୁ ନାରୀଠାରୁ ଉତ୍କୃଷ୍ଟ ବୋଲି କହିଥା'ନ୍ତି । ସେମାନଙ୍କ ଆଧ୍ୟାତ୍ମିକ ଅନୁଭୂତିର ବ୍ୟାଖ୍ୟା ଯଥାର୍ଥ କି ନାରୀଠାରୁ ପୁରୁଷର ଉତ୍କର୍ଷକୁ ପ୍ରମାଣିତ କରିବା ପାଇଁ ନିଜର ଆଧ୍ୟାତ୍ମିକ ଅନୁଭୂତିକୁ ସେହିରୂପେ ବ୍ୟବହାର କରନ୍ତି ତା' ସେଇମାନଙ୍କୁ ଜଣା । ତେବେ ମା' କହନ୍ତି :

"For when you attain this higher consciousness you perceive that the difference between man and woman reduces itself to a difference purely physical."

ଅର୍ଥାତ୍, "ଯେତେବେଳେ ତୁମେ ଏହି ଉଚ୍ଚତର ଚେତନାକୁ ଲାଭ କରିବ ସେତେବେଳେ ତୁମେ ଦେଖିବ ଯେ ପୁରୁଷ ଓ ନାରୀ ମଧ୍ୟରେ ଥିବା ପାର୍ଥକ୍ୟ କେବଳ ସମ୍ପୂର୍ଣ୍ଣ ରୂପେ ଏକ ଶାରୀରିକ ପାର୍ଥକ୍ୟ ଛଡ଼ା ଆଉ କିଛି ନୁହେଁ ।"

ଶ୍ରୀଅରବିନ୍ଦଙ୍କୁ ମଧ୍ୟ ଏ ସମ୍ପର୍କରେ ଥରେ ଗୋଟିଏ ପ୍ରଶ୍ନ ପଚରାଯାଇଥିଲା :

Q. What is the relation between sadhakas and sadhikas in our ashram ? Are they brothers and sisters or simply comrades ?

Sri Aurobindo : They are simply fellow sadhakas.

14-11-1933

ପ୍ରଶ୍ନ : ଆମ ଆଶ୍ରମରେ ସାଧକ-ସାଧିକାମାନଙ୍କ ସମ୍ପର୍କ କ'ଣ ? ସେମାନେ କ'ଣ ପରସ୍ପରର ଭାଇ-ଭଉଣୀ ନା ଖାଲି ବନ୍ଧୁ ?

ଶ୍ରୀଅରବିନ୍ଦ – ସେମାନେ କେଳବ ସାଥୀ-ସାଧକ ଛଡ଼ା ଆଉ କିଛି ନୁହନ୍ତି ।

୧୪.୧୧.୧୯୩୩

କିନ୍ତୁ ଆମ ସମାଜରେ ଆଜି ଆମେ ଦେଖୁ କ'ଣ ? ଝିଅଟିଏ ହେଲେ

ବାପ ମା'ଙ୍କର ଭିତରେ ଭିତରେ କେତେ ମନ ଦୁଃଖ ! ବାପ ବୁଝେ ନାହିଁ ତା'ର ଘରର ସୁଖଶାନ୍ତି, ସମସ୍ତ ସେବାଯତ୍ନ ଯାହା ଉପରେ ନିର୍ଭର କରୁଛି ଓ ଯାହାଠାରୁ ସିଏ ପୁଅଟିଏ ଚାହୁଁଛି ସେ ନିଜେ କ'ଣ ? ସେ କ'ଣ ପୁଅ ? ମା' ବି ଭୁଲିଯାଏ ସେ ନିଜେ ବି ଜଣେ ଝିଅ ।

ଏପରି ମନୋଭାବର କେତୋଟି କାରଣ ରହିଛି । ଗୋଟିଏ ହେଉଛି, ଝିଅ ପିତାମାତାଙ୍କୁ ପୋଷିପାରିବ ନାହିଁ । ସେ ବିଭା ହୋଇ ଅନ୍ୟ ଘରକୁ ଚାଲିଯିବ । ଦ୍ୱିତୀୟ କାରଣ ହେଉଛି, ଆମ ସମାଜର କେତେକ ବ୍ୟବସାୟିକ ମନୋବୃତ୍ତିସମ୍ପନ୍ନ ଯୁବକଙ୍କର ସେମାନଙ୍କ ତଥାକଥିତ ସ୍କୁଲ କଲେଜ ଡିଗ୍ରୀର ଦାମ୍‌ସ୍ୱରୂପ ଅତିରିକ୍ତ ଯୌତୁକର ଦାବି । ଯୌତୁକ ସେମାନଙ୍କ ଆଶାନୁରୂପ ନହେଲେ ଧର୍ମକୁ ସାକ୍ଷୀ ରଖି ଯାହାଙ୍କୁ ଧର୍ମପତ୍ନୀ ରୂପେ ଗ୍ରହଣ କରିଥାନ୍ତି ତାଙ୍କ ପ୍ରତି ନାନାପ୍ରକାର କଦର୍ଯ୍ୟ ବ୍ୟବହାର କରି ତାଙ୍କୁ ସମସ୍ତ ସୁଖଶାନ୍ତିରୁ ବଞ୍ଚିତ କରିବାକୁ ପଛାନ୍ତି ନାହିଁ । ଆଳ ଦେଖାଇ ସେମାନେ କହିପାରନ୍ତି ଏଥିଲାଗି ପିତାମାତା ଓ ସାଇପଡ଼ିଶା ଅନେକ ପରିମାଣରେ ଦାୟୀ; କିନ୍ତୁ ସେମାନେ କ'ଣ କାଠ କଣ୍ଢେଇ ନା କ'ଣ ? ଯଥାର୍ଥରେ ସାଧାରଣ ଅବସ୍ଥାରେ ପତ୍ନୀର ସୁଖଶାନ୍ତି ତା'ର ସ୍ୱାମୀ ଉପରେ ଯେତେ ନିର୍ଭର କରେ ଅନ୍ୟମାନଙ୍କ ଉପରେ ତା'ର ଶହେଭାଗରୁ ଭାଗେ ବି ନିର୍ଭର କରେ ନାହିଁ । କିନ୍ତୁ ଯୋଗସାଧନା ଯେଉଁମାନେ କରନ୍ତି ସେମାନଙ୍କ କଥା ସ୍ୱତନ୍ତ୍ର । ସବୁ ପରିସ୍ଥିତି ଭିତରେ ବି ସେମାନଙ୍କର ଆନନ୍ଦ ଆସେ ଅନ୍ୟ ଏକ ଉତ୍ସରୁ । ତେବେ ସେ ଯାହାହେଉ ଏତିକି ଆଶା କରାଯାଏ ଯେ ନୂତନ ଯୁଗର ନୂତନ ଆଦର୍ଶ ଅନୁସରଣକାରୀ ଯୁବକ ଏସବୁର ଘୃଣ୍ୟ କିଣାବିକା ପଦ୍ଧତିରୁ ସମ୍ପୂର୍ଣ୍ଣ ମୁକ୍ତ ରହିବେ । କିଂବା କନ୍ୟାପିତାର ପାରମ୍ପରିକ ମନରେ ଆଘାତ ଲାଗୁଥିଲେ ସାମାନ୍ୟ କିଛି ଗୋଟିଏ ଜିନିଷ ଉପହାର ସ୍ୱରୂପ ଆଣିବେ ବୋଲି ଆଗରୁ ଜଣାଇ ଦେଇପାରନ୍ତି ।

ଏହା ଛଡ଼ା ଆଉ ଗୋଟିଏ କାରଣ ଅଛି ଯେ ପିତାମାତାଙ୍କର ମୃତ୍ୟୁ

ପରେ ସେମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପୁତ୍ର ପିଣ୍ଡ ଶ୍ରାଦ୍ଧ ଆଦି କରିଥାଏ । ପରିଶେଷରେ ଆମେ ଜାଣୁ ଯେ ଗୋଟିଏ ଧାରଣା ଆମର ଅସ୍ଥିମଜ୍ଜାଗତ ହୋଇଯାଇଛି – ପୁଅପିଲା ଝିଅପିଲା ଅପେକ୍ଷା ଉତ୍କୃଷ୍ଟ । ଯଥାର୍ଥରେ ଆଜିର ନୂତନ ଆଲୋକରେ ଏହିସବୁ କାରଣଗୁଡ଼ିକୁ ବିଚାର କଲେ ସମ୍ପୂର୍ଣ୍ଣ ନିରର୍ଥକ ବୋଲି ବୋଧହୁଏ ।

ବର୍ତ୍ତମାନ ଆମେ ଦେଖିବା ଆମର ଭାରତୀୟ ପରମ୍ପରାରେ ନାରୀମାନଙ୍କର ସ୍ଥାନ । ପାଶ୍ଚାତ୍ୟ ଦେଶମାନଙ୍କରେ ସାଧାରଣତଃ ପ୍ରତ୍ୟେକ ନାରୀକୁ ସ୍ତ୍ରୀ ରୂପରେହିଁ ଦେଖାଯାଇଥାଏ । କିନ୍ତୁ ଭାରତରେ ନାରୀଜାତିକୁ କେବଳ ମା'ର ଜାତି ହିସାବରେ ଦେଖାଯାଏ – ସେ ଛୋଟ ବାଳିକା ହେଉ କିଂବା ବୟସ୍କା ମହିଳା ହେଉ । ସନ୍ନ୍ୟାସୀମାନେ ଗୃହସ୍ଥର ଦ୍ୱାରରେ ଭିକ୍ଷା କରିବା ସମୟରେ କେବଳ ମା ମା ସମ୍ବୋଧନ କରି ଭିକ୍ଷା ମାଗିଥାନ୍ତି । ବ୍ୟବହାରରେ ଛୋଟ ବାଳିକାଠାରୁ ଆରମ୍ଭ କରି ବୟସ୍କା ମହିଳା ପର୍ଯ୍ୟନ୍ତ ସମସ୍ତଙ୍କୁ ପ୍ରତ୍ୟେକ ଭାରତୀୟ ମା', ଭଉଣୀ, ଅଥବା ଝିଅ ବୋଲି ସମ୍ବୋଧନ କରିଥାଏ । ପରିବାର ମଧ୍ୟରେ ସ୍ତ୍ରୀ ଯେତେ ଶିକ୍ଷିତା ହୋଇଥାଉ ପଛେ ମା'କୁହିଁ ବେଶୀ ଅଧିକାର ଦିଆଯାଇଥାଏ । ଭାରତୀୟ ସାଧନା କ୍ଷେତ୍ରରେ ମାତୃଶକ୍ତିକୁହିଁ ପରମା ଦିବ୍ୟା ଜନନୀରୂପେ ଜ୍ଞାନ କରାଯାଏ ଓ ତାକୁହିଁ ସବୁକିଛିର ସୃଷ୍ଟିକର୍ତ୍ତ୍ରୀ ଓ ସବୁକିଛି ଅଶୁଭ ଶକ୍ତିର ଧ୍ୱଂସକର୍ତ୍ତ୍ରୀ ରୂପେ ଆରାଧନା କରାଯାଏ । ଚାରିଆଡ଼େ ମାତୃମୂର୍ତ୍ତି ଦୁର୍ଗା, କାଳୀ ଓ ଅନ୍ୟାନ୍ୟ ରୂପରେ ପୂଜା ପାଆନ୍ତି ।

କିନ୍ତୁ ଭାରତୀୟ ପରମ୍ପରା ବଡ଼ ବିଚିତ୍ର । ଗୋଟିଏ ଦିଗରେ ନାରୀଜାତିକୁ ଏତେ ସମ୍ମାନ, ଅଥଚ ଅନ୍ୟ ଦିଗରେ ତାଙ୍କରି ପ୍ରତି କି ଘୃଣ୍ୟ ଭାବ ! ଏହା ସେମାନଙ୍କୁ ପ୍ରକୃତି, ମାୟା, ମରୀଚିକା, ପତନ ଓ ନରକର ଦ୍ୱାରସ୍ୱରୂପ ଜ୍ଞାନ କରି ଦୂରରେ ରଖିବାକୁ ନିର୍ଦ୍ଦେଶ ଦେଇଛି । ସତେଯେପରି ସୃଷ୍ଟିରେ ସେମାନେ ଅନାବଶ୍ୟକ ଜୀବ । ଥରେ ରାମକୃଷ୍ଣ ପରମହଂସଙ୍କ

ଶିଷ୍ୟ ସ୍ୱାମୀ ତୁରୀୟାନନ୍ଦ ବହୁତ ବାହାଦୁରି ଦେଖାଇ କହିଲେ, ''ମୁଁ ନାରୀ ଜାତିକୁ ବହୁତ ଘୃଣା କରେ, ସେମାନଙ୍କର ସାମାନ୍ୟ ଉପସ୍ଥିତି ବି ମୁଁ ସହ୍ୟ କରିପାରେ ନାହିଁ ।'' ତାଙ୍କ କଥା ଶୁଣି ରାମକୃଷ୍ଣ ପରମହଂସ ତାଙ୍କୁ ତିରସ୍କାର କରି କହିଲେ, ''ତୁମଠାରୁ ବୋକା ଆଉ କେହି ନାହିଁ । ପରମା ଦିବ୍ୟଜନନୀଙ୍କ ପ୍ରତୀକସ୍ୱରୂପ ନାରୀମାନଙ୍କୁ ତୁମେ କେଉଁ କାରଣରୁ ଘୃଣା କରିବ ? ଯଦି ତୁମେ ନିଜର କଳୁଷିତ ମନକୁ ଶୁଦ୍ଧ କରିବାକୁ ଚାହଁ ତେବେ ମନରେ ସେମାନଙ୍କୁ ସମ୍ମାନ ଦିଅ ଓ ଦେବୀର ଆସନରେ ପୂଜା କର ।'' ଏପରିକି ସମାଜରେ ଯେଉଁମାନଙ୍କୁ ପତିତା ବେଶ୍ୟା ବୋଲି ଘୃଣା କରାଯାଏ ସେମାନଙ୍କୁ ମଧ୍ୟ ପରମହଂସ ସେଇ ଏକ ଦୃଷ୍ଟିରେ ଦେଖୁଥିଲେ ।

ମାତୃଜାତି ପ୍ରତି ଏପରି ଘୃଣା ମନୋଭାବ କେତେକ ସାଧକ ସନ୍ନ୍ୟାସୀମାନେ ଏକ ସମୟରେ ପୋଷଣ କରିପାରୁଥିଲେ ଯେତେବେଳେ ସେମାନେ ସଂସାରବିରାଗୀ ବ୍ୟକ୍ତିଗତ ସାଧନାରେ ବ୍ୟସ୍ତ ଥିଲେ । କିନ୍ତୁ ଘୃଣା କରି କ'ଣ କେବେ କିଛିକୁ ଜୟ କରାଯାଇପାରେ ? ଯେଉଁ ଦୁର୍ବଳତାକୁ ସେମାନେ ଦୂର କରିବା ପାଇଁ ମା'ର ଜାତିକୁ ଏପରି ଘୃଣା ଚକ୍ଷୁରେ ଦେଖୁଥିଲେ ସାଧାରଣ ଚେତନାକୁ ଆସିଲେ ସେଇ ଦୁର୍ବଳତାର ଶିକାର ହେଉଥିଲେ । ତେବେ ଯେଉଁ ସାଧନାରେ ସମଗ୍ର ସମାଜର ଉତ୍‌ଥାନ ନିହିତ ସେ ସାଧନାରେ ଚଢ଼େଇର ଗୋଟିଏ ପକ୍ଷ ସଦୃଶ ସମାଜରେ ମା'ର ଜାତିକୁ ଛାଡ଼ି ଗୋଟିଏ ପାଦ ବି ଅଗ୍ରଗତି ହୋଇ ପାରିବ ନାହିଁ । ମା'ର ଜାତି ମଧ୍ୟରେ ସୃଷ୍ଟି-ଶକ୍ତି ଓ ସଂହାର-ଶକ୍ତି ଉଭୟ ପୂରି ରହିଛି । ଯିଏ ଯେପରି ଚାହେଁ ସେ ସେପରି ପାଏ ।

ଆମେ ସବୁବେଳେ ବର୍ତ୍ତମାନର ଅବସ୍ଥା ଦେଖି ଅତୀତର ନାରୀମାନଙ୍କ ଆଦର୍ଶ ଉପସ୍ଥାପିତ କରିଥାଉ, ଯଥା : ସାବିତ୍ରୀ, ଦମୟନ୍ତୀ, ଗାର୍ଗୀ, ମୈତ୍ରେୟୀ, ଲୀଳାବତୀ, ମୀରାବାଈ, ଅହଲ୍ୟାବାଈ ପ୍ରଭୃତିଙ୍କ ଆଦର୍ଶ । ସେମାନଙ୍କ ମଧ୍ୟରୁ କିଏ ପତିଭକ୍ତି, କିଏ ଭଗବତ୍ ସାଧନା, କିଏ

ଜ୍ଞାନ, କିଏ ଶୌର୍ଯ୍ୟବୀର୍ଯ୍ୟ ଇତ୍ୟାଦିରେ ନିପୁଣା ଥିଲେ । ଅତୀତରେ ଅବଶ୍ୟ ଆମ ଲାଗି ଏପରି କେତେକ ଆଦର୍ଶ ରହିଛି । କିନ୍ତୁ ଭବିଷ୍ୟତ ଯେ ସେଇଆ ହେବ ତା' ନୁହେଁ । ଭବିଷ୍ୟତ ଅତୀତର ସମସ୍ତ ସଦ୍‌ଗୁଣକୁ ବହନ କରି ତା'ଠାରୁ ଆହୁରି ଅଲୌକିକଭାବେ ମହାନ୍ ହେବ । ନାରୀମାନଙ୍କର ଖାଲି କିଛିଟା ନୈତିକ, ବୌଦ୍ଧିକ, ପ୍ରାଣିକ ବା ଶାରୀରିକ ବିକାଶ ହୋଇ ଅଟକିଯିବ ନାହିଁ । ଗୋଟିଏ ନୂତନ ଯୁଗ ପୃଥିବୀପୃଷ୍ଠକୁ ଆସୁଛି । ସେହି ନୂତନ ଯୁଗକୁ ଆଣିବା ଲାଗି ମା' ଶ୍ରୀଅରବିନ୍ଦ ଏକ ନୂତନ ଅତିମାନସ ଶକ୍ତିକୁ ପୃଥିବୀ-ପୃଷ୍ଠରେ ଅବତରଣ କରାଇଛନ୍ତି । ସେହି ନୂତନ ଅତିମାନସ ଶକ୍ତିର କ୍ରିୟା ଫଳରେ ନାରୀ, ପୁରୁଷ ସମସ୍ତଙ୍କର ପ୍ରକୃତିରେ ପରିବର୍ତ୍ତନ ଘଟିବ । ଯେଉଁ ପ୍ରକୃତି ନାରୀକୁ ପୁରୁଷ ନିକଟରେ ଦାସୀ ଓ ପୁରୁଷକୁ ନାରୀ ନିକଟରେ ଦାସ କରାଇଛି ସେ ପ୍ରକୃତି ସମୂଳେ ରୂପାନ୍ତରିତ ହେବ । ଉଭୟେ କେବଳ ଭଗବାନଙ୍କ ନିମିତ୍ତ ହୋଇଉଠିବେ ଦୁଇଟି ସ୍ୱାଧୀନ ସ୍ୱଚ୍ଛନ୍ଦ ପୁଷ୍ପତୁଲ୍ୟ । ପ୍ରକୃତିରେ ଯେଉଁ ପ୍ରକ୍ରିୟାରେ ବର୍ତ୍ତମାନ ସନ୍ତାନ ଉତ୍ପାଦନ ଚାଲିଛି ସେ ପ୍ରକ୍ରିୟା ପଡ଼ିରହିବ ପୁରୁଣା ମଣିଷମାନଙ୍କ ଲାଗି । ନୂତନ ମଣିଷଜାତି ଏସବୁ ନୀଚ ପ୍ରାଣ-ପ୍ରକୃତିର ଅଧୀନ ହେବେ ନାହିଁ । ସଂକଳ୍ପ ତଥା ସୂକ୍ଷ୍ମରେ ଶକ୍ତିର କ୍ରିୟାଫଳରେ ନୂତନ ମାନବଶିଶୁ ଜନ୍ମ ନେବେ । ନାରୀ ଓ ପୁରୁଷ ମଧ୍ୟରେ ପାର୍ଥକ୍ୟ କେବଳ ସ୍ଥୂଳ ଶରୀରରେ ରହିଛି । ଚେତନାରେ ଉଭୟେ ସମାନ ବୋଲି ଉପଲବ୍ଧି କରିବେ । ଧୀରେ ଧୀରେ ବାହ୍ୟ ଶରୀରର ରୂପାନ୍ତର ଫଳରେ ଏ ସ୍ଥୂଳ ଶରୀରର ଅନେକ ପାର୍ଥକ୍ୟ ମଧ୍ୟ ଲୋପ ପାଇବ ।

ଏହି ନୂତନ ଅତିମାନସ ଶକ୍ତିର କ୍ରିୟା ଯେ ଆଲୋଚନାର ବିଷୟବସ୍ତୁ ହୋଇ ରହିଛି, ତା' ନୁହେଁ । ଏହାର କ୍ରିୟା ବର୍ତ୍ତମାନ ସୁସ୍ପଷ୍ଟ । ଯେଉଁମାନେ ଏଥିପ୍ରତି ଉନ୍ମୁକ୍ତ ସେହି ମା' ଭଉଣୀମାନେ ସେମାନଙ୍କ ପ୍ରତି ପୁରୁଷର ପୁରାତନ ବ୍ୟବହାରକୁ ଆଦୌ ପସନ୍ଦ କରୁ ନାହାନ୍ତି । ନିଜର ପ୍ରକୃତିର ସମ୍ପୂର୍ଣ୍ଣ ରୂପାନ୍ତର ନହୋଇଥିଲେ ସୁଦ୍ଧା ଅନ୍ତରର ଅନ୍ତଃସ୍ଥଳରେ ସେମାନେ ଏକ

ଶୁଦ୍ଧପୂତ ପରିବେଶରେ ବାସକରିବାକୁ ବ୍ୟାକୁଳ ଯେଉଁଠି ଏ ପୁରାତନ ପ୍ରାଣଗତ ହୀନ କାମନା-ବାସନା ନଥିବ । ଅନ୍ୟ ପକ୍ଷରେ ପୁରୁଷମାନେ ମଧ୍ୟ ଯେଉଁମାନେ ମା' ଶ୍ରୀଅରବିନ୍ଦଙ୍କର ଏହି ନୂତନ ଶକ୍ତି ପ୍ରତି ଉନ୍ମୁକ୍ତ ସେମାନେ ମଧ୍ୟ ଚାହାନ୍ତି ଏହିଭଳି ଏକ ବାତାବରଣ । ସେଇଥିଲାଗି ସେମାନେ ପାଠଚକ୍ର, ଛାତ୍ରସମାଜ ତଥା ଏହିପରି ଅନ୍ୟାନ୍ୟ ଅନୁଷ୍ଠାନ ଗଢ଼ି ସେହି ପରିବେଶ ମଧ୍ୟରେ ବାସ କରିବାକୁ ଚାହୁଁଛନ୍ତି । ଅବଶ୍ୟ ଏଭଳି ମା' ଭଉଣୀ ଓ ପୁରୁଷମାନଙ୍କ ସଂଖ୍ୟା ଖୁବ୍ କମ୍ । କିନ୍ତୁ ସେହି କମ୍‌ସଂଖ୍ୟକ ବ୍ୟକ୍ତିହିଁ ଗଠନ କରିବେ ନୂତନ ମାନବସମାଜ ଏବଂ ହେବେ ମଣିଷ-ସମାଜର ଅଗ୍ରଦୂତ ।

ଏ ନୂତନ ଯୁଗ ଅନିବାର୍ଯ୍ୟରୂପେ ଆସିବ, ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ପ୍ରକୃତି ବି ଚାହୁଁଛି ଏହିଭଳି ଏକ ନୂତନ ମାନବ ଜାତି । କିନ୍ତୁ ତା'ର ଧାରା ବହୁତ ମନ୍ଥର । ଏଥିଲାଗି କୋଟି କୋଟି ବର୍ଷ ଲାଗିଯିବ । ଯୋଗ-ସାଧନା ବଳରେ ଏହା ଖୁବ୍ ଶୀଘ୍ର ଆସିପାରିବ । ନିଶ୍ଚିତ ଭାବରେ ନାରୀ ଓ ପୁରୁଷ ମଧ୍ୟରେ କୌଣସି ଉତ୍କୃଷ୍ଟତା ଓ ନିକୃଷ୍ଟତା ରହିବ ନାହିଁ । ବିଦ୍ୟା, ବୁଦ୍ଧି, ଶକ୍ତି, ସାମର୍ଥ୍ୟ, କାର୍ଯ୍ୟଦକ୍ଷତା ସବୁଥିରେ ଉଭୟେ ସମାନ ହେବେ । ତେଣୁ ଯେପର୍ଯ୍ୟନ୍ତ ଏହି ସମୟ ନଆସିଛି ସେପର୍ଯ୍ୟନ୍ତ ମା'ର ଜାତିକୁ ସବୁକ୍ଷେତ୍ରରେ, ସେମାନଙ୍କ ପ୍ରତି ଅନ୍ତରରେ କୌଣସି କୁତ୍ସିତ ଭାବ ନରଖି ସମାନ ସୁଯୋଗ ଓ ସୁବିଧା ଦେବାକୁ ହେବ । ଯାହାକିଛି ନୂତନ ସୃଷ୍ଟି ତାହା ମା'ର ଜାତି ମଧ୍ୟ ଦେଇହିଁ ଆସେ । ସେମାନଙ୍କୁ ସମସ୍ତ ସୁବିଧାସୁଯୋଗରୁ ବଞ୍ଚିତ କରି ଘରକୋଣରେ ପକାଇ ରଖିଥିବା ଅର୍ଥ ସବୁଦିନ ପାଇଁ ସମସ୍ତେ ଅନ୍ଧକାରରେ ବୁଡ଼ି ରହିଥିବା ।

କିନ୍ତୁ ଏପରି ସମୟ ଆସିଲାଣି ଯାହାଫଳରେ ସ୍ୱତଃସ୍ଫୂର୍ତ୍ତ ଭାବରେ ମା'ର ଜାତିର ଉତ୍‌ଥାନ ହେବ । ତାକୁ କେହି ରୋକିପାରିବେ ନାହିଁ । କାରଣ ସେମାନେ ଆଉ ପୁରାତନ ପ୍ରକୃତିର ଅଧୀନ ହେବାକୁ ଚାହିଁବେ ନାହିଁ କି ପୁରୁଷର ବାହୁଛାୟା ତଳେ ଆଶ୍ରୟ ଲୋଡ଼ିବେ ନାହିଁ । ଭଗବାନଙ୍କ ଦୟାରୁ

ସେମାନେ ଜାଣିପାରୁଛନ୍ତି ସେମାନଙ୍କର କ'ଣ ଭଲ ଓ କ'ଣ ଭବିଷ୍ୟତ । କାହାରି ବିନା ସାହାଯ୍ୟରେ ବି ସେମାନେ ନିଜେ ନିଜେ ନିଜ ସମାଜର ଭବିଷ୍ୟତ ଗଢ଼ିନେବାପାଇଁ ସମର୍ଥ ହୋଇଉଠିଲେଣି । ପାଶ୍ଚାତ୍ୟର ପ୍ରାଣ ପ୍ରତିଷ୍ଠିତ ନାରୀମାନଙ୍କ ଭଳି ବାହ୍ୟ ବିପ୍ଳବ ବା ବିଶୃଙ୍ଖଳା ସୃଷ୍ଟି କରି ଏ ଦେଶର ନାରୀମାନେ ସ୍ୱାଧୀନତା ଦାବି କରିବେ ନାହିଁ । ସେମାନେ ଆତ୍ମପ୍ରତିଷ୍ଠ ହୋଇ, ଅନ୍ତରରେ ଯେଉଁ ପ୍ରକୃତି ସେମାନଙ୍କ ସ୍ୱାଧୀନତା ଅପହରଣ କରିଛି ସେଇ ପ୍ରକୃତିକୁ ସାଧନା ବଳରେ ଜୟ କରି ସ୍ୱତଃସ୍ଫୂର୍ତ୍ତ ଭାବରେ ସମାଜରେ ନିଜର ଆସନ ଗ୍ରହଣ କରିବେ । ଯେଉଁମାନେ ଭଗବାନଙ୍କ ପାଇଁ ଯୋଗ ସାଧନା କରିବେ ସେମାନେ କେବଳ ସେମାନଙ୍କ ପିତାମାତାଙ୍କ ଆତ୍ମାର ସଦ୍‌ଗତି କରିବେ ନାହିଁ, ସପ୍ତପୁରୁଷର ଆତ୍ମାର ସଦ୍‌ଗତି କରିବେ । ଏ ଉପରଠାଉରିଆ ପିଣ୍ଡପାଣି ଦେବା ସେମାନଙ୍କୁ ଆବଶ୍ୟକ ପଡ଼ିବ ନାହିଁ । ସେମାନଙ୍କର ସରଳ, ନିଷ୍ପାପ, ଆତ୍ମୋଜ୍ଜ୍ୱଳ ଓ କୋମଳ ଅଥଚ ଅଶୁଭ ଇଚ୍ଛା ପ୍ରତି ପ୍ରଚଣ୍ଡ ସ୍ୱରୂପକୁ ଦେଖିବାମାତ୍ରେହିଁ ପୁରୁଷର ସମସ୍ତ ଦମ୍ଭ, ଅହଂକାର, ହୀନପ୍ରାଣଗତ କାମନା-ବାସନା ଅପସରିଯିବ । ସେମାନେ ଅନ୍ତର ସ୍ଥିରତାରେ ପ୍ରତିଷ୍ଠିତ ହୋଇ ପାଶ୍ଚାତ୍ୟର ନାରୀମାନଙ୍କ ଭଳି କର୍ମତତ୍ପରତା ଶିଖିପାରନ୍ତି; କିନ୍ତୁ ସେମାନଙ୍କର ଜଡ଼ଧର୍ମୀ ବହିର୍ମୁଖୀ ଢଙ୍ଗକୁ ଏ ଦେଶର ମାତୃଜାତି ଅନୁକରଣ କରିପାରିବ ନାହିଁ । କଲେ ବି ତାହା ସେମାନଙ୍କ ଅନ୍ତର ସମର୍ଥନ କରିବ ନାହିଁ । ବରଂ ସେମାନେ ପାଶ୍ଚାତ୍ୟର ନାରୀମାନଙ୍କୁ ଶିକ୍ଷା ଦେବେ କିପରି ଅନ୍ତରରେ ପ୍ରତିଷ୍ଠିତ ହୋଇ ତାଙ୍କରି ଭଳି ବି ତତ୍‌ପରତାର ସହ କାର୍ଯ୍ୟ କରିହୁଏ । ତେଣୁ ବାଧା ଦେବା ଛାଡ଼ି ଗଭୀର ଶୁଭେଚ୍ଛା ସହ ଏ ଦେଶରେ ମା'ର ଜାତିକୁ ତା'ର ଯଥାର୍ଥ ସ୍ଥାନ ଗ୍ରହଣ କରିନେବାରେ ସହାୟତା କରିବା ଉଚିତ । କାରଣ ସମଗ୍ର ଜଗତର ମା'ର ଜାତିର ଭବିଷ୍ୟତ ନିର୍ଭର କରୁଛି ଏଇ ଦେଶର ମା'ର ଜାତି ଉପରେ । ପ୍ରତ୍ୟେକ ଭାରତୀୟ ତାହା ପାରିବେ ବୋଲି ବିଶ୍ୱାସ ।

# ଭଗବାନ, ତୁମକୁ ଡାକି ଲାଭ କ'ଣ ?

"To love is not to possess, but to give oneself."

– The Mother

"କିଛି ଲାଭ କରିବା ଉଦ୍ଦେଶ୍ୟରେ ନୁହେଁ, କିନ୍ତୁ ନିଜକୁ ଦେଇଦେବାହିଁ ଭଲ ପାଇବା ।"

– ଶ୍ରୀମା

"କେତେ ଡାକିଲି । କେତେ ବିକଳ ପ୍ରାଣରେ ଆତୁର ହୋଇ ପ୍ରାର୍ଥନା କଲି; କିନ୍ତୁ କ'ଣ ତୁମେ କଲ ଭଗବାନ ? ମୋର ସବୁ ଆଶା ବ୍ୟର୍ଥ କରିଦେଲ ! ଟିକିଏ ବି ତୁମର ଦୟା ହେଲା ନାହିଁ ! ହଉ, ନହେଲା ନାହିଁ । ଆଉ ତୁମକୁ ଡାକି ଲାଭ କ'ଣ ? ତୁମଠାରେ ମୋର ଆଉ କିଛି କାମ ନାହିଁ ।"

ଭଗବାନଙ୍କ ପାଖରେ କାମ ନାହିଁ ତ ଆଉ କାହା ପାଖରେ କାମ ଅଛି ? ଅସୁର ପାଖରେ ? ଦୁଇଟି ଶକ୍ତି, ଦୁଇଟି ବାଟ ଏଇ ସଂସାରରେ ପାଖାପାଖି ରହିଛନ୍ତି । ଗୋଟିଏ ଭଗବାନଙ୍କ ଶକ୍ତି, ଅନ୍ୟଟି ତା'ର ଠିକ୍ ବିପରୀତ, ଅସୁରର ଶକ୍ତି । ଗୋଟିଏ ପଥ ଯାଇଛି ଜ୍ଞାନ, ଶକ୍ତି, ସୌନ୍ଦର୍ଯ୍ୟ ଓ ଆନନ୍ଦର ଦିଗରେ; ଅନ୍ୟଟି ଯାଇଛି ଅଜ୍ଞାନ, ମୃତ୍ୟୁ ଅନ୍ଧକାର ଓ ଦୁଃଖ-ଯନ୍ତ୍ରଣାର ଦିଗରେ । ଭଗବାନଙ୍କ ଆଡୁ ମୁଖ ଫେରାଇବାର ଅର୍ଥ ସ୍ୱାଭାବିକ ଭାବେ ଅନ୍ୟ ଶକ୍ତିଟିର କବଳରେ ପଡ଼ିବା । ଭଗବାନଙ୍କର ଟିକିଏ ସାନ୍ନିଧ, ଟିକିଏ କରୁଣା ଲାଭ କରିବାକୁ ଯେତେ ସାଧନା ଆବଶ୍ୟକ ହୁଏ, ଏ ଶକ୍ତିଟି ଲାଗି କିଛି କରିବା ଆବଶ୍ୟକ ହୁଏ ନାହିଁ । ଏହାର କରୁଣା ଆପେ ଆପେ ବରଷିଯାଏ । ଜନ୍ମ ଆରମ୍ଭରୁ ଅଯାଚିତ କୃପାକରି ସେ ଆମକୁ ଗ୍ରାସ କରି ରହିଥାଏ । ଭଗବାନଙ୍କ ଆଡ଼କୁ ଟିକିଏ ଯିବାର ଦେଖିଲେ ତା'ର ସମସ୍ତ

ଶକ୍ତି ନେଇ ବାଧାଦିଏ । ନଚେତ୍ ତା'ର ଅନ୍ଧକାର ରାଜତ୍ୱ ଯେ ଲୋପ ପାଇଯିବ ! ଯିଏ ଭଗବାନଙ୍କ ଆଡ଼କୁ ଥରେ ଯାଇ ପୁଣି ମୁଖ ଫେରାଇ ଆଣେ ତା' କଥା ଛାଡ଼ । ତାକୁ ତ ସେ ପରମପ୍ରିୟ ବସ୍ତୁଭଳି କୋଳକୁ ଟାଣିନିଏ । ପ୍ରତିଦାନରେ ଦିଏ କ'ଣ ? ହୀନକାମନା—ବାସନାର ତୃପ୍ତି ଓ ତଜ୍ଜନିତ ହତାଶା, ଅଜ୍ଞାନତା, ଦୁଃଖଯନ୍ତ୍ରଣା, ରୋଗବ୍ୟାଧି ଓ ଶେଷରେ ମୃତ୍ୟୁ । କିନ୍ତୁ ତଥାପି ବ୍ୟକ୍ତିକୁ ସେଇ ଜୀବନ ଭଲ ଲାଗେ । ସେଇ ଗତାନୁଗତିକ ଧାରାରୁ ବାହାରି ଆସି ଗୋଟିଏ ଜ୍ୟୋତିର୍ମୟ ଶକ୍ତିର ଆଶ୍ରୟ ନେବାଲାଗି ଯେତିକି ଉଦ୍ୟମ ଓ ସଂଗ୍ରାମ ଦରକାର ସେତକ କରିବା ଲାଗି ସେ କୁଣ୍ଠାବୋଧ କରେ କିଂବା ଭୟ କରେ । ଜନ୍ମଜନ୍ମାନ୍ତର ଧରି ସେଇଥିରେ ସଢ଼ୁଥାଏ; କିନ୍ତୁ ଗୋଟିଏ ଜନ୍ମରେ ସାମାନ୍ୟ କଷ୍ଟ ସ୍ୱୀକାର କରି ସେଥିରୁ ବାହାରି ଆସିବାର ସାହାସ କରେ ନାହିଁ ।

ସେ ଯାହାହେଉ, ଭଗବାନଙ୍କ ଉପରେ ଆମେ ଆମର ଅଜ୍ଞାନତା ଯୋଗୁଁ ଯେତେ ଦୋଷ ଦେଲେ, ଯେତେ ଅଭିମାନ କଲେ ବି ସେ ଆମ ଉପରେ ଟିକିଏ ଅଭିମାନ କରନ୍ତି ନାହିଁ କିଂବା ରାଗନ୍ତି ନାହିଁ । ପରମପ୍ରେମ ଓ ଧୈର୍ଯ୍ୟର ସହ ସେ ଅପେକ୍ଷା କରନ୍ତି ପୁଣି କେବେ ଆମେ ନିଜ ଭୁଲ ବୁଝି ତାଙ୍କରି କୋଳରେ ଆଶ୍ରୟ ନେଉଛୁଁ । ଯାହାଙ୍କ ପାଖରୁ ଆମେ ଆସିଛେ, ଯିଏ ଆମ ଅନ୍ତରର ଗଭୀରତମ ପ୍ରଦେଶରେ ରହିଛନ୍ତି, ଏ ମନପ୍ରାଣର ଅଭିମାନ କ'ଣ ତାଙ୍କ ପାଖରୁ ଆମକୁ ଚିରଦିନ ଲାଗି ବିଛିନ୍ନ କରିପାରିବ ? ନଦୀର ଗତିପଥରେ ବିଭିନ୍ନ ପ୍ରତିବନ୍ଧକ ଦେଖା ଦେଇପାରେ, ତାକୁ ବିଭ୍ରାନ୍ତ କରି ଏଣେତେଣେ ନେଇଯାଇପାରେ; କିନ୍ତୁ ସମୁଦ୍ର ଅଭିମୁଖରେ ତା'ର ଯାତ୍ରାକୁ କେହି ଚିରକାଳ ଅଟକାଇ ପାରିବ ନାହିଁ । ସେ ତ ତା'ର ସ୍ୱାଭାବିକ ଧର୍ମ ।

ଆମର ମନ, ପ୍ରାଣ ନିଜର ଅଜ୍ଞାନତା ଯୋଗୁଁ ନିଜ ପାଇଁ କ'ଣ ଭଲ, କ'ଣ ମନ୍ଦ ତାହା ଜାଣି ନ ଥାନ୍ତି । ଯେଉଁଥିରେ ଆମ ଆତ୍ମାର

କଲ୍ୟାଣ ହୁଏ ତାହା ବାହାରକୁ ଯେତେ କ୍ଷତିକାରକ ଜଣାପଡୁଥାଉ ପଛେ ଭଗବାନ ଆମ ଲାଗି ସେଇଆ କରନ୍ତି ଯଦି ଆମେ ତାଙ୍କୁ ସରଳ ଶିଶୁଭଳି ଯଥାର୍ଥ ଆନ୍ତରିକତାର ସହ ନିଜର ପ୍ରାର୍ଥନା ଦେଇଥାଉ । ଥରେ ଯଦି ଆମେ ତାଙ୍କୁ ଆମର ପ୍ରାର୍ଥନା ଜଣାଇଦେଇଛୁ ଓ ଆମ କର୍ତ୍ତବ୍ୟକୁ ତାଙ୍କରି ସେବା ଭାବି ପରମ ନିଷ୍ଠାର ସହ କରିଛୁ ତେବେ ଯାହା ଘଟୁନା କାହିଁକି ନିଶ୍ଚିତ ହୋଇ ରହିବା ଦରକାର । ବାହାରୁ ବିଚାର କରି ଆମେ ଆମର ଭଲମନ୍ଦ ଜାଣିପାରିବା ନାହିଁ । ବର୍ତ୍ତମାନ ଯାହାକୁ ଆମେ ମନ୍ଦ ବୋଲି କହି ଦୋଷ ଦେଉଛୁ କିଛିଦିନ ପରେ ତାହାହିଁ ଆମ ପାଇଁ ଯଥାର୍ଥ କଲ୍ୟାଣକର ଥିଲା ବୋଲି ବୁଝିପାରିବୁ ।

ନିକଟରେ ଜଣେ ପିଲା ମା'ଙ୍କୁ ପ୍ରାର୍ଥନା କରିଥିଲେ ଓଡ଼ିଶାର ଏକ ବିଶିଷ୍ଟ ସହରରେ ଅବସ୍ଥିତ ଏକ ସୁପ୍ରସିଦ୍ଧ କଲେଜରେ ସିଟ୍ ପାଇବା ଲାଗି । ତାଙ୍କ ଘରେ ଅନ୍ୟ ଏକ ଜିଲାରେ । ସେ ଆଶୀର୍ବାଦ ପୁଷ୍ପ ପାଇଲେ, ମାତ୍ର ସିଟ୍ ପାଇଲେ ନାହିଁ । ମା'ଙ୍କ ଉପରେ ବହୁତ ଅଭିମାନ କଲେ, ତାଙ୍କର ଆଶୀର୍ବାଦ ଉପରେ ସନ୍ଦେହ ଆସିଲା । ନାମଲେଖା ଦିନ ସେ କ'ଣ ହୋଇଛି ବୁଝିବା ଲାଗି କଲେଜ ଆଡ଼େ ଆସିଲେ । ସେ ଦେଖିଲେ ତାଙ୍କ ନାମ ୱେଟିଙ୍ଗ ଲିଷ୍ଟରେ ଅଛି । ଆହୁରି ଦେଖିଲେ, ସେ ଯେଉଁ ଜିଲାର ପିଲା ସେ ଜିଲାର ଯଦି କେହି ପିଲା ନାମ ଲେଖାଇଥାନ୍ତି ତେବେ ସେମାନଙ୍କୁ ଖୁନ୍ କରିବା ପାଇଁ ସ୍ଥାନୀୟ କେତେକ ପିଲା ଖୋଜୁଥା'ନ୍ତି । କି ସଂକୀର୍ଣ୍ଣ, ଘୃଣ୍ୟ, ନୀଚ ମନୋଭାବ ! ତେବେ ସେ ସମ୍ବନ୍ଧେ ଏଠି ଆମେ ଆଲୋଚନା କରୁନୁ । ଭୟରେ ସେ ପିଲା ଫେରିଆସିଲେ । ମା'ଙ୍କ ପ୍ରତି କୃତଜ୍ଞତାରେ ମଥା ନଇଁ ପଡ଼ିଲା । ମନେ ମନେ କହିଲେ, ''ମା, ତୁମେ ମୋ ପାଇଁ ଯାହା କରିଛ, ଭଲ କରିଛ । ଏ ସମୟରେ ମୋ ନାମ ଲେଖା ହୋଇଥିଲେ ସେଠିକା ପଶୁପ୍ରକୃତିର ପିଲାମାନଙ୍କ ଦ୍ୱାରା ମୋର ଅବସ୍ଥା କ'ଣ ହୋଇଥାନ୍ତା କିଏ ଜାଣେ !'' କିଛିଦିନ ପରେ ପୁଣି ତାଙ୍କୁ ନାମ ଲେଖାଇବା ପାଇଁ ସେହି

କଲେଜରୁ ଡାକରା ଆସିଲା । ମା'ଙ୍କୁ ଜଣାଇ ସେ ନାମ ଲେଖାଇବାକୁ ଯାଇଥିଲେ ।

ତେଣୁ ଥରେ ଯଦି ଆମେ ଅନ୍ତରର ସହ ଭଗବାନଙ୍କୁ ଆମ ପ୍ରାର୍ଥନା ଜଣାଇ ଦେଇଛେ ତେବେ ଆମ ପାଇଁ ଯାହା ଭଲ ତାହା ସେ ନିଶ୍ଚୟ କରିବେ । ଫଳାଫଳ ଯଦି ଆମ ଭାବିବା ଅନୁଯାୟୀ ହେଲା ତେବେ ସାଧାରଣତଃ ଆମେ ଖୁସି ହୋଇଥାଉ; କିନ୍ତୁ ଭାବିବା ଅନୁଯାୟୀ ନହେଲେ ଯେଉଁମାନେ ସର୍ତ୍ତ ରଖି ଭଗବାନଙ୍କୁ ଭଲ ପାଇଥା'ନ୍ତି ସେମାନେ ଦୂରେଇ ଯାଆନ୍ତି । ଯେଉଁମାନେ ଅଳ୍ପ ନିଷ୍ଠାପର ସେମାନେ ମନଦୁଃଖ କରନ୍ତି; କିନ୍ତୁ ଦୂରେଇଯାଇ ପାରନ୍ତି ନାହିଁ । କିନ୍ତୁ ଯେଉଁମାନେ ଟିକିଏ ବେଶୀ ନିଷ୍ଠାପର ସେମାନଙ୍କୁ ଆଦୌ ଦୁଃଖ ସ୍ପର୍ଶ କରେ ନାହିଁ । କାରଣ ବ୍ୟବସାୟୀର ମନୋବୃତ୍ତି ନେଇ ଭଗବାନଙ୍କଠାରୁ କିଛି ପାଇବା ଆଶାରେ ସେମାନେ ତାଙ୍କୁ ଭଲ ପାଉ ନଥାନ୍ତି । ସେମାନେ ଭଗବାନଙ୍କୁ ଭଲ ପାଇବାର ଆନନ୍ଦ ଲାଗି ଭଲ ପାଉଥା'ନ୍ତି । ପୃଥିବୀପୃଷ୍ଠରେ ଭଗବାନଙ୍କ ଇଚ୍ଛା ପୂରଣ ଲାଗି ତାଙ୍କୁ ଭଲ ପାଉଥା'ନ୍ତି । ନିଜର ଇଚ୍ଛାପୂରଣ ଲାଗି ନୁହେଁ । ଯଦି ମନରେ ଦୁଃଖ ଆସେ ସେମାନେ ବୁଝିପାରନ୍ତି ଏ ଦୁଃଖ ସେମାନଙ୍କର ନୁହେଁ । ସ୍ୱାର୍ଥପର ସଂସାରର ବାତାବରଣ ମଧ୍ୟରୁ ଏ ଦୁଃଖ ସେମାନଙ୍କ ମଧ୍ୟକୁ ପ୍ରବେଶ କରୁଛି । ସଙ୍ଗେ ସଙ୍ଗେ ସେମାନେ ତାକୁ ପ୍ରତ୍ୟାଖ୍ୟାନ କରନ୍ତି ।

ଥରେ ଜଣେ ଅଧ୍ୟାତ୍ମ ଗୁରୁଙ୍କର ପାଞ୍ଚଜଣ ଶିଷ୍ୟ ଥିଲେ । ଶିଷ୍ୟମାନେ ସମସ୍ତେ ସ୍କୁଲ କଲେଜରେ ପଢୁଥିଲେ । ଥରେ ଗୁରୁ ଶିଷ୍ୟମାନଙ୍କୁ ଡାକି କହିଲେ, ''ତୁମ୍ଭେମାନେ ସବୁ ତୁମ ସ୍କୁଲ କଲେଜରେ ପଢ଼ାପଢ଼ି କର । ଏତେ କଷ୍ଟ କରି ଏ ଯୋଗସାଧନା କାହିଁକି କରିବ ? ପଢ଼ା ପରେ ଚାକିରିବାକିରି କରି ଘରସଂସାର କରି ସୁଖରେ ରହିବ । ଏ କଷ୍ଟକର ମାର୍ଗରେ ଯାଇ ଲାଭ କ'ଣ ? ମୋର ବି ଏ ସ୍ଥାନରେ ରହିବାର ଆବଶ୍ୟକତା ନାହିଁ । ମୋତେ ଆଜିଠାରୁ ବିଦାୟ ଦିଅ ।''

ଏ କଥାରେ ଶିଷ୍ୟମାନେ ସବୁ ଭାଙ୍ଗି ପଡ଼ିଲେ । ଦୁଃଖ ପ୍ରକାଶ କରି କହିଲେ, ''ପାଠ ପଢ଼ିଲେ ବି ଆମ ଜୀବନର ଏକମାତ୍ର ଲକ୍ଷ୍ୟ ଭଗବାନଙ୍କୁ ପାଇବା । ତାଙ୍କରି ପାଇଁ ନିଜକୁ ଉପଯୁକ୍ତ କରି ଗଢ଼ିବା ନିମନ୍ତେ ଆମେ ପାଠ ପଢୁଛୁ ଓ ଆମର ସମସ୍ତ କର୍ମ କରୁଛୁ । ଯାହା ବି କଲେ ଆମର ଲକ୍ଷ୍ୟ ସେଇ ଗୋଟିଏ । ଆମର ଲକ୍ଷ୍ୟପ୍ରାପ୍ତି ନିମନ୍ତେ ଆପଣଙ୍କୁହିଁ ଏକମାତ୍ର ସହାୟରୂପେ ଧରିନେଇଛୁ । ଆପଣଙ୍କ ବିନା ଭଗବାନଙ୍କୁ ପାଇବା ଆମ ପକ୍ଷରେ କେବେ ବି ସମ୍ଭବ ନୁହେଁ । ଯାହାକିଛି ଆମକୁ କହିବେ ତା' କରିବାକୁ ଆମେ ପ୍ରସ୍ତୁତ ଅଛୁ; କିନ୍ତୁ ଆମକୁ ଛାଡ଼ି ଯାଆନ୍ତୁ ନାହିଁ । ଚିରଦିନ ଆମକୁ ଶିଷ୍ୟରୂପେ ଗ୍ରହଣ କରନ୍ତୁ ।''

ଗୁରୁ ଟିକିଏ ନୀରବ ରହିଲେ । ତା' ପରେ କହିଲେ, ''ତୁମ୍ଭେମାନେ କ'ଣ ପ୍ରକୃତରେ ଭଗବାନଙ୍କୁ ଚାହଁ ଓ ତାଙ୍କରିଲାଗି ସାଧନା କରିବାକୁ ଚାହଁ ?''

ସମସ୍ତେ ଏକସ୍ୱରରେ କହି ଉଠିଲେ, ''ହଁ'' ।

ଗୁରୁ କହିଲେ ''ତେବେ ମୁଁ ତୁମମାନଙ୍କୁ ଯାହା କହିବି ତାହା ତୁମେମାନେ କରିପାରିବ ?''

ସମସ୍ତେ କାଳବିଳମ୍ୱ ନ କରି କହିଉଠିଲେ, ''ହଁ, କରିଦେବୁ ।''

ଗୁରୁ ପ୍ରଥମ ଶିଷ୍ୟକୁ ଡାକି କହିଲେ, ''ତୁମକୁ ଏଥର ତୁମ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରିବାକୁ ହେବ ।''

ଶିଷ୍ୟଟି ଅନୁନୟ କରି କହିଲା, ''ତା' କିପରି ହେବ, ଆଜ୍ଞା ! ମୁଁ ତ ଆଦୌ ପାସ୍ କରିବା ଭଳି ଅବସ୍ଥାରେ ନାହିଁ । ଆଉ ଏ ଗୋଟିଏ ବର୍ଷ ପାଠ ପଢ଼ି ପ୍ରଥମ ଶ୍ରେଣୀ କିପରି ଲାଭ କରିବି ? ମୋତେ ଆଉ କିଛି କୁହନ୍ତୁ । ମୁଁ ତାହା ଆନନ୍ଦରେ କରିବି ।''

ଗୁରୁ କହିଲେ, ''ନା, ଆଉ କିଛି ତୁମର କରିବାର ନାହିଁ । ଇଚ୍ଛା କଲେ ତୁମେ ବର୍ତ୍ତମାନ ଯାଇପାର ।''

ତା'ପରେ ସେ ଦ୍ୱିତୀୟ ଶିଷ୍ୟକୁ ଡାକି କହିଲେ, ''ତୁମକୁ ଏଥର ପରୀକ୍ଷାରେ ଫେଲ୍ ହେବାକୁ ହେବ ।''

ଶିଷ୍ୟଟି ବିବ୍ରତ ହୋଇପଡ଼ିଲା । କ'ଣ କହିବ କିଛି ଭାବିପାରିଲା ନାହିଁ । ଶେଷରେ କହିଲା, ''ଗୁରୁଦେବ ! ମୁଁ ସବୁ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଛି । ରାଜ୍ୟ ସାରା ସମସ୍ତେ ମୋ ନାମ ଜାଣନ୍ତି । ମୁଁ ଯଦି ଜାଣିଶୁଣି ଏଥର ଫେଲ ହୁଏ ଘରେ ବାହାରେ ଲୋକମାନେ ମୋତେ କ'ଣ କହିବେ ! ଫେଲ ହେବା କଥା ଛାଡ଼ି ମୋତେ ଆଉ ଯାହା କହିବେ ମୁଁ ତାହା କରିବି ।''

ଗୁରୁ କହିଲେ, ''ଏଥର ତୁମେ ଯାଇପାର ।''

ତୃତୀୟ ଶିଷ୍ୟକୁ ଡାକି ଗୁରୁ କହିଲେ, ''ତୁମକୁ ଆଜିଠାରୁ ରାତି ତିନିଟାରୁ ଉଠି ସମସ୍ତ କାମ ସାରି ସକାଳ ପର୍ଯ୍ୟନ୍ତ ପଢ଼ିବାକୁ ହେବ ।''

ଶିଷ୍ୟ ବିଚରା ମୁଣ୍ଡରେ ହାତ ବୁଲାଇ ବୁଲାଇ କହିଲା, ''ଯେଉଁ କଥାକୁ ମୋ ଭଳିଆ ପିଲା ପାରିବ ନାହିଁ, ଆପଣ ଖାଲି ସେହିଭଳି କଥା କହିବେ । ସକାଳ ୬ଟା ପର୍ଯ୍ୟନ୍ତ ତ ମୋର ନିଦ ଭାଙ୍ଗେ ନାହିଁ; ନିଦ ଭାଙ୍ଗିଲେ ବି ମୁଁ ପୁଣି ଆଉ ଘଣ୍ଟାଏ ଖଣ୍ଡେ ନ ଶୋଇଲେ ଦେହରୁ ଅଳସ ଛାଡ଼େ ନାହିଁ । ଆପଣ କହୁଛନ୍ତ ସବୁଦିନେ ୩ଟାବେଳେ ଉଠିବାକୁ । ମୁଁ କ'ଣ ବେମାର ହେବି ନା କ'ଣ ? ଯେଉଁଭଳି କାମ ମୁଁ କରିପାରିବି ସେଇଭଳି କଥା ସିନା ମୋତେ କହିବେ ।''

ଗୁରୁ କହିଲେ, ''ତେବେ ତୁମେ ଶୀଘ୍ର ଯାଅ । ଶୋଇବା ସମୟ ବିଳମ୍ବ ହୋଇଯାଇପାରେ ।''

ତା'ପରେ ସେ ଚତୁର୍ଥ ଶିଷ୍ୟକୁ ଡାକି କହିଲେ, ''ମୁଁ ଯାହା କହିବି ତାହା ତୁମେ କରିପାରିବ ।''

ଶିଷ୍ୟଟି କହିଲା, ''ପଚାରିବା ପୂର୍ବରୁ ପରୀକ୍ଷା କରିନିଅନ୍ତୁ ।''

ଗୁରୁ କହିଲେ, ''ଆଚ୍ଛା, ତୁମେ ଏ କୋଠା ଛାତ ଉପରକୁ ଯାଇ ତଳକୁ ଡେଇଁପଡ଼ ।''

ଶିଷ୍ୟଟି ଟିକିଏ ଇତସ୍ତତଃ ହୋଇ ପଡ଼ିଲା । କ'ଣ ଭାବି କହିଲା, ‘‘ଗୁରୁଦେବ, ମୁଁ ଡେଇଁ ପଡ଼ିବି ସତ; କିନ୍ତୁ ମୁଁ ଜାଣେ, ଆପଣଙ୍କ ଶକ୍ତି ମୋତେ ରକ୍ଷା କରିବ । ମୁଁ ତଳେ ପଡ଼ିଲେ ବି ମୋର କିଛି ହେବ ନାହିଁ ।’’

ଗୁରୁ କହିଲେ, ‘‘ଓ, ନିଜେ ସୁରକ୍ଷିତ ହେବାର ଆଶା ଓ ସର୍ତ୍ତ ରଖି ତୁମେ ଗୁରୁ ଆଜ୍ଞା ପାଳନ କରିବାକୁ ଚାହଁ !’’

ଶେଷରେ ପଞ୍ଚମ ଶିଷ୍ୟଟିକୁ ସେ ଡାକିଲେ । ନିକଟରେ ପହଞ୍ଚିବାକ୍ଷଣି ଗୁରୁ ତାଙ୍କୁ କହିଲେ, ‘‘ଆଜିଠାରୁ ମୁଁ ତୁମ ମୁଖ ଦର୍ଶନ କରିବାକୁ ଚାହେଁ ନାହିଁ । ତୁମେ ବର୍ତ୍ତମାନ ଶୀଘ୍ର ମୋ ସମ୍ମୁଖରୁ ପଳାଇଯାଅ । ଆଉ କେବେ ବି ମୋତେ ଦେଖା କରିବ ନାହିଁ ।’’

ଶିଷ୍ୟଟି ନୀରବରେ ଗୁରୁଙ୍କ ପାଦତଳେ ବିନମ୍ରପ୍ରଣତି ଜଣାଇ କହିଲା, ‘‘ପ୍ରଭୁ, ଆପଣଙ୍କ ଇଚ୍ଛା ପୂର୍ଣ୍ଣ ହେଉ । ଆପଣଙ୍କ ଲାଗି, କେବଳ ଆପଣଙ୍କ ସହ ଏକ ହେବାଲାଗି ଓ ଆପଣଙ୍କ ସଂକଳ୍ପ ପୂରଣ ଲାଗି ମୋର ଏ ସମସ୍ତ ସାଧନା । ଆପଣଙ୍କ ଆନନ୍ଦରେ ମୋର ଆନନ୍ଦ । ଆପଣଙ୍କ ଇଚ୍ଛାର ଅନୁରୂପ ହେବାଲାଗି ଘୋର ନର୍କ ମଧ୍ୟରେ ପଶି ଜୀବନକୁ ତିଳତିଳ କରି ଦଗ୍ଧ କରି ଯଦି ମୃତ୍ୟୁବରଣ କରିବାକୁ ହୁଏ ତେବେ ସେଇହିଁ ମୋର ମଣିଷ ଜନ୍ମଗ୍ରହଣ କରିବାର ଚରମ ସାର୍ଥକତା । ଆଜିଠାରୁ ଚିରଦିନ ଲାଗି ଆପଣଙ୍କ ନିକଟକୁ ଆସି ମୁଖ ନ ଦେଖାଇବା ଲାଗି ଯଦି ଆପଣଙ୍କ ଆଦେଶ ତେବେ ସେଇହିଁ ମୋ ପାଇଁ ପରମ ଆଶୀର୍ବାଦ । ଆପଣ ମୋତେ ଯାହା ହେବାକୁ ଚାହାନ୍ତି ମୁଁ ସେଇଆହିଁ ହୋଇଉଠେ । ଏଇ ମୁହୂର୍ତ୍ତରୁ ମୁଁ ସବୁଦିନ ଲାଗି ଆପଣଙ୍କ ସମ୍ମୁଖରୁ ବିଦାୟ ନେଉଛି ।’’

ଏତିକି କହି ଶିଷ୍ୟଟି ଗୁରୁଙ୍କ ପାଦରେ ପ୍ରଣାମ କରି ମୁହଁ ବୁଲାଇ ଗୋଟିଏ ପାଦ ଯାଇଛି କି ନାହିଁ ତା' କାନ୍ଧ ଉପରେ ଅନୁଭବ କଲା କାହାର କୋମଳ, ପ୍ରେମପୂର୍ଣ୍ଣ ହାତର ଶାନ୍ତ ଶୀତଳ ସ୍ପର୍ଶ । ଫେରିପଡ଼ି ପଛକୁ ଚାହିଁଲା । ଦେଖିଲା, ସକରୁଣ ଦୃଷ୍ଟିରେ ଗୁରୁ ତାକୁ ଚାହିଁ ରହିଛନ୍ତି । ଦୁଇ

ହାତରେ ଗୁରୁ ତାକୁ ସଂପୂର୍ଣ୍ଣରୂପେ କୋଳକୁ ଟାଣି ନେଇ କହିଲେ, ''ମୁଁ ତ ଏକାନ୍ତଭାବେ ତୋ'ରି; ତୋତେ ଗୋଟିଏ ମୁହୂର୍ତ୍ତଲାଗି ବି ମୁଁ ଆଉ ଛାଡ଼ିବି ନାହିଁ । ତୁ ଯେଉଁଠାରେ ଥାଆ ପଛେ ତୋର ସକଳ ସୁଖଦୁଃଖ ଭିତରେ ମୁଁ ସବୁବେଳେ ତୋ ସହ ରହିଛି ।''

ଆନନ୍ଦପୁଲକିତ ଶିଷ୍ୟଟିର ଚକ୍ଷୁ ଦୁଇଟି କୃତଜ୍ଞତାରେ ଛଳଛଳ ହୋଇଉଠିଲା । ପୁଣି ଥରେ ଗୁରୁଙ୍କର ଚରଣଧୂଳି ଆଣି ମୁଣ୍ଡରେ ମାରିଲା । ଅନ୍ତର ତା'ର ସ୍ୱତଃସ୍ଫୂର୍ତ୍ତ ଭାବେ କହିଉଠିଲା, ''ମୁଁ ବି ଆପଣଙ୍କୁ ମୁହୂର୍ତ୍ତେ ଛାଡ଼ି ବଞ୍ଚିପାରିବି ନାହିଁ ।''

# ଠିକ୍ ପଥ ବାଛି ନେଇ ପାରିଲି ନାହିଁ

"In each one's life a moment comes when he has to make a choice between the path and the muddle.

– The Mother

"ପ୍ରତ୍ୟେକର ଜୀବନରେ ଗୋଟିଏ ମୁହୂର୍ତ୍ତ ଆସେ ଯେତେବେଳେ ତାକୁ ପଥ ଓ ଅପଥ ମଧ୍ୟରୁ ଗୋଟିକୁ ବାଛିନେବାକୁ ହୁଏ ।"

– ଶ୍ରୀମା

"କିପରି ଜାଣିଲ ତୁମର ପଥ ଠିକ୍ ନୁହେଁ ବୋଲି ?"

"ତା' ଯଦି ହୋଇଥା'ନ୍ତା, ଜୀବନଟା କାହିଁକି ଏତେ ଖାପଛଡ଼ା ଲାଗନ୍ତା ? ଯେପରି କେଉଁଠି କ'ଣ ଅମୂଲ୍ୟ ରତ୍ନ ହରାଇବସିଛି ଯାହାକୁ କି ଆଉ ଏ ଜୀବନରେ ପାଇବାର ଆଶା ନାହିଁ । ତୁମେ ତ କିନ୍ତୁ ବହୁତ ଶାନ୍ତ, ସ୍ଥିର ଓ ଏକ ସୀମାହୀନ ପଥର ନିର୍ଭୀକ ଯାତ୍ରୀ ଭଳି ଜଣା ପଡୁଛ ।

"ମନେ ପଡ଼େ ଯୌବନର ପ୍ରାରମ୍ଭରେ ଚାହିଁଥିଲି ଅଧ୍ୟାତ୍ମ ସାଧନା କରିବାକୁ । ଏଥିଲାଗି ଖୋଜୁଥିଲି ଉପଯୁକ୍ତ ଗୁରୁ ଓ ପାଇଥିଲି ମଧ୍ୟ । ଗୁରୁଙ୍କ ନିକଟରେ ପହଞ୍ଚିବା ମାତ୍ରେ ସେ ମୋର ମନର ଅଭିଳାଷ ଜାଣିପାରିଥିଲେ । ତାଙ୍କରି ପ୍ରସାଦରେ ଓ ତାଙ୍କରି କୃପାପ୍ରାପ୍ତ ହୋଇ ମୁଁ ଜୀବନରେ ସାଧାରଣ ମଣିଷ ଦୃଷ୍ଟିରୁ କ'ଣ ବା ନ ହୋଇପାରିଛି ! ବିଶ୍ୱବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖି ସର୍ବୋଚ୍ଚ ଡିଗ୍ରି ହାସଲ କରିଛି । ଘରସଂସାର କରି ତାଙ୍କରି ଦୟାରୁ ମନଲାଖି ପୁତ୍ରସନ୍ତାନ ଲାଭ କରିଛି । ପ୍ରଚୁର ଧନସମ୍ପଦର ଅଧିକାରୀ ହୋଇପାରିଛି । ମନ୍ତ୍ରିତ୍ୱର ଆସନରେ ଅଧିଷ୍ଠିତ ହୋଇ ସମାଜରେ ସର୍ବୋଚ୍ଚ କ୍ଷମତା ଓ ପ୍ରଭୁତ୍ୱର ଅଧିକାରୀ ହୋଇପାରିଛି । ଯେତେବେଳେ ବିପଦ

ଆପଦ, ରୋଗବ୍ୟାଧିରେ ପଡ଼ିଛି ସେତେବେଳେ ଗୁରୁଙ୍କ ପ୍ରସାଦରୁ ସେଥିରୁ ରକ୍ଷା ପାଇଛି ।

"ସମାଜରେ ଜଣେ ଶିକ୍ଷିତ, ଧନବାନ୍ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତି ହିସାବରେ ଦେଶବାସୀ ମୋତେ କେତେ ସମ୍ମାନ ଦେଖାଉ ନାହାନ୍ତି । ମୋ ନାମରେ କେତେ ସ୍କୁଲ, କଲେଜ, ଡାକ୍ତରଖାନା ନ ହୋଇଛି ! ମୋ ଲାଗି କେତେ ସଭାସମିତିର ଆୟୋଜନ ହୋଇ ସେଥିରେ ମୋତେ ଦେଶର ଜଣେ ସୁଯୋଗ୍ୟ ସନ୍ତାନ ହିସାବରେ କେତେ ଯେ ଉପାଧିରେ ଭୂଷିତ କରା ନ ଯାଇଛି ! କିନ୍ତୁ ଏସବୁ ସତ୍ତ୍ୱେ ଜୀବନର ଏହି ଚତୁର୍ଥାବସ୍ଥାରେ ଅନ୍ତରଟା ମୋର କାହିଁକି ଶୂନ୍ୟତାରେ ହା—ହା—କାର କରିଉଠୁଛି । ମନେହୁଏ ଯେପରି ଜୀବନରେ ଯାହା କରିବା କଥା ତାହା ମୁଁ କିଛି କରିପାରି ନାହିଁ । ଜୀବନର ଯଥାର୍ଥ ସତ୍ୟଠାରୁ ମୁଁ ବହୁତ ଦୂରରେ । ଗୁରୁଙ୍କ ପ୍ରସାଦରୁ ରୋଗ, ବ୍ୟାଧି, ଦୁଃଖ, ଯନ୍ତ୍ରଣାରୁ ସାମୟିକଭାବେ ମୁକ୍ତି ପାଇଛି; କିନ୍ତୁ କାହିଁ ସେଥିରୁ ତ ମୁଁ ଚିରଦିନ ମୁକ୍ତ ହୋଇ ନାହିଁ ? ଆଜି ମୁଁ ବାହାରେ ଏତେ ସମ୍ମାନ ଓ କ୍ଷମତାର ଅଧିକାରୀ ହୋଇ ମଧ୍ୟ ଭିତରେ ଦୁରାରୋଗ୍ୟ ବ୍ୟାଧି ଭୋଗ କରୁଛି । ହତାଶାର ଗାଢ଼ କଳା ଛାଇ ମୋର ହୃଦୟକୁ ଆଚ୍ଛନ୍ନ କରି ରହିଛି । ଅନ୍ତିମ କାଳ ମୋର ନିକଟ ହୋଇ ଆସିଲାଣି । କିନ୍ତୁ ଜୀବନରେ ମୋର ଯେପରି ଗୋଟାଏ ବିରାଟ ଅବଶୋଷ ରହିଗଲା ।"

ଦ୍ୱିତୀୟ ବନ୍ଧୁ ଜଣକ ସବୁ ଶୁଣି ପଚାରିଲେ, "ଆଚ୍ଛା ଭାଇ, କହିପାରିବ କି ତୁମେ ତୁମର ଗୁରୁଙ୍କୁ କିପରି ପାଇଲ ?"

ଉତ୍ତରରେ ପ୍ରଥମ ବନ୍ଧୁ କହିଲେ, "ଲୋକମୁଖରେ ଗୁରୁଙ୍କର ବହୁତ ପ୍ରଶଂସା ଶୁଣିଲି । ଅନେକ ବ୍ୟକ୍ତି ତାଙ୍କ ପାଖକୁ ଯାଇ ପୁତ୍ରସନ୍ତାନ, ଧନସମ୍ପଦ ଓ କ୍ଷମତା ଆଦି ଲାଭ କରିଥିବାର ଜାଣିଲି । ବ୍ୟକ୍ତିର ମୁଖକୁ ଚାହିଁ ସଙ୍ଗେ ସଙ୍ଗେ ତା'ର ଅଭିଳାଷ କ'ଣ ସେ କହିପାରୁଥିଲେ । ସାମାନ୍ୟ ଟିକିଏ ମନ୍ତ୍ର ଫୁଙ୍କି ସେ ବିରାଟ ବିରାଟ ଅଲୌକିକ କାଣ୍ଡମାନ ଦେଖାଇ ପାରୁଥିଲେ ।

ଏସବୁ ଶୁଣି ମୋ ମନରେ ବହୁତ ଲୋଭ ଜାତ ହେଲା । ଯାଇ ଦର୍ଶନ କରି ଦେଖିଲି ଯଥାର୍ଥରେ ମଧ୍ୟ ସେ ଏସବୁ ଶକ୍ତିର ଅଧିକାରୀ । ସେହିଦିନଠାରୁ ତାଙ୍କୁ ଗୁରୁ ବୋଲି ମାନିନେଇ ଗୋଟିକ ପରେ ଗୋଟିଏ ଅଭିଳାଷ ମୋର ପୂର୍ଣ୍ଣ କରି ଚାଲିଛି । ଆଜି ମୁଁ ବୁଝିପାରିଛି କ୍ଷଣିକ ପ୍ରଲୋଭନରେ ପଡ଼ି ଜୀବନର ଯଥାର୍ଥ ଅଭିଳାଷକୁ ମୁଁ ଜାଣି ବି ପାରି ନାହିଁ, କିଂବା ଜାଣିବାର ସେ ସୁଯୋଗ ମୋ ଜୀବନରେ କେବେ ଆସି ନାହିଁ । ଆଚ୍ଛା ଭାଇ, ତୁମେ ତୁମ ଗୁରୁଙ୍କୁ କିପରି ପାଇଲ, କହିବାରେ କିଛି ଆପତ୍ତି ଅଛି କି ?''

ଦ୍ୱିତୀୟ ବନ୍ଧୁ ଜଣକ କହିଲେ, ''ମୋର ଅଜାଣତରେ ଅନ୍ତର ମୋର ସବୁବେଳେ ଜଣେ ଗୁରୁଙ୍କୁ ଖୋଜୁଥିଲା । ବେଳେବେଳେ ତା'ର ଆଭାସ ମଧ୍ୟ ମନରେ ମିଳୁଥିଲା । ଅନେକ ମହାପୁରୁଷ, ଅନେକ ଗୁରୁଙ୍କ କଥା ଶୁଣେ, ବହି ପଢ଼େ, ଫଟୋ ଦେଖେ, ସେମାନଙ୍କୁ ସମ୍ମାନ କରେ, ତାଙ୍କର ଅଧ୍ୟାତ୍ମ ତତ୍ତ୍ୱକୁ ଭଲପାଏ; କିନ୍ତୁ ଅନ୍ତର ସେଥିରେ ପୂର୍ଣ୍ଣ ସନ୍ତୁଷ୍ଟ ହୁଏ ନାହିଁ । ଆହୁରି ମଧ୍ୟ ଅନେକ ଗୁରୁଙ୍କ ନାମ ଶୁଣିଛି ଯେଉଁମାନେ ଶିଷ୍ୟମାନଙ୍କୁ ଅନେକ ଶକ୍ତିର ଅଧିକାରୀ କରାଇ ଅଲୌକିକ କାଣ୍ଡମାନ ଘଟାଇପାରନ୍ତି । ପାଣିରେ ଚାଲିଯାଇପାରନ୍ତି, ଶୂନ୍ୟରେ ଉଡ଼ିଯାଇପାରନ୍ତି, ବାଲି ମୁଠାଏ ଧରି ସୁନା ମୁଠାଏ ବାହାର କରିପାରନ୍ତି ଇତ୍ୟାଦି ଇତ୍ୟାଦି । ସେମାନଙ୍କ ନିକଟରେ ଯଥାର୍ଥରେ କିଛିଟା ଶକ୍ତି ଅଛି ବୋଲି ସମର୍ଥନ କରିଛି; କିନ୍ତୁ ସେମାନଙ୍କ ମଧ୍ୟରୁ କାହା ପ୍ରତି ଅନ୍ତରରେ କାହିଁକି ଆଦୌ ଆକର୍ଷଣ ଅନୁଭବ କରି ନାହିଁ । ମନ ମୋର ବେଳେବେଳେ ଚାହିଁଛି ଏସବୁ ଅଲୌକିକ ଶକ୍ତିର ଅଧିକାରୀ ହୋଇ ଅନ୍ୟମାନଙ୍କୁ କିଛି ଦେଖାଇ ଚମତ୍କୃତ କରିଦେବାକୁ; କିନ୍ତୁ ଅନ୍ତରର ସମର୍ଥନ ପାଇ ନାହିଁ । ଅନ୍ତର ସବୁବେଳେ ଖୋଜିଛି ଅନ୍ୟ କିଛି । ଜୀବନରେ ଅକସ୍ମାତ୍ ମୋର ଗୁରୁଙ୍କର ନାମ ଗୋଟିଏ ସ୍ଥାନରେ ଦେଖିବାକୁ ପାଏ । ଖାଲି ନାମଟି ଦେଖି ତାଙ୍କ ବିଷୟରେ କିଛି ବି ନ ଜାଣି ଅନ୍ତରରେ ତାଙ୍କ ପ୍ରତି ଅନୁଭବ କଲି ଏକ ଅଜଣା ଆକର୍ଷଣ । ଭିତରୁ ଯେପରି

କିଏ ପଚାରିଲା ସେ କ'ଣ ଏହି ପୃଥିବୀରେ ଅଛନ୍ତି ? ତା'ପରେ ତାଙ୍କର ଫଟୋ ଓ ତାଙ୍କ ସମ୍ବନ୍ଧରେ ପୁସ୍ତକ ପଢ଼ିବାକୁ ପାଇଲି । ଲାଭକ୍ଷତି ଆଗପଛ କିଛି ବିଚାର ନ କରି ଅନ୍ତର ତାଙ୍କୁହିଁ ଗୁରୁ ବୋଲି ଗ୍ରହଣ କରିନେଲା । ଏଥିରେ କୌଣସି ବାହ୍ୟ ପାରମ୍ପରିକ ନାମ, ଦୀକ୍ଷା ଆଦି ଗ୍ରହଣ କରିବାକୁ ପଡ଼ି ନ ଥିଲା । ଅନ୍ତର ସ୍ୱତଃସ୍ଫୂର୍ତ୍ତଭାବେ ତା'ର ଯଥାର୍ଥ ଗୁରୁଙ୍କୁ ବାଛି ନେଇଥିଲା ।

''ତାଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ୱାଭାବିକ ଭାବେ ତାଙ୍କରି ଆଦର୍ଶ, ତାଙ୍କର ଲକ୍ଷ୍ୟ ମୋ ମଧ୍ୟରେ ସଞ୍ଚାରିତ ହେଲା । ଜୀବନରେ ଯେ କାମନା ବାସନାରୁ ମୁଁ ସଂପୂର୍ଣ୍ଣ ମୁକ୍ତ ହୋଇଛି ତା' ନୁହେଁ । ସରଳ ହୃଦୟରେ ତାଙ୍କରି ନିକଟରେ ଅନ୍ତରର ସବୁକିଛି ଜଣାଇଦିଏ । ମୋର ଆତ୍ମାର କଲ୍ୟାଣ ନିମନ୍ତେ ଯାହା ଭଲ ସେ ତାହା ହିଁ କରିଥା'ନ୍ତି, ମୁଁ ସେଥିରେ ଯେତେ ଅସନ୍ତୁଷ୍ଟ ହୁଏ ପଛେ । ମୁଁ ବୁଝିଛି, ସାଧାରଣ ବ୍ୟକ୍ତି ପରି ଜୀବନରେ ମୁଁ ସବୁକିଛି କରିପାରେ; କିନ୍ତୁ ସେଇଆ ମୋର ଚରମ ଲକ୍ଷ୍ୟ ନୁହେଁ । ସେସବୁ ଲକ୍ଷ୍ୟସାଧନରେ ଗୋଟିଏ ଗୋଟିଏ ଉପାୟ ମାତ୍ର ହୋଇପାରନ୍ତି ।''

''ମୁଁ କ'ଣ କରୁଛି ଓ କ'ଣ କରିବି ଏଥିରେ କିଛି ଗୁରୁତ୍ୱ ନାହିଁ । କିନ୍ତୁ ଏସବୁକୁ କାହାଲାଗି କରୁଛି ଓ ଭିତରେ କେଉଁ ଭାବ ପୋଷଣ କରି କରୁଛି ତାହାହିଁ ଗୁରୁତ୍ୱପୂର୍ଣ୍ଣ ବୋଲି ବୋଧହୁଏ । ଦୁଃଖ, କଷ୍ଟ, ରୋଗ, ବ୍ୟାଧିରୁ ସାମୟିକ ମୁକ୍ତି ତ ଗୁରୁଙ୍କ ପ୍ରସାଦରୁ ମିଳେ । କିନ୍ତୁ ଲକ୍ଷ୍ୟ ଆମର ଏ ସାମୟିକ, କ୍ଷଣିକ ମୁକ୍ତି ନୁହେଁ । ଆମର ଲକ୍ଷ୍ୟ ଦୁଃଖ, କଷ୍ଟ, ରୋଗ, ବ୍ୟାଧି, ଜରା, ମୃତ୍ୟୁ ଆଦି ଯେଉଁ ଅଜ୍ଞାନ ଅନ୍ଧକାର ଶକ୍ତିଦ୍ୱାରା ଜାତ ହେଉଛି ସେ ଶକ୍ତିକୁ ସମୂଳେ ଆମ ଭିତରୁ ଲୋପ କରିବା । ତେବେ ଚିରଦିନ ଲାଗି ଆମେ ତଥା ସଂସାର ସେଥିରୁ ମୁକ୍ତ ହୋଇ ପରମ ଆନନ୍ଦ ଓ ଶାନ୍ତି ମଧ୍ୟରେ ବାସ କରିପାରିବୁ । ଏ ତ ସହଜ ଶକ୍ତି ନୁହେଁ ! ସୃଷ୍ଟି ଆରମ୍ଭରୁ ଅନେକ ମହାପୁରୁଷ ଓ ଅନେକ ମହାତ୍ମା ଆସିଛନ୍ତି । ସମସ୍ତେ ଏହି ଶକ୍ତି କବଳରୁ

ଡାକ୍ତର ଔଷଧ ଦେଇ ରୋଗ ଭଲ କରିଦେଲା ପରି ସାମୟିକ ମୁକ୍ତି ନେଇଛନ୍ତି । କିନ୍ତୁ ଡାକ୍ତର ଔଷଧ ଫଳରେ ରୋଗ ଭଲ ହୋଇଗଲେ ବି ରୋଗ ପଶ୍ଚାତରେ ଯେଉଁ ଶକ୍ତି ତାହା କ'ଣ କୁଆଡ଼େ ଯାଏ ? ସେ ସେହିପରି ରହେ, ସେହି ବ୍ୟକ୍ତିକୁ ବି ବାରମ୍ବାର ଆକ୍ରମଣ କରେ । ମୂଳ ନ ଉପାଡ଼ି ଡାଳ କାଟିଲେ ପୁଣି ନୂଆଡାଳ ବାହାରି ଯେପରି ହଇରାଣ କରେ, ଏହା ସେହିପରି । ତେଣୁ ଏ ଅନ୍ଧକାର ଶକ୍ତିର ରାଜତ୍ୱ ପୃଥିବୀପୃଷ୍ଠରୁ ସମୂଳେ ଲୋପ ପାଇବାପାଇଁ ଯେଉଁ ଆଲୋକର ଶକ୍ତି ଆବଶ୍ୟକ ତାହା କୌଣସି ମହାପୁରୁଷ ଆଜିପର୍ଯ୍ୟନ୍ତ ଲାଭ କରି ନ ଥିଲେ କିମ୍ବା ତା'ର ସମୟ ଆସି ନଥିଲା ।''

ପ୍ରଥମ ବନ୍ଧୁ ଜଣକ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''ଏହା କ'ଣ ସମ୍ଭବ ? ଚିରଦିନ ଲାଗି ଦୁଃଖ କଷ୍ଟ, ରୋଗବ୍ୟାଧି ଓ ଜରାମୃତ୍ୟୁର କବଳରୁ ମଣିଷ କ'ଣ ମୁକ୍ତ ହୋଇପାରିବ ।''

ଦ୍ୱିତୀୟ ବନ୍ଧୁ ଜଣକ କହିଲେ, ''ହଁ, ତାହାହିଁ ତ ଗୁରୁଙ୍କର ଲକ୍ଷ୍ୟ । ସେ ଯେଉଁ ନୂତନ ଶକ୍ତିର ଅଧିକାରୀ ତାହା ଏହି ପୃଥିବୀପୃଷ୍ଠର ଦୁରନ୍ତ ଅନ୍ଧକାର ଶକ୍ତିକୁ ରୂପାନ୍ତର କରି ତାକୁ ଆଲୋକରେ ପରିଣତ କରିବାପାଇଁ ସମର୍ଥ । ଭଗବାନ ତାଙ୍କ ଶୁଦ୍ଧ ସ୍ୱରୂପରେ ଚିର ଆନନ୍ଦମୟ, ଶାନ୍ତିମୟ, ଜ୍ୟୋତିର୍ମୟ ଓ ସୌନ୍ଦର୍ଯ୍ୟମୟ । ତେଣୁ ତାଙ୍କରି ରାଜତ୍ୱ ଏ ପୃଥିବୀରେ ପ୍ରତିଷ୍ଠିତ ହେଲେ ଅନ୍ଧକାର ଶକ୍ତି ଲୋପ ପାଇବା ସଙ୍ଗେ ସଙ୍ଗେ ତା'ର ସହଚର ସମସ୍ତ ଦୁଃଖକଷ୍ଟ ଓ ବିକୃତି ମଧ୍ୟ ଲୋପ ପାଇବ । ବାହାରେ ତାଙ୍କ ରାଜତ୍ୱ ପ୍ରତିଷ୍ଠିତ ହେବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତିର ଅନ୍ତରରେ ତାଙ୍କ ରାଜତ୍ୱ ପ୍ରତିଷ୍ଠିତ ହେବ । ପ୍ରତ୍ୟେକଙ୍କ ଭିତରେ ସେ ତ ଆତ୍ମା ରୂପରେ ରହିଛନ୍ତି ।''

''ବର୍ତ୍ତମାନ ଅନ୍ଧକାର ଶକ୍ତି ଆମ ପ୍ରକୃତିରୁ ସଂପୂର୍ଣ୍ଣ ଲୋପ ପାଇ ନ ଥିବାରୁ ଆମେ ଅବଶ୍ୟ ଦୁଃଖକଷ୍ଟ ଓ ରୋଗଯନ୍ତ୍ରଣାରୁ ପୂରାପୂରି ମୁକ୍ତ ହୋଇ ପରିପୂର୍ଣ୍ଣରୂପେ ଭଗବାନଙ୍କୁ ଲାଭ କରିନୁ । କିନ୍ତୁ ସେହି ଦିଗରେ

ଗୁରୁ ଆମର ହାତଧରି ଚଳାଇ ନେଉଛନ୍ତି । ସେଥିପାଇଁ ଯେତେ ସମୟ ଆବଶ୍ୟକ ହେଉ ପଛେ ଗୁରୁଙ୍କ କୃପାରୁ ଆମେ ସେଠାରେ ପହଞ୍ଚିବୁ ।''

''ନିଜେ ଜୀବନର ଯଥାର୍ଥ ଲକ୍ଷ୍ୟ କ'ଣ ସେ ବିଷୟରେ ଚିନ୍ତା ନ କରି ଖାଲି କାମନା-ବାସନା ଓ ଉଚ୍ଚାଭିଳାଷର ବଶବର୍ତ୍ତୀ ହୋଇ ଗୁରୁ ଖୋଜିଲେ ତୁମେ ଯେଉଁଭଳି ଗୁରୁଙ୍କ ହାବୁଡ଼େ ପଡ଼ିଲ ସେଇଭଳି ଗୁରୁଙ୍କ ହାବୁଡ଼େ ଲୋକେ ପଡ଼ିଥା'ନ୍ତି । ଯିଏ ଯେପରି ଚାହେଁ ସିଏ ସେପରି ପାଏ । ଜୀବନର ଯଥାର୍ଥ ଲକ୍ଷ୍ୟପଥରୁ ଖସିପଡ଼ି ତୁମେ ଆଜି ସେପରି ଅନୁଭବ କରୁଛ । ନିଜ ଅନ୍ତରସ୍ଥ ସତ୍ୟର ସଂସ୍ପର୍ଶ ଲାଭ କରିବାକୁ ଚେଷ୍ଟା ନ କରି ସାରା ଜୀବନ ବିତାଇ ଦେଇଥିବାରୁ ଆଜି ଏ ସମୟରେ ତୁମର ଅନ୍ତର ଶୂନ୍ୟତାରେ ଛଟପଟ କରିଉଠୁଛି ।''

ପ୍ରଥମ ବନ୍ଧୁ ଜଣକ ହତାଶାର ଦୀର୍ଘ ନିଃଶ୍ୱାସ ପକାଇ କହିଲେ, ''ଏହା କ'ଣ ଆଉ ସମ୍ଭବ ? ନିଜ ଅନ୍ତରର ସତ୍ୟକୁ ଉପଲବ୍ଧି କରି ଏ ମନ-ପ୍ରାଣ-ଶରୀରରେ ଭରି ରହିଥିବା ଅନ୍ଧକାର ଶକ୍ତିକୁ ସତ୍ୟର ଜ୍ୟୋତିରେ ରୂପାନ୍ତର କରିବାକୁ କ'ଣ ଆଉ ସମୟ ଅଛି ? ଏ ଜୀବନ ତ ଶେଷ ହୋଇ ଆସିଲାଣି ।''

ଦ୍ୱିତୀୟ ବନ୍ଧୁ କହିଲେ, ''ସ୍ୱୟଂ ଭଗବାନଙ୍କୁ ଗୁରୁ ରୂପରେ ପାଇଲେ ସବୁ କିଛି ସମ୍ଭବ । ଅନନ୍ତ କାଳ ପର୍ଯ୍ୟନ୍ତ ଏ ଶରୀରକୁ ସେ ପୃଥିବୀପୃଷ୍ଠରେ ବଞ୍ଚାଇ ରଖିପାରିବେ । ତୁମେ ଯାହାକୁ ଜୀବନର ଚତୁର୍ଥାବସ୍ଥା ବୋଲି କହୁଛ ତାହା ତ ଜୀବନର ଆରମ୍ଭ ମାତ୍ର ନୁହେଁ । ସବୁ ଯୁଗରେ ଭଗବାନ ଗୋଟିଏ ଗୋଟିଏ ନୂତନ ଶକ୍ତିକୁ ଧରି ଆସିଥାନ୍ତି । ଏ ଯୁଗରେ ସେ ଯେଉଁ ନୂତନ ଶକ୍ତି ଧାରଣ କରିଛନ୍ତି ତାହା ପକ୍ଷରେ କିଛି ବି ଅସମ୍ଭବ ନାହିଁ । କେବଳ ଦରକାର ଆମର ଆନ୍ତରିକ ପ୍ରାର୍ଥନା ଓ ତାଙ୍କର ସଂକଳ୍ପ ନିକଟରେ ପରିପୂର୍ଣ୍ଣ ସମର୍ପଣ । ତା'ପରେ ଆଉ ପଥ ବିଷୟରେ ଚିନ୍ତା କରିବାକୁ ପଡ଼ିବ ନାହିଁ । ସେ ଆମଠାରୁ ଭଲକରି ଜାଣନ୍ତି କେଉଁ ବାଟରେ ଆମକୁ ନେଇ ଲକ୍ଷ୍ୟରେ ପହଞ୍ଚାଇଦେବେ । ଆମେ କ'ଣ ଏହା ଚାହୁଁ ?''

## ବିବାହ କରିବାକୁ କ'ଣ ଆମେ ବାଧ୍ୟ ?

"A decisive choice has to be made between lending the body to Nature's ends in obedience to her demand to perpetuate the race as it is, and preparing this everybody to become a step towards the creation of the new race. The two cannot go together; at every minute you have to decide whether you wish to remain the manhood of yesterday or belong to the Supermanhood of tomorrow."

– The Mother

"ଦୁଇଟି ମଧ୍ୟରୁ ଗୋଟିଏ ନିଷ୍ପତ୍ତି ଆମକୁ ଚୂଡ଼ାନ୍ତଭାବେ ବାଛିନେବାକୁ ହେବ, ମଣିଷ ଜାତି ଯେପରି ଅଛି ସେହିପରି ଭାବେ ରହି ଚାଲିବାପାଇଁ ପ୍ରକୃତିର ଲକ୍ଷ୍ୟ ପୂରଣ ନିମନ୍ତେ ତା'ର ଦାବି ଅଧୀନରେ ଶରୀରକୁ ଛାଡ଼ିଦେବା ନା ନୂତନ ଜାତି ସୃଷ୍ଟି ଦିଗରେ ଏକ ପଦକ୍ଷେପରୂପେ ଏହି ଶରୀରକୁ ପ୍ରସ୍ତୁତ କରିବା । ଦୁଇଟିଯାକ କେବେହେଲେ ଏକ ସଙ୍ଗରେ ଚାଲିପାରିବେ ନାହିଁ; ତୁମକୁ ପ୍ରତ୍ୟେକ ମୁହୂର୍ତ୍ତରେ ନିଷ୍ପତ୍ତି ନେବାକୁ ହେବ ଯେ ତୁମେ ଗତକାଲିର ମଣିଷ ହୋଇ ରହିବ ନା ଆଗାମୀକାଲିର ଅତିମାନବତ୍ୱକୁ ଉତ୍ତୀର୍ଣ୍ଣ ହେବ ।"

– ଶ୍ରୀମା

"ବର୍ଷେ ହେଲାଣି ପାଠଚକ୍ର କରୁଥିଲୁ । ଘରେ ବାହାରେ ସବୁବେଳେ ଆମ ଉପରେ ବିରକ୍ତ ହେଉଥିଲେ । ଏବେ ବିବାହ କରିଦେବାକୁ ଚାହୁଁଛନ୍ତି । ଆମେ ମନା କରିବାରୁ ସେମାନଙ୍କର ଅତ୍ୟାଚାର ବଢ଼ିଯାଇଛି । ପାଠଚକ୍ର

ଫଟୋ ଓ ବହି ଇତ୍ୟାଦି କୁଆଡ଼େ ଫୋପାଡ଼ି ଦେଇଛନ୍ତି । ପାଠଚକ୍ର ସଭ୍ୟମାନେ କେହି କାହାରି ସହ ଦେଖା କରିବାକୁ ମନା । ସମୟେ ସମୟେ ଗାଳି ସହ ମାଡ଼ ବି ଦେବାକୁ ପଛାଉ ନାହାନ୍ତି । ତଥାପି କିଛିଦିନ ଆମେ ପାଠଚକ୍ର ବନ୍ଦକରି ଆଶ୍ରମକୁ ରିପୋର୍ଟ ଆଦି ପଠାଇ ନପାରୁଥିଲେ ବି ଏବେ ପୁଣି ଲୁଚି ଲୁଚି ପାଠଚକ୍ର କରୁଛୁ । ଯେତେବେଳେ ଆମ ଉପରେ ରାଗୁଥିବା ଲୋକମାନଙ୍କ ମଧ୍ୟରୁ କେହି ଦେଖିପକାଉଛନ୍ତି ସେତେବେଳକାର ଅବସ୍ଥା କଥା ଛାଡ଼ ! ନାନାପ୍ରକାର ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି ଚାରିଆଡ଼େ କମ୍ପାଇଦେଉଛନ୍ତି । କିନ୍ତୁ ମା'ଙ୍କୁ ଡାକି ନୀରବରେ ଆମେ ଏସବୁ ସହୁଛୁ । ପୂର୍ବେ ଯାହାକୁ ଆମେ ସହିପାରୁ ନଥିଲୁ ଏବେ ସହିପାରୁଛୁ । ମନରେ ଟିକେ ଆନନ୍ଦ ଆସୁଛି । ଏ ପରିସ୍ଥିତିରେ ଆମେ କ'ଣ କରିବୁ ?''

ଉପରେ ଯାହା ଲେଖାଯାଇଛି ତାହା ଜଣେ ଛାତ୍ର-ସମାଜର ଭାଇ କିମ୍ବା ଭଉଣୀଙ୍କର ଚିଠିର ସାରମର୍ମ ବୋଲି କହିବା ଅନାବଶ୍ୟକ । ଆଲୋଚନା ଚକ୍ରକୁ ସେ ଛାତ୍ର ସମାଜର ହେଉ ବା ପାଠଚକ୍ରର ହେଉ ଅଧିକାଂଶ ପାଠଚକ୍ର ବୋଲି ଲେଖିଥା'ନ୍ତି ।

ପ୍ରଥମେ ସମସ୍ୟା ହେଉଛି ପାଠଚକ୍ରକୁ ଭାଙ୍ଗିଦେଲେ ଆଉ ଫଟୋ, ବହି ଇତ୍ୟାଦିକୁ ଫୋପାଡ଼ିଦେଲେ । କିନ୍ତୁ ଏ କ'ଣ ଠିକ୍ ? ପାଠଚକ୍ରକୁ ସେମାନେ ଭାଙ୍ଗିପାରିଛନ୍ତି କି ? ଲୁଚି ଲୁଚି ଯେଉଁ ପାଠଚକ୍ର ହେଉଛି ଓ ପାଠଚକ୍ର ସମୟରେ ମନରେ ପାଠଚକ୍ରର ଯେଉଁ ଛବି ଆଙ୍କି ହୋଇଯାଉଛି ସେହି ତ ପାଠଚକ୍ର । ଥରେ ଯେଉଁମାନେ ଆନ୍ତରିକତାର ସହ ଛାତ୍ର-ସମାଜ କିମ୍ବା ପାଠଚକ୍ର ଗଠନ କରିଥା'ନ୍ତି କେହି ବି ତାକୁ ଭାଙ୍ଗିପାରନ୍ତି ନାହିଁ । ଛାତ୍ରସମାଜ ଓ ପାଠଚକ୍ରର ଆସ୍ଥାନ ବାହାର ପୂଜା ଖଟୁଲି ଉପରେ ନଥାଏ । ତା'ର ଆସ୍ଥାନ ହୃଦୟର ବହୁ ଗଭୀରରେ । ତେଣୁ ତାକୁ ଭାଙ୍ଗବ କିଏ ? ଭାଙ୍ଗିବାର ଅପଚେଷ୍ଟାହିଁ ତାକୁ ଦ୍ୱିଗୁଣ ଶକ୍ତିଶାଳୀ କରି ଗଢ଼ିଥାଏ ଓ ସାଧକ ସାଧିକାଙ୍କ ଅନ୍ତରର ସମସ୍ତ ଅନାନ୍ତରିକତାକୁ ଧୋଇ ସୃଷ୍ଟି କରିଥାଏ ପ୍ରବଳ

ଉତ୍କଣ୍ଠା ଓ ପ୍ରବଳ ନିଷ୍ଠା । ପାଠଚକ୍ର ଓ ଛାତ୍ର-ସାମାଜରେ ଯେଉଁ ଆଦର୍ଶ ଶିକ୍ଷା କରାଯାଇଥାଏ ତାହା ଜୀବନର ପ୍ରତିଟି କ୍ଷେତ୍ରରେ ଭିତରେ ଭିତରେ କାର୍ଯ୍ୟକାରୀ ହେଉଥାଏ । ତାକୁ କେହି କେବେ କାଢ଼ି ଫିଙ୍ଗିଦେଇ ପାରିବ ?

ଦ୍ୱିତୀୟ ସମସ୍ୟାଟି ହେଉଛି ବିବାହ ପାଇଁ ଜୁଲମ । ଏ ତ ସ୍ୱାଭାବିକ କଥା । ପ୍ରକୃତିର ଧାରା ଓ ସାଧାରଣ ସମାଜର ନିୟମ ଅନୁଯାୟୀ ବାପ ମା' ସାଇପଡ଼ିଶା ବିବାହ ବୟସ ଆସିଲେ ପୁଅଝିଅଙ୍କୁ ବିବାହ ଦେବାକୁ ଚାହାନ୍ତି । ସବୁ ପୁଅଝିଅ ତ ଆନନ୍ଦରେ ବିବାହ କରୁଛନ୍ତି । ଯେଉଁମାନଙ୍କର ବିବାହ ଟିକିଏ ବିଳମ୍ବ ହୋଇଯାଉଛି କି ଦୁଃଖ, କି ନିନ୍ଦା କି ଅପବାଦ କହିଲେ ନସରେ ! ଯେଉଁମାନେ ଚେଷ୍ଟା କରି ଆଦୌ ବିବାହ କରି ନପାରୁଛନ୍ତି ସେମାନଙ୍କ କଥା ଛାଡ଼ ! ସେମାନେ ତ ପୂରା ଅମୋକ୍ଷ ହୋଇ ଭୂତରୂପ ଧରି ବୁଲିବେ । ଯେଉଁଥିରେ ଏତେ ଆନନ୍ଦ ଓ ଯାହା ବିହୁନେ ଏତେ ନିରାନନ୍ଦ ସେଥିପ୍ରତି ଆମେ ବିମୁଖ କାହିଁକି ? କ'ଣ କାହାକୁ ଭଲ ପାଉଥିଲେ ସେଠି ବିବାହ ହେବାର ଆଶା ନଥିବାରୁ ସାରା ଜୀବନ ଅବିବାହିତ ରହିବା, ନା ଘରସଂସାର ଜଞ୍ଜାଳରୁ ମୁକ୍ତ ହୋଇ ଏକ ସଂଯମହୀନ ଲଗାମଛଡ଼ା ସ୍ୱାଧୀନ ଜୀବନ ଉପଭୋଗ କରିବାକୁ ଅବିବାହିତ ରହିବା, ନା ଦେଶର ଜଣେ ଟାଣୁଆ ରାଜନୈତିକ ନେତା ହେବାକୁ ଅବିବାହିତ ରହିବା ? ଏ ସବୁର ଦୋଷଗୁଣ ଏଠାରେ ଆଲୋଚନା କରିବାକୁ ସମୟ ନାହିଁ । ତେବେ ଏତିକି କୁହାଯାଇପାରେ ଯେ ଏଇସବୁ କାରଣ ଯୋଗୁ ଅବିବାହିତ ରହି ଜୀବନର କିଛି ଲାଭ ହୁଏ ନାହିଁ; ବରଂ କ୍ଷତି ହେବାର ସମ୍ଭାବନା ବେଶୀ ଥାଏ ଓ ହୁଏ ମଧ୍ୟ । ଏକ ଶୃଙ୍ଖଳିତ ବୈବାହିକ ଜୀବନ ଏ ସବୁଠାରୁ ଢେର ଗୁଣେ ଭଲ ।

ଅବିବାହିତ ଜୀବନର ଏକମାତ୍ର ମୂଲ୍ୟବୋଧ ରହିଛି ଭଗବତ୍ ସାଧନାରେ । ଯେଉଁମାନେ ଭଗବାନଙ୍କ ଉଦ୍ଦେଶ୍ୟରେ ଜୀବନ ଉତ୍ସର୍ଗ କରିବାକୁ ଚାହାନ୍ତି, ପରିପୂର୍ଣ୍ଣରୂପେ କେବଳ ଭଗବାନଙ୍କୁ ଲାଭ କରିବା ନିମିତ୍ତ ଲକ୍ଷ୍ୟ ରଖି ବିବାହକୁ ପ୍ରତ୍ୟାଖ୍ୟାନ କରନ୍ତି କେବଳ ସେହିମାନଙ୍କ କଥା

ଏଠାରେ କୁହାଯାଉଛି । ଉପରେ ଯେଉଁ ତିନି ଶ୍ରେଣୀର ଲୋକଙ୍କ କଥା କୁହାଗଲା, ପରେ ଯଦି ସେମାନେ ନିଜର ଲକ୍ଷ୍ୟ ଜାଣି ଭଗବାନଙ୍କ ସେବା ନିମନ୍ତେ ଜୀବନ ଉତ୍ସର୍ଗ କରନ୍ତି ତେବେ ସେମାନଙ୍କ ଜୀବନ ମଧ୍ୟ ସାର୍ଥକ ହୋଇଉଠେ ।

ଆମ ଭିତରୁ ଯେଉଁମାନେ ଏକ ଉଚ୍ଚତର ଲକ୍ଷ୍ୟ ନିମନ୍ତେ ବିବାହ କରିବାକୁ ଚାହାନ୍ତି ନାହିଁ, ସେମାନେ ପୁଅ ହୋଇପାରନ୍ତି କିମ୍ବା ଝିଅ ହୋଇପାରନ୍ତି । ଯଦି ଆମେ ପୁଅ ହୋଇଥାଉ ତେବେ ପିତାମାତା କେବେ ବି ଚାହିଁବେ ନାହିଁ ଅବିବାହିତ ରହି ଅଧ୍ୟାତ୍ମ ମାର୍ଗରେ ଗତି କରିବାକୁ । ଖୁବ୍ କ୍ୱଚିତ୍ ବାପ-ମାଆ ଥାଆନ୍ତି ଯେଉଁମାନେ ଏ ଦିଗରେ ତାଙ୍କର ସନ୍ତାନମାନଙ୍କୁ ବାଧାଦେବା ପରିବର୍ତ୍ତେ ପ୍ରେରଣା ଦେଇଥା'ନ୍ତି । ତେବେ ପୁଅମାନଙ୍କ କ୍ଷେତ୍ରରେ ବାପ-ମା'ଙ୍କ ପ୍ରବଳ ଅନିଚ୍ଛାସତ୍ତ୍ୱେ ଯେଉଁ ବାଧା ତାହା ଧମକ୍, ଚମକ୍, ମାଡ଼ଗାଳି ବା ଅତ୍ୟାଚାର ମାଧ୍ୟମରେ ଆସି ନଥାଏ । ସେ କ୍ଷେତ୍ରରେ ଆସିଥାଏ ମନଦୁଃଖ, ପ୍ରାଣସ୍ପର୍ଶୀ ବିଳାପ, ନାନାପ୍ରକାର ବୁଝାବୁଝି ଓ ଖୋସାମତ ମରାମତ ରୂପରେ । ତେଣୁ ପୁଅମାନଙ୍କ କ୍ଷେତ୍ରରେ ବିବାହ ପାଇଁ ପ୍ରବଳ ଚାପ ପଡ଼ିପାରେ; କିନ୍ତୁ ଅତ୍ୟାଚାର ସହିବାକୁ ହୁଏ ନାହିଁ ।

କିନ୍ତୁ ଆମେ ଯଦି ଝିଅ ହୋଇଥାଉ ଘଟଣାଟି ଟିକିଏ ବହୁ କଷ୍ଟସାଧ୍ୟ ହୁଏ । ତେବେ ଅନେକ ପିତାମାତା ଅଛନ୍ତି ଯେଉଁମାନେ ଅଧ୍ୟାତ୍ମ ଜୀବନର ମୂଲ୍ୟ ବୁଝିଛନ୍ତି । ସେମାନେ ନିଜ ଝିଅର ବିବାହ ନକରିବାର ମନୋବୃତ୍ତିକୁ ସ୍ୱାଗତ ଜଣାନ୍ତି ଓ ତା'ର ଅଧ୍ୟାତ୍ମ ଜୀବନ ନିମନ୍ତେ ଯାହା କିଛି ସୁବିଧା ସେ ଚାହେଁ ତାହା ଜୁଟାଇ ଦିଅନ୍ତି । କିନ୍ତୁ କେତେକ ସ୍ଥଳରେ ପିତାମାତା ଓ ମୁରବିମାନେ ଅଛନ୍ତି ଯେଉଁମାନେ ଅଧ୍ୟାତ୍ମ ଜୀବନର ଧାର ଧାରନ୍ତି ନାହିଁ ଓ ସେମାନେ ସବୁବେଳେ ଚାହାଁନ୍ତି ପ୍ରକୃତିର ଅନ୍ଧ ଆବର୍ତ୍ତନ ଭିତରେ ନିଜେ ଯେପରି ଘୂରୁଛନ୍ତି ତାଙ୍କର ପିଲାପିଲିମାନେ ମଧ୍ୟ ସେହିପରି ଘୂରନ୍ତୁ । ବାସ୍ତବରେ ସେମାନେ ଜାଣିଶୁଣି ଏପରି କରନ୍ତି ନାହିଁ । ସେମାନଙ୍କର ଧାରଣା

ବିବାହ କରି ଘରସଂସାର କରିବାରେ ହିଁ ଯଥାର୍ଥ ଆନନ୍ଦ ଅଛି ଓ ପିତାମାତା ହିସାବରେ ନିଜ ଝିଅକୁ ବିବାହ କରିଦେଲେ ହିଁ ତାଙ୍କର କର୍ତ୍ତବ୍ୟ ଶେଷ । ବିବାହ କରି ନ ଦେବା ପର୍ଯ୍ୟନ୍ତ ସେମାନେ ପାରମ୍ପରିକ, ସାମାଜିକ ତଥା ପ୍ରକୃତିଗତ ଚାପ ଅନୁଭବ କରୁଥା'ନ୍ତି । ଏ କ୍ଷେତ୍ରରେ ଯଦି ଆମେ ଝିଅପିଲା ହୋଇ ଅଧ୍ୟାତ୍ମ ଜୀବନ ନିମନ୍ତେ ବିବାହକୁ ପ୍ରତ୍ୟାଖ୍ୟାନ କରୁ ତେବେ ପ୍ରବଳ ବାଧା ଓ ବିରୋଧର ସମ୍ମୁଖୀନ ହେଉ ।

ପ୍ରଥମରେ ତ ଝିଅପିଲା ହିସାବରେ ନିଜ ବିବାହ ସଂପର୍କରେ ତର୍କ କରିବା ଲଜ୍ଜା ଏବଂ ପାପର ବିଷୟ । ଦ୍ୱିତୀୟ କଥା, ଝିଅପିଲାଙ୍କର ପିତାମାତା, ସାଇପଡ଼ିଶାଙ୍କ ସହ ଯୁକ୍ତି କରିବାର ସ୍ୱାଧୀନତା ଖୁବ୍ କମ । ତା'ଛଡ଼ା ପୁଅପିଲାଙ୍କ ପରି ଝିଅପିଲାଙ୍କ କ୍ଷେତ୍ରରେ ମନଦୁଃଖ, ବିଳାପ, ବୁଝାବୁଝି ଓ ଖୋସାମତ ମରାମତ ବିଶେଷ ଦେଖାଯାଏ ନାହିଁ; ସେ କ୍ଷେତ୍ରରେ ଦେଖାଯାଏ ଆଦେଶ ପାଳନ ନିମନ୍ତେ କଡ଼ା ନିର୍ଦ୍ଦେଶ, ମାଡ଼ଗାଳି, ନାନାପ୍ରକାର କଟୁକ୍ତି । ଯଥାର୍ଥରେ ଏପରି ପିତାମାତା ଓ ମୁରବିଙ୍କ କବଳରୁ ନିଜକୁ ମୁକ୍ତ କରିବା ବହୁତ କଷ୍ଟ । କିନ୍ତୁ ଏଇଠି ଗୋଟିଏ କଥା ମନେପଡ଼େ ଆମ୍ଭେମାନେ ସମସ୍ତେ ପ୍ରାୟ ଘଟଣାଟି ଜାଣିଛେ ।

ପଶାଖେଳରେ ଦ୍ରୌପଦୀଙ୍କୁ ପଣ ରଖି ପାଣ୍ଡବମାନେ ପରାଜିତ ହେଲେ । ବିଜୟୋଲ୍ଲାସରେ ଉନ୍ମତ୍ତ ଦୁର୍ଯ୍ୟୋଧନର ନିର୍ଦ୍ଦେଶରେ ମୂର୍ଖ ଦୁଃଶାସନ ନିରୀହା ଦ୍ରୌପଦୀଙ୍କୁ କୁରୁସଭାକୁ ଆଣି ବିବସ୍ତ୍ର କରିବାକୁ ଉଦ୍ୟତ । ସମସ୍ତ ସଭାସଦ୍‌ବର୍ଗ ଦୁଃଖ ଆଉ ଲଜ୍ଜାରେ ଅଧୋମୁଖ ହୋଇ ନୀରବ ନିସ୍ପନ୍ଦ । ନିର୍ଲଜ୍ଜ ଦୁଃଶାସନ ଦ୍ରୌପଦୀଙ୍କୁ ବିବସ୍ତ୍ର କରିବାକୁ ଯିବା ସମୟରେ ସେ ଅନେକ ବିକଳ ପ୍ରାର୍ଥନା କରିଛନ୍ତି, ନିଜକୁ ରକ୍ଷା କରିବା ନିମନ୍ତେ ପ୍ରାଣପଣେ ଚେଷ୍ଟା କରିଛନ୍ତି କିନ୍ତୁ ପ୍ରବଳ ପରାକ୍ରାନ୍ତ ଦୁଃଶାସନର ରାକ୍ଷସଶକ୍ତି ନିକଟରେ ବା ସେ କ'ଣ କରିପାରନ୍ତେ ? ଶେଷକୁ ବହୁ ବିଳମ୍ବରେ ଶ୍ରୀକୃଷ୍ଣ ତାଙ୍କର ପ୍ରାର୍ଥନା ଶୁଣିଛନ୍ତି ଓ ତାଙ୍କର ସମ୍ମାନ ରକ୍ଷା କରିଛନ୍ତି, ଯାହା ଫଳରେ

ଯେତେ ଲୁଗା ଟାଣି ଫିଙ୍ଗିଦେଲେ ବି ଶୂନ୍ୟରୁ ଦ୍ରୌପଦୀଙ୍କଠାରେ ସେତେ ଲୁଗା ଆସି ଗୁଡ଼ାଇ ହୋଇଯାଇଛି । ମହାପରାକ୍ରମୀ ଦୁଃଶାସନ ଶେଷରେ କ୍ଲାନ୍ତ ହୋଇ ପଡ଼ିଛି ।

ଏହି ବିଷୟ ନେଇ ଥରେ ଶ୍ରୀକୃଷ୍ଣଙ୍କୁ ଦୋଷ ଦିଆଗଲା । କୁହାଗଲା, ପାଣ୍ଡବମାନେ ଆପଣଙ୍କର କେତେ ଭକ୍ତ ! ଦ୍ରୌପଦୀ ଆପଣଙ୍କର କେତେ ଅନ୍ତରଙ୍ଗ ! ଅଥଚ କୁରୁସଭା ତଳେ ଏତେ ଲୋକଙ୍କ ସାମନାରେ ଦ୍ରୌପଦୀଙ୍କୁ ଆପଣ ଏତେ ସମୟ ଧରି ଲଜ୍ଜା ଆଉ ଅପମାନ ଦେଲେ କାହିଁକି ? ଆରମ୍ଭରୁ କାହିଁକି ତାଙ୍କୁ ସାହାଯ୍ୟ କଲେ ନାହିଁ । ଶ୍ରୀକୃଷ୍ଣ ସ୍ୱୀକାର କରି କହିଲେ, ''ହଁ ମୁଁ ଅବଶ୍ୟ ବହୁ ବିଳମ୍ବରେ ତାକୁ ସାହାଯ୍ୟ କରିଛି । କିନ୍ତୁ କାହିଁକି ଏପରି କଲି ? ତା'ର କାରଣ ସେ ମୋତେ ବହୁ ବିଳମ୍ବରେ ଡାକିଲା । ପ୍ରଥମେ ସେ ଅପେକ୍ଷା କରିଥିଲା ଓ ଚାହିଁରହିଥିଲା ତା'ର ସ୍ୱାମୀମାନେ ଆସି ତାକୁ ରକ୍ଷା କରିବେ । କିନ୍ତୁ ସେମାନେ କେହି ଟିକିଏ ହଲିଲେ ବି ନାହିଁ । ତା'ପରେ ସେ ଦର୍ଶକଙ୍କ ଆଡ଼କୁ ଆକୁଳ ନୟନରେ ଚାହିଁଲା; କିନ୍ତୁ ସେମାନେ ଏତେ ଟିକିଏ ବି ଖାତିର କଲେ ନାହିଁ । ନିଜେ ମଧ୍ୟ ଚେଷ୍ଟା କରିଛି ନିଜକୁ ଉଦ୍ଧାର କରିବାକୁ । ଶେଷରେ ଚାରିଆଡୁ ହତାଶ ହୋଇ ସେ ଯେତେବେଳେ ମୋରି ଉଦ୍ଦେଶ୍ୟରେ 'ତ୍ରାହି ମାମ୍, ତ୍ରାହି ମାମ୍' ଚିତ୍କାର ଛାଡ଼ିଲା ସେତେବେଳେ ସଙ୍ଗେ ସଙ୍ଗେ ମୋର ସାହାଯ୍ୟ ତା' ନିକଟରେ ପହଞ୍ଚିଲା ।

ଏଠାରେ ଦ୍ରୌପଦୀଙ୍କର ନିଜକୁ ଉଦ୍ଧାର କରିବା ନିମନ୍ତେ ଯେଉଁ ପ୍ରାର୍ଥନା ତାହା ପ୍ରଥମେ ପରିପୂର୍ଣ୍ଣ ଆନ୍ତରିକତାର ସହ ହୋଇ ନଥିଲା । ଯେତେବେଳେ ତାହା ପରିପୂର୍ଣ୍ଣ ଆନ୍ତରିକତାର ସହ ହେଲା ତତ୍କ୍ଷଣାତ୍ ତାଙ୍କର ଅଭିଳାଷ ପୂର୍ଣ୍ଣ ହେଲା ।

ଯଦି ଯଥାର୍ଥରେ ଆମେ ବିବାହ ନ ଚାହୁଁ ତେବେ କାହାରି ସହ କଳିଗୋଳ ନକରି ବିବାହ ପାଇଁ ବାଧ୍ୟ କରୁଥିବା ବ୍ୟକ୍ତିଙ୍କୁ ଶାନ୍ତ ସରଳ ଭାବରେ ପଚାରପାରୁ, ''କାହିଁକି ଆପଣମାନେ ମୋର ବିବାହ ଚାହୁଁଛନ୍ତି ?''

ସେମାନେ ଅନେକ କଥା ଭିତରୁ ଏ କଥାଟି କହିପାରନ୍ତି, ''ସଂସାରରେ ସମସ୍ତେ ବିବାହ କରୁଛନ୍ତି । ପିତାମାତା କିଂବା ମୁରବି ହିସାବରେ ଆମର କର୍ତ୍ତବ୍ୟ ତୋତେ ବିବାହ ଦେବା । ତୁ ବିଭାହୋଇ ସୁଖରେ ଘରସଂସାର କଲେ ଆମେ ଦେଖି ସୁଖୀ ହେବୁ ଓ ପିଲା ଛୁଆ ନାତିନାତୁଣୀ ଦେଖି ଆନନ୍ଦରେ ଆଖି ବୁଜିବୁ ।'' ସେତିକିବେଳେ ପୂର୍ଣ୍ଣ ଆନ୍ତରିକତାର ସହ ଶାନ୍ତ ଭାବରେ ଆମେ ତାଙ୍କୁ କହିପାରୁ, ''ଆପଣ ମୋ'ରି ସୁଖ ସକାଶେ ମୋତେ ଯଦି ବିବାହ ଦେବାକୁ ଚାହାଁନ୍ତି ଓ ମୋରି ସୁଖରେ ସୁଖୀ ହେବାକୁ ଚାହାଁନ୍ତି ତେବେ ମୁଁ ସ୍ପଷ୍ଟ ଭାବରେ କହିରଖୁଛି, ମୁଁ ନିଜେ ବିବାହ କରି କେବେ ସୁଖୀ ହୋଇପାରିବି ନାହିଁ । ମୋ ପାଇଁ ଯେଉଁ ଏକମାତ୍ର ପଥ ରହିଛି ତାହା ହେଉଛି ଅଧ୍ୟାତ୍ମ ସାଧନାର ପଥ ଓ ସେଇଥିପାଇଁ ଯଦି ମୋତେ ଛାଡ଼ିଦିଅନ୍ତି ତେବେ ମୁଁ ବହୁତ ସୁଖୀ ହେବି । ଅନ୍ୟଥା ବିବାହ କରି ମୁଁ କେଉଁ କୂଳର ହୋଇପାରିବି ନାହିଁ ।

ଯେପର୍ଯ୍ୟନ୍ତ ଆମ ଉପରେ ଜୁଲମ କରାଯାଉଛି ଜାଣିବାକୁ ହେବ ସେପର୍ଯ୍ୟନ୍ତ ଆମ ନିଜ ଭିତରେ ଆମ ଅଜାଣତରେ କେଉଁଠି ଅନାନ୍ତରିକତା ଓ ବିବାହ ପାଇଁ ପ୍ରଚ୍ଛନ୍ନ କାମନା ଲୁଚି ରହିଛି । ଆମେ ତାହାକୁ ନିଃଶେଷ ନ କରିବା ପର୍ଯ୍ୟନ୍ତ ବାହାର ପରିସ୍ଥିତି ଛାଡ଼େ ନାହିଁ । ଯେଉଁମାନଙ୍କର ସ୍ୱଧର୍ମରେ ବିବାହ କରିବାର ନାହିଁ ଏସବୁ ଜୁଲମ ସେମାନଙ୍କ ପାଇଁ ଆଶୀର୍ବାଦରେ ପରିଣତ ହୁଏ । ସେମାନଙ୍କର ସମସ୍ତ ଅନାନ୍ତରିକତାକୁ ଧୋଇ ଶୁଦ୍ଧ କରି ଜୀବନର ଲକ୍ଷ୍ୟକୁ ଆହୁରି ସୁଦୃଢ଼ରୂପେ ସ୍ପଷ୍ଟରୂପେ ସେମାନଙ୍କ ଆଗରେ ଉପସ୍ଥାପିତ କରେ । ଯଥାର୍ଥ ସମୟରେ ଦ୍ରୌପଦୀଙ୍କ ନିକଟରେ ଶ୍ରୀକୃଷ୍ଣଙ୍କ ସାହାଯ୍ୟ ପହଞ୍ଚିଲା ପରି ଆମ ନିକଟରେ ମା'ଙ୍କ ସାହାଯ୍ୟ ପହଞ୍ଚିଯାଏ । ସେତେବେଳେ ଅନ୍ୟମାନେ ଆପେ ଚୁପ୍ ହୋଇଯାଆନ୍ତି କିମ୍ବା ଆମ ମୁହଁର ପଦେ କଥା ସେମାନଙ୍କୁ ସ୍ପଷ୍ଟ ଭାବରେ ସୂଚାଇଦିଏ ଯେ ବିବାହ ପାଇଁ ଆମ ପଛରେ ଲାଗିବା ନିରର୍ଥକ । ଏସବୁ କିଛି ନଘଟିଲେ ବି ଦିବ୍ୟ କୃପାବଳରେ

ଭବିଷ୍ୟତର ଦ୍ୱାର ଆମ ଆଗରେ ଆପେ ଉନ୍ମୁକ୍ତ ହୋଇଯାଇ ଆମ ହାତ ଧରି ଗନ୍ତବ୍ୟ ମାର୍ଗରେ ନେଇଯାଏ । ଅତ୍ୟାଚାର, ଜୁଲମ୍, ମାଡ଼ଗାଳି, ବାଧବାଧକତା ପଡ଼ିରହେ ବହୁ ଦୂରରେ । ଏହି ଜୁଲମକାରୀଙ୍କ ମଧ୍ୟରୁ ପରେ ଅନେକ ବୁଝନ୍ତି; ଅନେକ ଅଛନ୍ତି, ଶେଷପର୍ଯ୍ୟନ୍ତ ସେମାନଙ୍କର କିଛି ପରିବର୍ତ୍ତନ ହୁଏ ନାହିଁ ।

ଯେତେଦିନ ପର୍ଯ୍ୟନ୍ତ ନାରୀସମାଜ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାକୁ ନଚାହିଁଛି ସେତେଦିନ ପର୍ଯ୍ୟନ୍ତ ସେମାନଙ୍କୁ ଅଧଃପତିତ ଓ ଅବହେଳିତ ଅବସ୍ଥାରେ ରହିବାକୁ ପଡ଼ିବ । ସେଇଥିପାଇଁ ମା' କହିଛନ୍ତି : ''No law can liberate woman unless they free themselves.'' ଅର୍ଥାତ୍ ''କୌଣସି ଆଇନ୍‌କାନୁନ୍ ନାରୀମାନଙ୍କୁ ସ୍ୱାଧୀନତା ଆଣି ଦେଇପାରିବ ନାହିଁ ଯଦି ସେମାନେ ନିଜକୁ ନିଜେ ସ୍ୱାଧୀନ ନକରିବେ ।'' ଏ ସ୍ୱାଧୀନତା କ'ଣ ? ଏ ସ୍ୱାଧୀନତା ନୁହେଁ ପାଶ୍ଚାତ୍ୟ ଢଙ୍ଗରେ ବେଶଭୂଷା ହୋଇ ଏକ ସଂଯମହୀନ ଜୀବନଯାପନ କରିବା । ଏ ହେଉଛି ନାରୀର ପୁରୁଷ ପ୍ରତି ଆକର୍ଷଣରୁ, ନିଜର ନିରାପତ୍ତା ଲାଗି ଓ ଘରସଂସାର ଲାଗି ପୁରୁଷର ବାହୁବଳ ଉପରେ ନିର୍ଭରଶୀଳ ହେବାରୁ ଓ ମାତୃତ୍ୱର ସ୍ୱାଦ ଚାଖିବା ପାଇଁ ବ୍ୟାକୁଳତାରୁ ନିଜକୁ ପୂର୍ଣ୍ଣ ମୁକ୍ତ କରିବା । ଅନ୍ୟପକ୍ଷରେ ପୁରୁଷମାନେ ଯଦି ଚାହାଁନ୍ତି ନିଜର ଆଧ୍ୟାତ୍ମିକ ପ୍ରଗତି ତେବେ ସେମାନଙ୍କୁ ନାରୀ ଉପରେ ନିଜର ଆଧିପତ୍ୟ ଓ କ୍ଷମତା ବିସ୍ତାରର ଲାଳସା, ନାରୀକୁ ନିଜର ଯୌନସମ୍ଭୋଗ, ଆରାମ ଓ ବିଳାସର ସାମଗ୍ରୀରୂପେ ବ୍ୟବହାର କରିବାରୁ ଓ ନିଜକୁ ଉତ୍କୃଷ୍ଟ ଓ ସେମାନଙ୍କୁ ନିକୃଷ୍ଟ ବୋଲି ଧାରଣା ପୋଷଣରୁ ସଂପୂର୍ଣ୍ଣ ମୁକ୍ତ ହେବାକୁ ହେବ । ଏ ସବୁ ଖୁବ୍ ସହଜ ହେବ ଯଦି ଆମେ ଆମ ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହୋଇ ଅଧ୍ୟାତ୍ମ ସାଧନାରେ ଲାଗି ରହୁ ।

ଯାହାହେଉ, ଆମେ ଝିଅ ହେଉ ବା ପୁଅ ହେଉ ବିବାହ କରିବାକୁ

ଆମେ କେବେ ବି ବାଧ ନୋହୁଁ । ଯେଉଁମାନେ ସାଧନା କରିବେ ସମସ୍ତେ ଯେ ଅବିବାହିତ ରହିବେ ତାହା ବି ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ସ୍ୱଧର୍ମ ଅନୁଯାୟୀ ଯେଉଁ ମାର୍ଗ ପ୍ରତି ତା'ର ଆକର୍ଷଣ ରହିଛି ତାହା ସେ ଗ୍ରହଣ କରିପାରେ । ଯେଉଁମାନଙ୍କର ବୈବାହିକ ଜୀବନ ପ୍ରତି ଆକର୍ଷଣ ରହିଛି ଓ ତାକୁ ସେମାନେ ପସନ୍ଦ କରନ୍ତି ସେଇମାନେ ବିବାହ କରିବେ । କିନ୍ତୁ ଦିନେ ନା ଦିନେ ସେମାନଙ୍କୁ ପୂର୍ଣ୍ଣ ସଂଯମ ଆଚରଣ କରି ବୈବାହିକ ଜୀବନର ଯୌନସମ୍ଭୋଗ ଅଂଶଟିକୁ ନିଜ ମଧ୍ୟରୁ ସଂମ୍ପୂର୍ଣ୍ଣ ମୂଳୋତ୍ପାଟିତ କରିବାକୁ ହେବ । ପ୍ରତ୍ୟେକ ବ୍ୟକ୍ତିର ପ୍ରକୃତି ଭିନ୍ନ ଭିନ୍ନ । ସମସ୍ତଙ୍କ ଲାଗି ଗୋଟିଏ ନିୟମ ବାନ୍ଧି ଦିଆଯାଇପାରିବ ନାହିଁ । କିନ୍ତୁ ଏକଥା ସୁନିଶ୍ଚିତ ଯେ ବିବାହ କରିବା ସଂପୂର୍ଣ୍ଣରୂପେ ଜ୍ଞାତରେ ହେଉ ବା ଅଜ୍ଞାତରେ ହେଉ ନିଜ ଇଚ୍ଛା ଉପରେ ନିର୍ଭର କରେ । ନିଜେ ଇଚ୍ଛା ନକଲେ ବ୍ରହ୍ମା ବି ଟଳାଇ ପାରିବେ ନାହିଁ ।

ଅନେକେ କହନ୍ତି, ବିବାହ ନକଲେ ବଂଶ ରକ୍ଷା କିପରି ହେବ ? ମଣିସସମାଜ ଲୋପ ପାଇଯିବ ନାହିଁ ତ ? ସେମାନଙ୍କୁ ମନେ ରଖିବାକୁ ହେବ, ପ୍ରଥମରେ ତ ସମସ୍ତେ ଅବିବାହିତ ରହିବାକୁ ଚାହିଁପାରିବେ ନାହିଁ; ଦ୍ୱିତୀୟରେ, ବଂଶ ରକ୍ଷା ପାଇଁ ପ୍ରକୃତି ଯେଉଁ ପ୍ରଜନନ କ୍ରିୟାର ଆଶ୍ରୟ ନେଇଛି ତାହା ଅନେକ ସମ୍ଭାବନା ମଧ୍ୟରୁ ଏକ ଚରମ ବିକୃତ ସମ୍ଭାବନା ମାତ୍ର । ପ୍ରକୃତିର ଏହି ପ୍ରଜନନ କ୍ରିୟାହିଁ ଦିବ୍ୟପ୍ରେମକୁ ପଶୁସ୍ତରକୁ ଖସାଇ ଆଣିଛି । ଯେତେବେଳେ ଗୋଟିଏ ନୂତନ ସୃଷ୍ଟି ହେବ ସେତେବେଳେ ସୃଷ୍ଟି ରକ୍ଷାର ଉପାୟ ସୃଷ୍ଟିକର୍ତ୍ତାଙ୍କୁ ଭଲରୂପେ ଜଣା । ସେତେବେଳେ ପ୍ରକୃତିର ଏହି ପୁରାତନ ପ୍ରକ୍ରିୟା ଅଚଳ ହୋଇପଡ଼ିବ । ସବୁକିଛି ସଂକଳ୍ପ ଦ୍ୱାରାହିଁ ସମ୍ଭବ ହୋଇପାରିବ । ତେଣୁ ସବୁବେଳେ ଆମକୁ ମନେ ରଖିବାକୁ ହେବ ଆମେ ଗତକାଲିର ମଣିଷ ହୋଇ ରହିବୁ କି ଆଗାମୀକାଲିର ନୂତନ ମଣିଷ ହେବା ନିମନ୍ତେ ପ୍ରସ୍ତୁତ ହେବୁ । ତାହାହିଁ ଆମର ସମସ୍ତ ଜୀବନଧାରାକୁ ନିୟନ୍ତ୍ରିତ କରିବ ।

# ମା' କ'ଣ ମୋତେ ଭଲ ପାଆନ୍ତି ?

ମୁଁ ମା'ଙ୍କୁ ଭଲ ପାଏ ତ ?

ମୁଁ ଯଦି ମା'ଙ୍କୁ ଭଲପାଏ, ତେବେ ମୋତେ କେବଳ ଭଲ ପାଇ ଆସେ, ଆଉ ମା' ଭଲ ପାଇବା ଜାଣି ନାହାଁନ୍ତି ନା କ'ଣ ? ଶ୍ରୀଅରବିନ୍ଦ କହିଛନ୍ତି :

"When Love desires Love
Then Love is born."

"ପ୍ରେମ ଯେବେ ଲୋଡ଼ଇ ପ୍ରେମରେ
ତେବେ ଯାଇ ଜନମଇ ପ୍ରେମ ।"

ଆମେ ମା'ଙ୍କୁ ଟିକିଏ ଚାହିଁବା ପୂର୍ବରୁ ମା' ଆମକୁ ସଂପୂର୍ଣ୍ଣରୂପେ ଚାହିଁସାରିଛନ୍ତି । ତା' ନହେଲେ ଏ ଅଜ୍ଞାନ, ଅନ୍ଧକାରାଚ୍ଛନ୍ନ, ଅହଂସ୍ୱାର୍ଥପୂର୍ଣ୍ଣ ଦୁନିଆରେ ଆମେ ତାଙ୍କୁ ଟିକିଏ ବି ଭଲପାଇବାକୁ ଆରମ୍ଭ କରିପାରି ନଥାନ୍ତୁ ।

ତେବେ ପ୍ରଶ୍ନ ଉଠେ, ସେ ଯଦି ଆମକୁ ଭଲ ପାଉଛନ୍ତି ତେବେ ଏତେ ଦୁଃଖଯନ୍ତ୍ରଣା, ବାଧା ବିପତ୍ତି, ଅଭାବ ଅସୁବିଧା ଆଦି ଆସୁଛି କାହିଁକି ? ଥରେ ଭଗବାନଙ୍କ ନିକଟରେ ଅଭିଯୋଗ କରି କୁହାଗଲା, "ପ୍ରଭୁ, ପାଣ୍ଡବମାନେ ଆପଣଙ୍କର ଏତେ ଭକ୍ତ, ସେମାନେ ଆପଣଙ୍କୁ କେତେ ଯେ ଭଲପାଆନ୍ତି ତା' କଳ୍ପନା କରିହେବ ନାହିଁ । ତାଙ୍କ ଜୀବନର ସମସ୍ତ ଦାୟିତ୍ୱ ଆପଣଙ୍କ ଚରଣରେ ସେମାନେ ସମର୍ପି ଦେଇଥିଲେ । ତେବେ କେଉଁ କାରଣରୁ ତାଙ୍କୁ ଏତେ ଦୁଃଖକଷ୍ଟର ସମ୍ମୁଖୀନ କରାଇଲେ ?"

ଉତ୍ତରରେ ଭଗବାନ କହିଲେ, "ତୁମର ଜାଣି ରଖିବା ଉଚିତ ଯେ ମୋତେ ଯେଉଁମାନେ ଭଲ ପାଆନ୍ତି ଓ ମୁଁ ଯେଉଁମାନଙ୍କୁ ଭଲ ପାଏ ସେମାନଙ୍କୁ ଚରମ ଦୁଃଖକଷ୍ଟ ଭିତର ଦେଇ ଯିବାକୁ ହୁଏ ନଚେତ୍

ଭଲପାଇବାର ମୂଲ୍ୟ କ'ଣ ? ଭାଗବତ ପ୍ରେମ କ'ଣ ମଧୁଭରା ପାତ୍ରଟିଏ ହୋଇଛି ନା ଗୋଲାପ ପାଖୁଡ଼ା ବିଛା ହୋଇଥିବା ସୁକୋମଳ ରାସ୍ତା ହୋଇଛି ? ଜ୍ୱଳନ୍ତ ଅଗ୍ନିରେ ପ୍ରେମର ବିଶୁଦ୍ଧତା ପରୀକ୍ଷା କରିବାକୁ ହୁଏ । ପାଣ୍ଡବମାନେ ଥିଲେ ମହାନ୍ ଆତ୍ମା । ସେମାନଙ୍କୁ ମୁଁ ମୋର ଯନ୍ତ୍ରରୂପେ ବାଛିନେଇଥିଲି । ମୋର ଗୋଟିଏ ସ୍ୱତନ୍ତ୍ର ଉଦ୍ଦେଶ୍ୟ ପୂରଣ କରିବା ନିମନ୍ତେ ସେମାନେ ଏଠାକୁ ଆସିଥିଲେ । ତେଣୁ ସେମାନଙ୍କୁ ଅଶେଷ ଦୁଃଖକଷ୍ଟ ଭିତରଦେଇ ଏଇ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ ହେବାକୁ ପଡ଼ିଥିଲା । ଆତ୍ମା ଲାଗି ଆଘାତ, ଧକ୍କା ଓ ଦୁଃଖଯନ୍ତ୍ରଣା ଖରାପ ନୁହେଁ, ବରଂ ଭଲ । ଅନ୍ୟପକ୍ଷରେ କୌରବମାନଙ୍କୁ ଦେଖ । କି ସୁନ୍ଦର ଆରାମଦାୟକ ଜୀବନ ଯାପନ କରୁଛନ୍ତି ! କିନ୍ତୁ ସେଭଳି ଜୀବନରେ କି ଲାଭ ? ଏକଥା ସବୁବେଳେ ମନେରଖିବ ଯେ, ପାଣ୍ଡବମାନେ ଦୁଃଖକଷ୍ଟର ଯେତେ ଅଗ୍ନିପରୀକ୍ଷା ଭିତର ଦେଇ ଗଲେ ବି ମୁଁ ସେମାନଙ୍କ ସହ ସବୁବେଳେ ଥିଲି । ମୋର ପ୍ରେମ ତାଙ୍କୁ କେବେ ବି ଛାଡ଼ି ନଥିଲା । ସେଇ କ'ଣ ସେମାନଙ୍କ ପକ୍ଷରେ ଯଥେଷ୍ଟ ନୁହେଁ ? କଥାଟାକୁ ଟିକିଏ ଗଭୀରଭାବେ ବିଚାର ନକରି ଉପରଠାଉରିଆ କରି ବିଚାର କଲେ ଏଭଳି ଅଭିଯୋଗ କରାଯାଇଥାଏ ।''

ଭଗବାନଙ୍କ ପ୍ରେମ ଉପରେ ଆମର ସନ୍ଦେହ, ଅବିଶ୍ୱାସ ଆସିବାର ପ୍ରଧାନ କାରଣ ହେଉଛି ଆମର ବଦ୍ଧମୂଳ ସାଧାରଣ ବିଚାରଧାରା । ଆମେ ସାଧାରଣ ବ୍ୟକ୍ତି ହୋଇଥିବାରୁ ଅଜ୍ଞାନତାବଶତଃ ଭଗବାନଙ୍କ ପ୍ରେମକୁ ସାଧାରଣ ବ୍ୟକ୍ତିର ବ୍ୟବହାର ସଙ୍ଗେ ତୁଳନା କରିଥାଉଁ । ଆମେ ଆମର ପିତାମାତା, ଭାଇବନ୍ଧୁ, ଶିକ୍ଷକ, ଅଭିଭାବକ, ଉପରିସ୍ଥ କର୍ମଚାରୀ ତଥା ନିମ୍ନସ୍ଥ କର୍ମଚାରୀଙ୍କ ବ୍ୟବହାରକୁ ନେଇ ଏତେ ଅଭ୍ୟସ୍ତ ଯେ ଭଗବାନଙ୍କ ବ୍ୟବହାରକୁ ମଧ୍ୟ ସେଇଭଳି ଭାବିଥାଉ । ଆମର ଧାରଣା ଯେ ସାଧାରଣ ବ୍ୟକ୍ତି ଯେପରି ତା'ର ସ୍ୱାର୍ଥରେ, ଅହଂକାରରେ କିମ୍ବା କ୍ଷମତାରେ ଟିକିଏ ଆଞ୍ଚଆସିଲେ କିମ୍ବା ଆମେ ତାଙ୍କରି ମନମୁତାବକ ନଚଳିଲେ ଆମ ଉପରେ

ରାଗ, ହିଂସା କରିଥା'ନ୍ତି ଭଗବାନ ସେଇଭଳି କରନ୍ତି । ସଚେତନଭାବେ ଆମେ ଏହା ନଭାବିଲେ ବି ପ୍ରଚ୍ଛନ୍ନ ଭାବରେ ଆମ ଭିତରେ ଏଇ ଭାବ ଲୁଚି ରହିଛି ।

କିନ୍ତୁ ମନେରଖିବାକୁ ହେବ, ଭଗବାନ କେବେ ବି ଆମକୁ ସାଧାରଣ ବ୍ୟକ୍ତି ଭଳି ଭଲ ପାଆନ୍ତି ନାହିଁ । ସାଧାରଣ ବ୍ୟକ୍ତି ଆମକୁ ଯେତେ ଧମକ, ଯେତେ ଭୟ, ଯେତେ କ୍ରୋଧ, ଯେତେ ଲାଞ୍ଛନା ଦିଅନ୍ତୁ, ଯେତେ ନିରାଶ କରନ୍ତୁ ପଛେ ସେମାନଙ୍କ ପ୍ରତି କୌଣସି ପ୍ରତିକ୍ରିୟା ନଦେଖାଇ ଜାଣିରଖିବା ଉଚିତ ଯେ ଆମର ସମସ୍ତ ଦୋଷଗୁଣର ଊର୍ଦ୍ଧ୍ୱରେ ଭଗବାନ ଆମକୁ ଅବିଚଳିତ ଭାବେ ଭଲପାଆନ୍ତି । ଆମେ ଅବଶ୍ୟ ଆମର ନିଜର ସନ୍ଦେହ, ଅବିଶ୍ୱାସ ତଥା ବାହାରର ଅନ୍ଧକାର ଶକ୍ତିର ଚାପ ଯୋଗୁ ଭଗବାନଙ୍କର ସେ ଭଲପାଇବାକୁ ଅନେକ ସମୟରେ ଅନୁଭବ କରିପାରୁ ନାହିଁ । ପୁଣି ଯେତେବେଳେ ଏହିସବୁ ଗୋଳମାଳ ଟିକିଏ ତୁଟିଯାଏ କିମ୍ବା ଏହି ଗୋଳମାଳ ଭିତରେ ବି ଆମ ଭିତରୁ କିଛି ଗୋଟିଏ ଯଦି ତୀବ୍ର ଭାବରେ ତାଙ୍କରି ପ୍ରେମ ଲାଗି ଆକୁଳ ପ୍ରାର୍ଥନା କରେ, ପୁଣି ସେହି ଦିବ୍ୟ ପ୍ରେମର ମନ୍ଦାକିନୀ ଆମର ସମଗ୍ର ସତ୍ତାକୁ ପରିପ୍ଲୁତ କରି ସମସ୍ତ ବିଷାଦକାଳିମାକୁ ନିଶ୍ଚିହ୍ନ କରିଦିଏ ।

ଏପରିକି ଆମେ ଯେତେବେଳେ କିଛି ଭୁଲ କାର୍ଯ୍ୟ କରୁ ଯାହାକି ଅତି ଗୁରୁତର ଭୁଲ ଓ ଭୁଲ କରିସାରି ତୀବ୍ର ଅନୁଶୋଚନାର ଜ୍ୱାଳାରେ ଜଳୁଥାଉ ସେତେବେଳେ ବି ଯଦି ଟିକିଏ ମା'ଙ୍କ ଆଡ଼କୁ ନିଜକୁ ଖୋଲିଧରୁ ତେବେ ଆମର ବାହାର ଭିତର ସବୁ ସେ ଅଲୌକିକ ଭାବେ ସଜାଡ଼ି ଦିଅନ୍ତି; କାରଣ ମା' ଆମର ଭୁଲ ଉପରେ ନଜର ଦିଅନ୍ତି ନାହିଁ । ସେ ଦେଖନ୍ତି ଭବିଷ୍ୟତରେ ଆମେ କ'ଣ ହେବାକୁ ଚାହୁଁ । ଏହିପରି ଭୁଲ କରି ଚାଲିବାକୁ ଚାହୁଁ କି ଏହାକୁ ଅତିକ୍ରମ କରିବାକୁ ଚାହୁଁ । ଯଦି ଆମେ ଭୁଲ୍ କରି ଚାଲିବାକୁ ଚାହୁଁ ତେବେ ତା'ର ପରିଣାମ ତ ଆମେ ଆପେ ଆପେ ଭୋଗ କରୁ । ସେ ଆମକୁ ଦଣ୍ଡଦେବା ଦରକାର ପଡ଼େ ନାହିଁ । କିନ୍ତୁ ହଜାରେ ଭୁଲ ଭିତରେ

ଆମେ ଯଦି ସେସବୁକୁ ଆଉ ନକରିବାଲାଗି ଦୃଢ଼ ସଂକଳ୍ପ କରୁ ତେବେ ସେ ଆମକୁ ଧୀରେ ଧୀରେ ସେସମସ୍ତ ଅତିକ୍ରମ କରାଇଦେଇ ସତ୍ୟ ଓ ଆଲୋକ ଆଡ଼କୁ ଅଧିକରୁ ଅଧିକ ନେଇ ଚାଲନ୍ତି ।

ବେଳେବେଳେ ଆମେ ଭାବୁ ଯେଉଁମାନେ ମା’ଙ୍କ ପାଖରେ ଅଛନ୍ତି, ପ୍ରତିଦିନ କିଂବା ବର୍ଷରେ ଅନେକ ଥର ତାଙ୍କ ପାଖକୁ ଯାଇ ଦର୍ଶନ କରୁଛନ୍ତି, ମା’ ସେମାନଙ୍କୁ ଅଧିକ ଭଲପାଆନ୍ତି । ଏଇଟି ବି ସେଇ ଆମର ସାଧାରଣ ବିଚାରଧାରା । କିନ୍ତୁ ଆଧ୍ୟାତ୍ମିକ ସାଧନାରେ ଏସବୁର କିଛି ମୂଲ୍ୟ ନାହିଁ । ଭଗବାନଙ୍କ ପାଖରେ ଦୂର ନିକଟ କିଛି ନଥାଏ । ମା’ଙ୍କ ପାଖରେ ରହି ବି ଅନ୍ତରରେ ଯଦି ତାଙ୍କ ପ୍ରତି ଆମେ ଉନ୍ମୁକ୍ତ ନୋହୁଁ ତେବେ ତାଙ୍କର ପ୍ରେମ ଆମେ କିଛି ବି ଅନୁଭବ କରିପାରିବୁ ନାହିଁ । ଅନ୍ୟ ପକ୍ଷରେ ଦୂରରେ ରହି ଯଦି ଅନ୍ତରରେ ତାଙ୍କ ସହ ଆମର ସମ୍ପର୍କକୁ ବଜାୟ ରଖୁ ତେବେ ସବୁବେଳେ ତାଙ୍କର ପ୍ରେମ ଆମର ଭିତରେ, ବାହାରେ ପୂରି ରହିଥିବାର ଅନୁଭବ କରୁ । କିନ୍ତୁ ପାଖରେ ଥିବା ବ୍ୟକ୍ତିମାନେ ବେଳେବେଳେ ଅଭିଯୋଗ କରିଥାନ୍ତି ଯେ ମା’ ତାଙ୍କୁ ଭଲ ପାଉନାହାନ୍ତି ।

ଆଉ ଗୋଟିଏ କଥାଯୋଗୁ ଆମେ ବେଳେବେଳେ ବି ଦ୍ୱନ୍ଦ୍ୱରେ ପଡୁ । ଭଗବାନ କେବେ ବି ସବୁ ବ୍ୟକ୍ତିସହ ସମାନ ବ୍ୟବହାର କରନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତି ସ୍ୱତନ୍ତ୍ର । ସେହିଭଳି ତାଙ୍କର ବ୍ୟବହାର ମଧ୍ୟ ପ୍ରତ୍ୟେକଙ୍କ ଲାଗି ସ୍ୱତନ୍ତ୍ର । ଏଇଟା ତାଙ୍କର ପାତର ଅନ୍ତରର ଚିହ୍ନ ନୁହେଁ । ଏଇଟି ହେଉଛି ତାଙ୍କର ବୈଚିତ୍ର୍ୟମୟତାର ପରିଚୟ । ସେ ତ ଗଣତାନ୍ତ୍ରିକ ସରକାର ନୁହନ୍ତି ଯେ ଗୋଟିଏ ସମ୍ବିଧାନର ନିୟମକୁ ମାନି ସମସ୍ତଙ୍କୁ ସମାନ ବ୍ୟବହାର ଦେଖାଇବାର ଛଳନା କରିବେ । ମା’ ଜାଣନ୍ତି ପ୍ରତ୍ୟେକ ବ୍ୟକ୍ତି ଲାଗି କ’ଣ ଭଲ ଓ ଭଗବାନଙ୍କ କାର୍ଯ୍ୟ ପୃଥିବୀପୃଷ୍ଠରେ ହେବାଲାଗି କ’ଣ କରିବାକୁ ହେବ । ତେଣୁ ପ୍ରତ୍ୟେକ ବ୍ୟକ୍ତିର ଅଭୀପ୍ସା ଅନୁସାରେ ତା’ର ଆତ୍ମବିକାଶ ପାଇଁ ଯାହା ଭଲ ସେ ତାହା ହିଁ କରିଥା’ନ୍ତି । ଆମେ ତାଙ୍କ

କାର୍ଯ୍ୟକୁ ନୀରବ ଆନନ୍ଦରେ ମାନି ନ ନେଇ ବୃଥାଟାରେ ଆମର ସଂକୀର୍ଣ୍ଣ ମନରେ ବିଚାର କରି ନିଜେ ଅସୁବିଧାରେ ପଡୁ । କାହାରି ସହ ନିଜକୁ ତୁଳନା ନ କରି ମା'ଙ୍କ ସହ ନିଜର ଆନ୍ତର ସଂପର୍କରେ ଦୃଢ଼ ରହିବା ଭଲ । କାରଣ ସେ ନିଜେ ବହୁରେ ପରିଣତ ହୋଇ ଏ ସୃଷ୍ଟି କରିଛନ୍ତି । ସବୁକିଛି ତାଙ୍କରି ଅଙ୍ଗର ଅନ୍ତର୍ଭୁକ୍ତ । ଆମେ କ'ଣ ଆମ ମୁଣ୍ଡ, ଗୋଡ଼, ହାତ, ପେଟ ଇତ୍ୟାଦି ପ୍ରତି ପାତର ଅନ୍ତର ଭାବ ରଖିଥାଉଁ ? ନା, ସେମାନଙ୍କ ପ୍ରତି ସମାନ ବ୍ୟବହାର କରିଥାଉଁ ? କାରଣ ସମାନ ବ୍ୟବହାର ତ କରିହେବ ନାହିଁ । ଗୋଟିଏ ଅଙ୍ଗର ବିଭିନ୍ନ ଅଂଶ ହେଲେ ବି ଭିନ୍ନ ଭିନ୍ନ କାର୍ଯ୍ୟ ଲାଗି ସେମାନେ ସୃଷ୍ଟି ହୋଇଛନ୍ତି । ହାତ ଯଦି ଚାହେଁ ପେଟରେ କାର୍ଯ୍ୟ କରିବାକୁ କିମ୍ବା ପେଟକୁ ଯେପରି ସୁନ୍ଦର ଖାଦ୍ୟ ମିଳୁଛି ତାକୁ ସେହିପରି ମିଳୁ, ଅଥବା ଗୋଡ଼ ବାଟ ଚାଲିବାକୁ ନ ଚାହିଁ ଯଦି ଚାହେଁ ତାକୁ ମୁଣ୍ଡ ଭଳି ଚିନ୍ତା କରିବାର ଓ ବିଚାର କରିବାର ଅଧିକାର ଦିଆଯାଉ ତେବେ ତାହା ସମ୍ଭବ ତ ହେବ ନାହିଁ, ଖାଲି ଅଯଥା ବିଶୃଙ୍ଖଳା ସୃଷ୍ଟି ହେବ । ସେହିଭଳି ଭଗବାନଙ୍କର ବିଶାଳ ଅଙ୍ଗର ଆମେ ସମସ୍ତେ ଅଂଶବିଶେଷ, ଆମେ ନିଜ ଲାଗି କିଛି ଦାବି ନକରି ତାଙ୍କରି ଉପରେ ଆମର ସମସ୍ତ ଦାୟିତ୍ୱ ଛାଡ଼ିଦେଇ ତାଙ୍କର ନିର୍ଦ୍ଦେଶକୁ ମାନି ଚଳିବାକୁ ସଂକଳ୍ପ କଲେ ଆମ ପାଇଁ ଯାହା ଭଲ ତାହାହିଁ ସେ କରିବେ ।

ସେ କାହାକୁ ବା ପାତର ଅନ୍ତର କରିବେ ? ବରଂ ତାଙ୍କ କାର୍ଯ୍ୟକୁ ବିଚାର କରି, ସମାଲୋଚନା କରି ଆମେ ନିଜେ ଅସୁବିଧାରେ ପଡ଼ିଥାଉଁ । ତାଙ୍କ କାର୍ଯ୍ୟର ପ୍ରତିବାଦ କରିବା କ'ଣ ଭଲ ପାଇବା ଓ ଭକ୍ତିର ଚିହ୍ନ ? ଯାହା ବି ହେଉ ତାଙ୍କର ବ୍ୟବହାର ସମସ୍ତଙ୍କ ପ୍ରତି ସ୍ୱତନ୍ତ୍ର ହେଲେ ବି ଓ ବାହାର ଫଳାଫଳ ଆମର ମନମୁତାବକ ନହେଲେ ବି ସେ ଆମକୁ ଚିରନ୍ତନରୂପେ ଭଲପାଆନ୍ତି ।

ଅନେକ ସମୟରେ ମା'ଙ୍କର ନୀରବତା ଆମ ପକ୍ଷରେ ଅସହ୍ୟ

ହୋଇଥାଏ । ଆମେ ଭାବୁ ମା' ଆମ ପ୍ରାର୍ଥନାରେ ଗୁରୁତ୍ୱ ନଦେଇ କିମ୍ବା ନଶୁଣି ନୀରବ ରହିଲେ । କିନ୍ତୁ ଆମେ ଆନ୍ତରିକତାର ସହ ଆମର ପ୍ରାର୍ଥନା ଚଣାଇଛୁଁ ତ ? ଯଦି ତାହା କରିଥାଉ ତେବେ ସ୍ଥୂଳ ଭାବରେ ମା'ଙ୍କ ଉତ୍ତର ମିଳୁ ବା ନମିଳୁ ଆମ ପାଇଁ ଯାହା ଭଲ ସେ କରିଥା'ନ୍ତି । ତାଙ୍କର ନୀରବତାର ଅର୍ଥ ପ୍ରେମର ଅଭାବ ନୁହେଁ । ବରଂ ସେଇ ନୀରବତା ଭିତରେ ଗଭୀର ପ୍ରେମ ଝରିଆସିଥାଏ । ମା' ଶ୍ୱେତଗୋଲାପ (White Roses, Part III)ରେ କହିଛନ୍ତି : "Sometimes not to give blessings is a greater Grace than to give."

"ସମୟେ ସମୟେ ଆଶୀର୍ବାଦ ଦେବା ଅପେକ୍ଷା ନଦେବାରେହିଁ ଅଧିକ କୃପା ଭରି ରହିଥାଏ ।"

ମା' ଆସିଛନ୍ତି କେବଳ ଆମକୁ ଭଲପାଇ ପରିବର୍ତ୍ତନ କରିବାକୁ । କାରଣ କେବଳ ଦିବ୍ୟ ଭାଗବତ ପ୍ରେମରହିଁ ମଣିଷପ୍ରକୃତିକୁ ପରିବର୍ତ୍ତନ କରି ପୃଥିବୀକୁ ପରିବର୍ତ୍ତନ କରିବାର ଶକ୍ତି ରହିଛି । କିନ୍ତୁ ସେ ପ୍ରେମ ସାଧାରଣ ମନୁଷ୍ୟର ବଜାର ସଉଦା ପ୍ରେମ ଭଳି ନୁହେଁ, ଯେଉଁଥିରେ କିଛି ପାଇବାର ଆଶା ରଖି ଦିଆଯାଇଥାଏ । ସଙ୍ଗେ ସଙ୍ଗେ ସ୍ଥୂଳରେ ଯଦି କିଛି ମିଳି ନଗଲା ତେବେ ଆମେ ଭାବୁ ଆମର ଦେବାଟା ପାଣିରେ ପଡ଼ିଲା । ସେଇଥିଲାଗି ବେଳେବେଳେ ଆମେ ତାକୁ ବୁଝିପାରୁ ନାହିଁ ।

ଯେତେବେଳେ ପରିପୂର୍ଣ୍ଣ ନିରବଚ୍ଛିନ୍ନ ଭାବେ ଆମେ ସେଇ ପ୍ରେମରେ ବାସ କରିବୁ ସେତେବେଳେ ଆଉ ସନ୍ଦେହ ଓ ଅବିଶ୍ୱାସର ଅବକାଶ ନଥିବ । ତେବେ ଯେପର୍ଯ୍ୟନ୍ତ ତାହା ନହୋଇଛି ସେପର୍ଯ୍ୟନ୍ତ ଆମ ଜୀବନର ଏକ ଏକ ବିଶେଷ ମୁହୂର୍ତ୍ତରେ ତାଙ୍କରି ପ୍ରେମର ଯେଉଁ ନିବିଡ଼ ସ୍ପର୍ଶ ପାଇଛୁ ସେହି ଅନୁଭୂତିକୁ ସବୁବେଳେ ସ୍ମରଣ ରଖି ସେହିଭଳି ଅବସ୍ଥା ପୁଣି ପ୍ରାପ୍ତ ହେବା ଲାଗି ନିରନ୍ତର ଅଭୀପ୍ସା କଲେ ତାହା ପୁଣି ପୂର୍ବାପେକ୍ଷା ବହୁଗୁଣରେ ଶକ୍ତିଶାଳୀ ହୋଇ ଫେରିଆସିଥାଏ । କାରଣ ମା' ସବୁବେଳେ ଆମର

ଗ୍ରହଣଶୀଳତା ଓ ଉପଯୁକ୍ତ ମୁହୂର୍ତ୍ତର ଅପେକ୍ଷାରେ ଥାଆନ୍ତି । ସାମାନ୍ୟ ସୁବିଧା ପାଇଲେ ତାଙ୍କରି ଦିବ୍ୟ ମଧୁର ପ୍ରେମର ସ୍ପର୍ଶରେ ଆମର ସମସ୍ତ ଗ୍ଲାନି, ଅଭିମାନ ଆଉ ସନ୍ଦେହ ପୋଛିଦେଇ ପରମ ଆନନ୍ଦରେ ଆମ ସତ୍ତାର ପ୍ରତିଟି ଅଣୁପରମାଣୁକୁ ଭରିଦିଅନ୍ତି । ଥରେ ଯଦି ଆମେ ତାଙ୍କୁ ଭଲ ପାଇଛେ (ଯାହାକି ପ୍ରଚ୍ଛନ୍ନ ଭାବରେ ତାଙ୍କରି ଭଲପାଇବାର ଚିହ୍ନ) ତେବେ ସାମୟିକ ଭାବେ ଆମେ ଯେତେ ତାଙ୍କ ଉପରେ ଅଭିମାନ, ସନ୍ଦେହ ଓ ଅବିଶ୍ୱାସ କଲେ ବି ଓ ଯେତେ ଦୂରରେ ଆମେ ରହିଲେ ବି ସେ ଆମକୁ ତ୍ୟାଗ କରିପାରିବେ ନାହିଁ ।

# ଓଡ଼ିଶାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ

୧୯୭୦ ମସିହା ଡିସେମ୍ବର ମାସ ୯ ତାରିଖ ଓଡ଼ିଶା ପକ୍ଷରେ ଏକ ପରମସୌଭାଗ୍ୟର ଦିବସ । ଏହିଦିନ ଶ୍ରୀଅରବିନ୍ଦଙ୍କ ମହାନ୍ ପବିତ୍ର ଦେହାଂଶ ଓଡ଼ିଶାର ଦୁଇଟି ସ୍ଥାନରେ ପ୍ରତିଷ୍ଠା କରାଯିବା ଫଳରେ ଏହାର ଜାତୀୟ ତଥା ରାଜନୈତିକ ଓ ଆଧ୍ୟାତ୍ମିକ ଇତିହାସରେ ଏକ ନୂତନ ଚୀର ଉଜ୍ଜ୍ୱଳ ପୃଷ୍ଠାର ଉନ୍ମୋଚନ ହେଲା । ଏହି ଦୁଇ ସ୍ଥାନ ମଧ୍ୟରୁ ଗୋଟିଏ ହେଉଛି କଟକ ଜିଲ୍ଲାର ଜଗତ୍‌ସିଂହପୁର ଓ ଅନ୍ୟଟି ହେଉଛି କୋରାପୁଟ ଜିଲ୍ଲାର ଜୟପୁର । ଗତ ୧୯୭୨ ମସିହା ଡିସେମ୍ବର ୯ ତାରିଖରେ କଟକ ଜିଲ୍ଲାର କଟକ ସହର ଓ ଗୋପୀନାଥପୁର ଏବଂ ପୁରୀ ଜିଲ୍ଲାର ଭୁବନେଶ୍ୱରରେ ମଧ୍ୟ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା କରାଯାଇଅଛି । ଯାହା ଏ ଦୁଇ ଜାଗାରେ ସ୍ଥାପନ କରାଗଲା ତାହା ଶ୍ରୀଅରବିନ୍ଦଙ୍କ ଚିତାଭସ୍ମ ନୁହେଁ; କାରଣ ତାଙ୍କ ଶରୀର କେବେ ଭସ୍ମ ହୋଇପାରେ ନା, ସେ ଅବିନାଶୀ, କାଳଜୟୀ ଓ ଯୁଗାନ୍ତକାରୀ । ତାଙ୍କର ମହାନ୍ ଅକ୍ଷତ ଦିବ୍ୟ ଜ୍ୟୋତିର୍ମୟ ଶରୀର ୧୯୫୦ ଡିସେମ୍ବର ୯ ତାରିଖରେହିଁ ମା'ଙ୍କ ନିର୍ଦ୍ଦେଶରେ ସମସ୍ତ ଯତ୍ନର ସହ ଆଶ୍ରମରେ ସମାଧିସ୍ଥ କରାଯାଇଛି । ଯାହା ଓଡ଼ିଶାରେ ପ୍ରତିଷ୍ଠା କରାଗଲା ତାହା ହେଉଛି ତାଙ୍କ ସ୍ଥୂଳ ଜୀବନ କାଳ ମଧ୍ୟରେ ଚମ୍ପକଲାଲଙ୍କ ଦ୍ୱାରା ସଯତ୍ନ ସାଇତା ତାଙ୍କର ପବିତ୍ର ନଖ ଓ କେଶ । ଏହା ପୂର୍ବରୁ ଶ୍ରୀଅରବିନ୍ଦଙ୍କ ଦେହାଂଶ ଦିଲ୍ଲୀ, ପଶ୍ଚିମବଙ୍ଗ ଓ ଗୁଜୁରାଟରେ ପ୍ରତିଷ୍ଠା ଲାଭ କରିଛି । କିନ୍ତୁ ଓଡ଼ିଶାରେ ଏହାର ପ୍ରତିଷ୍ଠା ଅଭୁତପୂର୍ବ ଓ ଉଲ୍ଲେଖଯୋଗ୍ୟ । ଓଡ଼ିଶାର ସମୁଦାୟ ରାଷ୍ଟ୍ରଶକ୍ତି ଓ ବିପୁଳ ଜନଶକ୍ତି ଏହି ପବିତ୍ର ଦେହାଂଶକୁ ଭକ୍ତିପୂତ ଚିତ୍ତରେ ଯେଉଁ ଗଭୀର ଓ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଛନ୍ତି ତା'ର କୌଣସି ପଟାନ୍ତର ନାହିଁ । ଜଣାଯାଏ ଶ୍ରୀଅରବିନ୍ଦଙ୍କ ନୂତନ ସତ୍ୟ ଓ ନୂତନ ଆଦର୍ଶକୁ ଓଡ଼ିଶାବାସୀମାନେ ଅନ୍ତରରେ

ତତ୍ତ୍ୱ ଆକାରରେ ଗ୍ରହଣ କରିବା ପରେ ଉପଯୁକ୍ତ ସମୟରେ ଶ୍ରୀଅରବିନ୍ଦଙ୍କ ଦେହାଂଶକୁ ସ୍ଥୂଳ ବାସ୍ତବ ଆକାରରେ ଗ୍ରହଣ କରିଛନ୍ତି ।

ଦେହାଂଶ ପୂର୍ଣ୍ଣାଙ୍ଗ ଶରୀରର ଏକ କ୍ଷୁଦ୍ରାତିକ୍ଷୁଦ୍ର ଅଂଶ ହୋଇଥିବାରୁ ଆମେ ଭାବୁ ଏହା ପୂର୍ଣ୍ଣ ବସ୍ତୁ ନୁହେଁ । କିନ୍ତୁ ବାସ୍ତବରେ ତାହା ନୁହେଁ । ଗୋଟିଏ ବୃକ୍ଷର ଛୋଟ ଡାଳ ଖଣ୍ଡେ ଯେପରି ସମୁଦାୟ ବୃକ୍ଷର ତତ୍ତ୍ୱ ଧାରଣ କରିଥାଏ ଓ ତାକୁ ମାଟିରେ ପୋତି ଉପଯୁକ୍ତ ଯତ୍ନ ନେଲେ ତାହା ଯେପରି ମୂଳବୃକ୍ଷର ସକଳତତ୍ତ୍ୱକୁ ପ୍ରକାଶ କରି ପତ୍ର ଓ ପୁଷ୍ପ ଓ ଫଳ ଧାରଣ କରିଥାଏ, ସେହିପରି ଯେକୌଣସି ବ୍ୟକ୍ତିର ଶରୀରର ଯେକୌଣସି ଅଂଶ ସମୁଦାୟ ବ୍ୟକ୍ତିର ସମସ୍ତ ତତ୍ତ୍ୱ ତଥା ଦୋଷଗୁଣକୁ ଧାରଣ କରିଥାଏ । ମହାପୁରୁଷମାନେ ତାଙ୍କ ଜୀବଦ୍ଦଶା କାଳରେ ଯେଉଁ ଅସାଧାରଣ ଶକ୍ତିର ଅଧିକାରୀ ହୋଇଥାନ୍ତି ତାହା ତାଙ୍କ ଦେହତ୍ୟାଗ ପରେ ସାଇତା ଯାଇଥିବା ନଖ, ଦାନ୍ତ, କେଶ ଇତ୍ୟାଦି ଶରୀରାଂଶରେ ମଧ୍ୟ ରହିଥାଏ ।

ଏ କ୍ଷେତ୍ରରେ ଶ୍ରୀଅରବିନ୍ଦଙ୍କ କଥା ସ୍ୱତନ୍ତ୍ର । କାରଣ ସେ ସାଧାରଣ ମଣିଷ ନୁହନ୍ତି କିଂବା ସାଧାରଣ ମହାପୁରୁଷ ନୁହନ୍ତି । ସେ ଅଦ୍ୱିତୀୟ, ଅସାଧାରଣ ଓ ଅଭୂତପୂର୍ବ । ଶ୍ରୀମା'ଙ୍କ ଭାଷାରେ, ''ପୃଥିବୀ-ଇତିହାସର ଆରମ୍ଭରୁ ଏହାର ସକଳ ବିରାଟ ରୂପାନ୍ତର-କ୍ରିୟାରେ ଶ୍ରୀଅରବିନ୍ଦହିଁ ପୌରୋହିତ୍ୟ କରି ଆସିଛନ୍ତି ଏକ ବା ବିଭିନ୍ନ ନାମ-ରୂପରେ ।'' ଏଥିରୁ ସ୍ପଷ୍ଟ ହେଉଛି ଯେ ସେହିଁ ବିଭିନ୍ନ ଯୁଗରେ ଭିନ୍ନ ଭିନ୍ନ ଅବତାରରୂପେ ଆସିଥାନ୍ତି । ଏ ଯୁଗରେ ସେ ଆସିଛନ୍ତି ଶ୍ରୀଅରବିନ୍ଦଙ୍କ ରୂପରେ । ସେ ଯେଉଁ ସତ୍ୟ, ଯେଉଁ ଯୋଗ ଓ ଯେଉଁ ଜୀବନର ସୂତ୍ରପାତ କରିଯାଇଛନ୍ତି ତାହା ସମ୍ପୂର୍ଣ୍ଣ ନୂତନ ଓ ଅଶ୍ରୁତପୂର୍ବ । କିନ୍ତୁ ସବୁ ଯୁଗଭଳି ଏ ଯୁଗରେ ମଧ୍ୟ ମଣିଷ ତା'ର ସୀମିତ ମନୋବୁଦ୍ଧି ନେଇ ତାଙ୍କୁ ବିଚାର କରେ ଓ ତାଙ୍କ ଉପରେ ଅବିଶ୍ୱାସ ଭାବ ପୋଷଣ କରିଥାଏ । ସେଇଥିଲାଗି ମା' କହିଛନ୍ତି :

''ଶାଶ୍ୱତ ବିବର୍ତ୍ତନ ଧାରାରେ ପ୍ରତ୍ୟେକ ଅବତାର ହେଉଛନ୍ତି ଏକ ପୂର୍ଣ୍ଣତର ଭବିଷ୍ୟତ ସିଦ୍ଧିର ବିଘୋଷକ ଓ ଅଗ୍ରଦୂତ ମାତ୍ର ।

– ତଥାପି ମଣିଷର ସ୍ୱଭାବ ହେଉଛି ଏହି ଯେ, ସେ ସର୍ବଦା ଭବିଷ୍ୟତର ଅବତାରଙ୍କ ବିରୋଧ କରି ଅତୀତର ଅବତାରଙ୍କୁ ଦିବ୍ୟ ଆସନରେ ପ୍ରତିଷ୍ଠିତ କରେ ।

– ବର୍ତ୍ତମାନ ପୁନଶ୍ଚ ଶ୍ରୀଅରବିନ୍ଦ ପୃଥିବୀ ସମକ୍ଷରେ ଆଗାମୀକାଲିର ସିଦ୍ଧିକୁ ଘୋଷଣା କରି ଆବିର୍ଭୂତ ହୋଇଛନ୍ତି, ଏବଂ ପୁନର୍ବାର ପୂର୍ବବର୍ତ୍ତୀ ଅବତାରମାନଙ୍କ ବାର୍ତ୍ତାପରି ତାଙ୍କର ବାର୍ତ୍ତା ମଧ୍ୟ ବିରୋଧର ସମ୍ମୁଖୀନ ହେଉଛି ।

କିନ୍ତୁ ଆଗାମୀକାଲିହିଁ ତାଙ୍କ ଦ୍ୱାରା ପ୍ରକାଶିତ ବାଣୀର ସତ୍ୟତାକୁ ପ୍ରମାଣିତ କରିବ ଏବଂ ତାଙ୍କ କାର୍ଯ୍ୟର ସିଦ୍ଧି ସୁନିଶ୍ଚିତ ।''

ଶ୍ରୀଅରବିନ୍ଦଙ୍କ ବାଣୀର ସତ୍ୟତା ସମୟ ପ୍ରମାଣିତ କରି ଚାଲିଛି ଓ ଶେଷପର୍ଯ୍ୟନ୍ତ କରିଚାଲିବ ମଧ୍ୟ । କିନ୍ତୁ ସେଇମାନେ ଭାଗ୍ୟବାନ୍ ଯେଉଁମାନେ ତାଙ୍କୁ ଅବତାର ବୋଲି ଗ୍ରହଣ କରିନେଇ ତାଙ୍କରି ଆଦର୍ଶ ଅନୁସାରେ ନିଃସନ୍ଦିଗ୍ଧ ଚିତ୍ତରେ କାର୍ଯ୍ୟ କରି ଚାଲିଛନ୍ତି । କାରଣ ତାଙ୍କର ବିଜୟ ସୁନିଶ୍ଚିତ । ଶ୍ରୀରାମଚନ୍ଦ୍ରଙ୍କ ଅବତାର ଗ୍ରହଣ ସମୟରେ ତାଙ୍କୁ ଅବିଶ୍ୱାସ କରି ପୁଣି ସେ ଯେତେବେଳେ ଶ୍ରୀକୃଷ୍ଣ ରୂପରେ ଆସନ୍ତି ସେତେବେଳେ ତାଙ୍କୁ ଅସ୍ୱୀକାର କରି ସେଇ ଅତୀତର ଶ୍ରୀରାମଚନ୍ଦ୍ରଙ୍କୁ ଜାବୁଡ଼ି ଧରିବାରେ ଲାଭ କ'ଣ ? ପ୍ରତ୍ୟେକ ଅବତାର ଗ୍ରହଣ ସମୟରେ ଭଗବାନ୍ ପୃଥିବୀର ଆବଶ୍ୟକତା ଅନୁଯାୟୀ ନୂତନ ସତ୍ୟ ଧରିଆସିଥାନ୍ତି । ଯେଉଁମାନେ ତାଙ୍କୁ ସେହି ନୂତନ ରୂପରେ ଗ୍ରହଣ କରନ୍ତି ସେମାନେ କ୍ରମବିକାଶର ଧାରା ସହ ତାଳଦେଇ ଚାଲିପାରନ୍ତି । ନଚେତ୍ ପଛରେ ପଡ଼ିରହନ୍ତି । ସେ ଯାହାହେଉ, ଶ୍ରୀଅରବିନ୍ଦ ଏକ ନୂତନ ସତ୍ୟ ପୃଥିବୀପୃଷ୍ଠକୁ ଆଣି ଏକ ନୂତନ ଯୁଗର ସୂତ୍ରପାତ କରିଛନ୍ତି । ମା' ସେହି ନୂତନ ସତ୍ୟ ବଳରେ ତାଙ୍କର ସେହି ନୂତନ

ଯୁଗକୁ ନିଖୁଣ ଭାବରେ ନିର୍ମାଣ କରି ଚାଲିଛନ୍ତି । ସାଧନା କରି ନିଜର ବ୍ୟକ୍ତିଗତ ମୁକ୍ତି ଲାଗି ନୁହେଁ, ସମଗ୍ର ମାନବସମାଜକୁ ତା'ର ବର୍ତ୍ତମାନର ଦୁଃଖଯନ୍ତ୍ରଣା, ବିଶୃଙ୍ଖଳା, ଅଜ୍ଞାନ, ଅନ୍ଧକାର ମଧ୍ୟରୁ ମୁକ୍ତ କରି ତାକୁ ଚେତନାର ଏକ ଉଚ୍ଚତର ଓ ଉନ୍ନତତର ଅବସ୍ଥାରେ ପହଞ୍ଚାଇ ଦେବା ଲାଗି ଶ୍ରୀଅରବିନ୍ଦ ଦେହ ଗ୍ରହଣ କରିଥିଲେ । ସମଗ୍ର ବିଶ୍ୱବାସୀଙ୍କର ଉଚ୍ଚତର ସତ୍ୟ, ଉଚ୍ଚତର ଚେତନା ଲାଭ ନିମନ୍ତେ ଅଭୀପ୍ସା ତାଙ୍କର ଗୋଟିଏ ଶରୀରରେ କେନ୍ଦ୍ରିତ ହୋଇଥିଲା । ସମଗ୍ର ବିଶ୍ୱର ଦୁଃଖ-ଯନ୍ତ୍ରଣାର ରୂପାନ୍ତର କରି ସେହି ସ୍ଥାନରେ ସତ୍ୟ, ଚେତନା ଓ ଆନନ୍ଦ ପ୍ରତିଷ୍ଠା କରିବାର ସମ୍ଭାବନା ସେଇ ଗୋଟିଏ ଶରୀରରେ ରହିଥିଲା । ତାଙ୍କର ଶରୀର ସମଗ୍ର ବିଶ୍ୱବାସୀଙ୍କ ଶରୀରର ଏକ ଗୌରବମୟ ପ୍ରତିନିଧି ଥିଲା ।

ପୃଥିବୀର ଦୁଃଖ-ତାପ ଚିରଦିନ ଲାଗି ଭସ୍ମୀଭୂତ କରି ଏଠାରେ ଏକ ନବସୃଷ୍ଟି ଗଠନ ଲାଗି ଶ୍ରୀଅରବିନ୍ଦ ଯେଉଁ ନୂତନ ସତ୍ୟ ପୃଥିବୀପୃଷ୍ଠରେ ଅବତରଣ କରାଇଥିଲେ ତା'ର ନାମ ହେଉଛି ଅତିମାନସ ସତ୍ୟ । ଏହି ଯୁଗାନ୍ତକାରୀ ନୂତନ ସତ୍ୟକୁ ଶ୍ରୀଅରବିନ୍ଦ କେବଳ ପୃଥିବୀପୃଷ୍ଠରେ ନୁହେଁ, ନିଜ ଶରୀରରେ ଅବତରଣ କରାଇ ତା'ର ପରୀକ୍ଷା କରିଯାଇଛନ୍ତି । ସେତେବେଳେ ନିବିଡ଼ ଅନ୍ଧକାରରେ ଭରି ରହିଥିବା ପୃଥିବୀର ସେହି ନୂତନ ସତ୍ୟ, ନୂତନ ଆଲୋକ ପ୍ରତି ଗ୍ରହଣଶୀଳତାର ଅଭାବ ଓ ଧାରଣ କରିବାର ଅସାମର୍ଥ୍ୟହିଁ ତାଙ୍କ ସ୍ଥୂଳ ଶରୀରତ୍ୟାଗର କାରଣ । ସ୍ଥୂଳ ଶରୀର ତ୍ୟାଗ ପରେ ସେ ତାଙ୍କର କାର୍ଯ୍ୟ ଆହୁରି ସୁନ୍ଦର, ବ୍ୟାପକ ଓ କ୍ଷିପ୍ରଭାବରେ କରିଚାଲିଛନ୍ତି । ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଶରୀର ସମ୍ବନ୍ଧେ କହିଛନ୍ତି :

"Sri Aurobindo incarnated in human body the supramental consciousness and has not only revealed to us the nature of the path to follow and the method of following it so as to arrive at the goal, but has also by

his own personal realisation given us the example, he has provided us with the proof that the thing can be done and the time is now to do it."

ଅର୍ଥାତ୍, "ଶ୍ରୀଅରବିନ୍ଦ ଏକ ମାନବ ଶରୀରରେ ଅତିମାନସ ଚେତନାକୁ ଅବତରଣ କରାଇଥିଲେ ଏବଂ ଏହି ଲକ୍ଷ୍ୟରେ ଉପନୀତ ହେବା ନିମିତ୍ତ ଯେଉଁ ପଥ ଅବଲମ୍ବନ କରିବାକୁ ହେବ ତାହାର ସ୍ୱରୂପ ଓ ପଦ୍ଧତିକୁ ଯେ କେବଳ ଆମ ସମ୍ମୁଖରେ ଉଦ୍‌ଘାଟିତ କରିଥିଲେ, ତାହା ନୁହେଁ କିନ୍ତୁ ତାଙ୍କ ନିଜର ବ୍ୟକ୍ତିଗତ ସିଦ୍ଧିଲାଭ ଦ୍ୱାରା ଆମ୍ଭମାନଙ୍କ ସମ୍ମୁଖରେ ତାହାର ଦୃଷ୍ଟାନ୍ତ ରଖିଯାଇଛନ୍ତି; ସେ ଆମ୍ଭମାନଙ୍କୁ ଏହି ପ୍ରମାଣ ଦେଇଯାଇଛନ୍ତି ଯେ ଏହି ଲକ୍ଷ୍ୟ ସାଧିତ ହୋଇପାରିବ ଏବଂ ଏଥିପାଇଁ ବର୍ତ୍ତମାନହିଁ ପ୍ରକୃଷ୍ଟ ସମୟ।"

ଶ୍ରୀଅରବିନ୍ଦଙ୍କ ଶରୀର ସାଧାରଣ ମଣିଷ-ଶରୀର ନଥିଲା। ସେହି ସାଧାରଣ ମଣିଷ-ଶରୀର ମଧ୍ୟରେ ସେ ଅସାଧାରଣ ଅତିମାନସ ମହାଶକ୍ତି ଅବତରଣ କରାଇ ଆଣିଥିଲେ। ସେହି ମହାଶକ୍ତିର ଅବତରଣ ଫଳରେ ତାଙ୍କର ଶରୀରରେ ଫୁଟି ଉଠିଥିଲା ଦିବ୍ୟକାନ୍ତି ଓ ଦିବ୍ୟଜ୍ୟୋତି।

ସେହି ଦିବ୍ୟ ଶରୀରାଂଶକୁ ବକ୍ଷରେ ଧାରଣ କରି ଓଡ଼ିଶା ଆଜି ଧନ୍ୟ ହୋଇଛି। ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଓଡ଼ିଶାବାସୀ ଅନ୍ତରରେ ସୂକ୍ଷ୍ମାକାରରେ ଗ୍ରହଣ କରିଥିଲେ। ଏବେ ତାକୁ ବାହ୍ୟ ସ୍ଥୂଳ ରୂପରେହିଁ ଗ୍ରହଣ କଲେ। ଅନ୍ତର ପ୍ରସ୍ତୁତି ପରେ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ସ୍ଥୂଳକର୍ମ କରିବାର ସମୟ ଓଡ଼ିଶାରେ ଆସିଛି। ଓଡ଼ିଶାର ସମସ୍ତ ଆଧ୍ୟାତ୍ମିକ, ସାମାଜିକ, ଶିକ୍ଷାଗତ, ଅର୍ଥନୈତିକ, ରାଜନୈତିକ ଜୀବନ ଏହି ସତ୍ୟ ଆଦର୍ଶରେ ପରିଚାଳିତ ହେବ। ଏହି ସତ୍ୟ ଗ୍ରହଣ ଓ ଆଦର୍ଶକୁ ଅନୁସରଣ କରିବାରେହିଁ ଓଡ଼ିଶାର ପୂର୍ଣ୍ଣାଙ୍ଗ ବିକାଶର ଚାବିକାଠି ରହିଛି; ଓଡ଼ିଶା ସବୁ ଦିଗରେ ସମୃଦ୍ଧିଶାଳୀ ହେବାର ଏହାହିଁ ଏକମାତ୍ର ପନ୍ଥା। ନିଜେ ସମୃଦ୍ଧିଶାଳୀ ହେବା ସଙ୍ଗେ ସଙ୍ଗେ ସମଗ୍ର

ଦେଶ ଓ ପୃଥିବୀ ଆଗରେ ମଧ୍ୟ ଏହା ଏକ ନୂତନ ଆଦର୍ଶ ସ୍ଥାପନ କରିବ । ବର୍ତ୍ତମାନ କର୍ତ୍ତବ୍ୟ ହେଉଛି ନୂତନ ସତ୍ୟର ଏହି ଯେଉଁ ମହାନ୍ ସ୍ଥୂଳ ବୀଜ ଓଡ଼ିଶାରେ ବପନ କରାଗଲା ତାହା ବୃକ୍ଷାକାର ଧାରଣ କରି ଫଳପୁଷ୍ପରେ ଶୋଭିତ ହେବା ଲାଗି ଆମକୁ ନିୟମିତ ସେଥିରେ ଆନ୍ତରିକତାର ଜଳ ଢାଳିବାକୁ ହେବ । ଆମେ ଯଦି ଯଥାର୍ଥ ଆନ୍ତରିକତାର ସହ ହୃଦୟର ଗଭୀରରୁ ନିରନ୍ତର ଅଭୀପ୍ସା କରୁ ଯେ ଆମର ସକଳ ଚିନ୍ତା, ସକଳ ବାକ୍ୟ, ସକଳ କର୍ମ, ସକଳ ଆବେଗ, ସକଳ ଅନୁଭୂତି, ପ୍ରତିଟି ରକ୍ତବିନ୍ଦୁ, ପ୍ରତିଟି ଜୀବକୋଷ ଶ୍ରୀଅରବିନ୍ଦଙ୍କ ନୂତନ ସତ୍ୟର ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ, ତାଙ୍କରି ସଂକଳ୍ପିତ କର୍ମଛଡ଼ା ଆମ ଦ୍ୱାରା ଆଉ କିଛି ନହେଉ, ତେବେ ତାଙ୍କରି କୃପାରୁ ତାହା ନିଶ୍ଚୟହିଁ ହେବ । କାରଣ ସେ ତ ସେଇଥିପାଇଁ ଆସିଛନ୍ତି । ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର ଓ ଛାତ୍ର-ଯୁବସମାଜଗୁଡ଼ିକରୁହିଁ ନବସୃଷ୍ଟିର ସୂତ୍ରପାତ ହେବ । ଏହି ପାଠଚକ୍ର ଓ ଛାତ୍ର-ଯୁବସମାଜଗୁଡ଼ିକୁ କେନ୍ଦ୍ରକରି ନୂତନ ଚେତନା, ନୂତନ ପ୍ରେରଣା ଓ ନୂତନ ଲକ୍ଷ୍ୟ ନେଇ ଶରୀର-ଚର୍ଚ୍ଚା, ଶିକ୍ଷା, ବ୍ୟବସାୟ, କୃଷିକର୍ମ, ଶିଳ୍ପକର୍ମ, ଶାସନପ୍ରଣାଳୀ ଓ ସକଳପ୍ରକାର ବିକାଶମୂଳକ କର୍ମ ଗଢ଼ି ଉଠିବ । ଏଣିକି ଏସବୁର ପ୍ରସାର ପୂର୍ବାପେକ୍ଷା ଆହୁରି ଦ୍ରୁତିଗତିରେ କରିବାକୁ ହେବ ।

ତେଣୁ କେବଳ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତି ସର୍ବୋଚ୍ଚ ସମ୍ମାନ ପ୍ରଦର୍ଶନ କରି ତାକୁ ସ୍ଥାପନ କରିଦେଲେ କାମ ଶେଷ ହୋଇଗଲା ନାହିଁ; ବରଂ ସେଇଠାରୁ କାମ ଆରମ୍ଭ ହେଲା । ଅନ୍ତରରୁ ବାହାର ପର୍ଯ୍ୟନ୍ତ ସବୁକିଛିକୁ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ କରିବାକୁ ହେବ । ସେ ଜୀବନତ୍ୟାଗୀ, ସଂସାରବିରାଗୀ ସନ୍ନ୍ୟାସୀ ନୁହନ୍ତି । ସମଗ୍ର ଜୀବନ ଓ ସଂସାରର ସକଳ କର୍ମକୁ ସେ ତାଙ୍କ ଯୋଗରେ ଗ୍ରହଣ କରିଛନ୍ତି । ଖାଲି ଗ୍ରହଣ କରିନେବା ଲାଗି ଗ୍ରହଣ କରି ନାହାନ୍ତି; ଗ୍ରହଣ କରିଛନ୍ତି ସେସବୁକୁ ସେଗୁଡ଼ିକର ମୂଳ ତତ୍ତ୍ୱରେ ରୂପାନ୍ତରିତ କରିବା ଲାଗି, ସବୁଥିରେ ଥିବା ବିକୃତି ଓ ଆବର୍ଜନାତକ

ଦହନ କରି ସେସବୁକୁ ସେମାନଙ୍କର ଶୁଦ୍ଧ ସ୍ୱରୂପ ପ୍ରଦାନ କରିବା ଲାଗି । ତେଣୁ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ ବ୍ୟତିରେକେ ଜୀବନ ଓ ସଂସାରର କେବେ ବି ଯଥାର୍ଥ ବିକାଶ ସମ୍ଭବ ନୁହେଁ; ବରଂ ରସାତଳଗାମୀ ହେବାର ସମ୍ଭାବନା ବେଶୀ । କିନ୍ତୁ ତା' ହେବାକୁ ସେ ଦେବେ ନାହିଁ । ଅସୀମ ଧୈର୍ଯ୍ୟର ସହ ସେ ମଣିଷକୁ ଗଢ଼ିବେ ।

ଶ୍ରୀଅରବିନ୍ଦ ଆମ ଲାଗି ଓ ସମଗ୍ର ମଣିଷସମାଜ ଲାଗି ଯାହା କରି ଯାଇଛନ୍ତି, ଯାହାକୁ କି ଏପର୍ଯ୍ୟନ୍ତ ସମସ୍ତେ ପୂର୍ଣ୍ଣରୂପେ ଉପଲବ୍ଧି ନକଲେ ବି ଧୀରେ ଧୀରେ ଉପଲବ୍ଧି କରୁଛନ୍ତି, ସେଥିଲାଗି ତାଙ୍କ ନିକଟରେ କୃତଜ୍ଞତା ଜଣାଇବାର ସବୁଠୁଁ ଶ୍ରେଷ୍ଠ ଉପାୟ ମା' ଆମକୁ ବତାଇ ଦେଇଛନ୍ତି । ମା' ତାଙ୍କର ଗୋଟିଏ ବାଣୀରେ କହିଛନ୍ତି :

"To express our gratitude to Sri Aurobindo we can do nothing better than to be a living demonstration of his teaching."

ଅର୍ଥାତ୍, ''ଶ୍ରୀଅରବିନ୍ଦଙ୍କୁ ଆମର କୃତଜ୍ଞତା ଜଣାଇବା ନିମନ୍ତେ ତାଙ୍କ ଆଦର୍ଶର ଏକ ଜୀବନ୍ତ ଉଦାହରଣ ହୋଇ ଉଠିବାଠାରୁ ଆଉ କିଛି ଅଧିକ ଉତ୍ତମ କାର୍ଯ୍ୟ ଆମେ କରିପାରିବା ନାହିଁ ।''

୧୯୫୦ ମସିହା ଡିସେମ୍ବର ୯ ତାରିଖରେ ଯେଉଁ ଦିନ ଶ୍ରୀଅରବିନ୍ଦଙ୍କ ମହାନ୍ ଶରୀରକୁ ସମାଧିସ୍ଥ କରାଗଲା ସେଦିନ ମା' ସମଗ୍ର ପୃଥିବୀ ତରଫରୁ ଶ୍ରୀଅରବିନ୍ଦଙ୍କ ସ୍ଥୂଳ ଶରୀର ପ୍ରତି କରିଥିବା ପ୍ରାର୍ଥନାଟି ତାଙ୍କ ସମାଧି ପୀଠରେ ଲେଖାହୋଇଛି । ସେଥିରେ ଲେଖାଅଛି :

''ତୁମେ ଯେ କି ଥିଲ ଆମ ପ୍ରଭୁଙ୍କର ସ୍ଥୂଳ ଆବରଣ, ତୁମରି ନିକଟରେ ଆମେ ନିବେଦନ କରୁଛୁ ହୃଦୟର ଅସୀମ କୃତଜ୍ଞତା । ତୁମେ ଯେ କି ଆମ୍ଭମାନଙ୍କ ଲାଗି ଏତେ କିଛି କରିଛ, ଏତେ ସଂଗ୍ରାମ କରିଛ, ଏତେ କଷ୍ଟ ବରଣ କରିଛ, ଏତେ ଆଶା କରିଛ, ଏତେ ସହ୍ୟ କରିଛ, ତୁମେ ଯେ କି

ଆମରି ଲାଗି ସବୁକିଛି ସଂକଳ୍ପ କରିଛ, ସବୁକିଛି ପ୍ରୟାସ କରିଛ, ସବୁକିଛି ପ୍ରସ୍ତୁତ ସିଦ୍ଧ କରିଛ, ତୁମରି ସମ୍ମୁଖରେ ପ୍ରଣତ ହୋଇ ଆମେ ଏହି ଭିକ୍ଷା ମାଗୁଛୁ ଯେ ଗୋଟିଏ ମୁହୂର୍ତ୍ତ ଲାଗି ଆମେ ଯେପରି ଭୁଲି ନଯାଉ ଯେ ତୁମ ନିକଟରେ ସବୁକିଛି ନିମିତ୍ତ ଆମେ କେତେ ଋଣୀ ।''

ମା'ଙ୍କର ଏହି ଦୁଇଟି ବାଣୀ ଶ୍ରୀଅରବିନ୍ଦଙ୍କ ସ୍ଥୂଳ ଶରୀର ପ୍ରତି ଆମ୍ଭମାନଙ୍କର ସମ୍ମାନ ପ୍ରଦର୍ଶନର ସର୍ବଶ୍ରେଷ୍ଠ ମନ୍ତ୍ର ହୋଇଉଠୁ ଓ ଆମେ ସେହି ବାଣୀର ଉପଯୁକ୍ତ ହୋଇଉଠୁ ।